

ଦସ୍ତମଣି

Digitized by srujanika@gmail.com



ପ୍ରାପ୍ତିସ୍ଥାନ—ଅରୁଣୋଦୟ ପୁସ୍ତକାଳୟ
ବାଲୁବଜାର ପୋଃ ଚାନ୍ଦନୀଚୌକ
କଟକ

Digitized by srujanika@gmail.com

ଶ୍ରୀମଦ୍ଭାଗବତ

ସଚିତ୍ର

ଦ୍ୱିତୀୟ ସ୍କନ୍ଧ

ସଂସ୍କୃତଶ୍ଳୋକ, ଗଦ୍ୟାନୁବାଦ

ଭକ୍ତକବି ଜଗନ୍ନାଥ ଦାସଙ୍କ ପଦ୍ୟାନୁବାଦ

ଓ

ଟୀକା ସମ୍ବଳିତ

ସମ୍ପାଦକ—

ରାୟବାହାଦୁର ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟ ଏମ୍, ଏ, ବି, ଏଲ୍

ପ୍ରଥମ ସଂସ୍କରଣ ।

ପ୍ରକାଶକ—

ଅରୁଣୋଦୟ ପ୍ରେସ କଟକ

୧୯୪୩

ମୂଲ୍ୟ ଟ ୧୲

Digitized by srujanika@gmail.com

Digitized by srujanika@gmail.com

ସୂଚୀ

ଉପକ୍ରମଣିକା (ଶ୍ରୀମଦ୍‌ଭାଗବତ ରଚନା କାଳ) ୵

ଦ୍ୱିତୀୟ ସ୍କନ୍ଧର ସଂକ୍ଷିପ୍ତ ବିବରଣ ୧

ପ୍ରଥମ ଅଧ୍ୟାୟ ବିରାଟ ପୁରୁଷଙ୍କ ଅଙ୍ଗ ବର୍ଣ୍ଣନା ୩

ଦ୍ୱିତୀୟ ,, ଯୋଗିଗଣଙ୍କର କ୍ରମୋନ୍ନତି ୧୫

ତୃତୀୟ ,, ଅଭୀଷ୍ଟ ସିଦ୍ଧିର ଉପାୟ ୨୮

ଚତୁର୍ଥ ,, ସୃଷ୍ଟିବର୍ଣ୍ଣନାର ଆରମ୍ଭରେ ମଙ୍ଗଳାଚରଣ ୩୫

ପଞ୍ଚମ ,, ସୃଷ୍ଟିବର୍ଣ୍ଣନା ୪୩

ଷଷ୍ଠ ,, ବିରାଟ ପୁରୁଷଙ୍କର ବିଭୂତିକଥନ ୫୪

ସପ୍ତମ ,, ଭଗବାନଙ୍କର ଲୀଳାବତାର ୬୫

ଅଷ୍ଟମ ,, ରାଜା ପରୀକ୍ଷିତଙ୍କର ପୁନଃ ପ୍ରଶ୍ନ ୮୫

ନବମ ,, ଶ୍ରୀ ଶୁକଦେବଙ୍କ ଉତ୍ତର ଓ ଭାଗବତ କଥନ ... ୯୩

ଦଶମ ,, ଶ୍ରୀ ଶୁକଦେବଙ୍କ କର୍ତ୍ତୃକ ରାଜପ୍ରଶ୍ନର ଉତ୍ତରଦାନ ... ୧୦୭

ପରିଶିଷ୍ଟ—ପୁରୁଷସୂକ୍ତ ଓ ଉତ୍ତରନାରାୟଣ ୧୨୭

ପ୍ରକାଶକଙ୍କ ନିବେଦନ

ଶ୍ରୀମଦ୍ ଭାଗବତର ଦ୍ୱିତୀୟସ୍କନ୍ଧ ସନ ୧୩୫୧ ସାଲ୍ କାର୍ତ୍ତିକର ୨୭ ଦିନ । ମୁ । ନଭେମ୍ବର ତା ୧୨ ରିଖ ୧୯୪୩ ମସିହା ଶୁକ୍ରବାର ରାସପୂର୍ଣ୍ଣିମା ଦିନ ପ୍ରକାଶିତ ହେଲା । ଆଜି ପର୍ଯ୍ୟନ୍ତ ଯେଉଁମାନେ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଛନ୍ତି, ସେମାନେ ଆମ୍ଭମାନଙ୍କର ପୂର୍ବ ବିଜ୍ଞାପନ ଅନୁସାରେ ଦ୍ୱିତୀୟସ୍କନ୍ଧ ଟ ୧। ସ୍ଥଳେ ଟ ।। ରେ ପାଇବେ । ତା ୮ ରିଖ ଅକଟୋବର ପର୍ଯ୍ୟନ୍ତ ଏହି ନିୟମ ପ୍ରଚଳିତ ହେବାର ପୂର୍ବେ ବିଜ୍ଞାପନ ଦିଆଯାଇଥିଲେହେଁ ଭଗବଦ୍‌ଭକ୍ତଗଣଙ୍କ ସୁବିଧା ପାଇଁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହା ପ୍ରଚଳିତ ରହିବ । ଶୀଘ୍ର ଗ୍ରାହକଶ୍ରେଣୀଭୁକ୍ତ ହୁଅନ୍ତୁ ।

ପ୍ରଥମସ୍କନ୍ଧରେ ଓ ଦ୍ୱିତୀୟସ୍କନ୍ଧରେ ସ୍ଥାନେ ସ୍ଥାନେ ମୁଦ୍ରାକର ଦୋଷ ରହିଯାଇ ଥିବାରୁ ଆମ୍ଭେମାନେ ଦୁଃଖିତ । ସେଗୁଡ଼ିକର ଗୋଟିଏ ଶୁଦ୍ଧିପତ୍ର ଦିଆଗଲା ଶ୍ରୀମଦ୍ ଭାଗବତ-ରସିକ ଓ ଭାବୁକ ପାଠକଗଣଙ୍କୁ ପ୍ରାର୍ଥନା ଯେ ସେମାନେ ନିଜ ନିଜର ପୁସ୍ତକରେ ଭ୍ରମଗୁଡ଼ିକ ଶୁଦ୍ଧିପତ୍ର ଅନୁସାରେ ସଂଶୋଧନ କରି ନେଇ ପାଠ କରିବେ ।

ଦ୍ୱିତୀୟସ୍କନ୍ଧରେ ପାଠକମାନେ ଦେଖିପାରିବେ ତହିଁର ସଂକ୍ଷିପ୍ତବିବରଣ ଭିନ୍ନ ପ୍ରତ୍ୟେକ ଅଧ୍ୟାୟ ଶେଷରେ ମଧ୍ୟ ଗୋଟିଏ ଲେଖାଏଁ ସନ୍ଦର୍ଭରେ ସେହି ଅଧ୍ୟାୟ ବର୍ଣ୍ଣିତ ବିଷୟର ବିଶଦାର୍ଥ ଦିଆ ଯାଇଅଛି, ଏଣିକି ପରବର୍ତ୍ତୀ ସ୍କନ୍ଧମାନଙ୍କରେ ସେହିପରି ସନ୍ଦର୍ଭ ଦିଆଯିବ । ଆମ୍ଭମାନଙ୍କର କେତେକ ସହୃଦୟ ପାଠକ

Digitized by srujanika@gmail.com

ଓ ଭଗବଦ୍ ଭକ୍ତମାନେ ଶ୍ରୀଧରସ୍ୱାମୀଙ୍କ ଟୀକା ଓ ସଂସ୍କୃତ ଶ୍ଳୋକର ଅନ୍ୱୟ ଏହି ପୁସ୍ତକରେ ସମ୍ମିଳିତ କରିବାକୁ ପତ୍ର ଲେଖି ଅଛନ୍ତି । ସେମାନଙ୍କର ପ୍ରସ୍ତାବ ଅତି ମୂଲ୍ୟବାନ୍ । ଆମ୍ଭେମାନେ ମଧ୍ୟ ତାହା ଭାବିଥିଲୁ; ମାତ୍ର ବର୍ତ୍ତମାନ କାଗଜର ଯେପରି ଅଭାବ, ସେ-ପରିସ୍ଥିତିରେ ତାହା ସମ୍ଭବ ହୋଇ ପାରିନାହିଁ ପୁନଶ୍ଚ ପ୍ରତିପୃଷ୍ଠାରେ ପ୍ରଥମେ କେତେକ ସଂସ୍କୃତ ଶ୍ଳୋକ, ତହିଁ ନିମ୍ନରେ ଗଦ୍ୟାନୁବାଦ ଓ ତହିଁ ନିମ୍ନରେ ଶ୍ରୀ ଜଗନ୍ନାଥଦାସଙ୍କ ପଦ୍ୟ ଯେପରି ଶୈଳୀରେ ଦିଆ ଯାଇଅଛି । ଶ୍ରୀଧରସ୍ୱାମୀଙ୍କ ଟୀକା ଓ ଅନ୍ୱୟ ଦେଲେ ସେ ଶୈଳୀ ଭାଙ୍ଗି ଯିବ । ତେଣୁ ଆମ୍ଭେମାନେ ସ୍ଥିର କରିଅଛୁଁ, ବାରଟିସ୍କନ୍ଧ ଛପା ହୋଇଗଲା ପରେ ଶ୍ରୀଧରସ୍ୱାମୀଙ୍କ ଟୀକା ଓ ଅନ୍ୱୟମୁଖୀ ବ୍ୟାଖ୍ୟା ପ୍ରତ୍ୟେକ ଅଧ୍ୟାୟ ଓ ପ୍ରତ୍ୟେକ ଶ୍ଳୋକସଂଖ୍ୟା ଦେଇ ଛପାଇ ଦେବୁ । ତାହା ସ୍ୱତନ୍ତ୍ର ମୂଲ୍ୟରେ ଭକ୍ତ ଭାଗବତପାଠକମାନେ ପାଇ ପୁସ୍ତକ ବନ୍ଧାଇଲା ବେଳେ ତହିଁରେ ପ୍ରତ୍ୟେକ ସ୍କନ୍ଧରଶେଷରେ ତାହା ଯୋଡ଼ନାକରି ନେବେ । ସେତେବେଳକୁ ପ୍ରଭୁଙ୍କ କୃପାରୁ ଏଯୁଦ୍ଧ ପରିସ୍ଥିତି ବଦଳି ଯାଇଥିବ ଓ କାଗଜ ଓ ଛପା ଉପକରଣ ମାନଙ୍କର ମୂଲ୍ୟ ସୁଲଭ ହୋଇଥିବ ବୋଲି ଆଶାକରୁଁ, ପାଠକମାନେ ଏ ତ୍ରୁଟି ମାର୍ଜନା କରିବେ ।

ତୃତୀୟସ୍କନ୍ଧ ଶୀଘ୍ର ପ୍ରକାଶିତ ହେବ ।

ପ୍ରକାଶକଗଣ

ଦ୍ୱିତୀୟସ୍କନ୍ଧର

ଶୁଦ୍ଧିପତ୍ର

ପୃଷ୍ଠା	ଧାଡ଼ି	ଶ୍ଳୋକସଂଖ୍ୟା	ଅଶୁଦ୍ଧ	ଶୁଦ୍ଧ
୩	୬	।୦।	ସ୍ଥିବଷ୍ଟେ	ସ୍ଥିବଷ୍ଟେ
୩	୧୦	—	ଲ୍ଷଣ	ଲ୍କ୍ଷଣ
୪	୨୧	—	ସଂସାର	ସଂସାରେ
୫	୭	୬	ବଧିଷେଧତଃ	ବଧିସେଧତଃ
୫	୭	୧୧	ଏତନ୍ନ ବେଦ୍ୟମାନାନାଂ	ଏନ୍ନ ବିଦ୍ୟମ ନାନାଂ
୬	୮	୧୧	ଯୋଗୀନାଂ	ଯୋଗିନାଂ
୧୧	୨	୩୦	ତଦ୍ଭ୍ରୁ	ତଦ୍ଭ୍ରୂ
୧୧	୫	୩୨	ବ୍ରୀଡ଼ୋତ୍ତରୋଷ୍ଠୋ	ବ୍ରୀଡ଼ୋତ୍ତରୌଷ୍ଠୋ
୧୧	୭	୩୩	ତନୁରୂହାଣି	ତନୂରୁହାଣି
୧୧	୧୦	୩୪	ଚନ୍ଦ୍ରମା	ଚନ୍ଦ୍ରମାଃ
୧୨	୫	୩୬	ଷେତ୍ରଭୂତୋ	କ୍ଷେତ୍ରଭୂତୋ
୧୩	୩		ଦ୍ୱିତୀୟ୍ ସ୍କପନ୍ଧ	ଦ୍ୱିତୀୟସ୍କନ୍ଧେ
୧୬	୨	୩	ସମୀକ୍ଷ୍ୟମାଣେଃ	ସମୀକ୍ଷମାଣେଃ
୧୬	୪	୪	ସତ୍ୟଂଜଳୌ	ସତ୍ୟାଞ୍ଜଳୌ

Digitized by srujanika@gmail.com

ଉପକ୍ରମଣିକା

ଶ୍ରୀମଦ୍ ଭାଗବତ ରଚନାର ସମୟ :—

ପ୍ରଥମସ୍କନ୍ଧର ଉପକ୍ରମଣିକାରେ ଶ୍ରୀମଦ୍‌ଭାଗବତର ରଚନାର ସମୟ ସମ୍ବନ୍ଧେ କେତେକ ପ୍ରମାଣ ଉଲ୍ଲେଖ କରାଯାଇ ଅଛି, ପ୍ରଥମସ୍କନ୍ଧ ପ୍ରକାଶିତ ହେବାପରେ କଲ୍ୟାଣକଳ୍ପତରୁ ପତ୍ରିକା ଆମ୍ଭମାନଙ୍କର ହସ୍ତଗତ ହୋଇଅଛି । ତହିଁରେ ଏ ସମ୍ବନ୍ଧେ ଯାହା ଲିଖିତ ହୋଇଅଛି ତାହା ପୂର୍ବ ପ୍ରକାଶିତ ମତର ପରିପୋଷକ ଅଟେ, ତେଣୁ ଏଠାରେ ଉଲ୍ଲେଖ କଲୁଁ ।

ପାଶ୍ଚାତ୍ୟଦେଶୀୟ ପଣ୍ଡିତମଣ୍ଡଳୀ ଓ ସେମାନଙ୍କର ଅନ୍ଧବିଶ୍ୱାସୀ ଶିଷ୍ୟଗଣ ଶ୍ରୀମଦ୍‌ଭାଗବତ ବୋପଦେବଙ୍କ କର୍ତ୍ତୃକ ତ୍ରୟୋଦଶଶତାବ୍ଦୀରେ ରଚିତ ହୋଇଥିବାର କଳ୍ପନା କରନ୍ତି । ରାସଲୀଳା ପ୍ରସଙ୍ଗ ପ୍ରଭୃତି ଭାଗବତରେ ପ୍ରକ୍ଷିପ୍ତ ଓ ପରବର୍ତ୍ତୀ ଯୁଗର ରଚନା ବୋଲି ସେମାନଙ୍କର ବିଶ୍ୱାସ, ମାତ୍ର ସେମାନଙ୍କର ଭ୍ରାନ୍ତି ସହଜରେ ପ୍ରମାଣ କରାଯାଇ ପାରେ ।

ବୋପଦେବ ତ୍ରୟୋଦଶଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ଦେବଗିରିର ରାଜା ମହାଦେବ ଜଣେ ଯଦୁବଂଶୀୟ ନରପତି, ସେ ଖ୍ରୀଷ୍ଟୀୟ ୧୨୬୦ରୁ ୧୨୭୧ ଅବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲାପରେ ରାମଚନ୍ଦ୍ର ତାହାଙ୍କର ସ୍ଥଳାଭିଷିକ୍ତ ହେଲେ । ରାମଚନ୍ଦ୍ରଙ୍କର ରାଜତ୍ୱକାଳ ଖ୍ରୀଷ୍ଟୀୟ ୧୨୭୧ରୁ ୧୩୦୯ ଅବ୍ଦ ପର୍ଯ୍ୟନ୍ତ । ହେମାଦ୍ରି ଏହି ଉଭୟ ରାଜାଙ୍କର ମନ୍ତ୍ରୀ ଥିଲେ । ତାହାଙ୍କର ତୃପ୍ତି ସାଧନ ନିମିତ୍ତ ବୋପଦେବ ବହୁଗ୍ରନ୍ଥ ପ୍ରଣୟନ କରିଥିଲେ । ତନ୍ମଧ୍ୟରୁ ଯେଉଁ ଛବିଶଖଣ୍ଡି ବର୍ତ୍ତମାନ ଅଛି, ତହିଁ ମଧ୍ୟରୁ ଦଶଖଣ୍ଡି ବ୍ୟାକରଣ, ନଅଖଣ୍ଡି ଚିକିତ୍ସାଶାସ୍ତ୍ର, ଖଣ୍ଡିଏ ଜ୍ୟୋତିଷଶାସ୍ତ୍ର, ତିନିଖଣ୍ଡି ସାହିତ୍ୟ ଓ ତିନିଖଣ୍ଡି ଦର୍ଶନଶାସ୍ତ୍ର । ଏହି ଦର୍ଶନଶାସ୍ତ୍ରରେ ଭାଗବତ ଦର୍ଶନ ଆଲୋଚିତ ହୋଇଥିଲେ ମଧ୍ୟ ତାହା ମୂଳ ଶ୍ରୀମଦ୍‌ଭାଗବତ ନୁହେଁ, ପରମହଂସ ପ୍ରିୟ, ହରିଲୀଳା ଓ ମୁକ୍ତାଫଳ । ଏହି ତିନିଖଣ୍ଡି ଗ୍ରନ୍ଥର ନାମ । ହେମାଦ୍ରି ଏହି ମୁକ୍ତାଫଳର ଗୋଟିଏ ସମାଲୋଚନା ଲେଖିଥିଲେ । ଭାଗବତାନୁକ୍ରମଣିକା ହରିଲୀଳାମୃତର ନାମାନ୍ତର; ହେମାଦ୍ରି ତାହାଙ୍କ ପ୍ରଣୀତ 'ଚତୁର୍ବର୍ଗଚିନ୍ତାମଣି' ଏବଂ 'ଦାନକାଣ୍ଡ' ଗ୍ରନ୍ଥମାନଙ୍କରେ ଭାଗବତତତ୍ତ୍ୱ ଉଲ୍ଲେଖ କରିଅଛନ୍ତି; ନିଜର ସମସାମୟିକ ବୋପଦେବଙ୍କ ଗ୍ରନ୍ଥରୁ ହେମାଦ୍ରି ଭଗବଦ୍‌ଭକ୍ତି ସମ୍ବନ୍ଧୀୟ ତତ୍ତ୍ୱ ଉଦ୍ଧାର କରିବା ସମ୍ଭାବନା ଅଳ୍ପ ।

ଦ୍ୱୈତବାଦର ପ୍ରତିପାଦକ ମାଧ୍ୱାଚାର୍ଯ୍ୟ ସ୍ୱାମୀ ଖ୍ରୀଷ୍ଟୀୟ ୧୧୯୯ ଅବ୍ଦରେ ଜନ୍ମଗ୍ରହଣ କରିଥିଲେ । ସେ ଭାଗବତତାତ୍ପର୍ଯ୍ୟନିର୍ଣ୍ଣୟଗ୍ରନ୍ଥରେ ଶ୍ରୀମଦ୍‌ଭାଗବତ ଆଲୋଚନା କରିଅଛନ୍ତି, ସୁତରାଂ ଭାଗବତ ବୋପଦେବଙ୍କର ରଚନା ବୋଲି କୁହାଗଲେ ମାଧ୍ୱାଚାର୍ଯ୍ୟ ତାହାଙ୍କର ଗ୍ରନ୍ଥରେ ଉଲ୍ଲେଖକରି ନ ଥାନ୍ତେ । ସେ ଶ୍ରୀ ହନୁମାନ୍, ଶ୍ରୀ ଶଙ୍କରାଚାର୍ଯ୍ୟ ଶ୍ରୀ ଚିତ୍ସୁଖାଚାର୍ଯ୍ୟ ପ୍ରଭୃତିଙ୍କର ଭାଗବତ ସମାଲୋଚନାକୁ ନିଜର ଗ୍ରନ୍ଥରେ ଉଲ୍ଲେଖ କରିଅଛନ୍ତି । ସ୍ୱୀୟ ଗୀତା ସମାଲୋଚନାରେ ମଧ୍ୟ ସେ ନାରାୟଣ ଶତକାଖ୍ୟାନକଳ୍ପରେ ଶ୍ରୀମଦ ଭାଗବତକୁ ପଞ୍ଚମବେଦ ବୋଲି ମଧ୍ୟ ଉଲ୍ଲେଖ କରି ଅଛନ୍ତି ।

ଶ୍ରୀ ବିଶିଷ୍ଟାଦ୍ୱୈତବାଦୀ ଶ୍ରୀ ରାମାନୁଜାଚାର୍ଯ୍ୟ ଖ୍ରୀଷ୍ଟୀୟ ୧୦୧୭ ଅବ୍ଦରେ ଜନ୍ମଗ୍ରହଣ କରିଥିଲେ; ସେ ଶ୍ରୀ ସମ୍ପ୍ରଦାୟର ପ୍ରବର୍ତ୍ତକ, ତାହାଙ୍କ ପ୍ରଣୀତ ବେଦାନ୍ତସାରତତ୍ତ୍ୱ ଗ୍ରନ୍ଥରେ ବହୁସ୍ଥଳରେ ସେ ଶ୍ରୀମଦ୍‌ଭାଗବତ ଉଦ୍ଧାର କରି ଅଛନ୍ତି, ବେଦାର୍ଥ ସଂଗ୍ରହ ଗ୍ରନ୍ଥରେ ମଧ୍ୟ ସେ ସାତ୍ତ୍ୱିକତତ୍ତ୍ୱ ପ୍ରସଙ୍ଗରେ ଶ୍ରୀମଦ୍‌ଭାଗବତର ଏକାଦଶସ୍କନ୍ଧରୁ ସ୍ଥଳ ବିଶେଷରେ ଉଲ୍ଲେଖ କରି ଅଛନ୍ତି ।

ବୋପଦେବଙ୍କର ସମସାମୟିକ ହେମାଦ୍ରି ଶ୍ରୀଧରସ୍ୱାମୀଙ୍କର ଭାଗବତ ଟୀକା ସ୍ଥଳ ବିଶେଷରେ ଉଲ୍ଲେଖ କରି ଅଛନ୍ତି । ଶ୍ରୀଧରସ୍ୱାମୀ ଉତ୍କଳରେ ପୂର୍ବ ଭାରତୀୟ ରାଜ୍ୟାନ୍ତର୍ଗତ ଢେଙ୍କାନାଳ ରାଜ୍ୟରେ

Digitized by srujanika@gmail.com

କପିଳାଷକନ୍ଦରରେ ଅବସ୍ଥାନ କରି ଶ୍ରୀମଦ୍ ଭାଗବତର ଟୀକା ପ୍ରଣୟନ କରିଥିଲେ ବୋଲି ଢେଙ୍କାନାଳର ଇତିହାସରୁ ପ୍ରମାଣ ମିଳେ । ଉତ୍କଳ ହିମାଚଳ କପିଳାସ କନ୍ଦର ଯୋଗୀ ମୁନିମାନଙ୍କର ଉଚିତ ସ୍ଥାନ, ଏହା କହିଲେ ଅଯୁକ୍ତ ହେବ ନାହିଁ । କଳିଯୁଗର ଶୁକଦେବ ଶ୍ରୀଧରସ୍ୱାମୀ ଏହି ପ୍ରାକୃତିକ ଶୋଭା-ସୁଲଭ ରମଣୀୟ ପର୍ବତ ଶିଖରରେ ଅବସ୍ଥାନ କରି ଶ୍ରୀମଦ୍ ଭାଗବତର ଟୀକା ପ୍ରଣୟନ କରିବା ସମ୍ଭବ ।

ଶ୍ରୀଯୁକ୍ତ ଶ୍ରୀଧର ସ୍ୱାମୀ ନୀଳାଚଳକ୍ଷେତ୍ରସ୍ଥ ଭୋଗବର୍ଦ୍ଧନପୀଠ (ଶଙ୍କରାଚାର୍ଯ୍ୟ ମଠ) ର ମହେଶ୍ୱରାନନ୍ଦ ସରସ୍ୱତୀଙ୍କର ପ୍ରଶିଷ୍ୟ ଏବଂ ରାମକୃଷ୍ଣ ଯତିଙ୍କର ଶିଷ୍ୟ । ଯତି ଶ୍ରୀ ରାମକୃଷ୍ଣାନନ୍ଦ ସ୍ୱାମୀଙ୍କ ନିକଟରେ ଅତ୍ୟନ୍ତ ପାଣ୍ଡିତ୍ୟ ଉପାର୍ଜନ କରିଥିଲେ । ତାହାଙ୍କର ବୈଦିକ ସାହିତ୍ୟର ଅଲୌକିକ ଜ୍ଞାନ ଏବଂ ସର୍ବଶାସ୍ତ୍ରପାରଦର୍ଶିତା ସହିତ ଋଷିଚରିତ୍ର ସନ୍ଦର୍ଶନରେ ମୁଗ୍ଧ ହୋଇ ଗଜପତି ମହାରାଜ ପ୍ରତାପରୁଦ୍ର ତାଙ୍କ ଉପରେ କପିଳାସ ମନ୍ଦିରର ସମସ୍ତ ସେବାପୂଜାର ଭାର ଅର୍ପଣ କରିଥିଲେ । ତ୍ରୟୋଦଶ ଶତାବ୍ଦୀର ଶେଷପାଦରୁ ପ୍ରତାପନରସିଂହଙ୍କ ଦ୍ୱାରା କପିଳାସସ୍ଥ ଶିଖରେଶ୍ୱର ମନ୍ଦିର ନିର୍ମାଣ ଓ ପୀଠ ପ୍ରତିଷ୍ଠା ହେଲା ଦିନୁଁ ଗଜପତି ମହାରାଜା ମାନଙ୍କର ପ୍ରତ୍ୟକ୍ଷତତ୍ତ୍ୱାବଧାନରେ କପିଳାସର ସେବା ପୂଜା ଚାଲି ଆସୁଥିଲା । *

ଯତି ରାମକୃଷ୍ଣ ସ୍ୱଶିଷ୍ୟ ଶ୍ରୀଧରସ୍ୱାମିଙ୍କୁ ସର୍ବଶାସ୍ତ୍ର ପାରଦର୍ଶୀ ଏବଂ ଅଦ୍ୱିତୀୟ ଗ୍ରନ୍ଥକାର ଥିବାର ଦେଖି କପିଳାସ ପୀଠର ସ୍ୱଅଧିକାର ତାଙ୍କଉପରେ ଅର୍ପଣ କଲେ । ଶ୍ରୀଧରଙ୍କୁ କବିଜନବାଞ୍ଛିତ ଋଷିଆଶ୍ରମ ମିଳିଲା । ବର୍ତ୍ତମାନ ମଣିକର୍ଣ୍ଣିକା ଓ ବିଶ୍ୱନାଥ ମନ୍ଦିରର ନିକଟବର୍ତ୍ତୀ ଯେଉଁ ପ୍ରାଚୀନ ମଠ କପିଳାସରେ ଦେଖାଯାଏ ତାହା 'ବ୍ରହ୍ମଚାରୀମଠ' ନାମରେ ବିଖ୍ୟାତ । ଏହି ମଠର ବ୍ରାହ୍ମଣ ବ୍ରହ୍ମଚାରୀମାନେ ପୁରୀର ଶଙ୍କରାନନ୍ଦ ମଠର ତତ୍ତ୍ୱାବଧାନରେ ଅଧିକାରପ୍ରାପ୍ତ ହୁଅନ୍ତି ଏବଂ ଅଦ୍ୟାବଧି ବ୍ରହ୍ମଚାରୀମଠ ଶଙ୍କରାନନ୍ଦମଠର ଶାଖାରୂପେ ପ୍ରସିଦ୍ଧ । ଯତି ଶ୍ରୀଧର ସ୍ୱଗୁରୁକୁଳର ଇଷ୍ଟଦେବ ଶ୍ରୀଲକ୍ଷ୍ମୀ ନୃସିଂହ ବିଗ୍ରହଙ୍କୁ କାଞ୍ଚୀରୁ ଆଣି ଲଳିତ-ଶିଳ୍ପ-କଳା-ମଣ୍ଡିତ ଶ୍ରୀ ପାର୍ବତୀ ମୂର୍ତ୍ତିର ପାର୍ଶ୍ୱରେ ଏକମନ୍ଦିରର ମଧ୍ୟରେ ସ୍ଥାପନକରି ତାଙ୍କର ସେବାରେ ଓ ପାର୍ବତୀ ଚନ୍ଦ୍ରଶେଖରଙ୍କର ଆରାଧନାରେ ଆତ୍ମ ନିୟୋଗ କଲେ । ଶିବକ୍ଷେତ୍ର ମଧ୍ୟରେ ନୃସିଂହ ମୂର୍ତ୍ତି-ଅବସ୍ଥାନର ଏହାହିଁ ହେତୁ । ସେହି ଲକ୍ଷ୍ମୀ ନୃସିଂହଙ୍କର ଅନୁଗ୍ରହଫଳରେ ଓ ପାର୍ବତୀ ଚନ୍ଦ୍ରଶେଖରଙ୍କର ବରଲାଭ କରି ଶ୍ରୀଧର ବିଷ୍ଣୁପୁରାଣ, ଶ୍ରୀମଦ୍‌ଭଗବଦ୍ ଗୀତା ଏବଂ ଶ୍ରୀମଦ୍‌ଭାଗବତର ଟୀକାଦି ରଚନା କରିଥିବାର ତାଙ୍କ ନିଜରଚିତ ଗ୍ରନ୍ଥରୁ ଆଭାସ ମିଳେ । 'ଶ୍ରୀ ନୃସିଂହମହଂ ଭଜେ' ଇତ୍ୟାଦି ଭାଗବତର ଟୀକା ଦେଖନ୍ତୁ ।

ଏହିକଥା ଗୋବର୍ଦ୍ଧନପୀଠର ଗୁରୁକ୍ରମାମ୍ନାୟ ଗ୍ରନ୍ଥରେ ଯେପରି ବର୍ଣ୍ଣିତ ଅଛି ତାହା ଅବିକଳ ଏଠାରେ ପ୍ରଦତ୍ତ ହେଲା । ଏହି ଗୁରୁକ୍ରମାମ୍ନାୟ ଉତ୍କଳର ବରଣୀୟ ମନୀଷୀ ଭୂତପୂର୍ବ ରେଭେନ୍‌ସା କଲେଜର ପ୍ରଫେସର ଏବଂ ପୁରୀସଂସ୍କୃତ କଲେଜର ନ୍ୟାୟଶାସ୍ତ୍ରାଧ୍ୟାପକ ମହାମହୋପାଧ୍ୟାୟ ପଣ୍ଡିତ ଶ୍ରୀ ଜଗନ୍ନାଥ ମିଶ୍ର ତର୍କ-ସାଂଖ୍ୟ-ନ୍ୟାୟ-ତୀର୍ଥ ମହୋଦୟଙ୍କ ଦ୍ୱାରା ସଂକଳିତ ହୋଇଅଛି ।

"ପୀଠେଽସ୍ୟ ଶିଷ୍ୟୋଽଜ୍ୟ ତୁ ଭୋଗବର୍ଦ୍ଧନେ
ମହେଶ୍ୱରାନନ୍ଦସରସ୍ୱତୀ ବସନ୍ ।
ନୀଳାଦ୍ରିନାଥାପଚିତଂ ଯଥା ପୁରା ।
ନିରୀକ୍ଷତେ ସ୍ୱାଶ୍ରମକୃତ୍ୟ-ତତ୍ପରଃ ।

× × × ×

* (Vide Kapilas Inscription in J. A. S. B)

Digitized by srujanika@gmail.com

ଶ୍ରୀରାମକୃଷ୍ଣାନନ୍ଦୋଽଭୂତ୍ ଶିଷ୍ୟସ୍ତସ୍ୟ ମହାଯତିଃ
ସ୍ୱରବିଜ୍ଞାନ ନୈପୁଣ୍ୟାତ୍ ପୂର୍ଣ୍ଣଂ ଲେଭେ ମହଦ୍ ଯଶଃ ।
ତଦବେତ୍ୟ ଦଦୌ ତସ୍ମୈ ସ୍ୱାମିବର୍ଯ୍ୟାୟ ନେତୃତାଂ
ପ୍ରତାପରୁଦ୍ରନୃପତିଃ (କପିଲେଶଂ?) କପିଳାସ ଶିବାଳୟେ ।
ତଚ୍ଛିଷ୍ୟୋଽଭୂତ୍ ଶ୍ରୀଧରସ୍ୱାମିପାଦୋ
ଜପ୍ତ୍ୱା ନିତ୍ୟଂ ମନ୍ତ୍ରରାଜଂ (୧) ସ ଭକ୍ତ୍ୟା ।
ବିଦ୍ୟାଶ୍ଚତୁର୍ଦ୍ଦଶ୍ୟ ମଭ୍ୟାସବଶ୍ୟଂ
ସ୍ୱସ୍ୟ କ୍ଷିପ୍ରଂ ବିପ୍ରମୋଷଂ ତତାନ ।
ଶ୍ରୀମଦ୍ ଭାଗବତଂ ସ ଚକ୍ରେ ବିଶଦଂ ବ୍ୟାଖ୍ୟାୟ ସୁଖ୍ୟାତିମାନ୍
ବିଶ୍ୱସ୍ୟୋପକୃତିଂ ଚକାର ନିତରାଂ ତତ୍ତ୍ୱାର୍ଥ ମାଦୀପୟନ୍ ।
ପ୍ରାଧାନ୍ୟଂ ଗିରିଶୋ ନୃସିଂହକରୁଣାୟତ୍ତଂ ବିଭିନ୍ନେଽସ୍ୟ ତୁ
ବ୍ୟାସୋ ବେତ୍ତି ନ ବାଽଥ ବେତ୍ତି ସକଳଂ ଶ୍ରୀଶ୍ରୀଧର ଶ୍ଚେତ୍ୟପି ।

ଉତ୍କଳଦେଶରେ ଏ ପର୍ଯ୍ୟନ୍ତ 'ବ୍ୟାସୋବେତ୍ତି ନ ବେତ୍ତିବା-ଶ୍ରୀଧରଃ ସକଳଂ ବେତ୍ତି' ଏରୂପ ଯେ କିମ୍ବଦନ୍ତୀ ଚିରକାଳ ବିଦ୍ୱନ୍ମଣ୍ଡଳୀରେ ପ୍ରସିଦ୍ଧି ଲାଭ କରିଅଛି, ତାହା କପିଳାସବାସୀ ଶ୍ରୀ ଶିଖରେଶ୍ୱର ସ୍ୱପ୍ନାଦେଶରେ ଉଚ୍ଚାରଣ କରିଥିଲେ ବୋଲି ଶୁଣାଯାଏ । କ୍ରମାମ୍ନାୟର ଏହି ଅଂଶରେ ସଂକଳୟିତା ତାହାର ସୂଚନା କରି ଅଛନ୍ତି ।

ଯତି ଶ୍ରୀଧର ଯେ ଲକ୍ଷ୍ମୀ ନୃସିଂହ ବିଗ୍ରହଙ୍କର ପ୍ରତିଷ୍ଠାକରାଇ ସେବା କରୁଥିଲେ, ସେହି ମୂର୍ତ୍ତି ଏବେ ସୁଦ୍ଧା କପିଳାସ କ୍ଷେତ୍ରସ୍ଥ ପାର୍ବତୀମନ୍ଦିରରେ ଭକ୍ତମଣ୍ଡଳୀ ଦ୍ୱାରା ଆରାଧିତ ହୋଇ ଆସୁଅଛନ୍ତି । ପୁରୀର ଜଗନ୍ନାଥ ମନ୍ଦିରର ବେଢ଼ାମଧ୍ୟରେ ଲକ୍ଷ୍ମୀମୋହନରେ ଯେ ଲକ୍ଷ୍ମୀ ନୃସିଂହ ବିଗ୍ରହ ବିରାଜିତ ଅଛନ୍ତି, ସେହି ବିଗ୍ରହ ସହିତ ଏହି କପିଳାସସ୍ଥ ବିଗ୍ରହଙ୍କର ବିଶେଷ ସୌସାଦୃଶ୍ୟ ଲକ୍ଷିତ ହୁଏ ।

ଏ ସମସ୍ତ କିମ୍ବଦନ୍ତୀ ଏବଂ ପ୍ରମାଣରୁ ଅନୁମିତ ହୁଏ ଯେ ଯେଉଁ ଦୁର୍ଲ୍ଲଭ ଗ୍ରନ୍ଥରାଜ ବର୍ତ୍ତମାନ ସଂସ୍କୃତ ସାହିତ୍ୟର ସୁଗୂଢ଼ ଶାସ୍ତ୍ରମାନଙ୍କର ମର୍ମୋଦ୍‌ଘାଟନ କରି ପଣ୍ଡିତ ମଣ୍ଡଳୀର ନିତ୍ୟକଣ୍ଠହାର ହୋଇଅଛି, ତାହା କପିଳାସତୀର୍ଥରେ ଜନ୍ମପରିଗ୍ରହ କରିଥିଲା ।

ଶ୍ରୀଧରସ୍ୱାମୀ ବିଷ୍ଣୁପୁରାଣର ଟୀକାରେ ଚିତ୍ସୁଖାଚାର୍ଯ୍ୟଙ୍କ ନାମ ଉଲ୍ଲେଖ କରି ଅଛନ୍ତି, ସୁତରାଂ ବୋପଦେବଙ୍କର ବହୁ ପୂର୍ବେ ଶ୍ରୀଧରସ୍ୱାମୀ ଆବିର୍ଭୂତ ହୋଇଥିଲେ ଏବଂ ତତ୍ପୂର୍ବେ ଚିତ୍ସୁଖାଚାର୍ଯ୍ୟ ଜନ୍ମିଥିଲେ ଏହା ନିଃସନ୍ଦେହରୂପେ ବୋଲି ଯାଇ ପାରେ ।

---

* (୧) ପାଠାନ୍ତର—ନାରସିଂହଂ

* ପୂର୍ବ ଗଡ଼ଜାତ ସମୂହାନ୍ତର୍ଗତ ଢେଙ୍କାନାଳ ରାଜ୍ୟାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ ରାଜା ଶଙ୍କରପ୍ରତାପ ସିଂହଦେବ ମହେନ୍ଦ୍ରବାହାଦୁରଙ୍କ ଆନୁକୂଲ୍ୟରେ ସେହି ରାଜ୍ୟର ଇତିବୃତ୍ତ ସଂଗ୍ରାହକ ପଣ୍ଡିତ ଶ୍ରୀ ନଗେନ୍ଦ୍ରନାଥ ମହାପାତ୍ର ବିଦ୍ୟାଳଙ୍କାରଙ୍କଠାରୁ ପ୍ରାପ୍ତ ।

Digitized by srujanika@gmail.com

ବାରାଣସୀ ନଗରୀରେ ଅବସ୍ଥିତ 'କୁଇନ୍‌ସ କଲେଜ୍'ର ସରସ୍ୱତୀଭବନ ପୁସ୍ତକାଗାରରେ ଶ୍ରୀମଦ୍ ଭାଗବତର ଯେଉଁ ପାଣ୍ଡୁଲିପି ରକ୍ଷିତ ହୋଇଅଛି; ତାହା ଖ୍ରୀଷ୍ଟୀୟ ଦ୍ୱାଦଶଶତାବ୍ଦିରେ ଲିଖିତ ହୋଇଅଛି ବୋଲି ପ୍ରମାଣ ମିଳେ, ସେତେବେଳକୁ ବୋପଦେବ ଆଦୌ ଜନ୍ମଗ୍ରହଣ କରି ନ ଥିଲେ ।

ଆତ୍ମପୁରାଣ ରଚୟିତା ଶ୍ରୀଶଙ୍କରାନନ୍ଦସ୍ୱାମୀ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦିରେ ସ୍ୱୀୟ ରଚିତ "ଗୀତା ତାତ୍ପର୍ଯ୍ୟବୋଧିନୀ"ରେ ବିଭିନ୍ନସ୍ଥାନରେ ଶ୍ରୀମଦ୍ ଭାଗବତରୁ ଶ୍ଳୋକମାନ ଉଦ୍ଧାର କରିଅଛନ୍ତି, ସେତେବେଳକୁ ଶ୍ରୀମଦ୍ ଭାଗବତ ସର୍ବଜନ ପ୍ରସିଦ୍ଧି ଲାଭକରି ନ ଥିଲେ ଏପରି ଉଲ୍ଲେଖ କରିବା ସମ୍ଭବ ନୁହେଁ ।

ଆଚାର୍ଯ୍ୟ ଅଭିନବଗୁପ୍ତ କାଶ୍ମିରର ଜଣେ ଖ୍ୟାତନାମା ପଣ୍ଡିତ ଥିଲେ । ସେ ମଧ୍ୟ ଶ୍ରୀମଦ୍ ଭଗବଦ୍ ଗୀତାର ଟୀକାରେ ବହୁସ୍ଥାନରେ ଶ୍ରୀମଦ୍ ଭାଗବତରୁ ଉଦ୍ଧାର କରି ଅଛନ୍ତି । ଅଭିନବ ଗୁପ୍ତ ଖ୍ରୀଷ୍ଟୀୟ ଦଶମ ଶତାବ୍ଦିରେ ଜନ୍ମ ହୋଇଥିବାର ସ୍ୱପ୍ରଣୀତ ବୃହତ୍ ପ୍ରତ୍ୟଭିଜ୍ଞାବିମର୍ଷିଣୀ ଗ୍ରନ୍ଥରେ ଉଲ୍ଲେଖ କରିଅଛନ୍ତି ।

ମାଠରାଚାର୍ଯ୍ୟ ସାଂଖ୍ୟକାରିକାର ଗୋଟିଏ ଟୀକା ଲେଖିଥିଲେ, ଏହା ଖ୍ରୀଷ୍ଟୀୟ ୫୫୭ ଅବ୍ଦ ଠାରୁ ୫୬୯ ଅବ୍ଦ ମଧ୍ୟରେ ଚୀନ୍‌ଦେଶୀୟ ବୌଦ୍ଧ ପଣ୍ଡିତ ପରମାର୍ଥଙ୍କ କର୍ତ୍ତୃକ ତଦ୍ଦେଶୀୟ ଭାଷାରେ ଅନୁବାଦିତ ହୋଇଥିଲା । ତହିଁରେ ମଧ୍ୟ ଶ୍ରୀମଦ୍‌ଭାଗବତର ବିଭିନ୍ନ ସ୍କନ୍ଧରୁ ଶ୍ଳୋକମାନ ଉଦ୍ଧାର କରିଅଛନ୍ତି ।

ଶ୍ରୀଶଙ୍କରାଚାର୍ଯ୍ୟ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦିଠାରୁ ଖ୍ରୀଷ୍ଟୀୟ ସପ୍ତମଶତାବ୍ଦିମଧ୍ୟରେ କେବେ ଆବିର୍ଭୂତ ହୋଇଥିଲେ, ତାହା ନିଶ୍ଚିତରୂପେ ନିର୍ଣ୍ଣିତ ହୋଇ ନ ଥିଲେ ମଧ୍ୟ ତାହାଙ୍କର ବିଭିନ୍ନମଠର ମତାନୁସାରେ ସେ ଖ୍ରୀଷ୍ଟଜନ୍ମ ପୂର୍ବେ ଆବିର୍ଭୂତ ହୋଇଥିଲେ । ତାହାଙ୍କର ରଚିତ "ବାସୁଦେବ ସହସ୍ରନାମାବଳୀ" ପ୍ରଭୃତି ଗ୍ରନ୍ଥରେ ସେ ଭାଗବତରୁ ଉଲ୍ଲେଖ କରି ଅଛନ୍ତି ।

ବଙ୍କିମଚନ୍ଦ୍ର ପ୍ରଭୃତି ବଙ୍ଗୀୟ ଲେଖକମାନେ ଶ୍ରୀମଦ୍ ଭାଗବତରେ ରାଧାଶବ୍ଦର ଉଲ୍ଲେଖ ନ ଦେଖି ଶ୍ରୀମଦ୍ ଭାଗବତ ରଚନା କାଳରେ ରାଧା-କୃଷ୍ଣ ଲୀଳା ପ୍ରଚଳିତ ନ ଥିଲା, ରାଧା ଶ୍ରୀମଦ୍ ଭାଗବତର ପରବର୍ତ୍ତୀ ଯୁଗର କବି କଳ୍ପନା ଇତ୍ୟାଦି ମତ ପ୍ରତିପାଦନ କରିଥିଲେ, ମାତ୍ର ବଙ୍ଗଦେଶର ରାଜସାହି ଜିଲ୍ଲାର ନିକଟବର୍ତ୍ତୀ ପହରପୁର ଗ୍ରାମରେ ମୃତ୍ତିକା ଖନନ ପରେ ବହୁ ରାଧାକୃଷ୍ଣ ମୂର୍ତ୍ତି ମିଳିଅଛି । ସେ ଗୁଡ଼ିକ ଖ୍ରୀଷ୍ଟୀୟ ପଞ୍ଚମଶତାବ୍ଦିର ମୂର୍ତ୍ତି ବୋଲି ଅନୁମାନ କରା ଯାଇଅଛି ।

ତେଣୁ ଶ୍ରୀରାଧା ଉପାସନା ଖ୍ରୀଷ୍ଟୀୟ ପଞ୍ଚମଶତାବ୍ଦି ପୂର୍ବେ ଯେ ଭାରତରେ ପ୍ରଚଳିତ ହୋଇଥିଲା, ତାହା ସହଜରେ ଅନୁମାନ କରାଯାଇ ପାରେ ।

ଭାରତ ପ୍ରସିଦ୍ଧ ନରପତି ପୃଥ୍ୱୀରାଜଙ୍କ ରାଜସଭାରେ ଚାନ୍ଦବର୍ଦ୍ଦୋଇ ନାମକ ଜଣେ କବି ବିଦ୍ୟମାନ ଥିଲେ । ୧୧୯୧ ଅବ୍ଦରେ (ବୋପଦେବଙ୍କର ବହୁପୂର୍ବେ) ସେ ଜନ୍ମଗ୍ରହଣ କରିଥିଲେ, "ପୃଥ୍ୱୀରାଜ ରାସ" ନାମକ ଗ୍ରନ୍ଥର ସେ ପ୍ରଣେତା । ସେହି ପୁସ୍ତକରେ ଶ୍ରୀମଦ୍ ଭାଗବତରୁ ସେ ରାଜା ପରୀକ୍ଷିତଙ୍କ ପ୍ରସଙ୍ଗ ଉଲ୍ଲେଖ କରି ଅଛନ୍ତି । ସୁତରାଂ ବୋପଦେବ ଯେ ଶ୍ରୀମଦ୍ ଭାଗବତର ରଚୟିତା ନୁହନ୍ତି, ତାହା ନିଃସନ୍ଦେହ ରୂପେ ପ୍ରମାଣିତ ହୁଏ ଏବଂ ଭଗବାନ୍ କୃଷ୍ଣ ଦ୍ୱୈପାୟନ ବ୍ୟାସଦେବ ମହାଭାରତ ରଚନାର କେତେକ ବର୍ଷପରେ ଶ୍ରୀମଦ୍ ଭାଗବତ ରଚନା କରିଥିବାହିଁ ନିଃସନ୍ଦେହରେ ଗ୍ରହଣ କରାଯାଇ ପାରେ ।

Digitized by srujanika@gmail.com

ପ୍ରଥମସ୍କନ୍ଧର ଶୁଦ୍ଧିପତ୍ର

ପୃଷ୍ଠା	ଧାଡ଼ି	ଶ୍ଲୋକସଂଖ୍ୟା	ଅଶୁଦ୍ଧ	ଶୁଦ୍ଧ
ଯ୵	୧୦		ବୃତ୍ତା	ବୃଦ୍ଧା
ଯ୵	୧୦		ବାହୌ	ବାହୂ
ଯ	୨୬		ବାସୁଦେସ୍ୟ	ବାସୁଦେବାସ୍ୟ
ଯ୵	୨୨		କସ୍ତୁର	କସ୍ତୁରୀ
ଯ୵	୨୨		ଲ୍ଲଃଫଳେ	ଲ୍ଲଃସଃଳେ
୪	୨	୩	ରସମାଳୟଂ	ରସମାଲୟଂ
୫	୫	୭	ଅନେ୍ୟଚ	ଅନ୍ୟେ ଚ
୫	୧୦	୧୦	କଳାବାସ୍ପିନ	କଳାବସ୍ପିନ୍
୫	୨୧		ବ୍ୟସଙ୍କ	ବ୍ୟାସଙ୍କ
୬	୬	୧୩	ଶୁଶ୍ରୂଷୁମାଣାନାଂ	ଶୁଶ୍ରୂଷମାଣାନାଂ
୬	୬	୧୩	ମର୍ହ୍ଷିସ୍ୟାଙ୍ଗ	ମର୍ହ୍ଷିସ୍ୟଙ୍ଗ
୮	୧୧		ମୂତ୍ର	ସୂତ
୮	୧୪		ଥଚ୍ଛୁ	ଅଚ୍ଛୁ
୧୦	୧	୩	ଛତ	ଛୁତ
୧୧	୩	୯	ହ୍ୟାପବର୍ଗସ୍ୟ	ହ୍ୟପବର୍ଗସ୍ୟ
୧୨	୬	୧୫	ନୁ କୁର୍ଯ୍ୟାତ୍	ନ କୁର୍ଯ୍ୟାତ୍
୧୩	୨୯		ଦୃଢ	ଦୃଢ
୧୫	୭	୩୦	ନାମ୍ନାମାସ୍ୟସ୍ୟ	ନାମ୍ନମାସ୍ୟସ୍ୟ
୧୬	୪	୩୩	ନର୍ବିଷ୍ଟୋ	ନିର୍ବିଷ୍ଟୋ
୧୭	୮	୨	ହୃଦାମ୍ବୁଜା	ହୃଦାମ୍ବୁଜା
୧୮	୨	୪	ମୋଲ୍ୟମ୍ବର	ମୌଲ୍ୟମ୍ବର
୧୯	୨	୮	ତନ୍ତ୍ରଂ	ତନ୍ତ୍ରଂ
୧୯	୯	୧୨	ଆକୃତ୍ୟାଂ	ଆକୂତ୍ୟାଂ
୧୯	୧୦	୧୨	ସ୍ୱାୟମ୍ଭୂବାନ୍ତରଂ	ସ୍ୱାୟମ୍ଭୁବାନ୍ତରଂ
୧୯	୧୧		ବନ୍ଧନ୍ତ୍ର	ବନ୍ଧନନ୍ତ୍ର
୨୨	୭	୨୬	ହ୍ୟସଂଖ୍ୟସ୍ୟ	ହ୍ୟସଂଖ୍ୟେୟସ୍ୟ
୨୨	୧୨		ଜତତନୟ	ଜନତନୟ
୨୩	ହେଡଙ୍ଗ୍		ଭୃତସ୍ୟ ଅଧ୍ୟାୟ	ଭୃଗାସ୍ୟ ଅଧ୍ୟାୟ
୨୪	୨	୩୨	ଅଦୃଷ୍ଟ	ଅଦୃଷ୍ଟା
୨୬	୧	୩୪	ପର୍ତ୍ତଂ	ପର୍ଶ୍ଚିତଂ

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଶ୍ଳୋକସଂଖ୍ୟା	ଅଶୁଦ୍ଧ	ଶୁଦ୍ଧ
୨୮	୫	୧	ବ୍ରୁବାଣାଂ	ବ୍ରୁବାଣଂ
୩୦	୧୦	୧୧	ସ୍ୱାର	ସ୍ୱାରଃ
୩୧	୧୧		ଗୋଟଏ	କେବଳ
୩୨	୬	୧୨	ନାଃସନ୍ତାନ୍	ନିଃ ସନ୍ତାନ୍
୩୩	୩	୨୧	ଜୈମିନ	ଜୈମିନି
୩୩	୪	୨୧	ଯଜୁଷାମୁନଃ	ଯଜୁଷାମୁତ
୩୩	୮	୨୩	ଶିଷୈଃ ପ୍ରଶିଷୈସ୍ତଚ୍ଛିଷୈ	ଶିଷ୍ୟୈଃ ପ୍ରଶିଷ୍ୟୈସ୍ତଚ୍ଛିଷ୍ୟୈ
୩୯	୨	୧୦	ନରମଲ୍ୟଶିଷସ୍ୟ	ନରମଲ୍ୟଶିକ୍ଷସ୍ୟ
୪୦	୩	୧୪	ମଦ୍	ଯଦ୍
୪୩	୩୦		ସ୍ଥରେ	ସ୍ଥୂରେ
୫୧	୧	୧୧	ସ୍ଥୀତାମ୍	ସ୍ଥୀତାନ୍
୫୧	୧୦	୧୫	ପିତ୍ୱା	ପୀତ୍ୱା
୬୧	୧୪		କାର୍ଯ୍ୟରେ	କାର୍ଯ୍ୟର
୬୨	୫	୧୭	ସୁତ	ସୂତ
୬୫	୬	୩୦	ତେଜସୀ	ତେଜସା
୬୫	୨୬		ବ୍ରହ୍ମଶର	ବ୍ରହ୍ମଶିର
୬୯	୨	୪୬	ଅଭଶ୍ନଷ	ଅଭସ୍ନଷ
୬୯	୯	୪୯	ଦ୍ୱିଜଃ	ଦ୍ୱିଜାଃ
୭୧	୯	୫୮	ନିର୍ହରଣା ଦକଂ	ନିର୍ହରଣୋଦକଂ
୭୨	୩		ଶୋକଶଃ କୀର୍ତ୍ତତେ	ଶୋକଣ୍ଠ କୀର୍ତ୍ତ୍ୟତେ
୭୬	୨	୧୬	ସୃଜତ୍ୟବତ୍ତି	ସୃଜତ୍ୟବତ
୭୭	୧	୧୯	ଜବନକା	ଯବନକା
୭୮	୪	୨୪	ରକ୍ଷତା	ରକ୍ଷତାଃ
୮୦	୪	୩୧	ଲଞ୍ଛନ	ଲାଞ୍ଛନ
୮୨	୮	୪୦	ହ୍ୟଧନ୍ତେ	ହେ୍ୟଧନ୍ତେ
୮୩	୨	୪୧	ସ୍ନଗ୍ଧ	ସ୍ନିଗ୍ଧ
୮୪	୮	୪୮	ସୈବ	ସୈ୍ୟବ
୮୫	୩	୫୧	ଦ୍ରେହୋ	ଦ୍ରୋହୋ
୮୬	୮	୬	କକ୍ଷୀବାନ୍	କାକ୍ଷୀବାନ୍
୮୮	୮	୧୨	ନାର୍ହତା	ନାର୍ହଥ
୯୦	୮	୨୨	ମେଃସଂ	ମେଃସୂଂ
୯୬	୨	୪୫	ଶଶଂସୁ	ଶଶଂସୁଃ
୯୬	୪	୪୬	ଦୁଖିତୋ	ଦୁଃଖିତୋ

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଶ୍ଳୋକସଂଖ୍ୟା	ଅଶୁଦ୍ଧ	ଶୁଦ୍ଧ
୯୭	୬	୪୭	ସ୍ୱଚ୍ଛମାନ୍	ସ୍ୱାଚ୍ଛମାନ
୯୮	୨		ହସ୍ତୀନା	ହସ୍ତିନା
୯୯	୨	୩	ଶଶସ	ଶଶାସ,
୧୦୧	୪	୧୪	ତ୍ୟଗାଗ୍ରେ	ତ୍ୟଗାଗ୍ର
୧୦୧	୮	୧୬	ବବ୍ରୁଷୁଃ	ବବୃଷୁଃ
୧୦୫	୩	୩୦	ଏତା	ଏତାଃ
୧୦୫	୧୦		ଶୁକ୍ଲ	ଶୁଭ୍ର
୧୦୫	୧୧		ଆନ୍ୱ	ଆମ୍ବ
୧୦୭	୫	୧	ଉପାବ୍ରଜ୍ୟ	ଉପବ୍ରଜ୍ୟ
୧୦୭	୮	୨	ଖଣ୍ଡେ	ଷଣ୍ଡେ
୧୧୧	୪	୧୮	ଶମ୍ପୁନା	ଶମ୍ଭୁନା
୧୧୧	୧୧	୨୧	ଉତ୍ତମ	ଉତ୍ତମଃ
୧୧୭	୨		ପୂବୋକ୍ତଂ	ପୂର୍ବୋକ୍ତଂ
୧୧୭	୨		ବସ୍ତ୍ରରଂ	ବସ୍ତ୍ରବତ୍
୧୨୧	୯	୨୧	ଅଗ୍ରଣି	ଅଗ୍ରଣୀ
୧୨୧	୧୭		ଶବ	ଶିବ
୧୨୨	୪	୨୩	ଦେବୋଃ	ଦେବୋ
୧୨୨	୮	୨୫	ଆହ୍ବତ୍ତ୍ରିଷୋ	ଆହ୍ବତ୍ତ୍ରୈଷୋ
୧୨୩	୧୫		ପାରଦର୍ଶି	ପାରଦର୍ଶୀ
୧୨୪	୬	୩୪	ଛୁଦ୍ଦଚ୍ୟାଂ	ଛୁପାଚ୍ୟାଂ
୧୨୭	୩	୬	ଶୁନ୍ଦେ	ଛିନ୍ଦେ
୧୨୭	୮	୭	ଗୁଣାଦ୍	ଗଣାଦ୍
୧୨୮	୩	୧୦	ସୁହୁଦ	ସୁହୃଦ
୧୩୩	୩	୩୦	ଆଜାତଶତ୍ରୁଃ	ଅଜାତଶତ୍ରୁଃ
୧୩୩	୫	୩୧	ପ୍ରପଚ୍ଛ	ପପ୍ରଚ୍ଛ
୧୩୪	୭	୩୫	ପ୍ରତ୍ୟୁଛେ	ପ୍ରତ୍ୟୁଚେ
୧୩୬	୧୦	୪୫	ଛାସ୍ତ୍ରୋ	ଛସ୍ତ୍ରୋ ;
୧୩୬	୨୧		ଏବ	ଏବଂ
୧୩୯	୧୫		ଗୁଣତ	ଗୁଣର
୧୪୨	୯	୮	ଯାଦା	ଯଦା
୧୪୫	୨	୧୮	କଜ୍ଞୋ	କାଜ୍ଞୋ
୧୪୭	୫	୨୮	ସ୍ୱନୁଜ	ସ୍ୱନୁଜଃ
୧୪୮	୫	୩୪	ତ୍ରାହ୍ମଣେ୍ୟା	ବ୍ରହ୍ମଣ୍ୟ

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଶ୍ଳୋକସଂଖ୍ୟା	ଅଶୁଦ୍ଧ	ଶୁଦ୍ଧ
୧୫୨	୯	୭	ସଜ୍ଜିକୃତେନ	ସଜ୍ଜୀକୃତେନ
୧୫୩	୪	୯	ସ୍ତୁବ	ସ୍ତୁଦ
୧୫୩	୨୮		ନପ	ନୃପ
୧୫୫	୬	୧୫	ଯୁଥ	ଯୂଥ
୧୫୮	୧	୨୨	ପରେ	ପୂରେ
୧୫୯	୯	୩୧	ଫଂଛଲ	ଫଂଛିଲ
୧୬୨	୭	୪୩	ମୂର୍ଦ୍ଧ୍ୱଜଃ	ମୂର୍ଦ୍ଧଜଃ
୧୭୦	୨	୧୯	ମ୍ଲାୟୁତେ	ମ୍ଲାୟୁତା
୧୭୦	୫	୨୦	ଆହୋ	ଅହୋ
୧୭୦	୧୮		ମାନଙ୍କୁ	ମାନଙ୍କ
୧୭୧	୧	୨୨	କ୍ଷେତ୍ର	କ୍ଷତ୍ର
୧୭୧	୨	୨୨	ବାସ	ବାସଃ
୧୭୧	୪	୨୩	ସ୍ମରନ୍ତ	ସ୍ମରନ୍ତି
୧୭୫	୨		ଗ୍ରଜା	ଗ୍ରଜ୍ଞା
୧୭୭	୫	୧୦	ସାଧ୍ୟ	ସାଧ୍ୱୀ
୧୭୯	୨	୧୮	ବଜାକନମୋ	ବଜାନୀମୋ
୧୭୯	୩	୧୯	କେଚେଦ୍	କେଶଦ୍
୧୮୫	୩	୪୫	ମଭ୍ୟମନ୍ୟୁ	ମଭିମନ୍ୟୁ
୧୯୧	୨	୨୦	ଯଁସ୍ୟାଂଘ୍ରି	ଯଁସ୍ୟାଘ୍ରି
୧୯୪	୨	୩୩	ଶୁନାମିବ	ଶୂନାମିବ
୧୯୭	୮	୪୫	ଶୁନାଂ	ଶୂନାଂ
୨୦୧	୭	୯	ବଶିଷ୍ଟ	ବଶିଷ୍ଠ
୨୦୧	୭	୯	ପ୍ରମଦ	ପ୍ରମଦଃ
୨୦୧	୯	୧୦	ଭରଦ୍ୱାଟଜୋ	ଭରଦ୍ୱାଜୋ
୨୦୩	୩	୧୫	ମୋପସ୍ଥାନ୍ତଂ	ମୋପସ୍ଥାତଂ
୨୦୪	୬	୨୦	ଯନ୍ତୁ	ଜନ୍ତୁ
୨୦୫	୫	୨୪	ତପଶ୍ଚ	ତତଶ୍ଚ
୨୦୮	୧	୩୩	ଶୁଦ୍ଧ୍ୟନ୍ତି	ଶୁଧ୍ୟନ୍ତି
୨୦୮	୬	୩୫	ପୈତୃସ୍ୱସ୍ରେୟ	ପୈତୃଷ୍ୱସ୍ରେୟ
୨୦୮	୨୦		ଦଶ୍ରତ	ଦୃଶ୍ରତ
୨୦୯	୩	୩୮	ଜାପ୍ୟ	ଜପ୍ୟଂ
୨୧୦	୩	୪୦	ବାଦରବ୍ରହ୍ମଣିଃ	ବାଦର୍ବ୍ରହ୍ମଣିଃ
		ପରିଶିଷ୍ଟରେ	ଅନୁବାକ୍ ସ୍ଥଳେ	ଅନୁବାକଃ ପଠନୀୟ

Digitized by srujanika@gmail.com

ଶ୍ରୀମଦ୍ ଭାଗବତ

ଦ୍ୱିତୀୟ ସ୍କନ୍ଧର ସଂକ୍ଷିପ୍ତ ବିବରଣୀ

ଶ୍ରୀମଦ୍ ଭାଗବତର ପ୍ରଥମସ୍କନ୍ଧରେ ଶ୍ରୀ ଶୁକଦେବ ବ୍ରାହ୍ମଣ ଅଭିଶାପ ହେତୁରୁ ଅନୁତପ୍ତ ରାଜର୍ଷି ପରୀକ୍ଷିତଙ୍କ ନିକଟକୁ ଆଗମନ କରିବା ପର୍ଯ୍ୟନ୍ତ ବିଷୟ ଆଲୋଚିତ ହୋଇଅଛି । ଦ୍ୱିତୀୟ ସ୍କନ୍ଧର ଦଶ ଅଧ୍ୟାୟରେ ରାଜା ପରୀକ୍ଷିତ କେତେଗୁଡ଼ିଏ ପ୍ରଶ୍ନ କରିବାରୁ ଶ୍ରୀ ଶୁକଦେବ ତାହାଁର ଉତ୍ତର ଦେବାକୁ ଆରମ୍ଭ କରିଥିଲେ । ପୂଜ୍ୟପାଦ ଶ୍ରୀଧରସ୍ୱାମୀ ଦ୍ୱିତୀୟ ସ୍କନ୍ଧରେ ବର୍ଣ୍ଣିତ ବିଷୟମାନ ନିମ୍ନଲିଖିତ ଭାବରେ ସଂକ୍ଷେପରେ ପ୍ରକାଶ କରି ଅଛନ୍ତି :—

"ଯନ୍ନାମ କୀର୍ତ୍ତନଂ ଦାନଂ ତପୋଯୋଗାଦ୍ୱ ସତ୍ଫଳଂ ।
ତଂ ନିତ୍ୟଂ ପରମାନନ୍ଦଂ ହରିନରମହଂ ଭଜେ ॥
ଦ୍ୱିତୀୟେତୁ ଦଶାଧ୍ୟାୟୈଃ ଶ୍ରୀଭାଗବତ ମାଦିତଃ ।
ଉଦ୍ଦେଶ୍ୟଲକ୍ଷଣୋକ୍ତିଭ୍ୟାଂ ସଂକ୍ଷେପେଣୋପବର୍ଣ୍ଣ୍ୟତେ" ॥

ପରମହଂସ ଶିରୋମଣି ଶୁକଦେବ ରାଜର୍ଷି ପରୀକ୍ଷିତଙ୍କ ନିକଟରେ ଉପବେଶନ କଲା ପରେ, ରାଜର୍ଷି ପ୍ରଶ୍ନ କଲେ **"ଆସନ୍ନ ମୃତ୍ୟୁ ଜୀବର କର୍ତ୍ତବ୍ୟ କଅଣ, ତାହା ମୋତେ ଉପଦେଶ ଦିଅନ୍ତୁ"** । ରାଜା ପରୀକ୍ଷିତ ସମ୍ମୁଖରେ ମୃତ୍ୟୁର ଚିହ୍ନ ଦେଖୁଥିବା ବେଳେ, ଏ ପ୍ରଶ୍ନ କରିବା ସ୍ୱାଭାବିକ, ତାଙ୍କର ପିତାମହ ଅର୍ଜୁନ କୁରୁକ୍ଷେତ୍ର ସଂଗ୍ରାମ ପ୍ରାଙ୍ଗଣରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଏହିପରି ପ୍ରଶ୍ନ କରିଥିଲେ, ମାତ୍ର ରାଜା ପରୀକ୍ଷିତଙ୍କର ଜୀବନ ସଂଗ୍ରାମ କ୍ଷେତ୍ରରେ ଏ ପ୍ରଶ୍ନ ଆହୁରି ସମୀଚୀନ । ଏ ପ୍ରଶ୍ନ ଓ ତାହାଁର ଉତ୍ତର ଜୀବ-ଜଗତର, ମାନବଜଗତର, ପୃଥିବୀର ତଥା ବିଶ୍ୱବ୍ରହ୍ମାଣ୍ଡ ପକ୍ଷରେ ମଙ୍ଗଳ ପ୍ରଦ।

ଏହି ପ୍ରଶ୍ନର ଉତ୍ତର ପ୍ରସଙ୍ଗରେ ଶ୍ରୀ ଶୁକଦେବ ସେହି ବିରାଟ ପୁରୁଷଙ୍କର ରୂପ ଓ ବିଭୂତି ବର୍ଣ୍ଣନା କରିଥିଲେ, ଏହି ବିଶ୍ୱ ବ୍ରହ୍ମାଣ୍ଡର ଧୂଳିକଣାଠାରୁ ଆରମ୍ଭକରି ଜୀବଜଗତ୍, ଉଦ୍ଭିଦଜଗତ୍, ଜଡ଼ଜଗତ୍ ପ୍ରଭୃତି ସେହି ବିରାଟ ପୁରୁଷଙ୍କର ଅଙ୍ଗୀଭୂତ । ତଦନନ୍ତର ଶ୍ରୀ ଶୁକଦେବ କହିଲେ "ଶ୍ରୀହରିକଥା ଶ୍ରବଣ, କୀର୍ତ୍ତନ ଓ ସ୍ମରଣ ମୋକ୍ଷକାମୀ ମୁମୂର୍ଷୁ ମାନବର ଏକମାତ୍ର କର୍ତ୍ତବ୍ୟ ।" ତଦନ୍ତର ଶ୍ରୀ ଶୁକଦେବ ସୃଷ୍ଟିପ୍ରସଙ୍ଗ ସଂକ୍ଷେପରେ ବ୍ୟାଖ୍ୟାନ କରିଥିଲେ । ସୃଷ୍ଟି ପ୍ରସଙ୍ଗରେ ଶ୍ରୀ ଶୁକଦେବ କହିଲେ "ମହାରାଜ, ତୁମ୍ଭେ ଭଗବାନଙ୍କର ସୃଷ୍ଟି ପ୍ରସଙ୍ଗରେ ମୋତେ ଆଜି ଯେଉଁ ପ୍ରଶ୍ନକଲ ପୂର୍ବେ ଦେବର୍ଷି ନାରଦ ବ୍ରହ୍ମାଙ୍କୁ ସେହି ପ୍ରଶ୍ନ କରିଥିଲେ, ବ୍ରହ୍ମା ଯେଉଁ ଉତ୍ତର ପ୍ରଦାନ କରିଥିଲେ, ତାହାହିଁ ତୁମ୍ଭର ପ୍ରଶ୍ନର ଉତ୍ତର ହେବ ।" ଏହା କହି ସେ ସୃଷ୍ଟି ବର୍ଣ୍ଣନ ଓ ବିରାଟପୁରୁଷଙ୍କର ବିଭୂତିବିଷୟ ବ୍ୟାଖ୍ୟା କରିଥିଲେ । ବ୍ରହ୍ମା ଭଗବାନଙ୍କର

Digitized by srujanika@gmail.com

ଲୀଳାବତାର ବର୍ଣ୍ଣନା ଯେପରି ଭାବରେ ନାରଦଙ୍କ ନିକଟରେ ପ୍ରକାଶ କରିଥିଲେ, ଶ୍ରୀ ଶୁକଦେବ ସେହିପରି ଭାବରେ ଭଗବାନଙ୍କ ଲୀଳାବତାର ପ୍ରସଙ୍ଗ କହିଥିଲେ ।

ତଦନନ୍ତର ରାଜା ପରୀକ୍ଷିତ ପୁନର୍ବାର ଭାଗବତ ବିଷୟରେ କେତେ ଗୁଡ଼ିଏ ପ୍ରଶ୍ନ କରିଥିଲେ, ସେ କହିଲେ " ହେ ବ୍ରହ୍ମନ୍ ! ଦେବର୍ଷି ନାରଦ ଗୁଣାତୀତ ଭଗବାନଙ୍କ ଗୁଣ କୀର୍ତ୍ତନରେ ନିଯୋଜିତ ହୋଇ ଯେଉଁ ବ୍ୟକ୍ତିମାନଙ୍କ ନିକଟରେ ଯେଉଁଭାବରେ ସେହି ଅଦ୍ଭୁତ ବୀର୍ଯ୍ୟ ଶ୍ରୀହରି ପ୍ରସଙ୍ଗ ପ୍ରକାଶ କରିଥିଲେ; ତାହା କହନ୍ତୁ, ସେହି ଭଗବାନଙ୍କର ମଙ୍ଗଳମୟ କୀର୍ତ୍ତିଗାଥା ଶ୍ରବଣ କରୁ କରୁ ଯେପରି ମୋର ଜୀବାତ୍ମା ହରିପଦରେ ଆଶ୍ରୟ ପାଏ । "ଅନ୍ୟାନ୍ୟ ପ୍ରଶ୍ନମାନ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ସେହି ପ୍ରଶ୍ନ ଗୁଡ଼ିକର ଉତ୍ତରରେ ଶ୍ରୀ ଶୁକଦେବ ଶ୍ରୀମଦ୍ ଭାଗବତ ବ୍ୟାଖ୍ୟା କରିଥିଲେ । ଅଷ୍ଟମ ଅଧ୍ୟାୟାନ୍ତର୍ଗତ ପ୍ରଶ୍ନ ଗୁଡ଼ିକର ଉତ୍ତର ନବମ ଓ ଦଶମ ଅଧ୍ୟାୟରେ ସଂକ୍ଷେପରେ କୁହା ଯାଇଅଛି ।

ଏଥିରୁ ଶ୍ରୀମଦ୍ ଭାଗବତ ପାଠକ ବୃନ୍ଦ ଦ୍ୱିତୀୟସ୍କନ୍ଧର ସାରାଂଶ ଅବଗତ ହେବେ । ପ୍ରତ୍ୟେକ ଅଧ୍ୟାୟର ଶେଷରେ ତତ୍ତ୍ୱରବିଷଦବ୍ୟାଖ୍ୟା ପ୍ରସଙ୍ଗରେ ବିବିଧତତ୍ତ୍ୱ ଆଲୋଚିତ ହୋଇଅଛି ।

Digitized by srujanika@gmail.com

ଶ୍ରୀମଦ୍ଭାଗବତ

ଦ୍ୱିତୀୟ ସ୍କନ୍ଧ



ପ୍ର ଥ ମ ଅ ଧ୍ୟା ୟ ।

ଦ୍ୱିତୀୟେ ତୁ ଦଶାଧ୍ୟାୟୈଃ ଶ୍ରୀଭାଗବତମାଦଶଃ ।
ଉଦ୍ଦେଶଲକ୍ଷଣୋକ୍ତିଭ୍ୟାଂ ସଂକ୍ଷେପେଣୋପବର୍ଣ୍ଣ୍ୟତେ ।
ତତ୍ର ତୁ ପ୍ରଥମାଧ୍ୟାୟେ କୀର୍ତ୍ତନଶ୍ରବଣାଦଭିଃ ।
ସ୍ଥୂଳେ ଭଗବଦ୍ରୂପେ ମନସୋ ଧାରଣୋଚ୍ୟତେ । ୦ ।

(ଶ୍ରୀଧରସ୍ୱାମୀ)

ବିରାଟ ପୁରୁଷଙ୍କ ଅଙ୍ଗ ବର୍ଣ୍ଣନା ।

ଦ୍ୱିତୀୟ ସ୍କନ୍ଧର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦଶ ଅଧ୍ୟାୟରେ ଭାଗବତର ଉଦ୍ଦେଶ୍ୟ ଓ ଲକ୍ଷଣ ବର୍ଣ୍ଣନା କରାଯାଇଅଛି । ସେହି ଦଶଅଧ୍ୟାୟ ମଧ୍ୟରୁ ପ୍ରଥମ ଅଧ୍ୟାୟରେ ବିରାଟରୂପ ବର୍ଣ୍ଣନା ହୋଇଅଛି । ୦ ।

ଶ୍ରୀ ଭାଗବତ ଗ୍ରନ୍ଥସାର, ଉଦ୍ଦେଶ୍ୟ ଲକ୍ଷଣ ତାହାର । ଦ୍ୱିତୀୟସ୍କନ୍ଧେ ଏ ବର୍ଣ୍ଣିତ, ଦଶଅଧ୍ୟାରେ ସମାପତ ॥
ତାମଧ୍ୟେ ପ୍ରଥମ ଅଧ୍ୟାରେ, କୀର୍ତ୍ତନ ଶ୍ରବଣାଦ ଦ୍ୱାରେ । ସ୍ଥୂଳବିରାଟ ରୂପେ ମନ, ଧାରଣା ହୋଇଛି ବର୍ଣ୍ଣନ ॥

Digitized by srujanika@gmail.com

ଶ୍ରୀ ଶୁକ ଉବାଚ

ବରୀୟାନେଷ ତେ ପ୍ରଶ୍ନଃ କୃତୋ ଲୋକହିତଂ ନୃପ ।
ଆତ୍ମବିତ୍‌ସମ୍ମତଃ ପୁଂସାଂ ଶ୍ରୋତବ୍ୟାଦିଷୁ ଯଃ ପରଃ ।୧।
ଶ୍ରୋତବ୍ୟାଦୀନି ରାଜେନ୍ଦ୍ର ନୃଣାଂ ସନ୍ତି ସହସ୍ରଶଃ ।
ଅପଶ୍ୟତାମାତ୍ମତତ୍ତ୍ୱଂ ଗୃହେଷୁ ଗୃହମେଧିନାଂ ।୨।
ନିଦ୍ରୟା ହ୍ରିୟତେ ନକ୍ତଂ ବ୍ୟବାୟେନ ଚ ବା ବୟଃ ।
ଦିବା ଚାର୍ଥେହୟା ରାଜନ୍ କୁଟୁମ୍ବଭରଣେନ ବା ।୩।

ଶୁକଦେବ କହିଲେ :—

ହେ ମହାରାଜ ! ତୁମ୍ଭର ଏ ପ୍ରଶ୍ନ ଅତୀବ ଉତ୍ତମ ଏବଂ ଲୋକ ହିତକର । ଜଗତରେ ମନୁଷ୍ୟର ଯେତେ ଶ୍ରୋତବ୍ୟ ବିଷୟ ଅଛି, ତହିଁ ମଧ୍ୟରେ ଏହା ସର୍ବ ଶ୍ରେଷ୍ଠ, ଏବଂ ମୁକ୍ତ ପୁରୁଷମାନଙ୍କର ଆଦରଣୀୟ ଅଟେ ।୧।

ହେ ରାଜେନ୍ଦ୍ର ! ଆତ୍ମଜ୍ଞାନ ହୀନ ଗୃହୀମାନଙ୍କର ସହସ୍ର ସହସ୍ର ଶ୍ରୋତବ୍ୟ ବିଷୟ ଅଛି, ସେମାନେ ସର୍ବଦା ଗୃହକର୍ମରେ ବ୍ୟାପୃତ ରହି ଆତ୍ମତତ୍ତ୍ୱ ବିଷୟ ଆଲୋଚନା କରନ୍ତି ନାହିଁ ।୨।

ମନୁଷ୍ୟର ଆୟୁ ମଧ୍ୟରୁ ରାତ୍ରିକାଳ ନିଦ୍ରାରେ ବା ରତିକ୍ରୀଡ଼ାରେ ଅତିବାହିତ ହୁଏ, ଦିବା ଭାଗ, ଅର୍ଥଚିନ୍ତା ବା ପରିବାର ପ୍ରତିପାଳନରେ ଅତିବାହିତ ହୁଏ ।୩।

ଶ୍ରୀ ଶୁକ ଉବାଚ—

ହରିଚରଣ ଚିନ୍ତି ଧ୍ୟାନେ
କୋମଳ ଗମ୍ଭୀର ବଚନେ
ପ୍ରେମପୁଲକ ନିଜ ଦେହ
ଶୁକ କହନ୍ତି ରାଜା ଚାହିଁ
ହେ ପରୀକ୍ଷିତ ନୃପବର
ଗରିଷ୍ଠ ପ୍ରଶ୍ନ ଏ ତୋହର
ସର୍ବରୁ ଜୀବଲୋକ ହିତେ
ଯେ ପ୍ରଶ୍ନ ଅଛି ତୋର ଚିତ୍ତରୁ
ଏ ଆତ୍ମଜ୍ଞାନୀଙ୍କର ସାର
ଏଣେ ସଂସାର ଉପକାର ।୧।
ଶ୍ରୋତବ୍ୟ ପ୍ରଶ୍ନ ଅଛି ଯେତେ
ଆଗମ ନିଗମ ଉକତେ
ସହସ୍ର ସହସ୍ର ପ୍ରକାରେ
ପ୍ରଶ୍ନ ଅଛନ୍ତି ଏ ସଂସାର
ସଂସାର କରିବାର ଆଶେ
ଯେତେ ଅଛନ୍ତି ଗୃହବାସେ
ଇନ୍ଦ୍ରିୟବଶେ ଗୃହେ ଥାଇ
ଆତ୍ମାର ତତ୍ତ୍ୱେ ଜ୍ଞାନ ନାହିଁ
ଆୟୁଷ କ୍ଷୟ ନ ଜାଣନ୍ତି
ବିଷୟଭାବ ମନେ ଚିନ୍ତି ।୨।
ନିଶା ହରଇ ଅର୍ଦ୍ଧବେଳ
ନିଦ୍ରା ବା ବଧୂସଙ୍ଗମେଳ
ଦିବସେ ଅର୍ଥଚିନ୍ତାକୁଳ
କୁଟୁମ୍ବ ପୋଷଣେ ବିକଳ
ଅର୍ଦ୍ଧ ଆୟୁଷ ଏଣେ ନାଶ
କରନ୍ତେ ସୁଖ ଦୁଃଖେ ପ୍ରାସ ।୩।

Digitized by srujanika@gmail.com

ଦେହାପତ୍ୟକଳତ୍ରାଦିଷ୍ୱାତ୍ମସୈନ୍ୟେଷ୍ୱସତ୍ସ୍ୱପି ।
ତେଷାଂ ପ୍ରମତ୍ତୋ ନିଧନଂ ପଶ୍ୟନ୍ନପି ନ ପଶ୍ୟତି ।୪।
ତସ୍ମାଦ୍ ଭାରତ ସର୍ବାତ୍ମା ଭଗବାନୀଶ୍ୱରୋ ହରିଃ ।
ଶ୍ରୋତବ୍ୟଃ କୀର୍ତ୍ତିତବ୍ୟଶ୍ଚ ସ୍ମର୍ତ୍ତବ୍ୟଶ୍ଚେଚ୍ଛତାଭୟଂ ।୫।
ଏତାବାନ୍ ସାଂଖ୍ୟଯୋଗାଭ୍ୟାଂ ସ୍ୱଧର୍ମପରିନିଷ୍ଠୟା ।
ଜନ୍ମଲାଭଃ ପରଃ ପୁଂସାମନ୍ତେ ନାରାୟଣସ୍ମୃତିଃ ।୬।
ପ୍ରାୟେଣ ମୁନୟୋ ରାଜନ୍ ନିବୃତ୍ତା ବିଧିଷେଧତଃ ।
ନୈର୍ଗୁଣ୍ୟସ୍ଥା ରମନ୍ତେ ସ୍ମ ଗୁଣାନୁକଥନେ ହରେଃ ।୭।

ସେମାନେ ନିଜର ପିତୃ ପିତା-ମହାଦିଙ୍କର ଉଦାହରଣ ଚକ୍ଷୁରେ ଦେଖି ସୁଦ୍ଧା ନ ଦେଖିଲା ପରି ହେଉଅଛନ୍ତି । ଏ ସଂସାରରେ ଦେହ, ସ୍ତ୍ରୀ, ପୁତ୍ର ସମସ୍ତ ନଶ୍ୱର ଏହା ଜାଣି ସୁଦ୍ଧା ସେମାନେ ତାଙ୍କୁ ନାହାନ୍ତି ତହିଁରେ ଆସକ୍ତ ହୋଇ ରହୁଅଛନ୍ତି । ୪ ।

ହେ ଭରତ କୁଳଶ୍ରେଷ୍ଠ ! ଯେ ଅଭୟ ଇଚ୍ଛାକରେ, ଯେ ମୁକ୍ତି କାମନା କରେ, ତାହା ପକ୍ଷରେ ସର୍ବାତ୍ମା ଭଗବାନ୍ ହରିଙ୍କର ନାମ ସ୍ମରଣ, ଶ୍ରବଣ ଓ କୀର୍ତ୍ତନ ଏକାନ୍ତ କର୍ତ୍ତବ୍ୟ । ୫ ।

ସ୍ୱଧର୍ମନିଷ୍ଠ ହୋଇ ଆତ୍ମା ଓ ଆତ୍ମଜ୍ଞାନର (ସାଂଖ୍ୟ ଯୋଗମତରେ) ଅଥବା ଅଷ୍ଟାଙ୍ଗ ଯୋଗମତର ଅନୁଶୀଳନ ଫଳରେ ଯେଉଁ ହରିନାମ ସ୍ମରଣ କରାଯାଏ, ତାହାହିଁ ମନୁଷ୍ୟ ଜନ୍ମର ଲାଭ । ଅନ୍ତଃକାଳରେ ଶ୍ରୀମନ୍ନାରାୟଣ ଚରଣ ସ୍ମରଣ ପରମ ଓ ଚରମଲାଭ । ୬ ।

ଯେଉଁ ମୁନିଗଣ ଶାସ୍ତ୍ରୀୟ ବିଧିନିଷେଧର ଅତୀତ ଓ ଯେଉଁମାନେ ନିର୍ଗୁଣବ୍ରହ୍ମ ଭାବନା କରନ୍ତି, ସେମାନେ ମଧ୍ୟ ହରିଗୁଣ ଶ୍ରବଣ ଓ କୀର୍ତ୍ତନରେ ଆନନ୍ଦ ଅନୁଭବ କରିଥାନ୍ତି । ୭ ।

ସୁତ କଳତ୍ର ଦେହ ପାଇ
ଆନନ୍ଦେ ତାଙ୍କ ମଧ୍ୟେ ଥାଇ
ବସ୍ତୁର ମାୟା ସତ୍ୟ ଭ୍ରାନ୍ତି
ନିକଟେ ମୃତ୍ୟୁ ନ ଦେଖନ୍ତି
ମରଣ ଦେଖୁଥାଇ ଲୋକେ
ଅଜ୍ଞାନେ ଭ୍ରମେ ସୁଖଶୋକେ
ଏଣୁ ସଂସାର-ପ୍ରାଣୀଙ୍କର
ଆତ୍ମାର ଗତି ଅଗୋଚର ।୪।
ଏଣୁ ସଂସାରଭାବ ତେଜି
ଆତ୍ମାର ଗତି ଲଭେ ହେଜି
ଯେ ହରି ସର୍ବଘଟେ ପୂରେ
ନିର୍ଲେପ ବାହ୍ୟ ଅଭ୍ୟନ୍ତରେ
ତାର ମହିମା ଶୁଣି କର୍ଣ୍ଣେ
ନାମକୁ ଉଚ୍ଚାରି ବଦନେ
ସ୍ମରଣ କରେ ହୃଦଗତେ
ଯେବେ ଅଭୟ ଇଚ୍ଛା ଚିତ୍ତେ ।୫।
ଏ କଥା ସାଂଖ୍ୟ ଯୋଗେ ଜାଣି
ସ୍ୱଧର୍ମ ନିଷ୍ଠା ପରିମାଣି
ଜନ୍ମର ଲାଭ ଏ ପ୍ରମାଣ
ଅନ୍ତେ ସ୍ମରଣ ନାରାୟଣ ।୬।
ପୂର୍ବେ ନିର୍ମଳ ମୁନି ଯେତେ
ତତ୍ତ୍ୱ ବିଚାରି ବେଦମତେ
ବିଧି ନିଷେଧ ଦୂର କରି
ବସ୍ତୁର ଭାବ ହୃଦେ ଧରି
ବସ୍ତୁର ଗୁଣ ଅନୁକ୍ଷଣେ
ଗୁଣନ୍ତି ଶୁଣନ୍ତି ଶ୍ରବଣେ ।୭।

Digitized by srujanika@gmail.com

ଇଦଂ ଭାଗବତଂ ନାମ ପୁରାଣଂ ବ୍ରହ୍ମସମ୍ମିତଂ ।
ଅଧୀତବାନ୍ ଦ୍ୱାପରାଦୌ ପିତୁର୍ଦ୍ୱୈପାୟନାଦହଂ । ୮ ।
ପରିନିଷ୍ଠିତୋଽପି ନୈର୍ଗୁଣ୍ୟେ ଉତ୍ତମଶ୍ଳୋକଲୀଳୟା ।
ଗୃହୀତଚେତା ରାଜର୍ଷେ ଆଖ୍ୟାନଂ ଯଦଧୀତବାନ୍ । ୯ ।
ତଦହଂ ତେଽଭିଧାସ୍ୟାମି ମହାପୌରୁଷିକୋଭବାନ୍ ।
ଯସ୍ୟ ଶ୍ରଦ୍ଦଧତାମାଶୁ ସ୍ୟାନ୍ମୁକୁନ୍ଦେ ମତିଃ ସତୀ । ୧୦ ।
ଏତନ୍ନିର୍ବିଦ୍ୟମାନାନାମିଚ୍ଛତାମକୁତୋଭୟଂ ।
ଯୋଗିନାଂ ନୃପ ନିର୍ଣୀତଂ ହରେର୍ନାମାନୁକୀର୍ତ୍ତନଂ । ୧୧ ।

ମୁଁ ଯେଉଁ ପୁରାଣବ୍ୟାଖ୍ୟା କରିବି, ତାହାର ନାମ—ଭାଗବତ । ତାହାକୁ ସମଗ୍ର ବେଦ ସହିତ ତୁଳନା କରାଯାଇପାରେ, ଦ୍ୱାପର ଯୁଗର ଶେଷଭାଗରେ ପିତା କୃଷ୍ଣଦ୍ୱୈପାୟନଠାରୁ ମୁଁ ଏହା ଶିକ୍ଷା କରିଥିଲି ।୮ ।

ମୁଁ ନିର୍ଗୁଣ ବ୍ରହ୍ମ ଉପାସକ ହେଲେ ମଧ୍ୟ ଏହି ପୁରାଣରେ ପୁଣ୍ୟଶ୍ଳୋକ ଭଗବାନଙ୍କର ଲୀଳାବର୍ଣ୍ଣିତ ହୋଇଥିବାରୁ ତାହା ମୋର ଚିତ୍ତ ଆକର୍ଷଣ କରିଥିଲା, ତେଣୁ ମୁଁ ତାହା ଅଧ୍ୟୟନ କରିଥିଲି । ହେ ରାଜର୍ଷେ ! ତୁମ୍ଭେ ବିଷ୍ଣୁଭକ୍ତ ସୁତରାଂ ମୁଁ ତୁମ୍ଭ ନିକଟରେ ସେହି ପରମ ପବିତ୍ର ଭାଗବତ ପୁରାଣ କୀର୍ତ୍ତନ କରିବି, ଶ୍ରଦ୍ଧା ସହକାରେ ତାହା ଶ୍ରବଣ କଲେ, ଶ୍ରୀକୃଷ୍ଣଙ୍କଠାରେ ସମସ୍ତଙ୍କର ନିଷ୍କାମ ଭକ୍ତି ଜନ୍ମିବ । ୯,୧୦ ।

ହେ ନୃପ ! ଅଭୟପ୍ରଦ ସେହି ହରିନାମ କୀର୍ତ୍ତନ ଓ ଶ୍ରବଣ କଲେ, କି ବିରାଗୀ, କି କାମୀ, କି ଯୋଗୀ ସମସ୍ତ ପ୍ରାଣୀଙ୍କର ଅଭୀଷ୍ଟ ସିଦ୍ଧି ହୁଏ । ୧୧ ।

ଏ ଭାଗବତ ଧର୍ମବାଣୀ
ବ୍ରହ୍ମ ସମାନେ ପରମାଣି
ଦ୍ୱାପର ଯୁଗ ଆଦ୍ୟକାଳେ
ମୁଁ ଯେ ଅନେକ ଶିଷ୍ୟମେଳେ
ମୋର ଜନକ ବ୍ୟାସମୁନି
ମୁଁ ତାଙ୍କ ଠାରୁଁ ଶିକ୍ଷା ଘେନି ।୮।
ନିର୍ଗୁଣ ମାର୍ଗେ ମୋର ଚିତ୍ତ
ବିଷ୍ଣୁର ଭାବ ହେଲା ଜାତ
ବିଷ୍ଣୁଙ୍କ ଯୋଗେ ମନ ଥୋଇ
ଯେବା ଅଭ୍ୟାସ କଲି ମୁହିଁ

କହିବି ତୋର ଆଗେ ତାହା
ରାଜନ ଶୁଣ ପୁଣ୍ୟଦେହା
ଏ ଭାଗବତବାଣୀ କର୍ଣ୍ଣେ
ଯେ ଶୁଣେ ଶ୍ରଦ୍ଧା ଅବଧାନେ
ମୁକୁନ୍ଦ ପାଦେ ତାଙ୍କ ମତି
ନିଶ୍ଚେ ରହେ ନିତି ନିତି ।୯,୧୦
କାମୀ, ମୁମୁକ୍ଷୁ କିବା ଜ୍ଞାନୀ
ହରି କୀର୍ତ୍ତନ କଲେ ପ୍ରାଣୀ
ଅଭୀଷ୍ଟ ଫଳ ତେବେ ପାଏ
ନିର୍ଭୟ ପଥେ ଚିତ୍ତ ରହେ ।

ଯୋଗ ଅଭ୍ୟାସେ ଯୋଗିଜନେ
ଦୀର୍ଘେ ଜୀବନ୍ତି ଯୋଗଧ୍ୟାନେ
ସେ ପୁଣି କୃଷ୍ଣନାମ ମୁଖେ
କହନ୍ତି ଏକଲୁ ଆରକେ
ଦିନ ବଞ୍ଚିନ୍ତି କୃଷ୍ଣ ଗାଇ
ଅନ୍ତରେ ତାର ପଦ ଧ୍ୟାୟୀ
ଯେ ହରି ନ ବୋଲେ ବଦନେ
କି ପ୍ରୟୋଜନ ଯୋଗଧ୍ୟାନେ ।୧୧।

Digitized by srujanika@gmail.com

କିଂ ପ୍ରମତ୍ତସ୍ୟ ବହୁଭିଃ ପରୋକ୍ଷୈର୍ହାୟନୈରିହ ।
ବରଂ ମୁହୂର୍ତ୍ତଂ ବିଦିତଂ ଘଟତେ ଶ୍ରେୟସେ ଯତଃ । ୧୨ ।
ଖଟ୍ୱାଙ୍ଗୋ ନାମ ରାଜର୍ଷି ର୍ଜ୍ଞାତ୍ୱେୟତ୍ତାମିହାୟୁଷଃ ।
ମୁହୂର୍ତ୍ତାତ୍ ସର୍ବମୁତ୍ସୃଜ୍ୟ ଗତବାନଭୟଂ ହରିଂ । ୧୩ ।
ତବାପ୍ୟେତର୍ହି କୌରବ୍ୟ ସପ୍ତାହଂ ଜୀବିତାବଧିଃ ।
ଉପକଳ୍ପୟ ତତ୍ସର୍ବଂ ତାବଦ୍‌ଯତ୍‌ସାମ୍ପରାୟିକଂ । ୧୪ ।
ଅନ୍ତକାଳେ ତୁ ପୁରୁଷ ଆଗତେ ଗତସାଧ୍ୱସଃ ।
ଛିନ୍ଦ୍ୟାଦସଙ୍ଗଶସ୍ତ୍ରେଣ ସ୍ପୃହାଂ ଦେହେଽନୁୟେ ଚ ତଂ । ୧୫ ।

ବିଷୟାସକ୍ତ ବ୍ୟକ୍ତି ବହୁବର୍ଷ ଜୀବିତ ରହିଥିବା, ତହିଁ ମଧ୍ୟରେ ହରିନାମରେ ଚିତ୍ତ ନ ବଳାଇଲେ ତାହାର ଜୀବନ ବୃଥା ହୁଏ ମାତ୍ର ମୁହୂର୍ତ୍ତିକପାଇଁ ଜୀବନ ଧାରଣ କରି ଯଦି ସେହି ପରମଙ୍କୁ ଲାଭ କରାଯାଏ ତେବେ ସେହି ମୁହୂର୍ତ୍ତିକହିଁ ଶ୍ରେଷ୍ଠ ସମୟ । କାରଣ ସେହି ମୁହୂର୍ତ୍ତିକ ମଧ୍ୟରେ ଆତ୍ମମଙ୍ଗଳ ସାଧନ କରାଯାଇ ପାରେ, ମହାରାଜ ! ପୂର୍ବକାଳରେ ଖଟ୍ୱାଙ୍ଗ ନାମକ ରାଜର୍ଷି ନିଜର ଆୟୁଃ ଶେଷ ହେବାର ଜାଣି, ଅର୍ଥାତ୍ (ମୁହୂର୍ତ୍ତେମାତ୍ର ଅବଶିଷ୍ଟ ଥିବାର ଜାଣିପାରି) କ୍ଷଣକାଳ ମଧ୍ୟରେ ସର୍ବତ୍ୟାଗୀ ହୋଇ ଭଗବାନଙ୍କର ଅଭୟ ଚରଣରେ ଶରଣ ନେଇଥିଲେ । ୧୨,୧୩ ।

ହେ କୌରବ ରାଜ ! ଆପଣଙ୍କର ପରମାୟୁ ଆଉ ସାତଦିନ ବାକିଅଛି । ସୁତରାଂ ଯେପରି ପାରଲୌକିକ ସଦ୍‌ଗତି ଲାଭ କରି ପାରନ୍ତି, ସେହି କାର୍ଯ୍ୟ ଏହି ସମୟ ମଧ୍ୟରେ ଆପଣ ସମ୍ପାଦନ କରନ୍ତୁ ।୧୪।

ଅନ୍ତିମକାଳ ଉପସ୍ଥିତ ହେଲେ ଜୀବ ମୃତ୍ୟୁଭୟ ପରିତ୍ୟାଗ କରି ବୈରାଗ୍ୟ ଅସ୍ତ୍ରଦ୍ୱାରା ସେହି ମମତା ଛେଦନ କରିବ । ୧୫ ।

କାଳକର୍ଣ୍ଣୟ ନାହିଁ ତହିଁ
ହେ ନୃପ ଶୁଣ ମନ ଦେଇ
ମୁହୂର୍ତ୍ତିମାତ୍ରେ କୃଷ୍ଣବାଣୀ
ଯେ ଶୁଣେ ଯେବା ମୁଖେ ଭଣି
ସେ ପ୍ରାଣୀ ଆତ୍ମାକୁ ଉଦ୍ଧରେ
କି ଲାଭ ବହୁ ସମ୍ବତ୍ସରେ । ୧୨ ।
ଖଟ୍ୱାଙ୍ଗ ନାମେ ରାଜା ଥିଲା
ସ୍ୱର୍ଗ ଦେବଙ୍କୁ ହିତ କଲା
ରିପୁ ସଂହାରି ଦେବ ପାଶେ
ମିଳିଲା ଭକତ ବିଶ୍ୱାସେ

ଦେବେ ବୋଇଲେ ମାଗ ବର
ଶୁଣି ବୋଇଲା ନୃପବର
ଆୟୁଷ ଅଛି ମୋର କେତେ
ଦେବେ ବୋଇଲେ ଶାସ୍ତ୍ରମତେ
ମୁହୂର୍ତ୍ତେ ଅଛି ତୋ ଜୀବନ
ଶୁଣି ସନ୍ତୋଷ ରାଜା ମନ
ତତକ୍ଷଣେ ଆସି ମହୀତଳେ
ଭଜିଲା ଅନନ୍ୟ ମେଳେ
ମୁହୂର୍ତ୍ତେ ନାମ ଉଚ୍ଚାରିଲା
ଅନ୍ତେ ସେ ଗୋବିନ୍ଦେ ପଶିଲା ।୧୩

ଏବେ ସପତ ଦିନ ଯାଏ
ଜୀବନ ଥିବ ତୋର ଦେହେ
ଏବେ ହରିଙ୍କି ଆଶ୍ରେ କର
ଶ୍ରବଣେ ବଦନେ ଉଚ୍ଚାର ।୧୪।
ଯେ ଅନ୍ତକାଳେ କୃଷ୍ଣବାଣୀ
ମୁଖେ ଉଚ୍ଚାରେ କର୍ଣ୍ଣେ ଶୁଣି
ଯେତେ ବିଷୟ ଆତ୍ମାଭେଦ
ଅସଙ୍ଗ ଶସ୍ତ୍ରେ ତାହା ଛେଦ
ବେଗେ ସେ ପଶେ କୃଷ୍ଣଭାବେ
ଶୁଣ କହିବା ତୋତେ ଏବେ ।୧୫।

Digitized by srujanika@gmail.com

ଗୃହାତ୍‌ପ୍ରବ୍ରଜିତୋ ଧୀରଃ ପୁଣ୍ୟତୀର୍ଥଜଲାପ୍ଲୁତଃ ।
ଶୁଚୌ ବିବିକ୍ତ ଆସୀନୋ ବିଧିବତ୍‌କଳ୍ପିତାସନେ । ୧୬ ।
ଅଭ୍ୟସେତ୍‌ମନସା ଶୁଦ୍ଧଂ ତ୍ରିବୃଦ୍‌ବ୍ରହ୍ମାକ୍ଷରଂପରଂ ।
ମନୋଯଚ୍ଛେଜ୍ଜିତଶ୍ୱାସୋ ବ୍ରହ୍ମବୀଜମବିସ୍ମରନ୍ । ୧୭ ।
ନିୟଚ୍ଛେଦ୍‌ବିଷୟେଭ୍ୟୋଽକ୍ଷାନ୍ମନସା ବୁଦ୍ଧିସାରଥିଃ ।
ମନଃ କର୍ମଭିରାକ୍ଷିପ୍ତଂ ଶୁଭାର୍ଥେ ଧାରୟେଦ୍ଧିୟା । ୧୮ ।
ତତ୍ରୈକାବୟବଂ ଧ୍ୟାୟେଦବ୍ୟୁଚ୍ଛିନ୍ନେନ ଚେତସା ।
ମନୋ ନିର୍ବିଷୟଂ ଯୁକ୍ତ୍ୱା ତତଃ କିଞ୍ଚନ ନ ସ୍ମରେତ୍ ।
ପଦଂ ତତ୍‌ପରମଂ ବିଷ୍ଣୋର୍ମନୋ ଯତ୍ର ପ୍ରସୀଦତି । ୧୯ ।
ରଜସ୍ତମୋଭ୍ୟାମାକ୍ଷିପ୍ତଂ ବିମୂଢ଼ଂ ମନ ଆତ୍ମନଃ ।
ଯଚ୍ଛେଦ୍ଧାରଣୟା ଧୀରୋ ହନ୍ତି ଯା ତତ୍କୃତଂମଲଂ । ୨୦

ବୁଦ୍ଧିମାନ୍ ବ୍ୟକ୍ତି ନିଜ ଗୃହରୁ ଯାତ୍ରା କରି ପୁଣ୍ୟତୀର୍ଥରେ ସ୍ନାନ କରିବେ । ତତ୍ପରେ ନିର୍ଜ୍ଜନ ସ୍ଥାନରେ ବିଧି ପୂର୍ବକ ପବିତ୍ର ଆସନ ରଚନା କରି ତହିଁରେ ଉପବେଶନ କରିବେ । ତହିଁ ଉତ୍ତାରୁ ଅକାରାଦି ତିନିବର୍ଣ୍ଣ ଦ୍ୱାରା ରଚିତ (ଅ, ଉ, ମ,) ପ୍ରଣବ ବା ଓଁକାରର ମନ୍ତ୍ର ମନେ ମନେ ଜପ କରିବେ । ପ୍ରଣବ ମନ୍ତ୍ର ସ୍ମରଣ ଓ ପ୍ରାଣାୟାମ ଦ୍ୱାରା ମନକୁ ବଶୀଭୂତ କରିବେ । ୧୬,୧୭ ।

ତହିଁ ଉତ୍ତାରୁ ଦୃଢ଼ବୁଦ୍ଧିଦ୍ୱାରା ମନକୁ ବିଷୟାସକ୍ତିରୁ ନିବୃତ୍ତ କରାଇ ଇନ୍ଦ୍ରିୟମାନଙ୍କୁ ନିରୋଧ କରିବେ, ସେହି ବୁଦ୍ଧି ସାହାଯ୍ୟରେ ବାସନାଦ୍ୱାରା ମନକୁ ଆକୃଷ୍ଟ କରି ଭଗବାନଙ୍କ ରୂପରେ ସଂଯୋଜନା କରିବେ ।୧୮

ତତ୍ପରେ ଭଗବାନଙ୍କର ସମଗ୍ର ରୂପରୁ ମନକୁ ବିମୁକ୍ତ ନ କରି ଗୋଟିଏ ଗୋଟିଏ ଅବୟବ ଧ୍ୟାନ କରିବେ, (ଏହାକୁ ଧ୍ୟାନ କୁହାଯାଏ) ତହିଁ ଉତ୍ତାରୁ ସମସ୍ତ ବିଷୟରୁ ମନକୁ ନିବୃତ୍ତ କରି, ଅନ୍ୟ ବିଷୟ ଚିନ୍ତା କରିବ ନାହିଁ (ଏହାର ନାମ ସମାଧି); ବିଷ୍ଣୁଙ୍କର ପରମ ପଦରେ ମନ ଶାନ୍ତି ଲାଭ କରେ । ୧୯ ।

ଯଦି ରଜୋଗୁଣଦ୍ୱାରା ମନ ଚଞ୍ଚଳ ଭାବ, ଧାରଣ କରେ, ଏବଂ ତମୋଗୁଣଦ୍ୱାରା ମୂଢ଼ ଭାବାପନ୍ନ ହୁଏ, ତେବେ ଧୀରବ୍ୟକ୍ତି ପୁନଶ୍ଚ 'ଧାରଣା' ଦ୍ୱାରା ତାହାକୁ ଦମନ କରିବେ । ରଜ ଓ ତମରୁ ଉଦ୍‌ଭୂତ ମଳ କେବଳ ଧାରଣା ଦ୍ୱାରାହିଁ ବିନଷ୍ଟ ହୁଏ । ୨୦ ।

ଯେ ପ୍ରାଣୀ ଅନ୍ତକାଳ ଜାଣି
ଆତ୍ମାର ହିତ ମନେ ଗୁଣି
ଘରୁ ବାହାର ହୋଇ ବନେ
ତପ ଆଚରେ ଧୀରମନେ
ସ୍ନାହାନ କରି ପୁଣ୍ୟଜଳେ
ଆସନେ ବସି ବୃକ୍ଷମୂଳେ
ଏକାନ୍ତେ ଯେ ବିଧି ଆସନେ
ପ୍ରଥମ ଆଶ୍ରମ ଲକ୍ଷଣେ

ଅଭ୍ୟାସ କରି ଶୁଦ୍ଧମନେ
ତ୍ରିବୃତବ୍ରହ୍ମ ସୁମରଣେ
ପ୍ରାଣପବନ ଯୋଗେ ରୁନ୍ଧି
ସକଳ ଇନ୍ଦ୍ରିୟ ନିରୋଧି
ବୁଦ୍ଧିସାରଥି ଆଶ୍ରେକରି
ବିଷୟ ସମୂହ ସଂହରି
କର୍ମେ ଚଞ୍ଚଳ ମନ ବଳେ
ନିରେ ପି କୃଷ୍ଣପାଦତଳେ

ତାର ଶରୀର ଅବୟବେ
ଚିନ୍ତିବ ଏକେ ଏକେ ଭାବେ
ମନକୁ ନିର୍ବିଷୟ କରି
ସକଳ ଚିନ୍ତା ପରିହରି
ମନ ପ୍ରସନ୍ନ ଯେତେବେଳେ
ଜ୍ଞାନ ପ୍ରସରେ ପୁନଶ୍ଚଳେ ।୧୬-୧୯
ସ୍ୱଭାବେ ମନ ଦୁଷ୍ଟପଣେ
ଆବୃତ ରଜ ତମୋଗୁଣେ

Digitized by srujanika@gmail.com

ଯତଃ ସଂଧାର୍ଯ୍ୟମାଣାୟାଂ ଯୋଗିନୋ ଭକ୍ତିଲକ୍ଷଣଃ ।
ଆଶୁ ସମ୍ପଦ୍ୟତେ ଯୋଗ ଆଶ୍ରୟଂ ଭଦ୍ରମୀକ୍ଷତଃ । ୨୧ ।

ରାଜୋବାଚ

ଯଥା ସଂଧାର୍ଯ୍ୟତେ ବ୍ରହ୍ମନ୍ ଧାରଣା ଯତ୍ର ସମ୍ମତା ।
ଯାଦୃଶୀ ବା ହରେଦାଶୁ ପୁରୁଷସ୍ୟ ମନୋମଲଂ । ୨୨ ।

ଶୁକ ଉବାଚ

ଜିତାସନୋ ଜିତଶ୍ୱାସୋ ଜିତସଙ୍ଗୋ ଜିତେନ୍ଦ୍ରିୟଃ ।
ସ୍ଥୂଲେ ଭଗବତୋରୂପେ ମନଃ ସଂଧାରୟେଦ୍ଧିୟା । ୨୩ ।
ବିଶେଷସ୍ତସ୍ୟ ଦେହୋଽୟଂ ସ୍ଥବିଷ୍ଠଶ୍ଚ ସ୍ଥବୀୟସାଂ ।
ଯତ୍ରେଦଂ ବ୍ୟଜ୍ୟତେ ବିଶ୍ୱଂ ଭୂତଂ ଭବ୍ୟଂ ଭବଚ ସତ୍ । ୨୪ ।

ଧାରଣା ସିଦ୍ଧ ହେଲେ ଯୋଗିଗଣ ଭକ୍ତିଯୋଗରେ ଅବଲମ୍ବେ ସିଦ୍ଧିଲାଭ କରନ୍ତି, ଏବଂ ସେହି ସୁଖମୟ ବିଷୟ ଅନୁଭବ କରି ପ୍ରୀତ ହୁଅନ୍ତି । ୨୧ ।

ରାଜା ପରୀକ୍ଷିତ କହିଲେ :—

ହେ ବ୍ରହ୍ମନ୍ ! କପରି ଭାବରେ 'ଧାରଣା' କରିବାକୁ ହେବ, କପରି ଭାବରେ ତାହାର ପ୍ରତିଷ୍ଠା ଲାଭ ହୁଏ; କପରି ଭାବରେ ଅନୁଷ୍ଠାନ କଲେ ମନରୁ ମଳ ବିଦୂରିତ ହୁଏ ତାହା କହନ୍ତୁ । ୨୨ ।

ଶୁକ କହିଲେ :—

ହେ ରାଜନ୍ ! ଆସନ ଓ ପ୍ରାଣାୟାମ ଦ୍ୱାରା ବିଷୟାସକ୍ତିରୁ ବିରତ ହୋଇ ଇନ୍ଦ୍ରିୟ ଜୟ କରିବ, ବୁଦ୍ଧି ସାହାଯ୍ୟରେ ମନକୁ ଭଗବାନଙ୍କ ସ୍ଥୂଳରୂପରେ ସ୍ଥାପନ କରିବ । ୨୩ ।

ତାହାଙ୍କର ଶରୀର ସ୍ଥୂଳରୁ ସ୍ଥୂଳତର, ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ସମସ୍ତ, ତାଙ୍କ ଶରୀରରେ ବିଦ୍ୟମାନ । ୨୪ ।

ଏଣୁ ଧାରଣା ଆଚ୍ଛେ କରି
ମନର ମଳ ଅପହରି
ଏମନ୍ତ ଯୋଗର ଧାରଣ
ଯୋଗିଙ୍କ ଭକତ ଲକ୍ଷଣ
ଯେ ଭକ୍ତି ଧାରଣାର ବଳେ
ଯୋଗ ପ୍ରାପତଅଳ୍ପକାଳେ ।୨୦,୨୧
ଏମନ୍ତ ଶୁକମୁଖୁ ଶୁଣି
ପରୀକ୍ଷ ବୋଲେ ମନେ ଗୁଣି ।

ରାଜୋବାଚ—

ଧାରଣା ଯୋଗେ ଚିତ୍ତ ଧରି
ଯେମନ୍ତ ତରେ ବ୍ରହ୍ମସ୍ୱରି

ଯେମନ୍ତ ଧାରଣା କଣ୍ଟକ
ବେଗେ ହରଇ ମନୁଁ ମଳ
ଏ ଯୋଗଧାରଣା ସ୍ୱଭାବ
ଯେ ଶାସ୍ତ୍ରମାର୍ଗେ ଅନୁଭବ
ଗୁରୁବଚନେ କିବା ଜାଣି
ଯୋଗଧାରଣା ପରମାଣି
ଯେଖେ ଅଭ୍ୟାସ ପ୍ରାଣୀ କରେ
ଯେମନ୍ତେ ମନୁଁ ମଳ ହରେ
ତା ବିଧି ବିଧାନ ଯୁଗତେ
ସଂକ୍ଷେପି କହ ମୋ ଅଗ୍ରତେ ।୨୨।
ଏମନ୍ତେ ରାଜାଙ୍କ ବଚନେ
ସେ ଶୁକ କହନ୍ତି ପ୍ରସନ୍ନେ ।

ଶ୍ରୀ ଶୁକଉବାଚ—

ଜିତ ଆସନ ଜିତ ପ୍ରାଣ
ଜିତ ବିଷୟ ଇନ୍ଦ୍ରିଗଣ
ସ୍ଥୂଳ ଶରୀରେ ବୁଦ୍ଧିବଳେ
ମନକୁ ସ୍ଥାପିବ କଣ୍ଟଳେ । ୨୩ ।
ବିଶେଷେ ଗୋବିନ୍ଦ ଶରୀର
ଅତ୍ୟନ୍ତ ସ୍ଥୂଳୁଁ ସ୍ଥୂଳତର
ଯହିଁ ସଂସାର ପରମାଣ
ଭୂତ ଭବିଷ୍ୟ ବର୍ତ୍ତମାନ । ୨୪ ।

Digitized by srujanika@gmail.com

ଅଣ୍ଡକୋଷେ ଶରୀରେଽସ୍ମିନ୍ ସପ୍ତାବରଣସଂଯୁତେ ।
ବୈରାଜଃ ପୁରୁଷୋ ଯୋଽସୌ ଭଗବାନ୍ଧାରଣାଶ୍ରୟଃ । ୨୫ ।
ପାତାଳମେତସ୍ୟ ହି ପାଦମୂଳଂ ପଠନ୍ତି ପାର୍ଷ୍ଣିପ୍ରପଦେ ରସାତଳଂ ।
ମହାତଳଂ ବିଶ୍ୱସୃଜୋଽଥ ଗୁଲ୍ଫୌ ତଳାତଳଂ ବୈ ପୁରୁଷସ୍ୟ ଜଙ୍ଘେ ।୨୬।
ଦ୍ୱେ ଜାନୁନୀ ସୁତଳଂ ବିଶ୍ୱମୂର୍ତ୍ତେରୂରୁଦ୍ୱୟଂ ବିତଳଂ ଚାତଳଂ ଚ ।
ମହୀତଳଂ ତଜ୍ଜଘନଂ ମହୀପତେ ନଭସ୍ତଳଂ ନାଭିସରୋ ଗୃଣନ୍ତି । ୨୭ ।
ଉରଃସ୍ଥଳଂ ଜ୍ୟୋତିରନୀକମସ୍ୟ ଗ୍ରୀବା ମହର୍ବଦନଂ ବୈ ଜନୋଽସ୍ୟ ।
ତପୋ ରରାଟୀଂ ବିଦୁରାଦିପୁଂସଃ ସତ୍ୟଂ ତୁ ଶୀର୍ଷାଣି ସହସ୍ରଶୀର୍ଷ୍ଣଃ । ୨୮ ।
ଇନ୍ଦ୍ରାଦୟୋ ବାହବ ଆହୁରୁସ୍ରାଃ କର୍ଣ୍ଣୌ ଦିଶଃ ଶ୍ରୋତ୍ରମମୁଷ୍ୟ ଶବ୍ଦଃ ।
ନାସତ୍ୟଦସ୍ରୌ ପରମସ୍ୟ ନାସେ ଘ୍ରାଣୋଽସ୍ୟ ଗନ୍ଧୋ ମୁଖମଗ୍ନିରିଦ୍ଧଃ ।୨୯।

ଏହି ବିରାଟ ଶରୀର ମଧ୍ୟରେ ସପ୍ତାବରଣ ଦ୍ୱାରା ଆବୃତ ହୋଇ ଭଗବାନ୍ ଅବସ୍ଥାନ କରନ୍ତି, ସେହି ବିରାଟ ପୁରୁଷରେ ଧାରଣା ଆଶ୍ରିତ କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ, ଅହଙ୍କାର, ଓ ମହତ୍ତତ୍ତ୍ୱକୁ ସପ୍ତାବରଣ କୁହାଯାଏ । ୨୫ ।

ସେହି ବିରାଟ ପୁରୁଷଙ୍କର ରୂପବର୍ଣ୍ଣନା—ତାଙ୍କର ପାଦମୂଳ ପାତାଳ, ଚରଣାଗ୍ର ଓ ପଶ୍ଚାତ୍ ଭାଗ ରସାତଳ, ଗୁଲ୍ଫଦେଶ ମହାତଳ, ଜଙ୍ଘଦ୍ୱୟ ତଳାତଳ । ୨୬ ।

ତାହାଙ୍କର ଜାନୁଦ୍ୱୟ ସୁତଳ, ଉରୁଦ୍ୱୟ ବିତଳ, ଜଘନଦେଶ ମହୀତଳ, ଓ ନାଭିସରୋବର ନଭସ୍ଥଳ ସ୍ୱରୂପ । ୨୭ ।

ତାହାଙ୍କର ବକ୍ଷସ୍ଥଳ ସ୍ୱର୍ଲୋକ, ଗ୍ରୀବା ମହର୍ଲୋକ, ବଦନ ମଣ୍ଡଳ ଜନଲୋକ, ଲଲାଟ ତପୋଲୋକ, ଏବଂ ସହସ୍ରଶିର ସତ୍ୟଲୋକର ଅବସ୍ଥାନ ସ୍ଥଳ । ୨୮ ।

ଇନ୍ଦ୍ରାଦି ଦେବଗଣ ତାହାଙ୍କର ବାହୁ, ଅଷ୍ଟଦିଗ ତାହାଙ୍କର କର୍ଣ୍ଣ, ଶବ୍ଦ ତାହାଙ୍କର ଶ୍ରବଣେନ୍ଦ୍ରିୟ, ଅଶ୍ୱିନୀକୁମାର ଦ୍ୱୟ ତାହାଙ୍କର ନାସାଦ୍ୱୟ, ଗନ୍ଧ ତାହାଙ୍କର ଘ୍ରାଣେନ୍ଦ୍ରିୟ, ପ୍ରଜ୍ୱଳିତାଗ୍ନି ତାହାଙ୍କର ମୁଖ,

---

ବ୍ରହ୍ମାଣ୍ଡ ବସେ ଯାର ଦେହ
ସପ୍ତାବରଣେ ଯୁକ୍ତ ହୋଇ
ବିରାଜ ପୁରୁଷ ଏ ମଧ୍ୟେ
ବସେ ଧାରଣା ଅନୁବାଦେ ।୨୫।
ବ୍ରହ୍ମାଣ୍ଡ ଚତୁର୍ଦ୍ଦଶ ପୁର
ପ୍ରମାଣ ଯାହାର ଶରୀର
ଶୁଣ କହିବା ଅଧ ଊର୍ଦ୍ଧ୍ୱେ
ବିରାଟରୂପ ଅଙ୍ଗମଧ୍ୟେ
ପାତାଳ ବସେ ପାଦତଳ
ତା ପାଦଅଗ୍ର ରସାତଳ

ଚରଣ ଗୁଲ୍ଫ ମହାତଳ
ଜଙ୍ଘଯୁଗଳ ତଳାତଳ । ୨୬ ।
ସୁତଳ ବସେ ଜାନୁଯୁଗେ
ବିତଳାତଳ ଊରୁଭାଗେ
ଜଘନଦେଶ ମହୀତଳ
ନାଭିବିବର ନଭସ୍ଥଳ । ୨୭ ।
ସ୍ୱର୍ଲୋକ ହୃଦୟରେ ବସେ
ଜ୍ୟୋତି ସମୂହ ପରକାଶେ
କଣ୍ଠ ଆଶ୍ରିତ ମହର୍ଲୋକ
ବଦନେ ବସେ ଜନଲୋକ

ଲଲାଟେ ତପଲୋକ ବସେ
ସତ୍ୟ କଳ୍ପିତ ଶିରଦେଶେ ।୨୮।
ବାସବ ଆଦି ଦିଗପାଳେ
ଯା ଅଷ୍ଟଭୁଜ ସୁବିଶାଳେ
କର୍ଣ୍ଣ ଯାହାର ଅଷ୍ଟଦିଶା
ଅଶ୍ୱିନୀ କୁମାରେ ଯା ନାସା
ଜ୍ୱଳନ୍ତା ଅଗ୍ନି ଯା ବଦନ
ନୟନ ଗୋଳକ ଗଗନ
ତପନ ଯାର ଚକ୍ଷୁ ବେଳ
ଉଦୟ ଅସ୍ତ ପକ୍ଷ୍ମ ଖେଳ

Digitized by srujanika@gmail.com

ଦେଵ୍ୟୀରକ୍ଷିଣୀ ଚକ୍ଷୁରଭୂତ୍ ପତଙ୍ଗଃ ପକ୍ଷ୍ମାଣିବିଷ୍ଣୋରହନୀ ଉଭେ ଚ ।
ତଦ୍‌ଭ୍ରୂବିଜୃମ୍ଭଃ ପରମେଷ୍ଠିଧିଷ୍ଣ୍ୟମାପୋଽସ୍ୟ ତାଲୂରସ ଏବ ଜିହ୍ୱା । ୩୦ ।
ଛନ୍ଦାଂସ୍ୟନନ୍ତସ୍ୟ ଶିରୋ ଗୃଣନ୍ତି ଦଂଷ୍ଟ୍ରାଯମଃ ସ୍ନେହକଳା ଦ୍ୱିଜାନ ।
ହାସୋ ଜନୋନ୍ମାଦ-କରୀ ଚ ମାୟା ଦୁରନ୍ତସର୍ଗୋଯଦପାଙ୍ଗମୋକ୍ଷଃ । ୩୧ ।
ବ୍ରୀଡ଼ୋତ୍ତରୋଷ୍ଠୋଽଧର ଏବ ଲୋଭୋ ଧର୍ମଃ ସ୍ତନୋଽଧର୍ମପଥୋଽସ୍ୟ ପୃଷ୍ଠମ୍ ।
କସ୍ତସ୍ୟ ମେଢ୍ରଂ ବୃଷଣୌଚ ମିତ୍ରୌ କୁକ୍ଷିଃ ସମୁଦ୍ରା ଗିରୟୋଽସ୍ଥିସଂଘା । ୩୨।
ନଦ୍ୟୋଽସ୍ୟନାଡ୍ୟୋଽଥ ତନୂରୁହାଣି ମହୀରୁହା ବିଶ୍ୱତନୋର୍ନୃପେନ୍ଦ୍ର ।
ଅନନ୍ତବୀର୍ଯ୍ୟଃଶ୍ୱସିତଂ ମାତରିଶ୍ୱା ଗତିର୍ବୟଃ କର୍ମଗୁଣପ୍ରବାହଃ । ୩୩ ।
ଈଶସ୍ୟ କେଶାନ୍ ବିଦୁରମ୍ବୁବାହାନ୍ ବାସସ୍ତୁସନ୍ଧ୍ୟାଂକୁରୁବର୍ଯ୍ୟ ଭୂମ୍ନଃ ।
ଅବ୍ୟକ୍ତମାହୁ ହୃଦୟଂ ମନଶ୍ଚ ସ ଚନ୍ଦ୍ରମା ସର୍ବବିକାରକୋଷଃ । ୩୪ ।

ଅନ୍ତରୀକ୍ଷ ତାହାଙ୍କର ଚକ୍ଷୁଡୋଳା, ସୂର୍ଯ୍ୟ ତାହାଙ୍କର ଚକ୍ଷୁର ଦର୍ଶନ ଶକ୍ତି, ରାତ୍ରି ଦିବସ ତାହାଙ୍କର ପକ୍ଷ୍ମଦ୍ୱୟ । ବ୍ରହ୍ମପଦ ତାହାଙ୍କର ଭ୍ରୂଭଙ୍ଗୀ, ଜଳ ତାହାଙ୍କର ତାଳୁଦେଶ, ରସ ତାଙ୍କର ରସନା ।୨୯-୩୦ ।

ବେଦ ତାହାଙ୍କର ବ୍ରହ୍ମରନ୍ଧ୍ର, ତାହାଙ୍କର ବିକଟ ତୁଣ୍ଡ ଯମ, ତାଙ୍କର ଦନ୍ତପଂକ୍ତି ସ୍ନେହ କଳା, ଜନୋନ୍ମାଦକାରି ମାୟା ତାଙ୍କର ହାସ୍ୟ, ତାଙ୍କର ଅପାର ଦୃଷ୍ଟି କଟାକ୍ଷ ଏହି ସଂସାର । ୩୧ ।

ତାଙ୍କର ଓଷ୍ଠରେ ଲଜ୍ଜା ଅବସ୍ଥାନ କରେ, ଅଧରରେ ଲୋଭ, ସ୍ତନଦ୍ୱୟରେ ଧର୍ମ, ପୃଷ୍ଠଦେଶରେ ଅଧର୍ମପଥ, ପ୍ରଜାପତି ତାଙ୍କର ମେଢ୍ରଦେଶରେ, ସୂର୍ଯ୍ୟ ଓ ବରୁଣ ତାଙ୍କର କୋଷରେ, ସାଗର ତାଙ୍କର କୁକ୍ଷିଦେଶରେ ଅବସ୍ଥିତ, ତାଙ୍କର ଅସ୍ଥିମାଳା ଗିରି ସମୂହ ସ୍ୱରୂପ । ୩୨ ।

ହେ ନୃପେନ୍ଦ୍ର ! ନଦୀସମୂହ ସେହି ବିରାଟ ପୁରୁଷର ଶିରା ପ୍ରଶିରା, ଔଷଧି ବୃକ୍ଷଶ୍ରେଣୀ ତାଙ୍କର ରୋମରାଜି, ଅନନ୍ତ ଶକ୍ତିଶାଳୀ ବାୟୁ ତାଙ୍କର ଗତି, ଜୀବ ଜଗତ ତାଙ୍କର କ୍ରୀଡ଼ା । ୩୩ ।

ମେଘମାଳା ତାଙ୍କର କେଶ, ସନ୍ଧ୍ୟା ତାଙ୍କର ବସ୍ତ୍ରାବରଣ, ପ୍ରକୃତି ତାଙ୍କର ହୃଦୟ, ପ୍ରସିଦ୍ଧ ଚନ୍ଦ୍ରମା ତାଙ୍କର ମନଃ, ସେହି ମନହିଁ ସମଗ୍ର ବିକାରର ଆଶ୍ରୟ ସ୍ଥଳ । ୩୪ ।

ଯାର ଭ୍ରୂଭଙ୍ଗି ବ୍ରହ୍ମପଦ
ସଲିଳ ତାଳୁ, ରସ ଜିହ୍ୱା ।୨୯,୩୦
ସକଳ ବେଦ ବ୍ରହ୍ମପଦ
ବିକଟ ତୁଣ୍ଡ ଯମପଦ
ଯାହାର ତୁଣ୍ଡେ ସ୍ନେହକଳା
ଅଧ ଊର୍ଦ୍ଧ୍ୱରେ ଦନ୍ତମାଳା
ଜନ ଉନ୍ମାଦ ଯାର ହାସ
ଯେ ବିଷ୍ଣୁ ମାୟାର ପ୍ରକାଶ
ସଂସାର ଯାହାର କଟାକ୍ଷ
ଏ ଜୀବ ଲଭେ ଯା ପ୍ରତ୍ୟକ୍ଷ ।୩୧।

ଉପର ଓଷ୍ଠେ ଲଜ୍ଜା ବସେ
ଲୋଭ ବସଇ ଅଧଦେଶେ
ଧର୍ମ ବସଇ ସ୍ତନଯୁଗେ
ଅଧର୍ମ ବସେ ପୃଷ୍ଠଭାଗେ
ଅଣ୍ଡେ ବସଇ ପ୍ରଜାପତି
ମିତ୍ରାବରୁଣ କୋଷେ ସ୍ଥିତି
ଉଦଧି ଯାହାର ଉଦର
ଅସ୍ଥି ସମୂହ ମହୀଧର । ୩୨ ।
ଶିରାସମୂହ ନଦୀଗଣ
ବୃକ୍ଷ ଔଷଧି ତନୁରୋମ

ଅନନ୍ତବୀର୍ଯ୍ୟ ଯହିଁ ବସେ
ଶ୍ୱାସ ପବନ ଅଣଓଁଶେ
ଯାହାର ଗତି ଜାଣ କାଳ
ଜୀବ ସଂସାର ଯାର ଖେଳ ।୩୩।
ଜୀମୂତଗଣ ଯାର କେଶ
ସନ୍ଧ୍ୟା ଯାହାର ନିଜବାସ
ପ୍ରକୃତି ହୃଦୟ ଯାହାର
ଯାହାର ମନ ନିଶାକର । ୩୪ ।

Digitized by srujanika@gmail.com

ବିଜ୍ଞାନଶକ୍ତିଂ ମହିମାମନନ୍ତି ସର୍ବାତ୍ମନୋଽନ୍ତଃ କରଣଂ ଗିରିତ୍ରଂ ।
ଅଶ୍ୱାଶ୍ୱତର୍ଯୁଷ୍ଟ୍ରଗଜା ନଖାନି ସର୍ବେ ମୃଗାଃ ପଶବଃ ଶ୍ରୋଣିଦେଶେ । ୩୫ ।
ବୟାଂସି ତଦ୍ବ୍ୟାକରଣଂ ବିଚିତ୍ରଂ ମନୁର୍ମନୀଷା ମନୁଜୋ ନିବାସଃ ।
ଗନ୍ଧର୍ବବିଦ୍ୟାଧରଚାରଣାପ୍ସରଃସ୍ୱରସ୍ମୃତୀରସୁରାନୀକବୀର୍ଯ୍ୟଃ । ୩୬ ।
ବ୍ରହ୍ମାନନଂ କ୍ଷେତ୍ରଭୁଜୋ ମହାତ୍ମା ବିଡୂରୁରଙ୍ଘ୍ରି ଶ୍ରିତକୃଷ୍ଣବର୍ଣ୍ଣଃ ।
ନାନାଭିଧାଭୀଜ୍ୟଗଣୋପପନ୍ନୋ ଦ୍ରବ୍ୟାତ୍ମକଃ କର୍ମବିତାନଯୋଗଃ । ୩୭ ।
ଇୟାନସାବୀଶ୍ୱରବିଗ୍ରହସ୍ୟ ଯଃ ସନ୍ନିବେଶଃ କଥିତୋ ମୟା ତେ ।
ସଂଧାର୍ଯ୍ୟତେଽସ୍ମିନ୍ ବପୁଷି ସ୍ଥବିଷ୍ଠେ ମନଃ ସ୍ୱବୁଦ୍ଧ୍ୟା ନ ଯତୋଽସ୍ତି କିଞ୍ଚିତ୍ ।୩୮।

ବିଜ୍ଞାନ ଶକ୍ତି ତାଙ୍କର ମହିମା ସ୍ୱରୂପ, ରୁଦ୍ର ତାଙ୍କର ଅନ୍ତଃକରଣ ବା ଅହଂଭାବ, ଅଶ୍ୱ, ଅଶ୍ୱତର, ଉଷ୍ଟ୍ର, ହସ୍ତୀ, ତାହାଙ୍କ ନଖ ସ୍ୱରୂପ, ଏବଂ ମୃଗାଦି ପଶୁଗଣ ତାଙ୍କର କଟିଦେଶ । ୩୫ ।

ପକ୍ଷୀ ଜଗତ ତାଙ୍କର ବିଚିତ୍ର ବ୍ୟାକରଣ ବା କଳା ନୈପୁଣ୍ୟ, ସ୍ୱାୟମ୍ଭୁବମନୁ ତାଙ୍କର ବୁଦ୍ଧି, ପୁରୁଷ ତାଙ୍କର ବୀର୍ଯ୍ୟ ସ୍ୱରୂପ । ୩୬ ।

ବ୍ରାହ୍ମଣ ତାଙ୍କର ମୁଖମଣ୍ଡଳ, କ୍ଷତ୍ରିୟ ତାଙ୍କର ବାହୁଯୁଗଳ, ବୈଶ୍ୟ ତାଙ୍କର ଉରୁଦେଶ, କୃଷ୍ଣବର୍ଣ୍ଣ ଶୂଦ୍ର ତାଙ୍କର ପାଦ, ସେ ବସୁ, ରୁଦ୍ର ପ୍ରଭୃତି ନାମଧାରୀ ଦେବଗଣଙ୍କ ଦ୍ୱାରା ବେଷ୍ଟିତ, ଯଜ୍ଞାଦି କର୍ମ ତାଙ୍କର ଅଭିପ୍ରେତ କର୍ମ । ୩୭ ।

ହେ ରାଜନ୍ ! ତୁମ୍ଭ ନିକଟରେ ସେହି ବିରାଟ ପୁରୁଷଙ୍କର ଅବୟବ ବର୍ଣ୍ଣନା କଲି, ତାହାଙ୍କ ବ୍ୟତୀତ ସଂସାରରେ ସମସ୍ତ ମିଥ୍ୟା ଏହି ସ୍ଥୂଳଶରୀରରେ ମନକୁ ନିଶ୍ଚଳ କରି ସେହି ପରମ ପୁରୁଷଙ୍କୁ ଧ୍ୟାନକର ।୩୮।

ବିଜ୍ଞାନ ଶକ୍ତି ଯା ମହିମା
ଅନ୍ତଃକରଣ ରୁଦ୍ରସୀମା
କରଭ ଅଶ୍ୱ ଅଶ୍ୱତର
ନଖସମୂହ କରିବର
ଯେ ପଶୁ ମୃଗାଦି ବିଶେଷେ
ସର୍ବ କଳ୍ପିତ ଶ୍ରୋଣିଦେଶେ ।୩୫।
ପକ୍ଷିଏ ଯାର ବ୍ୟାକରଣ
ବୁଦ୍ଧି ବିଶେଷ ମନୁଗଣ
ଯାର ନିବାସ ନରଦେହ
ଯହିଁ କଳ୍ପିତ ମାୟା ମୋହ

ଗନ୍ଧର୍ବ ବିଦ୍ୟାଧର ଆଦି
ଚାରଣ ଗଣିକା ପ୍ରସିଦ୍ଧି
କିନ୍ନର ଗଣ ଯାର ସ୍ୱର
ବୀର୍ଯ୍ୟରେ କଳ୍ପିତ ଅସୁର ।୩୬।
ବ୍ରାହ୍ମଣ ଯାର ମୁଖୁ ଜାତ
କ୍ଷତ୍ରିୟ ଭୁଜରୁ ସମ୍ଭୂତ
ଉରୁରୁ ବୈଶ୍ୟ ଉତପତ
ପାଦରୁ ଜାତ ଶୂଦ୍ରଜାତ
ନାନା ପ୍ରକାରେ ନାମ ବହି
ଅଗ୍ନ୍ୟାଦି ଦେବେ ଯାର ଦେହି

ନିଗମ କର୍ମକାଣ୍ଡ ଯେତେ
ଯାହାର କର୍ମ ଏ ଯୁକତେ ।୩୭।
ଏମନ୍ତ ଈଶ୍ୱରର ଦେହେ
ବିସେ ଅସତ୍ୟ ସତ୍ୟ ପ୍ରାୟେ
ଏମନ୍ତ ସ୍ଥୂଳ ଏ ଶରୀରେ
ଧାରଣା ଯୋଗେ ନିର୍ବିକାରେ
ମନ ଧରିବୁ ଯୋଗବଳେ
ବିଷ୍ଣୁର ଚରଣ କମଳେ
ସର୍ବସ୍ୱରୂପ ଭଗବାନ
ତାତହୁଁ କେବା ଅଛି ଆନ ।୩୮।

Digitized by srujanika@gmail.com

ସ ସର୍ବଧୀବୃତ୍ତ୍ୟନୁଭୂତ ସର୍ବ ଆତ୍ମା ଯଥା ସ୍ୱପ୍ନଜନେକ୍ଷିତୈକଃ ।
ତଂ ସତ୍ୟମାନନ୍ଦନିଧିଂ ଭଜେତ ନାନ୍ୟତ୍ର ସଜ୍ଜେଦ୍ ଯତ ଆତ୍ମପାତଃ । ୩୯ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦ୍ୱିତୀୟସ୍କନ୍ଧେ
ମହାପୁରୁଷସଂସ୍ଥାନବର୍ଣ୍ଣନଂ ନାମ ପ୍ରଥମୋଽଧ୍ୟାୟଃ । ୧ ।

ଏ ଜୀବ ଯେପରି ସ୍ୱପ୍ନାବସ୍ଥାରେ ବହୁବିଧ ଦେହ କଳ୍ପନା କରି ସେହି ଦେହରେ ଇନ୍ଦ୍ରିୟ ଦ୍ୱାରା ସମସ୍ତ ଅନୁଭବ କରେ, ସେହିପରି ସର୍ବାତ୍ମା ବିରାଟ ପୁରୁଷ, ସମସ୍ତଙ୍କ ବୁଦ୍ଧିବୃତ୍ତି ଦ୍ୱାରା ସମସ୍ତ ବିଷୟ ଅନୁଭବ କରନ୍ତି, ସେହି ଆନନ୍ଦମୟ ପରମେଶ୍ୱରଙ୍କୁ ଚିତ୍ତରେ ଧାରଣା କରି ତାଙ୍କର ଉପାସନା କର । ତାଙ୍କ ବ୍ୟତୀତ ଅନ୍ୟ ବିଷୟରେ ଆସକ୍ତି ରଖିଲେ ପୁଣି ସଂସାର ମାୟାରେ ଜଡ଼ିତ ହେବାକୁ ପଡ଼େ ।୩୯।

ସେ ସର୍ବବୁଦ୍ଧି ଅନୁଭବ
ଜୀବ ପରମ ପଦ୍ମନାଭ
ସ୍ୱପ୍ନ ଜାଗର ଯାର ଅନ୍ତ
ସେ କି ଜାଣିବ ତା ବୃତ୍ତାନ୍ତ
ସତ୍ୟ ପରମାନନ୍ଦନିଧି
ତାର ଭଜନ ସର୍ବସିଦ୍ଧି
ଜନ୍ମ ମରଣ ଯାର ତନ୍ତି
କେବା ଗୋଚରେ ତାହା କହନ୍ତି ।୩୯।
ଏମନ୍ତ କହି ଶୁକମୁନି
ହରଷେ ହରିଭାବ ଘେନି
ସାନନ୍ଦେ ପରୀକ୍ଷିତ ମେଳେ
ଯାହା କହିଲେ ଗଙ୍ଗାକୂଳେ
ଦ୍ୱିତୀୟସ୍କନ୍ଧେ ଭାଗବତ
କହିଲା ବିପ୍ର ଜଗନ୍ନାଥ
ଅମୃତ ବାଣୀ ରସମୟେ
ପିଅ ଜୀବନ ଅନ୍ତଯାଏ ।୪୦।

ବିଷୟାର୍ଥ :—ଶ୍ରୀଶୁକଦେବ ଉପବେଶନ କଲାପରେ ରାଜର୍ଷି ପରୀକ୍ଷିତ ତାହାଙ୍କୁ ପ୍ରଶ୍ନକଲେ 'ହେ ବ୍ରହ୍ମନ୍ ! ଆସନ୍ନ ମୃତ୍ୟୁ ମାନବର କର୍ତ୍ତବ୍ୟ କଣ ? ' ପରୀକ୍ଷିତଙ୍କର ପିତାମହ ଅର୍ଜୁନ କୁରୁକ୍ଷେତ୍ର ସମର ପ୍ରାଙ୍ଗଣରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଏହି ପ୍ରଶ୍ନ କରିଥିଲେ, ମାତ୍ର ପାର୍ଥକ୍ୟ ମଧ୍ୟରେ ଏତିକି ଯେ ଅର୍ଜୁନ ସମର କ୍ଷେତ୍ରରେ ନିଜର ଆତ୍ମୀୟ ସ୍ୱଜନ, ବନ୍ଧୁ, ଗୁରୁ ଇତ୍ୟାଦିଙ୍କୁ ସମର କ୍ଷେତ୍ରରେ ପ୍ରାଣତ୍ୟାଗ କରିବାକୁ ପ୍ରସ୍ତୁତ ଥିବାର ଦେଖି ଭାବିଥିଲେ—"ସମସ୍ତେ ଯୁଦ୍ଧରେ ପ୍ରାଣତ୍ୟାଗ କରିବେ, ମୁଁ ବା ପାଣ୍ଡବମାନେ କଣ ଶୂନ୍ୟ ରାଜ୍ୟ ଭୋଗ କରିବୁ" ? ମାତ୍ର ରାଜା ପରୀକ୍ଷିତ ଜୀବନ ସଂଗ୍ରାମର ଚରମଭାଗରେ ଉପସ୍ଥିତ ହୋଇ ଏ ପ୍ରଶ୍ନ କରିଥିଲେ । 'ଆସନ୍ନ ମୃତ୍ୟୁ ଜୀବ'—ଏକଥା କହିଲାବେଳେ ଭାବିବାକୁ ହୁଏ, ମାନବ କଣ ମୃତ୍ୟୁର ଛାୟା ସମ୍ମୁଖରେ ଦେଖିଲେ ଏପରି ଚିନ୍ତା କରିବ ? ମନୁଷ୍ୟ କଣ ରୋଗ ବା ଜରାଗ୍ରସ୍ତ ହୋଇ ଜୀବନ ଗୁଡ଼ାଇଲା ବେଳକୁ ଏ କଥା ଭାବିବ ? ନା, ମନୁଷ୍ୟ ସଙ୍ଗେ ସଙ୍ଗେ ମୃତ୍ୟୁ ରହିଅଛି, ମନୁଷ୍ୟ ଜୀବନଧାରଣ କରି ମାତୃ ଗର୍ଭରୁ ଭୂମିଷ୍ଠ ହେବା ମାତ୍ରେ ମୃତ୍ୟୁ ତାହାର ସହଚର ହୋଇ ଜନ୍ମ ହୋଇଅଛି ।

କବିଙ୍କ ଭାଷାରେ :—

"ବଡ଼ ନିଷ୍ଠୁର କାଳ ବଡ଼ ଅବିଶ୍ୱାସୀ
ହାବୋଡ଼ ଯିବ ସେ ଆଚମ୍ବିତେ ଆସି,
ଦୂରବର୍ତ୍ତୀ ଜାଣି କାଳକୁ ଯେ ହସେ
ହସି ଆସି ଲୁଚି ତା ପଛେ ସେ ବସେ ।" (ରାଧାନାଥ)

Digitized by srujanika@gmail.com

ସୁତରାଂ ମନୁଷ୍ୟର ପରଜଗତର ସମ୍ବଳପାଇଁ ନିରନ୍ତର ଚିନ୍ତା କରିବା ଉଚିତ । କେହି କହୁ ନାହିଁ ମନୁଷ୍ୟ ସର୍ବଦା ମୃତ୍ୟୁର ଚିନ୍ତାରେ ବସି ନିଷ୍କର୍ମା ହୋଇ କାଳଯାପନ କରିବ, ମାତ୍ର ମନୁଷ୍ୟର ପରପାରର ସମ୍ବଳ ସେହି ହରିନାମ ଶ୍ରବଣ, କୀର୍ତ୍ତନ, ଓ ସ୍ମରଣକୁ ଏକାବେଳେ ଭୁଲିଯାଇ ପଛକୁ ପକାଇଦେବା ଉଚିତ ନୁହେ । ମନୁଷ୍ୟ ଇହ ଜଗତର ବିବିଧକର୍ମସାଧନ ମଧ୍ୟରେ ପରଜଗତର ସମ୍ବଳହରି କଥା ଭାବିବା ଉଚିତ ।

ଶ୍ରୀ ଶୁକଦେବ ରାଜର୍ଷି ପରୀକ୍ଷିତଙ୍କର ପ୍ରଶ୍ନ ଶ୍ରବଣ କରି କହିଲେ "ଆପଣଙ୍କର ଏ ପ୍ରଶ୍ନ ଅତି ଗରିଷ୍ଠ ମୃତ୍ୟୁର କରାଳ ଛାୟା ନ ଦେଖିଲେ ବିଷୟାସକ୍ତ ମାନବ ସହଜରେ ଏ ପ୍ରଶ୍ନ କରେ ନାହିଁ ବା ଜଗନ୍ନାଥଙ୍କ ଶ୍ରୀଚରଣ କମଳ ଭାବେ ନାହିଁ । ତୁମ୍ଭର ଏହି ପ୍ରଶ୍ନ ଓ ତହିଁର ଉତ୍ତରରେ କେବଳ ଯେ ତୁମ୍ଭର ହିତହେବ ତାହା ନୁହେଁ, ସମଗ୍ର ମାନବ ଜାତିର ଦେଶକାଳପାତ୍ର ନିର୍ବିଶେଷରେ ହିତ ସାଧିତ ହେବ । ବିଷୟାସକ୍ତ ମାନବ ସର୍ବଦା ଗୃହାନ୍ଧକୂପରେ ପଡ଼ି ଈଶ୍ବର ପ୍ରସଙ୍ଗ ଭୁଲିଯାଏ । ଗୃହ, ସ୍ତ୍ରୀ, ପୁତ୍ର, ପରିଜନ, ଧନ, ଜନ, ଭୋଗ, ବିଳାସରେ ମଜ୍ଜି ମନୁଷ୍ୟ ହରିକଥା ପ୍ରସଙ୍ଗ ଭୁଲିଯାଏ, ଆତ୍ମହିତ କାମୀ ବ୍ୟକ୍ତି ମାତ୍ରକେ ଶ୍ରୀ ଗୋବିନ୍ଦଙ୍କର ନାମ, ରୂପ, ଲୀଳାଦି ପ୍ରସଙ୍ଗ ଶ୍ରବଣ, କୀର୍ତ୍ତନ, ଓ ସ୍ମରଣ କରିବା ନିଜର କର୍ତ୍ତବ୍ୟବୋଲି ମନେ କରେ । କର୍ମ, ଯୋଗ, ଜ୍ଞାନ—ବିଭିନ୍ନ ସାଧନାର ଚରମ ଲକ୍ଷ୍ୟ ସେହି ଭଗବତ୍ ଚରଣପ୍ରାପ୍ତି, ଏହି ପ୍ରସଙ୍ଗରେ ଶ୍ରୀ ଶୁକଦେବ ହରିନାମ ସ୍ମରଣ, ଶ୍ରବଣ ଓ କୀର୍ତ୍ତନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଅଛନ୍ତି, ଯାଗ ଯଜ୍ଞାଦିରେ ବ୍ୟତିକ୍ରମ ଘଟିଲେ ପତନାଶଙ୍କା ଅଛି, ମାତ୍ର ଭଗବାନଙ୍କ ନାମ କୀର୍ତ୍ତନାଦିରେ ସେ ଆଶଙ୍କା ନାହିଁ । ଶ୍ରୀ ଶୁକଦେବ କହିଲେ "ମୁଁ ନିର୍ଗୁଣ ବ୍ରହ୍ମୋପାସକ ହେଲେ ମଧ୍ୟ ଭଗବାନଙ୍କ ସ୍ୱରୂପାନନ୍ଦରେ ମୁଁ ବ୍ରହ୍ମାନନ୍ଦ ଲାଭ କରିଅଛି । ମୁଁ ମୌନବ୍ରତାବଲମ୍ବୀ ଥିଲେ ମଧ୍ୟ ହରିଗୁଣଗାଥା ମୋର ପିତାଙ୍କଠାରୁ ଶ୍ରବଣ କରି ଦିନୁ ବାଚାଳ ହୋଇ ଅଛି । ଆଜି ତୁମ୍ଭେ ମୋତେ ଯେଉଁ ପ୍ରଶ୍ନ କରିଅଛ, ତହିଁର ଉତ୍ତର ଦେବାପାଇଁ ମୁଁ ହରିଗୁଣ କୀର୍ତ୍ତନର ସୁଯୋଗ ଲାଭକରି ନିଜକୁ ଧନ୍ୟ ମଣୁଅଛି ।"

ହରି କୀର୍ତ୍ତନ ପାଇଁ ସମୟ ଅତ୍ୟଳ୍ପ ହେଲେ ମଧ୍ୟ ନିଗୂଢ଼ ନିଶ୍ଚଳାଭକ୍ତି ହେତୁ ମୁହୂର୍ତ୍ତକ ମଧ୍ୟରେ ସୁଦ୍ଧା ଭଗବତ୍ପ୍ରାପ୍ତି ଘଟିପାରେ । ଉଦାହରଣ ସ୍ୱରୂପ ସେ ଖଟ୍ୱାଙ୍ଗ ରାଜାଙ୍କ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ । ଖଟ୍ୱାଙ୍ଗ ରାଜା ଦେବାସୁର ଯୁଦ୍ଧରେ ଦେବତାଙ୍କ ପକ୍ଷରେ ଯୁଦ୍ଧକରି ଜୟୀ ହେଲେ, ଦେବତାମାନେ ବର ପ୍ରଦାନ କରିବାକୁ ଇଚ୍ଛୁକ ହେବାରୁ ସେ ପଚାରିଲେ "ମୋର ପରମାୟୁ କେତେ ବାକି ତାହା ମୋତେ କହନ୍ତୁ, ତେବେ ଯିନା ମୁଁ ବର ପ୍ରାର୍ଥନା କରିବି" । ଦେବତାମାନେ ଉତ୍ତର ଦେଲେ "ଆଉ ମୁହୂର୍ତ୍ତେମାତ୍ର ତୁମ୍ଭର ପରମାୟୁ ବାକିଅଛି ।" ଖଟ୍ୱାଙ୍ଗ ସେହି ମୁହୂର୍ତ୍ତକ ପାଇଁ ହରିଚରଣ ସ୍ମରଣକରି ମୁକ୍ତିଲାଭ କରିଥିଲେ । ହେ ମହାରାଜ ! ତୁମ୍ଭରତ ଆଉ ସାତଦିନ ପରମାୟୁ ଅଛି, ଚିନ୍ତାକଣ ?" ହରିଚରଣ ପ୍ରାପ୍ତିନିମନ୍ତେ ଯେଉଁ ଅଷ୍ଟାଙ୍ଗ-ଯୋଗ ମାର୍ଗ ପ୍ରଦର୍ଶିତ ହୋଇଅଛି ତାହା ମଧ୍ୟ କହିଲେ, ଯଥା—(୧) ଯମ (ଗୃହତ୍ୟାଗାଦି), (୨) ନିୟମ (ପୁଣ୍ୟତୀର୍ଥରେ ସ୍ନାନାଦି), (୩)ଆସନ (ନିର୍ଜନସ୍ଥାନରେ ଉପବେଶନ), (୪)ପ୍ରାଣାୟାମ (ପ୍ରଣବ ଓ ଶ୍ୱାସଜୟ), (୫) ପ୍ରତ୍ୟାହାର (ଇନ୍ଦ୍ରିୟ ନିବୃତ୍ତି) (୬) ଧାରଣା ଓ ଧ୍ୟାନ (ଭଗବାନଙ୍କର ରୂପଚିନ୍ତା) (୭) ସମାଧି (୮) ଭକ୍ତି । ଭକ୍ତି ବିରହିତ ଯୋଗ ବା ସମାଧି ନିଷ୍ଫଳ । ଧ୍ୟାନ ଧାରଣାରେ ଚିତ୍ତ ସ୍ଥିର କରିବା ନିମନ୍ତେ, ଭଗବାନଙ୍କର ବିରାଟରୂପ ଚିନ୍ତା କରିବା ବିହିତ ଜାଣି, ଶ୍ରୀ ଶୁକଦେବ ଭଗବାନଙ୍କର ବିରାଟ ରୂପର ବର୍ଣ୍ଣନା କରିଥିଲେ । ସେହି ବିରାଟରୂପରେ ପାତାଳଠାରୁ ଆରମ୍ଭକରି ପୃଥିବୀ, ଆକାଶ, ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ ଚନ୍ଦ୍ର, ପର୍ବତ ସାଗର, କୀଟ ପତଙ୍ଗ, ବୃକ୍ଷ ଲତା, ମନୁଷ୍ୟ, ପଶୁପକ୍ଷୀ, ଯକ୍ଷ, ଗନ୍ଧର୍ବ, ରାକ୍ଷସ ସମସ୍ତ ସେହି ପୁରୁଷ-ଙ୍କର ଅଙ୍ଗ ପ୍ରତ୍ୟଙ୍ଗ ବୋଲି କଳ୍ପନା କରାଯାଏ, ସାଧକମାନଙ୍କ ଚିତ୍ତ ସ୍ଥିର କରିବା ଲାଗି ଏହି ବିରାଟ ପୁରୁଷର କଳ୍ପନା କରାଯାଇଅଛି ବୋଲି ଶ୍ରୀଧର ସ୍ୱାମୀ କହିଅଛନ୍ତି ।

Digitized by srujanika@gmail.com

ଦ୍ୱି ତୀ ୟ ଅ ଧ୍ୟା ୟ ।

ଦ୍ୱିତୀୟେ ତୁ ତତଃ ସ୍ଥୂଳ-ଧାରଣାତୋ ଜିତଂ ମନଃ ।
ସର୍ବସାକ୍ଷିଣି ସର୍ବେଶେ ବିଷ୍ଣୌ ଧାର୍ଯ୍ୟ ମିତୀର୍ଯ୍ୟତେ । ୦ ।

ଶ୍ରୀ ଶୁକ ଉବାଚ

ଏବଂପୁରା ଧାରଣୟାତ୍ମଯୋନି ର୍ନଷ୍ଟାଂସ୍ମୃତିଂ ପ୍ରତ୍ୟବରୁଧ୍ୟ ତୁଷ୍ଟାତ୍ ।
ତଥା ସସର୍ଜେଦମମୋଘଦୃଷ୍ଟି ର୍ଯଥାପ୍ୟୟାତ୍ ପ୍ରାଗ୍‌ବ୍ୟବସାୟବୁଦ୍ଧିଃ । ୧ ।
ଶାବ୍ଦସ୍ୟହି ବ୍ରାହ୍ମଣ ଏଷ ପନ୍ଥା ଯନ୍ନାମଭିର୍ଧ୍ୟାୟତି ଧୀରପାର୍ଥୈଃ ।
ପରିଭ୍ରମଂସ୍ତତ୍ର ନ ବିନ୍ଦତେଽର୍ଥାନ୍‌ମାୟାମୟେ ବାସନୟା ଶୟାନଃ । ୨ ।

ଯୋଗିଗଣଙ୍କର କ୍ରମୋନ୍ନତି :—

ସ୍ଥୂଳଧାରଣାରେ ମନକୁ ଜିଣି ବିଷ୍ଣୁଙ୍କର ସୂକ୍ଷ୍ମରୂପକୁ କିପରି ଧାରଣା କରିବ, ଏହାହିଁ ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।

ଶୁକ କହିଲେ :—

ହେ ନରଦେବ ! ପୂର୍ବେ ପ୍ରଳୟକାଳରେ ବ୍ରହ୍ମା ପୂର୍ବ ସୃଷ୍ଟିବିଷୟ ବିସ୍ମୃତ ହୋଇ ଯାଇଥିଲେ । ତଦନ୍ତର ବିରାଟପୁରୁଷଙ୍କୁ ଧାରଣା କଲେ, ଶ୍ରୀହରି ପ୍ରସନ୍ନ ହୁଅନ୍ତେ ତାଙ୍କ କୃପାରେ ଲୁପ୍ତ ସ୍ମୃତି ପୁନଶ୍ଚ ଜାଗରୂକ ହେଲା । ତହୁଁ ସେ ସ୍ଥିରବୁଦ୍ଧି ଓ ଅମୋଘଦୃଷ୍ଟି ଲାଭକରି ପୂର୍ବେ ଯେପରି ସୃଷ୍ଟିଥିଲେ, ସେହିପରି ବିଶ୍ୱସୃଷ୍ଟି କରିଥିଲେ । ୧ ।

(ଈଶ୍ୱର ଉପାସନା ଫଳରେ ଯାହାର ବୈରାଗ୍ୟ ଉଦୟ ହୁଏ, ସେହି ଏକା ଏପରି ଧାରଣାର ଅଧିକାରୀ । ତେଣୁ ବୈରାଗ୍ୟର ପ୍ରଶଂସା ଓ କର୍ମଫଳର ନିନ୍ଦା କରାଯାଏ) ଶବ୍ଦ ବ୍ରହ୍ମସ୍ୱରୂପ ବେଦରେ ଯେଉଁ ପଥ ନିର୍ଦ୍ଦେଶ କରାଯାଇଅଛି, ସେଥିରେ କେତେକ ନିରର୍ଥକ ସ୍ୱର୍ଗର ନାମ ଉଲ୍ଲେଖ କରାଯାଇ ଥିବାରୁ ସାଧକ କେବଳ ତାହା ପ୍ରାପ୍ତିର କାମନା ଯୁକ୍ତ ହୁଏ । କିନ୍ତୁ ଜୀବ ଯେପରି ବାସନା ବଳରେ ମାୟାମୟ ବିମାନରେ ଆରୋହଣ କରି କେବଳ ସୁଖସ୍ୱପ୍ନ ଦେଖୁଥାଏ, ମାତ୍ର ଯଥାର୍ଥ ସୁଖଭୋଗ କରିପାରେ ନାହିଁ, ସେହିପରି ମନୁଷ୍ୟ ମାୟାରେ ଜଡ଼ିତ ହୋଇ ପ୍ରକୃତ ସୁଖ ପାଏ ନାହିଁ । ୨ ।

ଶ୍ରୀ ଶୁକଉବାଚ—

କହନ୍ତି ଶୁକ ମହାମୁନି
ଶୁଣ ପରୀକ୍ଷି ନୃପମଣି
ଏ ଯେତେ କହିଲି ମୁଁ ତୋତେ
ଈଶ୍ୱର ଶରୀର ସମେତେ
ଏ ସ୍ଥୂଳଦେହେ ମନ ଧରି
ସୁବୁଦ୍ଧିବଳେ ଯତ୍ନ କରି
ସେ ହରି ଅନ୍ତର ବାହାରେ
ଆନ କେ ଅଛି ଏ ସଂସାରେ
ସେ ସର୍ବବୁଦ୍ଧି ଅନୁଭୂତ
ସ୍ୱପ୍ନ ଜାଗର ମଧ୍ୟେ ସ୍ଥିତ
ସତ୍ୟ ଆନନ୍ଦ ଜଳନିଧି
ଭକ୍ତ ଜନଙ୍କ ସର୍ବ ସିଦ୍ଧି
ଯାହାର ତହୁଁ ଏ ଜଗତ
ଆତ୍ମାର ସଙ୍ଗେ ଉଦେ ଅସ୍ତ ।
ଏହି ପ୍ରକାରେ ପୂର୍ବକାଳେ
ସେ ଆତ୍ମଯୋନି ଏ ଶୟନେ
ଆତ୍ମସ୍ମରଣେ ବୁଦ୍ଧିବଳେ
ସର୍ଜିଲେ ଏ ବିଶ୍ୱମଣ୍ଡଳେ
ଆତ୍ମାକୁ ପାଳି ପୁଣ ହରେ
ବଣିଜ ଯେହ୍ନେ ବଣିଜାରେ ।୧।
ଶବଦବ୍ରହ୍ମର ଏ ପଥ
ଯେ ମାର୍ଗେ ଜୀବ ଆତ ଯାତ
ପଡ଼ି ଭ୍ରମଇ ଅଧ ଉର୍ଦ୍ଧ୍ୱେ
କିଛି ନ ଲଭେ ଲଭିପଦେ
ବାସନା ମାୟାମୟ ଯାନେ
ନ ବୁଝି ନିରତେ ଭ୍ରମଣେ । ୨।

Digitized by srujanika@gmail.com

ଅତଃ କବିର୍ନାମସୁ ଯାବଦର୍ଥଃ ସ୍ୟାଦପ୍ରମତ୍ତୋ ବ୍ୟବସାୟବୁଦ୍ଧିଃ ।
ସିଦ୍ଧେଽନ୍ୟଥାର୍ଥେ ନ ଯତେତ ତତ୍ର ପରିଶ୍ରମଂ ତତ୍ର ସମୀକ୍ଷ୍ୟମାଣଃ । ୩ ।
ସତ୍ୟାଂ କ୍ଷିତୌ କିଂ କଶିପୋଃ ପ୍ରୟାସୈର୍ବାହୌ ସ୍ୱସିଦ୍ଧେ ହ୍ୟୁପବର୍ହଣୈଃ କିଂ ।
ସତ୍ୟଂଜଲୌ କିଂ ପୁରୁଧାଽନ୍ନପାତ୍ର୍ୟା ଦିଗ୍‌ବଲ୍କଲାଦୌ ସତି କିଂ ଦୁକୂଳୈଃ । ୪ ।
ଚୀରାଣି କିଂ ପଥି ନସନ୍ତି ଦିଶନ୍ତି ଭିକ୍ଷାଂ ନୈବାଙ୍ଘ୍ରିପାଃ ପରଭୃତଃ ସରିତୋଽପ୍ୟଶୁଷ୍ୟନ୍ ।
ରୁଦ୍ଧା ଗୁହାଃ କିମଜିତୋଽବତି ନୋପସନ୍ନାନ୍ କସ୍ମାଦ୍‌ଭଜନ୍ତି କବୟୋ ଧନଦୁର୍ମଦାନ୍ଧାନ୍ । ୫ ।

(ସମ୍ପୂର୍ଣ୍ଣ ଭାବରେ କର୍ମଫଳ ତ୍ୟାଗ କରିବା ମଧ୍ୟ ବିଧେୟ ନୁହେଁ, ନିଷ୍କର୍ମୀ ବ୍ୟକ୍ତି ପକ୍ଷରେ ଜୀବନ ଧାରଣ କରିବା ଅସମ୍ଭବ) ନାମମାତ୍ର ସୁଖଭୋଗ୍ୟ ବିଷୟ ପ୍ରତି ଯତ୍ନବାନ୍ ହେବା ଉଚିତ ନୁହେଁ କେବଳ ଦେହ ଧାରଣ ପାଇଁ ଯେତିକି ଆବଶ୍ୟକ, ସେତିକି କରିବା ବିହିତ । ପଣ୍ଡିତମାନେ ଏହା ସୁଖକର ନୁହେଁ ବୋଲି ଜାଣି ଏଥିରେ ଆସକ୍ତ ହୁଅନ୍ତି ନାହିଁ, ଅନ୍ୟଭାବରେ ଦେହ ଧାରଣର ଉଦ୍ଦେଶ୍ୟ ସିଦ୍ଧ ହୋଇ ପାରିଲେ, ସେମାନେ ବିଷୟଭୋଗର ଚେଷ୍ଟା କରନ୍ତି ନାହିଁ । ଯେପରି ବ୍ୟବସାୟୀ ବ୍ୟକ୍ତି ବାଣିଜ୍ୟରେ ଲାଭର ଆଶା ନ ଦେଖି ବ୍ୟବସାୟରେ ପ୍ରବୃତ୍ତ ହୁଏ ନାହିଁ । ୩ ।

ଭୂତଳ ଥାଉଁ ଥାଉଁ ଶଯ୍ୟାରେ ପ୍ରୟୋଜନ କଣ ? ନିଜର ବାହୁ ଥାଉଁ ଥାଉଁ ଉପାଧାନ (ତକିଆ)ର ପ୍ରୟୋଜନ କଣ ? ନିଜର ଅଞ୍ଜଳି ଥାଉଁ ଥାଉଁ ବିବିଧ ଭୋଜନ ପାତ୍ରର ଆବଶ୍ୟକ କଣ ? ଦିଗ ଓ ବଲ୍କଳ ବସନ ଥାଉଁ ଥାଉଁ ବସ୍ତ୍ରର ଆବଶ୍ୟକତା କଣ ? । ୪ ।

ପଥରେ କଣ ବସ୍ତ୍ରଖଣ୍ଡ ପଡ଼ି ନ ଥାଏ ? ବୃକ୍ଷମାନେ କଣ ପରୋପକାର ନିମିତ୍ତ ଫଳ ଧାରଣ କରି ନାହାନ୍ତି ? ସେମାନଙ୍କ ନିକଟରେ ପ୍ରାର୍ଥନା କଲେ ସେମାନେ କଣ ଭିକ୍ଷା ପ୍ରଦାନ କରିବେ ନାହିଁ ? ନଦୀମାନେ କଣ ଶୁଷ୍କ ହୋଇ ଯାଇଛନ୍ତି ? ଗିରି ଗହ୍ୱର କଣ ରୁଦ୍ଧ ହୋଇ ଯାଇଅଛି ? ଭଗବାନ୍ କଣ ଶରଣାଗତ ବ୍ୟକ୍ତିଙ୍କୁ ଆଶ୍ରୟ ଦାନ କରୁ ନାହାନ୍ତି ? ଧନ ମଦରେ ମତ୍ତ ହୋଇଥିବା ଅବିବେକୀମାନଙ୍କୁ ପଣ୍ଡିତମାନେ ଉପାସନା କରୁଛନ୍ତି କାହିଁକି ? । ୫ ।

ତାହାଙ୍କ ମଧ୍ୟେ ଯେ ସୁବୁଦ୍ଧି
ଜାଣେ ବେପାର ସଦବୁଦ୍ଧି
ବିଚାର କରେ ମାପ୍ୟପଥେ
ମୁହିଁ ଭ୍ରମଇ କିସ ଅର୍ଥେ ?
ଶ୍ରମ ଲଭଇ ଅତଯାତେ
ଲଭ ନ ମିଳେ ମୋର ହସ୍ତେ
ଏଣୁ ଏ ପଥଶ୍ରମ ତେଜି
ଯେ ପ୍ରାଣୀ ଆତ୍ମାଲଭ ଖୋଜି
ପ୍ରୟାସ ଦୂରେ ପରିହରେ
ଆତ୍ମାରେ ଆତ୍ମାବୋଧ ଧରେ
ଅଳପଭୋଗେ ଆତ୍ମାପୋଷେ
କର୍ତ୍ତିଇ ଅବା ଉପବାସେ । ୩ ।

ଥାଉଁ ଏ ବସୁନ୍ଧରାଅଙ୍କ
ସୁବର୍ଣ୍ଣ ପଲଙ୍କେ କି ସୁଖ
ସମର୍ଥ ଭୁଜ ଥାଉଁ ବାମେ
କି ପ୍ରୟୋଜନ ଉପାଧାନେ
ଅଞ୍ଜଳି ଅଛି ଯେବେ ହସ୍ତେ
କି ପ୍ରୟୋଜନ ଅନ୍ନପାତ୍ରେ
ଦିଗ, ବକଳ ଯାର ବାସ
ବସନେ କି ତା ପ୍ରତିଆଶ । ୪ ।
ଚୀରାଣି ବସ୍ତ୍ର ପଥେ ଦେଖି
ତାର ଗ୍ରହଣେ ହୋନ୍ତି ସୁଖୀ
ଫଳ ପୂରିଛି ବୃକ୍ଷେ ବନେ
କି ପ୍ରୟୋଜନ ଭିକ୍ଷା ଅନ୍ନେ

ଥାଉଁ ନିର୍ଝର ନଦୀ ଜଳେ
କି ପ୍ରୟୋଜନ କମଣ୍ଡଳେ
ଗିରି ଗୁହା କି ରୁଦ୍ଧେ ବେଢ଼ି ?
ସେ ଥାଉଁ ଗୃହ କିମ୍ପା ଲୋଡ଼ି
ଏପରି ଭାବେ କୃଷ୍ଣପାଦେ
ଯେ ପ୍ରାଣୀ ଭଜନ୍ତି ଆନନ୍ଦେ
ତାହାଙ୍କ ରକ୍ଷଣ ଉପାୟ
କରନ୍ତି ପ୍ରଭୁ ଦେବରାୟ
ସେ କିମ୍ପା ଧନଗର୍ବୀ ଲୋକ
ଯଶେ ଭଜିବେ ଆତ୍ମସୁଖେ । ୫ ।

Digitized by srujanika@gmail.com

ଏବଂ ସ୍ୱଚିତ୍ତେ ସ୍ୱତଏବ ସିଦ୍ଧ ଆତ୍ମା ପ୍ରିୟୋଽର୍ଥୋ ଭଗବାନନନ୍ତଃ ।
ତଂ ନିର୍ବୃତଃ ସନ୍ନିୟତାର୍ଥୋ ଭଜେତ ସଂସାରହେତୂପରମଶ୍ଚ ଯତ୍ର ।୬।
କସ୍ତାଂ ତ୍ୱନାଦୃତ୍ୟ ପରାନୁଚିନ୍ତାମୃତେ ପଶୂନସତୀଂ ନାମ କୁର୍ଯ୍ୟାତ୍ ।
ପଶ୍ୟନ୍ ଜନଂ ପତିତଂ ବୈତରଣ୍ୟାଂ ସ୍ୱକର୍ମଜାନ୍ ପରିତାପାନ୍ ଜୁଷାଣଂ ।୭।
କେଚିତ୍ ସ୍ୱଦେହାନ୍ତର୍ହୃଦୟାବକାଶେ ପ୍ରାଦେଶମାତ୍ରଂ ପୁରୁଷଂ ବସନ୍ତଂ ।
ଚତୁର୍ଭୁଜଂ କଞ୍ଜରଥାଙ୍ଗଶଙ୍ଖଗଦାଧରଂ ଧାରଣୟା ସ୍ମରନ୍ତି ।୮।

ସେହି ଅନନ୍ତ ସ୍ୱରୂପ ଭଗବାନ୍ ଜୀବର ଅନ୍ତଃକରଣ ମଧ୍ୟରେ ସ୍ୱତଃ ବିରାଜିତ, ସେହି ଆତ୍ମା, ତେଣୁ ପରମ ପ୍ରିୟ । ଅନ୍ୟ ଅନାତ୍ମ ବସ୍ତୁ ତୁଲ୍ୟ ସେ ମିଥ୍ୟା ନୁହନ୍ତି । ତାହାଙ୍କର ସେବାରେ ପରମ ଆନନ୍ଦରେ ମାତି ତାହାଙ୍କୁ ସର୍ବଦା ଭଜିଲେ ସଂସାରର ନିଦାନ ସ୍ୱରୂପ ଅବିଦ୍ୟା ଦୂରୀଭୂତ ହୁଏ ।୬।

ଜୀବଗଣ ସଂସାର ରୂପୀ ବୈତରଣୀରେ ପଡି ନିଜ ନିଜର କର୍ମଫଳ ହେତୁ ଅଶେଷ କ୍ଳେଶ ଭୋଗ କରୁ ଅଛନ୍ତି, ଏହା ଦେଖି ମୂଢ଼ ଜଡ଼ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟ କିଏ ଈଶ୍ୱର ଚିନ୍ତା ତ୍ୟାଗ କରି ପଶୁତୁଲ୍ୟ ନିନ୍ଦନୀୟ କର୍ମ ବିଷୟ ଚିନ୍ତାରେ କାଳହରଣ କରିବ ? ।୭।

ନିଜ ଦେହର ହୃଦୟ ପ୍ରଦେଶରେ ଏକ ପ୍ରାଦେଶ ବା ଦଶାଙ୍ଗୁଳ ପରିମିତ ପୁରୁଷଙ୍କୁ ସଜ୍ଜନଗଣ ଧ୍ୟାନ କରନ୍ତି । ସେହି ପୁରୁଷଙ୍କର ଚାରୋଟି ହସ୍ତ, ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୋଭିତ ।୮।

ଏହିପ୍ରକାରେ ଆତ୍ମଚିତ୍ତେ
ସିଦ୍ଧି ଲଭନ୍ତି ଅନୁଭୂତେ
ସେ ପ୍ରାଣୀ ହୋଏ କୃତ କୃତ୍ୟ
ତାହାକୁ ପ୍ରଧାନ ଅନନ୍ତ
ଏଣୁ ନିୟତ ଆତ୍ମାଯୋଗେ
ଭଜିବ କୃଷ୍ଣ ପାଦଯୁଗେ
ମୁଁ ଯେତେ କହିଲି ବିଶ୍ୱାସେ
ଏଣେ ସଂସାର ହେତୁ ନାଶେ ।୬।
ଏ ଭାବ ଅନାଦର କରି
ସଂସାର ଚିନ୍ତା ଚିତ୍ତେ ଧରି
ପଶୁଙ୍କ ପ୍ରାୟ ତାଙ୍କ ଗତି
ଏ ମାୟା ସଂସାରେ ଭ୍ରମନ୍ତି
ଦେଖ ସଂସାରେ ପ୍ରାଣୀ ଯେତେ
ସଞ୍ଚିତ କର୍ମର ଆୟତେ
ବଇତରଣୀ ନାମେ ନଦୀ
ଯାତନା ମଧ୍ୟେ ଏ ପ୍ରସିଦ୍ଧି
ତହିଁ ପଡନ୍ତି ଦେଖୁଁ ଦେଖୁଁ
ତାଙ୍କ ଜୀବନ କେବା ରଖୁ
ସଂସାର ଚିନ୍ତା ଚିତ୍ତେ ଭରି
କାହୁଁ ତରିବେ ଭବବାରି
ଅର୍ଜିଲି କର୍ମଫଳ ଲଭି
ଅଶେଷ ଦେହେ ତାହା ସେବି ।୭।
ଏବେ ହୋ ଶୁଣ ନୃପମଣି
ଯେଣେ ସଂସାରୁ ତରେ ପ୍ରାଣୀ
କେ ଅବା ଏ ନରଶରୀରେ
ଧାରଣାଯୋଗ ନିର୍ବିକାରେ
ସ୍ୱଦେହେ ହୃଦୟେ ପ୍ରକାଶେ
ସେ ହରି ଘୋର ତମ ନାଶେ
ପ୍ରାଦେଶମାତ୍ର ଦେହ ଧରି
ବିଜୟେ ପ୍ରଭୁ ନରହରି
ସୂକ୍ଷ୍ମସ୍ୱରୂପ ରୂପ ତାରି
ଶୁଣ ସାନନ୍ଦେ କୁରୁବୀର
ଶ୍ୟାମ ସୁନ୍ଦର ଭୁଜ ଚାରି
ଶଙ୍ଖ, କମଳ, ଗଦା, ଅରି
ଧାରଣା ଯୋଗେ ଏହା ଚିନ୍ତି
ନିଶ୍ଚଳେ ନୟନେ ଦେଖନ୍ତି ।୮।

Digitized by srujanika@gmail.com

ପ୍ରସନ୍ନବକ୍ତ୍ରଂ ନଳିନାୟତେକ୍ଷଣଂ କଦମ୍ବକିଞ୍ଜଲ୍କପିଶଙ୍ଗବାସସଂ ।
ଲସନ୍‌ମହାରତ୍ନହିରଣ୍ମୟାଙ୍ଗଦଂ ସ୍ଫୁରନ୍‌ମହାରତ୍ନକିରୀଟକୁଣ୍ଡଳଂ । ୯ ।
ଉନ୍ନିଦ୍ରହୃତ୍ପଙ୍କଜକର୍ଣ୍ଣିକାଳୟେ ଯୋଗେଶ୍ୱରାସ୍ଥାପିତପାଦପଲ୍ଲବଂ ।
ଶ୍ରୀଲକ୍ଷଣଂ କୌସ୍ତୁଭରତ୍ନକନ୍ଧରମମ୍ଳାନଲକ୍ଷ୍ମ୍ୟା ବନମାଲୟାଚିତଂ । ୧୦ ।
ବିଭୂଷିତଂ ମେଖଳୟାଙ୍ଗୁରୀୟକୈର୍ମହାଧନୈର୍ନୂପୂରକଙ୍କଣାଦିଭିଃ ।
ସ୍ନିଗ୍‌ଧାମଳାକୁଞ୍ଚିତନୀଳକୁନ୍ତଳୈ ର୍ବିରୋଚମାନାନନହାସପେଶଳଂ । ୧୧ ।
ଅଦୀନଲୀଳାହସିତେକ୍ଷଣୋଲ୍ଲସଦ୍ ଭ୍ରୂଭଙ୍ଗ ସଂସୂଚିତଭୂର୍ଯ୍ୟନୁଗ୍ରହଂ ।
ଈକ୍ଷେତ ଚିନ୍ତାମୟମେନମୀଶ୍ୱରଂ ଯାବନ୍‌ମନୋଧାରଣୟାବତିଷ୍ଠତେ । ୧୨ ।

ସେ ପ୍ରସନ୍ନ ବଦନ, ପଦ୍ମପଲାଶ ଲୋଚନ, ଦୀର୍ଘ ବପୁ, ତାଙ୍କର ବସନ କଦମ୍ବକେଶର ତୁଲ୍ୟ ହାରିଦ୍ର ବର୍ଣ୍ଣ, ତାଙ୍କର ବାହୁରେ ଅତି ଯତ୍ନରେ ଖଚିତ ସୁବର୍ଣ୍ଣ ବଳୟ ସୁଶୋଭିତ, ତାଙ୍କର କିରୀଟ ଓ କୁଣ୍ଡଳ ଉଜ୍ଜ୍ୱଳମଣି ପ୍ରଭାରେ ଦୀପ୍ତ । ୯ ।

ତାହାଙ୍କ ହୃଦୟରେ ଶ୍ରୀଚିହ୍ନ ଓ କୌସ୍ତୁଭମଣି ବିରାଜିତ, ଏବଂ କଣ୍ଠଦେଶରେ ଚିର ଶୋଭାମୟୀ ବନମାଳା ବିଲମ୍ବିତ, ଯୋଗିଗଣ ତାଙ୍କର ପାଦପଦ୍ମ ଦ୍ୱୟକୁ ନିଜ ନିଜର ହୃଦୟ ମଧ୍ୟରେ ସ୍ଥାପନ କରି ସତତ ଚିନ୍ତା କରନ୍ତି । ୧୦ ।

ତାହାଙ୍କର ଲଳିତ ଅଙ୍ଗରେ ମେଖଳା, ଅଙ୍ଗୁରୀୟ, ନୂପୁର, କଙ୍କଣ ପ୍ରଭୃତି ବହୁମୂଲ୍ୟ ରତ୍ନ ବିରାଜିତ, ତାଙ୍କର ଚିକ୍କଣ କୃଷ୍ଣ କେଶରାଜି ଆକୁଞ୍ଚିତ, ମନୋରମ ହାସ୍ୟ ତାଙ୍କର ବଦନରେ ପ୍ରସ୍ଫୁଟିତ ।୧୧।

ତାଙ୍କର ଉଦାର ହାସ୍ୟମୟ ଶୋଭାପୂର୍ଣ୍ଣ ଭ୍ରୂଭଙ୍ଗୀ ସୂଚନାରେ ସାତିଶୟ ଅନୁଗ୍ରହ ପ୍ରକାଶ ପାଉଅଛି । ଯେତେ କ୍ଷଣ ଧାରଣା ଦ୍ୱାରା ମନଃ ସ୍ଥିର ରହିପାରେ ସେତେକ୍ଷଣ ଯାଏ ସେହି ଶ୍ରୀହରିଙ୍କୁ ଚିନ୍ତା କରିବ ।୧୨।

ପ୍ରସନ୍ନ ଶ୍ରୀମୁଖମଣ୍ଡଳ
ଲୋଚନ ଅମଳ କମଳ
କଦମ୍ବ କିଞ୍ଜଳ୍କ ସୁରଙ୍ଗେ
ପୀତବସନ ଶୋଭେ ଅଙ୍ଗେ
ସୁବର୍ଣ୍ଣ କିରୀଟ କୁଣ୍ଡଳ
ସୁନ୍ଦର ଅଳକା କପୋଳ
ଅମୂଲ୍ୟ ହାର ବକ୍ଷସ୍ଥଳେ
ରତ୍ନକେୟୁର ବାହୁମୂଳେ । ୯ ।
ହୃଦୟ ପଦ୍ମମଧ୍ୟେ ସ୍ମରି
ଯେ ପାଦ ଧ୍ୟାୟେ ବ୍ରହ୍ମଋଷି
ସେ ପାଦ ଲକ୍ଷ୍ମୀରେ ଚହ୍ନିତ
ଦିଶଇ ଅତ୍ୟନ୍ତ ଶୋଭିତ
ଶ୍ରୀବକ୍ଷେ କଉସ୍ତୁଭ ମଣି
ସୁବର୍ଣ୍ଣ ସୂତ୍ରେ ସୁଗନ୍ଥଣି
ଆଜାନୁଲମ୍ବେ ବନମାଳେ
ସ୍କନ୍ଧୁଁ ବେଷ୍ଟିତ ବକ୍ଷସ୍ଥଳେ ।୧୦।
ରତ୍ନ ମେଖଳା କଟିମାଝେ
ଅଙ୍ଗୁଷ୍ଠେ ମୁଦ୍ରିକା ବିରାଜେ
ଅଙ୍ଗଦ ନୂପୁର କଙ୍କଣ
ବିବିଧ ଅଙ୍ଗ ଆଭରଣ
ଅମଳ ପୁଷ୍ପ ଶିରେ ଶୋଭେ
ନୀଳ କୁନ୍ତଳ ଜନମୋହେ ।୧୧।
ସୁନ୍ଦର ହସିତ ବଦନ
ଅଞ୍ଜନ ବିରାଜେ ଲୋଚନ
ଭ୍ରୂଭଙ୍ଗ ଅନୁଗ୍ରହ ରୂପ
ଭ୍ରୂକୁଟି କୁଟୀଳ ସୁରେଖ
ଅନେକ ଅନୁଗ୍ରହ ଯହିଁ
ସଞ୍ଚିତ ହୋଇ ଅଛି ରହି
ଏମନ୍ତ ଈଶ୍ୱରର ଦେହ
ଚିତ୍ତେ ଚିନ୍ତିବ ଚିନ୍ତାମୟ । ୧୨ ।

Digitized by srujanika@gmail.com

ଏକୈକଶୋଽଙ୍ଗାନି ଧିୟାନୁଭାବୟେତ୍ ପାଦାଦି ଯାବଦ୍ଧସିତଂ ଗଦାଭୃତଃ ।
ଜିତଂ ଜିତଂ ସ୍ଥାନମପୋହ୍ୟ ଧାରୟେତ୍ ପରଂପରଂ ଶୁଦ୍ଧ୍ୟତି ଧୀର୍ଯଥା ଯଥା ।୧୩।
ଯାବନ୍ନ ଜାୟେତ ପରାବରେଽସ୍ମିନ୍ ବିଶ୍ୱେଶ୍ୱରେ ଦ୍ରଷ୍ଟରି ଭକ୍ତିଯୋଗଃ ।
ତାବତ୍ ସ୍ଥବୀୟଃ ପୁରୁଷସ୍ୟ ରୂପଂ କ୍ରିୟାବସାନେ ପ୍ରୟତଃ ସ୍ମରେତ । ୧୪ ।
ସ୍ଥିରଂ ସୁଖଂ ଚାସନମାସ୍ଥିତୋ ଯତିର୍ଯଦା ଜିହାସୁରିମମଙ୍ଗ ଲୋକଂ ।
ଦେଶେ ଚ କାଲେ ଚ ମନୋ ନ ସଜ୍ଜୟେତ୍ ପ୍ରାଣାନ୍ ନିୟଚ୍ଛେନ୍ମନସା ଜିତାସୁଃ ।
ମନଃ ସ୍ୱବୁଦ୍ଧ୍ୟାଽମଲୟା ନିୟମ୍ୟ କ୍ଷେତ୍ରଜ୍ଞ ଏତାଂ ନିନୟେତ୍ ତମାତ୍ମନି ।
ଆତ୍ମାନମାତ୍ମନ୍ୟବରୁଧ୍ୟ ଧୀରୋ ଲବ୍ଧୋପଶାନ୍ତିର୍ବିରମେତ କୃତ୍ୟାତ୍ । ୧୬ ।

ଗଦାଧରଙ୍କର ପଦଠାରୁ ଆରମ୍ଭକରି ବଦନ ମଣ୍ଡଳ ପର୍ଯ୍ୟନ୍ତ ଯାବତୀୟ ଅଙ୍ଗକୁ ଗୋଟି ଗୋଟି କରି ଧାରଣା ପୂର୍ବକ ଧ୍ୟାନ କରିବ ଓ ତାଙ୍କଠାରେ ଚିତ୍ତ ନିବେଶ କରି ବୁଦ୍ଧିକୁ ନିଶ୍ଚଳ ଓ ପବିତ୍ର କରିବ ।୧୩।

ଯେତେଦିନ ଯାଏ ବ୍ରହ୍ମାଦିଙ୍କ ଅପେକ୍ଷା ଶ୍ରେଷ୍ଠ ଏହି ଈଶ୍ୱର ସାକ୍ଷୀ ସ୍ୱରୂପ, ସେହି ପରମପୁରୁଷଙ୍କ-ଠାରେ ଭକ୍ତି ନ ଜନ୍ମେ, ସେତେଦିନ ଯାଏ ଆବଶ୍ୟକ କ୍ରିୟାନୁଷ୍ଠାନ କରି ପରେ ଏକମନରେ ତାହାଙ୍କର ସ୍ଥୂଳ ସ୍ୱରୂପ ଚିନ୍ତା କରିବ । ୧୪ ।

ଅବଶେଷରେ ଯୋଗୀ ଯେତେବେଳେ ଦେହତ୍ୟାଗ କରିବାକୁ ଇଚ୍ଛା କରିବ, ସେତେବେଳେ ମନୋମଧ୍ୟରେ ପବିତ୍ର ସ୍ଥାନ ଓ କାଳ ଇତ୍ୟାଦି ଚିନ୍ତା କରି, ନିଶ୍ଚଳ ଚିତ୍ତରେ ସ୍ଥିରଭାବରେ ସୁଖାସନରେ ଉପବିଷ୍ଟ ହୋଇ ଏବଂ ମନଦ୍ୱାରା ପ୍ରାଣଜୟ କରି ପ୍ରାଣାୟାମ କରିବ । ୧୫ ।

ନିର୍ମଳ ବୁଦ୍ଧି ଦ୍ୱାରା ମନକୁ ସଂଯତ କଲାପରେ ବୁଦ୍ଧିକୁ ବୁଦ୍ଧିଦ୍ରଷ୍ଟାଙ୍କ ଠାରେ ଅର୍ପଣ କରିବ, ଏବଂ ସେହି ଦ୍ରଷ୍ଟାଙ୍କୁ ବିଶୁଦ୍ଧ ଆତ୍ମାରେ ଏବଂ ଆତ୍ମାକୁ ବ୍ରହ୍ମରେ ଲୀନ କରିବ, ଏବଂ ଶାନ୍ତି ଉପଭୋଗ କରିବ, ଓ ସମସ୍ତ କାର୍ଯ୍ୟରୁ ବିରତ ହେବ । ୧୬ ।

ଯାବତ ଧାରଣାର ବଳେ
ମନ ନ ରହେ ସୁନିଶ୍ଚଳେ
ତାବତ ଏକ ଏକ ଅଙ୍ଗେ
ନିତ୍ୟ ଭାବିବ ବୁଦ୍ଧିଯୋଗେ
ହାସ ବଦନୁ ପାଦ ଯାଏ
ଭାବିବ ବିଷ୍ଣୁ ସ୍ଥୂଳଦେହେ
ସ୍ଥାନକୁ ସ୍ଥାନ ଧ୍ୟାନ କରି
ଛାଡ଼ିବ ଅପର ଆବୋରି ।୧୩।
ଯାବତ ବୁଦ୍ଧି ଏ ସଂସାରେ
ପରମେ ଭକ୍ତି ନ ବିଶ୍ୱରେ
ଯାବତ ଆପଣା ହୃଦୟେ
ନ ଦେଖି ଭକ୍ତିର ଉଦୟେ

ତାବତ ସ୍ଥୂଳ ରୂପଚିନ୍ତ
ଚିତ୍ତେ ସ୍ମରିବ ନିତ ନିତ
ବସିବ କର୍ମ ଅବସାନେ
ସ୍ଥୂଳ ଶରୀର ଯୋଗ ଧ୍ୟାନେ
ଏମନ୍ତ କରିବ ଧାରଣ
ଯାବତ ନ ଲଭେ ମରଣ ।୧୪।
ଏମନ୍ତେ ଯୋଗୀ ଏ ଦେହକୁ
ଯେବେ ଇଚ୍ଛିବ ଛାଡ଼ିବାକୁ
ପବିତ୍ର ଦେଶ କିବାକାଳ
ମନରେ ନ କରି ବିଚାର
ଯୋଗସାଧନେ ପଞ୍ଚପ୍ରାଣ
ସାଧିବ ସମାଧି ଧାରଣ

ଆସନ ପ୍ରତ୍ୟାହାର ବଳେ
ମନକୁ ସ୍ଥାପିବ ନିଶ୍ଚଳେ ।୧୫।
ମନ ସମେତେ ଇନ୍ଦ୍ରିଗଣ
ନିର୍ମଳ ବୁଦ୍ଧିରେ ସଂଯମ
ସେ ବୁଦ୍ଧି କ୍ଷେତ୍ରଜ୍ଞେ ପ୍ରମାଣି
ଆତ୍ମାରେ କ୍ଷେତ୍ରଜ୍ଞକୁ ଜାଣି
ଆତ୍ମାରେ ଆତ୍ମାକୁ ନିରୋଧି
ଏମନ୍ତେ ଯେ ଜନ ସୁବୁଦ୍ଧି
ଆତ୍ମାର ଲାଭ ଲଭେ ହେଳେ
କର୍ମ ଛାଡ଼ିବ ତେତେବେଳେ ।୧୬।

Digitized by srujanika@gmail.com

ନ ଯତ୍ର କାଲୋଽନିମିଷାଂ ପରଃ ପ୍ରଭୁଃ କୁତୋ ନୁ ଦେବା ଜଗତାଂ ଯ ଈଶିରେ ।
ନ ଯତ୍ର ସତ୍ତ୍ୱଂ ନ ରଜସ୍ତମଶ୍ଚ ନ ବୈ ବିକାରୋ ନ ମହାନ୍ ପ୍ରଧାନଂ । ୧୭ ।
ପରଂ ପଦଂ ବୈଷ୍ଣବମାମନନ୍ତି ତଦ୍ୟନ୍ନେତି ନେତୀତ୍ୟତଦୁତ୍ସିସୃକ୍ଷବଃ ।
ବିସୃଜ୍ୟ ଦୌରାତ୍ମ୍ୟମନନ୍ୟସୌହୃଦା ହୃଦୋପଗୁହ୍ୟାର୍ହପଦଂ ପଦେ ପଦେ ।୧୮।
ଇତ୍ଥଂ ମୁନିସ୍ତୂପରମେଦ୍ବ୍ୟବସ୍ଥିତୋ ବିଜ୍ଞାନଦୃଗ୍ବୀର୍ଯ୍ୟସୁରନ୍ଧିତାଶୟଃ ।
ସ୍ୱପାର୍ଷ୍ଣିନାପୀଡ୍ୟ ଗୁଦଂ ତତୋଽନିଲଂ ସ୍ଥାନେଷୁ ଷଟ୍ସୂନ୍ନମୟେଜ୍ଜିତକ୍ଲମଃ ।୧୯।
ନାଭ୍ୟାଂ ସ୍ଥିତଂ ହୃଦ୍ୟଧିରୋପ୍ୟ ତସ୍ମାଦୁଦାନଗତ୍ୟୋରସି ତଂ ନୟେନ୍ମୁନିଃ ।
ତତୋଽନୁସନ୍ଧାୟ ଧିୟା ମନସ୍ୱୀ ସ୍ୱତାଲୁମୂଳଂ ଶନକୈର୍ନୟେତ । ୨୦ ।

ସେହି ଆତ୍ମା ସହିତ ଏକୀଭୂତ ଅବସ୍ଥାରେ ଦେବତାଙ୍କ କଥା ଦୂରେ ଥାଉ, ଦେବତାଙ୍କର ପ୍ରଭୁ କାଳ ସୁଦ୍ଧା ତାହା ଉପରେ କୌଣସି ପ୍ରଭାବ ବିସ୍ତାର କରି ପାରିବ ନାହିଁ । ସେମାନଙ୍କର ଯଦି କ୍ଷମତା ନ ଥାଏ, ତେବେ ସେମାନଙ୍କର ଏକାନ୍ତ ଅଧୀନ ପ୍ରାଣୀମାନେ ବା ତାହାର କଣ କରି ପାରନ୍ତି ? ଏ ଅବସ୍ଥା-ପ୍ରାପ୍ତ ହେଲେ, ଯୋଗୀ ସତ୍ତ୍ୱ, ରଜଃ, ତମଃ, ତ୍ରିଗୁଣାତୀତ ହୁଏ ଏବଂ ପ୍ରକୃତି, ଅହଂକାର ମହତ୍ତତ୍ତ୍ୱାଦି ସଂସାର ଉପାଦାନ ତାହାକୁ ସଂସାର ବନ୍ଧନରେ ପକାଇ ପାରନ୍ତି ନାହିଁ । ୧୭ ।

ଯୋଗୀ ଆତ୍ମାଭିନ୍ନ ସମସ୍ତ ବସ୍ତୁକୁ ଏହା ଆତ୍ମା ନୁହେଁ ବୋଲି ପରିତ୍ୟାଗ କରେ ଏବଂ ଦେହାଦିରେ ଆତ୍ମବୁଦ୍ଧି ବିସର୍ଜନ ପୂର୍ବକ ପ୍ରତି ମୁହୂର୍ତ୍ତରେ ହୃଦୟରେ ବନ୍ଦନୀୟ ବିଷ୍ଣୁ ପାଦପଦ୍ମ ଚିନ୍ତା କରେ, ଅନ୍ୟ କୌଣସି ବିଷୟ ପ୍ରତି ତାହାର ଆକର୍ଷଣ ନ ଥାଏ, ସେହି ବିଷ୍ଣୁ ପାଦହିଁ ସର୍ବାପେକ୍ଷା ଶ୍ରେଷ୍ଠ । ୧୮ ।

ଯୋଗୀ ଯେତେବେଳେ ସମସ୍ତ ବିଶ୍ୱକୁ ବ୍ରହ୍ମମୟ ବୋଲି ଭାବିପାରେ ବିଜ୍ଞାନବଳରେ ତାହାର ବିଷୟ ବାସନା ବିନଷ୍ଟ ହୋଇଯାଏ, ସୁତରାଂ ସେଥିରୁ ସେ ନିବୃତ୍ତ ହୁଅନ୍ତି, ତହୁଁ ନିଜର ପାଦମୂଳ (ଗୋଇଠି) ଦ୍ୱାରା ଗୁହ୍ୟଦେଶ ଅବରୋଧ କରି କ୍ଳେଶକୁ ଜୟ କରନ୍ତି ଓ ପ୍ରାଣ ବାୟୁକୁ ନାଭି ପ୍ରଭୃତି ଛ'ଟି ଉଚ୍ଚସ୍ଥାନକୁ ନେଇ ଯାନ୍ତି । ୧୯ ।

ଯୋଗୀ ପ୍ରଥମତଃ ନାଭିଦେଶସ୍ଥ ମଣିପୁରଚକ୍ରରୁ ପ୍ରାଣବାୟୁକୁ ହୃଦୟସ୍ଥିତ ଅନାହତଚକ୍ରକୁ ନେଇ ଯାଏ, ତଦନନ୍ତର ଉଦାନ ବାୟୁର ଗତି ନିଶ୍ଚୟ କରି ସେଠାରୁ କଣ୍ଠଦେଶକୁ ନେଇ ବିଶୁଦ୍ଧ ଚକ୍ରରେ ପ୍ରବେଶ କରାନ୍ତି, ତଦନନ୍ତର ଜିତେନ୍ଦ୍ରିୟ ହୋଇ ପ୍ରାଣବାୟୁକୁ ଧୀରେ ଧୀରେ ତାଳୁ ଦେଶକୁ ଉତ୍ତୋଳନ

ଏ ଭାବେ ଜୀବର ନିସ୍ତାର
କାଳର ନାହିଁ ଅଧିକାର
ଦେବେ ନ ପାରେ ତାରେ ହିଂସି
ତ୍ରିଗୁଣେ ନ ପାରନ୍ତି ପଶି
ଇନ୍ଦ୍ରିୟଗଣ ଅଗୋଚର
ଯହିଁ ମହତତତ୍ତ୍ୱ ଦୂର ।୧୭।
ଏ ନେଇ ବୈଷ୍ଣବର ଧାମ
ପରମ ପଦ ଯାର ନାମ

ଦେବେ ନ ପାନ୍ତି ଯାହା ଚିନ୍ତି
"ନ ଜାଣୁ ନ ଜାଣୁ" ବୋଲନ୍ତି
ଦୁରାତ୍ମା ଭାବ ପରିହରି
ସୁହୃଦଭାବ ଦୃଢେ ଧରି
ବିଷୟ ବାସନାକୁ ହେଳେ
ବିନାଶି ଶାସ୍ତ୍ରର ବିଗ୍ଲରେ
ପରମ ପଦେ କରି ସ୍ଥାନ
ତେବେ ସାଧିବ ଦୃଢାସନ।୧୮,୧୯

ବାମ ଚରଣ ପଚ୍ଛଭିରି
ତେଣେ ନିରୋଧି ମୂଳାଧାର
ମୂଳ ପବନ ଊର୍ଦ୍ଧ୍ୱେ ତୋଳି
ନାଭିପବନ ସଙ୍ଗେ ମିଳି
ନେଇ ପବନ ପୁଣି ବଳେ
ସ୍ଥାପିବ ହୃଦୟ କମଳେ
ତହୁଁ ତୋଳିବ ତନି ପ୍ରାଣ
କଣ୍ଠେ ଯେ ବସଇ ଉଦାନ

Digitized by srujanika@gmail.com

ତସ୍ମାଦ୍ଭ୍ରୁବୋରନ୍ତର ମୁନ୍ନୟେତ ନିରୁଦ୍ଧସପ୍ତାୟତନୋଽନପେକ୍ଷଃ ।
ସ୍ଥିତ୍ୱା ମୁହୂର୍ତ୍ତାର୍ଦ୍ଧମକୁଣ୍ଠଦୃଷ୍ଟିର୍ନିର୍ଭିଦ୍ୟ ମୂର୍ଦ୍ଧନ୍ ବିସୃଜେତ୍ ପରଂ ଗତଃ ।୨୧ ।
ଯଦି ପ୍ରୟାସ୍ୟନ୍ ନୃପ ପାରମେଷ୍ଠ୍ୟଂ ବୈହାୟସାନାମୁତ ଯଦ୍ୱିହାରଂ ।
ଅଷ୍ଟାଧିପତ୍ୟଂ ଗୁଣସନ୍ନିବାୟେ ସହୈବ ଗଚ୍ଛେନ୍ମନସେନ୍ଦ୍ରିୟୈଶ୍ଚ । ୨୨ ।
ଯୋଗେଶ୍ୱରାଣାଂ ଗତିମାହୁରନ୍ତର୍ବହିସ୍ତ୍ରିଲୋକ୍ୟାଃ ପବନାନ୍ତରାତ୍ମନାଂ ।
ନ କର୍ମଭିସ୍ତାଂ ଗତିମାପ୍ନୁବନ୍ତି ବିଦ୍ୟାତପୋଯୋଗସମାଧିଭାଜାଂ । ୨୩ ।

କରି ଅବଶେଷରେ ଚକ୍ଷୁ, କର୍ଣ୍ଣ, ନାସିକାରନ୍ଧ୍ର ଦ୍ୱୟ, ମୁଖଗହ୍ୱର ଏହି ସାତଟି ନିର୍ଗମନ ପଥ ରୋଧକରି ତାହାକୁ ତାଳୁରୁ ଭ୍ରୂଯୁଗଳ ମଧ୍ୟସ୍ଥ ଆଜ୍ଞା ଚକ୍ରକୁ ଆନୟନ କରିବ, ତଦନନ୍ତର ନିଷ୍କାମଭାବରେ ଅର୍ଦ୍ଧମୁହୂର୍ତ୍ତ ମାତ୍ର ସେଠାରେ ରଖି ପ୍ରାଣଙ୍କୁ ପରମବ୍ରହ୍ମଙ୍କଠାରେ ମିଳିତ କରିବା ନିମନ୍ତେ ବ୍ରହ୍ମରନ୍ଧ୍ରମଧ୍ୟକୁ ନେଇଯିବ, ତହୁଁର ପର ମୁହୂର୍ତ୍ତରେ ପ୍ରାଣ ବ୍ରହ୍ମରନ୍ଧ୍ରକୁ ଭେଦକରି ଦେହ ଓ ଇନ୍ଦ୍ରିୟ ସମୂହକୁ ପରିତ୍ୟାଗ କରିବ । ୨୦,୨୧ ।

ଯଦି ବ୍ୟୋମଗାମୀ ସିଦ୍ଧଗଣଙ୍କ ବିହାର ସ୍ଥାନ ବ୍ରହ୍ମପଦ, ଅଣିମାଦି ଅଷ୍ଟ ଐଶ୍ୱର୍ଯ୍ୟ, ଅଥବା ସମସ୍ତ ଗୁଣର ଆଧାର ବା ବ୍ରହ୍ମାଣ୍ଡର ଆଧିପତ୍ୟ ଲାଭ କରିବାର କାମନା ଥାଏ, ତେବେ ଇନ୍ଦ୍ରିୟ ଓ ମନକୁ ପରିତ୍ୟାଗ ନ କରି ସେମାନଙ୍କ ସହିତ ଦେହର ବହିର୍ଦ୍ଦେଶକୁ ଆଗମନ କରିବ । ୨୨ ।

ଉପାସନା ତତ୍ପର ଭଗବଦ୍ଧର୍ମନିଷ୍ଠ ଅଷ୍ଟାଙ୍ଗ ଯୋଗଯୁକ୍ତ ସମାଧିଶାଳୀ ଯୋଗିଗଣଙ୍କର ପ୍ରାଣବାୟୁ ମଧ୍ୟରେ ସୂକ୍ଷ୍ମଶରୀର ବିଦ୍ୟମାନ, ତେଣୁ ସେମାନେ ତ୍ରିଲୋକର ଅନ୍ତର ଓ ବାହାରରେ ଭ୍ରମଣ କରି ପାରନ୍ତି, ମାତ୍ର କର୍ମୀଗଣ କେବଳ କର୍ମଫଳ ଦ୍ୱାରା ସେପରି ଗତିଲାଭ କରିବାକୁ କ୍ଷମ ହୁଅନ୍ତି ନାହିଁ । ୨୩ ।

ବ୍ୟାନ ପବନ ତାରି ତୁଲେ
ଧରି ସ୍ଥାପିବ ତାଳୁମୂଳେ
ତହୁଁ କୁମ୍ଭକ ସାଧି କରି
ପ୍ରାଣକୁ ଭ୍ରୂମଣ୍ଡଳେ ଭରି
ନିରୋଧ କରି ସପ୍ତଦ୍ୱାର
ସ୍ମରଣ କରିବ ଓଁକାର
ଯେବେ ଭୋଗରେ ମନ ନାହିଁ
ମୁହୂର୍ତ୍ତ ଅର୍ଦ୍ଧ ତହିଁ ରହି
ନିଶ୍ଚିତ ଥାଇ ଯୋଗବନ୍ଧେ
ତେବେ ସ୍ଥାପିବ ବ୍ରହ୍ମରନ୍ଧ୍ରେ
ନିଶ୍ଚଳ ଯୋଗ ଦୃଢେ ସାଧି
ତକ୍ଷଣେ ବ୍ରହ୍ମରନ୍ଧ୍ର ଭେଦି
ପରମ ପଦେ ତାରି ଗତି
ଦେହଇନ୍ଦ୍ରିୟପାସୋରନ୍ତି ।୨୦,୨୧
ବ୍ରହ୍ମାର ବ୍ରହ୍ମଲୋକେ ସ୍ଥିତ
ସେ ସ୍ଥାନ ଭୋଗ ଯେବା ଚିନ୍ତ
ଗୁଣ ସମୂହେ ଅଷ୍ଟନିଧି
ଯେବା ବାଞ୍ଛଇ ସର୍ବ ସିଦ୍ଧି
ମନ ଇନ୍ଦ୍ରିୟ ଗଣ ମେଳେ
ତକ୍ଷଣେ ସେ ଲୋକରେ ମିଳେ ।୨୨
ଯୋଗେଶ୍ୱରଙ୍କର ଏ ଗତି
ପରମ ପୁରୁଷେ ବୋଲନ୍ତି
ଏମନ୍ତ ତିନିଲୋକ ଜିଣି
ଶୁଣ କହିବା ପରମାଣି
ଯେ କର୍ମ ସାଧେ କର୍ମକାଣ୍ଡେ
ସେ କାହୁଁ ଯିବ ଊର୍ଦ୍ଧ୍ୱ ଦାଣ୍ଡେ
କେବା ଲଭିବ କର୍ମଭାବେ
ସମାଧି ବିଦ୍ୟା ତପ ଯୋଗେ ।୨୩

Digitized by srujanika@gmail.com

ବୈଶ୍ୱାନରଂ ଯାତି ବିହାୟସା ଗତଃ ସୁଷୁମ୍ନୟା ବ୍ରହ୍ମପଥେନ ଶୋଚିଷା ।
ବିଧୂତକଲ୍କୋଽଥ ହରେରୁଦସ୍ତାତ୍ପ୍ରୟାତି ଚକ୍ରଂ ନୃପ ଶୈଶୁମାରଂ । ୨୪ ।
ତଦ୍ବିଶ୍ୱନାଭିଂ ତ୍ୱତିବର୍ତ୍ତ୍ୟ ବିଷ୍ଣୋରଣୀୟସା ବିରଜେନାତ୍ମନୈକଃ ।
ନମସ୍କୃତଂ ବ୍ରହ୍ମବିଦାମୁପୈତି କଳ୍ପାୟୁଷୋ ଯଦ୍ବିବୁଧା ରମନ୍ତେ । ୨୫ ।
ଅଥୋ ଅନନ୍ତସ୍ୟ ମୁଖାନଲେନ ଦଂଦହ୍ୟମାନଂ ସ ନିରୀକ୍ଷ୍ୟ ବିଶ୍ୱଂ ।
ନିର୍ଯାତି ସିଦ୍ଧେଶ୍ୱରଯୁଷ୍ଟଧିଷ୍ଣ୍ୟଂ ଯଦ୍ଦ୍ୱୈପରାର୍ଦ୍ଧ୍ୟଂ ତଦୁ ପାରମେଷ୍ଠ୍ୟଂ ।୨୬।

ଯେଉଁ କର୍ମୀଗଣ ଯଜ୍ଞ କରନ୍ତି, ସେମାନେ ଦେହାନ୍ତେ ଆକାଶ ମାର୍ଗ ଅବଲମ୍ବନ କରି ସୁଶୁମ୍ନାନାଡ଼ୀ ସାହାଯ୍ୟରେ ବ୍ରହ୍ମଲୋକମାର୍ଗରେ ଗମନ କରି ପ୍ରଥମେ ଅଗ୍ନ୍ୟାଭିମାନିନୀ ଦେବତା ନିକଟରେ ଉପସ୍ଥିତ ହୁଅନ୍ତି । ଦେହର ବହିର୍ଦ୍ଦେଶରେ ସୂକ୍ଷ୍ମ ସୁଷୁମ୍ନା ନାଡ଼ୀ ଜ୍ୟୋତି ରୂପେ ବର୍ତ୍ତମାନ, ଏହିଠାରେ ସେମାନଙ୍କର ମଳବିଧୌତ ହୁଏ, ତଦନ୍ତର ସେମାନେ ଆହୁରି ଊର୍ଦ୍ଧ୍ୱଗତି କରି ହରି ସମ୍ବନ୍ଧୀୟ ଶିଶୁମାରଆକୃତି ଜ୍ୟୋତିଶ୍ଚକ୍ରରେ ପ୍ରବେଶ କରନ୍ତି, ଏହି ଚକ୍ରରେ ଆଦିତ୍ୟାଦି ଧ୍ରୁବଲୋକ ପର୍ଯ୍ୟନ୍ତ ପ୍ରାପ୍ତ ହୁଅନ୍ତି ।୨୪।

ତଦନନ୍ତର ବିଶ୍ୱର ନାଭିସ୍ୱରୂପ ବିଷ୍ଣୁଚକ୍ର ଅତିକ୍ରମ କରି ନିର୍ମଳ ଲିଙ୍ଗ ଶରୀର ଗ୍ରହଣ ପୂର୍ବକ ଏକାକୀ ସର୍ବଲୋକ ନମସ୍କୃତ ମହର୍ଲୋକକୁ ଗମନ କରନ୍ତି, ଏହି ମହର୍ଲୋକହିଁ ବ୍ରହ୍ମବିଦ୍‌ଗଣଙ୍କର ସ୍ଥାନ, ଏହିଠାରେ କଳ୍ପାନ୍ତ ଜୀବୀ ଭୃଗୁ ପ୍ରଭୃତି ମହର୍ଷିଗଣ ବିହାର କରୁ ଅଛନ୍ତି । ୨୫ ।

ତଦନନ୍ତର କଳ୍ପାନ୍ତ ଉପସ୍ଥିତ ହେଲେ, ବିଶ୍ୱସଂସାର ଯେତେବେଳେ ଅନନ୍ତ ପୁରୁଷଙ୍କର ମୁଖାଗ୍ନିରେ ଦଗ୍ଧ ହୁଏ, ସେତେବେଳେ ଏହି ସ୍ଥାନରେ ଉଷ୍ଣବୋଧ ହେଲେ ସେମାନେ ଆହୁରି ଊର୍ଦ୍ଧ୍ୱକୁ ଗମନ କରନ୍ତି, ସିଦ୍ଧେଶ୍ୱର ଗଣଙ୍କର ବିମାନ ଏହି ସ୍ଥାନରେ ରହେ, ସେମାନେ ଦୁଇପରାର୍ଦ୍ଧ କଳ୍ପକାଳ ସ୍ଥାୟୀ ବ୍ରହ୍ମପଦକୁ ଗମନ କରନ୍ତି । ୨୬ ।

ଯେ ବ୍ରହ୍ମଲୋକ ମନେ କରେ
ପ୍ରଥମେ ଅଗ୍ନି ଆଶ୍ରେ କରେ
ସୁଷୁମ୍ନା ରନ୍ଧ୍ରେ ବ୍ରହ୍ମ ପଥେ
ଜ୍ୟୋତି ପ୍ରକାଶେ ଊର୍ଦ୍ଧ୍ୱଗତେ
ବିଧୂତ-କଳ୍ମଷ-ଶରୀର
ସେ ଚକ୍ରେ ସ୍ଥିତ ଶିଶୁମାର ।୨୪।
ସେ ଶିଶୁମାର ଚକ୍ର ସାର
ସେ ଚକ୍ରତଳେ ଧ୍ରୁବପୁର

ବିଶ୍ୱର ନାଭି ସେ ବୋଲଇ
ଆତ୍ମା ସ୍ୱରୂପେ ତହୁଁ ଯାଇ
ପ୍ରବେଶ ପରମ ସ୍ୱରୂପେ
ବ୍ରହ୍ମ ନିର୍ବାଣ ମହର୍ଲୋକେ
କଳ୍ପ ଆୟୁଷ ସିଦ୍ଧଗଣେ
ଯହିଁ ରମନ୍ତି ଅନୁକ୍ଷଣେ । ୨୫ ।
ସେ ପୁଣି କଳ୍ପ କ୍ଷୟ କାଳେ
ଅନନ୍ତ-ନିଶ୍ୱାସ ଅନଳେ

ଦହନ ଦେଖି ଅନ୍ତରୀକ୍ଷେ
ଅନନ୍ତ ଶୟନେ ପ୍ରତ୍ୟକ୍ଷେ
ସିଦ୍ଧେଶ୍ୱରଙ୍କ ସ୍ଥାନେ ପଶେ
ବେଦ ଯା ବ୍ରହ୍ମଲୋକ ଘୋଷେ
ବେନି ପରାର୍ଦ୍ଧ ଯହିଁ ଗଣି
ସେ ବ୍ରହ୍ମଲୋକ ପରମାଣି । ୨୬ ।

Digitized by srujanika@gmail.com

ନ ଯତ୍ର ଶୋକୋ ନ ଜରା ନ ମୃତ୍ୟୁର୍ନାର୍ତ୍ତିର୍ନ ଚୋଦ୍ୱେଗ ଋତେ କୁତଶ୍ଚିତ୍ ।
ଯଚ୍ଚିତ୍ତତୋଽଦଃ କୃପୟାନିଦଂବିଦାଂ ଦୁରନ୍ତଦୁଃଖପ୍ରଭବାନୁଦର୍ଶନାତ୍ । ୨୭ ।
ତତୋ ବିଶେଷଂ ପ୍ରତିପଦ୍ୟ ନିର୍ଭୟସ୍ତେନାତ୍ମନାପୋଽନଲମୂର୍ତ୍ତିରତ୍ୱରନ୍ ।
ଜ୍ୟୋତିର୍ମୟୋ ବାୟୁମୁପେତ୍ୟ କାଲେ ବାୟ୍ୱାତ୍ମନା ଖଂ ବୃହଦାତ୍ମଲିଙ୍ଗଂ ।୨୮।
ଘ୍ରାଣେନ ଗନ୍ଧଂ ରସନେନ ବୈ ରସଂ ରୂପଂ ତୁ ଦୃଷ୍ଟ୍ୟା ଶ୍ୱସନଂ ତ୍ୱଚୈବ ।
ଶ୍ରୋତ୍ରେଣ ଚୋପେତ୍ୟ ନଭୋଗୁଣତ୍ୱଂ ପ୍ରାଣେନ ଚାକୂତିମୁପୈତି ଯୋଗୀ ।୨୯।

ସେ ସ୍ଥାନରେ ଶୋକ, ଜରା, ମୃତ୍ୟୁ, ଭୟ ବା ଅନ୍ୟ କୌଣସି ଦୁଃଖ ନାହିଁ । ମାତ୍ର ସଂସାରର ଜୀବଗଣ ଭଗବାନଙ୍କୁ ଧାରଣା ନ କରି ଜନ୍ମମରଣ ଜନିତ ନିଦାରୁଣ ଦୁଃଖ କପରି ଅନୁଭବ କରୁଅଛନ୍ତି, ତାହା ସେହି ସ୍ଥାନରେ ରହି ଅନୁଭବ କରାଯାଏ, ସେମାନଙ୍କ ପ୍ରତି ଦୟାବଶତଃ ଚିତ୍ତ ବ୍ୟଥିତ ହୁଏ । ସେଠାରେ ଏତିକି ମାତ୍ର ଦୁଃଖ ଅନୁଭବ କରାଯାଏ । ୨୭ ।

ଭଗବଦ୍ ଭକ୍ତ ଯୋଗୀମାନେ ବ୍ରହ୍ମପଦରୁ ବ୍ରହ୍ମାଣ୍ଡ ଭେଦକରି ବିଷ୍ଣୁପାଦ ଆରୋହଣ କରନ୍ତି, କପରି ଆରୋହଣ କରିବେ ଏଥିପାଇଁ ସେମାନଙ୍କର ଶଙ୍କା ସୁଦ୍ଧା ନ ଥାଏ । କାରଣ ସେମାନେ ସେତେବେଳକୁ ଲିଙ୍ଗ ଶରୀର ଦ୍ୱାରା ପୃଥିବୀ ରୂପ ପ୍ରାପ୍ତ ହୋଇଥାନ୍ତି, ପୃଥିବୀ ରୂପପରେ ଜଳରୂପ, ତଦନନ୍ତର ଜ୍ୟୋତିରୂପ ଲାଭ ହୁଏ, ଏହି ଜ୍ୟୋତିର୍ମୟ ରୂପରୁ ପୁଣି ବାୟୁରୂପ ପ୍ରାପ୍ତ ହୁଅନ୍ତି । ତଦନନ୍ତର ପରମାତ୍ମ ମୂର୍ତ୍ତି ଆକାଶ ରୂପରେ ପରିଣତ ହୁଅନ୍ତି । ୨୮ ।

ଘ୍ରାଣଦ୍ୱାରା ଗନ୍ଧ, ରସନାଦ୍ୱାରା ରସ, ଚକ୍ଷୁଦ୍ୱାରା ରୂପ, ତ୍ୱକ୍‌ଦ୍ୱାରା ସ୍ପର୍ଶ, ଶ୍ରୋତ୍ର ଦ୍ୱାରା ଶବ୍ଦ ଏବଂ କର୍ମେନ୍ଦ୍ରିୟ ଦ୍ୱାରା କ୍ରିୟାରୂପ ପ୍ରାପ୍ତହୋଇ ଯୋଗୀମାନେ ସୂକ୍ଷ୍ମଭୂତ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଅଗ୍ରସର ହୁଅନ୍ତି ।୨୯

ସଂସାର କର୍ତ୍ତା ଯେ ବୋଲନ୍ତି
ସେ ବ୍ରହ୍ମା ବ୍ରହ୍ମଲୋକେ ସ୍ଥିତ
ଯେ ପୁରେ ନାହିଁ ଦୁଃଖ ଶୋକ
ଜରା ମରଣ ଉଦବେଗ
ଚିତ୍ତ ଅନର୍ଥ ହେତୁ କାହିଁ
ଜନ୍ମ ମରଣ ଭୟ ନାହିଁ । ୨୭ ।
କେତେହେଁ କାଳ ସେ ଭୁବନେ
ଥାଇ ଚିନ୍ତଇ ଅବଧାନେ
ପୃଥିବୀରୂପେ ଲିଙ୍ଗ ଦେହେ
ସେ ପୁଣି ବହିରେ ନିର୍ଭୟେ
ପୃଥିବୀ ରୂପେ ଜଳେ ଯାଇ
ଯେ ଇଷ୍ଟ ବେଗ ତା ତ୍ୟଜିଇ
ଅନଳ ମଧ୍ୟେ ତହୁଁ ସ୍ଥିତ
ଜ୍ୟୋତିସ୍ୱରୂପ ପ୍ରାଣ ଚିନ୍ତ
ପବନେ କରଇ ପଇଁାର
ଧରଇ ପବନଶରୀର
ସେ ବାୟୁକାଳେ ନଭେ ପୂରେ
ସେ ଜୀବ ଲିଙ୍ଗରୂପ ହରେ ।୨୮।
ଗନ୍ଧ କଳଇ ଘ୍ରାଣମାତ୍ରେ
ରସକୁ ରସନା ସମେତେ
ଦୃଷ୍ଟିରେ ରୂପକୁ ସଂହରେ
ତ୍ୱଚକୁ ସ୍ପର୍ଶରେ ସଂହରେ
ଆକାଶଗୁଣେ କର୍ଣ୍ଣ ଭରି
ଏରୂପେ ପ୍ରାଣ ସୂକ୍ଷ୍ମେ ଧରି
ବୁଦ୍ଧି ଇନ୍ଦ୍ରିୟ ଭାବ ଏଣେ
ପଇଁତନ୍ମାତ୍ରେ ପରମାଣେ ।୨୯।

Digitized by srujanika@gmail.com

ସ ଭୂତସୂକ୍ଷ୍ମେନ୍ଦ୍ରିୟସନ୍ନିକର୍ଷଂ ମନୋମୟଂ ଦେବମୟଂ ବିକାର୍ଯ୍ୟଂ ।
ସଂସାଦ୍ୟ ଗତ୍ୟା ସହ ତେନ ଯାତି ବିଜ୍ଞାନତତ୍ତ୍ୱଂ ଗୁଣସନ୍ନିରୋଧଂ । ୩୦ ।
ତେନାତ୍ମନାତ୍ମାନମୁପୈତି ଶାନ୍ତମାନନ୍ଦମାନନ୍ଦମୟୋଽବସାନେ ।
ଏତାଂ ଗତିଂ ଭାଗବତୀଂ ଗତୋ ଯଃ ସ ବୈ ପୁନର୍ନେହ ବିଷଜ୍ଜତେଽଙ୍ଗ ।୩୧।
ଏତେ ସୃତୀ ତେ ନୃପ ବେଦଗୀତେ ତ୍ୱୟାଭିପୃଷ୍ଟେ ଚ ସନାତନେ ଚ ।
ଯେ ବୈ ପୁରା ବ୍ରହ୍ମଣ ଆହ ତୁଷ୍ଟ ଆରାଧିତୋ ଭଗବାନ୍ ବାସୁଦେବଃ ।୩୨।
ନ ହ୍ୟତୋଽନ୍ୟଃ ଶିବଃ ପନ୍ଥା ବିଶତଃ ସଂସୃତାବିହ ।
ବାସୁଦେବେ ଭଗବତି ଭକ୍ତିଯୋଗୋ ଯତୋ ଭବେତ୍ । ୩୩ ।

ଯୋଗୀ ଅବଶେଷରେ ସ୍ଥୂଳଭୂତ ଓ ଇନ୍ଦ୍ରିୟଗଣଙ୍କର ଲୟସ୍ଥାନ ମନୋମୟ ଓ ଦେବମୟ ଅହଙ୍କାର ତତ୍ତ୍ୱ ମଧ୍ୟରେ ପ୍ରବେଶ ଲଭକରି ଗୁଣମାନଙ୍କର ଲୟସ୍ଥାନ ପ୍ରକୃତି ମଧ୍ୟରେ ଅବସ୍ଥାନ କରନ୍ତି । ଏହି ପ୍ରକୃତିହିଁ ଅଷ୍ଟମ ଆବରଣ । ୩୦ ।

ପ୍ରକୃତି ଈଶ୍ୱରାଧିଷ୍ଠିତ, ସେହି ପ୍ରକୃତିରେ ପ୍ରବେଶ କରି ସେହି ଯୋଗୀ ଆନନ୍ଦମୟ ହୋଇଯାନ୍ତି । ସେତେବେଳେ ଉପାଧିଜ୍ଞାନ ନଷ୍ଟ ହୋଇଯାଏ, ସେତେବେଳେ ସେ ପରମାନନ୍ଦମୟ ଆତ୍ମା ପ୍ରାପ୍ତ ହୁଅନ୍ତି । ହେ ମହାରାଜ ! ଯେଉଁ ଯୋଗୀ ଏହିପରି ଭଗବଦ୍ ଗତି ଲଭ କରେ, ସେ ଆଉ ଏ ସଂସାରକୁ ଫେରି ଆସେ ନାହିଁ । ୩୧ ।

ହେ ରାଜନ୍ ! ତୁମ୍ଭେ ଯେଉଁ ଦୁଇଟି ସନାତନ ପଥ ଅର୍ଥାତ୍ ସଦ୍ୟମୁକ୍ତି ଓ କ୍ରମମୁକ୍ତି ବିଷୟରେ ପ୍ରଶ୍ନକଲ, ସେ ପ୍ରସଙ୍ଗ ବେଦରେ ଏହିପରି ଭାବରେ କଥିତ ହୋଇଅଛି । ପୂର୍ବେ ବ୍ରହ୍ମାଙ୍କ ଆରାଧନାରେ ସନ୍ତୁଷ୍ଟ ହୋଇ ବାସୁଦେବ ତାହାଙ୍କୁ ଏହି ଦୁଇମାର୍ଗ ପ୍ରସଙ୍ଗ କହିଥିଲେ । ୩୨ ।

ସାଧାରଣ ମାନବଗଣଙ୍କ ପାଇଁ ଏହା ଅପେକ୍ଷା ଅଧିକ କଲ୍ୟାଣ କର ଆଉ କିଛି ନାହିଁ । କାରଣ ଏଥିରୁ ହରିଭକ୍ତି ଜାତ ହୁଏ । ୩୩ ।

ଏ ଅହଙ୍କାରେ ତନଗୁଣ
ବୁଦ୍ଧିଇନ୍ଦ୍ରିୟର ଯେଜ୍ଞାନ
ପଞ୍ଚ-ବିକାର ପଞ୍ଚ ଦେବା
ମନ ସମେତେ କରି ଯେବା
ଏ ପଞ୍ଚଦେବତା ସମେତେ
ସୂକ୍ଷ୍ମସ୍ୱରୂପେ ମହତ୍ତ୍ୱେ
ସେ ତତ୍ତ୍ୱଗୁଣର ସଂସ୍ଥାନ
ପ୍ରଧାନ ଦେହେ ହୋଏ ଲୀନ ।୩୦।
ଆତ୍ମା ନିରୋଧେ ଆତ୍ମଜ୍ଞାନେ
ପ୍ରବେଶ କରେ ବିଦ୍ୟମାନେ
ଆନନ୍ଦେ ଜ୍ଞାନ ରସ ହେଳେ
ଶାନ୍ତି ଲଭଇ ସୁଜଣ୍ଟକେ

ଏମନ୍ତେ ଧାରଣାନୁଭବେ
ନିଶ୍ଚେଁ ପଶଇ ବାସୁଦେବେ
ଅନ୍ତେ ଲଭଇ ଯେଉଁଗତି
ତାହାକୁ ବୋଲି ଭଗବତୀ
ଯହିଁ ପଶିଲେ ଆତ୍ମା ମନ
ନ ଲଭେ ପୁନରାଗମନ ।୩୧।
ଶୁଣ ହେ ନୃପ ପରୀକ୍ଷିତ
ଯେଣୁ ପୁଚ୍ଛିଲୁ ଭଗବତ
ତେଣୁ କହିଲି ଶ୍ରୁତିଯୋଗେ
ତୋର ସମୀପେ ଅନୁରାଗେ
ଦୁଇବେ କାଳ ଅବସାନ
ଏଣୁ କହିଲି ଦିବ୍ୟଜ୍ଞାନ

ବ୍ରହ୍ମାର ତପେ ହୋଇ ତୋଷ
ବିଷ୍ଣୁ ଯେ ଦେଲେ ଉପଦେଶ
ଯେ ସଦ୍ୟମୁକ୍ତି କ୍ରମମୁକ୍ତି
ସ୍ୱଭାବସିଦ୍ଧ ବେଦଗତ
ସେ ପଥ କହିଲି ମୁଁ ତୋତେ
ଏବେ ତୁ ଭଜ ଏକଚିତ୍ତେ ।୩୨।
ସଂସାରେ ସଞ୍ଚରନ୍ତି ଯେତେ
ତାଙ୍କ ତାରଣେ ପଥ ଯେତେ
ଏହିଟି ଜାଣ ଶିବ ପଥ
ଯା ତହୁଁ ଭକ୍ତିଯୋଗ ଜାତ
ଯେଉଁ ଉପାୟେ ପ୍ରିୟଭାବେ
ଭକତ ଲଭେ ବାସୁଦେବେ

Digitized by srujanika@gmail.com

ଭଗବାନ୍ ବ୍ରହ୍ମ କାର୍ତ୍ସ୍ନ୍ୟେନ ତ୍ରିରନ୍ୱୀକ୍ଷ୍ୟ ମନୀଷୟା ।
ତଦଧ୍ୟବସ୍ୟତ୍ କୂଟସ୍ଥୋ ରତିରାତ୍ମନ୍ୟତୋ ଭବେତ୍ । ୩୪ ।
ଭଗବାନ୍ ସର୍ବଭୂତେଷୁ ଲକ୍ଷିତଃ ସ୍ୱାତ୍ମନା ହରିଃ ।
ଦୃଶ୍ୟୈର୍ବୁଦ୍ଧ୍ୟାଦିଭିର୍ଦ୍ରଷ୍ଟା ଲକ୍ଷଣୈରନୁମାପକୈଃ । ୩୫ ।
ତସ୍ମାତ୍ସର୍ବାତ୍ମନା ରାଜନ୍ ହରିଃ ସର୍ବତ୍ର ସର୍ବଦା ।
ଶ୍ରୋତବ୍ୟଃ କୀର୍ତ୍ତିତବ୍ୟଶ୍ଚ ସ୍ମର୍ତ୍ତବ୍ୟୋ ଭଗବାନ୍ନୃଣାମ୍ । ୩୬ ।
ପିବନ୍ତି ଯେ ଭଗବତ ଆତ୍ମନଃ ସତାଂ କଥାମୃତଂ ଶ୍ରବଣପୁଟେଷୁ ସଂଭୃତମ୍ ।
ପୁନନ୍ତି ତେ ବିଷୟବିଦୂଷିତାଶୟଂ ବ୍ରଜନ୍ତି ତଚ୍ଚରଣସରୋରୁହାନ୍ତିକମ୍ । ୩୭ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ଦ୍ୱିତୀୟସ୍କନ୍ଧେ ମହାପୁରୁଷସଂସ୍ଥାନୁବର୍ଣ୍ଣନଂ ନାମ ଦ୍ୱିତୀୟୋଽଧ୍ୟାୟଃ । ୨ ।

ଉପରି ଭାବରେ ହରିଭକ୍ତି ଜାତ ହୁଏ ତାହା ତିନିବାର ଏକାଗ୍ର ଚିତ୍ତରେ ଆଲୋଚନା କରି ବ୍ରହ୍ମା ସ୍ଥିର କରିଅଛନ୍ତି । ୩୪ ।

ଏହାପରି ଦୃଶ୍ୟମାନ ଜଗତ ମଧ୍ୟରେ ବୁଦ୍ଧି ପ୍ରଭୃତି ଲକ୍ଷଣ ଦ୍ୱାରା ସହଜରେ ଅନୁମାନ କରାଯାଇ ପାରେ ଯେ ଭଗବାନ୍ ଦ୍ରଷ୍ଟା ସ୍ୱରୂପ ଏବଂ ସେ ଅନ୍ତର୍ଯ୍ୟାମୀ ରୂପେ ସର୍ବଭୂତରେ ଅବସ୍ଥାନ କରୁ ଅଛନ୍ତି । ୩୫ ।

ଅତଏବ ହେ ନରନାଥ ! ଯେଉଁ ବ୍ୟକ୍ତି ଆପଣାର ମଙ୍ଗଳ ବାଞ୍ଛାକରେ ତାହା ପକ୍ଷରେ ସର୍ବଦା ଏକାଗ୍ର ଚିତ୍ତରେ ହରି କୀର୍ତ୍ତନ ଓ ହରି ଗୁଣ ଶ୍ରବଣ ଓ ହରି ସ୍ମରଣ ଏକାନ୍ତ କର୍ତ୍ତବ୍ୟ । ୩୬ ।

ଯେଉଁମାନେ ସଜ୍ଜନଗଣଙ୍କର ଆତ୍ମସ୍ୱରୂପ ପ୍ରକାଶମାନ ଭଗବାନଙ୍କର କଥାମୃତ କର୍ଣ୍ଣରେ ଶୁଣନ୍ତି, ଅତି କଳୁଷିତ ହେଲେ ମଧ୍ୟ ସେମାନଙ୍କର ଚିତ୍ତବୃତ୍ତି ପବିତ୍ର ହୁଏ ଏବଂ ସେମାନେ ବିଷ୍ଣୁଙ୍କର ପରମ ପଦ ଲାଭ କରନ୍ତି । ୩୭ ।

ବ୍ରହ୍ମାର ତପକଷ୍ଟେ ହରି
ଯାହା କହିଲେ ଦୟା କରି ।୩୩।
ସେ ବ୍ରହ୍ମା ବ୍ରହ୍ମ ବେଦସାର
ସକଳ ବୁଝି ତିନି ବାର
ଯେ ଭକ୍ତି ଜୀବସୁଖପଥ
ଏ ଭାବେ ହେଲ ଆତ୍ମେ ରତ ।୩୪।
ସେ ହରି ସର୍ବଭୂତ ମଧ୍ୟେ
ନିତ୍ୟେ ବିହରେ ଆତ୍ମାପଦେ
ବୁଦ୍ଧି ଲକ୍ଷଣେ ଅନୁମାନେ
କଳ୍ପିଲ ଯୋଗୀ ଯୋଗଧ୍ୟାନେ

ଟେକ ଅବା କରଇ ଗୋଚର
ଜଗତ ବାହ୍ୟ ଅଭ୍ୟନ୍ତର । ୩୫ ।
ତେଣୁ ସେ ସର୍ବଆତ୍ମାଭାବେ
ସର୍ବଦା କାଳେ ସର୍ବଠାବେ
ହରିଙ୍କି ଶ୍ରୁତିପଥେ ପୁଣ
ମୁଖେ କରିତେ ନାମ ଭଣ । ୩୬ ।
ସେ ହରିକଥାମୃତରସ
ଯେ କରେ ଶ୍ରୁତି ପଥେ ଗ୍ରାସ
ବିଷୟବିଷ ନାଶି ଚିତ୍ତ
ପବିତ୍ର କରେ ଅନ୍ତର୍ଗତ

ଗୋବିନ୍ଦ-ଚରଣକମଳେ
ପଶଇ ଭକ୍ତି ଯୋଗବଳେ ।୩୭।
ଏ ଭାଗବତରସ ଯେତେ
ସୁଜନେ ଶୁଣ ଶ୍ରୁତିପଥେ,
ବିଷୟରସ ଯାଉ ନାଶ
କହଇ ଜଗନ୍ନାଥ ଦାସ ।

Digitized by srujanika@gmail.com

ବିଶଦାର୍ଥ :—

ମହାରାଜ ପରୀକ୍ଷିତଙ୍କ ପ୍ରଶ୍ନାନୁସାରେ ଶ୍ରୀ ଶୁକଦେବ ଏହି ଅଧ୍ୟାୟରେ ଦୁଇଟି ପ୍ରସଙ୍ଗ ପ୍ରଧାନତଃ ବ୍ୟାଖ୍ୟା କରିଥିଲେ, ଗୋଟିଏ ଯୋଗଧାରଣା, ଅନ୍ୟଟି ଯୋଗ ସିଦ୍ଧି । ଏହି ପ୍ରସଙ୍ଗରେ ସଦ୍ୟ ମୁକ୍ତି ଓ କ୍ରମ ମୁକ୍ତି ଦୁଇଟି ପଥ ପ୍ରଦର୍ଶନ କରିଥିଲେ । ଜ୍ଞାନ, ଯୋଗ ଏବଂ ଭକ୍ତି ଏହି ତ୍ରିବିଧ ମାର୍ଗ ଶାବର ମୋକ୍ଷ ଦାୟକ, ମାତ୍ର ଭକ୍ତିମାର୍ଗ ସୁଗମ ଏବଂ ବିପଦବିହୀନ ।

ସୃଷ୍ଟିର ପ୍ରାରମ୍ଭରେ ବ୍ରହ୍ମା ଶ୍ରୀ ଭଗବାନଙ୍କ ନାଭିପଦ୍ମରୁ ଉଦ୍ଭୂତ ହୋଇଥିଲେହେଁ, ପୂର୍ବ ପ୍ରଳୟ-ବେଳେ ତାହାଙ୍କର ସ୍ମୃତିଶକ୍ତି ବିନଷ୍ଟ ହୋଇଥିଲା, ସେ ଯୋଗ ବଳରେ ସେହି ବିରାଟ ପୁରୁଷଙ୍କୁ ଧ୍ୟାନକରି ସେହି ପରମ ବ୍ରହ୍ମଙ୍କୁ ଲାଭକରିବାରୁ ତାହାଙ୍କର ସୁପ୍ତ ଶକ୍ତି ଜାଗ୍ରତ ହେଲା ଏବଂ ସେ ବିଶ୍ୱ ରଚନାରେ ସମର୍ଥ ହୋଇଥିଲେ । ବ୍ରହ୍ମାଙ୍କ ଯୋଗ ବିରାଟପୁରୁଷଙ୍କ ବିଭୂତିବର୍ଣ୍ଣନା ଇତ୍ୟାଦି ପ୍ରସଙ୍ଗରେ ଶ୍ରୀ ଶୁକଦେବ କହିଲେ "ଯୋଗଧାରଣା ସାଧାରଣତଃ ଚାରିପ୍ରକାର, କୌଣସି କୌଣସି ଯୋଗୀ ଯମ ନିୟମାଦି ଅଭ୍ୟାସ ଉତ୍ତାରୁ ଶୂନ୍ୟରେ ଚିତ୍ତଧାରଣା କରନ୍ତି, ସଂସାରିକ ବିଷୟରୁ ଚିତ୍ତ ଆକର୍ଷଣ କରି ବିଷୟଶୂନ୍ୟ କରିବା ଏମାନଙ୍କର ଲକ୍ଷ୍ୟ । ଦ୍ୱିତୀୟ ଶ୍ରେଣୀର ଯୋଗୀମାନେ ବିରାଟ ପୁରୁଷଙ୍କର ପାଦଦେଶଠାରୁ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ପର୍ଯ୍ୟନ୍ତ ହୃଦୟରେ ଧାରଣା କରନ୍ତି, ଭଗବାନଙ୍କର ବିଶ୍ୱବ୍ୟାପକ ମୂର୍ତ୍ତି କଳ୍ପନା ଏମାନଙ୍କର ଲକ୍ଷ୍ୟ । ତୃତୀୟ ଶ୍ରେଣୀର ଯୋଗୀମାନେ ସେହି ବିରାଟ ପୁରୁଷଙ୍କୁ ଅନ୍ତର୍ଯ୍ୟାମୀରୂପେ ଚିତ୍ତରେ ସ୍ଥାପନ କରନ୍ତି, ସ୍ଥୂଳ ଜଗତ ଛାଡ଼ି ସୂକ୍ଷ୍ମ ଜଗତ ଅନୁସରଣ କରିବା ଏମାନଙ୍କର ଲକ୍ଷ୍ୟ; ଚତୁର୍ଥ ଶ୍ରେଣୀର ଯୋଗୀ ଭଗବାନଙ୍କର ଚତୁର୍ଭୁଜ ମୂର୍ତ୍ତି ହୃଦୟରେ ସ୍ଥାପନ କରନ୍ତି । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି ମୂର୍ତ୍ତି ବିଷୟ କହିଥିଲେ— **"ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି"**; ଏହି ଶ୍ରେଣୀର ଯୋଗୀମାନେହିଁ ଯୋଗିଶ୍ରେଷ୍ଠ, ପ୍ରଥମ ଶ୍ରେଣୀର ଯୋଗୀମାନେ ଶୂନ୍ୟ ମାର୍ଗରୁ ସ୍ଖଳିତ ହୁଅନ୍ତି, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଯୋଗୀ ଚତୁର୍ଥାବସ୍ଥାରେ ସହଜରେ ପହଞ୍ଚିପାରନ୍ତି ନାହିଁ । କାରଣ ସେମାନେ ଯୋଗେଶ୍ୱରିଦ୍ଧି ପ୍ରାପ୍ତ ହୋଇ ମଧ୍ୟ ଭୋଗ-ବାସନା ଲିପ୍ତ ହୋଇ ପଡ଼ନ୍ତି, ଚତୁର୍ଥ ଶ୍ରେଣୀର ଯୋଗ ଭକ୍ତିମିଶ୍ରିତ ଥିବାରୁ ତହିଁରେ ଫଳ ପ୍ରାପ୍ତିର କୌଣସି ବାଧା ନ ଥାଏ ।

ଯୋଗୀ ଯେତେବେଳେ ମରଜଗତର ସମ୍ବନ୍ଧ ତ୍ୟାଗକରିବାକୁ ଇଚ୍ଛା କରନ୍ତି, ତାଙ୍କ ଲାଗି ପୁଣ୍ୟ ତୀର୍ଥ ଗମନ, ପୁଣ୍ୟ ମୁହୂର୍ତ୍ତଆଦିର ପ୍ରୟୋଜନୀୟତା ନ ଥାଏ । କାରଣ ଯୋଗବଳରେହିଁ ସେ ପୁଣ୍ୟତୀର୍ଥ ଗମନ ବା ପୁଣ୍ୟକାଳ ଜନିତ ଫଳସିଦ୍ଧିଲାଭ କରନ୍ତି । ସଦ୍ୟ ମୁକ୍ତି ଓ କର୍ମମୁକ୍ତି—ଏହି ଦୁଇ ଭାବରେ ମୁକ୍ତି ଲାଭ ହୁଏ । ଯେଉଁମାନେ ସଦ୍ୟ ମୁକ୍ତିଲାଭ କରନ୍ତି, ସେମାନେ ଦେହ ମଧ୍ୟସ୍ଥ ଷଟ୍‌ଚକ୍ର ଭେଦକରି ବ୍ରହ୍ମରେ ଲୀନ ହୁଅନ୍ତି । ଷଟ୍‌ଚକ୍ରର ବିବରଣ :—ଗୁହ୍ୟାଧାରର କିଞ୍ଚିତ୍ ଊର୍ଦ୍ଧ୍ୱଦେଶରେ ମୂଳାଧାର ଚକ୍ର, ନାଭିର ନିମ୍ନ ଦେଶରେ ସ୍ୱାଧିଷ୍ଠାନ ଚକ୍ର, ନାଭିରେ ମଣିପୁର ଚକ୍ର, ହୃଦୟରେ ଅନାହତଚକ୍ର, କଣ୍ଠର ନିମ୍ନ ଦେଶରେ ବିଶୁଦ୍ଧଚକ୍ର, ଭ୍ରୂମଧ୍ୟରେ ଆଜ୍ଞାଚକ୍ର ବିରାଜିତ । ସିଦ୍ଧ ଯୋଗୀମାନେ ମୂଳାଧାର ଚକ୍ରରୁ ପ୍ରାଣବାୟୁ ଆକର୍ଷଣ କରି ଯଥା କ୍ରମେ ମଣିପୁର ଚକ୍ରାଦିରେ ପ୍ରବେଶ କରାଇ ଅନାହତ ଚକ୍ର ପର୍ଯ୍ୟନ୍ତ ଆନୟନ କରନ୍ତି, ହୃଦୟ ମଧ୍ୟରେ ଉଦାନ ବାୟୁ ସହିତ ମିଳିତ ହୋଇ ତାହା କଣ୍ଠସ୍ଥ ବିଶୁଦ୍ଧ ଚକ୍ରକୁ ଆସେ, ତଦନନ୍ତର ଏହି ଚକ୍ରର କିଞ୍ଚିତ୍ ଅଗ୍ରଭାଗ ତାଳୁ ଦେଶରେ ପ୍ରାଣ ସ୍ଥାପନ କରି ପ୍ରାଣବାୟୁ ନିର୍ଗତ ହେବାର ସପ୍ତରନ୍ଧ୍ର (ଯଥା—ଚକ୍ଷୁର୍ଦ୍ୱୟ, କର୍ଣ୍ଣଦ୍ୱୟ, ନାସିକାଦ୍ୱୟ ଓ ମୁଖ) ରୁଦ୍ଧ କରନ୍ତି । ତଦନନ୍ତର ଭ୍ରୂମଧ୍ୟସ୍ଥିତ ଆଜ୍ଞା

Digitized by srujanika@gmail.com

ଚକ୍ରରେ ପ୍ରାଣ ସ୍ଥାପନ କରି ଲକ୍ଷ୍ୟ ସ୍ଥିର କରି ବ୍ରହ୍ମ ରନ୍ଧ୍ରରେ ତାହା ସ୍ଥାପନକରି ସେହିବାଟେ ନିର୍ଗତ କରାଇ ଦିଅନ୍ତି । ନିଷ୍କାମ ସାଧକମାନଙ୍କର ମନ ଓ ଇନ୍ଦ୍ରିୟ ପ୍ରାଣ ସହିତ ବହିର୍ଗତ ହୋଇ ଶୂନ୍ୟରେ ଲୀନ ହୋଇ ଯାଏ, ସେତେବେଳେ ଜୀବାତ୍ମା ପରମାତ୍ମାରେ ଲୀନ ହୋଇ ଯୋଗୀ ବ୍ରହ୍ମ ସାଯୁଜ୍ୟ ଲାଭ କରେ, ଏହା ହେଲା ସଦ୍ୟ ମୁକ୍ତି ପନ୍ଥା ।

କ୍ରମ ମୁକ୍ତି ପନ୍ଥା ନିମ୍ନଲିଖିତ ଭାବରେ ବର୍ଣ୍ଣିତ ହୋଇଅଛି, ଯେଉଁ ଯୋଗୀମାନଙ୍କର ସର୍ବବିଧ ବାସନା ନିବୃତ୍ତି ହୋଇଯାଏ, ସେମାନେ ଦେହ ଇନ୍ଦ୍ରିୟ ମନ ପ୍ରଭୃତି ସମସ୍ତ ଜୀବାତ୍ମାରେ ଲୟକରି ପରମାତ୍ମାରେ ଲୀନ ହୁଅନ୍ତି । ଯେଉଁମାନଙ୍କର ଯୋଗୈଶ୍ୱର୍ଯ୍ୟ ଭୋଗ ବାସନା ଥାଏ, ସେମାନେ ସ୍ଥୂଳ ଦେହ ଲୟକରି ଯୋଗୈଶ୍ୱର୍ଯ୍ୟ ଭୋଗ କରନ୍ତି ଏବଂ ଯଥା ସମୟରେ ମୁକ୍ତିଲାଭ ହୁଅନ୍ତି । ମାତ୍ର ଆସନ୍ନମୃତ୍ୟୁ ବ୍ୟକ୍ତି ମରଣ ଭୟରେ ଭୀତ ନ ହୋଇ, ପରମ ପୁରୁଷାର୍ଥ ପ୍ରାପ୍ତି ନିମନ୍ତେ ଯୋଗାଚରଣ କରିବା ବିହିତ ।

Digitized by srujanika@gmail.com

ତୃତୀୟ ଅଧ୍ୟାୟ ।

ତୃତୀୟେ ବିଷ୍ଣୁଭକ୍ତେସ୍ତୁ ବୈଶିଷ୍ଟ୍ୟଂ ଶୃଣ୍ୱତୋ ମୁନେଃ ।
ଭକ୍ତ୍ୟୁଦ୍ରେକେଣ ତତ୍କର୍ମ-ଶ୍ରବଣାଦର ଈର୍ଯ୍ୟତେ । ୦ । (ଶ୍ରୀଧର ସ୍ୱାମୀ)

ଶ୍ରୀଶୁକ ଉବାଚ

ଏବମେତନ୍ନିଗଦିତଂ ପୃଷ୍ଟବାନ୍ ଯଦ୍‌ଭବାନ୍ ମମ ।
ନୃଣାଂ ଯନ୍ମ୍ରିୟମାଣାନାଂ ମନୁଷ୍ୟେଷୁ ମନୀଷିଣାମ୍ । ୧ ।
ବ୍ରହ୍ମବର୍ଚ୍ଚସକାମସ୍ତୁ ଯଜେତ ବ୍ରହ୍ମଣଃ ପତିମ୍ ।
ଇନ୍ଦ୍ରମିନ୍ଦ୍ରିୟକାମସ୍ତୁ ପ୍ରଜାକାମଃ ପ୍ରଜାପତୀନ୍ । ୨ ।
ଦେବୀଂ ମାୟାଂ ତୁ ଶ୍ରୀକାମସ୍ତେଜସ୍କାମୋ ବିଭାବସୁମ୍ ।
ବସୁକାମୋ ବସୂନ୍ ରୁଦ୍ରାନ୍ ବୀର୍ଯ୍ୟକାମୋଽଥ ବୀର୍ଯ୍ୟବାନ୍ । ୩ ।

ଅଭୀଷ୍ଟ ସିଦ୍ଧିର ଉପାୟ ।

ତୃତୀୟ ଅଧ୍ୟାୟ ବର୍ଣ୍ଣିତ ବିଷୟ :—ଶୁକମୁଖରୁ ବିଷ୍ଣୁଭକ୍ତିର ବୈଶିଷ୍ଟ୍ୟ ଶ୍ରବଣକରି ରାଜା ପରୀକ୍ଷିତଙ୍କର ଭକ୍ତି ଉଦ୍ରେକ ହେଲା ତେଣୁ ହରି କଥା ଶ୍ରବଣରେ ଆଦର ବଢ଼ିଲା ।

ଶ୍ରୀ ଶୁକଦେବ କହିଲେ :—

ମନୀଷିମାନଙ୍କର, ବିଶେଷତଃ ମୁମୂର୍ଷୁମାନଙ୍କର କର୍ତ୍ତବ୍ୟ ବିଷୟରେ ତୁମ୍ଭେ ମୋତେ ଯେଉଁ ପ୍ରଶ୍ନ କଲ, ସେ ବୃତ୍ତାନ୍ତ ଶାସ୍ତ୍ରରେ ଏହିପରି କଥିତ ହୋଇଅଛି, ଶାସ୍ତ୍ରୋକ୍ତ ମତରେ ହରିକଥା ଶ୍ରବଣହିଁ ଏକମାତ୍ର କର୍ତ୍ତବ୍ୟ । ୧ ।

ଲୋକେ ବିଭିନ୍ନ କାମନା ଲାଭପାଇଁ ବିଭିନ୍ନଦେବତା ଉପାସନା କରିଥାନ୍ତି, ଯେଉଁମାନେ ବ୍ରହ୍ମତେଜ ବାଞ୍ଛା କରନ୍ତି ସେମାନେ ବେଦପତି ବ୍ରହ୍ମାଙ୍କୁ ଆରାଧନା କରନ୍ତି, ଯେଉଁମାନେ ଇନ୍ଦ୍ରିୟ ପଟୁତା ଅଭିଳାଷ କରନ୍ତି ସେମାନେ ଇନ୍ଦ୍ର ପୂଜା କରନ୍ତି, ସେହିପରି ପୁତ୍ରକାମୀ ଦକ୍ଷପ୍ରଜାପତିଙ୍କର, ସୌଭାଗ୍ୟେଚ୍ଛୁ ବହ୍ନିଙ୍କର, ବୀର୍ଯ୍ୟକାମୀ ରୁଦ୍ରଗଣଙ୍କର ଉପାସନା କରିଥାନ୍ତି । ୨,୩ ।

ତୃତୀୟେ ଶୁକ ମୁଖୁ ଶୁଣି, ବିଷ୍ଣୁ ଭକତି ସାରମଣି । ସେ ଲୀଳା ଶ୍ରବଣେ ଆଦର; ବଳିଲା ପରୀକ୍ଷ ରାଜାର ।।

ଶ୍ରୀ ଶୁକଉବାଚ—

ଶୁକ କହନ୍ତି ଶୁଦ୍ଧ ଚିତ୍ତେ
ପ୍ରଶ୍ନ କଲ ନୃପତି ଅବ୍ରତେ
ଶୁଣ ପରୀକ୍ଷ ପୁଣ୍ୟଦେହା
ତୁ ମୋତେ ପଚାରିଲୁ ଯାହା
ମନୁଷ୍ୟ ମଧ୍ୟେ ସାଧୁପ୍ରାଣୀ
ମରଣ କାଳେ ଯାହା ଜାଣି

ଏବେ କହିବି ଜ୍ଞାନସାର
ଭକତଜନଙ୍କ ବେଭାର । ୧ ।
ବ୍ରହ୍ମତେଜକୁ ଯାର ଇଚ୍ଛା
ବ୍ରହ୍ମଭଜନେ ତାର ବାଞ୍ଛା
ଇନ୍ଦ୍ରିୟସୁଖେ ଯାର ଭାବ
ସେ ନର ଇନ୍ଦ୍ରଙ୍କୁ ପୂଜିବ
ପୁତ୍ରକାମରେ ଯାର ମତି
ସେ ନର ପୂଜି ପ୍ରଜାପତି । ୨ ।

ଶ୍ରୀକାମ ପ୍ରାଣୀ ଦେବୀ ଭଜେ,
ତେଜସ୍ୱୀଭିତେ ଗ୍ରହରାଜେ
ବସୁଙ୍କୁ ପୂଜେ ବସୁକାମୀ
ରୁଦ୍ରଙ୍କୁ ପୂଜେ ବୀର୍ଯ୍ୟକାମୀ
ଅନ୍ନାଦି କାମେ ଯାର ଚିନ୍ତା
ସେବେ ଅଦିତି ଦେବମାତା
ଦେବଙ୍କୁ ପୂଜେ ସ୍ୱର୍ଗକାମୀ
ବିଶ୍ୱେଦେବାଙ୍କୁ ରାଜ୍ୟକାମୀ ।

Digitized by srujanika@gmail.com

ଅନ୍ନାଦ୍ୟକାମସ୍ତ୍ୱଦିତିଂ ସ୍ୱର୍ଗକାମୋଽଦିତେଃ ସୁତାନ୍ ।
ବିଶ୍ୱାନ୍ ଦେବାନ୍ ରାଜ୍ୟକାମଃ ସାଧ୍ୟାନ୍ ସଂସାଧକୋ ବିଶାମ୍ ।୪।
ଆୟୁଷ୍କାମୋଽଶ୍ୱିନୌ ଦେବୌ ପୁଷ୍ଟିକାମ ଇଳାଂ ଯଜେତ୍ ।
ପ୍ରତିଷ୍ଠାକାମଃ ପୁରୁଷୋ ରୋଦସୀ ଲୋକମାତରୌ । ୫ ।
ରୂପାଭିକାମୋ ଗନ୍ଧର୍ବାନ୍ ସ୍ତ୍ରୀକାମୋଽପ୍‌ସର ଉର୍ବଶୀମ୍ ।
ପ୍ରଭୁତ୍ୱକାମଃ ସର୍ବେଷାଂ ଯଜେତ ପରମେଷ୍ଠିନଂ । ୬ ।
ଯଜ୍ଞଂ ଯଜେଦ୍ ଯଶସ୍କାମଃ କୋଷକାମଃ ପ୍ରଚେତସମ୍ ।
ବିଦ୍ୟାକାମସ୍ତୁ ଗିରିଶଂ ଦାମ୍ପତ୍ୟାର୍ଥ ଉମାଂ ସତୀମ୍ । ୭ ।
ଧର୍ମାର୍ଥ ଉତ୍ତମଃ ଶ୍ଳୋକଂ ତନ୍ତୁଂ ତନ୍ୱନ୍ ପିତୃନ୍ ଯଜେତ୍ ।
ରକ୍ଷାକାମଃ ପୁଣ୍ୟଜନାନୋଜସ୍କାମୋ ମରୁଦ୍‌ଗଣାନ୍ । ୮ ।

ଅନ୍ନାଭିଳାଷୀ ବ୍ୟକ୍ତି ଅଦିତିଙ୍କୁ, ସ୍ୱର୍ଗାଭିଳାଷୀ ଦ୍ୱାଦଶ ଆଦିତ୍ୟଙ୍କୁ, ରାଜ୍ୟକାମୀ-ବିଶ୍ୱଦେବାଗଣଙ୍କୁ, ଦେଶର ପ୍ରଜାଗଣଙ୍କର ସ୍ୱାଧୀନତା କାମୀ ସାଧ୍ୟଗଣଙ୍କୁ ଆରାଧନା କରନ୍ତି । ୪ ।

ଆୟୁଃ କାମୀ ଅଶ୍ୱିନୀକୁମାର ଦ୍ୱୟଙ୍କୁ, ପୁଷ୍ଟିକାମୀ ପୃଥିବୀ ଦେବୀଙ୍କୁ, ପ୍ରତିଷ୍ଠାକାମୀ ବିଶ୍ୱମାତୃକା ଅନ୍ତରୀକ୍ଷଙ୍କୁ ପୂଜା କରନ୍ତି । ୫ ।

ସୁନ୍ଦର ରୂପାଭିଳାଷୀ ଗନ୍ଧର୍ବଙ୍କୁ, ସ୍ତ୍ରୀ କାମୀ ଉର୍ବଶୀ ପ୍ରଭୃତି ଅପ୍‌ସରାଗଣଙ୍କୁ, ସର୍ବତ୍ର ପ୍ରଭୁତ୍ୱ କାମୀ-ବିଧାତାଙ୍କୁ ପୂଜା କରନ୍ତି । ୬ ।

ଯଶଃକାମୀ ଯଜ୍ଞେଶ୍ୱରଙ୍କୁ, ରତ୍ନଭଣ୍ଡାର କାମୀ ବରୁଣଙ୍କୁ, ବିଦ୍ୟାଭିଳାଷୀ-ମହାଦେବଙ୍କୁ, ଦାମ୍ପତ୍ୟ ପ୍ରେମାଭିଳାଷୀ ସତୀ ଉମାଦେବୀଙ୍କୁ, ଧର୍ମ ପ୍ରାର୍ଥୀ-ନାରାୟଣଙ୍କୁ, ଉପାସନା କରନ୍ତି । ୭ ।

ସନ୍ତାନକାମୀ-ପିତୃଗଣଙ୍କୁ, ବିଘ୍ନ ନାଶନ ଇଚ୍ଛାକାରୀ-ଯକ୍ଷମାନଙ୍କୁ, ବଳପ୍ରାର୍ଥୀ-ବାୟୁଗଣଙ୍କୁ ଆରାଧନା କରନ୍ତି । ୮ ।

ସାଧ୍ୟଙ୍କୁ ପୂଜନ୍ତି ପ୍ରଜାହିତେ
ଆୟୁଷକାମେ ଅଶ୍ୱିପୂତେ
ଯେ ବା ସର୍ବଥା ପୁଷ୍ଟିକାମୀ
ସର୍ବ ଲକ୍ଷଣେ ପୂଜେ ଭୂମି
ପ୍ରତିଷ୍ଠା ଯେ ବା ନର ଇଚ୍ଛେ
ସେ ପୂଜେ ଭୂମି ଅନ୍ତରୀକ୍ଷେ ୩-୫
ସୁନ୍ଦର ରୂପେ ଯାର ଭାବ
ସେ ନର ଗନ୍ଧର୍ବ ପୂଜିବ

ଯେ ନର ଇଚ୍ଛେ ଦିବ୍ୟନାରୀ
ଭାବେ ଉର୍ବଶୀ ପୂଜା କରି
ସକଳ ଆଧିପତ୍ୟ ଚିନ୍ତା
ଯେ କରେ ସେ ପୂଜେ ବିଧାତା ।୬।
ଯଶ ଇଚ୍ଛଇ ଯେଉଁ ନର
ଯଜ୍ଞେ ପୂଜିବ ଯଜ୍ଞେଶ୍ୱର
ଧନ ଭଣ୍ଡାର ଯେବା ଚିନ୍ତି
ବରୁଣ ଚରଣେ ପୂଜନ୍ତି

ଈଶ୍ୱର ପୂଜେ ବିଦ୍ୟାର୍ଥୀ
ଦମ୍ପତି କାମେ ଉମା ସତୀ । ୭ ।
ଧର୍ମାର୍ଥୀ ବିଷ୍ଣୁର ଚରଣେ
ସନ୍ତାନ ଅର୍ଥେ ପିତୃଗଣେ
ଯକ୍ଷଙ୍କୁ ପୂଜେ ରକ୍ଷାକାମେ
ବଳାର୍ଥୀ ପୂଜେ ପ୍ରଭଞ୍ଜନେ
ସକଳ ରାଜ୍ୟେ ରାଜାସନେ
ସେ ଆସେ ପୂଜେ ମନୁଗଣେ ।୮।

Digitized by srujanika@gmail.com

ରାଜ୍ୟକାମୋ ମନୂନ୍ ଦେବାନ୍ ନିର୍‌ଋତିଂ ତ୍ୱଭିଚରନ୍ ଯଜେତ୍ ।
କାମକାମୋ ଯଜେତ୍ ସୋମମକାମଃ ପୁରୁଷଂ ପରମ୍ । ୯ ।
ଅକାମଃ ସର୍ବକାମୋ ବା ମୋକ୍ଷକାମ ଉଦାରଧୀଃ ।
ତୀବ୍ରେଣ ଭକ୍ତିଯୋଗେନ ଯଜେତ ପୁରୁଷଂ ପରମ୍ । ୧୦ ।
ଏତାବାନେବ ଯଜତାମିହ ନିଃଶ୍ରେୟସୋଦୟଃ ।
ଭଗବତ୍ୟଚଲୋ ଭାବୋ ଯଦ୍‌ଭାଗବତସଂଗତଃ । ୧୧ ।
ଜ୍ଞାନଂ ଯଦପ୍ରତିନିବୃତ୍ତଗୁଣୋର୍ମିଚକ୍ରମାତ୍ମପ୍ରସାଦ ଉତ ଯତ୍ର ଗୁଣେଷ୍ୱସଙ୍ଗଃ ।
କୈବଲ୍ୟସମ୍ମତପଥସ୍ତ୍ୱଥ ଭକ୍ତିଯୋଗଃ କୋ ନିର୍ବୃତୋ ହରିକଥାସୁ ରତିଂ ନ କୁର୍ଯ୍ୟାତ୍ ।୧୨।

ରାଜ୍ୟାଭିଳାଷୀ-ମନୁଗଣଙ୍କୁ, ଶତ୍ରୁଦମନେଚ୍ଛୁ-ରାକ୍ଷସଗଣଙ୍କୁ, ଭୋଗାଭିଳାଷୀ ସୋମଦେବତାଙ୍କୁ ନିଷ୍କାମବ୍ୟକ୍ତି ପରମ ପୁରୁଷ ଆତ୍ମାରାମ (ବିଷ୍ଣୁ) ଙ୍କୁ ପୂଜା କରନ୍ତି । ୯ ।

ଯେଉଁମାନେ ନିଷ୍କାମ ବା ସର୍ବକାମୀ ଅଥବା ଯେଉଁ ଉଦାରମତି ମୋକ୍ଷ କାମନା କରେ, ସେ ପ୍ରଗାଢ଼ ଭକ୍ତି ସହକାରେ ପରମପୁରୁଷ ବିଷ୍ଣୁଙ୍କୁ ଉପାସନା କରନ୍ତି । ୧୦ ।

(ଯେଉଁମାନେ ପୂର୍ବୋକ୍ତମତେ ଦେବଗଣଙ୍କୁ ଆରାଧନା କରୁ କରୁ) ସାଧୁ-ସଙ୍ଗ ଲାଭକରି ଭଗବାନଙ୍କ ପ୍ରତି ହୃଦୟରେ ଅଟଳାଭକ୍ତି ପୋଷଣ କରନ୍ତି, ତଦ୍ଦ୍ୱାରା ସେମାନଙ୍କର ପରମ ପୁରୁଷାର୍ଥ ଲାଭ ହୁଏ, ଅନ୍ୟଫଳ ଲାଭ ତୁଚ୍ଛ ମାତ୍ର । ୧୧ ।

ହରିକଥା ଶ୍ରବଣ ଫଳରେ ଯେଉଁ ଜ୍ଞାନ ଜନ୍ମେ, ତଦ୍ୱାରା ତ୍ରିଗୁଣତରଙ୍ଗ ସ୍ୱରୂପ ରାଗାଦି ଦୂରୀଭୂତ ହୋଇ ଯାଏ, ଆତ୍ମା ସୁପ୍ରସନ୍ନ ହୁଏ । ବିଷୟ ପ୍ରତି ବିରକ୍ତି ଜନ୍ମେ, ତେଣୁ—ଏହାହିଁ ସାକ୍ଷାତ୍ ମୁକ୍ତିପଥ ବା ଭକ୍ତିଯୋଗ । ଅନ୍ୟ ପ୍ରସଙ୍ଗ ଶ୍ରବଣ କରି ଯେ ତୃପ୍ତିଲାଭ କରି ନ ଥାଏ, ହରିକଥା ଶ୍ରବଣରେ ତାହାର ଯେ ତୃପ୍ତି ଜନ୍ମିବ, ତହିଁରେ ବିଚିତ୍ର କଣ ? । ୧୨ ।

ଶତ୍ରୁମାରଣ ଇଚ୍ଛା ଯେବେ
ନିର୍ଋତି ଅଭିଚାର ଯୋଗେ
ସୋମଙ୍କୁ ପୂଜେ କାମକାମୀ
ଅକାମୀ ଆତ୍ମାରାମେ ରମି । ୯ ।
ଅକାମେ ଅବା ସର୍ବକାମେ
ଯେ ଅବା ଉଦାର ମୋକ୍ଷକାମେ
ପରମ ପୁରୁଷ ଚରଣେ
ସେବା ଭଜନ୍ତି ଦାସପଣେ
ଏଣୁ ସେ ତାହାଙ୍କ ଜୀବନ
ଜନ୍ମ ମରଣେ ଧନ୍ୟ ଧନ୍ୟ ।୧୦।
ପରମ ପଦ ସେ ଲଭନ୍ତି
ବିଷ୍ଣୁ ଚରଣେ ନିତ୍ୟ ରତି
ହରିଭକତ ଜନ ସଙ୍ଗେ
ତରଇ ଏ ଭବତରଙ୍ଗେ । ୧୧ ।
ଜ୍ଞାନ ପ୍ରସରେ ଭକ୍ତିବଳେ
ତ୍ରିଗୁଣ ହରଇ ନିଶ୍ଚଳେ
ଆତ୍ମା ପ୍ରସନ୍ନ ସୁବେଳେକେ
ଗୁଣେ ଅସଙ୍ଗ ବେନିଲେକେ
କୈବଲ୍ୟ ସମ୍ମତ ଏ ପଥ
ଯେ ଭକ୍ତିଯୋଗିଙ୍କର ମତ
କେବା ନ ରସେ ଏହି ଭାବେ
ଆତ୍ମାର କଇବଲ୍ୟ ଲଭେ ।୧୨।

Digitized by srujanika@gmail.com

ଶ୍ରୀ ଶୌନକ ଉବାଚ

ଇତ୍ୟଭିବ୍ୟାହୃତଂ ରାଜା ନିଶମ୍ୟ ଭରତର୍ଷଭଃ ।
କିମନ୍ୟତ୍‌ପୃଷ୍ଟବାନ୍ ଭୂୟୋ ବୈୟାସକିମୃଷିଂ କବିମ୍ । ୧୩ ।
ଏତଚ୍ଛୁଶ୍ରୂଷତାଂ ବିଦ୍ୱନ୍ ସୂତ ନୋଽର୍ହସି ଭାଷିତୁମ୍ ।
କଥା ହରିକଥୋଦର୍କାଃ ସତାଂ ସ୍ୟୁଃ ସଦସି ଧ୍ରୁବଂ । ୧୪ ।
ସ ବୈ ଭାଗବତୋ ରାଜା ପାଣ୍ଡବେୟୋ ମହାରଥଃ ।
ବାଲଃ କ୍ରୀଡ଼ନକୈଃ କ୍ରୀଡ଼ନ୍ କୃଷ୍ଣକ୍ରୀଡ଼ାଂ ଯ ଆଦଦେ । ୧୫
ବୈୟାସକିଶ୍ଚ ଭଗବାନ୍ ବାସୁଦେବପରାୟଣଃ ।
ଉରୁଗାୟଗୁଣୋଦାରାଃ ସତାଂ ସ୍ୟୁର୍ହି ସମାଗମେ । ୧୬ ।
ଆୟୁର୍ହରତି ବୈ ପୁଂସା ମୁଦ୍ୟନ୍ନସ୍ତଂ ଚ ଯନ୍ନସୌ ।
ତସ୍ୟର୍ତ୍ତେ ଯତ୍‌କ୍ଷଣୋ ନୀତ ଉତ୍ତମଶ୍ଳୋକବାର୍ତ୍ତୟା । ୧୭ ।

ଶ୍ରୀ ଶୌନକ କହିଲେ :—
କୁରୁକୁଳ ଚୂଡ଼ାମଣି ବ୍ୟାସପୁତ୍ର ଶୁକଦେବଙ୍କଠାରୁ ଏହା ଶୁଣି ତାହାଙ୍କୁ ଅନ୍ୟ କ ପ୍ରଶ୍ନ କଲେ କହନ୍ତୁ ।୧୩

ହେ ପଣ୍ଡିତ ପ୍ରବର ସୂତ ! ସେ କଥା ଶ୍ରବଣ କରିବାକୁ ଆମ୍ଭମାନଙ୍କର ମନ ବଳାଉଛି, ସୁତରାଂ ତୁମ୍ଭେ ତାହା କୀର୍ତ୍ତନ କର । ସଜ୍ଜନ ସଭାରେ ପରମପୁରୁଷାର୍ଥସ୍ୱରୂପ ହରିକଥା ପ୍ରସଙ୍ଗ ହରିକଥା ଉଦ୍ଦେଶ୍ୟରେ ଅବଶ୍ୟ ବହୁଳ ଆଲୋଚନା ହୋଇଥିବ । ୧୪ ।

ପାଣ୍ଡବବଂଶଧର ମହାରଥ ରାଜାପରୀକ୍ଷିତ ଅତ୍ୟନ୍ତ ଭଗବଦ୍ ଭକ୍ତ ପରାୟଣ, କାରଣ ବାଲ୍ୟକାଳରେ ସେ କ୍ରୀଡ଼ା ଛଳରେ ପୁଦ୍ଧା ବିଷ୍ଣୁପୂଜା କରୁଥିଲେ । ପୁଣି ବ୍ୟାସନନ୍ଦନ ଶୁକଦେବ ବିଷ୍ଣୁଭକ୍ତ, ଏପରି ସଜ୍ଜନ ସମାଗମ କାଳରେ ହରିଗୁଣ ସମ୍ବନ୍ଧୀୟ କେତେ ପ୍ରସଙ୍ଗ ଆଲୋଚିତ ହୋଇ ନ ଥିବ ? ।୧୫,୧୬ ।

ସୂର୍ଯ୍ୟ ଉଦୟ ଓ ଅସ୍ତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ଆୟୁଃ ବୃଥା କ୍ଷୟ ହେଉଅଛି । ଯେଉଁବ୍ୟକ୍ତି ହରିଗୁଣଗାନରେ ଜୀବନ ଅତିବାହିତ କରେ, ତାହାର ଜୀବନହିଁ ସାର୍ଥକ । ୧୭ ।

ଶ୍ରୀ ଶୌନକ ଉବାଚ
ଏମନ୍ତ ଶୁକମୁଖୁ ଶୁଣି
ସେ କୁରୁବୀର ଚୂଡ଼ାମଣି
ପୁଣି ସେ ଅଭିମନ୍ୟୁବଳା
ଆନ ପ୍ରଶନ କିବା କଲା ।୧୩।
ସେ କଥା ଆମ୍ଭେ ଭଲେ ଜାଣି
ତରିବୁଁ ଭବତରଙ୍ଗିଣୀ
ତୁମ୍ଭର ଅଛି ଯେବେ ସ୍ନେହ
ସଦୟ ଚିତ୍ତେ ସୂତ କହ
ଯେ ହରିକଥା ସଭାମଧ୍ୟେ
ଭକତେ କହନ୍ତି ଆନନ୍ଦେ ।୧୪।

ସେ ପାଣ୍ଡୁବଂଶେ ମହାରଥ
ସ୍ୱଭାବେ କୃଷ୍ଣର ଭକତ
ବାଳକ କ୍ରୀଡ଼ା ରସଖେଳେ
ଯେ ଭଜେ କୃଷ୍ଣପାଦମୂଳେ ।୧୫।
ବ୍ୟାସକୁମର ସତ୍ତ୍ୱଗୁଣ
ସ୍ୱଭାବେ ବିଷ୍ଣୁ ପରାୟଣ
ପରମାନନ୍ଦ ଗୁଣଗାଥା
ସତସଙ୍ଗମେ ଯେ ବକତା ।୧୬।
ଜୀବନ ବହି ଏ ଜଗତେ
ହରି କଥାରେ ନିତ୍ୟେ ନିତ୍ୟେ

ନକରେ ଜୀବନ ସଫଳ
ବ୍ୟର୍ଥ ତାହାର ଆୟୁବଳ
ଏ ରବି ଉଦେଅସ୍ତକାଳେ
ଜନ୍ତୁ ଜୀବନ ଘେନି ଚଳେ
ଯେ ହରିଭାବେ ଥାନ୍ତି ଜଡ଼
ତାଙ୍କ ଜୀବନ ଦୂରେ ଏଡ଼ ।୧୭।

Digitized by srujanika@gmail.com

ତରବଃ କିଂ ନ ଜୀବନ୍ତି ଭସ୍ତ୍ରାଃ କିଂ ନ ଶ୍ୱସନ୍ତ୍ୟୁତ ।
ନ ଖାଦନ୍ତି ନ ମେହନ୍ତି କିଂ ଗ୍ରାମେ ପଶବୋଽପରେ । ୧୮ ।
ଶ୍ୱବିଡ୍‌ବରାହୋଷ୍ଟ୍ରଖରୈଃ ସଂସ୍ତୁତଃ ପୁରୁଷଃ ପଶୁଃ ।
ନ ଯତ୍‌କର୍ଣ୍ଣପଥୋପେତୋ ଜାତୁ ନାମ ଗଦାଗ୍ରଜଃ । ୧୯ ।
ବିଲେ ବତୋରୁକ୍ରମବିକ୍ରମାନ୍ ଯେ ନ ଶୃଣ୍ୱତଃ କର୍ଣ୍ଣପୁଟେ ନରସ୍ୟ ।
ଜିହ୍ୱାସତୀ ଦାର୍ଦ୍ଦୁରିକେବ ସୂତ ନ ଚୋପଗାୟତ୍ୟୁରୁଗାୟଗାଥାଃ । ୨୦ ।
ଭାରଃ ପରଂପଟ୍ଟକିରୀଟଜୁଷ୍ଟମପ୍ୟୁତ୍ତମାଙ୍ଗଂ ନ ନମେନ୍ମୁକୁନ୍ଦମ୍ ।
ଶାବୌ କରୌ ନୋ କୁରୁତଃ ସପର୍ଯ୍ୟାଂ ହରେର୍ଲସତ୍‌କାଞ୍ଚନକଙ୍କଣୌ ବା ।୨୧।

ବୃକ୍ଷାଦିଙ୍କର କଣ ଜୀବନ ନାହିଁ ? ଭସ୍ତ୍ରା (କମାରଶାଳର ଭାତି) କଣ ଶ୍ୱାସ ପ୍ରଶ୍ୱାସ ଗ୍ରହଣ କରେ ନାହିଁ ? ଗ୍ରାମ୍ୟ ପଶୁଗଣ କଣ ଖାଦ୍ୟ ଖାଉ ନାହାନ୍ତି ବା ମଳମୂତ୍ର ତ୍ୟାଗ କରୁ ନାହାନ୍ତି ? । ୧୮ ।

ଯାହାର କର୍ଣ୍ଣ କୁହରରେ ହରିକଥା ପ୍ରବେଶ କରି ନାହିଁ, ସେ ବ୍ୟକ୍ତି ପଶୁତୁଲ୍ୟ, କୁକୁର, ଗ୍ରାମ୍ୟ ଶୂକର, ଉଷ୍ଟ୍ର ଓ ଗର୍ଦ୍ଦଭ ସହିତ ତାହାର ପ୍ରଭେଦ କଣ ? । ୧୯ ।

ହେ ସୂତ ! ଯେଉଁ ମନୁଷ୍ୟର କର୍ଣ୍ଣ ମଧ୍ୟରେ କଦାପି ହରିକଥା ପ୍ରବେଶ କରି ନାହିଁ, ତାହାର କର୍ଣ୍ଣ ଗହ୍ୱର କେବଳ ଛିଦ୍ର ବୁଝିବ ମାତ୍ର । ଯାହାର ଜିହ୍ୱା ହରିବାଣୀ ଉଚ୍ଚାରଣ କରି ନାହିଁ, ତାହାର ବାକ୍ୟାବଳୀ * ଦର୍ଦ୍ଦୁର ବାଣୀ ତୁଲ୍ୟ । ୨୦ ।

ଯେଉଁ ଶିର, ହରି ପାଦପଦ୍ମରେ ପ୍ରଣତ ନୁହେଁ, ସେ ଶିରରେ ଶୋଭିତ ପଟ୍ଟବସନ ବା କିରୀଟ-- ଭାରସ୍ୱରୂପ, ଯେଉଁ ବାହୁଦ୍ୱୟ ଶ୍ରୀହରିଙ୍କର ଶ୍ରୀଚରଣାରବିନ୍ଦରେ ପୁଷ୍ପାଞ୍ଜଳି ପ୍ରଦାନ ନ କରେ, ସେ ବାହୁଦ୍ୱୟ କଙ୍କଣ ଶୋଭିତ ହେଲେ ମଧ୍ୟ, ଶବର ବାହୁତୁଲ୍ୟ । ୨୧ ।

ଏ ତରୁଗଣେ ଏ ସଂସାରେ
ଜୀବନ୍ତି ଅଜ୍ଞାନପ୍ରକାରେ
ଲୌହକାରକ ଗୃହେ ଭାତି
କିବା ନିଶ୍ୱାସ ନ ଛାଡ଼ନ୍ତି
ଗ୍ରାମ-କାନନ-ପଶୁଗଣ
କି ନ ଭକ୍ଷନ୍ତି ଜଳ ତୃଣ
ମୂତ୍ର ପୁରୀଷ ଉତ୍ସର୍ଗନ୍ତି
ଅଜ୍ଞାନ ସୁଖେ ସେ ଜୀବନ୍ତି ।୧୮।
ଶ୍ୱାନ ଶୂକର ଉଷ୍ଟ୍ରଖର
ଏଣେ ସମାନ ସେହୁ ନର

କୃଷ୍ଣର ନାମ ଉଚ୍ଚାରଣ
ନ ଶୁଣେ ଯାହାର ଶ୍ରବଣ
ତାହାର ଶ୍ରୁତିଯୁଗ କାହିଁ
ବିବରେ ଦିଶନ୍ତି ଯେମନ୍ତେ ।୧୯।
ତୁଣ୍ଡର ମଧ୍ୟେ ଜିହ୍ୱା ବହି
ଯେ ହରିନାମ ନ ଭଜଇ
ଦର୍ଦ୍ଦୁରବାଣୀ ବୋଲି ତାରେ
ଯେ ହରିନାମ ନ ଉଚ୍ଚାରେ ।୨୦।
ଯାର ଉତ୍ତମଅଙ୍ଗ ମାଝେ
ସୁବର୍ଣ୍ଣ ମୁକୁଟ ବିରାଜେ

ପାଟବସନେ ବାନ୍ଧି ଚୂଳ
ଶ୍ରବଣେ ବିରାଜେ କୁଣ୍ଡଳ
ସେ ଯେବେ ହରିଙ୍କି ନ ନମେ
ସେ ମୁଣ୍ଡ ବୋଝି ବହିଛମେ ।
ଯେ ବା ସୁନ୍ଦର ବେନିଭୁଜେ
କାଞ୍ଚନ କଙ୍କଣ ବିରାଜେ
ବିଷ୍ଣୁର କାର୍ଯ୍ୟେ ଯେବେ ନୋହେ
ଶ୍ମଶାନ ଅସ୍ଥି ପ୍ରାୟ ହୋଏ ।୨୧ ।

---

* ଦର୍ଦ୍ଦୁର (ବେଙ୍ଗ) ନିଜର ବିବଦ୍ୱାରା ନିଜର ଶତ୍ରୁ ସର୍ପକୁ ଆହ୍ୱାନ କରେ । ସେହିପରି ଯେଉଁ ବ୍ୟକ୍ତି ହରିଗୁଣ କଥା ଉଚ୍ଚାରଣ ନ କରି ବୃଥା କଥା କହେ, ସେ ନିଜର କାଳକୁ ଡାକେ ମାତ୍ର ।

Digitized by srujanika@gmail.com

ବର୍ହାୟିତେ ତେ ନୟନେ ନରାଣାଂ ଲିଙ୍ଗାନି ବିଷ୍ଣୋର୍ନ ନିରୀକ୍ଷତୋ ଯେ ।
ପାଦୌ ନୃଣାଂ ତୌ ଦ୍ରୁମଜନ୍ମଭାଜୌ କ୍ଷେତ୍ରାଣି ନାନୁବ୍ରଜତୋ ହରେର୍ୟୌ ।୨୨।
ଜୀବଞ୍ଛବୋ ଭାଗବତାଙ୍ଘ୍ରିରେଣୂନ୍ ନ ଜାତୁ ମର୍ତ୍ତ୍ୟୋଽଭିଲଭେତ ଯସ୍ତୁ ।
ଶ୍ରୀବିଷ୍ଣୁପଦ୍ୟାମନୁଜସ୍ତୁଲସ୍ୟାଃ ଶ୍ୱସଞ୍ଛବୋ ଯସ୍ତୁ ନ ବେଦ ଗନ୍ଧମ୍ । ୨୩ ।
ତଦଶ୍ମସାରଂ ହୃଦୟଂ ବତେଦଂ ଯଦ୍‌ଗୃହ୍ୟମାଣୈର୍ହରିନାମଧେୟୈଃ ।
ନ ବିକ୍ରିୟେତାଥ ଯଦା ବିକାରୋ ନେତ୍ରେ ଜଲଂ ଗାତ୍ରରୁହେଷୁ ହର୍ଷଃ । ୨୪ ।

ଯେଉଁ ନେତ୍ରଦ୍ୱୟ ଶ୍ରୀହରି ରୂପଦର୍ଶନ ନ କରେ, ତାହା ମୟୂର ପୁଚ୍ଛସ୍ଥିତ ଚକ୍ଷୁ ତୁଲ୍ୟ ନିରର୍ଥକ ଶୋଭା ବର୍ଦ୍ଧନ କାରୀ ମାତ୍ର। ଯେଉଁ ଚରଣଦ୍ୱୟ ଶ୍ରୀହରି କ୍ଷେତ୍ରକୁ ଗମନ ନ କରେ, ତାହା ବୃକ୍ଷର ମୂଳ ସ୍ୱରୂପ । ୨୨ ।

ଯେଉଁ ବ୍ୟକ୍ତି ହରିଭକ୍ତଙ୍କ ପଦରେଣୁ ଗ୍ରହଣ ନ କରେ, ସେ ଜୀବିତ ଥିଲେ ମଧ୍ୟ ମୃତ ତୁଲ୍ୟ । ଯେଉଁ ବ୍ୟକ୍ତି ହରିଚରଣସଂଲଗ୍ନ ତୁଳସୀର ଗନ୍ଧ ଆଘ୍ରାଣ ନ କରେ, ସେ ଶ୍ୱାସ ପ୍ରଶ୍ୱାସ ଗ୍ରହଣ କରୁଥିଲେ ମଧ୍ୟ ମୃତବ୍ୟକ୍ତି ତୁଲ୍ୟ । ୨୩ ।

ହରି ନାମ ଶ୍ରବଣ କରି ଯାହାର ପ୍ରାଣରେ ଭକ୍ତି ଜନିତ ବିକାର ନ ଜନ୍ମେ ଏବଂ ବିକାର ଜନ୍ମିଲେ ମଧ୍ୟ ନୟନରୁ ଅଶ୍ରୁ ବିଗଳିତ ନ ହୁଏ ବା ଶରୀରରେ ରୋମାଞ୍ଚ ନ ହୁଏ, ତାହାର ପ୍ରାଣ, ପାଷାଣ ତୁଲ୍ୟ କଠିନ । ୨୪ ।

ଲୋଚନ ବେନି ଥାଉଁ ମୁଖେ
ଯେ ହରିମୂରତି ନ ଦେଖେ
ମୟୂରପୁଚ୍ଛ ବୋଲି ତାରେ
ସେ ଅନ୍ଧ ସଂସାରସାଗରେ
ଚରଣଯୁଗ ବହି ନରେ
ଯେବେ ନ ଯାନ୍ତି ବିଷ୍ଣୁଘରେ
ତାହାକୁ ବୋଲି ବୃକ୍ଷ ଗୁଡ଼ି
ସେ ଯେହ୍ନେ ପାଦେ ନ ଚଳଇ ।୨୨

କୃଷ୍ଣର ଭକତଚରଣୁଁ
ଦେହେ ନ ଲାଗେ ଯାର ରେଣୁ
ପବିତ୍ର ନୋହେ ତା ଶରୀର
ଜୀଅନ୍ତା ଶବର ଆକାର
ତୁଳସୀଦଳ କୃଷ୍ଣଦେହେ
ଶୁଦ୍ଧ ସୌରଭ ଗନ୍ଧ ବହେ
ସେ ଗନ୍ଧ ଯାର ନାସା ଦ୍ୱାର
ନ ଲଭେ, ଶବ ତା ଶରୀର ।୨୩।

ଗୋବିନ୍ଦ ନାମ ଯାର ହୃଦେ
ନ ପଶେ ପୁଲକ ଆନନ୍ଦେ
କି ଅବା ପଶିଲେ ହୃଦରେ
ନୟନୁ ଅଶ୍ରୁ ତା ନ ଝରେ
ତାର ହୃଦୟ ଅଶ୍ମସାର
ବହଇ ଲୋହମୟ ହାର । ୨୪ ।

Digitized by srujanika@gmail.com

ଅଥାଭିଧେ ହ୍ୟଙ୍ଗ ମନୋଽନୁକୂଲଂ ପ୍ରଭାଷସେ ଭାଗବତପ୍ରଧାନଃ ।
ଯଦାହ ବୈୟାସକିରାତ୍ମବିଦ୍ୟାବିଶାରଦୋ ନୃପତିଂ ସାଧୁ ପୃଷ୍ଟଃ । ୨୫ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦ୍ୱିତୀୟସ୍କନ୍ଧେ
ଭକ୍ତିଯୋଗପ୍ରାଧାନ୍ୟବର୍ଣ୍ଣନଂ ନାମ ତୃତୀୟୋଽଧ୍ୟାୟଃ । ୩ ।

ହେ ସୂତ ! ତୁମ୍ଭେ ଭଗବାନଙ୍କର ବିଶିଷ୍ଟ ଭକ୍ତ, ତୁମ୍ଭର ବଚନ ଅତ୍ୟନ୍ତ ପ୍ରୀତିପ୍ରଦ । ଆତ୍ମବିଦ୍ୟା ବିଶାରଦ ବ୍ୟାସ-ନନ୍ଦନ ଶୁକଦେବ ପରୀକ୍ଷିତଙ୍କ ପ୍ରଶ୍ନାନୁସାରେ ଯେଉଁ ପ୍ରସଙ୍ଗ ମାନ କହିଥିଲେ, ତୁମ୍ଭେ ସେ ସମସ୍ତ ବିସ୍ତାରିତ ଭାବରେ ଆମ୍ଭମାନଙ୍କ ନିକଟରେ ବର୍ଣ୍ଣନା କର । ୨୫ ।

ହେ ସୂତ ଶୁଣ କୃଷ୍ଣଗୁଣ
ଶୁଣାଅ ଆମ୍ଭର ଶ୍ରବଣ
ଯେ ସାଧୁ ପ୍ରଶ୍ନ ପରୀକ୍ଷିତ
ପୁଚ୍ଛିଲ ଶୁକଙ୍କ ଅଗ୍ରତ

ଆତ୍ମବିଦ୍ୟାର ବଚନ କରି
ଶୁକ ଯା କହିଲେ ବିସ୍ତାରି
ସେ ଆମ୍ଭ ମନ ଅନୁକୂଳ
କହି ସଂସାରୁ କର ପାର ।୨୫।

ଦାସ ହରିଚରଣ ପଙ୍କଜେ
ବ୍ରାହ୍ମଣ ଜଗନ୍ନାଥ ଭଜେ ।

ବିଶଦାର୍ଥ :—

ଦ୍ୱିତୀୟ ଅଧ୍ୟାୟରେ ବିଭିନ୍ନ ଶ୍ରେଣୀର ଯୋଗୀ ଓ ମୁକ୍ତିମାର୍ଗ ପ୍ରସଙ୍ଗ ଆଲୋଚନା କଲା ପରେ ଓ ଭକ୍ତିମାର୍ଗହିଁ ଶ୍ରେଷ୍ଠ ବୋଲି ପ୍ରତିପାଦନ କଲାପରେ, ଶ୍ରୀ ଶୁକଦେବ ବିଷ୍ଣୁଭକ୍ତଙ୍କର ବିଶେଷତ୍ୱ ରାଜର୍ଷି ପରୀକ୍ଷିତଙ୍କ ନିକଟରେ ବ୍ୟାଖ୍ୟା କରିଥିଲେ ।

ମାନବ ଜଗତକୁ ତିନିଶ୍ରେଣୀରେ ବିଭାଗ କରାଯାଏ, ସୁବୁଦ୍ଧି, ବୁଦ୍ଧିମାନ୍, ଓ ନିର୍ବୋଧ । ସୁବୁଦ୍ଧି ବ୍ୟକ୍ତିମାନେ ଶ୍ରୀହରିଚରଣାରବିନ୍ଦରେ ଚିତ୍ତନିବେଶ କରି କାଳାତିପାତ କରନ୍ତି, ଏମାନେ ନିଷ୍କାମ ଭକ୍ତ । ବୁଦ୍ଧିମାନ୍ ବ୍ୟକ୍ତି ମୋକ୍ଷ କାମନା କରିଥାନ୍ତି, ନିର୍ବୋଧମାନେ ଭୋଗବିଳାସରେ କାଳାତିପାତ କରନ୍ତି । ବିଭିନ୍ନ ଫଳକାମନାରେ ବ୍ରହ୍ମା, ଶିବ ବା ଇନ୍ଦ୍ର ପ୍ରଭୃତି ବିଭିନ୍ନ ଦେବତା ଆରାଧନା କରିବା ପ୍ରସଙ୍ଗ ମଧ୍ୟ ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇ ଅଛି । ମାତ୍ର ପରିଶେଷରେ ଶ୍ରୀ ଶୁକଦେବ କହିଲେ "ହେ ନାରଦ ! ଶ୍ରୀହରି କଥା ଶ୍ରବଣ ଦ୍ୱାରା ମନୁଷ୍ୟର ସର୍ବବିଧ କାମନା ବିନଷ୍ଟ ହୁଏ, ହୃଦୟରେ ତତ୍ତ୍ୱଜ୍ଞାନ ଜାତ ହୁଏ, ତଦ୍ଦ୍ୱାରା ଚିତ୍ତର ପ୍ରସନ୍ନତା ଜନ୍ମେ, ଗୋବିନ୍ଦ ପ୍ରେମରେ ମନୁଷ୍ୟ ମଜ୍ଜି ଯାଏ । ସୁତରାଂ ପୃଥିବୀରେ ଏପରି କିଏ ଅଛି ଯେ ସେ ସେହିରସ ଆସ୍ୱାଦନ ନ କରି ମାୟାବନ୍ଧନରେ ଜଡ଼ିତ ରହିବ ?" ତଦନନ୍ତର ଶ୍ରୀହରି ଭଜନ ମାହାତ୍ମ୍ୟ ଶୌନକାଦି ଋଷିଗଣ କୀର୍ତ୍ତନ କରି ହରିବିଷୟକ ଆଉ କି ପ୍ରସଙ୍ଗ ଶ୍ରୀ ଶୁକଦେବ ଓ ନାରଦ ପରୀକ୍ଷିତଙ୍କ ମଧ୍ୟରେ ଆଲୋଚିତ ହୋଇଥିଲା, ତାହା ସୂତଙ୍କୁ ପ୍ରଶ୍ନ କରିଥିଲେ ।

Digitized by srujanika@gmail.com

ଚ ତୁ ର୍ଥ ଅ ଧ୍ୟା ୟ ।

ତୁର୍ଯ୍ୟେ ପରୀକ୍ଷିତା ପୃଷ୍ଟଂ ସୃଷ୍ଟ୍ୟାଦ୍ୟ ହରେଶ୍ଚେଷ୍ଟିତମ୍ ।
ଶୁକେନ ବ୍ରହ୍ମନାରଦସମ୍ବାଦେନୋପବର୍ଣ୍ଣ୍ୟତେ । ୦ ।

ଶ୍ରୀ ସୂତ ଉବାଚ　　　　(ଶ୍ରୀଧରସ୍ୱାମୀ)

ବୈୟାସକେରିତି ବଚସ୍ତତ୍ତ୍ୱନିଶ୍ଚୟମାତ୍ମନଃ ।
ଉପଧାର୍ଯ୍ୟ ମତିଂ କୃଷ୍ଣେ ଔତ୍ତରେୟଃ ସତୀଂ ବ୍ୟଧାତ୍ । ୧ ।
ଆତ୍ମଜାୟାସୁତାଗାରପଶୁଦ୍ରବିଣବନ୍ଧୁଷୁ ।
ରାଜ୍ୟେ ଚାବିକଲେ ନିତ୍ୟଂ ବିରୂଢ଼ାଂ ମମତାଂ ଜହୌ । ୨ ।
ପପ୍ରଚ୍ଛ ଚେମମେବାର୍ଥଂ ଯନ୍ମାଂ ପୃଚ୍ଛଥ ସତ୍ତମାଃ ।
କୃଷ୍ଣାନୁଭାବଶ୍ରବଣେ ଶ୍ରଦ୍ଦଧାନୋ ମହାମନାଃ । ୩ ।
ସଂସ୍ଥାଂ ବିଜ୍ଞାୟ ସଂନ୍ୟସ୍ୟ କର୍ମ ତ୍ରୈବର୍ଗିକଂ ଚ ଯତ୍ ।
ବାସୁଦେବେ ଭଗବତି ଆତ୍ମଭାବଂ ଦୃଢ଼ଂ ଗତଃ । ୪ ।

ସୃଷ୍ଟିବର୍ଣ୍ଣନାର ଆରମ୍ଭରେ ମଙ୍ଗଳାଚରଣ ।

ଚତୁର୍ଥ ଅଧ୍ୟାୟର ପ୍ରସଙ୍ଗ :—ରାଜା ପରୀକ୍ଷିତଙ୍କ ପ୍ରଶ୍ନାନୁସାରେ ଶୁକଦେବ ସୃଷ୍ଟି ବର୍ଣ୍ଣନା ପ୍ରସଙ୍ଗ ତାହାଙ୍କୁ କହିଥିଲେ :—

ଶ୍ରୀ ସୂତ କହିଲେ :—

ରାଜା ପରୀକ୍ଷିତ ଶୁକଦେବଙ୍କ ତତ୍ତ୍ୱଜ୍ଞାନପୂର୍ଣ୍ଣ ବାକ୍ୟ ଶ୍ରବଣ କରି ସ୍ଥିର କରି ଜାଣିଲେ ଯେ ଶ୍ରୀକୃଷ୍ଣ-ଭିନ୍ନ ଅନ୍ୟ କାହାରି ପୂଜା କରିବା ବିଧେୟ ନୁହେଁ, ସୁତରାଂ ସେ ଶ୍ରୀକୃଷ୍ଣଙ୍କଠାରେ ଚିତ୍ତ ନିବେଶ କଲେ । ୧ ।

ନିଜର ଦେହ, ସ୍ତ୍ରୀ, ପୁତ୍ର, ଗୃହ, ପଶୁ, ଧନଭଣ୍ଡାର, ବନ୍ଧୁବର୍ଗ, ଏବଂ ରାଜ୍ୟ ଇତ୍ୟାଦି ମାୟାବନ୍ଧନ ସେ ଏକାବେଳକେ ପରିତ୍ୟାଗ କଲେ । ୨ ।

ମୃତ୍ୟୁ ନିକଟ-ବର୍ତ୍ତୀ ଜାଣି ସେ ଧର୍ମ, ଅର୍ଥ, କାମମୂଳକ ସମସ୍ତ କର୍ମ ପରିତ୍ୟାଗ କରିଥିଲେ ଏବଂ ଭଗବାନ୍ ବାସୁଦେବଙ୍କର ତାଙ୍କପ୍ରତି କୃପା ବଶତଃ ତାଙ୍କ ହୃଦୟରେ ଅଚଳାଭକ୍ତି ବା ନିଷ୍ଠା ଉଦିତ ହୋଇଥିଲା । ଆପଣମାନେ ଆଜି ଯେଉଁ ପ୍ରଶ୍ନ କଲେ, ସେତେବେଳେ ରାଜା ପରୀକ୍ଷିତ ଶ୍ରୀକୃଷ୍ଣଲୀଳା ଶ୍ରବଣ ପାଇଁ ଶ୍ରଦ୍ଧାଯୁକ୍ତ ହୋଇ ସେହି ପ୍ରଶ୍ନହିଁ କରିଥିଲେ । ୩,୪ ।

ଚତୁର୍ଥେ ସୃଷ୍ଟିର ବ୍ୟବସ୍ଥା, ରାଜା ପୁଚ୍ଛନ୍ତେ ହରିକଥା । ବ୍ରହ୍ମା ନାରଦ କଥା ଛଳେ, ହରି ସ୍ମରଣ ଶୁକ ବୋଲେ

ଶ୍ରୀ ସୁତଉବାଚ—

ଏମନ୍ତ ଶୁକବାକ୍ୟ ଶୁଣି
ଆତ୍ମାର ତତ୍ତ୍ୱ ମନେ ଗୁଣି
କୃଷ୍ଣ ବିଷୟେ ଦୃଢ଼ ମନ
କଲିଲ ଉତ୍ତରାନନ୍ଦନ ।
ଆତ୍ମା, କଳତ୍ର, ସୁତ, ଗୃହେ,
ପଶୁ, ଦ୍ରବିଣ, ବନ୍ଧୁ ସ୍ନେହେ
ରାଜ୍ୟ, ସମ୍ପଦ ଯେତେ ଆଶ
ଦୃଢ଼େ ଛାଡ଼ିଲା ସ୍ନେହପାଶ । ୨ ।
ତୁମ୍ଭେ ଯା ପଚ୍ଛିଲ ମୋତେ
ଏ କଥା ରାଜା ଦୃଢ଼ ଚିତ୍ତେ

Digitized by srujanika@gmail.com

ଶ୍ରୀ ରାଜୋବାଚ

ସମୀଚୀନଂ ବଚସ୍ତେ ବ୍ରହ୍ମନ୍ ସର୍ବଜ୍ଞସ୍ୟ ତବାନଘ ।
ତମୋ ବିଶୀର୍ଯ୍ୟତେ ମହ୍ୟଂ ହରେଃ କଥୟତଃ କଥାମ୍ । ୫ ।
ଭୂୟ ଏବ ବିବିତ୍ସାମି ଭଗବାନାତ୍ମମାୟୟା ।
ଯଥେଦଂ ସୃଜତେ ବିଶ୍ୱଂ ଦୁର୍ବିଭାବ୍ୟମଧୀଶ୍ୱରୈଃ । ୬ ।
ଯଥା ଗୋପାୟତି ବିଭୁର୍ଯଥା ସଂଯଚ୍ଛତେ ପୁନଃ ।
ଯାଂ ଯାଂ ଶକ୍ତିମୁପାଶ୍ରିତ୍ୟ ପୁରୁଶକ୍ତିଃ ପରଃ ପୁମାନ୍ ।
ଆତ୍ମାନଂ କ୍ରୀଡୟନ୍ କ୍ରୀଡନ୍ କରୋତି ବିକରୋତି ଚ । ୭ ।
ନୂନଂ ଭଗବତୋ ବ୍ରହ୍ମନ୍ ହରେରଦ୍ଭୁତକର୍ମଣଃ,
ଦୁର୍ବିଭାବ୍ୟମିବାଭାତି କବିଭିଶ୍ଚାପି ଚେଷ୍ଟିତମ୍ । ୮ ।

ରାଜା କହିଲେ ।—

ହେ ବ୍ରହ୍ମନ୍ ! ଆପଣ ସର୍ବଜ୍ଞ, ଆପଣଙ୍କ ବଚନ ଅତ୍ୟନ୍ତ ସମୀଚୀନ, ଆପଣଙ୍କ କଥା ଶ୍ରବଣ କରି ମୋହର ଅଜ୍ଞାନତମିର ଧ୍ୱଂସ ହୋଇଅଛି । ୫ ।

ମୁଁ ପୁନଶ୍ଚ ଗୋଟିଏ ବିଷୟ ଆପଣଙ୍କୁ ପ୍ରଶ୍ନ କରୁଅଛି, ଏ ବିଷୟ ଐଶ୍ୱର୍ଯ୍ୟ ଶକ୍ତି ସମ୍ପନ୍ନ ବ୍ୟକ୍ତିମାନଙ୍କ ପକ୍ଷରେ ସୁଦ୍ଧା ଦୁର୍ଜ୍ଞେୟ । ଭଗବାନ୍ ନିଜ ମାୟାବଳରେ କିପରି ଏହି ବିଶ୍ୱସୃଷ୍ଟି ପାଳନ ଓ ସଂହାର କରୁଅଛନ୍ତି ଏବଂ ସେହି ଅନନ୍ତ ଶକ୍ତିମାନ୍ ପୁରୁଷ କିପରି କେଉଁ ଶକ୍ତି ଆଶ୍ରୟ କରି ନିଜକୁ ବ୍ରହ୍ମାଦି ରୂପରେ ପରିଣତ କରି ବିବିଧ ଭାବରେ ସେମାନଙ୍କୁ କ୍ରୀଡ଼ା କରାଉ ଅଛନ୍ତି, ଆପଣ ଏହି ବିଷୟ କହନ୍ତୁ । ୬,୭ ।

ହେ ବ୍ରହ୍ମନ୍ ଭଗବାନ୍‌ଙ୍କର କର୍ମମାନ ଅଦ୍ଭୁତ, ପଣ୍ଡିତଗଣ ସୁଦ୍ଧା ତାହାର ରହସ୍ୟ ଉଦ୍ଭାବନ କରିବାକୁ ଅକ୍ଷମ । ୮ ।

ଆତ୍ମନିଧନ ମଦନ ସ୍ମରି
ବେଦ ବଚନ ଅନୁସରି
କୃଷ୍ଣବିଷୟେ ଦୃଢ଼ଚିତ୍ତ
ନିଷ୍ଠାୟ କରି ପରୀକ୍ଷିତ
କୃଷ୍ଣର ଭାବ ଜାଣିବାରେ
ପୁଣି ପୁଚ୍ଛଇ ଆଉ ଥରେ ।୩,୪।

ଶ୍ରୀ ରାଜୋବାଚ—

ହେ ଶୁକ ! ତୁମ୍ଭର ବଚନ
କୃଷ୍ଣର ଯେତେ ଗୁଣ କର୍ମ
ଯାହା ଶୁଣନ୍ତେ ପାପ ହରେ
ସବୁକ ବାହ୍ୟ ଅଭ୍ୟନ୍ତରେ
ଶୁଣି ଅଜ୍ଞାନ ମୋର ଗଲା
ତୁମ୍ଭ ପ୍ରସାଦ ଯୋଗୁ ହେଲା ।୫।
ସେ ହରି ଆତ୍ମମାୟାବଳେ
ସୃଷ୍ଟି ସର୍ଜିଲେ ଏ ଶୟନେ
ବିଷ୍ଣୁର ସର୍ଜିଲ ସଂସାର
ଅନ୍ୟ ଦେବଙ୍କୁ ଅଗୋଚର
ସେ କଥା ଜାଣିବାର ପାଇଁ
ହେ ମୁନି ପୁଣି ମୁଁ ପୁଚ୍ଛଇଁ ।୬।
ସେ ବହୁଶକ୍ତିମନ୍ତ ହରି
ପରମ ପୁରୁଷ ମୁରାରି
ଯେମନ୍ତେ ପାଳି ପୁଣ ହରେ
ଯେ କାଳେ ଯେବା ଶକ୍ତି ଧରେ
ଯେମନ୍ତେ ବ୍ରହ୍ମା ବିଷ୍ଣୁ ହର
କ୍ରୀଡ଼ନ କରେ ଦାମୋଦର
ବିବିଧ ରୂପ ଏ ଜଗତେ
ଯେମନ୍ତେ କରେ କ୍ରୀଡ଼ା ଅର୍ଥେ
ଅଦ୍ଭୁତ କର୍ମ ଏ ତାହାର
କେ କରି ପାରିବ ଗୋଚର ।୭,୮।

Digitized by srujanika@gmail.com

ଯଥା ଗୁଣାଂସ୍ତୁ ପ୍ରକୃତେ ର୍ଯୁଗପତ୍ କ୍ରମଶୋଽପିବା ।
ବିଭର୍ତ୍ତି ଭୂରିଶସ୍ତ୍ୱେକଃ କୁର୍ବନ୍ କର୍ମାଣି ଜନ୍ମଭିଃ । ୯ ।
ବିଚିକିତ୍ସିତମେତନ୍ମେ ବ୍ରବୀତୁ ଭଗବାନ୍ ଯଥା ।
ଶାବ୍ଦେ ବ୍ରହ୍ମଣି ନିଷ୍ଣାତଃ ପରସ୍ମିଂଶ୍ଚ ଭବାନ୍ ଖଲୁ । ୧୦ ।
ଶ୍ରୀ ସୂତଉବାଚ ।
ଇତ୍ୟୁପାମନ୍ତ୍ରିତୋ ରାଜ୍ଞା ଗୁଣାନୁକଥନେ ହରେଃ ।
ହୃଷୀକେଶ ମନୁସ୍ମୃତ୍ୟ ପ୍ରତିବକ୍ତୁଂ ପ୍ରଚକ୍ରମେ । ୧୧ ।
ଶ୍ରୀ ଶୁକ ଉବାଚ ।
ନମଃ ପରସ୍ମୈ ପୁରୁଷାୟ ଭୂୟସେ ସଦୁଦ୍ଭବସ୍ଥାନନିରୋଧଲୀଳୟା ।
ଗୃହୀତଶକ୍ତିତ୍ରିତୟାୟ ଦେହିନାମନ୍ତର୍ଭବାୟାନୁପଲକ୍ଷ୍ୟବର୍ତ୍ମନେ । ୧୨ ।

ସେ କିପରି ଗୋଟିଏ ପୁରୁଷ ରୂପରେ, ଅଥବା ବ୍ରହ୍ମାଦି ଦେବତାରୂପରେ ଅବତୀର୍ଣ୍ଣ ହୋଇ କ୍ରମେ କ୍ରମେ ପ୍ରକୃତିର ଗୁଣ ଅବଲମ୍ବନ କରି କାର୍ଯ୍ୟ କରିଥାନ୍ତି ? । ୯ ।

ଆପଣ ବିପୁଳ ବୁଦ୍ଧିରେ, ଶବ୍ଦବ୍ରହ୍ମ (ବେଦବିଧି) ଏବଂ ସାଧନାରେ ପରମଜ୍ଞାନ ଲାଭକରି ଅସାଧାରଣ ଜ୍ଞାନୀ ହୋଇ ଅଛନ୍ତି, ମୋର ଏହି ସନ୍ଦେହ ଆପଣ ଦୂର କରନ୍ତୁ । ୧୦ ।

ଶ୍ରୀ ସୂତ କହିଲେ :—

ରାଜା ହରିଗୁଣଗାଥା ଶ୍ରବଣ କରିବାକୁ ଏହିପରି ଅନୁରୋଧ କରନ୍ତେ ଶୁକଦେବ ହୃଷୀକେଶଙ୍କୁ ହୃଦୟରେ ସ୍ମରଣ କରି ଉତ୍ତର ପ୍ରଦାନ କଲେ । ୧୧ ।

ଶ୍ରୀ ଶୁକଦେବ କହିଲେ :—

(**ପ୍ରଥମତଃ ନିମ୍ନଲିଖିତ ସ୍ତବରେ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ**) ଯେଉଁ ପରମ ପୁରୁଷ ଅନନ୍ତମହିମା ପ୍ରକାଶ କରି ଲୀଳା ଛଳରେ ଏହି ବିଶ୍ୱର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର କାରଣସ୍ୱରୂପ ସତ୍ତ୍ୱ, ରଜଃ, ତମଃ, ତ୍ରିଗୁଣାତ୍ମକ ଶକ୍ତି ଧାରଣ କରି, ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର ରୂପେ ଆବିର୍ଭୂତ ହୋଇ ଥାନ୍ତି । ଯେ ସମସ୍ତ ଜୀବଗଣଙ୍କର ଅନ୍ତର୍ଯ୍ୟାମୀ, ଯାହାଙ୍କର ପନ୍ଥା ଅତ୍ୟନ୍ତ ଦୁର୍ଲକ୍ଷ୍ୟ, ତାହାଙ୍କୁ ମୋର ନମସ୍କାର । ୧୨ ।

କେମନ୍ତେ ପ୍ରକୃତିର ଗୁଣେ
ସୃଷ୍ଟି ସର୍ଜ୍ଜାରେ ପୁଣ ପୁଣେ ?
ସର୍ବ ସର୍ଜ୍ଜାରେ ଏକବାରେ
କିଅବା ପୃଥକ ବେଭାରେ
ଏକ ଅନେକ ରୂପ ଧରେ
ଅଶେଷ ଜନ୍ମ କର୍ମ କରେ । ୯ ।
ଏଣୁ ଶ୍ରବଣେ ଇଚ୍ଛା ମୋର
କହ ହେ ବ୍ୟାସଙ୍କ କୁମର
ଶବଦ ବ୍ରହ୍ମ-ତତ୍ତ୍ୱ ସାଧି
ତୁମ୍ଭର ପରମ ସମାଧି

ଶ୍ରୀସୂତ ଉବାଚ—

ଏମନ୍ତ ପରୀକ୍ଷିତ କଥା
ପୁରୁଷୋତ୍ତମ-ଗୁଣଗାଥା
ଶୁଣି ସାନନ୍ଦ ବ୍ୟାସସୁତ
ହରିଚରଣେ ଦେଇ ଚିତ୍ତ
ଧ୍ୟାନେ ସେ ଚିନ୍ତି ନାରାୟଣ
ବୋଲନ୍ତି ପରୀକ୍ଷିତ ଶୁଣ । ୧୧ ।

ଶ୍ରୀଶୁକ ଉବାଚ—

ନମସ୍ତେ ପରମ ପୁରୁଷ
ଅନନ୍ତ ଘଟେ ଯା ପ୍ରକାଶ
ଲୀଳା ବିହାରେ ସୃଷ୍ଟି କରେ
ପାଳଇ ପୁଣି ତା ସଂହରେ
ହେଲେ ଏ ତିନି ଶକ୍ତି ଧରେ
ଜନ୍ତୁର ଅନ୍ତରେ ବିହରେ । ୧୨ ।

Digitized by srujanika@gmail.com

ଭୂୟୋ ନମଃ ସଦ୍‌ବୃଜିନଚ୍ଛିଦେଽସତାମସମ୍ଭବାୟାଖିଳସତ୍ତ୍ୱମୂର୍ତ୍ତୟେ ।
ପୁଂସାଂ ପୁନଃ ପାରମହଂସ୍ୟ ଆଶ୍ରମେ ବ୍ୟବସ୍ଥିତାନାମନୁମୃଗ୍ୟଦାଶୁଷେ ।୧୩।
ନମୋ ନମସ୍ତେଽସ୍ତ୍ୱୃଷଭାୟ ସାତ୍ୱତାଂ ବିଦୂରକାଷ୍ଠାୟ ମୁହୁଃ କୁଯୋଗିନାମ୍ ।
ନିରସ୍ତସାମ୍ୟାତିଶୟେନ ରାଧସା ସ୍ୱଧାମନି ବ୍ରହ୍ମଣି ରଂସ୍ୟତେ ନମଃ । ୧୪ ।
ଯତ୍କୀର୍ତ୍ତନଂ ଯତ୍ସ୍ମରଣଂ ଯଦୀକ୍ଷଣଂ ଯଦ୍‌ବନ୍ଦନଂ ଯଚ୍ଛ୍ରବଣଂ ଯଦର୍ହଣମ୍ ।
ଲୋକସ୍ୟ ସଦ୍ୟୋ ବିଧୁନୋତି କଲ୍ମଷଂ ତସ୍ମୈ ସୁଭଦ୍ରଶ୍ରବସେ ନମୋ ନମଃ ।୧୫।
ବିଚକ୍ଷଣା ଯଚ୍ଚରଣୋପସାଦନାତ୍ ସଙ୍ଗଂ ବ୍ୟୁଦସ୍ୟୋଭୟତୋଽନ୍ତରାତ୍ମନଃ ।
ବିନ୍ଦନ୍ତି ହି ବ୍ରହ୍ମଗତିଂ ଗତକ୍ଲମାସ୍ତସ୍ମୈ ସୁଭଦ୍ରଶ୍ରବସେ ନମୋ ନମଃ ।୧୬।

ସାଧୁମାନଙ୍କର ଦୁଃଖ ନାଶକ, ଏବଂ ଅସାଧୁମାନଙ୍କର ବିନାଶକ, ଯେ ପୂର୍ଣ୍ଣ ସତ୍ତ୍ୱମୂର୍ତ୍ତି, ଏବଂ ପରମହଂସ ଆଶ୍ରମରେ ଅବସ୍ଥିତ ବ୍ୟକ୍ତିମାନଙ୍କ ନିତ୍ୟ ଅନ୍ୱେଷଣୀୟ ଆତ୍ମଜ୍ଞାନ ପ୍ରଦାନ କରନ୍ତି, ସେହି ପରମ ପୁରୁଷଙ୍କୁ ପୁନଶ୍ଚ ନମସ୍କାର । ୧୩ ।

ଯେ ଭକ୍ତ ପାଳକ, ଓ ଭକ୍ତିହୀନ କୁଯୋଗୀମାନଙ୍କର ଅତ୍ୟନ୍ତ ଦୁର୍ଜ୍ଞେୟ, ଯେ ସର୍ବତ୍ର ସମଭାବରେ ପ୍ରକାଶିତ, ଏବଂ ଯେ ନିଜର ଐଶ୍ୱର୍ଯ୍ୟବଳରେ ନିଜର ସ୍ୱରୂପ ବ୍ରହ୍ମରେ ବିହାର କରୁଛନ୍ତି, ତାହାଙ୍କୁ ବାରମ୍ବାର ନମସ୍କାର । ୧୪ ।

ଯାହାଙ୍କର ନାମ କୀର୍ତ୍ତନ, ସ୍ମରଣ, ବନ୍ଦନ, ଲୀଳା ଶ୍ରବଣ ଏବଂ ଅର୍ଚ୍ଚନ କଲେ ଲୋକର ପାପ ସହସା ବିଦୂରିତ ହୁଏ, ଏବଂ ଯାହାଙ୍କର ଯଶୋଗାଥା ଶ୍ରବଣ କଲେ ପରମ ମଙ୍ଗଳଲାଭ ହୁଏ, ତାହାଙ୍କୁ ପୁନଃ ପୁନଃ ନମସ୍କାର । ୧୫ ।

ବିଚକ୍ଷଣ ବ୍ୟକ୍ତିମାନେ ଯାହାଙ୍କର ଚରଣ ସେବା କରି ଐହିକ ଓ ପାରତ୍ରିକ ଭୟରୁ ତରିଯାନ୍ତି, ଏବଂ ଅକ୍ଳେଶରେ ବ୍ରହ୍ମଗତି ଲାଭ କରନ୍ତି, ସେହି ପୁଣ୍ୟଶ୍ଳୋକଙ୍କୁ ନମସ୍କାର । ୧୬ ।

ନମସ୍ତେ ଜଗତ ଜୀବନ
ସାଧୁଙ୍କ ବୃଜିନ ଦହନ
ଅସାଧୁ ଦମନ କେଶବ
ଅଖିଳ ଜନ୍ତୁରୂପ ତୋର
ପରମହଂସଙ୍କ ଆଶ୍ରମ
ଯେ ଅବା ସ୍ଥିତ ପ୍ରାଣିମାନେ
ତାହାଙ୍କୁ ଆତ୍ମତତ୍ତ୍ୱ ଦାତା
ନିରତେ ତୋର ପାଦେ ରତା ।୧୩।
ନମସ୍ତୁ ସାତ୍ୱତ ବତ୍ସଳ
କୁଯୋଗୀ ଜନେ ଅଗୋଚର
ସମେ ପ୍ରକାଶ ସର୍ବଠାରେ
ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତରେ
ଯା ନାମ ଶ୍ରବଣ କୀର୍ତ୍ତନ
ଯା ରୂପ ଦେଖିଣ ନୟନ
ନମିଲେ ଯାହାର ଚରଣ
ସ୍ମରଣ ପୂଜା ସମର୍ପଣ
ଜନ୍ତୁଙ୍କ କଲ୍ମଷ ନାଶଇ
ଯେ ସର୍ବମଙ୍ଗଳ ବୋଲାଇ
ତାହାଙ୍କୁ ମୋର ନମସ୍କାର
ଯେ ହରି ଶରଣ ସୋଦର ।୧୫।
ପଣ୍ଡିତ ଜନ ଯାର ପାଦେ
ସେବା ସମ୍ବାଦ ଅପ୍ରମାଦେ
ଆତ୍ମାର କଲ୍ମଷ ନାଶନ୍ତି
ଜନ୍ମ ମରଣେ ନ ଡରନ୍ତି
ଆତ୍ମାର ଶ୍ରମ କରି ଶାନ୍ତି
ଅନ୍ତେ ଲଭନ୍ତି ବ୍ରହ୍ମଗତି
ସର୍ବମଙ୍ଗଳ ଦାମୋଦର
ତାହାଙ୍କୁ ମୋର ନମସ୍କାର ।୧୬।

Digitized by srujanika@gmail.com

ତପସ୍ୱିନୋ ଦାନପରା ଯଶସ୍ୱିନୋ ମନସ୍ୱିନୋ ମନ୍ତ୍ରବିଦଃ ସୁମଙ୍ଗଳାଃ ।
କ୍ଷେମଂ ନ ବିନ୍ଦନ୍ତି ବିନା ଯଦର୍ପଣଂ ତସ୍ମୈ ସୁଭଦ୍ରଶ୍ରବସେ ନମୋ ନମଃ ।୧୭।
କିରାତ-ହୂଣାନ୍ଧ୍ର-ପୁଳିନ୍ଦ-ପୁକ୍‌କଶା ଆଭୀରକଙ୍କା ଯବନାଃ ଖସାଦୟଃ ।
ଯେଽନ୍ୟେ ଚ ପାପା ଯଦୁପାଶ୍ରୟାଶ୍ରୟାଃ ଶୁଧ୍ୟନ୍ତି ତସ୍ମୈ ପ୍ରଭବିଷ୍ଣବେ ନମଃ ।୧୮
ସ ଏଷ ଆତ୍ମାତ୍ମବତାମଧୀଶ୍ୱରସ୍ତ୍ରୟୀମୟୋ ଧର୍ମମୟସ୍ତପୋମୟଃ ।
ଗତବ୍ୟଲୀକୈରଜଶଙ୍କରାଦିଭିର୍ବିତର୍କ୍ୟଲିଙ୍ଗୋ ଭଗବାନ୍ ପ୍ରସୀଦତାମ୍ । ୧୯ ।
ଶ୍ରିୟଃ ପତିର୍ଯଜ୍ଞପତିଃ ପ୍ରଜାପତିର୍ଧିୟାଂ ପତିର୍ଲୋକପତିର୍ଧରାପତିଃ ।
ପତିର୍ଗତିଶ୍ଚାନ୍ଧକବୃଷ୍ଣିସାତ୍ୱତାଂ ପ୍ରସୀଦତାଂମେ ଭଗବାନ୍ ସତାଂ ପତିଃ । ୨୦ ।

ଜ ତପସ୍ୱୀ, ଜ ଦାତା, ଜ ଯୋଗୀ, ଜ ଯଶସ୍ୱୀ, ଛ ମନ୍ତ୍ର ସାଧକ, ଜ ସଦାଗ୍ରସ୍ତ, ଯେ କୌଣସି ବ୍ୟକ୍ତି ତାହାଙ୍କର କର୍ମଫଳ ଯାହାଙ୍କଠାରେ ସମର୍ପଣ ନ କରି ମଙ୍ଗଳଫଳ ଲଭ କରି ପାରନ୍ତି ନାହିଁ, ସେହି ପୁଣ୍ୟ କୀର୍ତ୍ତିଙ୍କୁ ନମସ୍କାର । ୧୭ ।

କିରାତ; ହୂଣ, ଆନ୍ଧ୍ର, ପୁଳିନ୍ଦ, ପୁକ୍କଶ ଆଭୀର, କଙ୍କ, ଯବନ, ଖସ ଇତ୍ୟାଦି ନୀଚ ଜାତୀୟ ବ୍ୟକ୍ତିମାନେ, ଏବଂ କର୍ମ ହେତୁରୁ ଅନ୍ୟପାପୀମାନେ ଯାହାଙ୍କର ଆଶ୍ରିତ ବ୍ୟକ୍ତିଙ୍କର ଆଶ୍ରୟ ଲଭିକରି ପବିତ୍ର ହୋଇଯାନ୍ତି ଏବଂ ସେମାନଙ୍କୁ ଆଉ ନୀଚ ଜାତିରେ ଜନ୍ମ ଗ୍ରହଣ କରିବାକୁ ପଡ଼େ ନାହିଁ, ଅଥବା ପାପ କର୍ମର ଫଳ ଭୋଗ କରିବାକୁ ପଡ଼େ ନାହିଁ, ସେହି ପ୍ରଭୁଙ୍କୁ ନମସ୍କାର । ୧୮ ।

ଯେ ଆତ୍ମ ରୂପରେ ଧୀରବ୍ୟକ୍ତିମାନଙ୍କର ଉପାସ୍ୟ, ଯେ ଅଧୀଶ୍ୱର, ବେଦମୟ ଓ ଧର୍ମମୟ, ବିଶୁଦ୍ଧ ଭାବରେ ଅକପଟ ମନରେ ଭକ୍ତଗଣ ଯାହାଙ୍କର ମୂର୍ତ୍ତି ଦର୍ଶନ କରନ୍ତି, ସେହି ପରମାତ୍ମା ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ୧୯ ।

ଯେ ଶ୍ରୀପତି, ଯଜ୍ଞାଧିପତି, ପ୍ରଜାପତି, ବିବେକାଧିପତି, ଭୁବନପତି, ପୃଥିବୀପତି ଏବଂ ଯେ ଅନ୍ଧକ ଓ ବୃଷ୍ଣି ବଂଶାଧିପତିଙ୍କର ପତି ଓ ଗତି ସେ ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ୨୦ ।

ଯେ ପ୍ରାଣୀ ତପ ଦାନ କରେ
ଯଶ ସମ୍ପାଦ୍ଦ ଏ ସଂସାରେ
ସୁବୁଦ୍ଧିପଣେ ମନ୍ତ୍ର ସାଧି
କୁଶଳେ କର୍ମକୁ ଆରାଧି
ଏଣୁ ଅର୍ଜନ୍ତି ଯେତେ ଫଳ
ତୋତେ ନ ସମର୍ପି ନିଷ୍ଫଳ
ସୁଭଦ୍ରଶ୍ରବା ନାମ ଯାର
ତାହାକୁ ମୋର ନମସ୍କାର । ୧୭ ।
କିରାତ, ହୂଣ, ଆନ୍ଧ୍ର ଯେତେ
ପୁଳିନ୍ଦ, ଚଣ୍ଡାଳ ସମେତେ

ଆଭୀର, କଙ୍କ, ଯୋନିଯବନ
ଏ ଆଦି ଯେତେ ଅନ୍ତ୍ୟଜନ
ଦୁଷ୍କର କର୍ମ ଯେ କରନ୍ତି
ଯା ପାଦ ଆଶ୍ରିତେ ତରନ୍ତି
ସର୍ବପ୍ରଭୁବଶୀକ ଯେହି
ତା ପାଦପଦ୍ମେ ମୁଁ ନମଇଁ ।୧୮।
ଯେ ହରି ଜଗତ ଜୀବନ
ଆତ୍ମାଜ୍ଞାନୀଙ୍କ ଆତ୍ମଧନ
ଏ ତିନି ବେଦ ଯାର ଦେହ
ଯେ ଧର୍ମମୟ ତପୋମୟ

ନିର୍ମଳ ଚିତ୍ତେ ଯୋଗିଜନେ
ବ୍ରହ୍ମା ଶଙ୍କର ଅନୁମାନେ
ନାନା ପ୍ରକାରେ ଧ୍ୟାନେ ଚିନ୍ତି
ଯା ରୂପ କେହି ନ ଦେଖନ୍ତି
ଯେ ଲକ୍ଷ୍ମୀପତି ଯଜ୍ଞପତି
ଯେ ପ୍ରଜାପତି ଜ୍ଞାନପତି
ଯେ ଲୋକପତି ଧରାପତି
ଯାଦବବଂଶ-ପତି-ଗତି
ସାଧବ ଜନଙ୍କର ଗତି
ପ୍ରସନ୍ନ ହୁଅନ୍ତୁ ମୋ ପ୍ରତି ।୧୯,୨୦

Digitized by srujanika@gmail.com

ଯଦଙ୍ଘ୍ର୍ୟଭିଧ୍ୟାନସମାଧିଧୌତୟା ଧିୟାନୁପଶ୍ୟନ୍ତି ହି ତତ୍ତ୍ୱମାତ୍ମନଃ ।
ବଦନ୍ତି ଚୈତତ୍ କବୟୋ ଯଥାରୁଚଂ ସ ମେ ମୁକୁନ୍ଦୋ ଭଗବାନ୍ ପ୍ରସୀଦତାମ୍ ॥
ପ୍ରଚୋଦିତା ଯେନ ପୁରା ସରସ୍ୱତୀ ବିତନ୍ୱତାଽଜସ୍ୟ ସତୀଂ ସ୍ମୃତିଂ ହୃଦି ।
ସ୍ୱଲକ୍ଷଣା ପ୍ରାଦୁରଭୂତ୍ କିଲାସ୍ୟତଃ ସ ମେ ଋଷୀଣାମୃଷଭଃ ପ୍ରସୀଦତାମ୍ ।୨୨।
ଭୂତୈର୍ମହଦ୍ଭିର୍ଯ ଇମା ପୁରୋ ବିଭୁ-
ର୍ନିର୍ମାୟ ଶେତେ ଯଦମୂଷୁ ପୂରୁଷଃ ।
ଭୁଂକ୍ତେ ଗୁଣାନ୍ ଷୋଡ଼ଶ ଷୋଡ଼ଶାତ୍ମକଃ-
ସୋଽଲଂକୃଷୀଷ୍ଟ ଭାଷିତାନି ମେ । ୨୩ ।
ନମସ୍ତସ୍ମୈ ଭଗବତେ ବାସୁଦେବାୟ ବେଧସେ ।
ପପୁର୍ଜ୍ଞାନମୟଂ ସୌମ୍ୟା ଯନ୍ମୁଖାମ୍ବୁରୁହାସବମ୍ । ୨୪ ।

ଯାହାଙ୍କର ଚରଣଚିନ୍ତାରୂପ ସମାଧି ଦ୍ୱାରା ବୁଦ୍ଧି ବିଧୌତ ହେଲେ ଜ୍ଞାନୀଗଣ ଆତ୍ମଜ୍ଞାନ ଲାଭ କରନ୍ତି, ସାଧୁଗଣ ଯାହାଙ୍କୁ ସଗୁଣ ଓ ନିର୍ଗୁଣ ବୋଲି କଳ୍ପନା କରନ୍ତି, ସେହି ଭଗବାନ୍ ମୁକୁନ୍ଦ ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ୨୧ ।

ପୂର୍ବେ କଳ୍ପାଦ୍ୟରେ ଯାହାଙ୍କର ଆଜ୍ଞାରେ ସରସ୍ୱତୀ ବ୍ରହ୍ମାଙ୍କ ହୃଦୟରେ ଅବସ୍ଥାନ କରିବାରୁ ଶିକ୍ଷା-ପ୍ରଦ ବେଦ ଓ ଗାୟତ୍ରୀ ମନ୍ତ୍ର ଉଚ୍ଚାରିତ ହୋଇଥିଲା, ସେହି ଜ୍ଞାନୀ ଋଷିଶ୍ରେଷ୍ଠ ଭଗବାନ୍ ବ୍ୟାସରୂପୀ ହରି ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ୨୨ ।

ଯେଉଁ ବିଭୁ ମହାଭୂତ ଦ୍ୱାରା ଏ ଶରୀରକୁ ଗୃହରୂପେ ନିର୍ମାଣ କରି, ତହିଁ ମଧ୍ୟରେ ଶୟାନ ହୋଇ ଅଛନ୍ତି, ଏବଂ ଯେ ଏକାଦଶ ଇନ୍ଦ୍ରିୟ ଓ ପଞ୍ଚମହାଭୂତ ସ୍ୱରୂପ ଷୋଡ଼ଶକଳା ପ୍ରକାଶ କରି ଦେହି ଗୁଣ-ମାନଙ୍କୁ ପାଳନ କରୁ ଅଛନ୍ତି, ସେ ମୋର ବାକ୍ୟାବଳୀକୁ ଅଳଂକୃତ କରନ୍ତୁ । ୨୩ ।

ଭକ୍ତଗଣ ଯାହାଙ୍କର ମୁଖ ପଦ୍ମରୁ ଜ୍ଞାନମୟ ମକରନ୍ଦ ପାନ କରିଥିଲେ, ସେହି ଅମିତ ତେଜା ଭଗବାନ୍ ବ୍ୟାସଦେବଙ୍କୁ ମୋର ନମସ୍କାର । ୨୪ ।

ଯାର ଚରଣଧ୍ୟାନ ବଳେ
ନିଶ୍ଚଳ ସମାଧିର ଜଳେ
ବୁଦ୍ଧିକି ପ୍ରକ୍ଷାଳନ କରି
ଯାହା ଚିନ୍ତନ୍ତି ବ୍ରହ୍ମଜ୍ଞ
ସଗୁଣ ନିର୍ଗୁଣ ବିଗ୍ରହରେ
ସେବନ୍ତି ଯେଚ୍ଛା ଅନୁସାରେ
ସେ ହରି ମୋର ହୃଦଗତେ
ପ୍ରକାଶ ହେଉ ଅବିରତେ । ୨୧ ।
ଯାହାର ଆଜ୍ଞା ପରମାଣେ
ଭାରତୀ ଆସି ତତକ୍ଷଣେ
ପ୍ରକାଶି କଳ୍ପ ଆଦିକାଳେ
ବ୍ରହ୍ମାର ହୃଦୟ କମଳେ
ସୃଷ୍ଟି ବିଷୟ ଜ୍ଞାନ ଦେଲା
ମୁଖେ ଗାୟତ୍ରୀ ଉଚ୍ଚାରିଲା
ନମସ୍ତେ ବ୍ୟାସରୂପ ହରି
ହୃଦୟେ ବସ କୃପା କରି । ୨୨ ।
ମହତଆଦି ପଞ୍ଚଭୂତେ
ଜନ୍ତୁ ରଚାଇ ଏ ଜଗତେ
ଜନ୍ତୁଙ୍କ ହୃଦୟକମଳେ
ଯାର ଆସନ ସୁଖହେଳେ
ଗୁଣସମୂହ ସୁଖେ ଭୁଞ୍ଜେ
ଷୋଡ଼ଶ ଆତ୍ମା ରୂପେ ରାଜେ
ସେ ହରି ବସୁ ମୋର ହୃଦେ
ବାକ୍ୟ ଆବୋରି ପଦେ ପଦେ । ୨୩ ।
ନମଇଁ ବ୍ୟାସ ମୁନିବର
କୃଷ୍ଣେ ଅକୁଣ୍ଠ ବୁଦ୍ଧି ଯାର
ଯା ମୁଖପଦ୍ମୁ ଜ୍ଞାନରସେ
ମୁନିଏ ପିବନ୍ତି ହରଷେ । ୨୪ ।

Digitized by srujanika@gmail.com

ଏତଦେବାତ୍ମଭୂ ରାଜନ୍ ନାରଦାୟ ବିପୃଚ୍ଛତେ ।
ବେଦଗର୍ଭୋଽଭ୍ୟଧାତ୍ ସାକ୍ଷାଦ୍ ଯଦାହ ହରିରାତ୍ମନଃ । ୨୫ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦ୍ୱିତୀୟସ୍କନ୍ଧେ
ଭକ୍ତିଯୋଗପ୍ରାଧାନ୍ୟବର୍ଣ୍ଣନଂ ନାମ ଚତୁର୍ଥୋଽଧ୍ୟାୟଃ । ୪ ।

(ତହୁଁ ଶ୍ରୀ ଶୁକଦେବ ପରୀକ୍ଷିତଙ୍କୁ ସମ୍ବୋଧନ କରି କହିଲେ) ହେ ରାଜନ୍ ! ପୂର୍ବେ ନାରଦ ବେଦଗର୍ଭ ବ୍ରହ୍ମାଙ୍କୁ ଏହି ଜ୍ଞାନ ପ୍ରସଙ୍ଗ ପ୍ରଶ୍ନ କରିଥିଲେ, ବ୍ରହ୍ମା ବିଷ୍ଣୁଙ୍କ ନିକଟରୁ ଯେପରି ଶୁଣିଥିଲେ, ତାହାଙ୍କୁ ସେହିପରି ଶୁଣାଇ ଥିଲେ । ୨୫ ।

ଯେ ହରି କଥା ପୂର୍ବକାଳେ
ନାରଦ ଋଷି ମୁନିମେଳେ
ବ୍ରହ୍ମାଙ୍କୁ ପଚାରିଲେ ଯେତେ
ପ୍ରସଙ୍ଗେ କହିବି ମୁଁ ତୋତେ ।୨୫।

କହଇ ଦାସ ଜଗନ୍ନାଥ
ଦ୍ୱିତୀୟସ୍କନ୍ଧେ ଭାଗବତ
ଏ ବାଣୀ ଶୁଣି ସୁଖହେଲେ
ପ୍ରାଣୀ ନିସ୍ତରି ଭବଜଳେ

ଭାବାର୍ଥ :—

ଜୀବାମୃତତତ୍ତ୍ୱ ଓ ପରମାମୃତତତ୍ତ୍ୱ ଶ୍ରୀ ଶୁକଦେବଙ୍କଠାରୁ ଶ୍ରବଣ କରି ମହାରାଜ ପରୀକ୍ଷିତ ନିଜର କୁଳଦେବତା ଶ୍ରୀକୃଷ୍ଣ ଚରଣାରବିନ୍ଦରେ ସର୍ବବିଧ କାମନା ଶୂନ୍ୟ ଶୁଦ୍ଧ ଚିତ୍ତ ସମର୍ପଣ କରିଥିଲେ, ଏବଂ ସେହି ଶ୍ରୀକୃଷ୍ଣ, ଯାହାଙ୍କୁ ସେ ମାତୃ ଗର୍ଭରେ ଥିବାବେଳେ ଦର୍ଶନ କରିଥିଲେ, ଓ ଯାହାଙ୍କ ଅପାର କରୁଣାରୁ ତାଙ୍କର ଜୀବନ ଧାରଣକରି ପୃଥିବୀରେ ଜନ୍ମ ଗ୍ରହଣ କରିବା ସମ୍ଭବହୋଇଥିଲା, ତାଙ୍କ ଲୀଳା ପ୍ରସଙ୍ଗ ଶ୍ରୀଶୁକ ମୁଖରୁ ଶ୍ରବଣ କରିବାକୁ ସେ ଆଗ୍ରହାନ୍ୱିତ ହୋଇଥିଲେ । ମୃତ୍ୟୁ ସମସ୍ତଙ୍କୁ ଗ୍ରାସ କରେ, କିନ୍ତୁ ସେହି ମୃତ୍ୟୁକୁ ଆନନ୍ଦରେ ବରଣ କରି ମୃତ୍ୟୁର ବିଭୀଷିକାରେ ଭୀତ ନ ହୋଇ ଧର୍ମ, ଅର୍ଥ, କାମ ସର୍ବବିଧ ବାସନା ପରିତ୍ୟାଗ ପୂର୍ବକ ଶ୍ରୀହରି ଚରଣରେ ଚିତ୍ତ ନିବେଶ କରି ମୋକ୍ଷ ପଥର ସନ୍ଧାନ କରୁଥିଲେ । ଧର୍ମ, ଅର୍ଥ, କାମ ଭୋଗରେ ସୁଦ୍ଧା ମୃତ୍ୟୁର ବିଭୀଷିକା ଦେଖା ଯାଏ, କେବଳ ମାତ୍ର ଶ୍ରୀହରି ଲୀଳା ସ୍ମରଣ, ବା କୀର୍ତ୍ତନରେ ସେ ଭୟ ନାହିଁ । ତେଣୁ ମହାରାଜ ପରୀକ୍ଷିତ ଶ୍ରୀହରିଙ୍କର ସୃଷ୍ଟି, ସ୍ଥିତି, ସଂହାର ଲୀଳା ପ୍ରସଙ୍ଗ ଶ୍ରୀ ଶୁକଦେବଙ୍କୁ ପ୍ରଶ୍ନ କରିଥିଲେ । ଭଗବାନ୍ ଅଚିନ୍ତ୍ୟ ଓ ଅନନ୍ତ ଶକ୍ତିର ଆଧାର, ଚିତ୍ଶକ୍ତି, ମାୟାଶକ୍ତି ଓ ଜୀବଶକ୍ତି ତାଙ୍କରଠାରୁ ଉଦ୍ଭୂତ । ନିତ୍ୟଧାମର ମଧୁରଲୀଳା ତାଙ୍କର ଚିତ୍ ଶକ୍ତିର ବିକାଶ ମାତ୍ର, ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଓ ପ୍ରଳୟ ଲୀଳା ତାଙ୍କର ମାୟାଶକ୍ତିର ଖେଳା, ସେହି ଭଗବାନ୍ ମାୟାଶକ୍ତି ସହିତ କ୍ରୀଡ଼ା

Digitized by srujanika@gmail.com

କାଳବେଳେ ପ୍ରକୃତିର କ୍ଷୋଭ, କ୍ଷୋଭ, ମହତ୍ତତ୍ତ୍ୱ ପ୍ରଭୃତି ସୃଷ୍ଟି ହୁଏ । କ୍ଷୁଦ୍ରମାନବ ନିଜର କ୍ଷୁଦ୍ର, ବୁଦ୍ଧିରେ ସେହି ଲୀଳା ପ୍ରସଙ୍ଗ ଧାରଣା କରି ନ ପାରି ନାନା ତର୍କ ବିତର୍କରେ ପ୍ରବୃତ୍ତ ହୁଏ, ତେଣୁ ନାନା-ପ୍ରକାର ସନ୍ଦେହ ଉତ୍ଥାପିତ ହୁଏ । ସେହି ସନ୍ଦେହ ଦୂରୀକରଣ ପୂର୍ବକ ଭଗବାନଙ୍କର ଅଚିନ୍ତ୍ୟଶକ୍ତି ଲୀଳା ବୁଝାଇବାକୁ ଶ୍ରୀ ଶୁକଦେବଙ୍କୁ ପ୍ରଶ୍ନ କରିଥିଲେ । ଶ୍ରୀଭଗବାନଙ୍କ ଲୀଳା ବର୍ଣ୍ଣନ କରିବାକୁ କେହି ସହଜରେ ସମର୍ଥ ନୁହେଁ, କେବଳ ତାଙ୍କର କୃପାହେଲେ କ୍ଷୁଦ୍ରଶକ୍ତି ମାନବ ସେ ଶକ୍ତିଲଭ କରି ପାରେ । ତେଣୁ ଶ୍ରୀଶୁକଦେବ ଭଗବଦ୍ ଲୀଳା ବର୍ଣ୍ଣନା ପୂର୍ବରୁ ତାହାଙ୍କୁହିଁ ସ୍ତୁତି କରିଥିଲେ । ସେହି ସ୍ତୁତିରେ ଭଗବାନଙ୍କର ଅନନ୍ତ ମହିମା ଓ ଅସୀମ ଶକ୍ତିର ଉଲ୍ଲେଖ କରାଯାଇ ଅଛି, ସେହି ସ୍ତୁତି ମଧ୍ୟରେ ଭଗବଦ୍ ତତ୍ତ୍ୱ ଓ ଭକ୍ତି ମାହାତ୍ମ୍ୟ ମଧ୍ୟ ବର୍ଣ୍ଣିତ ହୋଇ ଅଛି ।

ଶ୍ରୀଭଗବାନ ଲୀଳାମୟ, ସେ ପୁରୁଷାବତାର ଗ୍ରହଣ କରି ପ୍ରକୃତି ବ୍ରହ୍ମାଣ୍ଡ ଏବଂ ଜୀବ-ହୃଦୟରେ ଅବସ୍ଥାନ କରି ପ୍ରକୃତିର ମହତତ୍ତ୍ୱାଦି ପ୍ରକାଶଶକ୍ତି ଓ ବ୍ରହ୍ମାଣ୍ଡର ଓ ଜୀବର ଜୀବନୀ ଶକ୍ତି ସଞ୍ଚାର କରିଥାନ୍ତି । ପ୍ରାଣୀମାନଙ୍କର ହୃଦୟ ମଧ୍ୟରେ ସେ ଅବସ୍ଥାନ କରୁଥିଲେ ମଧ୍ୟ କେହି ତାଙ୍କର ଅନୁସନ୍ଧାନ ପାଏ ନାହିଁ । ଭକ୍ତିମିଶ୍ର ଜ୍ଞାନଯୋଗୀ ଓ ଭକ୍ତଗଣ ତାଙ୍କର ବ୍ରହ୍ମାନନ୍ଦ ଓ ପ୍ରେମାନନ୍ଦ ଅନୁଭବ କରନ୍ତି, ଭକ୍ତିହୀନ ବ୍ୟକ୍ତିମାନେ ସେହି ତତ୍ତ୍ୱରକଣାମାତ୍ର ଅନୁଭବ କରିପାରନ୍ତି ନାହିଁ । ତାଙ୍କର ଚରଣାଶ୍ରିତ ବ୍ୟକ୍ତିହିଁ ତାଙ୍କର ଲୀଳାର ମହତ୍ତ୍ୱ ବୁଝେ । ତାଙ୍କର ଚରଣାଶ୍ରିତ ବ୍ୟକ୍ତି ପ୍ରତି ସେ କୃପା କଲେ, ତାହା ପକ୍ଷରେ ସେହି ମାହାତ୍ମ୍ୟ ବୁଝିବା ସହଜ ହୋଇ ପାରେ । ଏହି ସୃଷ୍ଟିଲୀଳା ପ୍ରସଙ୍ଗ କହିବାକୁ ଯାଇଁ ଶୁକଦେବ କହିଲେ "ମହାରାଜ ! ତୁମ୍ଭେ ଆଜ ଯେଉଁ ପ୍ରଶ୍ନ କରୁଅଛ, ନାରଦ ବ୍ରହ୍ମାଙ୍କୁ ଦିନେ ସେହି ପ୍ରଶ୍ନ କରିଥିଲେ, ବ୍ରହ୍ମା ତାଙ୍କୁ ଯେଉଁ ଉତ୍ତର ଦେଇଥିଲେ, ତାହା ତୁମ୍ଭଙ୍କୁ କହିଲେ ତୁମ୍ଭର ପ୍ରଶ୍ନର ଯଥାର୍ଥ ଉତ୍ତର ମିଳିବ ।"

Digitized by srujanika@gmail.com

ପ ଞ୍ଚ ମ ଅ ଧ୍ୟା ୟ ।

ପଞ୍ଚମେ ନାରଦେନାଥ ପୃଷ୍ଟଃ ସୃଷ୍ଟ୍ୟାଦ୍ୟ ବକ୍ତ୍ୟଜଃ ।
ହରେର୍ଲୀଳାଂ ବିରାଟ୍‌ସୃଷ୍ଟିଂ କାଲକର୍ମାଦ୍ୟ ଶକ୍ତିଭିଃ । ୦ ।

ଶ୍ରୀ ନାରଦ ଉବାଚ ।

ଦେବଦେବ ନମସ୍ତେଽସ୍ତୁ ଭୂତଭାବନ ପୂର୍ବଜ,
ତଦବିଜାନୀହି ଯଜ୍ଜ୍ଞାନମାତ୍ମତତ୍ତ୍ୱନିଦର୍ଶନମ୍ । ୧ ।
ଯଦ୍ରୂପଂ ଯଦଧିଷ୍ଠାନଂ ଯତଃ ସୃଷ୍ଟମିଦଂ ପ୍ରଭୋ ।
ଯତ୍‌ସଂସ୍ଥଂ ଯତ୍ପରଂ ଯଚ୍ଚ ତତ୍ତତ୍ତ୍ୱଂ ବଦ ତତ୍ତ୍ୱତଃ । ୨ ।
ସର୍ବଂ ହ୍ୟେତଦ୍‌ଭବାନ୍ ବେଦ ଭୂତଭବ୍ୟଭବତ୍‌ପ୍ରଭୁଃ ।
କରାମଲକବଦ୍‌ବିଶ୍ୱଂ ବିଜ୍ଞାନାବସିତଂ ତବ । ୩ ।

ସୃଷ୍ଟି ବର୍ଣ୍ଣନା ।

ନାରଦଙ୍କ କର୍ତ୍ତୃକ ପୃଷ୍ଟ ହୋଇ ବ୍ରହ୍ମା ସୃଷ୍ଟି ବର୍ଣ୍ଣନା ଓ ବିରାଟପୁରୁଷଙ୍କର ବର୍ଣ୍ଣନା କରିଅଛନ୍ତି ।

ନାରଦ କହିଲେ :—

ହେ ଦେବଦେବ ! ହେ ଭୂତ ଭାବନ ! ହେ ପୂର୍ବଜ (ସର୍ବାଗ୍ରେ ଜାତ) ଆପଣଙ୍କୁ ମୋର ନମସ୍କାର ଯଦ୍ଦ୍ୱାରା ଆତ୍ମତତ୍ତ୍ୱ ଉପଲବ୍ଧି କରାଯାଏ, ତାହା ମୋତେ କହନ୍ତୁ । ୧ ।

ଏ ବିଶ୍ୱ ଯେପରି ପ୍ରକାଶ ପାଇଅଛି, ଯାହାଙ୍କଠାରେ ବିଲୀନ ହେବ ଏବଂ ଯାହାଙ୍କର ରୂପର ପ୍ରକାଶ ସ୍ୱରୂପ, ସେହି ତତ୍ତ୍ୱ ମୋତେ କହନ୍ତୁ । ୨ ।

ଆପଣ ଭୂତ, ଭବିଷ୍ୟତ ଓ ବର୍ତ୍ତମାନର କର୍ତ୍ତା, ହସ୍ତସ୍ଥିତ ଅଁଳା ଫଳତୁଲ୍ୟ ଏ ବିଶ୍ୱର ତତ୍ତ୍ୱ ଆପଣଙ୍କୁ ସମ୍ପୂର୍ଣ୍ଣ ଗୋଚର । ୩ ।

ପଞ୍ଚମେ ନାରଦ ପୁଛନ୍ତେ, କାଳକର୍ମାଦ୍ୟ ଶକ୍ତି ଯୁତେ । ଯେମନ୍ତେ ସୃଷ୍ଟି ସରଜିଲ, ବ୍ରହ୍ମା ବୋଲନ୍ତି ହରିଲୀଳା ॥

ଶ୍ରୀ ନାରଦ ଉବାଚ

ଆନନ୍ଦ ଚିତ୍ତେ ସେ ନାରଦେ
ପୁଛନ୍ତି ବ୍ରହ୍ମାଙ୍କର ପାଦେ
ହେ ଦେବଦେବ ! ନମୋଽସ୍ତୁତେ
ଭୂତଭାବନ ତୁ ଜଗତେ
ସୃଷ୍ଟିର ଅଗ୍ରେ ତୋର ଦେହ
ତୋ ସ୍ତବ ନ ଜାଣନ୍ତି କେହି
ଆତ୍ମାର ତତ୍ତ୍ୱ ତୁମ୍ଭେ ଜାଣ
ଯେ ବେଦ ପୁରାଣେ ପ୍ରମାଣ ।୧।
ଯେ ରୂପ ଯହିଁ ତୋର ବାସ
ଯହିଁ ଏ ଜଗତ ପ୍ରକାଶ
ଯାହାର ଆଗେ ଏ ବର୍ତ୍ତଇ
ପ୍ରକାଶି ଯହିଁ ଲୀନ ହୋଇ । ୨ ।
ଭୂତ, ଭବିଷ୍ୟ ବର୍ତ୍ତମାନ
ତୁମ୍ଭ ଗୋଚରେ ଦିବ୍ୟ ଜ୍ଞାନ
ହସ୍ତେ ଅଁଳା ଫଳ ପ୍ରାୟେ
ତୁମ୍ଭ ଗୋଚରେ ଜ୍ଞାନ ରହେ ।୩।

Digitized by srujanika@gmail.com

ଯଦ୍‌ବିଜ୍ଞାନୋ ଯଦାଧାରୋ ଯତ୍ପରସ୍ତ୍ୱଂ ଯଦାତ୍ମକଃ ।
ଏକଃ ସୃଜସି ଭୂତାନି ଭୂତୈରେବାତ୍ମମାୟୟା ।୪।
ଆତ୍ମନ୍ ଭାବୟସେ ତାନି ନ ପରାଭାବୟନ୍ ସ୍ୱୟମ୍ ।
ଆତ୍ମଶକ୍ତିମବଷ୍ଟଭ୍ୟ ଊର୍ଣ୍ଣନାଭିରିବାକ୍ଲମଃ ।୫।
ନାହଂ ବେଦ ପରଂ ହ୍ୟସ୍ମିନ୍ ନାପରଂ ନ ସମଂ ବିଭୋ ।
ନାମରୂପଗୁଣୈର୍ଭାବ୍ୟଂ ସଦସତ୍ କିଂଚିଦନ୍ୟତଃ ।୬।
ସ ଭବାନଚରଦ୍ଘୋରଂ ଯତ୍ତପଃ ସୁସମାହିତଃ ।
ତେନ ଖେଦୟସେ ନସ୍ତ୍ୱଂ ପରଶଙ୍କାଞ୍ଚ ଯଚ୍ଛସି ।୭।

ଆପଣଙ୍କୁ ଏହି ବିଜ୍ଞାନ ଶିକ୍ଷା ଦେଲା କିଏ ? ଆପଣ କାହାକୁ ଆଶ୍ରୟ କରି ରହି ଅଛନ୍ତି ? କାହାର ଅଧୀନରେ ସୃଷ୍ଟି ଭିଆଇ ଅଛନ୍ତି ? ଆପଣଙ୍କର ସ୍ୱରୂପ କିପରି ? ଆପଣ ଏକାକୀ ମହାଭୂତରେ ସଁଚାରକରି ନିଜ ମାୟାରେ ଭୂତ ବା ଜୀବ ଜଗତ ସୃଷ୍ଟି କରୁଛନ୍ତି ବୋଲି ମୁଁ ଭାବେ ।୪।

ମାକଡ଼ସା ଯେପରି ନିଜଶକ୍ତିରେ ଜାଲ ପ୍ରସ୍ତୁତ କରି ଆପଣା ମୁଖରେ ବିହାର କରୁଥାଏ, ଆପଣ ସେହିପରି ନିଜ ଶକ୍ତିବଳରେ ଏ ସମସ୍ତ ସୃଷ୍ଟି ଭିଆଇ ତହିଁରେ ବିହାର କରୁଅଛନ୍ତି ।୫।

ଏହି ସଂସାରରେ ଉତ୍ତମ କିଏ ? ମଧ୍ୟମ କିଏ ? ଅଧମ କିଏ ? ତାହା ମୁଁ ଜାଣେ ନାହିଁ, ସ୍ଥୂଳ ବା ସୂକ୍ଷ୍ମ ବସ୍ତୁ ମାତ୍ରଙ୍କର ନାମ, ରୂପ, ଗୁଣ ଆପଣଙ୍କ ଇଚ୍ଛାରେ ଉଦ୍ଭୂତ, ଏହା ବ୍ୟତୀତ ମୁଁ ଅନ୍ୟ କିଛି ଜାଣେ ନାହିଁ ।୬।

(ତଥାପି) ଆପଣ ଯେ ଅନ୍ୟ କାହାରିକୁ ଜାଣିବା ପାଇଁ ଘୋର ତପସ୍ୟା କରନ୍ତି, ସେତେବେଳେ ମୋର ବୁଦ୍ଧି ଭ୍ରମ ହୁଏ, ସେତେବେଳେ ମୋର ମନେ ହୁଏ, ଆଉ ଜଣେ ସର୍ବଙ୍କ ଅଧୀଶ୍ୱର ଅନ୍ୟ କିଏ ଅଛି ।୭।

ଯେଣୁ ତୁମ୍ଭର ଜ୍ଞାନ ମୂଳରେ
ଯେବା ତୁମ୍ଭଙ୍କୁ ହୃଦେ ଧରେ
ଯାହାର ବଶ ତୁ ବୋଲାଇ
ବର୍ତ୍ତୁ ତୁ ଯାର ଆତ୍ମା ବହି
ଭୂତେ ସଁଚରିତ କରୁ
ଯାହାର ମାୟାରେ ବିହରୁ ।୪।
ଏ ଭୂତଗଣଙ୍କୁ ଯେ ପାଳେ
ଅପରାଭବ ଆତ୍ମା ଭୁଲେ

ଆପଣା ଶକ୍ତି ବଳେ ଭାବ
ଅଶ୍ରମେ ଯେସନ୍ତେ ଊର୍ଣ୍ଣନାଭି ।୫।
ଏ ସୃଷ୍ଟି କର୍ମ ଅଗୋଚର
ଯେ ନାମ ରୂପ ଗୁଣ ତାର
ପର ଅପର ଯେ ମଧ୍ୟମ
ଯେ ଅବା ଅଛି ସ୍ଥୂଳ ସୂକ୍ଷ୍ମ
ଜାଣେ ମୁଁ ନାହିଁ ତୋ ବାହାରେ
ଅନ୍ୟ ବା କେ ଅଛି ବେଖରେ ।୬।

ଯେ ତୁମ୍ଭେ ଘୋର ତପ କର
ଆତ୍ମା ସମାଧି ବଳେ ଧର
ତେଣୁ ମୋହିତ ମୋର ମନ
ତୁମ୍ଭ ଉପରେ କେବା ଅନ୍ୟ
ଏଣୁ ସଂଶୟ ମୋର ଚିତ୍ତେ
ଏ ମାୟା ସୃଜିଲ କେମନ୍ତେ ।୭।

Digitized by srujanika@gmail.com

ଏତନ୍ମେ ପୃଚ୍ଛତଃ ସର୍ବଂ ସର୍ବଜ୍ଞ ସକଳେଶ୍ୱର ।
ବିଜାନୀହି ଯଥୈବେଦମହଂ ବୁଧ୍ୟେଽନୁଶାସିତଃ । ୮ ।

ଶ୍ରୀ ବ୍ରହ୍ମୋବାଚ

ସମ୍ୟକ୍ କାରୁଣିକସ୍ୟେଦଂ ବତ୍ସ ତେ ବିଚିକିତ୍ସିତମ୍ ।
ଯଦହଂ ଚୋଦିତଃ ସୌମ୍ୟ ଭଗବଦ୍ବୀର୍ଯ୍ୟଦର୍ଶନେ । ୯ ।
ନାନୃତଂ ତବ ତଚ୍ଚାପି ଯଥା ମାଂ ପ୍ରବ୍ରବୀଷି ଭୋଃ ।
ଅବିଜ୍ଞାୟ ପରଂ ମତ୍ତ ଏତାବତ୍ତ୍ୱଂ ଯତୋ ହି ମେ । ୧୦ ।
ଯେନ ସ୍ୱରୋଚିଷା ବିଶ୍ୱଂ ରୋଚିତଂ ରୋଚୟାମ୍ୟହମ୍ ।
ଯଥାର୍କୋଽଗ୍ନିର୍ଯଥା ସୋମୋ ଯଥର୍କ୍ଷଗ୍ରହତାରକାଃ । ୧୧ ।

ହେ ସର୍ବଜ୍ଞ ! ହେ ସର୍ବେଶ୍ୱର ଆପଣଙ୍କୁ ପ୍ରଶ୍ନ କଲି ମୋତେ ଆପଣ ସବୁ କଥା ବୁଝାଇ କହନ୍ତୁ । ୮ ।

ବ୍ରହ୍ମା କହିଲେ :—

ବତ୍ସ ! ତୁମ୍ଭର ଏ ସନ୍ଦେହ ବିଷୟକ ପ୍ରଶ୍ନ ସମୀଚୀନ, କାରଣ ଏହି ସନ୍ଦେହ ମୋଚନ କରିବାକୁ ଯାଇ ମୁଁ ଭଗବାନଙ୍କର ମାହାତ୍ମ୍ୟ କୀର୍ତ୍ତନ କରିବି, ତୁମ୍ଭେ ମୋତେ ଏପରି ପ୍ରଶ୍ନ କରି କୃତାର୍ଥ କଲ ।୯।

ହେ ନାରଦ ! ତୁମ୍ଭେ ମୋତେ ଈଶ୍ୱର ବୋଲି ଯେ ସମ୍ବୋଧନ କଲ ତାହା ମିଥ୍ୟା ନୁହେଁ, କାରଣ ମୁଁ ସୃଷ୍ଟି ରଚଣା କରୁଅଛି, ମାତ୍ର ମୋଠାରୁ ଯେ ଶ୍ରେଷ୍ଠ ସେ ପରମେଶ୍ୱର, ତୁମ୍ଭେ ବୋଧହୁଏ ତାହାଙ୍କୁ ଜାଣ ନାହିଁ, ତେଣୁ ଏପରି କହିଲ । ୧୦ ।

ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରଗଣ ଯେପରି ପ୍ରକାଶମାନ ବସ୍ତୁକୁ ପ୍ରକାଶ କରନ୍ତି, ମୁଁ ସେହିପରି ତାଙ୍କଦ୍ୱାରା ପ୍ରକାଶିତ ବିଶ୍ୱକୁ ପ୍ରକାଶ କରୁଅଛି । ୧୧ ।

ତୁମ୍ଭେ ସର୍ବଜ୍ଞ ସର୍ବେଶ୍ୱର
ମୋର ସଂଶୟ କର ଦୂର
ଭକତଭାବେ ସତ୍ୱରହିଁ
ସ୍ୱଭାବେ ପୁତ୍ର ମୁଁ ଅଟଇ
ଯେମନ୍ତେ ମୋର ଚିତ୍ତ ସ୍ଥୂଳରେ
ଏ ବିଶ୍ୱ ସମାଧି ଗୋଚରେ
ଏଣୁ ନାରଦ ବାକ୍ୟ ଶୁଣି
ହରଷ କରି ପଦ୍ମଯୋନି । ୮ ।

ଶ୍ରୀ ବ୍ରହ୍ମୋବାଚ—
ଧନ୍ୟ ନାରଦ ମୁନିବର
ସାଧୁ ପ୍ରସ୍ତାବ ଏ ତୋହର
ତୁ ଯେ ପଚାରୁ ଜନହିତେ
ଏ ବ୍ରହ୍ମଭାଗ ଭଗବତେ
ବିଷ୍ଣୁ ମହିମା ଦରଶନେ
ପୁଚ୍ଛିଲୁ ବିନୟ ବଚନେ । ୯ ।
ତୁ ଯାହା ପଚାରିଲୁ ମୋତେ
ମିଥ୍ୟା ନୁହଇ ଏ ଉକତେ

ଯେଣୁ ଈଶ୍ୱର ପ୍ରାୟ ହୋଇ
ଏ ସୃଷ୍ଟି ମୋହର ଅଟଇ
ପରମେଶ୍ୱର ଜ୍ଞାନ ଯେଣୁ—
ନାହିଁତୋହର,ଭ୍ରାନ୍ତ ତେଣୁ ।୧୦।
ଯ ବିଷ୍ଣୁ ଆଜ୍ଞା ଘେନି ମାଥେ
ବ୍ରହ୍ମାଣ୍ଡ ସୃଜିଲି ଯେମନ୍ତେ
ଯେମନ୍ତେ ଅର୍କ ଅଗ୍ନି ଶଶୀ
ଗ୍ରହ ନକ୍ଷତ୍ର ତାରା ରାଶି । ୧୧ ।

Digitized by srujanika@gmail.com

ତସ୍ମୈ ନମୋ ଭଗବତେ ବାସୁଦେବାୟ ଧୀମହି ।
ଯନ୍‌ମାୟୟା ଦୁର୍ଜୟୟା ମାଂ ବ୍ରୁବନ୍ତି ଜଗଦ୍‌ଗୁରୁମ୍ । ୧୨ ।
ବିଲଜ୍ଜମାନୟା ଯସ୍ୟ ସ୍ଥାତୁମୀକ୍ଷାପଥେଽମୁୟା ।
ବିମୋହିତା ବିକତ୍ଥନ୍ତେ ମମାହମିତି ଦୁର୍ଧିୟଃ । ୧୩ ।
ଦ୍ରବ୍ୟଂ କର୍ମ୍ମ ଚ କାଲଶ୍ଚ ସ୍ୱଭାବୋ ଜୀବ ଏବ ଚ ।
ବାସୁଦେବାତ୍ ପରୋ ବ୍ରହ୍ମନ୍ ନ ଚାନ୍ୟୋଽର୍ଥୋଽସ୍ତି ତତ୍ତ୍ୱତଃ । ୧୪ ।
ନାରାୟଣପରା ବେଦା ଦେବା ନାରାୟଣାଙ୍ଗଜାଃ ।
ନାରାୟଣପରା ଲୋକା ନାରାୟଣପରା ମଖାଃ । ୧୫ ।
ନାରାୟଣପରୋ ଯୋଗୋ ନାରାୟଣପରଂ ତପଃ ।
ନାରାୟଣପରଂ ଜ୍ଞାନଂ ନାରାୟଣପରା ଗତିଃ । ୧୬ ।

ଯେଉଁ ବାସୁଦେବଙ୍କର ଦୁର୍ଜୟ ମାୟାରେ ମୁଗ୍‌ଧ ହୋଇ ଲୋକେ ଜଗଦ୍‌ଗୁରୁ ବୋଲି କହନ୍ତି, ସେହି ବାସୁଦେବଙ୍କୁ ମୋର ନମସ୍କାର । ୧୨ ।

ମାୟା-ଦେବୀ ତାଙ୍କର ଦୃଷ୍ଟିପଥରେ ଥାଇଁ ନିଜେ ଲଜ୍ଜା ଅନୁଭବ କରେ, ମାତ୍ର ସଂସାରଲୋକେ ତାଙ୍କର ମାୟାରେ ମୁଗ୍‌ଧ ହୋଇ ଅଜ୍ଞାନରେ 'ମୁଁ ଓ ମୋର', ଏହି ସବୁ ଗର୍ବ କରିଥାନ୍ତି । ୧୩ ।

ହେ ବ୍ରହ୍ମନ୍ ! ଦ୍ରବ୍ୟ, କର୍ମ, କାଳ, ସ୍ୱଭାବ, ଜୀବ ଏ ସମସ୍ତ ଯାହା ଦେଖୁଅଛ ତାହା ବାସୁଦେବଙ୍କ ଠାରୁ କେହି ଭିନ୍ନ ନୁହନ୍ତି (ବା ଶ୍ରେଷ୍ଠ ନୁହନ୍ତି) । ୧୪ ।

ନାରାୟଣହିଁ ବେଦ, ଦେବତାମାନେ ସେହି ନାରାୟଣଙ୍କ ଅଙ୍ଗରୁ ଜନ୍ମ, ଲୋକମାନେ ମଧ୍ୟ ତାଙ୍କର ସୃଷ୍ଟି, ସମସ୍ତ ଯଜ୍ଞ ତାଙ୍କର ଉଦ୍ଦେଶ୍ୟରେ ସମ୍ପନ୍ନ ହୁଏ । ୧୫ ।

ଯୋଗ, ତପସ୍ୟା, ଜ୍ଞାନ, ଏ ସମସ୍ତର କାରଣ ସେହି ନାରାୟଣ, ତାଙ୍କ ବିନୁ ଅନ୍ୟଗତି ନାହିଁ ।୧୬।

ତୋ ଆଦ ସଚ୍ଚ ଚକ୍ର ଯେତେ
ଯେ ବସ୍ତୁ ମାୟାବଳ-ଗ୍ରସ୍ତ
ବୋଲନ୍ତି ମୋତେ ବିଶ୍ୱଗୁରୁ
ଯାର ମହିମା ମହାମେରୁ
ଯେ ହରି ଜଗତ ଈଶ୍ୱର
ତାହାଙ୍କୁ ମୋର ନମସ୍କାର ।୧୨।
ଯାହାର ଇଚ୍ଛାମାର୍ଗେ ସ୍ଥିତ
ଲଜ୍ଜିତ ଶଙ୍କିତ ଭଗବତୀ

ସେ ମାୟା ବଳେ ଏ ଜଗତ
ଅଜ୍ଞାନମଦେ ବିମୋହିତ
"ମୁହିଁ ମୋହର ଏ ଶରୀର
ଦାରା ସମ୍ପଦ ବନ୍ଧୁ ମୋର"
ଅଜ୍ଞାନିଜନଙ୍କ ଏ ଭାବ
ସର୍ବ ସମ୍ପଦ ପଦ୍ମନାଭ । ୧୩ ।
ଏ ଦ୍ରବ୍ୟ କାଳ କର୍ମ ଜୀବ
ଜୀବର ଯେ ଅବା ସ୍ୱଭାବ

ଯେତେ ଦେଖଇଁ ଭିନ୍ନ ଭିନ୍ନ
ବିଶ୍ୱରେ କେବା ଅଛି ଆନ ।୧୪।
ବେଦବଚନ ଦେବଗଣ
ଏ ସର୍ବଲୋକ, ଯଜ୍ଞ, ଦାନ,
ତପସ୍ୟା, ଯୋଗ, ଜ୍ଞାନ, ଗତି,
ସର୍ବସମ୍ପଦ ଦାଶରଥି ।୧୫,୧୬।

Digitized by srujanika@gmail.com

ତସ୍ୟାପି ଦ୍ରଷ୍ଟୁରୀଶସ୍ୟ କୂଟସ୍ଥସ୍ୟାଖିଳାତ୍ମନଃ ।
ସୃଜ୍ୟଂ ସୃଜାମି ସୃଷ୍ଟୋଽହମୀକ୍ଷୟୈବାଭିଚୋଦିତଃ । ୧୭ ।
ସତ୍ତ୍ୱଂ ରଜସ୍ତମ ଇତି ନିର୍ଗୁଣସ୍ୟ ଗୁଣାସ୍ତ୍ରୟଃ ।
ସ୍ଥିତିସର୍ଗନିରୋଧେଷୁ ଗୃହୀତା ମାୟୟା ବିଭୋଃ । ୧୮ ।
କାର୍ଯ୍ୟକାରଣକର୍ତ୍ତୃତ୍ୱେ ଦ୍ରବ୍ୟଜ୍ଞାନକ୍ରିୟାଶ୍ରୟାଃ ।
ବଧ୍ନନ୍ତି ନିତ୍ୟଦା ମୁକ୍ତଂ ମାୟିନଂ ପୁରୁଷଂ ଗୁଣାଃ । ୧୯ ।
ସ ଏଷ ଭଗବାନ୍ ଲିଙ୍ଗୈସ୍ତ୍ରିଭିରେଭିରଧୋକ୍ଷଜଃ ।
ସ୍ୱଲକ୍ଷିତଗତିର୍ବ୍ରହ୍ମନ୍ ସର୍ବେଷାଂ ମମ ଚେଶ୍ୱରଃ । ୨୦ ।
କାଳଂ କର୍ମ୍ମ ସ୍ୱଭାବଂ ଚ ମାୟେଶୋ ମାୟୟା ସ୍ୱୟା ।
ଆତ୍ମନ୍ ଯଦୃଚ୍ଛୟା ପ୍ରାପ୍ତଂ ବିବୁଭୂଷୁରୁପାଦଦେ । ୨୧ ।

ସେହି ନାରାୟଣ ମୋତେ ସୃଷ୍ଟି କରିଛନ୍ତି, ଏହି ଅଖିଳ ବ୍ରହ୍ମାଣ୍ଡ ତାଙ୍କର ସୃଷ୍ଟି, ସେହି ଈଶ୍ୱର, ସେହି ଅଖିଳ ବିଶ୍ୱସୃଷ୍ଟିର ଆତ୍ମା, ଦ୍ରଷ୍ଟା ଏବଂ ସାକ୍ଷୀ ସ୍ୱରୂପ, ତାଙ୍କର ଚକ୍ଷୁର ନିର୍ଦ୍ଦେଶ ମାତ୍ରେ ମୁଁ ଏ ସୃଷ୍ଟି ସର୍ଜ୍ଜନା କରିଅଛି । ୧୭ ।

ସେହି ଈଶ୍ୱର ନିର୍ଗୁଣ ହେଲେ ମଧ୍ୟ ସୃଷ୍ଟି, ସ୍ଥିତି, ପ୍ରଳୟ ନିମନ୍ତେ ନିଜ ମାୟାଦ୍ୱାରା ସତ୍ତ୍ୱ, ରଜଃ, ତମଃ ଏହି ତ୍ରିଗୁଣ ପ୍ରକାଶ କରିଥାନ୍ତି । ୧୮ ।

ଦ୍ରବ୍ୟ, ଜ୍ଞାନ, ଓ କ୍ରିୟା, ଅର୍ଥାତ୍ ପଞ୍ଚଭୂତ, ଦେବତା ଓ ଇନ୍ଦ୍ରିୟର କାରଣ ସ୍ୱରୂପ ଏହି ତିନୋଟି ଗୁଣ ବିଦ୍ୟମାନ, ଏହି ଗୁଣତ୍ରୟ ମାୟାମୁକ୍ତ ପୁରୁଷଙ୍କୁ କାର୍ଯ୍ୟ, କାରଣ, କର୍ତ୍ତୃତ୍ୱ ବିଷୟରେ ମାୟାବଦ୍ଧ କରେ । ୧୯ ।

ହେ ବ୍ରହ୍ମନ୍ ! ସେହି ଅଧୋକ୍ଷଜ ପୁରୁଷହିଁ ମୋର ଏବଂ ସମସ୍ତଲୋକଙ୍କର ଈଶ୍ୱର, ମାୟା ଯାହାଙ୍କର ଆୟତ୍ତ, ତାହାଙ୍କର ଗତି ତ୍ରିବିଧ ଗୁଣ ବା ତହିଁର ଉପାଧି ବଳରେ ଜାଣିବା ସମ୍ଭବ ନୁହେଁ, କେବଳ ଭକ୍ତହିଁ ତାହା ଜାଣି ପାରେ । ୨୦ ।

ଭଗବାନ୍ କାଳାଧିଷ୍ଠିତ ହେଲେ, ଗୁଣର ବିଭାଗ ଜନ୍ମେ, ସତ୍ତ୍ୱ, ରଜ, ଓ ତମଗୁଣର ସମତା ନଷ୍ଟ

ସେ ହରି ସର୍ବ ଦେହେ ଦେହୀ
ସର୍ବ ଦେଖଇ କୂଟେ ଥାଇ
ତାର ଶକ୍ତିରୁ ମୁହିଁ ଜାତ
ତା ତେଜେ ସୃଜଇଁ ଜଗତ ।୧୭।
ସ୍ୱଭାବେ ନିର୍ଗୁଣ ମୁରାରି
ସୃଷ୍ଟି ସଞ୍ଚିଇ ଗୁଣ ଧରି
ନିର୍ଗୁଣ ପୁରୁଷ ଈଶ୍ୱର
ତା ମାୟା ବଳେ ଏ ସଂସାର

ସର୍ଗ ପାଳନ ନିରୋଧନେ
ଗୁଣକୁ ଧରେ ଭଲେ ଭଲେ ।୧୮।
କାର୍ଯ୍ୟ କାରଣ କର୍ତ୍ତୃ ଅର୍ଥେ
ଦ୍ରବ୍ୟ ଜ୍ଞାନ କ୍ରିୟା-ସମେତେ
ଗୁଣେ ରହନ୍ତି ଆଶ୍ରେ କରି
ନିର୍ଗୁଣ ପୁରୁଷ ଆବୋରି । ୧୯ ।
ଏ ତିନି-ଗୁଣ ଲିଙ୍ଗଗତେ
ମଧ୍ୟେ ବର୍ତ୍ତଇ ଅଲକ୍ଷିତେ

ମୋ ଆଦି ସର୍ବ ଜନଙ୍କର
ଆତ୍ମା ସ୍ୱରୂପ ସେ ଈଶ୍ୱର । ୨୦ ।
ମାୟା-ଈଶ୍ୱର ମାୟାବଳେ
ସର୍ଜେ ସ୍ୱଭାବ, କର୍ମ, କାଳେ
ଆପଣା ଇଚ୍ଛାବଳେ କରି
ବିବିଧ ଶରୀରକୁ ଧରି
ସେ କାଳ-ଗୁଣ-ବ୍ୟତିକରେ
ସୃଜଇ ପାଳଇ ସଂହରେ

Digitized by srujanika@gmail.com

କାଳାଦ୍‌ଗୁଣବ୍ୟତିକରଃ ପରିଣାମଃ ସ୍ୱଭାବତଃ ।
କର୍ମଣୋ ଜନ୍ମ ମହତଃ ପୁରୁଷାଧିଷ୍ଠିତାଦଭୂତ୍ । ୨୨ ।
ମହତସ୍ତୁ ବିକୁର୍ବାଣାଦ୍ରଜଃସତ୍ତ୍ୱୋପବୃଂହିତାତ୍ ।
ତମଃପ୍ରଧାନ ସ୍ତ୍ୱଭବଦ୍‌ଦ୍ରବ୍ୟଜ୍ଞାନକ୍ରିୟାତ୍ମକଃ । ୨୩ ।
ସୋଽହଙ୍କାର ଇତି ପ୍ରୋକ୍ତୋ ବିକୁର୍ବନ୍ ସମଭୂତ୍ତ୍ରିଧା ।
ବୈକାରିକସ୍ତୈଜସଶ୍ଚ ତାମସଶ୍ଚେତି ଯଦ୍‌ଭିଦା ।
ଦ୍ରବ୍ୟଶକ୍ତିଃ କ୍ରିୟାଶକ୍ତିର୍ଜ୍ଞାନଶକ୍ତିରିତି ପ୍ରଭୋ । ୨୪ ।
ତାମସାଦପି ଭୂତାଦେର୍ବିକୁର୍ବାଣାଦଭୂନ୍ନଭଃ ।
ତସ୍ୟ ମାତ୍ରା ଗୁଣଃ ଶବ୍ଦୋ ଲିଙ୍ଗଂ ଯଦ୍ଦ୍ରଷ୍ଟୃଦୃଶ୍ୟୟୋଃ । ୨୫ ।

ହୋଇଯାଏ, ତଦ୍ୱାରା ସୃଷ୍ଟି କରିବା ପାଇଁ ଉନ୍ମୁଖତା ଜନ୍ମେ । ଭଗବାନଙ୍କର ଅଧିଷ୍ଠାନ ବଶତଃ ପ୍ରକୃତିର ରୂପାନ୍ତର ଘଟେ, ଏବଂ ଜୀବାଦୃଷ୍ଟ ମହତତ୍ତ୍ୱ ଜନ୍ମେ । ୨୧,୨୨ ।

ରଜ ଓ ସତ୍ତ୍ୱଗୁଣ ଦ୍ୱାରା ବର୍ଦ୍ଧିତହୋଇ ମହତତ୍ତ୍ୱର ବିକାର ପ୍ରାପ୍ତହୁଏ, ତହିଁରୁ ଦ୍ରବ୍ୟଜ୍ଞାନ ଓ କ୍ରିୟାଶକ୍ତି ସ୍ୱରୂପ ତମଃ ପ୍ରଧାନ ଯେଉଁତତ୍ତ୍ୱ ପ୍ରକାଶିତ ହୁଏ, ତାହାର ନାମ ଅହଙ୍କାର ତତ୍ତ୍ୱ । ୨୩ ।

ଅହଙ୍କାର ତତ୍ତ୍ୱ ବିକୃତଭାବ ଧାରଣ କଲେ ତାହା ସାତ୍ତ୍ୱିକ, ରାଜସିକ, ଓ ତାମସିକ, ଏହି ତିନି-ଭାଗରେ ବିଭକ୍ତ ହୁଏ, ସାତ୍ତ୍ୱିକ ଅହଂକାର, ରାଜସିକ ଅହଙ୍କାର ଓ ତାମସିକ ଅହଙ୍କାରରୁ କ୍ରମେ ଦ୍ରବ୍ୟଶକ୍ତି, କ୍ରିୟାଶକ୍ତି, ଜ୍ଞାନଶକ୍ତି ଜାତ ହୁଅନ୍ତି । ୨୪ ।

ତାମସ ଅହଙ୍କାର ତତ୍ତ୍ୱ ତାମସ ଭାବରେ ବିକାର ପ୍ରାପ୍ତ ହେଲେ ତହିଁରୁ ଶୂନ୍ୟ ବା ଆକାଶଉତ୍ପନ୍ନ ହୁଏ । ଶବ୍ଦ ଆକାଶର ସୂକ୍ଷ୍ମରୂପ, ଓ ଅସାଧାରଣ କର୍ମ ବା ଗୁଣ ସ୍ୱରୂପ, ଶବ୍ଦ ଦୃଶ୍ୟ ଓ ଦ୍ରଷ୍ଟା ଉଭୟଙ୍କୁ ଜ୍ଞାପନ କରେ । ୨୫ ।

ତାର ସ୍ୱଭାବ କର୍ମ ଯୋଗେ
ମହତ ଉପୁଜିଲା ଆଗେ ।୨୧,୨୨।
ମହତ ବିକାରୁ ତକ୍ଷଣେ
ତ୍ରିଗୁଣ ଲିଙ୍ଗ ଆବରଣେ
ତମ ପ୍ରଧାନ ଅତିରେକେ
ସେ ଦ୍ରବ୍ୟ ଜ୍ଞାନ କ୍ରିୟାତ୍ମକେ
ସ୍ୱଭାବେ ଶକ୍ତି ମହାଘୋର
ତମ ଅଧିକ ଅହଂକାର ।୨୩।

ସେ ଅହଙ୍କାର ନାମ ହୋଇ
ସେ ତିନି ପ୍ରକାର ଭଜଇ
ଗୁଣପ୍ରକାଶ ତିନି ତିନି
ବିକାର ତମ ତେଜ ଘେନି
ଯେ ଶକ୍ତି ଦ୍ରବ୍ୟ କ୍ରିୟା ଜ୍ଞାନ
ଏ ଭାବେ ଭେଦ ଭିନ୍ନ ଭିନ୍ନ ।୨୪
ସେ ଅହଙ୍କାରେ ଭୂତଆଦି
ତାମସ ଶକ୍ତି ତହିଁ ଭେଦି

ଶବଦ ଗୁଣ ମାତ୍ରା ସହିଁ
ନଭ ପ୍ରକାଶେ ଅନ୍ତସ୍ୱଷେ
ଶବଦ ଗୁଣେ ସେ ପ୍ରଧାନ
ଦୃଶ୍ୟ-ଦର୍ଶକ-ଭେଦସ୍ଥାନ ।୨୫।

Digitized by srujanika@gmail.com

ନଭସୋଽଥ ବିକୁର୍ବାଣାଦଭୂତ୍ ସ୍ପର୍ଶଗୁଣୋଽନିଲଃ ।
ପରାନ୍ୱୟାଚ୍ଛବ୍ଦବାଂଶ୍ଚ ପ୍ରାଣ ଓଜଃ ସହୋ ବଳମ୍ । ୨୬ ।
ବାୟୋରପି ବିକୁର୍ବାଣାତ୍ କାଳକର୍ମସ୍ୱଭାବତଃ ।
ଉଦପଦ୍ୟତ ବୈ ତେଜୋ ରୂପବତ୍ ସ୍ପର୍ଶଶବ୍ଦବତ୍ । ୨୭ ।
ତେଜସସ୍ତୁ ବିକୁର୍ବାଣାଦାସୀଦମ୍ଭୋ ରସାତ୍ମକମ୍ ।
ରୂପବତ୍ ସ୍ପର୍ଶବଚ୍ଚାମ୍ଭୋ ଘୋଷବଚ୍ଚ ପରାନ୍ୱୟାତ୍ । ୨୮ ।
ବିଶେଷସ୍ତୁ ବିକୁର୍ବାଣାଦମ୍ଭସୋ ଗନ୍ଧବାନଭୂତ୍ ।
ପରାନ୍ୱୟାଦ୍ରସସ୍ପର୍ଶଶବ୍ଦରୂପଗୁଣାନ୍ୱିତଃ । ୨୯ ।
ବୈକାରିକାନ୍ ମନୋ ଜଜ୍ଞେ ଦେବା ବୈକାରିକା ଦଶ ।
ଦିଗ୍‌ବାତାର୍କ-ପ୍ରଚେତୋଽଶ୍ୱି ବହ୍ନୀନ୍ଦ୍ରୋପେନ୍ଦ୍ରମିତ୍ରକାଃ । ୩୦ ।

ଆକାଶର ବିକାର ଘଟିଲେ ତହିଁରୁ ସ୍ପର୍ଶ ବାୟୁର ଗୁଣ ପ୍ରକାଶିତ ହୁଏ, ବାୟୁ ଓ ଆକାଶ ମଧ୍ୟରେ ସମ୍ବନ୍ଧ ଅଛି, ବାୟୁ ଆକାଶର ଗୁଣ ବହନ କରେ, ବାୟୁରୁ ଦେହ ଧାରଣ ଶକ୍ତି, ମାନସିକ ଓ ଶାରୀରିକ ପଟୁତା ଜନ୍ମେ । ୨୬ ।

ଅଦୃଷ୍ଟ (କାଳ) କର୍ମ ଓ ସ୍ୱଭାବ ବଶତଃ ବାୟୁର ବିକାର ଜନ୍ମିଲେ ତେଜ ଉତ୍ପନ୍ନ ହୁଏ, ରୂପ ତେଜରେ ଆକାଶର ଗୁଣ ସ୍ପର୍ଶମଧ୍ୟ ଅନୁଭୂତ ହୁଏ । ୨୭ ।

ତେଜର ବିକାରରୁ ଜଳର ସୃଷ୍ଟି, ରସ ଜଳର ସ୍ୱାଭାବିକ ଗୁଣ, କାର୍ଯ୍ୟ କାରଣ ସମ୍ବନ୍ଧ ଉପସ୍ଥିତ ଥିବାରୁ ଜଳରେ ବାୟୁର ଧର୍ମ ସ୍ପର୍ଶ, ତେଜର ଧର୍ମ ରୂପ, ଆକାଶର ଧର୍ମ ଶବ୍ଦ ଅନୁଭବ କରାଯାଏ ।୨୮।

ଜଳର ବିକାରରୁ ପୃଥିବୀ ଉତ୍ପନ୍ନ, ପୃଥିବୀର ସ୍ୱାଭାବିକ ଧର୍ମ ଗନ୍ଧ, ପୃଥିବୀ ସହିତ ଜଳ, ବାୟୁ, ଓ ଆକାଶର ସମ୍ବନ୍ଧ ବିଦ୍ୟମାନ, ତେଣୁ ପୃଥିବୀ ଏମାନଙ୍କର ଆଶ୍ରୟ ସ୍ଥଳ । ୨୯ ।

ସାତ୍ତ୍ୱିକ ଅହଙ୍କାର ତତ୍ତ୍ୱର ବିକାରରୁ ମନଃ, ଚନ୍ଦ୍ର, ଦିକ୍ ବାୟୁ, ସୂର୍ଯ୍ୟ, ବରୁଣ, ଅଶ୍ୱିନୀକୁମାର-ଦ୍ୱୟ, ଅଗ୍ନି, ଇନ୍ଦ୍ର, ଉପେନ୍ଦ୍ର, ମିତ୍ର ଓ ପ୍ରଜାପତି ଇତ୍ୟାଦି ଇନ୍ଦ୍ରିୟାଧିପତି ଦେବତାମାନଙ୍କର ଜନ୍ମ ।୩୦।

ଶବଦ ଗୁଣ ନଭ ହୋଇ
ଚତୁର୍ଥ ମାତ୍ରା ସଙ୍ଗେ ଲଇ
ନଭବିକାରୁ ବାୟୁ ଜାତ
ସ୍ପରଶ ଶବ୍ଦ ଗୁଣେ ସ୍ଥିତ
ସ୍ପରଶ ଗୁଣ ତା ପ୍ରବଳ
ଯେ ପ୍ରାଣ ସହ ଓଜ ବଳ ।୨୬।
ପବନ ବିକାରୁ ତକ୍ଷଣେ
ସ୍ୱଭାବ କାଳ କର୍ମଗୁଣେ
ସ୍ପରଶ ଗୁଣ ତହିଁ ଥାଇ
ତୃତୀୟ ମାତ୍ରା ହୁଏ ବହି

ଶବଦ ସ୍ପର୍ଶ ରୂପ ତାର
ପ୍ରଚଣ୍ଡ ତେଜ ମହାଘୋର । ୨୭ ।
ତେଜବିକାରୁ ସେ ଉଦକ
ଯାର ସ୍ୱଭାବ ରସାତ୍ମକ
ଶବ୍ଦ ସ୍ପରଶ ରୂପ ତିନି
ଏ ତିନି ରସ ସଙ୍ଗେ ଘେନି ।୨୮।
ଅପବିକାରୁ ମହୀ ଜାତ
ସେ ପଞ୍ଚ ମାତ୍ରା ଗୁଣେ ଯୁତ ।୨୯।
ସତ୍ତ୍ୱ ବିକାର ତହିଁ ମନ
ଯେରୂପେ ପ୍ରକାଶ ଗଗନ

ମନର ସଙ୍ଗେ ଦେବବଳ
ଦଶ ଇନ୍ଦ୍ରିୟ ଦିଗପାଳ
ଦିଗ ବାତାର୍କ ଜଳପତି
ଅଶ୍ୱିନୀ ବହ୍ନି ସୁରପତି
ଉପେନ୍ଦ୍ର ମିତ୍ର ପ୍ରଜାପତି
ଏରୂପେ ଦଶ ଉତପତି ।୩୦।

Digitized by srujanika@gmail.com

ତୈଜସାତ୍ତୁ ବିକୁର୍ବାଣାଦିନ୍ଦ୍ରିୟାଣି ଦଶାଭବନ୍ ।
ଜ୍ଞାନଶକ୍ତିଃ କ୍ରିୟାଶକ୍ତିର୍ବୁଦ୍ଧିଃ ପ୍ରାଣସ୍ତୁ ତୈଜସୌ ।
ଶ୍ରୋତ୍ରଂତ୍ୱକ୍‌ଘ୍ରାଣଦୃଗ୍‌ଜିହ୍ୱା ବାଗ୍‌ଦୋର୍ମେଢ୍ରାଙ୍ଘ୍ରିଂପାୟବଃ ।୩୧।
ଯଦୈତେଽସଙ୍ଗତା ଭାବା ଭୂତେନ୍ଦ୍ରିୟମନୋଗୁଣାଃ ।
ଯଦାୟତନନିର୍ମାଣେ ନ ଶେକୁର୍ବ୍ରହ୍ମବିତ୍ତମ । ୩୨ ।
ତଦା ସଂହତ୍ୟ ଚାନ୍ୟୋଽନ୍ୟଂ ଭଗବଚ୍ଛକ୍ତିଚୋଦିତାଃ ।
ସଦସତ୍ତ୍ୱମୁପାଦାୟ ଚୋଭୟଂ ସସୃଜୁର୍ହ୍ୟଦଃ । ୩୩ ।
ବର୍ଷପୂଗସହସ୍ରାନ୍ତେ ତଦଣ୍ଡମୁଦକେଶୟମ୍ ।
କାଳକର୍ମସ୍ୱଭାବସ୍ଥୋ ଜୀବୋଽଜୀବମଜୀବୟତ୍ । ୩୪ ।

ରାଜସ ଅହଂକାର ବିକୃତ ହେଲେ ତହିଁରୁ ଜ୍ଞାନଶକ୍ତି ବୁଦ୍ଧି, କ୍ରିୟାଶକ୍ତି ପ୍ରାଣ, ଏବଂ କର୍ଣ୍ଣ, ଚକ୍ଷୁ, ଜିହ୍ୱା, ବାକ୍ ହସ୍ତ, ପାଦ, ଜନନେନ୍ଦ୍ରିୟ ମେଢ୍ର ପ୍ରଭୃତି ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟମାନ ଉତ୍ପନ୍ନ ହୁଅନ୍ତି ।୩୧।

ଏହି ସମସ୍ତ ଭୂତ, ଇନ୍ଦ୍ରିୟ, ମନଃ, ଓ ଗୁଣ ପରସ୍ପର ମିଳିତ ନ ହେବା ଯାଏ ଶରୀର ନିର୍ମିତ ହୁଏ ନାହିଁ, ଭଗବତ୍ ଶକ୍ତିଦ୍ୱାରା ପ୍ରେରିତ ହୋଇ ଏମାନେ ଭାବାଭାବ ଆଶ୍ରୟ କରି ସମଷ୍ଟି ଓ ବ୍ୟଷ୍ଟି ଭାବରେ ଶରୀର ରଚନା କରନ୍ତି । । ୩୨,୩୩ ।

ସହସ୍ର ବର୍ଷ ଏହି ବ୍ରହ୍ମାଣ୍ଡ ଜଳମଗ୍ନ ରହିଲା ପରେ ପରମପୁରୁଷ ଅଦୃଷ୍ଟ କର୍ମ ଓ ପ୍ରକୃତି ଅବଲମ୍ବନ କରି ତାହାକୁ ସଚେତନ କରି ଅଛନ୍ତି । ୩୪ ।

ତୈଜସ ବିକାରୁ ତକ୍ଷଣେ
ଜନ୍ମିଲେ ଦଶ ଇନ୍ଦ୍ରିଗଣେ
ଯେ ଜ୍ଞାନ କ୍ରିୟା ବୁଦ୍ଧି ପ୍ରାଣ
ତୈଜସ ଶକ୍ତି ଏ ପ୍ରମାଣ,
ଶ୍ରୁତି ଯୁଗଳ ଚର୍ମ ଘ୍ରାଣ
ନୟନ ଜିହ୍ୱା ପଞ୍ଚ ଜ୍ଞାନ,
ବଚନ ପାଣି ଅଂଘ୍ରି ବେନି
ଉପସ୍ଥ ମୂଳାଧାର ଘେନି
ଏ କର୍ମଇନ୍ଦ୍ରିୟ ପ୍ରକାର
ଦଶ ଦେବଙ୍କ ଅଧିକାର ।୩୧।

ଭୂତ ଇନ୍ଦ୍ରିୟଗଣ ମନ
ଏ ଯେଣୁ ନ ପାଇଲେ ସ୍ଥାନ
ବ୍ରହ୍ମାଣ୍ଡହେତୁ ଏ ପ୍ରତ୍ୟକ୍ଷେ
ସୂକ୍ଷ୍ମେ ରହିଲେ ଅନ୍ତରୀକ୍ଷେ
ସ୍ଥାନ ନ ପାଇ ଅନ୍ୟୋଅନ୍ୟେ
ସ୍ତକିତେ ରହିଲେ ଗଗନେ
କେତେତେହେଁ କାଳ ଶୂନ୍ୟେ ରହି
ଏ ସର୍ବେ ବିଷ୍ଣୁ ଆଜ୍ଞା ପାଇ
ଏ ମହାଭୂତେ ସୂକ୍ଷ୍ମଭୂତେ
ଘଟିତ ଅନ୍ୟୋଅନ୍ୟଯୁତେ

ସୁବର୍ଣ୍ଣ ଅଣ୍ଡ ଉପୁଜିଲା
ତକ୍ଷଣେ ଉଦକେ ପଡ଼ିଲା ।୩୨,୩୩।
ଅନେକ ସହସ୍ର ବରଷେ
ସେ ଅଣ୍ଡ ମହାଜଳେ ଭାସେ
ସେ ଅଣ୍ଡ ମଧ୍ୟେ ଜୀବ ଜାତ
କାଳ କର୍ମ ସ୍ୱଭାବେ ସ୍ଥିତ
ତାହା ହୁଅବେ ଅଚେତନ
ଚେତନା ଦେଲେ ଭଗବାନ ।୩୪

Digitized by srujanika@gmail.com

ସ ଏବ ପୁରୁଷସ୍ତସ୍ମାଦଣ୍ଡଂ ନିର୍ଭିଦ୍ୟ ନିର୍ଗତଃ ।
ସହସ୍ରୋର୍ବଙ୍ଘ୍ରିବାହ୍ୱକ୍ଷଃ ସହସ୍ରାନନଶୀର୍ଷବାନ୍ । ୩୫ ।
ଯସ୍ୟେହାବୟବୈର୍ଲୋକାନ କଳ୍ପୟନ୍ତି ମନୀଷିଣଃ ।
କଟ୍ୟାଦିଭିରଧଃ ସପ୍ତ ସପ୍ତୋର୍ଦ୍ଧ୍ୱଂ ଜଘନାଦିଭିଃ । ୩୬ ।
ପୁରୁଷସ୍ୟ ମୁଖଂ ବ୍ରହ୍ମ କ୍ଷତ୍ରମେତସ୍ୟ ବାହବଃ ।
ଊର୍ୱୋର୍ବୈଶ୍ୟୋ ଭଗବତଃ ପଦ୍ଭ୍ୟାଂ ଶୂଦ୍ରୋଽଭ୍ୟଜାୟତ । ୩୭ ।
ଭୂର୍ଲୋକଃ କଳ୍ପିତଃ ପଦ୍ଭ୍ୟାଂ ଭୁବର୍ଲୋକୋଽସ୍ୟ ନାଭିତଃ ।
ହୃଦା ସ୍ୱର୍ଲୋକ ଉରସା ମହର୍ଲୋକୋ ମହାତ୍ମନଃ । ୩୮ ।
ଗ୍ରୀବାୟାଂ ଜନଲୋକଶ୍ଚ ତପୋଲୋକଃ ସ୍ତନଦ୍ୱୟାତ୍ ।
ମୂର୍ଦ୍ଧଭିଃ ସତ୍ୟଲୋକସ୍ତୁ ବ୍ରହ୍ମଲୋକଃ ସନାତନଃ । ୩୯ ।

ସେହି ପରମପୁରୁଷଙ୍କର ସହସ୍ରପାଦ, ସହସ୍ର ବଦନ, ସହସ୍ରମସ୍ତକ, ସେ ସେହି ବ୍ରହ୍ମାଣ୍ଡ ଭେଦ କରି ଉତ୍ପନ୍ନ ହୋଇ ଅଛନ୍ତି । ୩୫ ।

ପଣ୍ଡିତମାନଙ୍କ ମତରେ ସେହି ବିରାଟ ପୁରୁଷଙ୍କ ଅବୟବ ଦ୍ୱାରା ସମସ୍ତଲୋକ ଓ ଚତୁର୍ଦ୍ଦଶ ଭୁବନ ନିର୍ମିତ ହୋଇଅଛି, କଟିଦେଶ ପ୍ରଭୃତି ନିମ୍ନ ଅଙ୍ଗଦ୍ୱାରା ନିମ୍ନସ୍ଥ ସପ୍ତଲୋକ, ଏବଂ ଜଘନ ପ୍ରଭୃତି ଊର୍ଦ୍ଧ୍ୱସ୍ଥ ସପ୍ତାଙ୍ଗ ଦ୍ୱାରା ଊର୍ଦ୍ଧ୍ୱସ୍ଥ ସପ୍ତଲୋକ ନିର୍ମିତ । ୩୬ ।

ତାଙ୍କର ମୁଖରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଊରୁରୁ ବୈଶ୍ୟ, ଓ ପାଦରୁ ଶୂଦ୍ର ଉତ୍ପନ୍ନ ହୋଇ ଅଛନ୍ତି । ୩୭ ।

ସେହି ମହାପୁରୁଷଙ୍କର ପାଦଦ୍ୱୟରୁ ଭୂର୍ଲୋକ, ନାଭିରୁ ଭୁବର୍ଲୋକ, ହୃଦୟରୁ ସ୍ୱର୍ଲୋକ, ଏବଂ ବକ୍ଷଦେଶରୁ ମହର୍ଲୋକ ଉତ୍ପନ୍ନ । ୩୮ ।

ତାହାଙ୍କର ଗ୍ରୀବାରୁ ଜନଲୋକ, ସ୍ତନଦ୍ୱୟରୁ ତପୋଲୋକ, ମସ୍ତକରୁ ବ୍ରହ୍ମଲୋକ, କଟି କେଶରୁ ଅତଳ,

---

ସେ ସର୍ବଗୁଣ ସର୍ବସିଦ୍ଧି
କେତେତେହେଁ କାଳେ ଅଣ୍ଡ ଭେଦି
ପୁରୁଷ ହୋଇଲେ ବାହାର
ଏତେକ ହୋ ଶୁଣ ନୃପବର
ସହସ୍ର ଊରୁ ଅଂଘ୍ରି ବକ୍ଷ
ସହସ୍ର ନୟନ ପ୍ରତ୍ୟକ୍ଷ
ସହସ୍ରେ ଶିର ସସ୍ତଭୁଜ
ଆନନ ଅପ୍ରମିତ ତେଜ । ୩୫ ।

ତାହାର ଦେହ ଶୂନ୍ୟେ ଦେଖି
ଲୋକର ସ୍ଥିତି ଉପଲକ୍ଷି
ଦ୍ୱିସପ୍ତ ଲୋକ ତାର ଅଙ୍ଗେ
କଳ୍ପିତ ଅଧ ଊର୍ଦ୍ଧ୍ୱଭାଗେ । ୩୬ ।
ମୁଖୁ ଜନ୍ମିଲେ ବ୍ରହ୍ମକୁଳ
କ୍ଷତ୍ରିୟ ଜାତ ବାହୁମୂଳ
ଊରୁଯୁଗଳୁ ବୈଶ୍ୟଗଣେ
ଶୂଦ୍ର ଉପୁଜିଲେ ଚରଣେ । ୩୭ ।

ଭୂଲୋକ କଟିସ୍ଥଳେ ସ୍ଥିତ
ନାଭିରୁ ଭୁବର୍ଲୋକ ଜାତ
ହୃଦରେ ସ୍ୱର୍ଗଲୋକ ମିଳେ
ମହତଲୋକ ଉରଃସ୍ଥଳେ । ୩୮ ।
ଜନଲୋକ ଯେ ଗ୍ରୀବାତଟେ
ତପ ବସଇ ବେନି ଓଷ୍ଠେ
ମୂର୍ଦ୍ଧନି ମଧ୍ୟେ ବ୍ରହ୍ମଲୋକ
ଯେ ସନାତନ ସତ୍ୟଲୋକ । ୩୯ ।

Digitized by srujanika@gmail.com

ତଳକଟ୍ୟାଂ ଶୃତଳଂ କ୍ଳୃପ୍ତମୂରୁଭ୍ୟାଂ ବିତଳଂ ବିଭୋଃ ।
ଜାନୁଭ୍ୟାଂ ସୁତଳଂ ଶୁଦ୍ଧଂ ଜଂଘାଭ୍ୟାନ୍ତୁ ତଳାତଳମ୍ । ୪୦ ।
ମହାତଳଂ ତୁ ଗୁଲ୍‌ଫାଭ୍ୟାଂ ପ୍ରପଦାଭ୍ୟାଂ ରସାତଳମ୍ ।
ପାତାଳଂ ପାଦତଳତ ଇତି ଲୋକମୟଃ ପୁମାନ୍ । ୪୧ ।
ଭୂର୍ଲୋକଃ କଳ୍ପିତଃ ପଦ୍‌ଭ୍ୟାଂ ଭୁବର୍ଲୋକୋଽସ୍ୟ ନାଭିତଃ ।
ସ୍ୱର୍ଲୋକଃ କଳ୍ପିତୋ ମୂର୍ଦ୍ଧ୍ନା ଇତି ବା ଲୋକକଳ୍ପନା । ୪୨ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ଦ୍ୱିତୀୟସ୍କନ୍ଧେ ପୁରୁଷସଂସ୍ଥାନୁବର୍ଣ୍ଣନଂ ନାମ ପଞ୍ଚମୋଽଧ୍ୟାୟଃ । ୫ ।

ଊରୁ ଦ୍ୱୟରୁ ବିତଳ, ଜାନୁ ଦ୍ୱୟରୁ ସୁତଳ, ଜଙ୍ଘ ଦ୍ୱୟରୁ ତଳାତଳ, ଗୁଲ୍‌ଫଦ୍ୱୟରୁ ମହାତଳ, ଚରଣ ଦ୍ୱୟର ଅଗ୍ରଭାଗରୁ ରସାତଳ ଏବଂ ପାଦତଳରୁ ପାତାଳ ନିର୍ମିତ ହୋଇଅଛି । ୩୯-୪୧ ।

ସେହି ପୁରୁଷ ଏହିପରି ଭାବରେ ଲୋକମୟ ହୋଇ ରହିଅଛନ୍ତି । ତାଙ୍କର ପାଦଦ୍ୱୟରେ ଭୂଲୋକ, ନାଭିରେ ଭୁବଲୋକ, ଏବଂ ଶିର ଦେଶରେ ସ୍ୱର୍ଲୋକ ପ୍ରତିଷ୍ଠିତ । ୪୨ ।

ସପ୍ତ ପାତାଳ ଅଧୋଭାଗେ
ଶୁଣ କହିବା ପ୍ରତିଅଙ୍ଗେ
ଅତଳ ବସେ ଜଂଘଦେଶେ
ଊରୁରେ ବିତଳ ପ୍ରକାଶେ
ସୁତଳ ବସେ ଜାନୁମୂଳ
ଜଂଘର ମୂଳେ ତଳାତଳ । ୪୦ ।
ସେ ମହାତଳ ଗୁଲ୍ଫଦେଶେ
ପାଦାଗ୍ରେ ରସାତଳ ବସେ

ପାତାଳ ପାଦତଳେ ରହେ
ଏଣୁ ଭୁବନ ବିଶ୍ୱଦେହେ । ୪୧ ।
ଏ ଭୂମି ଲୋକ ପାଦଦେଶ
ନାଭିରେ ଭୁବ ଯେ ପ୍ରକାଶେ
ସ୍ୱର୍ଲୋକ କଳ୍ପିତ ମୂର୍ଦ୍ଧନ
ବିଶ୍ୱଦେହେ ବା ବିଶ୍ୱ ମାନ ।୪୨।
ନାରଦ ଆଗେ ବେଦବର
ଯାହା କହିଲେ ବେଦସାର

ସୁଜନ ଜନଙ୍କ ଶ୍ରବଣେ
ବ୍ରାହ୍ମଣ ଜଗନ୍ନାଥ ଭଣେ
ଯେମନ୍ତେ ବ୍ରହ୍ମାଣ୍ଡର ସୃଷ୍ଟି
କରାଇଥିଲେ ପରମେଷ୍ଠି

Digitized by srujanika@gmail.com

ବିଶଦାର୍ଥ :—

ଦେବର୍ଷି ନାରଦ ଅଦୃଶ୍ୟ ବିଶ୍ୱ ବିଧାତାଙ୍କର ତତ୍ତ୍ୱ ଜାଣିବା ନିମନ୍ତେ ବ୍ରହ୍ମାଙ୍କୁ ଏହିପରି କେତୋଟି ପ୍ରଶ୍ନ କରିଥିଲେ, ଯାହାକି ଆଜି ମହାରାଜ ପରୀକ୍ଷିତଙ୍କ ଚିତ୍ତରେ ସନ୍ଦେହ ଜନ୍ମାଇ ଥିଲା । ନାରଦ ପ୍ରଥମତଃ ବ୍ରହ୍ମାଙ୍କୁ କହିଲେ 'ହେ ପିତଃ ! ମୋରତ ଧାରଣା ଥିଲା, ଆପଣ ଏହି ବିଶ୍ୱର ସୃଷ୍ଟି, ସ୍ଥିତି, ପ୍ରଳୟ କର୍ତ୍ତା, କିନ୍ତୁ ମୁଁ ଦେଖୁଛି ଆପଣ ଧ୍ୟାନମଗ୍ନ ହୋଇ ଅନ୍ୟ କାହାର ଉପାସନା କରୁଛନ୍ତି । ଆପଣଙ୍କ ଅପେକ୍ଷା ବଡ଼ କିଏ ? ଆପଣ କାହାକୁ ଉପାସନା କରୁ ଅଛନ୍ତି ? ଏହି ପ୍ରଶ୍ନ ଛଳରେ ନାରଦ ପୁଣି ପଚାରିଥିଲେ— ଏହି ବିଶ୍ୱର ସ୍ୱରୂପ କଣ ? ଏହାର ଆଧାର କିଏ ? ଯେତେବେଳେ ଏହି ବିଶ୍ୱ ନଷ୍ଟ ହୁଏ ସେତେବେଳେ ତାହାର ପରିଣତି କଣ ହୁଏ ? ପ୍ରତ୍ୟେକ କ୍ଷୁଦ୍ରପ୍ରାଣୀ ବା କ୍ଷୁଦ୍ର ବସ୍ତୁ ବୃହତ୍ତର ପ୍ରାଣୀ ବା ବସ୍ତୁର ଅଧୀନ, ଏହି ଅଧୀନତାର ପରିଣତି କେଉଁଠାରେ ? ସର୍ବ ନିୟନ୍ତା ଭଗବାନ୍ ପରମାତ୍ମା । ଭୋକ୍ତା ଜୀବ, ଓ ଭୋଗ୍ୟ ଜୀବ ବା ବସ୍ତୁର ତତ୍ତ୍ୱାଦି ନାରଦ ବ୍ରହ୍ମାଙ୍କୁ ପୂର୍ବେ ପ୍ରଶ୍ନ କରିଥିଲେ ।

ବ୍ରହ୍ମା ନାରଦଙ୍କର ଭ୍ରାନ୍ତି ଅପନୋଦନ କରି ଯାହା କହିଥିଲେ ତହିଁର ସାର କଥା ଏହି ଯେ ବ୍ରହ୍ମା ନିମିତ୍ତ ମାତ୍ର, ଆଦେଶ ପାଳନକାରୀ ମାତ୍ର, ହେ ବତ୍ସ ! ତୁମ୍ଭେ ଯେ ମୋତେ ଜଗତ୍‌କର୍ତ୍ତା ବୋଲି ମନେକରୁ ଅଛ, ତାହା ତୁମ୍ଭର ଭ୍ରାନ୍ତି ମାତ୍ର । ଏ ଭ୍ରାନ୍ତି ତୁମ୍ଭର ଭଗବଦ୍ ତତ୍ତ୍ୱଜ୍ଞାନର ଅଭାବର ପରିଚାୟକ। ମୁଁ ସୃଷ୍ଟି କରେ ସତ, କିନ୍ତୁ ମୁଁ ସୃଷ୍ଟିକର୍ତ୍ତା ନୁହେଁ, ମୁଁ ଆଜ୍ଞାଧୀନ ମାତ୍ର, ଜଗନ୍ନିୟନ୍ତା ଭଗବାନଙ୍କ କୃପାରୁ ମୁଁ ଏହି କର୍ତ୍ତୃତ୍ୱ ଲାଭ କରିଅଛି । ତାଙ୍କର ମାୟା ହେତୁ ଲୋକେ ମୋତେ ସୃଷ୍ଟିକର୍ତ୍ତା ବୋଲି ମନେକରି, ଯଥାର୍ଥ କର୍ତ୍ତାଙ୍କୁ ଭୁଲି ଯାଉ ଅଛନ୍ତି ।

ଜଗତର ସ୍ୱରୂପ ସମ୍ବନ୍ଧେ ବ୍ରହ୍ମା କହିଲେ "ହେ ନାରଦ ! ସେହି ଜଗତ୍‌କର୍ତ୍ତା ଜଗନ୍ନାଥଙ୍କ ଭିନ୍ନ ଜଗତର ସ୍ୱରୂପ ଜାଣିବାର ଶକ୍ତି ଅନ୍ୟ କାହାର ନାହିଁ । ତାଙ୍କଠାରୁ ପୃଥକ୍ ଭାବରେ ଜଗତର ସ୍ୱରୂପ କଅଣ ହୋଇ ପାରେ ? ସୃଷ୍ଟିର ଉପାଦାନ, ଜନ୍ମ, କାରଣ, କର୍ମ, କାଳ, ସ୍ୱଭାବ, ଭୋକ୍ତା ଜୀବ ଇତ୍ୟାଦିର ପୃଥକ୍ ସତ୍ତା ନାହିଁ, ସମସ୍ତ ଭଗବାନଙ୍କର ଅଂଶ ବା ବିକାଶ ମାତ୍ର । ସତ୍ତ୍ୱ, ରଜ, ତମ ଏହି ତ୍ରିଗୁଣ କାଳ ଓ ଜୀବର ଅଦୃଷ୍ଟ ବଶତଃ ନିଜ ନିଜ ସ୍ୱଭାବାନୁସାରେ ଭୋଗ୍ୟରୂପେ ପରିଣତ ହୁଅନ୍ତି ଏବଂ ଜୀବ ଭୋକ୍ତା ରୂପେ ତାହା ଭୋଗ କରେ । ଭଗବାନ୍ ସର୍ବ ଗୁଣାତୀତ ହେଲେ ମଧ୍ୟ ସୃଷ୍ଟି, ସ୍ଥିତି, ପ୍ରଳୟ ନିମନ୍ତେ, ସତ୍ତ୍ୱ ରଜ ଓ ତମୋଗୁଣରେ ଶକ୍ତିସଞ୍ଚାର କରିଥାନ୍ତି । ତହିଁରୁ କ୍ରମେ ବିଶ୍ୱର ଉତ୍ପତ୍ତି ଓ କ୍ରମ ବିକାଶ ଘଟେ । ଭଗବାନ ନିଜର ମାୟାଶକ୍ତି ଦ୍ୱାରା ଏହି ବିଶ୍ୱଲୀଳା ଭିଆଣ କରି ମଧ୍ୟ ତହିଁରେ ନିର୍ଲିପ୍ତ, ମାତ୍ର ମନୁଷ୍ୟ ସେହି ମାୟା ଜାଲରେ ଆବଦ୍ଧ । ତାହାଙ୍କର ଶ୍ରୀଚରଣରେ ଶରଣାପନ୍ନ ଭକ୍ତମାନେହିଁ ତାହାଙ୍କ କୃପା ହେତୁରୁ ସେହି ତତ୍ତ୍ୱ କିଞ୍ଚିତ୍ ପରିମାଣରେ ହୃଦୟଙ୍ଗମ କରି ପାରନ୍ତି ।

ବ୍ରହ୍ମାଙ୍କ କଥିତ ତତ୍ତ୍ୱ ପ୍ରଚଳିତ ସାଂଖ୍ୟ ମତର ବ୍ୟାଖ୍ୟା ସତ୍ୟ କିନ୍ତୁ ସାଂଖ୍ୟ ଦର୍ଶନ ତତ୍ତ୍ୱବିତ୍ ମାନେ ସତ୍ତ୍ୱ, ରଜ, ତମୋଗୁଣମୟୀ ପ୍ରକୃତି ଦୃଶ୍ୟମାନ ଜଗତର ମୂଳକାରଣ ବୋଲି ନିର୍ଦ୍ଧାରଣ କରି ଅଛନ୍ତି, ତହିଁର ପରପାରକୁ ଅଗ୍ରସର ହୋଇ ପାରି ନାହାନ୍ତି । ମାତ୍ର ଭାଗବତରେ ଆଲୋଚିତ ତତ୍ତ୍ୱ ଆହୁରି ଉପରକୁ ଯାଇଅଛି । ଯେତେବେଳେ ମହାପ୍ରଳୟ ଘଟିଯାଏ, ସେତେବେଳେ ସ୍ଥୂଳ ଜଗତର ସତ୍ତା ରହେ ନାହିଁ । କିନ୍ତୁ ଜଗନ୍ନିୟନ୍ତା ତାଙ୍କର ଲୀଳାମୟ ଧାମରେ ସେତେବେଳେ ସୁଦ୍ଧା ଅବସ୍ଥାନ କରୁଥାନ୍ତି । ଏହି ଲୀଳା ବିସ୍ତାର ଆଲୋଚନାହିଁ ଭାଗବତର ବିଶେଷତ୍ୱ ଓ ସାଂଖ୍ୟ ମତଠାରୁ ଉଚ୍ଚତର ଭାବର ଅଭିବ୍ୟକ୍ତି ।

Digitized by srujanika@gmail.com

ଷ ଷ୍ଠ ଅ ଧ୍ୟା ୟ ।

ଷଷ୍ଠେ ବିରାଟ୍‌ବିଭୂତିଶ୍ଚ ପ୍ରୋକ୍ତାଧ୍ୟାତ୍ମାଦିଭେଦତଃ ।
ଦୃଢ଼ୀକୃତଂ ଚ ପୂର୍ବୋକ୍ତଂ ସର୍ବଂ ପୁରୁଷସୂକ୍ତତଃ । ୦ । (ଶ୍ରୀଧରସ୍ୱାମୀ)

ଶ୍ରୀ ବ୍ରହ୍ମୋବାଚ ।

ବାଚାଂ ବହ୍ନେର୍ମୁଖଂ କ୍ଷେତ୍ରଂ ଛନ୍ଦସାଂ ସପ୍ତଧାତବଃ ।
ହବ୍ୟକବ୍ୟାମୃତାନ୍ନାନାଂ ଜିହ୍ୱା ସର୍ବରସସ୍ୟ ଚ । ୧ ।
ସର୍ବାସୂନାଂ ଚ ବାୟୋଶ୍ଚ ତନ୍ନାସେ ପରମାୟନେ ।
ଅଶ୍ୱିନୋରୋଷଧୀନାଂ ଚ ଘ୍ରାଣୋ ମୋଦପ୍ରମୋଦୟୋଃ । ୨ ।
ରୂପାଣାଂ ତେଜସାଂ ଚକ୍ଷୁର୍ଦିବଃ ସୂର୍ଯ୍ୟସ୍ୟ ଚାକ୍ଷିଣୀ ।
କର୍ଣ୍ଣୌ ଦିଶାଂ ଚ ତୀର୍ଥାନାଂ ଶ୍ରୋତ୍ରମାକାଶଶବ୍ଦୟୋଃ । ୩ ।

ବିରାଟ ପୁରୁଷଙ୍କର ବିଭୂତି କଥନ ।

ଷଷ୍ଠ ଅଧ୍ୟାୟରେ ବିରାଟ ପୁରୁଷଙ୍କର ବିଭୂତି ବର୍ଣ୍ଣନା କରାଯାଇ ଅଛି ।

ବ୍ରହ୍ମା କହିଲେ :—

ହେ ନାରଦ ! ସେହି ବିରାଟ ପୁରୁଷଙ୍କ ବିଭୂତିବିଷୟ କହୁଅଛି, ଶୁଣ, ତାହାଙ୍କର ମୁଖ ଅଗ୍ନିଙ୍କର କ୍ଷେତ୍ର, ଏବଂ ଆମ୍ଭମାନଙ୍କର ବାଗିନ୍ଦ୍ରିୟ ସ୍ୱରୂପ, ତ୍ୱକ୍ ପ୍ରଭୃତି ସପ୍ତଧାତୁ ସପ୍ତଛନ୍ଦର କ୍ଷେତ୍ର, ତାଙ୍କର ଜିହ୍ୱା ହବ୍ୟ, କବ୍ୟ ଅମୃତ ପ୍ରଭୃତିର ଆଧାର । ୧ ।

ତାହାଙ୍କର ନାସାରନ୍ଧ୍ର ଦ୍ୱୟ ଆମ୍ଭମାନଙ୍କର ପ୍ରାଣ ଓ ବାୟୁର ହେତୁ, ଏବଂ ତାଙ୍କର ଘ୍ରାଣେନ୍ଦ୍ରିୟ ସାମାନ୍ୟ ଓ ବିଶେଷ ଗନ୍ଧର ଉତ୍ପତ୍ତି ସ୍ଥଳ, ଅଶ୍ୱିନୀ କୁମାର ଦ୍ୱୟ ଓ ଔଷଧି ସମୂହ ତହିଁରୁ ଜାତ । ୨ ।

ତାହାଙ୍କ ଚକ୍ଷୁ ରୂପ ଓ ତେଜର ଉତ୍ପତ୍ତି ସ୍ଥାନ, ଚକ୍ଷୁ ଗୋଲାରେ ସ୍ୱର୍ଗ ଓ ସୂର୍ଯ୍ୟ ଅବସ୍ଥିତ, ତାଙ୍କର କର୍ଣ୍ଣରେ ସମସ୍ତ ଦିଗ ଓ ତୀର୍ଥ ବିରାଜିତ, ସେହି କର୍ଣ୍ଣହିଁ ଆକାଶ ଓ ଶବ୍ଦର ଉତ୍ପତ୍ତି ସ୍ଥଳ । ୩ ।

ଷଷ୍ଠରେ ବିରାଟ ପୁରୁଷ । ବିଭୂତି ବର୍ଣ୍ଣନା ବିଶେଷ । ୦ ।

ଶ୍ରୀ ବ୍ରହ୍ମୋବାଚ—
ଶୁଣ ନାରଦ ମହାଋଷି
ବିରାଟରୂପେ ବ୍ରହ୍ମରାଶି
ବ୍ରହ୍ମାଣ୍ଡରୂପେ ପ୍ରକାଶିଲ
ଯେ ଅଙ୍ଗୁ ଯେବା ଜାତହେଲ
ତାହା କହିବା ତୋତେ ଭଲେ
ଇନ୍ଦ୍ରିୟ ଅର୍ଥ ଇନ୍ଦ୍ର ଭୂଲେ

ବଚନ ବହ୍ନି ମୁଖେ ବସେ
ଯେଣେ ତା ଶବଦ ପ୍ରକାଶେ
ସପତ ଛନ୍ଦ ଧାତୁ ଯେତେ
ଦେହରେ ବସେ ଯା ବାହ୍ୟାନ୍ତେ
ରସନା ଷଡ଼ରସେ ରସେ
ଜଳାଧିପତି ଯହିଁ ବସେ
ସେ ଦେବ-ପିତୃ ନରଙ୍କର
ଅନ୍ନର-ସ୍ଥାନ ସେ ଆଦର । ୧ ।

ପ୍ରାଣ ସହିତେ ଦଶ ପ୍ରାଣ
ସୁଗନ୍ଧ ଦୁର୍ଗନ୍ଧ ଆଘ୍ରାଣ
ନାସାବିବରେ ଆଶ୍ରେ କରେ
ଅଶ୍ୱିନୀକୁମାରଙ୍କ ଭୂଲେ । ୨ ।
ଚକ୍ଷୁ ଇନ୍ଦ୍ରିୟ ରୂପ ଅର୍ଥେ
ସୂର୍ଯ୍ୟ ପ୍ରକାଶ ଦୃଷ୍ଟି ପଥେ
ଶବଦ ଅର୍ଥେ କର୍ଣ୍ଣ ବେନି
ଦିଗ ବସଇ ତୀର୍ଥ ଘେନି । ୩ ।

Digitized by srujanika@gmail.com

ତଦ୍‌ଗାତ୍ରଂ ବସ୍ତୁସାରାଣାଂ ସୌଭଗସ୍ୟ ଚ ଭାଜନମ୍ ।
ତ୍ୱଗସ୍ୟ ସ୍ପର୍ଶବାୟୋଶ୍ଚ ସର୍ବମେଧସ୍ୟ ଚୈବ ହି । ୪ ।
ରୋମାଣ୍ୟୁଦ୍ଭିଜ୍ଜଜାତୀନାଂ ଯୈର୍ବା ଯଜ୍ଞସ୍ତୁ ସଂଭୃତଃ ।
କେଶଶ୍ମଶ୍ରୁନଖାନ୍ୟସ୍ୟ ଶିଳାଲୋହାଭ୍ରବିଦ୍ୟୁତାମ୍ । ୫ ।
ବାହବୋ ଲୋକପାଲାନାଂ ପ୍ରାୟଶଃ କ୍ଷେମକର୍ମଣାମ୍ । ୬
ବିକ୍ରମୋ ଭୂର୍ଭୁବଃ ସ୍ୱଶ୍ଚ କ୍ଷେମସ୍ୟ ଶରଣସ୍ୟ ଚ ।
ସର୍ବକାମବରସ୍ୟାପି ହରେଶ୍ଚରଣ ଆସ୍ପଦମ୍ । ୭ ।
ଅପାଂ ବୀର୍ଯ୍ୟସ୍ୟ ସର୍ଗସ୍ୟ ପର୍ଜନ୍ୟସ୍ୟ ପ୍ରଜାପତେଃ ।
ପୁଂସଃ ଶିଶ୍ନ ଉପସ୍ଥସ୍ତୁ ପ୍ରଜାତ୍ୟାନନ୍ଦନିର୍ବୃତେଃ । ୮ ।
ପାୟୁର୍ଯମସ୍ୟ ମିତ୍ରସ୍ୟ ପରିମୋକ୍ଷସ୍ୟ ନାରଦ ।
ହିଂସାୟା ନିର୍ଋତେର୍ମୃତ୍ୟୋର୍ନିରୟସ୍ୟ ଗୁଦଃ ସ୍ମୃତଃ । ୯ ।

ତାଙ୍କର ଦେହ ସମସ୍ତ ସୌଭାଗ୍ୟର ଓ ସମସ୍ତ ପଦାର୍ଥ ସାରର ଆଧାର ଅଟେ । ତାହାଙ୍କର ତ୍ୱକ୍ ସ୍ପର୍ଶବାୟୁର ହେତୁ । ୪ ।

ଯଜ୍ଞରୁ ଉତ୍ପନ୍ନ ଉଦ୍‌ଭିଦମାନେ ତାଙ୍କର ରୋମରାଜି ସ୍ୱରୂପ; ତାଙ୍କର କେଶ, ଶ୍ମଶ୍ରୁ ଓ ନଖ, ଶିଳା (ଲୁଆପଥର) ମେଘ, ବଜ୍ର ଓ ବିଦ୍ୟୁତ ସ୍ୱରୂପ, ତାହାଙ୍କର ବାହୁ ପାଳନକର୍ତ୍ତା ଲୋକପାଳମାନଙ୍କର ଉତ୍ପତ୍ତି ସ୍ଥଳ ଅଟେ । ୫,୬ ।

ତାହାଙ୍କର ପଦବିକ୍ଷେପ ଭୂଲୋକ, ଭୁବଲୋକ ଓ ସ୍ୱର୍ଗଲୋକର ଆଶ୍ରୟ ସ୍ଥଳ, ତାହାଙ୍କର ଚରଣଦ୍ୱୟ କ୍ଷେମ ଓ ଶରଣପ୍ରାପ୍ତିର ନିଦାନ ଏବଂ ନିଖିଳ କାମ ଏବଂ ସମସ୍ତ ବରର ଉତ୍ପତ୍ତି ସ୍ଥାନ ଅଟେ । ୭ ।

ତାହାଙ୍କର ପୁରୁଷାଙ୍ଗ ଜଳ, ବୀର୍ଯ୍ୟ, ସୃଷ୍ଟି, ମେଘ ଓ ପ୍ରଜାପତିର କାରଣ ଏବଂ ତାହାଙ୍କର ଉପସ୍ଥେନ୍ଦ୍ରିୟ (ଅଣ୍ଡକୋଷ) ସନ୍ତାନୋତ୍ପତ୍ତି ନିମିତ୍ତ ସମ୍ଭୋଗ ପାଇଁ ତାପ୍‌ହାନିର କାରଣ ।୮।

ହେ ନାରଦ ! ତାଙ୍କର ଗୁହ୍ୟ ଦେଶ ଯମ ଓ ମିତ୍ରଙ୍କର ଉତ୍ପତ୍ତି ସ୍ଥାନ, ତାଙ୍କର ମଳଦ୍ୱାର ହିଂସା, ଅଲକ୍ଷ୍ମୀ, ମୃତ୍ୟୁ ଓ ନରକର ଆଧାର ସ୍ୱରୂପ । ୯ ।

ସେ ଦେବଦେହେ ଚର୍ମଦେଶେ
ସ୍ପର୍ଶ, ପବନ, ପ୍ରକାଶେ
ଯେ ସର୍ବଯଜ୍ଞ ବସ୍ତୁ ସାର
ସର୍ବ ସୌଭାଗ୍ୟର ଯେ ଘର ।୪।
ଚର୍ମ ଉପରେ ଓରୋମ ଭେଦ
ସେ ବୃକ୍ଷ, ଯେଣେ ଯଜ୍ଞ ସାଧି
କେଶ ପ୍ରକାଶ ମୁଣ୍ଡେ ଦାଢ଼ି
ଯେ ପାଦେ କରେ ନଖଜଡ଼

ସେ ତନୁ ମଧ୍ୟେ ତନୁ ଦେବା
ପାଷାଣ ଲୌହ ମେଘ-ପ୍ରଭୃ ।୫।
ବାସବ ଆଦି ଦିଗପାଳେ
ବସନ୍ତ ତାର ଭୁଜ ମୂଳେ ।୬।
ତାର ବିକ୍ରମେ ଲୋକ ତିନି
ଭୂଲୋକ ଭୁବ ସ୍ୱର୍ଗ ଘେନି
ଯେ ସବୁ କୁଶଳ କାରଣ
ସକଳ ଭୟ ନିବାରଣ

ସେ ହରି ଚରଣ କମଳ
ସକଳ କାମଙ୍କର ସ୍ଥଳ । ୭ ।
ଯେ ସର୍ଗ ଶୁକ୍ର ଘନରସ
ତା ମେଢ୍ରେ ପ୍ରଜାପତି ବାସ
ମନ ଇନ୍ଦ୍ରିୟ ରସେ ରସେ
ଜନନେ ପ୍ରଜାପତି ବସେ । ୮ ।
ମଳ ଉତ୍ସର୍ଗ ମଳଦ୍ୱାରେ
ଯମ ବସଇ ଅଧିକାରେ

Digitized by srujanika@gmail.com

ପରାଭୂତେରଧର୍ମସ୍ୟ ତମସଶ୍ଚାପି ପଶ୍ଚିମଃ ।
ନାଡ୍ୟୋ ନଦନଦୀନାଂ ତୁ ଗୋତ୍ରାଣାମସ୍ଥିସଂହତିଃ । ୧୦ ।
ଅବ୍ୟକ୍ତରସସିନ୍ଧୂନାଂ ଭୂତାନାଂ ନିଧନସ୍ୟ ଚ ।
ଉଦରଂ ବିଦିତଂ ପୁଂସୋ ହୃଦୟଂ ମନସଃ ପଦଂ । ୧୧ ।
ଧର୍ମସ୍ୟ ମମ ତୁଭ୍ୟଂ ଚ କୁମାରାଣାଂ ଭବସ୍ୟ ଚ ।
ବିଜ୍ଞାନସ୍ୟ ଚ ସତ୍ତ୍ୱସ୍ୟ ପରସ୍ୟାତ୍ମା ପରାୟଣମ୍ । ୧୨ ।
ଅହଂ ଭବାନ୍ ଭବଶ୍ଚୈବ ତ ଇମେ ମୁନୟୋଽଗ୍ରଜାଃ ।
ସୁରାସୁରନରା ନାଗାଃ ଖଗା ମୃଗସରୀସୃପାଃ । ୧୩ ।
ଗନ୍ଧର୍ବାପ୍‌ସରସୋ ଯକ୍ଷା ରକ୍ଷୋ ଭୂତଗଣୋରଗାଃ
ପଶବଃ ପିତରଃ ସିଦ୍ଧା ବିଦ୍ୟାଧ୍ରାଶ୍ଚାରଣା ଦ୍ରୁମାଃ । ୧୪ ।

ତାହାଙ୍କର ପୃଷ୍ଠଦେଶରେ ପରାଜୟ, ଅଧର୍ମ, ଓ ଅଜ୍ଞାନ ଅବସ୍ଥିତ, ତାଙ୍କର ନାଡ଼ୀ ସମୂହ ନଦନଦୀ ସ୍ୱରୂପ ଓ ଅସ୍ଥିମାନ ପର୍ବତ ସ୍ୱରୂପ । ୧୦ ।

ତାଙ୍କର ଉଦର ଅନାଦି ପ୍ରଧାନ ରସର ସାଗର ଓ ଭୂତ ସମୂହର ଉପସ୍ଥିତିସ୍ଥଳ ଓ ତାହାଙ୍କର ହୃଦୟ, ଆମ୍ଭମାନଙ୍କର ସୂକ୍ଷ୍ମ ଦେହ ବା ମନର ଆଶ୍ରୟ ସ୍ଥଳ । ୧୧ ।

ସେହି ବିରାଟ ପୁରୁଷଙ୍କର ହୃଦୟ ଧର୍ମର, ତୁମ୍ଭର ଓ ମୋହର, ମୋର ମାନସପୁତ୍ର ସନକ, ସନନ୍ଦାଦି-ଙ୍କର, ରୁଦ୍ରଙ୍କର, ବିଜ୍ଞାନର, ଓ ସତ୍ତ୍ୱଗୁଣର ପରମ ଆଶ୍ରୟ ସ୍ଥଳ । ୧୨ ।

ମୁଁ, ତୁମ୍ଭେ, ଶିବ, ଅଗ୍ରଜାତ ମୁନିଗଣ (ସନକ ଓ ମରୀଚି ପ୍ରଭୃତି) ସୁର, ଅସୁର, ନର, ନାଗ, ପକ୍ଷୀ, ସରୀସୃପ, ଗନ୍ଧର୍ବ, ଅପ୍‌ସରା, ଯକ୍ଷ, ରାକ୍ଷସ, ଭୂତଗଣ, ପଶୁଗଣ ପିତୃଗଣ, ସିଦ୍ଧ, ବିଦ୍ୟାଧର, ଚାରଣ,

---

ନାଡ଼ୀ ସମୂହେ ନଦୀ ନଦେ
ଗିରି ସମୂହେ ଅସ୍ଥି ଭେଦେ
ତା ଗୁହ୍ୟ ହିଂସା ଅଲକ୍ଷ୍ମୀର
ମରଣ ଯାତନାର ଘର
ପରାଭବ ତା ପୃଷ୍ଠଦେଶେ
ଅଧର୍ମ ସଙ୍ଗେ ତମ ବସେ ।୯,୧୦।
ସପତ ସିନ୍ଧୁ ଗର୍ଭେ ରହି
ଭୋଜନେ ତୁଷ୍ଟି ପୁଷ୍ଟି ବହି
ଉଦରେ ମୃତ୍ୟୁ, ହୃଦଦେଶ
ସର୍ବ ବ୍ୟାପକ ମନେ ବସେ ।୧୧।

ବିରାଟ ଆତ୍ମା ଦେହ ମଧ୍ୟେ
ବସଇ ସକଳ ସମ୍ପଦେ
ଧର୍ମ ସଙ୍ଗତେ ସଦ୍ମଯୋନି
ତୋ ସଙ୍ଗେ କୁମାରଙ୍କୁ ଘେନି
ବିଜ୍ଞାନ ସତ୍ତ୍ୱ ରୁଦ୍ର ସଙ୍ଗେ
ସର୍ବେ ଆଶ୍ରିତ ଆତ୍ମାଭାଗେ ।୧୨।
ବ୍ରହ୍ମା ନାରଦ ଭବଆଦି
ମୁନିଏ ଯେତେ ବେଦବାଦୀ
ସୁର ଅସୁର ନର ନାଗ
ଯେ ସରୀସୃପ ଖଗ ମୃଗ

ଗନ୍ଧର୍ବ ଅପସରା ଯକ୍ଷ
ଭୂତ ଉରଗ ପଶୁ ରକ୍ଷ
ପିତର ସିଦ୍ଧ ବିଦ୍ୟାଧର
ଚାରଣ ଆଦି ଯେ କିନ୍ନର
ବୃକ୍ଷ ଓଷଧି ଲତା ଯେତେ
ବିବିଧ ଜୀବ ଆନେ ଯେତେ
ଯେ ଜଳ ସ୍ଥଳ ଅନ୍ତରୀକ୍ଷେ
ଗ୍ରହ ଆଦିତ୍ୟକେତୁ ଋକ୍ଷେ
ତାରା ସମୂହ ତେଜେ ଝିଲ
ଜୀମୂତ ପ୍ରକାଶ ବିଜୁଳି

Digitized by srujanika@gmail.com

ଅନ୍ୟେ ଚ ବିବିଧା ଜୀବା ଜଲସ୍ଥଲନଭୌକସଃ ।
ଗ୍ରହର୍କ୍ଷକେତବସ୍ତାରାସ୍ତଡ଼ିତସ୍ତନୟିତ୍ନବଃ ।
ସର୍ବଂ ପୁରୁଷ ଏବେଦଂ ଭୂତଂ ଭବ୍ୟଂ ଭବଚ୍ଚ ଯତ୍ । ୧୫ ।
ତେନେଦମାବୃତଂ ବିଶ୍ୱଂ ବିତସ୍ତିମଧିତିଷ୍ଠତି ।
ସ୍ୱଧିଷ୍ଣ୍ୟଂ ପ୍ରତପନ୍‌ପ୍ରାଣୋ ବହିଶ୍ଚ ପ୍ରତପତ୍ୟସୌ ।
ଏବଂ ବିରାଜଂ ପ୍ରତପଂସ୍ତପତ୍ୟନ୍ତର୍ବହିଃ ପୁମାନ୍ । ୧୬ ।
ସୋଽମୃତସ୍ୟାଭୟସ୍ୟେଶୋ ମର୍ତ୍ତ୍ୟମନ୍ନଂ ଯଦତ୍ୟଗାତ୍ ।
ମହିମୈଷ ତତୋ ବ୍ରହ୍ମନ୍ ପୁରୁଷସ୍ୟ ଦୁରତ୍ୟୟଃ । ୧୭ ।
ପାଦେଷୁ ସର୍ବଭୂତାନି ପୁଂସଃ ସ୍ଥିତପଦୋ ବିଦୁଃ ।
ଅମୃତଂ କ୍ଷେମମଭୟଂ ତ୍ରିମୂର୍ଦ୍ଧ୍ନୋଽଧାୟି ମୂର୍ଦ୍ଧସୁ । ୧୮ ।
ପାଦାସ୍ତ୍ରୟୋ ବହିଶ୍ଚାସନ୍ନ ପ୍ରଜାନାଂ ଯ ଆଶ୍ରମାଃ,
ଅନ୍ତସ୍ତ୍ରିଲୋକ୍ୟାସ୍ତ୍ୱପରୋ ଗୃହମେଧୋଽବୃହଦ୍‌ବ୍ରତଃ । ୧୯ ।

ଗ୍ରହ, ନକ୍ଷତ୍ର, ଧୂମକେତୁ, ତାରା, ବିଦ୍ୟୁତ୍, ବଜ୍ର, ମେଘ ଏବଂ ଅନ୍ୟାନ୍ୟ ପୁରୁଷ ଓ ଜୀବଗଣ ସମସ୍ତେ ସେହି ପରମ ପୁରୁଷଙ୍କର ପ୍ରତିବିମ୍ବ ମାତ୍ର, ସେହି ଭୂତ ଭବିଷ୍ୟତ୍ ଓ ବର୍ତ୍ତମାନ । ୧୩-୧୫ ।

ବିଗତେ ପରିମିତ ହେଲେ ମଧ୍ୟ ସେ ସମଗ୍ର ବିଶ୍ୱକୁ ଆବୃତ କରି ରହିଅଛନ୍ତି, ଯେପରି ସୂର୍ଯ୍ୟ ସ୍ୱୀୟ ମଣ୍ଡଳ ପ୍ରକାଶ କରି ତଦ୍‌ବହିସ୍ଥ ବସ୍ତୁକୁ ମଧ୍ୟ ପ୍ରକାଶିତ କରନ୍ତି, ସେହି-ପରି ପରମପୁରୁଷ ବିରାଟ୍ ଦେହ ପ୍ରକାଶ କରି ତାହାର ଅଭ୍ୟନ୍ତର ଓ ବହିର୍ଦ୍ଦେଶ—ଏହି ବିଶ୍ୱକୁ ପ୍ରକାଶ କରୁଅଛନ୍ତି । ୧୬ ।

ହେ ବ୍ରହ୍ମନ୍ ! ସେ ଅମୃତ ଓ ଅଭୟର ଅଧିପତି, କାରଣ ସେ ମୃତ୍ୟୁର କାରଣ ସ୍ୱରୂପ କର୍ମ ଅତିକ୍ରମ କରି ଅଛନ୍ତି । ୧୭ ।

ଭୂ ପ୍ରଭୃତି ସର୍ବଲୋକ ତାଙ୍କର ଅଂଶ । ଅଖିଳ ଲୋକ ତାହାଙ୍କର ପଦରେ ଅବସ୍ଥିତ । ସେ ତ୍ରିଲୋକର ମସ୍ତକ ସ୍ୱରୂପ, ମହର୍ଲୋକର ଊର୍ଦ୍ଧ୍ୱବର୍ତ୍ତୀ ତପଲୋକରେ ସେ ଅମୃତ, କ୍ଷେମ ଓ ଅଭୟ ସ୍ଥାପନ କରି ଅଛନ୍ତି । ୧୮ ।

ନୈଷ୍ଠିକ ବ୍ରହ୍ମଚାରୀ, ବାନପ୍ରସ୍ଥ, ଏବଂ ଯତିମାନେ ପୁନର୍ବାର ପୁତ୍ରରୂପେ ଜନ୍ମଗ୍ରହଣ କରନ୍ତି ନାହିଁ, ସେମାନଙ୍କର ତିନି ଆଶ୍ରମ ତାହାଙ୍କର ତିନିପାଦ, ଏହି ତିନୋଟି ଆଶ୍ରମ ତ୍ରିଲୋକର ବହିର୍ଭାଗରେ ଅବସ୍ଥିତ, ଗୃହୀମାନେ ବ୍ରହ୍ମଚର୍ଯ୍ୟବ୍ରତ ଅବଲମ୍ବନ କରନ୍ତି ନାହିଁ, ତେଣୁ ସେମାନଙ୍କର ଆଶ୍ରମ ତ୍ରିଲୋକର ମଧ୍ୟବର୍ତ୍ତୀ ।୧୯

ତାତନୁ ଏ ସର୍ବ କାରଣ
ଭୂତ ଭବିଷ୍ୟ ବର୍ତ୍ତମାନ
ଏରୂପେ ଏ ବିଶ୍ୱ ସଂସାର
ପ୍ରକାଶେ ଯାହାର ଶରୀର
ବିତସ୍ତି ମାତ୍ର ମଧ୍ୟେ ରହେ
ଏକଅନେକ ଜନ୍ତୁଦେହେ ।୧୩-୧୬

ଭିତରେ ରହେ ପ୍ରାଣ ତେଜେ
ପ୍ରକାଶେ ଅନ୍ତର ବାହ୍ୟେ ।୧୭।
ଅଭୟ ଅମୃତ ଈଶ୍ୱର
ଜନ୍ମ ମରଣ ଆର ପାର
ତାହାର ଏମନ୍ତ ମହିମା
ଏଣୁ ସେ ବୁଝି ନୋହେ ସୀମା ।୧୮

ପାଦେ ଅଶେଷ ଭୂତ ବସେ
ଅମୃତାଭୟ କ୍ଷେମ କୋଷେ
ତ୍ରିଲୋକ ଊର୍ଦ୍ଧ୍ୱେ ତିନି ଲୋକ
ବହେ ଅଭୟ କ୍ଷେମ ସୁଖ ।୧୯।

Digitized by srujanika@gmail.com

ସୃତୀ ବିଚକ୍ରମେ ବିଷ୍ୱଙ୍ ଶାସନାନଶନେ ଉଭେ ।
ଯଦବିଦ୍ୟା ଚ ବିଦ୍ୟାଚ ପୁରୁଷସ୍ତୂଭୟାଶ୍ରୟଃ । ୨୦ ।
ଯସ୍ମାଦଣ୍ଡଂ ବିରାଡ୍ ଯଜ୍ଞେ ଭୂତେନ୍ଦ୍ରିୟଗୁଣାତ୍ମକଃ ।
ତଦ୍ଦ୍ରବ୍ୟମତ୍ୟଗାଦ୍‌ବିଶ୍ୱଂ ଗୋଭିଃ ସୂର୍ଯ୍ୟ ଇବାତପନ୍ । ୨୧ ।
ଯଦାସ୍ୟ ନାଭ୍ୟାନ୍ ନଳିନାଦହମାସଂ ମହାତ୍ମନଃ ।
ନାବିଦଂ ଯଜ୍ଞସମ୍ଭାରାନ୍ ପୁରୁଷାବୟବାଦୃତେ । ୨୨ ।
ତେଷୁ ଯଜ୍ଞସ୍ୟ ପଶବଃ ସବନସ୍ପତୟଃ କୁଶାଃ ।
ଇଦଂ ଚ ଦେବଯଜନଂ କାଲଶ୍ଚୋରୁଗୁଣାନ୍ୱିତଃ । ୨୩ ।
ବସ୍ତୂନ୍ୟୋଷଧୟଃ ସ୍ନେହା ରସଲୋହମୃଦୋ ଜଲମ୍ ।
ଋଚୋ ଯଜୂଂଷି ସାମାନି ଚାତୁର୍ହୋତ୍ରଂ ଚ ସତ୍ତମ । ୨୪ ।

ସେହି କ୍ଷେତ୍ରଜ୍ଞ, ସର୍ବଦେଶରେ ବିସ୍ତୃତ ବିବିଧ ପଦାର୍ଥ ସୃଷ୍ଟି କରିବା ନିମନ୍ତେ ଭୋଗ ଓ ମୁକ୍ତିର ଦ୍ୱିବିଧ ସାଧନ ମାର୍ଗରେ ବିଚରଣ କରିଥାନ୍ତି, ସୁତରାଂ ଅବିଦ୍ୟା ଓ ବିଦ୍ୟା ଉଭୟ ତାହାଙ୍କୁ ଆଶ୍ରୟ କରି ରହି ଅଛି । ୨୦ ।

ତାହାଙ୍କଠାରୁ ଏହି ବ୍ରହ୍ମାଣ୍ଡ, ଭୂତ, ଇନ୍ଦ୍ରିୟ ଓ ଗୁଣମୟ ବିରାଟ ଦେହ ଉଦ୍‌ଭୂତ ହୋଇ ଅଛି । ଯେପରି ସୂର୍ଯ୍ୟ କିରଣ ଦ୍ୱାରା ପୃଥିବୀକୁ ଉତ୍ତାପ ଦାନ କରେ, ସେହିପରି ସେହି ବିରାଟ ପୁରୁଷ ଓ ବିଶ୍ୱ ଏବଂ ବିରାଟ ଦେହ ଉଭୟ ପୃଥକ୍ । ୨୧ ।

ମୁଁ (ବ୍ରହ୍ମା) ନିଜେ ତାଙ୍କର ନାଭିକମଳରୁ ଜାତ ହୋଇଅଛି, ମୁଁ ଏପରି କୌଣସି ଯଜ୍ଞ ଦ୍ରବ୍ୟ ଜାଣେ ନାହିଁ, ଯାହାକି ତାଙ୍କର ଅଙ୍ଗଠାରୁ ବିଭିନ୍ନ । ୨୨ ।

ପଶୁ, ବନସ୍ପତି, କୁଶ, ଯଜ୍ଞସ୍ଥାନ, ଅନନ୍ତ ପ୍ରଭୃତି କାଳ, ଯବାଦି ଔଷଧି, ଘୃତ ପ୍ରଭୃତି ସ୍ନିଗ୍ଧ ପଦାର୍ଥ, ମଧୁରାଦି ରସ, ସୁବର୍ଣ୍ଣ ପ୍ରଭୃତି ଧାତୁ, ମୃତ୍ତିକା, ଜଳ, ଋକ, ସାମ, ଯଜୁଃ, ହୋତୃକର୍ମ, ଜ୍ୟୋତିଷ୍ଟୋମାଦି ଯଜ୍ଞର ନାମ ସମୂହ, ସ୍ୱାହା ପ୍ରଭୃତି ମନ୍ତ୍ର, ଦକ୍ଷିଣା, ବ୍ରତ, ଦେବତାଗଣଙ୍କର ଅନୁକ୍ରମ,

---

ଯେ ପ୍ରଜାଶ୍ରମେ ଧର୍ମ ଚିନ୍ତେ
ତ୍ରିଲୋକେ ଭ୍ରମେ ଗତାଗତେ
ଯେ ଅନ ଆଶ୍ରମେ ରମନ୍ତି
ତ୍ରିଲୋକବାହ୍ୟେ ତାଙ୍କ ସ୍ଥିତି ।୨୦
ଜୀବର ଏହି ବେନି ଗତି
ବିଦ୍ୟା ଅବିଦ୍ୟା ଭାବେ ହୋନ୍ତି
ଉତ୍ତର ଦକ୍ଷିଣ ଅୟନ
ଭୋଗାପବର୍ଗର ସାଧନ । ୨୧ ।
ଯାହାର ଅଂଶେ ମାୟାମୟ
ଭୂତ ଇନ୍ଦ୍ରିୟ ଗୁଣାଶ୍ରୟ

ବୈରାଜ ରୂପ ଜାତ ହୋଏ
କିରଣ ଯେସନ୍ତେ ସୂର୍ଯ୍ୟଦେହେ ।୨୨
ଯାହାର ନାଭିପଦ୍ମେ ଜାତ
ମୁଁ ବ୍ରହ୍ମା ବ୍ରହ୍ମାଣ୍ଡର ନାଥ
ଯଜ୍ଞସମ୍ଭାର ନ ଜାଣଇ
ଯେ ବା ତାହାର ଦେହେ ନାହିଁ
ତାର ଶରୀରେ ଯଜ୍ଞବିଧି
ଆଗମ ନିଗମ ପ୍ରସିଦ୍ଧି
ପଶୁ ଇନ୍ଧନ କୁଶ ଆଦି
ଯେମନ୍ତେ ଯେ ଅବା ସମ୍ପାଦି

ଯଜନ ଦେବ ପିତୃ ତୋଷେ
ଯେ କାଳ ଯେବା ପୁଣ୍ୟଦେଶେ
ଯେତେ ପାତ୍ରରେ ଯଜ୍ଞ କରି
ମନ୍ତ୍ର ଔଷଧି ଆଦି କରି
ସ୍ନେହ ରସ ଯେ ଲୌହ ଆଦି
ମୃତ୍ତିକା ଜଳ ଯେ ସମ୍ପାଦି
ଋକ ଯଜୁ ଯେ ସାମ ତିନି
ଚତୁର ହୋତ୍ର କର୍ମ ଘେନି
ଯେ ନାମ ଧେୟ ଯେବା ମନ୍ତ୍ର
ଯେବା ଦକ୍ଷିଣା ଯେବା ବ୍ରତ,

Digitized by srujanika@gmail.com

ନାମଧେୟାନି ମନ୍ତ୍ରାଶ୍ଚ ଦକ୍ଷିଣାଶ୍ଚ ବ୍ରତାନି ଚ ।
ଦେବତାନୁକ୍ରମଃ କଳ୍ପଃ ସଂକଳ୍ପସ୍ତନ୍ତ୍ରମେବ ଚ । ୨୫ ।
ଗତୟୋ ମତୟଶ୍ଚୈବ ପ୍ରାୟଶ୍ଚିତ୍ତଂସମର୍ପଣମ୍ ।
ପୁରୁଷାବୟବୈରେତେ ସମ୍ଭାରାଃ ସଂଭୃତା ମୟା । ୨୬ ।
ଇତି ସଂଭୃତସମ୍ଭାରଃ ପୁରୁଷାବୟବୈରହମ୍ ।
ତମେବ ପୁରୁଷଂ ଯଜ୍ଞଂ ତେନୈବାଯଜମୀଶ୍ୱରମ୍ । ୨୭ ।
ତତସ୍ତେ ଭ୍ରାତର ଇମେ ପ୍ରଜାନାଂ ପତୟୋ ନବ ।
ଅଯଜନ୍ ବ୍ୟକ୍ତମବ୍ୟକ୍ତଂ ପୁରୁଷଂ ସୁସମାହିତାଃ । ୨୮ ।
ତତଶ୍ଚ ମନବଃ କାଲେ ଈଜିରେ ଋଷୟୋଽପରେ ।
ପିତରୋ ବିବୁଧା ଦୈତ୍ୟା ମନୁଷ୍ୟାଃ କ୍ରତୁଭିର୍ବିଭୁମ୍ । ୨୯ ।
ନାରାୟଣେ ଭଗବତି ତଦିଦଂ ବିଶ୍ୱମାହିତମ୍ ।
ଗୃହୀତମାୟୋରୁଗୁଣଃ ସର୍ଗାଦାବଗୁଣଃ ସ୍ୱତଃ । ୩୦ ।

କଳ୍ପ, ସଙ୍କଳ୍ପ, ଗତି, ମତି, ପ୍ରାୟଶ୍ଚିତ୍ତ, ଓ ଭଗବାନଙ୍କଠାରେ କର୍ମାର୍ପଣ, ଇତ୍ୟାଦି ଯଜ୍ଞବିଧିମାନ, ପରସ୍ପରଠାରୁ ପୃଥକ୍ ହେଲେ ମଧ୍ୟ ସମସ୍ତ ତାଙ୍କର ଅଙ୍ଗରୁ ଜାତ, ତାଙ୍କର ଅଙ୍ଗରୁ ଯଜ୍ଞଦ୍ରବ୍ୟ ଆହରଣ କରି ଯଜ୍ଞଦ୍ୱାରା ଯଜ୍ଞରୂପୀ ସେହି ପରମ ପୁରୁଷ ପରମେଶ୍ୱରଙ୍କୁ ଯଜ୍ଞ କରି ଅଛି । ୨୩-୨୭ ।

ତଦନନ୍ତର ନବ ପ୍ରଜାପତି, ମନୁଗଣ, ଅନ୍ୟାନ୍ୟଋଷିଗଣ, ପିତୃଗଣ, ଦେବଗଣ, ଦୈତ୍ୟଗଣ ଓ ମନୁଷ୍ୟଗଣ ନିଜ ନିଜର ଅବସର କ୍ରମେ ବ୍ରତପାଳନ କରି ବ୍ୟକ୍ତ ଓ ଅବ୍ୟକ୍ତ ଇନ୍ଦ୍ରାଦିରୂପରେ ପ୍ରକାଶମାନ ଏବଂ ଆତ୍ମରୂପରେ ପ୍ରକାଶମାନ ପୁରୁଷଙ୍କ ଉଦ୍ଦେଶ୍ୟରେ ଯଜ୍ଞାନୁଷ୍ଠାନ କରିଥିଲେ । ୨୮,୨୯ ।

ଭଗବାନ୍ ନାରାୟଣଙ୍କ ଠାରେ ଏହି ବିଶ୍ୱ ଅଧିଷ୍ଠିତ ହୋଇଅଛି, ସେ ସ୍ୱତଃ ନିର୍ଗୁଣ ହେଲେ ମଧ୍ୟ ସୃଷ୍ଟି ବିଧାନ ନିମନ୍ତେ ମାୟାଯୁକ୍ତ ହୋଇ ମହଦାଦି ଗୁଣ-ଯୁକ୍ତ ହୁଅନ୍ତି । ୩୦ ।

ଦେବତା ଅନୁକ୍ରମ କଳ୍ପ
ଯେ ତନ୍ତ୍ର ଯେ ଅବା ସଂକଳ୍ପ
ଯେ ଗତି ଯଜ୍ଞେ ଯେବା ମତି
ଯେ ସମର୍ପଣ ପ୍ରାୟଶ୍ଚିତ୍ତି
ଯଜ୍ଞସମ୍ଭାର ତା ଶରୀରେ
ଲଭିଲି ଉପକାରେ । ୨୩-୨୭
ତାର ବିହିତ ତାର ଅଙ୍ଗେ
ଯଜ୍ଞ ଆରାଧି ହବିର୍ଭାଗେ

ପୂଜିଲି ପୁରୁଷ ପୁରାଣ
ତେଣୁ ମୋ ସଂସାର ଭିଆଣ । ୨୮
ସକଳ ଯଜ୍ଞଭୁଗେ ଚିନ୍ତି
ମୋ ପଛେ ନବ ପ୍ରଜାପତି
ଯଜ୍ଞପୁରୁଷ ସ୍ଥାପି କୁଣ୍ଡେ
ଯେମନ୍ତ ବିଧି କର୍ମକାଣ୍ଡେ
ପୂଜିଲେ ତାହାର ଚରଣେ
ବିଧି ବିଧାନ ଆଚରଣେ । ୨୯ ।

ଏହି ପ୍ରକାରେ ମନୁ ଋଷି
ପିତୃ ଦେବତାମାନେ ବସି
ଦାନବ ମାନବ ସମେତେ
ଯଜ୍ଞେ ପୂଜିଲେ ବେଦମତେ । ୩୦

Digitized by srujanika@gmail.com

ସୃଜାମି ତନ୍ନିଯୁକ୍ତୋଽହଂ ହରୋ ହରତି ତଦ୍ବଶଃ ।
ବିଶ୍ୱଂ ପୁରୁଷରୂପେଣ ପରିପାତି ତ୍ରିଶକ୍ତିଧୃକ୍ । ୩୧ ।
ଇତି ତେଽଭିହିତଂ ତାତ ଯଥେଦମନୁପୃଚ୍ଛସି ।
ନାନ୍ୟଦ୍ଭଗବତଃ କିଞ୍ଚିଦ୍ଭାବ୍ୟଂ ସଦସଦାତ୍ମକମ୍ । ୩୨ ।
ନ ଭାରତୀ ମେଽଙ୍ଗ ମୃଷୋପଲକ୍ଷ୍ୟତେ ନ ବୈ କ୍ୱଚିନ୍ମେ ମନସୋ ମୃଷାଗତିଃ ।
ନ ମେ ହୃଷୀକାଣି ପତନ୍ତ୍ୟସତ୍ପଥେ ଯନ୍ମେ ହୃଦୌତ୍କଣ୍ଠ୍ୟବତା ଧୃତୋ ହରିଃ । ୩୩ ।
ସୋଽହଂ ସମାମ୍ନାୟମୟସ୍ତପୋମୟଃ ପ୍ରଜାପତୀନାମଭିବନ୍ଦିତଃ ପତିଃ ।
ଆସ୍ଥାୟ ଯୋଗଂ ନିପୁଣଂ ସମାହିତସ୍ତନ୍ନାଧ୍ୟଗଚ୍ଛଂ ଯତ ଆତ୍ମସମ୍ଭବଃ । ୩୪ ।

ତାଙ୍କର ଆଦେଶ ଅନୁସାରେ ମୁଁ ବିଶ୍ୱସୃଜନ କରିଥାଏ, ଶିବମଧ୍ୟ ତାଙ୍କର ଆଦେଶରେ ସଂହାର କରିଥାନ୍ତି, ଏବଂ ସେ ନିଜେ ବିଷ୍ଣୁ ସ୍ୱରୂପରେ ପାଳନ କାର୍ଯ୍ୟରେ ନିଯୁକ୍ତ ଥାନ୍ତି, ଭଗବାନ ଏହିପରି ତ୍ରିଶକ୍ତି ଧାରଣ କରି ଅଛନ୍ତି । ୩୧ ।

କାର୍ଯ୍ୟ ଓ କାରଣ ସ୍ୱରୂପ ସମୁଦାୟ ସୃଷ୍ଟ ବସ୍ତୁ ମଧ୍ୟରେ ତାଙ୍କଭିନ୍ନ ଅନ୍ୟ କିଛି ନାହିଁ, ହେ ବତ୍ସ ! ତୁମ୍ଭେ ମୋତେ ଯେଉଁ ପ୍ରଶ୍ନ କରିଥିଲ, ଏବେ ମୁଁ ତାହା ତୁମ୍ଭଙ୍କୁ କହିଲି । ୩୨ ।

ହେ ନାରଦ ! ମୁଁ ଉଦ୍ରିକ୍ତ ଭକ୍ତିଯୁକ୍ତ ହୋଇ ସେହି ଭଗବାନଙ୍କୁ ଅନ୍ତଃ କରଣମଧ୍ୟରେ ଧ୍ୟାନ କରିଥାଏ ତେଣୁ ମୋ ବାକ୍ୟ ଓ ମନର ଗତି ମଧ୍ୟ କଦାପି ମିଥ୍ୟା ଯୁକ୍ତ ହୁଏ ନାହିଁ, ଏବଂ ମୋର ଇନ୍ଦ୍ରିୟ ସମୂହ କଦାପି କୁପଥ ଗାମୀ ହୁଅନ୍ତି ନାହିଁ । ୩୩ ।

ମୁଁ ବେଦମୟ, ତପୋମୟ, ଏବଂ ପ୍ରଜାପତିଗଣଙ୍କର ଅଧୀଶ୍ୱର, ଇତ୍ୟାଦି ଭାବରେ ଶ୍ରେଷ୍ଠ ହେଲେ ମଧ୍ୟ ଏବଂ ନିବିଷ୍ଟ ଭାବରେ ଯୋଗସାଧନ କରୁଥିଲେ ମଧ୍ୟ ମୁଁ ମୋର ଜନ୍ମଦାତାଙ୍କୁ ଅଦ୍ୟାପି ଜାଣି ପାରିଲି ନାହିଁ । ୩୪ ।

ସେ ହରିଅଟନ୍ତି ଏ ଜଗତ
ଯାଙ୍କ ସୃଜନେ ସମାହିତ
ଯେ ସ୍ୱୟଂ ନିର୍ଗୁଣ ଅନନ୍ତ
ମାୟା ଗ୍ରହଣେ ଗୁଣବନ୍ତ । ୩୧ ।
ତାହାର ଆଜ୍ଞା ଶିରେ ବହି
ମୁଁ ଏ ସଂସାର ସରଜଇ
ପାଳଇ ବିଷ୍ଣୁରୂପ ଧରି
ଶଙ୍କରରୂପେ ସେ ସଂହରି
ସୃଷ୍ଟି ପାଳନ ସଂହାରଣ
ଏଆଦି ତ୍ରିଗୁଣ କାରଣ

ସେ ମାୟାଧର ନରହରି
ଖେଳଇ ସୃଷ୍ଟିଲୀଳା କରି । ୩୨ ।
ତୁ ଯାହା ପୁଛିଲୁ ପ୍ରସ୍ତାବେ
ସଂକ୍ଷେପେ କହିଲି ମୁଁ ଏବେ
ସତ ଅସତ ରୂପ ଯେତେ
ମାୟା କଳ୍ପିତ ଏ ଜଗତେ
ଏ ସର୍ବରୂପ ନାରାୟଣ
ଅନାଦି ପରମ କାରଣ । ୩୩ ।
ମୋର ବଚନ ହେ ନାରଦ
କେବେହେଁ ନୁହଇ ଅସତ

ମୋହର ମନ ସତ୍ୟେ ସ୍ଥିତ
କେବେହେଁ ନୋହେ ମିଥ୍ୟାଗତ
କେବେ ମୋହର ଇନ୍ଦ୍ରିବର୍ଗେ
ନ ଯାନ୍ତି ଅସତ୍ୟ ଅମାର୍ଗେ
ଯେଣୁ ମୋ ହୃଦେ ନାରାୟଣ
ଉତ୍କଣ୍ଠାଭାବେ ସୁମରଣ । ୩୪ ।

Digitized by srujanika@gmail.com

ନତୋଽସ୍ମ୍ୟହଂ ତଚ୍ଚରଣଂ ସମୀୟୁଷାଂ ଭବଚ୍ଛିଦଂ ସ୍ୱସ୍ତ୍ୟୟନଂ ସୁମଙ୍ଗଲମ୍ ।
ଯୋ ହ୍ୟାତ୍ମମାୟାବିଭବଂ ଚ ପର୍ଯ୍ୟଗାଦ୍ୟଥା ନଭଃ ସ୍ୱାନ୍ତମଥାପରେ କୁତଃ । ୩୫ ।
ନାହଂ ନ ଯୂୟଂ ଯଦୃତାଂ ଗତିଂ ବିଦୁର୍ନ ବାମଦେବଃ କିମୁତାପରେ ସୁରାଃ ।
ତନ୍ମାୟୟା ମୋହିତବୁଦ୍ଧୟସ୍ତ୍ୱିଦଂ ବିନିର୍ମିତଂ ଚାତ୍ମସମଂ ବିଚକ୍ଷ୍ମହେ । ୩୬ ।
ଯସ୍ୟାବତାରକର୍ମାଣି ଗାୟନ୍ତି ହ୍ୟସ୍ମଦାଦୟଃ ।
ନ ଯଂ ବିଦନ୍ତି ତତ୍ତ୍ୱେନ ତସ୍ମୈ ଭଗବତେ ନମଃ । ୩୭ ।
ସ ଏଷ ଆଦ୍ୟଃ ପୁରୁଷଃ କଳ୍ପେ କଳ୍ପେ ସୃଜତ୍ୟଜଃ ।
ଆତ୍ମାତ୍ମନ୍ୟାତ୍ମନାତ୍ମାନଂ ସ ସଂଯଚ୍ଛତି ପାତି ଚ । ୩୮ ।

ମୁଁ ସେହି ଭଗବାନ୍‌ଙ୍କ ଚରଣରେ ପ୍ରଣାମ କରୁଅଛି, ସେହି ଚରଣ ମଙ୍ଗଳମୟ ଏବଂ ସୁସେବ୍ୟ, ସେହି ଚରଣ ଆଶ୍ରୟ କଲେ ସଂସାର ନିବୃତ୍ତି ଘଟେ, ହେ ବତ୍ସ ! ଆକାଶ ଯେପରି ନିଜର ଆଦି ଅନ୍ତ ଜାଣି ନ ପାରେ, ଭଗବାନ୍ ସେହିପରି ନିଜର ମାୟାର ଆଦିଅନ୍ତ ସ୍ଥିର କରି ପାରନ୍ତି ନାହିଁ, ତେଣୁ ଅନ୍ୟ ଦେବତାମାନେ ତାହାର କଳନା କରିବା ସହଜ ନୁହେଁ । ୩୫ ।

ଅନ୍ୟ ଦେବତାଙ୍କ କଥା ଦୂରେ ଥାଉ, ମୁଁ ତୁମ୍ଭେ ଏବଂ ଶିବ ସୁଦ୍ଧା ତାଙ୍କର ଗତି ଅବଧାରଣ କରିବାକୁ ଅକ୍ଷମ, ତାଙ୍କର ମାୟାରେ ଆମ୍ଭମାନଙ୍କର ବୁଦ୍ଧି ବିମୋହିତ ହୋଇ ରହିଅଛି, ତେଣୁ ଲୋକେ ନିଜ ନିଜର ବୁଦ୍ଧି ଅନୁସାରେ କହିଥାନ୍ତି, ଏହି ପ୍ରପଞ୍ଚ ସ୍ୱରୂପ ବିଶ୍ୱ ତାହାଙ୍କର ମାୟାଦ୍ୱାରା ନିର୍ମିତ । ୩୬ ।

ସମସ୍ତେ ତାଙ୍କର କର୍ମ ଏବଂ ଅବତାର ପ୍ରସଙ୍ଗ ବର୍ଣ୍ଣନା କରିବାକୁ ଚେଷ୍ଟା କରିଥାନ୍ତି, ମାତ୍ର ଯଥାର୍ଥ ରୂପେ ତାଙ୍କୁ ଜାଣିବା ସେମାନଙ୍କର ଶକ୍ତିର ଅତୀତ । ମୁଁ ତାହାଙ୍କୁ ନମସ୍କାର କରୁଅଛି । ୩୭ ।

ସେହି ଭଗବାନ୍ ପୁରୁଷାବତାର ହୋଇ କଳ୍ପେ କଳ୍ପେ ନିଜେ ନିଜଦ୍ୱାରା ନିଜକୁ ସୃଜନ, ପାଳନ, ଏବଂ ସଂହାର କରୁ ଅଛନ୍ତି । ୩୮ ।

ତପ ସମାଧି ମୋର ସ୍ଥିତ
ମୁଁ ପ୍ରଜାପତିଙ୍କର ପତି
ନିପୁଣ ଯୋଗେ ସମାହିତ
ଯେଣୁ ମୁଁ ଆତ୍ମାତନ୍ତ୍ରେ ଜାତ
ତେବେହେଁ ନ ଜାଣିଲି ତାକୁ
ଆନ କେ ଅଛି ଜାଣିବାକୁ ।୩୫।
ତାର ଚରଣେ ନମସ୍କାର
ଯାହିଁବେ ତୁଟଇ ସଂସାର
ଶୁଭ ମଙ୍ଗଳ ସ୍ୱସ୍ତ୍ୟୟନ
ଆନନ୍ଦମୂଳ ମାୟାଧାମ

ବ୍ରହ୍ମାଦି ଦେବେ ଅଗୋଚର
ଅକୁଣ୍ଠ ମହିମା ଯାହାର
ଆତ୍ମାରେ ଆତ୍ମମାୟାକରେ
ଲୀଳାରେ ବିହରେ ସଂସାରେ
ସ୍ୱମାୟା ସେହି ନ ଜାଣଇ
କେ ଅବା ଅପରେ ଜାଣଇ
ଦୃଶ୍ୟ ଅଦୃଶ୍ୟ ସର୍ବବ୍ୟାପୀ
ଗଗନ ଯେହ୍ନେ ବିଶ୍ୱରୂପୀ।୩୬
ମୁଁ ଯାର ଗତି ନ ଜାଣଇ
ତୁ କାହିଁ ପ୍ରବେଶିବୁ ତହିଁ

ଭବ ନ ପାରେ ତାକୁ ଚିହ୍ନି
ଦେବେ ଜାଣିବେ କାହିଁ ଗତି
ତାର ମାୟାରେ ମୋହି ହୋଇ
ତାରୂପ କେହି ନଜାଣଇ
ଆତ୍ମାର ତୁଲ୍ୟ ଆମ୍ଭେ ଜାଣୁ
କେ ତାର ରୂପ ପରମାଣୁ ।୩୭।
ଯା ଅବତାର-କର୍ମମାନ
ମୋ ଆଦି କରନ୍ତି ଗାୟନ
ଯାହାକୁ ତତ୍ତ୍ୱେ ନ ଜାଣନ୍ତି
ତାହାକୁ ମୋହର ବିନତି ।୩୮।

Digitized by srujanika@gmail.com

ବିଶୁଦ୍ଧଂ କେବଳଂ ଜ୍ଞାନଂ ପ୍ରତ୍ୟକ୍‌ସମ୍ୟଗବସ୍ଥିତମ୍ ।
ସତ୍ୟଂ ପୂର୍ଣ୍ଣମନାଦ୍ୟନ୍ତଂ ନିର୍ଗୁଣଂ ନିତ୍ୟମଦ୍ୱୟମ୍ । ୩୯ ।
ଋଷେ ବିଦନ୍ତି ମୁନୟଃ ପ୍ରଶାନ୍ତାତ୍ମେନ୍ଦ୍ରିୟାଶୟାଃ ।
ଯଦା ତଦେବାସତ୍ତର୍କୈସ୍ତିରୋଧୀୟେତ ବିପ୍ଲୁତମ୍ । ୪୦ ।
ଆଦ୍ୟୋଽବତାରଃ ପୁରୁଷଃ ପରସ୍ୟ କାଳଃ ସ୍ୱଭାବଃ ସଦସନ୍ମନଶ୍ଚ ।
ଦ୍ରବ୍ୟଂ ବିକାରୋ ଗୁଣ ଇନ୍ଦ୍ରିୟାଣି ବିରାଟ୍ ସ୍ୱରାଟ୍ ସ୍ଥାସ୍ନୁ ଚରିଷ୍ଣୁ ଭୂମ୍ନଃ । ୪୧ ।
ଅହଂ ଭବୋ ଯଜ୍ଞ ଇମେ ପ୍ରଜେଶା ଦକ୍ଷାଦୟୋ ଯେ ଭବଦାଦୟଶ୍ଚ ।
ସ୍ୱର୍ଲୋକପାଳାଃ ଖଗଲୋକପାଳା ନୃଲୋକପାଳାସ୍ତଳଲୋକପାଳାଃ । ୪୨ ।
ଗନ୍ଧର୍ବବିଦ୍ୟାଧରଚାରଣେଶା ଯେ ଯକ୍ଷରକ୍ଷୋରଗନାଗନାଥାଃ ।
ଯେ ବା ଋଷୀଣାମୃଷଭାଃ ପିତୃଣାଂ ଦୈତ୍ୟେନ୍ଦ୍ରସିଦ୍ଧେଶ୍ୱରଦାନବେନ୍ଦ୍ରାଃ ।
ଅନ୍ୟେ ଚ ଯେ ପ୍ରେତ-ପିଶାଚ-ଭୂତ-କୁଷ୍ମାଣ୍ଡ-ଯାଦୋ-ମୃଗ-ପକ୍ଷ୍ୟଧୀଶାଃ । ୪୩ ।

ସୁବିଶୁଦ୍ଧ ବା ଉପାଧି ରହିତ, ସତ୍ୟ ଓ ଜ୍ଞାନମୟ, ସେ ସମସ୍ତଙ୍କର ଅନ୍ତର୍ଯ୍ୟାମୀ, ସନ୍ଦେହ ବିରହିତ, ସେ ନିର୍ଗୁଣ, ଗୁଣକ୍ଷୋଭ ହେତୁ ତାଙ୍କର କୌଣସି ଶୈଥିଲ୍ୟ ନାହିଁ, ସେ ଜନ୍ମ ମରଣ ରହିତ, ସର୍ବଦା ପରିପୂର୍ଣ୍ଣ, ନିତ୍ୟ ଓ ଅଦ୍ୱୈତ । ୩୯ ।

ହେ ନାରଦ ! ଯେଉଁ ସମୟରେ ମୁନିମାନଙ୍କର ଦେହ, ଇନ୍ଦ୍ରିୟ, ମନ ପ୍ରସନ୍ନ ଥାଏ, ସେହି ସମୟରେ ସେମାନେ ଭଗବାନ୍‌ଙ୍କର ଏହିରୂପ ଜାଣି ପାରନ୍ତି, ନଚେତ୍ କୁତର୍କ ଦ୍ୱାରା ମନ ଆବୃତ୍ତ ହେଲେ ତାହାଙ୍କର ଏହିରୂପ ତିରୋହିତ ହୁଏ । ୪୦ ।

ପ୍ରକୃତି ପ୍ରବର୍ତ୍ତକ ପୁରୁଷହିଁ ପରମ ବ୍ରହ୍ମ, ଭଗବାନଙ୍କର ଆଦ୍ୟ ଅବତାର, କାଳ, ସ୍ୱଭାବ, କାର୍ଯ୍ୟ କାରଣରୂପା ପ୍ରକୃତି, ମହତତ୍ତ୍ୱ, ମହାଭୂତ, ଅହଂକାରତତ୍ତ୍ୱ, ସତ୍ତ୍ୱାଦିଗୁଣ, ଇନ୍ଦ୍ରିୟ ସକଳ, ସମଷ୍ଟି ଶରୀର ସ୍ୱରୂପ ବିରାଟ ଦେହ ସ୍ୱପ୍ରକାଶିତ ପୁରୁଷ ସ୍ଥାବର ଜଙ୍ଗମ ସ୍ୱରୂପ । ୪୧ ।

ମୁଁ (ବ୍ରହ୍ମା) ରୁଦ୍ର, ବିଷ୍ଣୁ, ଦକ୍ଷାଦି ପ୍ରଜାପତି ଗଣ, ତୁମ୍ଭେ (ନାରଦ) ପ୍ରମୁଖ ଦେବର୍ଷିଗଣ, ସ୍ୱର୍ଗାଧିପତି ଭୂଲୋକାଧିପତି, ପାତାଳ ପ୍ରଭୃତି ଲୋକାଧିପତି, ଗନ୍ଧର୍ବପତି, ବିଦ୍ୟାଧରପତି, ଚାରଣେଶ୍ୱର, ଯକ୍ଷପତି,

---

ସେ ଆଦିପୁରୁଷ ମୁରାରି
କଳ୍ପ କଳ୍ପକେ ସୃଷ୍ଟି କରି
ଆତ୍ମାରେ ଆତ୍ମାରୂପେ ମିଳେ
ଆତ୍ମାକୁ ଆପେ ହରି ପାଳେ ।୩୯
କେବଳ ଶୁଦ୍ଧ ଜ୍ଞାନମୟେ
ସତ୍ୟସ୍ୱରୂପ ସର୍ବଦେହେ
ଅନାଦି ଅନନ୍ତ ନିର୍ଗୁଣ
ନିତ୍ୟ ଅବ୍ୟୟ ନାରାୟଣ ।୪୦।
ଶୁଣ ନାରଦ ମନଦେଇ
ଯେମନ୍ତେ ତାହାକୁ ଜାଣଇ

ସୁଶାନ୍ତ ଆତ୍ମା ମୁନିଗଣେ
ନିର୍ମଳ ଅନ୍ତର କରଣେ
ସମାଧି ଯୋଗବଳେ ଚିନ୍ତି
ଆତ୍ମାରେ ଆତ୍ମାକୁ ଦେଖନ୍ତି
ଅସତ୍ୟ ତର୍କ ଯେବେ ଥାଇ
ତେବେ ତା ଭାବ ନ ଜାଣଇ ।୪୧
ସେ ପ୍ରଭୁ ପୁରୁଷ ମୁରାରି
ଆଦ୍ୟାବତାର ତନୁ ଧରି
କାଳ ସ୍ୱଭାବ ସଙ୍ଗେ ମନ
ଯେ ନିତ୍ୟ ଶୁଦ୍ଧ ଚଇତନ

ଦ୍ରବ୍ୟ ବିକାରେ ତିନିଗୁଣ
ଦେବସମେତେ ଇନ୍ଦ୍ରିଗଣ
ବିରାଜରୂପ ମହିମାରେ
ସ୍ଥାବର ଆଦି ଦେହେ ବିଜେ ।୪୨
ବ୍ରହ୍ମା ଶଙ୍କର ଯଜ୍ଞପତି
ଦକ୍ଷାଦି ଯେତେ ପ୍ରଜାପତି
ଭୃଆଦି ସନକ ସହିତେ
ସ୍ୱର୍ଗ ଦେବତା ଛନ୍ତି ଯେତେ
ଗରୁଡ଼ ଆଦି ଖଗପାଳେ
ଭୂଲୋକ ସପତ ପାତାଳେ ।୪୩।

Digitized by srujanika@gmail.com

ଯତ୍‌କିଞ୍ଚ ଲୋକେ ଭଗବନ୍‌ମହସ୍ୱଦୋଜଃସହସ୍ୱଦ୍‌ବଲବତ୍‌କ୍ଷମାବତ୍ ।
ଶ୍ରୀହ୍ରୀବିଭୂତ୍ୟାତ୍ମବଦଦ୍ଭୁତାର୍ଣ୍ଣଂ ତତ୍ତ୍ୱଂପରଂ ରୂପବଦସ୍ୱରୂପମ୍ । ୪୪ ।
ପ୍ରାଧାନ୍ୟତୋ ଯାନୃଷ ଆମନନ୍ତି ଲୀଳାବତାରାନ୍ ପୁରୁଷସ୍ୟ ଭୂମ୍ନଃ ।
ଆପୀୟତାଂ କର୍ଣ୍ଣକଷାୟଶୋଷାନନୁକ୍ରମିଷ୍ୟେ ତ ଇମାନ୍ ସୁପେଶାନ୍ । ୪୫ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ଦ୍ୱିତୀୟସ୍କନ୍ଧେ ବିରାଡ଼୍‌ପୁରୁଷବିଭୂତିବର୍ଣ୍ଣନଂ ନାମ ଷଷ୍ଠୋଽଧ୍ୟାୟଃ । ୬ ।

ରାକ୍ଷସନାଥ, ଉରଗପତି, ନାଗପତି, ଋଷିଶ୍ରେଷ୍ଠ, ପିତୃଶ୍ରେଷ୍ଠ, ଦୈତ୍ୟେନ୍ଦ୍ର, ସିଦ୍ଧେଶ୍ୱର, ଦାନବପତି ପ୍ରେତାଧିପତି, ପିଶାଚାଧିପତି, ଭୂତାଧିପତି, କୁଷ୍ମାଣ୍ଡାଧିପତି, କ୍ଷମା, ଶୋଭା, ବିଭୂତି, ଲଜ୍ଜା, ବୁଦ୍ଧି, ଅଦ୍ଭୁତ ବର୍ଣ୍ଣ, ରୂପ, ବିରୂପ, ଏ ସମସ୍ତ ପରମପୁରୁଷଙ୍କର ହିଁ ବିଭୂତ୍ୟାତ୍ମକ ଅବତାର । ୪୨-୪୪ ।

ହେ ବତ୍ସ ନାରଦ ! ଭକ୍ତମାନେ ପ୍ରଧାନତଃ ସେହି ନାନାରୂପଧାରୀ ପୁରୁଷଙ୍କର ଯେଉଁ ଲୀଳାବତାର ବିଷୟ କୀର୍ତ୍ତନ କରିଥାନ୍ତି, ତାହା ଶ୍ରବଣ କଲେ କର୍ଣ୍ଣରୁ ମଳ ବିଦୂରିତ ହୁଏ, ମୁଁ ସେହି ସମସ୍ତଲୀଳାବତାର ପ୍ରସଙ୍ଗ-କ୍ରମେ ବର୍ଣ୍ଣନା କରିବି, ତୁମ୍ଭେ ଶ୍ରବଣ କର । ୪୫ ।

ଗନ୍ଧର୍ବ ବିଦ୍ୟାଧରଗଣ
ଯେ ଯକ୍ଷ କିନ୍ନର ଚାରଣ
ରାକ୍ଷସ ସର୍ପସୃପ ନାଗେ
ବାସୁକି ଆଦି ମହୋରଗେ
ଋଷିଙ୍କ ମଧ୍ୟେ ଶ୍ରେଷ୍ଠ ଯେତେ ।
ଯେ ପିତୃଗଣଙ୍କ ସମେତେ
ଦୈତ୍ୟ ଦାନବ ସିଦ୍ଧଗଣ
ପ୍ରେତ ପିଶାଚ ଭୂତଗଣ
କୁଷ୍ମାଣ୍ଡ ଜଳଜୀବ ଯେତେ
କିଅବା ପଶୁ ପକ୍ଷୀ ଯେତେ ।୪୪।

ଯେ ଆନେ ଛନ୍ତି ସର୍ବେ ଯେତେ
ତେଜ-ବିକ୍ରମ ବଳ-ଯୁତେ
କମଳାଆଦି ଅଷ୍ଟନିଧି
ଯେ ଗୁଣେ ଯେଅବା ପ୍ରସିଦ୍ଧି
ପ୍ରଧାନ ଗୁଣ ଯେବା ଭୂତେ
ଜଗତ ମଧ୍ୟେ' ଛନ୍ତି ଯେତେ
ଏ ସର୍ବ ସାର ଏ ଶରୀର
ଯେ ବିଷ୍ଣୁଲୀଳା ଅବତାର
ସେ ଲୀଳାକଥା ଗୀତସ୍ୱରେ
ପଶଇ ଯାର କର୍ଣ୍ଣ ଦ୍ୱାରେ

ସର୍ବ ଦୁରିତ ତମ ନାଶେ
ଯେ ବା ବଦନେ ନିତ୍ୟ ଘୋଷେ
ଶୁଣ ନାରଦ ମନ ଦେଇ
ଲୀଳାକୁ କ୍ରମେ କହିବଇଁ
ଅମୃତ କୃଷ୍ଣ ଲୀଳାରସ
ଶ୍ରୁତିଯୁଗଳେ କର ଗ୍ରାସ ।୪୫,୪୬
ତାହାଙ୍କ ଚରଣେ ବିଶ୍ୱାସ
କହଇ ଜଗନ୍ନାଥ ଦାସ
ଦ୍ୱିତୀୟ ସ୍କନ୍ଧେ ଭାଗବତ
ଅମୃତ ରସମୟ ଗୀତ ।

Digitized by srujanika@gmail.com

ବିଶଦାର୍ଥ :—

ପୂର୍ବାଧ୍ୟାୟରେ ବିରାଟ ପୁରୁଷଙ୍କର ବର୍ଣ୍ଣନା କରି ବର୍ତ୍ତମାନ ଅଧ୍ୟାୟରେ ବ୍ରହ୍ମା ନାରଦଙ୍କ ନିକଟରେ ସେହି ବିରାଟ ପୁରୁଷଙ୍କର କେଉଁ ଅଙ୍ଗରୁ କେଉଁ ସୃଷ୍ଟି ହୋଇଅଛି ତାହା ବର୍ଣ୍ଣନା କରିଥିଲେ । ଶ୍ରୀଧରସ୍ୱାମୀଙ୍କ ଟୀକା ଅନୁସାରେ ଏହାହିଁ ଏହି ଷଷ୍ଠ ଅଧ୍ୟାୟର ବର୍ଣ୍ଣିତ ପ୍ରସଙ୍ଗ । ସୁବର୍ଣ୍ଣ ନିର୍ମିତ ଅଳଙ୍କାର ଓ ସୁବର୍ଣ୍ଣ ଦ୍ରବ୍ୟ ଯେପରି ଅଭିନ୍ନ ସେହିପରି ଏହି ବିଶ୍ୱ ଓ ବିଶ୍ୱକର୍ତ୍ତା ଭଗବାନ୍ ଅଭିନ୍ନ ଏହି ପରତତ୍ତ୍ୱ ଷଷ୍ଠାଧ୍ୟାୟରେ ଆଲୋଚିତ ହୋଇଅଛି । ଶ୍ରୀମଦ୍ଭାଗବତର ଷଷ୍ଠାଧ୍ୟାୟ ବର୍ଣ୍ଣିତ ପ୍ରସଙ୍ଗ ପୁରୁଷସୂକ୍ତ ମନ୍ତ୍ରର ପ୍ରତିଧ୍ୱନି ମାତ୍ର ।

ଏହି ଅଧ୍ୟାୟରେ ସେହି ବିରାଟ ପୁରୁଷଙ୍କର ମହାବିଭୂତି ବର୍ଣ୍ଣିତ ହୋଇଅଛି । ସେହି ମହାବିଭୂତିର ଚତୁଷ୍ପାଦ ମଧ୍ୟରୁ ଏକପାଦ ବ୍ରହ୍ମାଣ୍ଡ ଓ ଅନ୍ୟ ତ୍ରିପାଦ ବୈକୁଣ୍ଠଧାମ ଆଦି ସେହି ତ୍ରିପାଦ ବିଭୂତି ଅନିତ୍ୟ ନୁହେଁ, ପାର୍ଥିବ ସୁଖ ନଶ୍ୱର ଏବଂ ତାହା ଏହି ବ୍ରହ୍ମାଣ୍ଡର ଏକପାଦ ବିଭୂତିର ଅନ୍ତର୍ଗତ, ମାତ୍ର ବୈକୁଣ୍ଠ-ଧାମର ସୁଖ ସଚ୍ଚିଦାନନ୍ଦମୟ ଓ ନିତ୍ୟ, ମାୟା ଜଡିତ ଜୀବ ସେହି ତ୍ରିପାଦ ବିଭୂତିର ଇୟତ୍ତା କରିପାରେ ନାହିଁ । ଯେପରି ରାଜପ୍ରସାଦ ସୌନ୍ଦର୍ଯ୍ୟ ବୃଦ୍ଧି ନିମିତ୍ତ ବିବିଧ ପ୍ରାଣୀ ସେହି ପ୍ରାସାଦ ମଧ୍ୟରେ ସଂରକ୍ଷିତ ହୋଇଥିଲେ ମଧ୍ୟ ରାଜପ୍ରସାଦର ଅସ୍ତିତ୍ୱ ସେମାନେ ଧାରଣା କରି ପାରନ୍ତି ନାହିଁ ।

ପ୍ରାକୃତ ବା ଅପ୍ରାକୃତ କୌଣସି ବସ୍ତୁ ଭଗବାନଙ୍କଠାରୁ ପୃଥକ୍ ନୁହେଁ; ଭଗବାନଙ୍କର ଆରାଧନା ନିମିତ୍ତ ଯଜ୍ଞୀୟ ସମସ୍ତ ବସ୍ତୁ ଆବଶ୍ୟକ । ଯେକେ ଗଙ୍ଗାଜଳରେ ଗଙ୍ଗାଙ୍କୁ ପାଦ୍ୟ ଅର୍ଘ୍ୟ ପ୍ରଭୃତି ପ୍ରଦାନ କଲା ପରି ସେହି ଯଜ୍ଞ ପୁରୁଷଙ୍କର ଅଙ୍ଗ ପ୍ରତ୍ୟଙ୍ଗାଦିରୁ ଜାତ ଯଜ୍ଞ ସମ୍ଭାର ଦ୍ୱାରା ତାହାଙ୍କର ଉପାସନା କରା ଯାଇଥାଏ । ନାରଦ ବ୍ରହ୍ମାଙ୍କୁ ସୃଷ୍ଟିକର୍ତ୍ତା ବୋଲି ଧାରଣା କରିଥିଲେ ମାତ୍ର ତାହାଙ୍କର ସେହି ଭ୍ରାନ୍ତି ଭଞ୍ଜନ କରି ବ୍ରହ୍ମା କହିଥିଲେ ଯେ ଭଗବାନ୍ ମୋଠାରେ ସୃଷ୍ଟିଶକ୍ତି ସଞ୍ଚାରକରି ସୃଷ୍ଟି କରାଉଅଛନ୍ତି ଓ ବିଷ୍ଣୁରୂପରେ ପାଳନ କରୁଅଛନ୍ତି ଓ ରୁଦ୍ରରୂପରେ ସଂହାର ଶକ୍ତି ସଞ୍ଚାର କରି ମହାପ୍ରଳୟ କରୁଅଛନ୍ତି, ମୁଁ ସୃଷ୍ଟିକର୍ତ୍ତା ହେତୁ ଈଶ୍ୱର ହେଲେ ମଧ୍ୟ ସେ ପରମେଶ୍ୱର; ବ୍ରହ୍ମା ସେହି ପରମେଶ୍ୱରଙ୍କର ସ୍ୱରୂପ ବର୍ଣ୍ଣନା କରି ସର୍ବଶେଷରେ କହିଥିଲେ ଯେ ଏ ବିଶ୍ୱ ତାହାଙ୍କର ମାୟାଶକ୍ତିର ଅଧୀନ, ସେହି ମାୟାଶକ୍ତି ଅତି ଦୁର୍ଜ୍ଞେୟ, ତାହାଙ୍କର କୃପା ବ୍ୟତିରେକେ ସେହି ମାୟା କଥଞ୍ଚିତ୍ ମାତ୍ର ହୃଦୟଙ୍ଗମ କରିବା ଅସମ୍ଭବ ।

Digitized by srujanika@gmail.com

ଭଗବାନଙ୍କର ଚବିଶ ଅବତାର ମଧ୍ୟରୁ ପ୍ରଥମ ଛଅ ଅବତାର

Digitized by srujanika@gmail.com

ସ ପ୍ତ ମ ଅ ଧ୍ୟା ୟ ।

ସପ୍ତମେ ଭଗବଲ୍ଲୀଳାବତାରା ବ୍ରହ୍ମଣୋଦିତାଃ ।
ନାରଦାୟ ତୁ ତତ୍‌କର୍ମ ପ୍ରୟୋଜନଗୁଣୈଃ ସହ । ୦ । (ଶ୍ରୀଧରସ୍ୱାମୀ)

ଶ୍ରୀବ୍ରହ୍ମୋବାଚ

ଯତ୍ରୋଦ୍ୟତଃ କ୍ଷିତିତଲୋଦ୍ଧରଣାୟ ବିଭ୍ରତ୍ କ୍ରୌଡ଼ୀଂ ତନୁଂ ସକଳଯଜ୍ଞମୟୀମନନ୍ତଃ ।
ଅନ୍ତର୍ମହାର୍ଣ୍ଣବ ଉପାଗତମାଦିଦୈତ୍ୟଂ ତଂ ଦଂଷ୍ଟ୍ରୟାଦ୍ରିମିବ ବଜ୍ରଧରୋ ଦଦାର । ୧ ।
ଜାତୋ ରୁଚେରଜନୟତ୍ ସୁୟମାନ୍ ସୁୟଜ୍ଞ ଆକୂତିସୂନୁରମରାନଥ ଦକ୍ଷିଣାୟାମ୍ ।
ଲୋକତ୍ରୟସ୍ୟ ମହତୀମହରଦ୍‌ଯଦାର୍ତ୍ତିଂ ସ୍ୱାୟମ୍ଭୁବେନ ମନୁନା ହରିରିତ୍ୟନୁକ୍ତଃ । ୨ ।
ଯଜ୍ଞେ ଚ କର୍ଦ୍ଦମଗୃହେ ଦ୍ୱିଜ ଦେବହୂତ୍ୟାଂ ସ୍ତ୍ରୀଭିଃ ସମଂ ନବଭିରାତ୍ମଗତିଂ ସ୍ୱମାତ୍ରେ ।
ଊଚେ ଯୟାତ୍ମଶମଲଂ ଗୁଣସଙ୍ଗପଙ୍କମସ୍ମିନ୍ ବିଧୂୟ କପିଳସ୍ୟ ଗତିଂ ପ୍ରପେଦେ ।୩।

ଭଗବାନଙ୍କର ଲୀଳାବତାର ।

ସପ୍ତମ ଅଧ୍ୟାୟରେ ଭଗବାନ୍‌ଙ୍କର ଲୀଳାବତାର ପ୍ରସଙ୍ଗ ବ୍ରହ୍ମା ନାରଦଙ୍କୁ କହିଥିଲେ ।

ଶ୍ରୀ ବ୍ରହ୍ମା କହିଲେ :—

ହେ ନାରଦ ! ଭଗବାନ୍ ବିଷ୍ଣୁ ପୃଥିବୀକୁ ଉଦ୍ଧାର କରିବା ନିମନ୍ତେ ସର୍ବଯଜ୍ଞମୟ **ବରାହରୂପ** ଧାରଣ କରି ଆଦି ଅସୁର ହିରଣ୍ୟାକ୍ଷକୁ, ଇନ୍ଦ୍ର ଯେପରି ବଜ୍ରଦ୍ୱାରା ପର୍ବତ ବିଦାରଣ କରନ୍ତି, ସେହିପରି ବିଦାରଣ କରିଥିଲେ । ୧ ।

ପୁଣି ସେ ପ୍ରଜାପତି ରୁଚିଙ୍କ ଔରସରେ ଆକୂତିଗର୍ଭରେ **ସୁଯଜ୍ଞ** ନାମରେ ଜନ୍ମଗ୍ରହଣ କରିଥିଲେ । ପରେ ସେ ଦକ୍ଷିଣା ଗର୍ଭରେ ସୁଯମ ପ୍ରଭୃତି ଦେବଗଣଙ୍କୁ ଉତ୍ପାଦନ କରିଥିଲେ । ସେ ତ୍ରିଲୋକର ମହତୀ ପୀଡ଼ା ହରଣ କରିଥିବାରୁ ତାଙ୍କର ମାତାମହ ତାଙ୍କର ନାମ ଦେଲେ '**ହରି**' । ୨ ।

ସେ କର୍ଦ୍ଦମ ପ୍ରଜାପତିଙ୍କ ଗୃହରେ ଦେବହୂତିଙ୍କ ଗର୍ଭରେ ନଅଟି ଭଗିନୀଙ୍କ ସହିତ ଜନ୍ମଗ୍ରହଣ କରି ନିଜର ଭଗ୍ନୀଙ୍କୁ ବ୍ରହ୍ମ-ବିଦ୍ୟା ଶିକ୍ଷା ଦେଇଥିଲେ । ତେଣୁ ତାଙ୍କ ହୃଦୟରୁ ମଳିନକାରକ ପଙ୍କ ବିଧୌତ ହୋଇଥିଲା, ସୁତରାଂ କପିଳ ମୁକ୍ତିଲାଭ କରିଥିଲେ । ୩ ।

ଯେ ଅବତାରେ ଯେବା କର୍ମ, ତାହାର ପ୍ରୟୋଜନ ଗୁଣ । ନାରଦେ ବ୍ରହ୍ମା ଯା କହିଲେ, ତାହା ବର୍ଣ୍ଣିନସପ୍ତମରେ ।

ଶ୍ରୀ ବ୍ରହ୍ମୋବାଚ—

ଶୁଣ ନାରଦ ମୁନିବର
ଭୂତ ଭବିଷ୍ୟ ଅବତାର
ଅଶେଷ ଜନଙ୍କର ହିତେ
କହିବା ଶୁଣ ତୋ ଅଗ୍ରତେ
ପଦ୍ମକଳ୍ପର ଅନ୍ତେ ହରି
ବରାହରୂପେ ଅବତରି
ସେ ସର୍ବଯଜ୍ଞମୟ ଗାତ୍ରେ
ଧରଣୀ ଉଦ୍ଧାରିବା ଅର୍ଥେ
ଆଦି ଅସୁର ଅବତାର
ପ୍ରଚଣ୍ଡ ହିରଣ୍ୟାକ୍ଷ ବୀର
ତାହାକୁ ମହାର୍ଣ୍ଣବ ଜଳେ
ଦନ୍ତେ ବିଦାରିଲେ ପାତାଳେ
ବଜ୍ରେ ଯେସନେ ବଜ୍ରଧର
ହେଲେ ବିନାଶେ ମହୀଧର । ୧ ।
ସେ ପୁଣି ରୁଚି ଋଷିଘରେ
ଜନ୍ମିଲେ ଆକୂତି ଉଦରେ
ସୁଯଜ୍ଞରୂପେ ଅବତରି
ଦକ୍ଷିଣାଗର୍ଭେ ବୀର୍ଯ୍ୟ ଭରି
ସର୍ବଦେବଙ୍କୁ ଜାତ କଲେ
ତ୍ରୈଲୋକ୍ୟଭୟ ସେ ହରିଲେ
ମନୁ ଯେ ବ୍ରହ୍ମାର ନନ୍ଦନ
ତେଣୁ ସେ ଦେଲେ "**ହରି**" ନାମ ॥
କର୍ଦମ ଋଷିଘରେ ପୂର୍ବେ
ଜନ୍ମିଲେ ଦେବହୂତିଗର୍ଭେ
ତାଙ୍କ ସଙ୍ଗତେ ନବ ନାରୀ
ଜନ୍ମିଲେ ଦିବ୍ୟ ରୂପ ଧରି
ସେ ଜନ୍ମେ ଜନନୀର ଦୁଃଖ
ଦେଖି ସଦୟ ପଦ୍ମମୁଖ

Digitized by srujanika@gmail.com

ଅତେରପତ୍ୟମଭିକାଂକ୍ଷତ ଆହ ତୁଷ୍ଟୋ ଦତ୍ତୋ ମୟାହମିତି ଯଦ୍‌ଭଗବାନ୍ ସ ଦତ୍ତଃ ।
ଯତ୍ପାଦପଙ୍କଜପରାଗପବିତ୍ରଦେହା ଯୋଗର୍ଦ୍ଧିମାପୁରୁଭୟୀଂ ଯଦୁହୈହୟାଦ୍ୟାଃ । ୪ ।
ତପ୍ତଂ ତପୋ ବିବିଧଲୋକସିସୃକ୍ଷୟା ମେ ଆଦୌ ସନାତ୍ ସ୍ୱତପସଃ ସ ଚତୁଃସନୋଽଭୂତ୍ ।
ପ୍ରାକ୍‌କଳ୍ପସଂପ୍ଲବବିନଷ୍ଟମିହାତ୍ମତତ୍ତ୍ୱଂ ସମ୍ୟଗ୍ ଜଗାଦ ମୁନୟୋ ଯଦଚକ୍ଷତାତ୍ମନ୍ । ୫ ।
ଧର୍ମସ୍ୟ ଦକ୍ଷଦୁହିତର୍ଯ୍ୟଜନିଷ୍ଟ ମୂର୍ତ୍ତ୍ୟାଂ ନାରାୟଣୋ ନର ଇତି ସ୍ୱତପଃପ୍ରଭାବଃ ।
ଦୃଷ୍ଟ୍ୱାତ୍ମନୋ ଭଗବତୋ ନିୟମାବଲୋପଂ ଦେବ୍ୟସ୍ତ୍ୱନଙ୍ଗପୃତନା ଘଟିତୁଂ ନ ଶେକୁଃ ।୬

ତଦନନ୍ତର ଅତ୍ରିମୁନି ତାହାଙ୍କୁ ପୁତ୍ରରୂପେ ପାଇବାକୁ ତପସ୍ୟା କରନ୍ତେ, ସେ ସନ୍ତୁଷ୍ଟ ହୋଇ ନିଜକୁ ଦତ୍ତ କରିଥିବାରୁ ତାଙ୍କର ନାମ ହୋଇଥିଲା **ଦତ୍ତାତ୍ରେୟ** । ଏହି ଅବତାରରେ ଯଦୁ, ହୈହୟ ପ୍ରଭୃତି ଭକ୍ତମାନେ ତାଙ୍କର ଚରଣ ପଙ୍କଜ ପରାଗ ଦ୍ୱାରା ନିଜ ନିଜର ଦେହ ପବିତ୍ର କରି ଭୋଗ ଓ ମୁକ୍ତିରୂପା ଯୋଗ ସମୃଦ୍ଧି ଲାଭ କରିଥିଲେ । ୪ ।

ମୁଁ ପୂର୍ବେ ବିବିଧ ଲୋକସୃଜନ କାମନା କରି 'ସନ ବା ଅଖଣ୍ଡ' ତପସ୍ୟା କରି ତାହା ଭଗବାନଙ୍କଠାରେ ସମର୍ପଣ କରିବାରୁ ସେ ତହିଁରୁ ଚତୁଃସନ ଅର୍ଥାତ୍—ସନତ୍କୁମାର, ସନକ ସନନ୍ଦ, ସନାତନ ଏହିରୂପେ ଅବତୀର୍ଣ୍ଣ ହୋଇଥିଲେ । ଏବଂ ପୂର୍ବ କଳ୍ପରେ ଯେଉଁ ଆତ୍ମତତ୍ତ୍ୱ ବିନଷ୍ଟ ହୋଇଥିଲା, ବର୍ତ୍ତମାନ୍ କଳ୍ପରେ ଋଷିମାନଙ୍କୁ ସୁନ୍ଦର ଉପଦେଶ ଦେବାରୁ ସେମାନେ ତାହା ଶ୍ରବଣକରିେ ସହି ଆତ୍ମତତ୍ତ୍ୱକୁ ସାକ୍ଷାତ୍ ଭାବରେ ହୃଦୟରେ ଦର୍ଶନ କରିଥିଲେ । ୫ ।

ତଦନନ୍ତର ଭଗବାନ୍ ଦକ୍ଷକନ୍ୟା ଓ ଧର୍ମଙ୍କର ସହଧର୍ମିଣୀ ମୂର୍ତ୍ତିଦେବୀଙ୍କ ଗର୍ଭରେ ଅଲୋକସାମାନ୍ୟ ତପଃ ସମ୍ପନ୍ନ **ନର ଓ ନାରାୟଣ** ରୂପେ ଅବତୀର୍ଣ୍ଣ ହୋଇଥିଲେ । ସେତେବେଳେ କନ୍ଦର୍ପ ସେନାରୂପୀ ଅପ୍‌ସରାଗଣ ତାଙ୍କର ତପସ୍ୟା ଭଗ୍ନ କରିବାକୁ ଉପସ୍ଥିତ ହୋଇ ଦେଖିଲେ—ସେମାନଙ୍କ ତୁଲ୍ୟ ସ୍ୱର୍ଗୀୟ ଉର୍ବଶୀ ପ୍ରଭୃତି ଅପ୍‌ସରାଗଣ ତାହାଙ୍କ ଦେହରୁ ଉତ୍ପନ୍ନ ହୋଇ ଅଛନ୍ତି ଏବଂ ତାହା ଦେଖି ସେମାନେ ବିସ୍ମିତ ହେଲେ, ତେଣୁ ତପ ଭଗ୍ନ କରି ପାରିଲେ ନାହିଁ । ୬ ।

ଆତ୍ରିର ଗତ ମାତା ଆଗେ
କହିଲେ ତତ୍ତ୍ୱ ଅନୁରାଗେ
ତାହାଙ୍କୁ ମାୟାରୁ ଉଦ୍ଧରି
କପିଳରୂପେ ଅବତରି । ୩ ।
ଅତ୍ରିର ତପ ଦେଖି ତୋଷେ
ତକ୍ଷଣେ ମିଳି ତାର ପାଶେ
ବୋଇଲେ ଦେଲି ତୋତେ ବର
ହୋଇବି ତୋହର କୁମର
ଦତ୍ତ ବଚନେ **ଦତ୍ତ** ନାମ
ସୁନ୍ଦରେ ସମ ନୋହେ କାମ
ପୃଥିବୀ ପର୍ଯ୍ୟଟନ କଲେ
ଅନେକ ତପ ଆଚରିଲେ

ହୈହୟ ଯଦୁ ଆଦି ରାଜା
ତାର ଚରଣେ କଲେ ପୂଜା
ଯୋଗ ସମାଧି ସମ୍ପାଦିଲେ
ଜନ୍ମ ମରଣୁଁ ନିସ୍ତାରିଲେ । ୪ ।
ସୃଷ୍ଟି ସର୍ଜନେ ମନ କରି
ଆଦ୍ୟେ ମୁଁ ତପ ଯେ ଆଚରି
ତପରୁ ବଳେ ଭଗବାନ
ଜାତ ହୋଇଲେ **ଚତୁଃସନ**
ଯେ ଯୋଗ ପୂର୍ବକାଳେ ଥିଲା
କଳ୍ପ ପ୍ରଳୟେ ନାଶ ଗଲା
ତାହା ଉଦ୍ଧରି ଯୋଗବଳେ
ଧର୍ମ ରଖିଲେ ମହୀତଳେ । ୫ ।

ଦକ୍ଷକୁମାରୀ ଗର୍ଭେ ହରି
ଧର୍ମର ବୀର୍ଯ୍ୟେ ଅବତରି
ସେ ଦକ୍ଷ କନ୍ୟା ମୂର୍ତ୍ତି ନାମ
ସର୍ବ ସୁନ୍ଦର ଅନୁପମ
ତାର ଉଦରୁ ପୂର୍ବକାଳେ
ଜନ୍ମିଲେ **ନାରାୟଣ** ରୂପେ
ନରସ୍ୱରୂପ ନର ନାମ
ସର୍ବସୁନ୍ଦର ପୁଣ୍ୟଧାମ
ନିଶ୍ଚଳ ତପ ଯୋଗଧ୍ୟାନେ
ବସିଲେ ବଦରିକାଶ୍ରମେ
ଅତପୁଃସହ ତପ ଘୋର
ସ୍ୱର୍ଗେ କମ୍ପିଲା ସୁନାସୀର

Digitized by srujanika@gmail.com

କାମଂ ଦହନ୍ତି କୃତିନୋ ନନୁ ରୋଷଦୃଷ୍ଟ୍ୟା ରୋଷଂ ଦହନ୍ତମୁତ ତେ ନ ଦହନ୍ତ୍ୟସହ୍ୟମ୍ ।
ସୋଽୟଂ ଯଦନ୍ତରମଲଂ ପ୍ରବିଶନ୍ ବିଭେତି କାମଃ କଥଂ ନୁ ପୁନରସ୍ୟ ମନଃ ଶ୍ରୟେତ ॥
ବିଦ୍ଧଃ ସପତ୍ନ୍ୟୁଦିତପତ୍ରିଭିରନ୍ତି ରାଜ୍ଞୋ ବାଲୋଽପି ସନ୍ନୁପଗତସ୍ତପସେ ବନାନି ।
ତସ୍ମା ଅଦାଦ୍‌ଧ୍ରୁବଗତିଂ ଗୃଣତେ ପ୍ରସନ୍ନୋ ଦିବ୍ୟାଃ ସ୍ତୁବନ୍ତି ମୁନୟୋ ଯଦୁପର୍ଯ୍ୟଧସ୍ତାତ୍ ।୮।
ଯଦ୍‌ବେଣମୁତ୍ପଥଗତଂ ଦ୍ୱିଜବାକ୍ୟବଜ୍ରବିପ୍ଲୁଷ୍ଟପୌରୁଷଭଗଂ ନିରୟେ ପତନ୍ତମ୍ ।
ତ୍ରାତ୍ୱାର୍ଥିତୋ ଜଗତି ପୁତ୍ରପଦଂ ଚ ଲେଭେ ଦୁଗ୍ଧା ବସୂନି ବସୁଧା ସକଲାନି ଯେନ ।୯।

ରୁଦ୍ରାଦି ଦେବତାଗଣ କ୍ରୋଧ ପରବଶ ହୋଇ ସଚେତନେୟନରେ କନ୍ଦର୍ପକୁ ଦଗ୍ଧ କରିପାରନ୍ତି ସତ୍ୟ, ମାତ୍ର ସେହି ରୋଷ ସେମାନଙ୍କର ଆତ୍ମାକୁ ଦଗ୍ଧ କରେ । ସେମାନେ ସେହି-କ୍ରୋଧକୁ ଦମନ କରି ପାରନ୍ତି ନାହିଁ । କିନ୍ତୁ ସେହି କ୍ରୋଧ ଭଗବାନଙ୍କ ନିର୍ମଳ ଅନ୍ତଃକରଣ-ମଧ୍ୟରେ ପ୍ରବେଶ କରିବାକୁ ଭୟ କରେ । ତାହା ହେଲେ କାମ କିପରି ତାଙ୍କ ହୃଦୟରେ ପ୍ରବେଶ କରିପାରିବ ? ଫଳତଃ କାମର ପରିଜୟିକାରୀ କ୍ରୋଧ ଯେଉଁଠାରେ ପ୍ରବେଶ କରିବାକୁ ଭୀତ ସେଠାରେ କାମର ପ୍ରବେଶ ଅସମ୍ଭବ । ୭ ।

ଉତ୍ତାନପାଦ ରାଜାର ପୁତ୍ର ଧ୍ରୁବ ପିତାଙ୍କ ସମକ୍ଷରେ ବିମାତାର ବାକ୍ୟବାଣ ବିଦ୍ଧ ହୋଇ ବାଲ୍ୟାବସ୍ଥାରେ ତପସ୍ୟା କରିବା ନିମନ୍ତେ ବନଗମନ କରିଥିଲେ । ଭଗବାନ୍ ପ୍ରଶ୍ନିଗର୍ଭରେ ବାସୁଦେବାବତାର ଧ୍ରୁବର ତପସ୍ୟାରେ ପ୍ରସନ୍ନ ହୋଇ ତାହାଙ୍କୁ ଧ୍ରୁବପଦ ପ୍ରଦାନ କଲେ, ଊର୍ଦ୍ଧ୍ୱରେ ଭୃଗୁ ପ୍ରଭୃତି ମୁନିଗଣ, ଓ ଅଧଃ ଦେଶରେ ସପ୍ତର୍ଷି ମଣ୍ଡଳ ସେହି ପଦକୁ ସ୍ତବ କରୁଅଛନ୍ତି । ୮ ।

ବେଣୁ ରାଜା ଉତ୍ପଥଗାମୀ ହେବାରୁ ବ୍ରାହ୍ମଣଗଣ ଶାପବାକ୍ୟସ୍ୱରୂପ ବଜ୍ରରେ ତାଙ୍କର ପୌରୁଷ ଓ ଐଶ୍ୱର୍ଯ୍ୟ ଦଗ୍ଧ କରିଥିଲେ, ଏବଂ ସେ ନରକଗାମୀ ହୋଇଥିଲେ, ଭଗବାନ୍ ତାହାଙ୍କପ୍ରତି ଅନୁଗ୍ରହ କରି ପୃଥୁ ଅବତାରରେ ତାଙ୍କର ପୁତ୍ରହୋଇ 'ପୁତ' ନରକରୁ ତାହାଙ୍କୁ ଉଦ୍ଧାର କରି ପୁତ୍ର ନାମ ସାର୍ଥକ କରିଥିଲେ ଏବଂ ଜଗତର ହିତ ନିମନ୍ତେ ପୃଥିବୀରୁ ଧନ ଓ ଅନ୍ନାଦି ଦ୍ରବ୍ୟ ଦୋହନ କରିଥିଲେ । ୯ ।

ତକ୍ଷଣେ ଅପସରାଗଣେ
ମିଳିଲେ ବଦରିକାଶ୍ରମେ
ଦିବ୍ୟ ସୁବେଶେ ନାନାରଙ୍ଗେ
ଆସି ମିଳିଲେ ତପଭଙ୍ଗେ
ତହିଁ ଉର୍ବଶୀରୂପ ଦେଖି
ଲଜ୍ଜେ ହୋଇଲେ ଅଧୋମୁଖୀ ।୬
କୋପ ନୟନେ ମୁନିଜନ
କାମକୁ କରନ୍ତି ଦହନ
କୋପକୁ ନ ପାରନ୍ତି ଦହି
କୋପ ପ୍ରବେଶ ଯହିଁ ନାହିଁ
କାହୁଁ କରିବେ ତପ ନାଶ
ବାହୁଡ଼ି ହୋଇଲେ ନିରାଶ । ୭ ।

ଉତ୍ତାନପାଦ ରାଜା କୋଳେ
ଧ୍ରୁବ ବାଳକ ରସହେଳେ
ବସିବ ବୋଲି ଇଚ୍ଛା କଲା
ମାତା ସପତ୍ନୀ ଗାଳିଦେଲା
ସେ ନିଜ ଜନନୀ ବଚନେ
ଅରଣ୍ୟେ ଗଲା ଦୁଃଖମନେ
ଅତିକଠୋର ତପ କଲା
ତାକୁ ଯେ ଧ୍ରୁବ ପଦ ଦେଲା
ମୁନିଏ ତାର ତଳେ ଥାଇ
ଧ୍ରୁବ ତପସ୍ୟା ଫଳ ଚାହିଁ
ସ୍ତୁତି କରନ୍ତି ତାର ତପେ
ଜନନୀ ଦେଖି ତା ସମୀପେ । ୮ ।

ବେଣ ଯେ ସତ୍ୟଯୁଗେ ରାଜା
ଅଧର୍ମେ ପାଳେ ଜନପ୍ରଜା
ହରିଙ୍କି ନ ସ୍ଥାପନ୍ତେ ଭଲେ
ବ୍ରାହ୍ମଣେ ଶାପେ ନାଶ କଲେ
ରାଜାମାରଣେ ଅରାଜକେ
ପ୍ରଜା ଲୁଟିଲେ ଦୁଷ୍ଟଲୋକେ
ତା ଦେଖି ଦ୍ୱିଜେ ସ୍ତୁତି କରି
ତକ୍ଷଣେ ପୃଥୁରୂପ ଧରି
ହରି ଜନ୍ମିଲେ ରାଜାକୁଳେ
ଭୂମିକି ଦୁହିଁ ବାହୁବଳେ
ପ୍ରଜାଙ୍କୁ ଶସ୍ୟ ବୀଜ ଦେଲେ
ଅନ୍ନସଙ୍କଟୁ ଉଦ୍ଧରିଲେ । ୯ ।

Digitized by srujanika@gmail.com

ନାଭେରସାବୃଷଭ ଆସ ସୁଦେବୀସୂନୁର୍ଯୋ ବୈ ଚଚାର ସମଦୃଗ୍‌ଜଡ଼ଯୋଗଚର୍ଯ୍ୟାମ୍ ।
ଯସ୍ୟାରମହଂସ୍ୟମୃଷୟଃ ପଦମାମନନ୍ତି ସ୍ୱସ୍ଥଃ ପ୍ରଶାନ୍ତକରଣଃ ପରିମୁକ୍ତସଙ୍ଗଃ । ୧୦ ।
ସତ୍ରେ ମମାସ ଭଗବାନ୍ ହୟଶୀରଷାଥୋ ସାକ୍ଷାତ୍ ସ ଯଜ୍ଞପୁରୁଷସ୍ତପନୀୟବର୍ଣ୍ଣଃ ।
ଛନ୍ଦୋମୟୋ ମଖମୟୋଽଖିଳଦେବତାତ୍ମା ବାଚୋ ବଭୂବୁରୁଶତୀଃ ଶ୍ୱସତୋଽସ୍ୟ ନସ୍ତଃ ॥
ମତ୍ସ୍ୟୋ ଯୁଗାନ୍ତସମୟେ ମନୁନୋପଲବ୍ଧଃ କ୍ଷୌଣୀମୟୋ ନିଖିଳଜୀବନିକାୟକେତଃ ।
ବିସ୍ରଂସିତାନୁରୁଭୟେ ସଲିଳେ ମୁଖାନ୍ମେ ଆଦାୟ ତତ୍ର ବିଜହାର ହ ବେଦମାର୍ଗାନ୍ ।୧୨।
କ୍ଷୀରୋଦଧାବମରଦାନବଯୂଥପାନାମୁନ୍ମଥ୍ନତାମମୃତଲବ୍ଧୟ ଆଦିଦେବଃ ।
ପୃଷ୍ଠେନ କଚ୍ଛପବପୁର୍ବିଦଧାର ଗୋତ୍ରଂ ନିଦ୍ରାକ୍ଷଣୋଽଦ୍ରିପରିବର୍ତ୍ତକଷାଣକଣ୍ଡୂଃ । ୧୩ ।

ଭଗବାନ୍ ଅଗ୍ନୀଧ୍ରପୁତ୍ର ନାଭଙ୍କ ଔରସରେ ସୁଦେବୀଗର୍ଭରେ ଜନ୍ମଗ୍ରହଣ କରିଥିଲେ, ସେହି ଋଷଭ ଦେବ ମୁକ୍ତସଙ୍ଗ, ସମଦର୍ଶୀ, ଜିତେନ୍ଦ୍ରିୟ ହୋଇ ଜଡ଼ଯୋଗଚର୍ଯ୍ୟା କରିଥିଲେ, (ଅର୍ଥାତ୍ ନିତ୍ୟ ସମାଧି ଯୁକ୍ତ-ହୋଇଥିଲେ) ତେଣୁ ଋଷିମାନେ ତାଙ୍କୁ ପରମହଂସ ଉପାଧି ଦେଇଥିଲେ । ୧୦ ।

ତଦନନ୍ତର ହୟଗ୍ରୀବାବତାରରେ ପ୍ରଭୁ ଅଶ୍ୱଶିର ଧାରଣ କରି ଯଜ୍ଞପୁରୁଷରୂପେ ମୋର ଯଜ୍ଞରେ ଉପସ୍ଥିତ ହୋଇଥିଲେ, ସେତେବେଳେ ତାଙ୍କର ଦେହର ବର୍ଣ୍ଣ ସ୍ୱର୍ଣ୍ଣ ବର୍ଣ୍ଣ ତୁଲ୍ୟ ଦୃଶ୍ୟମାନ ହୋଇଥିଲା । ସେହି ଏକା ବେଦମୟ, ଯଜ୍ଞମୟ, ସମସ୍ତ ଦେବତାରୂପେ ଆବିର୍ଭୂତ ହୋଇଥିଲେ, ସେହି ପୁରୁଷ ନାସାଦ୍ୱାରା ଶ୍ୱାସ ତ୍ୟାଗ କରୁ କରୁ କମନୀୟ ବେଦବାକ୍ୟ ସମୂହ ଉତ୍ପନ୍ନ ହୋଇ ଥିଲା । ୧୧ ।

ବୈବସ୍ୱତମନୁ ଯୁଗାନ୍ତ ସମୟରେ ତାହାଙ୍କୁ ମତ୍ସ୍ୟରୂପେ ଦର୍ଶନ କରିଥିଲେ, ସେ ପୃଥିବୀର ଓ ନିଖିଳ ଜୀବଜଗତର ଆଶ୍ରୟସ୍ଥଳ ହୋଇଥିଲେ, ପ୍ରଳୟ ଉପସ୍ଥିତ ଦେଖି ମହା ଭୟରେ ମୋ ମୁଖରୁ ବେଦବାଣୀ ଗଳିତ ହୋଇଥିଲା, ଭଗବାନ୍ ସେହି ବେଦବାଣୀକୁ ମତ୍ସ୍ୟରୂପେ ଗ୍ରହଣ କରି ପ୍ରଳୟପୟୋଧି ଜଳରେ ଆନନ୍ଦରେ ବିହାର କରିଥିଲେ । ୧୨ ।

ଯେତେବେଳେ ଦେବତା ଓ ଦାନବଗଣ ଅମୃତପ୍ରାପ୍ତି ନିମିତ୍ତ ମନ୍ଥନଦଣ୍ଡ ସ୍ୱରୂପ ମନ୍ଦର ପର୍ବତ ଦ୍ୱାରା କ୍ଷୀରସମୁଦ୍ର ମନ୍ଥନ କରିଥିଲେ, ସେତେବେଳେ ଭଗବାନ୍ କୂର୍ମାବତାର ଗ୍ରହଣ କରି ସେହି ମନ୍ଦରପର୍ବତକୁ ପୃଷ୍ଠରେ ଧାରଣ କରିଥିଲେ, ଏହି ପର୍ବତ ଦ୍ୱାରା ତାଙ୍କର ପୃଷ୍ଠକଣ୍ଡୁ ଘର୍ଷିତ ହେବାରୁ ତାଙ୍କର ସୁଖନିଦ୍ରା ଉପସ୍ଥିତ ହୋଇଥିଲା । ୧୩ ।

ନାଭିର ବୀର୍ଯ୍ୟେ ସେ ଋଷଭ
ସୁଦେବୀ ଉଦରେ ସମ୍ଭବ
କପଟେ ଜଡ଼ରୂପ ଧରି
ସକଳ ଯୋଗ ସାଧି କରି
ପରମହଂସ ମୁନିଗଣେ
ନମନ୍ତି ଯାହାର ଚରଣେ
ଯେ ସ୍ୱସ୍ଥ ଶାନ୍ତ ଅନ୍ତର୍ଗତ
ଅଶେଷ ସଙ୍ଗରୁ ବିମୁକ୍ତ । ୧୦ ।
ପୁଣି ମୋହର ଯଜ୍ଞକାଳେ
ମନ୍ତ୍ରେ ଉଦ୍ଭୂତ ଅନଳେ

ନର ଶରୀର ଅଶ୍ୱଶିର
ସୁବର୍ଣ୍ଣ ବର୍ଣ୍ଣ କଳେବର
ସକଳ-ବେଦ ଯଜ୍ଞମୟ
ଅଖିଳ ଦେବ ଆତ୍ମାଦେହ
ତାର ନିଶ୍ୱାସୁ ବେଦ ଜନ
ଜନ୍ମିଲେ କର୍ମକାଣ୍ଡ ଘେନ ।୧୧।
ଯୁଗାନ୍ତକାଳେ ମହାଜଳେ
ଧରାର ତର୍ପଣର କାଳେ
ରଙ୍ଗାତରଙ୍ଗରେ ଦଇତ୍ୟାରି
ମିଳିଲେ ମତ୍ସ୍ୟରୂପ ଧରି

ଜଳ ବିପ୍ଲବେ ବେଦରାଶି
ଥିଲା ଯେ ମହାଜଳେ ପଶି
ସେ ବେଦ ସକଳ ଉଦ୍ଧରି
ମନୁକୁ ଦେଲେ ନରହରି ।୧୨।
ବାସବ ସମ୍ପଦ ଉଦ୍ଧାରେ
କ୍ଷୀର ସମୁଦ୍ର ମନ୍ଥିବାରେ
ମିଳି ସକଳ ଦେବାସୁର
ସମୁଦ୍ରେ ସ୍ଥାପିଲେ ମନ୍ଦର
ଅଗାଧ ଜଳ ମଧ୍ୟେ ହରି
ମିଳିଲେ କୂର୍ମରୂପ ଧରି

Digitized by srujanika@gmail.com

ତ୍ରୈବିଷ୍ଟପୋରୁଭୟହା ସ ନୃସିଂହରୂପଂ କୃତ୍ୱା ଭ୍ରମଦ୍ଭ୍ରୁକୁଟିଦଂଷ୍ଟ୍ରକରାଳବକ୍ତ୍ରମ୍ ।
ଦୈତ୍ୟେନ୍ଦ୍ରମାଶୁ ଗଦୟାଭିପତନ୍ତମାରାଦ୍ ଊରୌ ନିପାତ୍ୟ ବିଦଦାର ନଖୈଃ ସ୍ଫୁରନ୍ତମ୍ ।୧୪।
ଅନ୍ତଃ ସରସ୍ୟୁରୁବଲେନ ପଦେ ଗୃହୀତୋ ଗ୍ରାହେଣ ଯୂଥପତିରମ୍ବୁଜହସ୍ତ ଆର୍ତ୍ତଃ ।
ଆହେଦମାଦିପୁରୁଷାଖିଲଲୋକନାଥ ତୀର୍ଥଶ୍ରବଃ ଶ୍ରବଣମଙ୍ଗଳନାମଧେୟ ।୧୫।
ଶ୍ରୁତ୍ୱା ହରିସ୍ତମରଣାର୍ଥିନମପ୍ରମେୟଶ୍ଚକ୍ରାୟୁଧଃ ପତଗରାଜଭୁଜାଧିରୂଢଃ ।
ଚକ୍ରେଣ ନକ୍ରବଦନଂ ବିନିପାଟ୍ୟ ତସ୍ମାଦ୍ଧସ୍ତେ ପ୍ରଗୃହ୍ୟ ଭଗବାନ୍ କୃପୟୋଜ୍ଜହାର ।୧୬।

ନୃସିଂହାବତାରରେ ଦେବତାମାନଙ୍କର ଭୟଭଞ୍ଜନ ନିମନ୍ତେ ଗଦାହସ୍ତରେ ଇତସ୍ତତ ଧାବମାନ-ଦୈତ୍ୟରାଜ ହିରଣ୍ୟକଶିପୁଙ୍କୁ ଉରୁଦେଶରେ ସ୍ଥାପନ କରି ଭୀଷଣରୂପ ଓ ଭ୍ରୂକୁଟୀ ଦେଖାଇ ନଖଦ୍ୱାରା ତାହାର ବକ୍ଷ ବିଦାରଣ କରିଥିଲେ । ୧୪ ।

ହେ ବତ୍ସ ! ଜଳମଧ୍ୟରେ ବଳୀୟାନ୍ କୁମ୍ଭୀର ମହାଗଜର ଚରଣ ଧାରଣ କରନ୍ତେ, ହସ୍ତୀସବୁ କାତର ହୋଇ ପଡ଼ିଲେ, ଯୂଥପତି ଗଜ ଶୁଣ୍ଢରେ ପଦ୍ମପୁଷ୍ପ ଧାରଣ କରି ଆର୍ତ୍ତନାଦରେ ଡାକିଲା :—ହେ-ଆଦିପୁରୁଷ ! ହେ ଅଖିଳ ଲୋକପତି, ହେ ପୁଣ୍ୟାଶ୍ରୟ, ହେ ମଙ୍ଗଳମୟ ! ଇତ୍ୟାଦି । ୧୫ ।

ସେହି ଅପ୍ରମେୟ ଭଗବାନ୍ ଗଜକୁ ଶରଣାର୍ଥୀ ଜାଣି ପାରି ତାହା ପ୍ରତି କୃପା ପ୍ରକାଶ କରିଥିଲେ । ଏବଂ ବିହଗରାଜ ଗରୁଡ଼ ପୃଷ୍ଠରେ ଆରୋହଣ କରି ହସ୍ତରେ ଚକ୍ର ଧାରଣକରି ସେଠାରେ ଉପସ୍ଥିତ ହେଲେ ଏବଂ ହସ୍ତସ୍ଥିତ ଚକ୍ରଦ୍ୱାରା କୁମ୍ଭୀରର ବଦନ ବିଦାରଣ କରି ଶୁଣ୍ଢଧରି ଗଜକୁ ଉଦ୍ଧାର କରିଥିଲେ । ୧୬ ।

ପୃଷ୍ଠେ ଧଇଲେ ଗିରିବର
ମନ୍ଥନ କଲେ ଦେବାସୁର
ଗିରି ଘର୍ଷଣ କଣ୍ଡୂ ସୁଖେ
ନିଦ୍ରାନୟନ ଅଧୋମୁଖେ । ୧୩ ।
ପୁଣି ନୃସିଂହ ଅବତାର
ଦେବଙ୍କ ଭୟ କଲେ ଦୂର
ପ୍ରହ୍ଲାଦଙ୍କୁ ରକ୍ଷାକରି
ହିରଣ୍ୟ କଶିପୁ ବିଦାରି
ଭ୍ରମାଇ ଭ୍ରୂକୁଟୀ କୁଟୀଳ
ଦନ୍ତ ଶ୍ରୀମୁଖ ବିକରାଳ
ଗଦା ବୁଲାଇ ଅତି ବେଗେ
ଦୈତ୍ୟ ମିଳିଲା ଆସି ଆଗେ
ତତ୍‌କ୍ଷଣେ ଉରୁ ମଧ୍ୟେ ଧରି
ନଖାଗ୍ରେ ହୃଦୟ ବିଦାରି
ମହା ଦୈତ୍ୟକୁ ସଂହାରିଲେ
ସଂସାର ସଙ୍କଟୁ ତାରିଲେ ।୧୪।
ଅଗାଧ ସରୋବର ମଧ୍ୟେ
କୁମ୍ଭୀର ଗଜଇନ୍ଦ୍ର ପାଦେ
ଧଇଲା ଅତି ଦୃଢ଼ବଳେ
ହସ୍ତିର ଚରଣ କଣ୍ଟଲେ
ଚଳି ନ ପାରି ଯୂଥପତି
ଆରତେ ଡାକିଲା ଶ୍ରୀପତି
ହସ୍ତ କମଳ ଊର୍ଦ୍ଧ୍ୱେ ଟେକି
ନୟନୁ ଅଶ୍ରୁଜଳ ଗଳି
"ଆଦିପୁରୁଷ ଲୋକନାଥ !
ତୀର୍ଥ ପବିତ୍ର ତୋ ଚରିତ
ଶ୍ରବଣ ମଙ୍ଗଳ ତୋ ନାମ
ପୁଣ୍ୟପୁରୁଷ ଗୁଣଧାମ !"
ସେ ହରି ସ୍ଥିତ ଯୋଗଧ୍ୟାନେ
ଗଜବଚନ ଅନୁମାନେ
ମରଣକାଳେ ସୁମରିଲା
ବିଷ୍ଣୁର ସମାଧି ଭାଙ୍ଗିଲା
ତାର ମହିମା ଅପ୍ରମେୟ
ଜନମିରେ ବହେ ନାନା ଦେହ
ଗରୁଡ଼ ପୃଷ୍ଠେ ଚକ୍ରଧରି
ତାର ସନ୍ନିଧେ ବିଜେ କରି
ଚକ୍ରପ୍ରହାରେ ନକ୍ର ମାରି
ହସ୍ତିର ଶୁଣ୍ଢ ହସ୍ତେ ଧରି
ଜଳୁ ଉଦ୍ଧରି ନାରାୟଣ
ଅନ୍ତର ହେଲେ ତତକ୍ଷଣ ।୧୫,୧୬

Digitized by srujanika@gmail.com

ଜ୍ୟାୟାନ୍ ଗୁଣୈରବରଜୋଽପ୍ୟଦିତେଃ ସୁତାନାମ୍-
ଲୋକାନ୍ ବିଚକ୍ରମ ଇମାନ୍ ଯଦଥାଧିଯଜ୍ଞଃ ।
କ୍ଷ୍ମାଂ ବାମନେନ ଜଗୃହେ ତ୍ରିପଦଚ୍ଛଲେନ-
ଯାଚ୍ଞାମୃତେ ପଥି ଚରନ୍ ପ୍ରଭୁଭିର୍ନ ଚାଲ୍ୟଃ । ୧୭ ।
ନାର୍ଥୋ ବଲେରୟମୁରୁକ୍ରମପାଦଶୌଚମାପଃ ଶିଖାଧୃତବତୋ ବିବୁଧାଧିପତ୍ୟମ୍ ।
ଯୋ ବୈ ପ୍ରତିଶ୍ରୁତମୃତେ ନ ଚିକୀର୍ଷଦନ୍ୟଦାତ୍ମାନମଙ୍ଗ ମନସା ହରୟେଽଭିମେନେ ।୧୮।
ତୁଭ୍ୟଂ ଚ ନାରଦ ଭୃଶଂ ଭଗବାନ୍ ବିବୃଦ୍ଧଭାବେନ ସାଧୁ ପରିତୁଷ୍ଟ ଉବାଚ ଯୋଗମ ।
ଜ୍ଞାନଞ୍ଚ ଭାଗବତମାତ୍ମସତତ୍ତ୍ୱଦୀପଂ ଯଦ୍‌ବାସୁଦେବଶରଣା ବିଦୁରଞ୍ଜସୈବ । ୧୯ ।

ବାମନାବତାରରେ ଅଦିତଙ୍କର ବାରଟି ପୁତ୍ର ମଧ୍ୟରେ ସେହି ଯଜ୍ଞାଧିଷ୍ଠାତା ବିଷ୍ଣୁ ବୟସରେ ସର୍ବ କନିଷ୍ଠ ହେଲେ ମଧ୍ୟ ଗୁଣଦ୍ୱାରା ସର୍ବଜ୍ୟେଷ୍ଠ ହୋଇଥିଲେ । କାରଣ ସେ ପାଦଦ୍ୱାରା ତ୍ରିଲୋକ ଆକ୍ରମଣ କରିଥିଲେ, ସେ ବାମନାବତାରରେ ବଳୀ ରାଜାଙ୍କ ଯଜ୍ଞରେ ଉପସ୍ଥିତ ହୋଇ ଛଳରେ ତିନିପାଦ ଭୂମି ଦାନମାଗି ସମସ୍ତ ପୃଥିବୀ ହରଣ କରିଥିଲେ, ସେ ସ୍ୱୟଂ ଈଶ୍ୱର; ଧର୍ମପଥାନୁଗାମୀ ବ୍ୟକ୍ତିମାନଙ୍କୁ ବିନା ଯାଚନ୍ତାରେ ଧର୍ମରୂପ ଐଶ୍ୱର୍ଯ୍ୟରୁ ବଞ୍ଚିତ କରିବା ଉଚିତ ନୁହେଁ ଜାଣି—ଦୈତ୍ୟେନ୍ଦ୍ର ନିକଟରେ ଦାନ ମାଗିଥିଲେ । ୧୭ ।

ବଳୀରାଜାଙ୍କର ଅନିଷ୍ଟ କରିବା ନିମନ୍ତେ ଭଗବାନ୍ ଏହିପରି କରି ନ ଥିଲେ, ଯେଉଁ ବଳି ଭଗବାନଙ୍କର ଚରଣ ଧୌତ ଜଳ ସର୍ବତୋଭାବରେ ନିଜର ମସ୍ତକରେ ଗ୍ରହଣ କରିଥିଲେ ଏବଂ ଶୁକ୍ରାଚାର୍ଯ୍ୟଙ୍କର ନିଷେଧ ସତ୍ତ୍ୱେ ଆପଣାର ପ୍ରତିଶ୍ରୁତି ଅନୁସାରେ ଭୂମିଦାନ କରିବାକୁ ଅନିଚ୍ଛୁକ ହୋଇ ନ ଥିଲେ ଏବଂ ବାମନ-ମୂର୍ତ୍ତିଧାରୀ ଭଗବାନ୍ ଶ୍ରୀହରିଙ୍କୁ ତୃତୀୟପାଦ ଭୂମିଦାନ ନିମନ୍ତେ ନିଜର ଶରୀର ଦାନ କରିଥିଲେ, ସେହି ବଳୀ ରାଜାଙ୍କ ପକ୍ଷରେ ଇନ୍ଦ୍ରପଦ କଣ ଅଧିକ ଶ୍ଲାଘ୍ୟ ? ଏହା ଜାଣି ଭଗବାନ୍ ତାହା ହରଣ କରିଥିଲେ । ୧୮ ।

ହେ ନାରଦ ! ନାରାୟଣଙ୍କଠାରେ ତୁମ୍ଭର ଅଚଳାଭକ୍ତି ହେତୁ, ସେହି ଭଗବାନ୍ ହଂସାବତାରରେ ତୁମ୍ଭଙ୍କୁ ଭକ୍ତିଯୋଗ ଓ ଭାଗବତଜ୍ଞାନ ଉପଦେଶ ଦେଇଥିଲେ, ଯେଉଁମାନେ ବାସୁଦେବଙ୍କଠାରେ ଶରଣାପନ୍ନ ସେମାନେ ଅନାୟାସରେ ଭଗବତ୍ ଜ୍ଞାନ ଲାଭ କରନ୍ତି । ୧୯ ।

ଅଦିତି ପୁତ୍ରଙ୍କର ସ୍ଥାନ
ଗୁଣରେ ଜ୍ୟେଷ୍ଠ ସେ ବାମନ
ତ୍ରିପାଦେ ତିନି ଲୋକ ଜିଣି
ସେ ଅଧିଯଜ୍ଞ ନାମ ଭଣି
ଯେ ଧର୍ମମାର୍ଗେ ନିତ୍ୟେ ଥାନ୍ତି
ଯାଚନ୍ତା ବିନା ତା ସମ୍ପତ୍ତି
ଈଶ୍ୱର ଆଦି ତନୁ ଧରି
କେହି ନ ପାରେ ତାହା ହରି ।୧୭

ସେ ବଳି ଦୃଢ ସତ୍ୟମନେ
କୃଷ୍ଣଚରଣ ଆରାଧନେ
ମନ୍ତ୍ରିର ବୋଲ ନ ଶୁଣିଲା
ତ୍ରିପାଦ ଭୂମି ଦାନ ଦେଲା
ବିଷ୍ଣୁର ପାଦଜଳେ ଇଚ୍ଛା
ଇନ୍ଦ୍ରାଦି ପଦେ ନାହିଁ ବାଞ୍ଛା
ସର୍ବ ସମ୍ପଦ ଆତ୍ମାଭୁଲେ
ଅର୍ପିଲା ବିଷ୍ଣୁ ପାଦମୂଳେ ।୧୮।

ତୁ ଯେ ନାରଦ ତାର ଅଂଶେ
ଶରୀର ବହୁ ମୋର ବଂଶେ
ଯେ ଭାବେ ହୋଇ ସେହୁ ତୋଷ
ଜ୍ଞାନ କହିଲା ହୋଇ ହଂସ
ତହୁଁ ଲଭିଲୁ ଦିବ୍ୟ ଜ୍ଞାନ
ଯେ ଯୋଗିଗଣେ ବିଦ୍ୟମାନ ।୧୯।

Digitized by srujanika@gmail.com

ଚକ୍ରଂ ଚ ଦିକ୍ଷ୍ୱବିହତଂ ଦଶସୁ ସ୍ୱତେଜୋ ମନ୍ୱନ୍ତରେଷୁ ମନୁବଂଶଧରୋ ବିଭର୍ତ୍ତି ।
ଦୁଷ୍ଟେଷୁ ରାଜସୁ ଦମଂ ବ୍ୟଦଧାତ୍ ସ୍ୱକୀର୍ତ୍ତିଂ ସତ୍ୟେ ତ୍ରିପୃଷ୍ଠ ଉଶତୀଂ ପ୍ରଥୟଂଶ୍ଚରିତ୍ରୈଃ ।୨୦
ଧନ୍ୱନ୍ତରିଶ୍ଚ ଭଗବାନ୍ ସ୍ୱୟମେବ କୀର୍ତ୍ତିର୍ନାମ୍ନା ନୃଣାଂ ପୁରୁରୁଜାଂ ରୁଜ ଆଶୁ ହନ୍ତି ।
ଯଜ୍ଞେ ଚ ଭାଗମମୃତାୟୁରବାବରୁନ୍ଧେ ଆୟୁଷ୍ୟ ବେଦମନୁଶାସ୍ତ୍ୟବତୀର୍ଯ୍ୟ ଲୋକେ ।୨୧।
କ୍ଷତ୍ରଂ କ୍ଷୟାୟ ବିଧିନୋପଭୃତଂ ମହାତ୍ମା ବ୍ରହ୍ମଧ୍ରୁଗୁଜ୍‌ଝିତପଥଂ ନରକାର୍ତ୍ତିଲିପ୍ସୁ ।
ଉଦ୍ଧନ୍ତ୍ୟସାବବନିକଣ୍ଟକମୁଗ୍ରବୀର୍ଯ୍ୟସ୍ତ୍ରିଃସପ୍ତକୃତ୍ୱ ଉରୁଧାରପରଶ୍ୱଧେନ । ୨୨ ।
ଅସ୍ମତ୍ପ୍ରସାଦସୁମୁଖଃ କଳୟା କଳେଶ ଇକ୍ଷ୍ୱାକୁବଂଶ ଅବତୀର୍ଯ୍ୟ ଗୁରୋର୍ନିଦେଶେ ।
ତିଷ୍ଠନ୍ ବନଂ ସଦୟିତାନୁଜ ଆବିବେଶ ଯସ୍ମିନ୍ ବିରୁଧ୍ୟ ଦଶକନ୍ଧର ଆର୍ତ୍ତିମାର୍ଚ୍ଛତ୍ । ୨୩

ମନ୍ୱନ୍ତରରେ ମନୁବଂଶରେ ଭଗବାନ୍ ଆବିର୍ଭୂତ ହୋଇ ମହଃ, ଜନ, ତପଃ ଏହି ତ୍ରିଲୋକ ଓ ତଦୂର୍ଦ୍ଧ୍ୱସ୍ଥ ସତ୍ୟଲୋକରେ ନିଜର କମନୀୟ କୀର୍ତ୍ତି ବିସ୍ତାର କରି ସ୍ୱୀୟତେଜୋରୂପ ସୁଦର୍ଶନ ଚକ୍ରଦ୍ୱାରା ଦୁଷ୍ଟ ନରପତିମାନଙ୍କ ପ୍ରତି ଦଣ୍ଡବିଧାନ କରିଥିଲେ । ୨୦ ।

ସେ ଧନ୍ୱନ୍ତରି ରୂପରେ ଅବତୀର୍ଣ୍ଣ ହୋଇ ମହାରୋଗୀମାନଙ୍କର ରୋଗସମୂହ ସ୍ୱୀୟ ନାମଦ୍ୱାରା ବିନାଶ କରିଥିଲେ । ପୂର୍ବେ ଦୈତ୍ୟଗଣ ଯଜ୍ଞଭାଗ ଅବରୋଧ କରିଥିଲେ, ଏହି ଅବତାରରେ ସେ ତାହା ପୁନରୁଦ୍ଧାର କରିଥିଲେ ଏବଂ ଜଗତରେ ଆୟୁର୍ବେଦ ପ୍ରବର୍ତ୍ତାଇ ଥିଲେ । ୨୧ ।

କ୍ଷତ୍ରୀୟମାନେ ବ୍ରହ୍ମଦ୍ରୋହୀ ଓ ବେଦମାର୍ଗତ୍ୟାଗୀ ଏବଂ ନରକ ଯାତନା ଲୋଲୁପ ହେବାରୁ, ବିଧାତା ଯେପରି ଜଗତକୁ ଧ୍ୱଂସ କରିବା ନିମନ୍ତେ ସମ୍ବର୍ଦ୍ଧିତ ହୋଇ ଅଛନ୍ତି, ସେହିପରି ଉଗ୍ରବୀର୍ଯ୍ୟ ରୂପଧାରଣକରି ତୀକ୍ଷ୍ଣଧାର କୁଠାର ଦ୍ୱାରା ଏକବିଂଶତିବାର ସେମାନଙ୍କୁ ବିନାଶ କରି ପୃଥିବୀକୁ ନିଷ୍କଣ୍ଟକ କରିଥିଲେ ।୨୨।

ହେ ନାରଦ ! ସେ ଭଗବାନ୍ ଆମ୍ଭମାନଙ୍କ ପ୍ରତି ପ୍ରସନ୍ନ ହୋଇ ଇକ୍ଷ୍ୱାକୁ ବଂଶରେ ଭରତାଦିଅଂଶସହ ଜନ୍ମଗ୍ରହଣ କରି ପିତୃଆଜ୍ଞା ପାଳନ କରି ଆପଣାର ପତ୍ନୀ ସୀତାଦେବୀ ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ବନଗମନ କରିଥିଲେ, ଏବଂ ସେଠାରେ ରାବଣ ତାହାଙ୍କ ସହିତ ବିବାଦ କରି ବିନଷ୍ଟ ହୋଇଥିଲା । ୨୩ ।

ସେ ମନ୍ୱନ୍ତରେ ମନୁବଂଶେ
ସ୍ୱତେଜେ ଚକ୍ରବର୍ତ୍ତିଅଂଶେ
ଦୁଷ୍ଟ ରାଜାଙ୍କୁ ଦଣ୍ଡଦେଗେ
କୀର୍ତ୍ତି ସ୍ଥାପିଲ ସାଧୁମାର୍ଗେ
ତ୍ରିଲୋକପରେ ସତ୍ୟଲୋକେ
କୀର୍ତ୍ତି ବିସ୍ତାରେ କଉତୁକେ ।୨୦।
ସେ ଧନ୍ୱନ୍ତରି ରୂପଧରି
ବ୍ରହ୍ମାଣ୍ଡମଧ୍ୟେ ଅବତରି
ହରିଲ ପ୍ରାଣିଙ୍କର ବ୍ୟାଧି
ଭିଆଇ ମନ୍ତ୍ର ମଉଷଧି
ଯଜ୍ଞସ୍ୱଭାବ ଭୋଗକଲ
ପ୍ରାଣିଙ୍କି ଆୟୁର୍ବେଦ ଦେଲ ।୨୧।
ବ୍ରାହ୍ମଣବଧ ଦେଖିକୋପେ
ସେ ପୁଣି ପର୍ଶୁରାମ ରୂପେ
ପରଶୁ ଦକ୍ଷଭୁଜେ ଧରି
ଅବନୀ ପର୍ଯ୍ୟଟନ କରି
କ୍ଷତ୍ରିଙ୍କ ରୁଧିର ତର୍ପଣେ
ତୋଷିଲ ନିଜ ପିତୃଗଣେ । ୨୨ ।
ମୋର ବଚନେ ଦଇତ୍ୟାରି
ଇକ୍ଷ୍ୱାକୁବଂଶେ ଅବତରି
ପିତାବଚନେ ଗଲ ବନ
ସ୍ୱପତ୍ନୀ ସହିତେ ଲକ୍ଷ୍ମଣ
ସୀତା ରାବଣ ନେଲ ହରି
ସେ କୋପେ ତାର ବଂଶ ମାରି
ବିଭୀଷଣେକୁ ଲଙ୍କା ଦେଲେ
ଦେବଙ୍କ ଭୟ ନିବାରିଲେ ।୨୩।

Digitized by srujanika@gmail.com

ଯସ୍ମା ଅଦାଦୁଦଧିରୂଢ଼ଭୟାଙ୍ଗବେପୋ ମାର୍ଗଂ ସପଦ୍ୟରିପୁରଂ ହରବଦ୍ଦିଧକ୍ଷୋଃ ।
ଦୂରେ ସୁହୃନ୍ମଥିତରୋଷସୁଶୋଣଦୃଷ୍ଟ୍ୟା ତାତପ୍ୟମାନମକରୋରଗନକ୍ରଚକ୍ରଃ । ୨୪ ।
ବକ୍ଷଃସ୍ଥଳସ୍ପର୍ଶରୁଗ୍ନମହେନ୍ଦ୍ରବାହଦନ୍ତୈର୍ବିଡ଼ମ୍ବିତକକୁବ୍ଜୁଷ ଊଢ଼ହାସମ୍ ।
ସଦ୍ୟୋଽସୁଭିଃ ସହ ବନେଷ୍ୟତ ଦାରହର୍ତୁର୍ବିସ୍ଫୂର୍ଜିତୈର୍ଧନୁଷ ଉଚ୍ଚରତୋଽଧିସୈନ୍ୟେ ॥
ଭୂମେଃ ସୁରେତରବରୂଥବିମର୍ଦ୍ଦିତାୟାଃ କ୍ଲେଶବ୍ୟୟାୟ କଳୟା ସିତକୃଷ୍ଣକେଶଃ ।
ଜାତଃ କରିଷ୍ୟତ ଜନାନୁପଲକ୍ଷ୍ୟମାର୍ଗଃ କର୍ମାଣି ଚାତ୍ମମହିମୋପନିବନ୍ଧନାନି । ୨୬ ।

ଆପଣାର ପ୍ରିୟତମା ପତ୍ନୀ ସୀତାଦେବୀ ରାବଣକର୍ତ୍ତୃକ ଅପହୃତ ହେବାରୁ ରାମଚନ୍ଦ୍ର ସାତିଶୟ ରୋଷାନ୍ୱିତ ହୋଇଥିଲେ । କ୍ରୋଧରେ ତାହାଙ୍କର ଚକ୍ଷୁ ଅରୁଣବର୍ଣ୍ଣ ହୋଇଥିଲା, ସେଥିରେ ସମୁଦ୍ର ମଧ୍ୟସ୍ଥ କୁମ୍ଭୀର, ମକର, ଭୁଜଙ୍ଗ, ପ୍ରଭୃତି ଦଗ୍ଧ ହୋଇଥିଲେ, ରାମଚନ୍ଦ୍ର ତ୍ରିପୁର ଦଗ୍ଧ କରିବା ପରି ଲଙ୍କାପୁରୀ ଦହନ କରିବାକୁ ଉଦ୍ୟତ ହେବାରୁ ଭୟବିହ୍ୱଳ କଳେବର ସମୁଦ୍ର ଭୟରେ ତାହାଙ୍କୁ ପଥ ପ୍ରଦାନ କରିଥିଲା ।୨୪।

ଯେଉଁ ରାବଣର ବକ୍ଷସ୍ଥଳ ସ୍ପର୍ଶକରି ଇନ୍ଦ୍ରବାହନ ଐରାବତ ହସ୍ତୀର ଦନ୍ତଭଗ୍ନ ହୋଇ ଦିଗବଦିଗରେ ପତିତ ହେବାରୁ ସେହି ଦନ୍ତର ଧବଳିମା ଦିଗମାନଙ୍କରେ ପ୍ରକଟିତ ହୋଇଥିଲା ଏବଂ ସେହି ହେତୁ ଯେଉଁ ରାବଣ ନିଜକୁ ଦିଗ୍ବିଜୟୀ ମନେ କରି ଗର୍ବିତଭାବରେ ହାସ୍ୟ ବଦନରେ ସ୍ୱପକ୍ଷ ଓ ବିପକ୍ଷ ସେନା ମଧ୍ୟରେ ଭ୍ରମଣ କରୁଥିଲା , ରାମଚନ୍ଦ୍ରଙ୍କ ଧନୁଷ୍ଟଙ୍କାରରେ ତାହାଙ୍କର ଦାରାପହାରୀ ସେହି ରାବଣର ହାସ୍ୟ ସହିତ ପ୍ରାଣ ନଷ୍ଟ ହୋଇଥିଲା । ୨୫ ।

ଅସୁରବଂଶସମ୍ଭୂତ ରାଜାମାନଙ୍କର ସୈନ୍ୟଭାରରେ ପୃଥିବୀ ପୀଡ଼ିତା ହେବାରୁ ତାହାର ଭାର ହରଣ ନିମନ୍ତେ ଶୁକ୍ଳ ଓ କୃଷ୍ଣକେଶଧାରୀ ଯେହି ଭଗବାନ୍ ଶ୍ରୀକୃଷ୍ଣ ଆପଣାର ଅଂଶରେ ବଳରାମଙ୍କ ସହିତ ଜନ୍ମଗ୍ରହଣ କରି ଆତ୍ମମହିମା ପ୍ରକାଶ କରି ଭୂରି ଭୂରି ଅଲୌକିକ କର୍ମସାଧନ କରିଥିଲେ, କିନ୍ତୁ ତାଙ୍କର ପ୍ରଦର୍ଶିତ ମାର୍ଗ କେହି ଜାଣି ପାରି ନ ଥିଲେ । ୨୬ ।

ଜଳଧି ଯାର କୋପେ ଡରି
ନେଲା ସେ ସ୍ତୁତିରୂପ ଧରି
ଚରଣେ ଶରଣ ପଶିଲା
ଲଙ୍କାଗମନେ ମାର୍ଗ ଦେଲା
ତ୍ରିପୁରବଧେ ଯେସନ୍ତେ ହର
ସେରୂପେ ତେଜ ରଘୁବୀର
ସେତେବେଳେ ଉରଗ ମକର
ନକ୍ରସମୂହ ଥର ଥର । ୨୪ ।
ଯେ ଦଶଗ୍ରୀବର ମହିମା
ଅତି ପ୍ରତାପୀ ଗରୁସୀମା

ଦିଗବିଜୟେ ଲଙ୍କାପତି
ଐରାବତ ନାମେ ହସ୍ତୀ
ତାହାର ସଙ୍ଗେ ବାଦକରି
ଉରସ୍ଥଳେ ଦନ୍ତ ଚୂରି
ଦେଖି ହସିଲା ଗଜ ଶ୍ରେଷ୍ଠ
ରାବଣ ସଙ୍ଗେ କାହିଁ ହଠ
ସେହି ରାବଣଦର୍ପ ରଣେ
ସେ ରାମ ସଂହାରିଲେ ବାଣେ ।୨୫
ଭୂମିର ଭାର ନିବାରଣେ
କ୍ଷୀରସମୁଦ୍ରେ ଦେବଗଣେ

ଈଶ୍ୱରସଙ୍ଗେ ଦେବବଳେ
ମିଳିଲେ ଚରଣକମଳେ
ଅନେକମତେ ସ୍ତୁତି ଭଣି
ବିଷ୍ଣୁ ସନ୍ତୋଷ ତାହା ଶୁଣି
ସନ୍ତୋଷେ ଶୁକ୍ଳ କୃଷ୍ଣ କେଶ
ଜଂଘୁ ଉପାଡ଼ି ହୃଷୀକେଶ
ସେ ବେଳେ ରୋମ ମହୀତଳେ
ଅସୁରବଳ ସଂହାରିଲେ
ହରିଲେ ଅବନୀର ଭାର
ମହାମହିମ ଚକ୍ରଧର ।୨୬।

Digitized by srujanika@gmail.com

ଭଗବାନଙ୍କର ଚବିଶ ଅବତାର ମଧ୍ୟରୁ ସପ୍ତମଠାରୁ ଦ୍ୱାଦଶ ଅବତାର

Digitized by srujanika@gmail.com

ତୋକେନ ଜୀବହରଣଂ ଯଦୁଲୂକିକାୟାସ୍ତ୍ରୈମାସିକସ୍ୟ ଚ ପଦା ଶକଟୋଽପବୃତ୍ତଃ ।
ଯଦ୍ରିଂଗତାନ୍ତରଗତେନ ଦିବିସ୍ପୃଶୋର୍ବା ଉନ୍ମୂଳନଂ ତ୍ୱିତରଥାର୍ଜୁନୟୋର୍ନ ଭାବ୍ୟମ୍ ।୨୭।
ଯଦ୍ୱୈ ବ୍ରଜେ ବ୍ରଜପଶୂନ୍ ବିଷତୋୟପୀତାନ୍ ପାଲାଂସ୍ତ୍ୱଜୀବୟଦନୁଗ୍ରହଦୃଷ୍ଟିବୃଷ୍ଟ୍ୟା ।
ତଚ୍ଛୁଦ୍ଧୟେଽତିବିଷବୀର୍ଯ୍ୟବିଲୋଲଜିହ୍ୱମୁଚ୍ଚାଟୟିଷ୍ୟଦୁରଗଂ ବିହରନ୍ ହ୍ରଦିନ୍ୟାମ୍ ।୨୮।
ତତ୍କର୍ମ ଦିବ୍ୟମିବ ଯନ୍ନିଶି ନିଃଶୟାନଂ ଦାବାଗ୍ନିନା ଶୁଚିବନେ ପରିଦହ୍ୟମାନେ ।
ଉନ୍ନେଷ୍ୟତି ବ୍ରଜମତୋଽବସିତାନ୍ତକାଲଂ ନେତ୍ରେ ପିଧାପ୍ୟ ସବଲୋଽନଧିଗମ୍ୟବୀର୍ଯ୍ୟଃ ॥

ଶ୍ରୀକୃଷ୍ଣ ଯେ ସ୍ୱୟଂ ଭଗବାନ୍ ଏଥିରେ ସନ୍ଦେହ ନାହିଁ, (ତହିଁର ପ୍ରମାଣ ସ୍ୱରୂପ) ସେ ତିନିଦିନର ଶିଶୁଅବସ୍ଥାରେ ଉଲୁକୀ (ପେଚକୀ) ତୁଲ୍ୟ ପୂତନାରାକ୍ଷସୀର ପ୍ରାଣ ହରଣ କରିବାକୁ ସମର୍ଥ ହୋଇଥିଲେ, ତୃତୀୟମାସରେ ପଦାଘାତରେ ଶକଟ ଭଞ୍ଜନ ଏବଂ ଗୁରୁଣ୍ଡି ଗୁରୁଣ୍ଡି ଗଲୁଥିବା ବେଳେ ଗଗନସ୍ପର୍ଶୀ ଯାମଳାର୍ଜୁନ ମଧ୍ୟରେ ପ୍ରବେଶ କରି ତାହାକୁ ଉନ୍ମୂଳନ କରିଥିଲେ, ଏ ସବୁ କଣ ଅନ୍ୟ ପକ୍ଷରେ ସମ୍ଭବ ହୋଇ ପାରେ ? । ୨୭ ।

ବ୍ରଜପୁରରେ ବ୍ରଜସ୍ଥ ପଶୁ ଓ ଗୋପାଳଗଣ ଯମୁନାନଦୀର ବିଷମୟ ଜଳ ପାନକରି ହତଜ୍ଞାନ ହେଉଥିଲେ, କୃପାଦୃଷ୍ଟି ବର୍ଷଣ କରି ସେମାନଙ୍କୁ ପୁନର୍ଜୀବିତ କରିଥିଲେ, (ସେହି ଶ୍ରୀକୃଷ୍ଣ) ସେହି ନଦୀର ଜଳକୁ ବିଶୁଦ୍ଧ କରିବା ନିମନ୍ତେ ସେହି ତଟିନୀ ମଧ୍ୟରେ ବିହାର କରୁ କରୁ ତନ୍ମଧ୍ୟ ବାସୀ ସୁତୀବ୍ର ବିଷଜ୍ୱାଳାଯୁକ୍ତ ଲୋଳଜିହ୍ୱା କାଳୀୟ ସର୍ପର ଦର୍ପ ଚୂର୍ଣ୍ଣ କରିଥିଲେ । ଈଶ୍ୱର ଭିନ୍ନ ଅନ୍ୟପକ୍ଷରେ ଏହା କି ସମ୍ଭବ ହୋଇ ପାରେ ? । ୨୮ ।

ଯେଉଁଦିନ କାଳୀୟଦମନ କଲେ ସେହି ରାତ୍ରିରେ ଯମୁନାତୀରରେ ବ୍ରଜବାଳକମାନେ ନିଜ ନିଜ ବସ୍ତୁ ବୁଜି ଶୋଇ ପଡ଼ିଲେ, ଇତ୍ୟବସରେ ଦାବାନଳ ଦ୍ୱାରା ଗ୍ରୀଷ୍ମଶୁଷ୍କବନ ଦଗ୍‌ଧ ହେଲା ଏବଂ ବ୍ରଜ ବାଳକମାନଙ୍କର ପ୍ରାଣନାଶର ଆଶଙ୍କା ଘଟିଲା । ଅଚିନ୍ତ୍ୟବୀର୍ଯ୍ୟ ଶ୍ରୀକୃଷ୍ଣ ବଳରାମଙ୍କ ସହିତ ମିଳିତହୋଇ ସେମାନଙ୍କୁ ଉଦ୍ଧାର କରିଥିଲେ, ଏପରି ଅଦ୍‌ଭୁତକର୍ମ ଅନ୍ୟପକ୍ଷରେ ସମ୍ଭବ କି ? । ୨୯ ।

ତିନି ଦିବସେ ନାରାୟଣ
ଶୋଷିଲେ ପୂତନାର ପ୍ରାଣ
ମାସକେ ନନ୍ଦଗୃହେ ହରି
ପାଦେ ଶକଟା ଚୂରି କରି
ଦଧିମନ୍ଥନ କାଳେ ଧରି
ରୋଳେ ବାନ୍ଧିଲ ନନ୍ଦନାରୀ
ଟସ ରୋଳସଙ୍ଗେ ନନ୍ଦବାଳା
ବେନି ଅର୍ଜୁନ ମଧ୍ୟେ ଗଲା
ଅତିଉଚ୍ଚ ବେନି ବୃକ୍ଷେ,
ଛିଡ଼ିପଡ଼ିଲେ ପ୍ରତ୍ୟକ୍ଷେ ।୨୭।
ସେ ପୁଣି ଗୋବତ୍ସରକ୍ଷଣେ
କାଳିନ୍ଦୀତଟେ ବୃନ୍ଦାବନେ

ବତ୍ସା ବାଳକ ବିଷଜଳେ
ପଶିଲେ ତୃଷାର ବିକଳେ
ସକଳେ କଲେ ଜଳପାନ
ତକ୍ଷଣେ ହାରିଲେ ଜୀବନ
ଅଦ୍ଭୁତ ଦେଖି ଭବତ୍ରାହୀ
ଅମୃତନୟନେ ଅନାଇ
ତାହାଙ୍କୁ ଜୀବଦାନ ଦେଲେ
ସେ ଜଳେ ସର୍ପଙ୍କୁ ଦେଖିଲେ
ଜିହ୍ୱା ଚଞ୍ଚଳ ବିଷବଳେ
ବିହାରି କାଳିନ୍ଦୀର ଜଳେ
ଦୂରେ ନିଟ ବଶିନାଗବଳ
ଅମୃତ କଲେ ବିଷଜଳ

ଜନ୍ତୁଙ୍କୁ କରାଇଲେ ପାନ
ଅଦ୍ଭୁତଗତ ଭଗବାନ । ୨୮ ।
ଅମ୍ବିକାବନେ ଗୋପ ଜନେ
ଶୟନେ ନିଶି ଅର୍ଦ୍ଧମାନେ
ଅଗ୍ନି ବେଢ଼ିଲା ବେଗେ ଆସି
ପ୍ରଳୟାନଳ ପ୍ରାୟ ଦିଶି
ଅନଳ ଦେଖି ନନ୍ଦବାଳା
ବଦନ ଲୁଚାଅ ବୋଇଲା
ହସ୍ତେ ଲୁଚାଇଲେ ବଦନ
ଗୋବିନ୍ଦ କଲେ ଅଗ୍ନିପାନ ।୨୯।

Digitized by srujanika@gmail.com

ଗୃହ୍ଣୀତ ଯଦ୍‌ଯଦୁପବନ୍ଧମମୁଷ୍ୟ ମାତା ଶୁଲ୍ବଂ ସୁତସ୍ୟ ନ ତୁ ତତ୍ତଦମୁଷ୍ୟ ମାତି ।
ଯଜ୍ଜୃମ୍ଭତୋଽସ୍ୟ ବଦନେ ଭୁବନାନି ଗୋପୀ ସଂବୀକ୍ଷ୍ୟ ଶଙ୍କିତମନାଃ ପ୍ରତିବୋଧିତାସୀତ୍ ॥
ନନ୍ଦଂ ଚ ମୋକ୍ଷ୍ୟତି ଭୟାଦ୍‌ବରୁଣସ୍ୟ ପାଶାଦ୍ ଗୋପାନ୍ ବିଲେଷୁ ପିହିତାନ୍ ମୟସୂନୁନା ଚ
ଅହ୍ନ୍ୟାପୃତଂ ନିଶି ଶୟାନମତିଶ୍ରମେଣ ଲୋକଂ ବିକୁଣ୍ଠ ଉପନେଷ୍ୟତି ଗୋକୁଲଂ ସ୍ମ ।୩୧।
ଗୋପୈର୍ମଖେ ପ୍ରତିହତେ ବ୍ରଜବିପ୍ଲବାୟ ଦେବେଽଭିବର୍ଷତି ପଶୂନ୍ କୃପୟା ରିରକ୍ଷୁଃ ।
ଧର୍ତ୍ତୋଚ୍ଛିଲୀନ୍ଧ୍ରମିବ ସପ୍ତ ଦିନାନି ସପ୍ତବର୍ଷୋ ମହୀଧ୍ରମନଘୈକକରେ ସଲୀଲମ୍ । ୩୨ ।

ଜନନୀ (ଯଶୋଦା) ତାହାଙ୍କୁ ରଜ୍ଜୁରେ ବନ୍ଧନ କରିବା ନିମନ୍ତେ ଅସଂଖ୍ୟ ରଜ୍ଜୁ ସଂଗ୍ରହ କଲେହେଁ ସେମାନ ଅଣ୍ଟିଲା ନାହିଁ, ଶ୍ରୀକୃଷ୍ଣ ଆଁ କରି ମୁଖ ଦେଖାଇ ଦେବାରୁ ମାତା ତାଙ୍କ ମୁଖଗହ୍ୱର ମଧ୍ୟରେ ଅଶେଷ ବ୍ରହ୍ମାଣ୍ଡ ଦର୍ଶନ କରି ଭୀତ ହୋଇଥିଲେ ଏବଂ ତାଙ୍କୁ ପରେ ଈଶ୍ୱର ବୋଲି ଭାବିଥିଲେ । ୩୦ ।

ସେହି ପୁଣି ନନ୍ଦଙ୍କୁ ବରୁଣ ପାଶରୁ ମୁକ୍ତ କରିଥିଲେ, ମୟଦାନବପୁତ୍ର (ବ୍ୟୋମାସୁର) ଗୋପାଳ-ବାଳକମାନଙ୍କୁ ଗିରିଗହ୍ୱର ମଧ୍ୟରେ ଲୁଚାଇ ରଖିଥିଲାବେଳେ, ସେମାନଙ୍କୁ ଉଦ୍ଧାର କରିଥିଲେ, ଅନ୍ୟ ଗୋପାଳମାନେ ଦିବସରେ ପରିଶ୍ରାନ୍ତ ହୋଇ ରାତ୍ରିରେ ଶୋଇଥିଲା ବେଳେ ସେମାନଙ୍କୁ ବୈକୁଣ୍ଠପୁରରେ ଆଣିଦେଇଥିଲେ, ଏ ସମସ୍ତ ଅଲୌକିକ କର୍ମ ଈଶ୍ୱର ଭିନ୍ନ ଅନ୍ୟପକ୍ଷରେ ସମ୍ଭବ ହୋଇ ପାରେ କି । ୩୧ ।

ଗୋପାଳମାନେ ଯଜ୍ଞରେ ଇନ୍ଦ୍ରପୂଜା ନ କରିବାରୁ ସୁରପତି ଇନ୍ଦ୍ର ସପ୍ତଦିବସବ୍ୟାପି ବୃଷ୍ଟି କରିବାକୁ ଲାଗିଲେ, ସେତେବେଳେ କୃପାନ୍ୱିତ ହୋଇ ପଶୁମାନଙ୍କୁ ରକ୍ଷା କରିବା ନିମନ୍ତେ ସେହି ଶ୍ରୀକୃଷ୍ଣ ଏକହସ୍ତରେ ଗିରିଗୋବର୍ଦ୍ଧନକୁ ଛତ୍ରପରି ଅବଶ୍ରାନ୍ତଭାବରେ ସାତଦିନ ପର୍ଯ୍ୟନ୍ତ ଧାରଣ କରିଥିଲେ, ସେତେବେଳେ ସେ ସପ୍ତମବର୍ଷୀୟ ଶିଶୁମାତ୍ର । ୩୨ ।

ବାନ୍ଧିବା ପାଇଁ ଡୋର ଆଣି
ଯେତେ ଯୋଖିଲା ନନ୍ଦରାଣୀ
ବାନ୍ଧି ନ ପାରେ ନନ୍ଦନାରି
ମହାମହିମ ନରହରି
ମାତାର କୋଳେ ବସିଥିଲା
ଜୃମ୍ଭଣେ ମୁଖ ବିସ୍ତାରିଲା
ଗୋପୀ ଗୃହିଲା ତା ବଦନ
ଉଦରେ ଅଶେଷ ଭୁବନ । ୩୦ ।
ବରୁଣପୁତ୍ର ଦଇତ୍ୟାରି
ନନ୍ଦଙ୍କୁ ବନ୍ଧମୋକ୍ଷ କରି
ସେ ପୁଣି ବଳଦେବ ସଙ୍ଗେ
ବନେ ଖେଳନ୍ତି ନାନାରଙ୍ଗେ
ବ୍ୟୋମ ଅସୁର ମାୟା କଲା
ଗୋପାଳପୁଅଙ୍କୁ ହରିଲା

ଗିରିକୋଟରେ ନେଇ ଥୋଇ
ଦ୍ୱାର ରୁନ୍ଧିଲା ଶିଳା ଦେଇ
ତାହା ଜାଣିଲେ ଚକ୍ରପାଣି
ବନ୍ଧରୁ ଗୋପସୁତ ଆଣି
ଅସୁର ଜୀବନ ହରିଲେ
ପୁଣି ଅଦ୍ଭୁତ କର୍ମ କଲେ
ବରୁଣପୁରୁ ଯେତେବେଳେ
ନନ୍ଦଙ୍କୁ ଆଣିଲେ ଗୋକୁଳେ
ଗୋପାଳେ ବରୁଣ ଭୁବନ
ଦେଖିବେ ବୋଲି କଲେ ମନ
ତାହାଙ୍କୁ ନିଦ୍ରାକାଳେ ନେଇ
ବରୁଣ ଭୁବନ ଦେଖାଇ
ପୁଣି ଦୟାରେ ଭଗବାନ
ଦେଖାଇ ଆପଣା ଭୁବନ । ୩୧ ।

ଗୋପାଳେ ନନ୍ଦ ଘୋଷ ମେଳେ
ଇନ୍ଦ୍ର ଉତ୍ସବ ଯଜ୍ଞକାଳେ
ଗୋବିନ୍ଦ ବୋଲେ ଯଜ୍ଞ ଛାଡ଼ି
ପର୍ବତ ଗୋବର୍ଦ୍ଧନ ପୂଜ
ଇନ୍ଦ୍ର କୋପିଲା ଯଜ୍ଞ ଭଙ୍ଗେ
ମେଘ ପବନ ଘେନି ସଙ୍ଗେ
ଇନ୍ଦ୍ର ବରଷେ କୋପ କରି
ପ୍ରଳୟ କାଳେ ଯେସନ୍ତେ ବାରି
ତା ଦେଖି କୃଷ୍ଣ ଦୟା ଭରେ
ଗୋରୁ ଗୋପାଳ ରକ୍ଷା ଅର୍ଥେ
ସପତ ବରଷ କୁମର
ହସ୍ତେ ଉପାଡ଼ି ଗିରିବର
ଛତ୍ର ପରାୟେ ବାମକରେ
ତୋଳିଲା ଅଙ୍ଗୁଳି ଅଗ୍ରରେ

Digitized by srujanika@gmail.com

କ୍ରୀଡ଼ନ୍ ବନେ ନିଶି ନିଶାକରରଶ୍ମିଗୌର୍ଯ୍ୟାଂ ରାସୋନ୍ମୁଖଃ କଳପଦାୟତମୂର୍ଚ୍ଛିତେନ ।
ଉଦ୍ଦୀପିତସ୍ମରରୁଜାଂ ବ୍ରଜଭୃଦ୍‌ବଧୂନାଂ ହର୍ତ୍ତୁର୍ହରିଷ୍ୟତି ଶିରୋ ଧନଦାନୁଗସ୍ୟ । ୩୩ ।
ଯେ ଚ ପ୍ରଲମ୍ବଖରଦର୍ଦ୍ଦୁରକେଶ୍ୟରିଷ୍ଟମଲ୍ଲେଭକଂସଯବନାଃ କପିପୌଣ୍ଡ୍ରକାଦ୍ୟାଃ ।
ଅନ୍ୟେ ଚ ଶାଲ୍ୱକପିବଲ୍ୱଲଦନ୍ତବକ୍ରସପ୍ତୋକ୍ଷଶମ୍ବରବିଦୂରଥରୁକ୍ମିମୁଖ୍ୟାଃ । ୩୪ ।
ଯେ ବା ମୃଧେ ସମିତିଶାଳିନ ଆତ୍ତଚାପାଃ କାମ୍ବୋଜମତ୍ସ୍ୟକୁରୁସୃଞ୍ଜୟକୈକୟାଦ୍ୟାଃ ।
ଯାସ୍ୟନ୍ତ୍ୟଦର୍ଶନମଲଂ ବଲପାର୍ଥଭୀମବ୍ୟାଜାହ୍ୱୟେନ ହରିଣା ନିଲୟଂ ତଦୀୟମ୍ ।୩୫।

ଚନ୍ଦ୍ରକିରଣଦ୍ୱାରା ଧବଳିତ ରଜନୀରେ ବନମଧ୍ୟରେ ରାସକ୍ରୀଡ଼ାର୍ଥ ଉତ୍ସୁକ ହୋଇ ମନୋହର ଲଳିତ ପଦାବଳୀ ସମନ୍ୱିତ ସଙ୍ଗୀତ ଦ୍ୱାରା ଗୋପୀଗଣଙ୍କର କନ୍ଦର୍ପ ପୀଡ଼ା ଉଦ୍ଦୀପିତ କରିବାରୁ ସେମାନେ ରାସକ୍ରୀଡ଼ାର୍ଥ ଆଗମନ କରିବାବେଳେ କୁବେରାନୁଚର ଶଙ୍ଖଚୂଡ଼ ସେମାନଙ୍କୁ ହରଣ କରିବାରୁ ଶ୍ରୀକୃଷ୍ଣ ତାହାର ଶିରଚ୍ଛେଦନ କରିଥିଲେ । ୩୩ ।

ପ୍ରଳମ୍ବ, ଖର, ଦର୍ଦ୍ଦୁର, କେଶୀ, ଅରିଷ୍ଟ, ମଲ୍ଲ, କୁବଳୟାପୀଡ଼ ହସ୍ତୀ, ଯବନ, କପି, ପୌଣ୍ଡ୍ରକ, ଶାଲ୍ୱ, ନରକ, ବଲ୍ୱଳ, ଦନ୍ତବକ୍ର, ସପ୍ତୋକ୍ଷ, ଶମ୍ବର, ବିଦୂରଥ, ଏବଂ ରୁକ୍ମୀ ପ୍ରଭୃତି ଯେଉଁ ବୀରଗଣ, କମ୍ବୋଜ, ମତ୍ସ୍ୟ, କୁରୁ, ସୃଞ୍ଜୟ, ଓ କେକୟ ପ୍ରଭୃତି ଯେଉଁ ଯୋଦ୍ଧାଗଣ, କୁରୁକ୍ଷେତ୍ରରେ ଧନୁର୍ଦ୍ଧାରଣ କରି ଅତିଶୟ ଦର୍ପ ପ୍ରକାଶ କରିଥିଲେ, ସେମାନେ ସମସ୍ତେ ବଳଦେବ, ଭୀମ, ଅର୍ଜ୍ଜୁନ ପ୍ରଭୃତିଙ୍କ କର୍ତ୍ତୃକ ନିହତ ହୋଇଥିଲେ ମଧ୍ୟ, ଏମାନେ ଶ୍ରୀକୃଷ୍ଣଙ୍କର ନାମାନ୍ତର ସ୍ୱରୂପ ତାଙ୍କର ପରମ ରମଣୀୟ ସ୍ଥାନ ବୈକୁଣ୍ଠ ଧାମକୁ ଗମନ କରିଥିଲେ, ଏହା ମଧ୍ୟ ତାଙ୍କର ଅଲୌକିକ କର୍ମର ଚିହ୍ନ । ୩୪,୩୫ ।

ସପତ ଦିନ ବରଷିଲ
କୃଷ୍ଣର କରେ ଗିରି ଥିଲ
ଭୟେ ଶକ୍ରଣ ସୁରରାୟେ
ଶରଣ ଗଲ କୃଷ୍ଣପ୍ରାୟେ
ଆସି ସୁରଭି ଧେନୁ ସଙ୍ଗେ
ପୂଜିଲ କୃଷ୍ଣପାଦ ଯୁଗେ
ଗୋବିନ୍ଦ ନାମ ଦେଇଗଲ
ସନ୍ତୋଷେ ପୁରେ ପ୍ରବେଶିଲ ।୩୨।
ପୁଣି ଶରଦ ଋତୁକାଳେ
ଗୋବିନ୍ଦ ମାୟା ଯୋଗବଳେ
ରାତ୍ରେ ଶଶାଙ୍କରଶ୍ମି ସହିଁ
ରାସ ଉତ୍ସବେ ହବରାହୀ
ମଧୁର ବେଣୁନାଦ ଗୀତେ
ମନ ମୋହିଲେ ବାମା ଯେତେ

ଅନଙ୍ଗ ମୋହେ ବ୍ରଜନାରୀ
ଗୋବିନ୍ଦ ସଙ୍ଗେ କ୍ରୀଡ଼ା କରି
ଶୁଣି ଗୋବିନ୍ଦ ବେଣୁସ୍ୱନ
ମିଳିଲ କୁବେର ନନ୍ଦନ
ଗୋପୀଙ୍କି ହରିବାର ଆଶେ
ଲୁଚି ବସିଲ ବନଦେଶେ
ତାହାକୁ ଧରି ବେଣୁଧର
କର ପ୍ରହାରେ ଛେଦି ଶିର
ମଣି ଘେନିଲେ ତାର ଶିରୁ
ଅଶେଷ ଜନ ପିତା ଗୁରୁ ।୩୩।
ପ୍ରଳମ୍ବ ବକା ବତ୍ସାସୁର
କେଶୀ ଧେନୁକା ଷଣ୍ଢାବୀର
ମୁଷ୍ଟିକ ମାଲ କୁବଳୟ
କଂସ ଯବନ ଘୋର ମାୟା

ନାରକା ଶାଲ୍ୱ ପୁଣ୍ଡ୍ରକ
କପି ବଲ୍ୱଳ ଦନ୍ତବକ୍ର
ସପତ ଷଣ୍ଢ ବିଦୂରଥ
ଶମ୍ବର ରୁକ୍ମଣୀର ଭ୍ରାତ
କମ୍ବୋଜ ମତ୍ସ୍ୟ କୁରୁବୀରେ
ସୃଞ୍ଜୟ କେକୟ ଅପରେ
ଏହାଙ୍କୁ ସଂଗ୍ରାମେ ନିବାରି
ଭୀମ ଅର୍ଜ୍ଜୁନ ସଙ୍ଗେ କରି
ପରମ ପଦେ ଦେଲେ ସ୍ଥାନ
ମାୟା ମନୁଷ୍ୟ ଭଗବାନ ।୩୪,୩୫।

Digitized by srujanika@gmail.com

କାଳେନ ମୀଳିତଧିୟାମବମୃଶ୍ୟ ନୃଣାଂ ସ୍ତୋକାୟୁଷାଂ ସ୍ୱନିଗମୋ ବତ ଦୂରପାରଃ ।
ଆବିର୍ହିତସ୍ତ୍ୱନୁଯୁଗଂ ସ ହି ସତ୍ୟବତ୍ୟାଂ ବେଦଦ୍ରୁମଂ ବିଟପଶୋ ବିଭଜିଷ୍ୟତି ସ୍ମ ।୩୬।
ଦେବଦ୍ୱିଷାଂ ନିଗମବର୍ତ୍ମନି ନିଷ୍ଠିତାନାଂ ପୂର୍ଭିର୍ମୟେନ ବିହିତାଭିରଦୃଶ୍ୟତୂର୍ଭିଃ ।
ଲୋକାନ୍ ଘ୍ନତାଂ ମତିବିମୋହମତିପ୍ରଲୋଭଂ ବେଶଂ ବିଧାୟ ବହୁ ଭାଷ୍ୟତ ଔପଧର୍ମ୍ୟମ୍ ।।
ଯର୍ହ୍ୟାଲୟେଷ୍ୱପି ସତାଂ ନ କଥାଃ ହରେଃ ସ୍ୟୁଃ ପାଖଣ୍ଡିନୋ ଦ୍ୱିଜଜନା ବୃଷଳା ନୃଦେବାଃ
ସ୍ୱାହାସ୍ୱଧାବଷଡିତି ସ୍ମ ଗିରୋ ନ ଯତ୍ର ଶାସ୍ତା ଭବିଷ୍ୟତି କଲେର୍ଭଗବାନ୍ ଯୁଗାନ୍ତେ ।୩୮।

କାଳର କୁଟିଳ ଗତିରେ ଯୁଗେ ଯୁଗେ ମନୁଷ୍ୟମାନଙ୍କର ବୁଦ୍ଧି କ୍ରମଶଃ ସଙ୍କୁଚିତ ଏବଂ ପରମାୟୁ ହ୍ରାସ ହୋଇ ଯାଉଥିବାର ଦେଖି ସେ ଭାବିଲେ—ଅହୋ ! ମତ୍କୃତ ବେଦସମୂହ ଏମାନଙ୍କପକ୍ଷରେ ଦୁର୍ବୋଧ୍ୟ ହେବ, ତେଣୁ ଭଗବାନ୍ ସ୍ୱୟଂ ବେଦବ୍ୟାସ ରୂପରେ ସତ୍ୟବତୀ ଗର୍ଭରେ ଅବତୀର୍ଣ୍ଣ ହୋଇ ବେଦର ବିଭିନ୍ନ ଶାଖାକୁ ବିଭିନ୍ନ ବିଭାଗ କରିଥିଲେ । ୩୬ ।

ଦେବ ଦ୍ୱେଷୀ ଅସୁରଗଣ ବେଦମାର୍ଗ ଅବଲମ୍ବନ କରି ତତ୍ପ୍ରଭାବରେ ମୟଦାନବଦ୍ୱାରା ଛିରି ଛିରି ଅଲକ୍ଷ୍ୟ ବେଗପୁରି ନିର୍ମାଣ କରାଇ ମନୁଷ୍ୟମାନଙ୍କୁ ବିନାଶ କରିବାକୁ ଆରମ୍ଭ କଲେ । ତେଣୁ ଭଗବାନ୍ ସେମାନଙ୍କର ବୁଦ୍ଧିଭ୍ରଂଶ ଓ ଲୋଭଜନ୍ମାଇବା ପାଇଁ ଅବତୀର୍ଣ୍ଣ ହୋଇ ପାଷାଣ୍ଡବେଶରେ ସେମାନଙ୍କୁ ବହୁବିଧ ଉପଧର୍ମ ଉପଦେଶ ଦେଇଥିଲେ । ୩୭ ।

କଳିଯୁଗର ଶେଷ ଭାଗରେ ଯେତେବେଳେ ସାଧୁମାନଙ୍କ ଗୃହରେ ହରିନାମ ଶୁଣା ନ ଯିବ ଏବଂ ବ୍ରାହ୍ମଣ, କ୍ଷତ୍ରିୟ, ଓ ବୈଶ୍ୟଗଣ ନାସ୍ତିକ ହେବେ, ଏବଂ ଶୂଦ୍ରମାନେ ରାଜା ହେବାକୁ ଆରମ୍ଭ କରିବେ, ଏବଂ ସ୍ୱାହା, ସ୍ୱଧା, ବଷଟ୍‌କାର ଇତ୍ୟାଦି ବାକ୍ୟ ବିଲୁପ୍ତ ହେବ, ସେତେବେଳେ ଭଗବାନ୍ କଳ୍କି ଅବତାର ହୋଇ ଶାସନ କରିବେ । ୩୮ ।

କଳି ପ୍ରବେଶେ କାଳବଳେ
ପ୍ରାଣୀଏ ଚେତନା ଚଳିଲେ
ଧାରଣା ନ ପାରନ୍ତି ଧରି
ଅଳ୍ପ ଆୟୁଷ ଦେଖି ହରି
ଜନ୍ମିଲେ ବ୍ୟାସ ରୂପ ଧରି
ଅଶେଷ ଶ୍ରୁତି ଶାସ୍ତ୍ର କରି
ବେଦଦ୍ରୁମକୁ ଶାଖା କଲେ,
ଏଣୁ ଅନେକ ବୁଦ୍ଧିବଳେ ।୩୬।
ଅସୁରେ ରହି ବେଦମାର୍ଗେ
ମାୟାବୀମାନେ କଳିଯୁଗେ
ମାୟାଦଇତର ସଙ୍ଗତେ
ଦୃଶ୍ୟ ଅଦୃଶ୍ୟ ବେନି ପଥେ
ସେ କଥା ଜାଣି ଜଗନ୍ନାଥେ
ବୁଦ୍ଧାବତାରେ ଜନହିତେ
କପଟ ମାୟା ମୋହବଶେ
ପାଷଣ୍ଡମାର୍ଗ ଉପଦେଶେ
ଅନେକ ମତେ ବୁଝାଇବେ
ସୁଜନଜନଙ୍କୁ ରଖିବେ । ୩୭ ।
ପୁଣି ଏ କଳିଯୁଗ ଅନ୍ତେ
ସାଧୁଜନଙ୍କ ଗୃହଗତେ
କୃଷ୍ଣ ସ୍ମରଣ ଗୁଣଗାଥା
ନୋହିବ ଯେବେ ହରି କଥା
ଦ୍ୱିଜେ ପାଷାଣ୍ଡ ଆଚରିବେ
ସେ ପଞ୍ଚଯଜ୍ଞ ନ କରିବେ
ରାଜା ହୋଇବେ ଶୂଦ୍ରଜନେ
ପ୍ରଜା ପୀଡ଼ିବେ କରଧନେ
ଯେ ସ୍ୱାହା ସ୍ୱଧା ବଷଟ୍‌କାର
ଛାଡ଼ କରିବେ ଦୁରାଚାର
ଏମନ୍ତ ଦେଖି କଳ୍କିରୂପେ
ଅଶ୍ୱ ଆରୋହି ମହାକୋପେ
ଖଡ଼ଗ ଧରି ବେନିହସ୍ତେ
ଶେଷେ ସ୍ଥାପିବେ ଧର୍ମପଥେ ।୩୮।

Digitized by srujanika@gmail.com

ଭଗବାନଙ୍କର ଚବିଶ ଅବତାର ମଧ୍ୟରୁ ତ୍ରୟୋଦଶଠାରୁ ଅଷ୍ଟାଦଶ ଅବତାର

Digitized by srujanika@gmail.com

ସର୍ଗେ ତପୋଽହମୃଷୟୋ ନବ ଯେ ପ୍ରଜେଶାଃ ସ୍ଥାନେ ଚ ଧର୍ମମଖମନ୍ୱମରାବନୀଶାଃ ।
ଅନ୍ତେ ତ୍ୱଧର୍ମହରମନ୍ୟୁବଶାସୁରାଦ୍ୟାଃ ମାୟାବିଭୂତୟ ଇମାଃ ପୁରୁଶକ୍ତିଭାଜଃ । ୩୯ ।
ବିଷ୍ଣୋର୍ନୁ ବୀର୍ଯ୍ୟଗଣନାଂ କତମୋଽର୍ହତୀହ ଯଃ ପାର୍ଥିବାନ୍ୟପି କବିର୍ବିମମେ ରଜାଂସି ।
ଚସ୍କମ୍ଭ ଯଃ ସ୍ୱରଂହସାଽସ୍ଖଲତା ତ୍ରିପୃଷ୍ଠଂ ଯସ୍ମାତ୍ତ୍ରିସାମ୍ୟସଦନାଦୁରୁକମ୍ପୟାନମ୍ । ୪୦ ।
ନାନ୍ତଂ ବିଦାମ୍ୟହମମୀ ମୁନୟୋଽଗ୍ରଜାସ୍ତେ ମାୟାବଲସ୍ୟ ପୁରୁଷସ୍ୟ କୁତୋଽବରା ଯେ ।
ଗାୟନ୍ ଗୁଣାନ୍ ଦଶଶତାନନ ଆଦିଦେବଃ ଶେଷୋଽଧୁନାପି ସମବସ୍ୟତି ନାସ୍ୟ ପାରମ୍ ॥

ବତ୍ସ ନାରଦ ! ସୃଷ୍ଟି ସମୟରେ ମୋର ଅନୁଷ୍ଠିତ ତପସ୍ୟା, ମୁଁ, ଅନ୍ୟ ନଅଜଣ ପ୍ରଜାପତି ଏବଂ ସ୍ଥିତି କାଳର ଧର୍ମ, ବିଷ୍ଣୁ, ମନୁ, ଦେବେଶ, ଓ ପୃଥିବୀର ରାଜନ୍ୟମଣ୍ଡଳୀ ଏବଂ ପ୍ରଳୟକାଳରେ ଅଧର୍ମ, ହର ଓ ମନ୍ୟୁପରବଶସର୍ପ ପ୍ରଭୃତି, ଦେବତାଗଣ ସମସ୍ତେହିଁ ମହାଶକ୍ତିଶାଳୀ ଭଗବାନ୍ଙ୍କର ମାୟା ବିଭୂତି ରୂପେ ଜାତ ହୁଅନ୍ତି । ୩୯ ।

ହେ ନାରଦ ! ସଂକ୍ଷେପରେ ତାହାଙ୍କର ବିଭୂତି ବର୍ଣ୍ଣନା କଲି, ବିଶଦରୂପେ ବର୍ଣ୍ଣନା କରିବାକୁ କେହି ସମର୍ଥ ନୁହନ୍ତି । ଯେଉଁ ବ୍ୟକ୍ତି ଜଗତରେ ପରମାଣୁ ସମୂହ ଗଣନା କରିଅଛି, ସେ ମଧ୍ୟ ତାଙ୍କର ବିଭୂତି କଳନା କରିବାକୁ ଅକ୍ଷମ । ଯେ ହେତୁ ଏକସମୟରେ ବିଷ୍ଣୁ ତ୍ରିବିକ୍ରମ ରୂପ ଧାରଣ କରନ୍ତେ ପ୍ରତିଘାତ ଶୂନ୍ୟ ସ୍ୱୀୟ ପଦାଘାତରେ ମହଃ, ଜନ, ତପ, ଏହି ତ୍ରିଲୋକର ପୃଷ୍ଠ ଦେଶରେ ଅବସ୍ଥିତ ଅର୍ଥାତ୍ ସତ୍ୟଲୋକ ପର୍ଯ୍ୟନ୍ତ କମ୍ପିତ ହୋଇଥିଲା, ସେତେବେଳେ ସେ ସ୍ୱୟଂ ତତ୍ ସମୁଦାୟ ଧାରଣ କରିଥିଲେ ।୪୦।

ହେ ବତ୍ସ ନାରଦ ! ତୁମ୍ଭର ଅଗ୍ରଜାତ ମୁନିଗଣ ଏବଂ ମୁଁ (ବ୍ରହ୍ମା) ସେହି ପରମ ପୁରୁଷ ଭଗବାନଙ୍କର ଅନ୍ତ ଜାଣିବାକୁ ସମର୍ଥ ହୋଇ ନାହୁଁ, ଯେଉଁମାନେ ପରେ ଜନ୍ମ ହୋଇଛନ୍ତି ସେମାନେ ବା ଜାଣିବେ କାହୁଁ ? ଅନନ୍ତ ଦେବ ଦଶସହସ୍ର ମୁଖରେ ତାହାଙ୍କର ଅଶେଷ ଗୁଣ ବର୍ଣ୍ଣନା କରି ଅଦ୍ୟାପି ତାହାର ଅନ୍ତ ପାଇ ନାହାନ୍ତି । ୪୧ ।

ସର୍ଜନେ ମୁହିଁ ଋଷିନବ
ପ୍ରଜାପତିଏ ତପଭାବ
ସ୍ଥିତିରେ ଧର୍ମ ମନୁଗଣ
ଯଜ୍ଞସ୍ୱରୂପ ବିଷ୍ଣୁ ପୁଣ
ଅମରଗଣ ରାଜାଗଣ
ସଂହାରେ ଅଧର୍ମ କାରଣ
ଯେ ହର ହରେ ତନୟୁର
ଉରଗ ଆଦି ଯେ ଅସୁର
ଅନନ୍ତ ଶକ୍ତି ଦାମୋଦର
ଏ ସର୍ବ ବିଭୂତି ତାହାର

ଯେଣୁ ସେ ମାୟାରୂପ ଧରେ
କଳ୍ପ କଳ୍ପାନ୍ତେ ସୃଷ୍ଟି କରେ ।୩୯
ଯେ ବିଷ୍ଣୁ ନାଭିଜାତ ପାଦ
ଆବୋରି ଭୁବନ ଚଉଦ
ଯାବେଗେ ପ୍ରକୃତି କମ୍ପିଲା
ନିଜ ବିକ୍ରମେ ଯେ ଧଇଲା
ସେ ବିଷ୍ଣୁ ମହିମା ସଂସାରେ
କେ ଗଣି ସଂଖ୍ୟା କରିପାରେ
ଯେ କରି ଭୂମିରେଣୁ ଗଣି
ସେ କି ପାରିବ ପରିମାଣି ।୪୦।

ତାହାର ମାୟାବଳଗତି
ତା ଅନ୍ତ କେହି ନ ଜାଣନ୍ତି
ତୋର ଅଗ୍ରଜ ମୁନି ଶାନ୍ତ
ସେ କାହୁଁ ଜାଣିବେ ତଦନ୍ତ
ବ୍ରହ୍ମା ଶଙ୍କର ନ ପ୍ରମାଣେ
ଅପରେ କେବା ତାହା ଜାଣେ
ବାସୁକି ଅୟୁତ ବଦନେ
ସମର୍ଥ ନୋହେ ଗୁଣଗାନେ ।୪୧।

Digitized by srujanika@gmail.com

ଯେଷାଂ ସ ଏଷ ଭଗବାନ୍ ଦୟୟେଦନନ୍ତଃ ସର୍ବାତ୍ମନାଶ୍ରିତପଦୋ ଯଦି ନିର୍ବ୍ୟଲୀକମ୍ ।
ତେ ଦୁସ୍ତରାମତିତରନ୍ତି ଚ ଦେବମାୟାଂ ନୈଷାଂ ମମାହମିତି ଧୀଃ ଶ୍ୱଶୃଗାଲଭକ୍ଷ୍ୟେ ।୪୨
ବେଦାହମଙ୍ଗ ପରମସ୍ୟ ହି ଯୋଗମାୟାଂ ଯୂୟଂ ଭବଶ୍ଚ ଭଗବାନଥ ଦୈତ୍ୟବର୍ଯ୍ୟଃ ।
ପତ୍ନୀ ମନୋଃ ସ ଚ ମନୁଶ୍ଚ ତଦାତ୍ମଜାଶ୍ଚ ପ୍ରାଚୀନବର୍ହି ଋଭୁରଙ୍ଗ ଉତଧ୍ରୁବଶ୍ଚ । ୪୩ ।
ଇକ୍ଷ୍ୱାକୁରୈଳମୁଚୁକୁନ୍ଦବିଦେହଗାଧିରଘ୍ୱମ୍ବରୀଷସଗରା ଗୟନାହୁଷାଦ୍ୟାଃ ।
ମାନ୍ଧାତ୍ରଳର୍କଶତଧନ୍ୱନୁରନ୍ତିଦେବା ଦେବବ୍ରତୋ ବଳିରମୂର୍ତ୍ତରୟୋ ଦିଲୀପଃ । ୪୪ ।
ସୌଭର୍ୟୁତଙ୍କଶିବଦେବଲପିପ୍ପଲାଦସାରସ୍ୱତୋଦ୍ଧବପରାଶରଭୂରିଷେଣାଃ ।
ଯେଽନ୍ୟେ ବିଭୀଷଣହନୂମଦୁପେନ୍ଦ୍ରଦତ୍ତପାର୍ଥାର୍ଷ୍ଟିଷେଣବିଦୁରଶ୍ରୁତଦେବବର୍ଯ୍ୟାଃ । ୪୫

ସେହି ଅନନ୍ତ ଭଗବାନ୍ ଯେଉଁମାନଙ୍କ ପ୍ରତି କୃପା କରନ୍ତି ଏବଂ ସେମାନେ ଯଦି ସର୍ବାନ୍ତଃକରଣରେ ସେହି ଭଗବାନ୍‌ଙ୍କର ଶରଣାଗତ ହୁଅନ୍ତି ତାହାହେଲେ ସେମାନେ ଦୁସ୍ତର ମାୟାରୁ ଉତ୍ତୀର୍ଣ୍ଣ ହୋଇ ପାରନ୍ତି, ଏବଂ ବିଭବ ମଧ୍ୟ ଜାଣି ପାରନ୍ତି, ଏବଂ କୁକ୍କୁର ଶୃଗାଳଙ୍କ ଭକ୍ଷ୍ୟ ଦେହରେ, 'ମୁଁ ଓ ମୋର' ଏହି ଆତ୍ମବୋଧ ରହେ ନାହିଁ । ୪୨ ।

ବତ୍ସ ନାରଦ ! ମୁଁ ତାହାଙ୍କର ଯୋଗମାୟା ଜାଣେ, ତୁମ୍ଭେ ମଧ୍ୟ ଜାଣ, ଭଗବାନ୍ ଶଙ୍କର, ଦୈତ୍ୟବର ପ୍ରହ୍ଲାଦ, ମନୁପତ୍ନୀ ଶତରୂପା, ସ୍ୱୟଂମନୁ, ମନୁଙ୍କର ପୁତ୍ର ପ୍ରିୟବ୍ରତ ଓ ଉତ୍ତାନପାଦ, ଓ ମନୁଙ୍କର କନ୍ୟାଗଣ—ଆକୂତି, ଦେବହୂତି ଓ ପ୍ରସୂତି, ପ୍ରାଚୀନବର୍ହୀ, ଋଭୁ, ବେଣପିତା ଅଙ୍ଗ, ଏବଂ ଧ୍ରୁବ, ଇକ୍ଷ୍ୱାକୁ, ଐଳ, ମୁଚୁକୁନ୍ଦ, ଜନକ, ଗାଧି, ରଘୁ, ଅମ୍ବରୀଶ, ସଗର, ଗୟ, ନହୁଷ, ମାନ୍ଧାତା, ଅଳର୍କ, ଶତଧନୁ, ଅନୁ, ରନ୍ତିଦେବ, ଭୀଷ୍ମ, ବଳି, ଅମୂର୍ତ୍ତରୟ, ଦିଲୀପ, ସୌଭରି, ଉତଙ୍କ, ଶିବ, ଦେବଳ, ପିପ୍ପଳାଦ, ସାରସ୍ୱତ, ଉଦ୍ଧବ, ପରାଶର, ଭୂରିଦେଣ, ଏବଂ ବିଭୀଷଣ, ହନୁମାନ, ଉପେନ୍ଦ୍ର, ଦତ୍ତ, ଅର୍ଥାତ୍ ଶୁକଦେବ, ଅର୍ଜୁନ, ଆର୍ଷ୍ଟିଷେଣ, ବିଦୁର, ଶ୍ରୁତଦେବ ପ୍ରଭୃତି ତାହାଙ୍କର ମାୟା ଅବଗତ ଅଛନ୍ତି ।୪୩,୪୫

ଯାହାରେ ହରି ଦୟା କରେ
ସେ ଯେବେ ନିଷ୍କପଟେ ଧରେ
ଦୁସ୍ତର ମାୟା ସେ ତରନ୍ତି
ଜାଣି ସଙ୍କଟେ ନ ପଡ଼ନ୍ତି
ଶ୍ୱାନ ଶୃଗାଳ ଭକ୍ଷ ଦେହେ
'ମୁଁ' 'ମୋର'ବୋଲିଜ୍ଞାନନୋହେ
ଏବେ ନାରଦ ଶୁଣ ଧୀରେ
ଯେବା ତରିଲେ ମାୟା ଘୋରେ
ତା ମାୟା ତତ୍ତ୍ୱ ଜାଣି ଭଲେ
ଯେ ଯେ ସଂସାରୁ ତରିଗଲେ
ମୁହିଁ ଜାଣଇ ମାୟା ତାର
ତୁ ଜାଣୁ ଜାଣଇ ଶଙ୍କର

ପ୍ରହ୍ଲାଦ ଜାଣେ ଅନ୍ତର୍ଗତେ
ମନୁ ଯେ କୁଟୁମ୍ବ ସହିତେ
ପ୍ରାଚୀନବର୍ହି ଋଭୁ ଅଙ୍ଗ
ଧ୍ରୁବ ଇକ୍ଷ୍ୱାକୁ ମୁଚକୁନ୍ଦ
ବିଦେହ ସୌମ୍ୟସୁତ ଗାଧି
ରଘୁ ଅମ୍ବରୀଷ ସୁବୁଦ୍ଧି
ଗୟ ନହୁଷ ଆଦି ଯେତେ
ଶୁଣ ନାରଦ କହୁଁ ତୋତେ
ମାନ୍ଧାତାଳର୍କ ଶତଧନୁ
ରନ୍ତିଦେବ ଯେ ଗଙ୍ଗାସୁନୁ
ଅମୂର୍ତ୍ତରୟ ଯେ ସୌଭରି
ଦିଲୀପ ଉତଙ୍କ ଯେ ବଳି

ଶିବ ଦେବଳ ପିପଳାଦ
ସାରସ୍ୱତ ସଙ୍ଗେ ଉଦ୍ଧବ
ଯେ ପରାଶର ଭୂରିଷେଣ
ରାବଣ ଭ୍ରାତ ହନୁମାନ
ଶୁକ ଯେ ଉପଇନ୍ଦ୍ର ଦତ୍ତ
ବିଦୁର ଆର୍ଷ୍ଟିଷେଣ ପାର୍ଥ
ବ୍ରାହ୍ମଣ ଶ୍ରୁତଦେବ ତୁଲେ
ବିଷ୍ଣୁମାୟାରୁ ତରିଗଲେ ।୪୨-୪୫

Digitized by srujanika@gmail.com

ତେ ବୈ ବିଦନ୍ତ୍ୟତିତରନ୍ତି ଚ ଦେବମାୟାଂ ସ୍ତ୍ରୀଶୂଦ୍ରହୂଣଶବରା ଅପି ପାପଜୀବାଃ ।
ଯଦ୍ୟଦ୍‌ଭୁତକ୍ରମପରାୟଣଶୀଲଶିକ୍ଷାସ୍ତିର୍ଯ୍ୟଗ୍‌ଜନା ଅପି କିମୁ ଶ୍ରୁତଧାରଣା ଯେ । ୪୬ ।
ଶଶ୍ୱତ୍ପ୍ରଶାନ୍ତମଭୟଂ ପ୍ରତିବୋଧମାତ୍ରଂ ଶୁଦ୍ଧଂ ସମଂ ସଦସତଃ ପରମାତ୍ମତତ୍ତ୍ୱମ୍ ।
ଶବ୍ଦୋ ନ ଯତ୍ର ପୁରୁକାରକବାନ୍ କ୍ରିୟାର୍ଥୋ ମାୟା ପରୈତ୍ୟଭିମୁଖେ ଚ ବିଲଜ୍ଜମାନା ।
ତଦ୍‌ବୈ ପଦଂ ଭଗବତଃ ପରମସ୍ୟ ପୁଂସୋ ବ୍ରହ୍ମେତି ଯଦ୍‌ବିଦୁରଜସ୍ରସୁଖଂ ବିଶୋକମ୍ ॥
ସଧ୍ର୍ୟଙ୍ ନିୟମ୍ୟ ଯତୟୋ ଯମକର୍ତ୍ତହେତିଂ ଜହ୍ୟୁଃ ସ୍ୱରାଡ଼ିବ ନିପାନଖନିତ୍ରମିନ୍ଦ୍ରଃ ।
ସ ଶ୍ରେୟସାମପି ବିଭୁର୍ଭଗବାନ୍ ଯତୋଽସ୍ୟ ଭାବସ୍ୱଭାବବିହିତସ୍ୟ ସତଃ ପ୍ରସିଦ୍ଧିଃ । ୪୮ ।

ହେ ନାରଦ ! ଅଧିକ କଣ କହିବି, ଯଦି ଭଗବଦ୍‌ଭକ୍ତଗଣଙ୍କର ସଙ୍ଗଲାଭ କରି ସେମାନଙ୍କର ସାଧୁ ଚରିତ୍ର ଶିକ୍ଷା ଲାଭ କରାଯାଏ, ତେବେ ସ୍ତ୍ରୀ, ଶୂଦ୍ର, ହୂନ, ଶବର ଓ ଅନ୍ୟାନ୍ୟ ପାପଜାତୀୟମାନେ ଓ ଅସଭ୍ୟମାନେ ତାହାଙ୍କର ମାୟା ଅବଗତ ହୋଇ ପାରନ୍ତି, ଏବଂ ତହିଁରୁ ମୁକ୍ତିଲାଭ କରି ପାରନ୍ତି, ଯେଉଁମାନେ ଅନନ୍ୟମନରେ ତାଙ୍କର ଉପଧ୍ୟାନ କରନ୍ତି, ସେମାନେ ତ ଅଧିକ ପରିମାଣରେ ମାୟାରୁ ତରିଯାନ୍ତି । ୪୬ ।

ମୁନିଗଣ ଯାହାଙ୍କୁ ବ୍ରହ୍ମବୋଲି ଜାଣନ୍ତି ସେ ଭଗବାନଙ୍କର ସ୍ୱରୂପ, ସେ ସତତ ପ୍ରଶାନ୍ତ, ନିତ୍ୟ ସୁଖମୟ, ଶୋକଶୂନ୍ୟ, ଫଳତଃ ତାହାଙ୍କର ରୂପ ବିଷୟ ଓ କାରଣ ସମ୍ବନ୍ଧ ଶୂନ୍ୟ ନିର୍ମଳଜ୍ଞାନ ମାତ୍ର; ସେହି ଜ୍ଞାନ ମଧ୍ୟ ଜ୍ଞାତାର ସ୍ୱରୂପ, ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟ—ଇନ୍ଦ୍ରିୟ ସହିତ ତାହାର କୌଣସି ସମ୍ବନ୍ଧ ନାହିଁ, ତାଙ୍କୁ କୌଣସି ଶବ୍ଦଦ୍ୱାରା ଅବଗତ ହେବା ସମ୍ଭବ ନୁହେଁ, ତାହାଙ୍କର ଉତ୍ପତ୍ତି ପ୍ରଭୃତି ଚତୁର୍ବିଧ କ୍ରିୟା ଫଳ ମଧ୍ୟ ନାହିଁ, ମାୟା ମଧ୍ୟ ତାଙ୍କ ନିକଟରେ ଲଜ୍ଜିତ ହୋଇ ଦୂରରେ ଅବସ୍ଥାନ କରେ । ୪୭ ।

ଯେତେବେଳେ ସ୍ୱୟଂ ଇନ୍ଦ୍ର ପର୍ଜନ୍ୟରୂପେ ବିରାଜମାନ ହୁଅନ୍ତି, ସେତେବେଳେ କୂପଖନନ ପାଇଁ ଧାରଣ କରିଥିବା ଖଣତିକୁ ଫୋପାଡ଼ି ଦିଆ ଯାଇପାରେ । ସେହିପରି ଯତିଗଣ ଭଗବାନ୍‌ଙ୍କୁ ହୃଦୟରେ ଦୃଢ଼ରୂପେ ଧାରଣ କଲାବେଳେ ସାଧନା ତ୍ୟାଗ କରନ୍ତି । ୪୮ ।

ତିର୍ଯ୍ୟକ ହୂନ ଶୂଦ୍ର ସ୍ତ୍ରିୟ
ଶବର ଆଦି ଗଲେ ତରି
କୃଷ୍ଣର ରୂପେ ମନ ଯାର
କିବା କହିବା ଗତି ତାର
ଅଦ୍ଭୁତ କର୍ମ ଯେ ତାହାର
ଯେ ଭାବେ ନାହିଁ ପରାପର
ତା ଭକ୍ତି ଶିକ୍ଷା ଅଛି ଯାର
ସେହି ତରନ୍ତି ମାୟା ଘୋର ।୪୬।
ନିତ୍ୟ ପ୍ରଶାନ୍ତ ସେ ନିର୍ଭୟ
ପ୍ରବୋଧ ମାତ୍ର ଯାର ଦେହ

ସେ ଶୁଦ୍ଧ ସର୍ବଘଟେ ସମ
ରୂପ ଅରୂପ ପରଧାମ
ଶବ୍ଦ ନ ପାରେ ଯାହା କହି
ଅନେକ କ୍ରିୟା ଯୋଗ ବହି
ଯାର ସମ୍ମୁଖେ ଭଗବତୀ
ଲାଜେ ପଳାଇ ଶିରପୋତି
ଯେ ବ୍ରହ୍ମଜ୍ଞାନୀ ମୁନିଗଣେ
ଯାହା ସ୍ମରନ୍ତି ଅନୁକ୍ଷଣେ
ନିଜ ସ୍ୱରୂପ ତାର ଚିନ୍ତି
ପରମ ପୁରୁଷ ବୋଲନ୍ତି

ଅଜସ୍ରସୁଖ ସେ ବିଶୋକ
ନାହିଁ ଯାହାର ରୂପ ରେଖ ।୪୭।
ଯାହାର ପାଦ ଦୃଢ଼ଚିତ୍ତେ
ଯୋଗି ଧାରଣା ଅନ୍ତର୍ଗତେ
ଭାବ ଛାଡ଼ନ୍ତି ସର୍ବ ତାପ
ଇନ୍ଦ୍ର ନ ଖୋଜେ ଯେହ୍ନେ କୂପ ।୪୮।

Digitized by srujanika@gmail.com

ଦେହେ ସ୍ୱଧାତୁବିଗମେଽନୁବିଶୀର୍ଯ୍ୟମାଣେ
ବ୍ୟୋମେବ ତତ୍ର ପୁରୁଷୋ ନ ବିଶୀର୍ଯ୍ୟତେଽଜଃ । ୪୯ ।
ସୋଽୟଂ ତେଽଭିହିତସ୍ତାତ ଭଗବାନ୍ ବିଶ୍ୱଭାବନଃ ।
ସମାସେନ ହରେର୍ନାନ୍ୟଦନ୍ୟସ୍ମାତ୍ ସଦସଚ୍ଚ ଯତ୍ । ୫୦ ।
ଇଦଂ ଭାଗବତଂ ନାମ ଯନ୍ମେ ଭଗବତୋଦିତମ୍ ।
ସଂଗ୍ରହୋଽୟଂ ବିଭୂତୀନାଂ ତ୍ୱମେତଦ୍‌ବିପୁଳୀକୁରୁ । ୫୧ ।
ଯଥା ହରୌ ଭଗବତି ନୃଣାଂ ଭକ୍ତିର୍ଭବିଷ୍ୟତି ।
ସର୍ବାତ୍ମନ୍ୟଖିଳାଧାରେ ଇତି ସଂକଳ୍ପ୍ୟ ବର୍ଣ୍ଣୟ । ୫୨ ।

ବ୍ରାହ୍ମଣାଦି ବର୍ଣ୍ଣ ଶମଦମାଦି ସମ୍ପନ୍ନ ହୋଇ ଯେଉଁ ଶୁଭକର୍ମମାନ ଅନୁଷ୍ଠାନ କରନ୍ତି, ସେହି ଭଗବାନ୍ ହିଁ ତହିଁର ସିଦ୍ଧି ଦାତା । ସେହି ସମସ୍ତ କର୍ମର ଫଳଦାତା, ଉପାଦାନ ବିନାଶ ହେତୁରୁ ଶରୀର ବିନଷ୍ଟ ହେଲେ ମଧ୍ୟ ଶରୀରର ମଧ୍ୟବର୍ତ୍ତୀ ଆକାଶ ତାହା ସଙ୍ଗରେ ବିନଷ୍ଟ ହୁଏ ନାହିଁ, ସେହିପରି ଜୀବାତ୍ମା ଦେହ ସହିତ ମଧ୍ୟ ବିପନ୍ନ ନୁହେଁ । ୪୯ ।

ବିଶ୍ୱ ପ୍ରକାଶକ ସେହି ଭଗବାନଙ୍କର ସ୍ୱରୂପ ତୁମ୍ଭଙ୍କୁ କହିଲି, ହେ ବତ୍ସ ! ଭଗବାନ୍ ହରିଙ୍କ ଭିନ୍ନ କାର୍ଯ୍ୟ କାରଣ ଅନ୍ୟ କିଛି ନାହିଁ । ୫୦ ।

ହେ ନାରଦ ! ଭଗବାନ୍ ମୋତେ ଯେଉଁ ବିଷୟ କହିଥିଲେ, ତାହା ଭାଗବତ, ତାହା ଭଗବାନଙ୍କର ବିଭୂତିର ସଙ୍କଳନ ମାତ୍ର, ତୁମ୍ଭେ ଏହା ବିଶଦରୂପେ ବର୍ଣ୍ଣନା କର । ୫୧ ।

ଯେଉଁ ଭାବରେ ବର୍ଣ୍ଣନା କଲେ, ମନୁଷ୍ୟମାନଙ୍କର ସର୍ବାତ୍ମା ଓ ସର୍ବାଧାର ଭଗବାନ୍‌ଙ୍କଠାରେ ଭକ୍ତି ଉପୁଜିବ, ସେହି ଚନ୍ଦ୍ରାକର ହରିଲୀଳାର ପ୍ରାଧାନ୍ୟ ଅକ୍ଷୁଣ୍ଣ ରଖି ସେହି ଭାଗବତ ବର୍ଣ୍ଣନା କରିବ । ଏହା ସ୍ମରଣ ରଖିବ ଯେପରି ଭକ୍ତି ରସରେ କୌଣସି ବ୍ୟାଘାତ ନ ଜନ୍ମେ । ୫୨ ।

ସେ ହରି କଇବଲ୍ୟନାଥ
ଭାବ ସ୍ୱଭାବ ଏ ଜଗତ
କରାଏ ସର୍ବଦେହେ ବସି
ଶମାଦି ସ୍ୱଭାବ ପ୍ରକାଶି
ଦେହ ବିଯୋଗକାଳେ ଦେଖି
ଗଗନପ୍ରାୟେ ଶୂନ୍ୟେ ରହି
ତେଣେ ତାହାର ସଙ୍ଗ ନାହିଁ
ଜନମ ମୃତ୍ୟୁ ତାର କାହିଁ । ୪୯ ।

ହେ ପୁତ୍ର ! କହିଲି ମୁଁ ତୋତେ
ହରିମହିମା ଭାବ ଚିତ୍ତେ
ସତ ଅସତ ରୂପ ସେହି
ଅଶେଷ ମାୟାରୂପ ବହି
କରଇ ଆତ୍ମାଖେଳଲୀଳା
ତାର ଚରିତ ଭବଭେଳା ।୫୦।
ଏ ଭାଗବତ ଧର୍ମ ଯେତେ
ଗୋବିନ୍ଦ କହିଥିଲେ ମୋତେ

ଏ ସର୍ବ ସଂଗ୍ରହର ମୂଳ
ଅଶେଷ ଧର୍ମ ଯଜ୍ଞ ଫଳ
ଲୀଳା ବିସ୍ତାରି କହ ମୁଖେ
ସୁଜନ ଜନଙ୍କର ସୁଖେ । ୫୧ ।
ଯେମନ୍ତେ ପ୍ରାଣୀଙ୍କର ଚିତ୍ତେ
କୃଷ୍ଣ ବିଷୟ ଅବିରତେ
ଯେମନ୍ତେ ନାଶେ ଶୋକ ମୋହ
ଇତି ସଂକଳ୍ପି ତାତ କହ । ୫୨ ।

Digitized by srujanika@gmail.com

ଭଗବାନଙ୍କର ଚବିଶ ଅବତାର ମଧ୍ୟରୁ ଊନବିଂଶଟିରୁ ଚତୁର୍ବିଂଶ ଅବତାର

Digitized by srujanika@gmail.com

ମାୟାଂ ବର୍ଣ୍ଣୟତୋଽମୁଷ୍ୟ ଈଶ୍ୱରସ୍ୟାନୁମୋଦତଃ ।
ଶୃଣ୍ୱତଃ ଶ୍ରଦ୍ଧୟା ନିତ୍ୟଂ ମାୟୟାତ୍ମା ନ ମୁହ୍ୟତି । ୫୩ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ଦ୍ୱିତୀୟସ୍କନ୍ଧେ ବ୍ରହ୍ମନାରଦସମ୍ବାଦୋ ନାମ ସପ୍ତମୋଽଧ୍ୟାୟଃ । ୭ ।

ଯେ ଶ୍ରଦ୍ଧା ସହକାରେ ଈଶ୍ୱରଙ୍କ ମାୟାର ମହିମା ବର୍ଣ୍ଣନା କରନ୍ତି, ଏବଂ ସାନନ୍ଦରେ ଶ୍ରଦ୍ଧା ସହକାରେ ଶ୍ରବଣ କରନ୍ତି, ସେମାନଙ୍କର ଆତ୍ମା ଈଶ୍ୱର ମାୟାରେ ମୋହିତ ହୁଏ ନାହିଁ । ୫୩ ।

ବର୍ଣ୍ଣିଲ ଈଶ୍ୱରର ମାୟା
ସେ ଶୁଣେ ଯାରେ ତାର୍ ଦୟା
ମାୟା ନ ଲାଗେ ତାର୍ ଚିତ୍ତେ
ଯେ ଶୁଣେ ଗୁଣେ ଅବିରତେ । ୫୩ ।

ଏମନ୍ତ ଭଗବତ ବାଣୀ
ନାରଦ ବ୍ରହ୍ମାମୁଖୁଁ ଶୁଣି
ମନ ଆନନ୍ଦେ କୃତକୃତ
କହଇ ଦାସ ଜଗନ୍ନାଥ ।

ବିଶେଷାର୍ଥ :—

ଅବତାରତତ୍ତ୍ୱ ।

ଏହି ଅଧ୍ୟାୟରେ ଭଗବାନଙ୍କର ଅବତାରତତ୍ତ୍ୱ ବ୍ରହ୍ମା ନାରଦଙ୍କ ନିକଟରେ ବ୍ୟାଖ୍ୟା କରି ଅଛନ୍ତି, ସର୍ବବ୍ୟାପକ ନିରାକାର ପରଂବ୍ରହ୍ମ କିପରି ସ୍ଥୂଳ ଲୌକିକ ଦେହ ଧାରଣ କରି ମର୍ତ୍ତ୍ୟ-ଜଗତରେ ଅବତୀର୍ଣ୍ଣ ହୁଅନ୍ତି, ଏ ସମ୍ବନ୍ଧେ ନାନାପ୍ରକାର ସନ୍ଦେହ ଉପସ୍ଥିତ ହୁଏ । ଅର୍ଥାତ୍ ଭଗବାନ୍ ଅପ୍ରପଞ୍ଚରୁ କିପରି ପ୍ରପଞ୍ଚରେ ଆତ୍ମପ୍ରକାଶ କରନ୍ତି ତାହାହିଁ ଆଲୋଚନାର ବିଷୟ, ପୁରୁଷାବତାର ଗ୍ରହଣକରି କିପରି ସଂସାରରେ ଭଗବାନ୍ ଅବତୀର୍ଣ୍ଣ ହୁଅନ୍ତି ବା ଏପରି ଅବତାର ଗ୍ରହଣର ଉଦ୍ଦେଶ୍ୟ କଣ ? ପୁରୁଷାବତାରର କାର୍ଯ୍ୟ ସୂକ୍ଷ୍ମ ପ୍ରପଞ୍ଚରେ ପ୍ରକାଶିତ ହୁଏ ଏବଂ ଲୀଳାବତାର, ମନ୍ୱନ୍ତରାବତାର ପ୍ରଭୃତି ସ୍ଥୂଳ ପ୍ରପଞ୍ଚ ବା ବ୍ରହ୍ମାଣ୍ଡରେ ପ୍ରକଟିତ ହୁଏ । ନାରଦଙ୍କ ପ୍ରଶ୍ନାନୁସାରେ ପୁରୁଷାବତାର, ଲୀଳାବତାର, ସୂକ୍ଷ୍ମ ପ୍ରପଞ୍ଚର କାର୍ଯ୍ୟ ଏବଂ ବ୍ରହ୍ମାଣ୍ଡରେ ଲୀଳାବତାରରେ ପ୍ରକଟିତ ହୋଇ ଭଗବାନ୍ କିପରି ଲୀଳା ବିସ୍ତାର କରନ୍ତି ତାହା ବିଶଦଭାବରେ ବ୍ରହ୍ମା ବର୍ଣ୍ଣନା କରିଥିଲେ । ପ୍ରଥମସ୍କନ୍ଧରେ ସନତ୍କୁମାରଆଦି ଓ ବରାହଆଦି ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି

Digitized by srujanika@gmail.com

ଓ ସେହି ପ୍ରସଙ୍ଗରେ କପିଳମୁନି ପଞ୍ଚମାବତାର ରୂପେ ଅବତୀର୍ଣ୍ଣ ହୋଇଥିବା ଜଣାଯାଏ । ଆମ୍ଭେମାନେ ସାଧାରଣତଃ ଭଗବାନଙ୍କର ଦଶାବତାର ପ୍ରସଙ୍ଗ ଜାଣିଥାଉ, ଏତଦ୍‌ବ୍ୟତୀତ ତାହାଙ୍କର ଅସଂଖ୍ୟ ଅବତାର ଯେ ଅଛି ତାହା ଶ୍ରୀମଦ୍‌ଭାଗବତ ଓ ବିଭିନ୍ନ ପ୍ରାମାଣିକ ଶାସ୍ତ୍ରରେ ଉଲ୍ଲେଖ ଦେଖାଯାଏ, ଋଷି ଅବତାର ଓ ଦେବାବତାର ଏହି ପ୍ରସଙ୍ଗରେ ଉଲ୍ଲେଖ ଯୋଗ୍ୟ, ଏ ସମସ୍ତ ଭଗବାନଙ୍କର ଅଂଶ କଳା, ପୂର୍ଣ୍ଣକଳା ଓ ଆବେଶାଦି ରୂପେ ହୋଇଥାଏ ; ଅଙ୍ଗିରା, ବଶିଷ୍ଠ, ବେଦବ୍ୟାସ ପ୍ରଭୃତି ଋଷିମାନେ ବହୁବାର ଅବତୀର୍ଣ୍ଣ ହୋଇଥିବାର ଜଣାଯାଏ; ବେଦବ୍ୟାସ ଦ୍ୱାପରଯୁଗରେ ଅବତୀର୍ଣ୍ଣ ହୋଇ ଲୋକହିତ ପାଇଁ ବେଦ ବିଭାଗ; କରିଥିଲେ, କଳିଯୁଗରେ ଅବତୀର୍ଣ୍ଣ ହୋଇ ପୁରାଣ ସଂହିତା ଆଦି ରଚନା କରିଥିଲେ । ବୈବସ୍ୱତ ନାମକ ସପ୍ତମ ମନ୍ୱନ୍ତରଙ୍କୁ ଅଷ୍ଟବିଂଶତିତମ ବ୍ୟାସ ବୋଲି କଳ୍ପନା କରାଯାଏ, ଏହି ବ୍ୟାସ ପ୍ରସଙ୍ଗ ପ୍ରଥମସ୍କନ୍ଧର ଭୂମିକାରେ ଆଲୋଚନା କରାଯାଇ ଅଛି ।

ବ୍ରହ୍ମାଣ୍ଡ ପ୍ରକୃତି ମଧ୍ୟରେ ଦୈବୀସମ୍ପଦ ସୁରକ୍ଷା ଓ ଦୈବୀଜଗତ ପରିଚାଳନାର ଭାର ଦେବତାମାନଙ୍କ ଉପରେ ନ୍ୟସ୍ତ, ତେଣୁ ଏହି ଦୈବଶକ୍ତି ଯେତେବେଳେ ଆସୁରୀଶକ୍ତିର ଅତ୍ୟାଚାରରେ ପ୍ରପୀଡ଼ିତ ହୁଏ ସେତେବେଳେ ତାହାକୁ ରକ୍ଷାକରିବା ଓ ସୁଶୃଙ୍ଖଳ କରିବା ନିମନ୍ତେ ଦେବତାମାନେ ଅବତାର ଗ୍ରହଣ କରନ୍ତି, ଅସୁରମାନେ ମଧ୍ୟ ଦେବତା, ଦେବତାମାନେ ଆସୁରୀ ଭାବାପନ୍ନ ହୋଇ ଅଧୋଗାମୀ ହେଲେ ସେମାନଙ୍କର ଦେବତ୍ୱ ନଷ୍ଟ ହୋଇଯାଏ, ମାନବ ଜଗତରେ ଦେବଭାବାପନ୍ନ ଏବଂ ଅସୁର ଭାବାପନ୍ନ ମନୁଷ୍ୟ ଦୃଷ୍ଟ ହୁଅନ୍ତି, ଆସୁରୀଶକ୍ତି ବିନଷ୍ଟ କରି ଦୈବୀଶକ୍ତିର ପ୍ରତିଷ୍ଠା କରିବା ନିମନ୍ତେ ଦେବତାମାନେ ମଧ୍ୟ ନର ଦେହରେ ଅବତୀର୍ଣ୍ଣ ହୁଅନ୍ତି ।

ନରଲୋକ, ପିତୃଲୋକ, ଓ ଦେବଲୋକ ପ୍ରସଙ୍ଗରେ ଦେଖାଯାଏ ଯେ ଶାସ୍ତ୍ରମତରେ ପିତୃଲୋକମାନେ କୌଣସି ଅବତାର ଗ୍ରହଣ କରନ୍ତି ନାହିଁ, ସେମାନଙ୍କର ଅବତାର ଗ୍ରହଣର କୌଣସି ପ୍ରୟୋଜନୀୟତା ନ ଥାଏ । ଋଷି ବା ଦେବତାମାନେ ଲୋକହିତାର୍ଥେ ଅବତାର ଗ୍ରହଣ କରନ୍ତି, ଏତଦ୍‌ଭିନ୍ନ ଅଲୌକିକ ଅସାଧାରଣ-ଶକ୍ତି ସମ୍ପନ୍ନ ମନୁଷ୍ୟଙ୍କୁ ମଧ୍ୟ ଭଗବାନଙ୍କର ଅନୁଗ୍ରହ ପ୍ରାପ୍ତ କଳାବତାର ବୋଲି କଳ୍ପନା କରାଯାଏ ।

ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, ବଳରାମ, ବୁଦ୍ଧ, କଳ୍କି ଏହି ଦଶଗୋଟି ଅବତାର ଲୋକରେ ପ୍ରସିଦ୍ଧି ଲାଭ କରି ଅଛନ୍ତି । ଏହି ଅବତାରମାନଙ୍କୁ ଅଂଶାବତାର ବୋଲି ଗ୍ରହଣ କରାଯାଏ, ଏତଦ୍‌ବ୍ୟତୀତ ଭଗବାନଙ୍କର ପୂର୍ଣ୍ଣାବତାର ମଧ୍ୟ ଅଛି, ଅଦ୍ୟାପି ଯେଉଁ 'ବିଭିନ୍ନ ଅବତାର-ପ୍ରସଙ୍ଗ ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ କରାଯାଇ ଅଛି, ତନ୍ମଧ୍ୟରେ କେବଳ ଶ୍ରୀକୃଷ୍ଣଙ୍କୁ ଭଗବାନଙ୍କର ପୂର୍ଣ୍ଣାବତାର ରୂପେ ଗ୍ରହଣ କରାଯାଏ; "**କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ**" ।

ଭଗବାନଙ୍କର ଅବତାର ଗ୍ରହଣର ଉଦ୍ଦେଶ୍ୟ ସମ୍ବନ୍ଧେ ବେଦ, ପୁରାଣ, ଶ୍ରୀମଦ୍ ଭଗବଦ୍ ଗୀତା ଓ ଶ୍ରୀମଦ୍ ଭାଗବତରେ ବହୁଳ ପ୍ରମାଣ ଦୃଷ୍ଟ ହୁଏ, ଋଗ୍‌ବେଦରେ ୬ଷ୍ଠ ମଣ୍ଡଳ ଚତୁର୍ଥ ଅନୁବାକ ୪୭ଶ ସୂକ୍ତ ୧୮ଶ ମନ୍ତ୍ରରେ ଲିଖିତ ଅଛି—

"ରୂପଂ ରୂପଂ ପ୍ରତିରୂପୋ ବଭୂବ ତଦସ୍ୟ ରୂପଂ ପ୍ରତିଚକ୍ଷଣାୟ
ଇନ୍ଦ୍ରୋ ମାୟାଭିଃ ପୁରୁରୂପ ଈୟତେ ଯୁକ୍ତାହ୍ୟସ୍ୟ ହରୟଃ ଶତା ଦଶ ।"

Digitized by srujanika@gmail.com

ଅର୍ଥାତ୍ ଭଗବାନ୍ ଭକ୍ତଗଣଙ୍କର ପ୍ରାର୍ଥନା ଅନୁସାରେ ସ୍ୱୀୟ ପ୍ରସିଦ୍ଧି ନିମିତ୍ତ ମାୟା ସାହାଯ୍ୟରେ ଜୀବ ଓ ଅବତାର ରୂପେ ଅସଂଖ୍ୟ ରୂପ ଧାରଣ କରନ୍ତି, ତନ୍‌ମଧ୍ୟରେ ଦଶଅବତାର ପ୍ରଧାନ ।

ଯଜୁର୍ବେଦରେ ୩୧ଶ ଅଧ୍ୟାୟ ୧୯ଶ ମନ୍ତ୍ରରେ ମଧ୍ୟ ଲିଖିତ ଅଛି :—

"ପ୍ରଜାପତିଶ୍ଚରତି ଗର୍ଭେଽନ୍ତରଜାୟମାନୋ ବହୁଧା ବିଜାୟତେ,
ତସ୍ୟ ଯୋନିଂ ପରିପଶ୍ୟନ୍ତି ଧୀରାସ୍ତସ୍ମିନ୍ ହ ତସ୍ଥୁର୍ଭୁବନାନି ବିଶ୍ୱା ।" ॥

ଅର୍ଥାତ୍ ଭଗବାନ୍ ପ୍ରଜାପତି ସ୍ତ୍ରୀ ଜଗର୍ଭରେ ସମୁଦ୍ଭୂତ ହୋଇଥାନ୍ତି, ତାହାଙ୍କର ଜନ୍ମ ନଥିଲେହେଁ ସେ ଜଗତରେ ବହୁରୂପରେ ଜାତ ହୁଅନ୍ତି । ଧୀର ଯୋଗୀ ତାହାଙ୍କର ଅବତାରାଦି ସ୍ୱରୂପ ଓ ମହିମା ଅବଗତ ହେବାକୁ ସମର୍ଥ, ସମଗ୍ର ବିଶ୍ୱ ତାହାଙ୍କଠାରେ ଅବସ୍ଥିତ ।

ଶ୍ରୀମଦ୍ ଭାଗବତରେ ମଧ୍ୟ :—

"ବିଭର୍ଷି ରୂପାଣ୍ୟବବୋଧ ଆତ୍ମା କ୍ଷେମାୟ ଲୋକସ୍ୟ ଚରାଚରସ୍ୟ ।
ସତ୍ତ୍ୱୋପପନ୍ନାନି ସୁଖାବହାନି ସତାମଭଦ୍ରାଣି ମୁହୁଃ ଖଳାନାଂ ॥"

ଚରାଚର ବ୍ରହ୍ମାଣ୍ଡର ରକ୍ଷାନିମିତ୍ତ ଜ୍ଞାନ ସ୍ୱରୂପ ପରମାତ୍ମା ରୂପଧାରଣ କରିଥାନ୍ତି, ତାହାଙ୍କର ଅବତାର ଧାର୍ମିକ ଗଣଙ୍କ ପକ୍ଷରେ ସୁଖକର ଓ ଅଧାର୍ମିକମାନଙ୍କ ପକ୍ଷରେ ଦୁଃଖ ଜନକ । ଏହାହିଁ ଶ୍ରୀମଦ ଭଗବଦ୍ ଗୀତାରେ ଆହୁରି ପ୍ରାଞ୍ଜଳ ଭାବରେ ବର୍ଣ୍ଣିତ ହୋଇଅଛି ।

"ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥
ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥
ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

(ଗୀତା—ଚତୁର୍ଥ ଅଧ୍ୟାୟ ୫-୮ ଶ୍ଳୋକ)

ହେ ଅର୍ଜୁନ ! ମୋର ଓ ତୁମ୍ଭର ବହୁଜନ୍ମ ଅତୀତ ହୋଇଅଛି, ସେ ଜ୍ଞାନ ମୋର ଅଛି, ମାତ୍ର ତୁମ୍ଭର ସେ ସମ୍ବନ୍ଧେ ସ୍ମୃତି ଲୋପ ହୋଇଅଛି । (କାରଣ ଧର୍ମ ଅଧର୍ମ ପ୍ରଭୃତିଦ୍ୱାରା ତୁମ୍ଭର ଜ୍ଞାନଶକ୍ତି ଆଚ୍ଛନ୍ନ, ତୁମ୍ଭେ ମାୟାଧୀନ, କିନ୍ତୁ ମୁଁ ନିତ୍ୟ ଶୁଦ୍ଧ, ବୁଦ୍ଧ, ମୁକ୍ତ, ଓ ମାୟାଧୀଶ, ତେଣୁ ମୋର ଜ୍ଞାନଶକ୍ତି ସର୍ବଦା ଜାଗ୍ରତ) । ମୁଁ ଜନ୍ମରହିତ ଓ ଅଲୁପ୍ତ ଜ୍ଞାନଶକ୍ତିସ୍ୱଭାବ ଏବଂ ବ୍ରହ୍ମାଦି ସ୍ଥାବର ପର୍ଯ୍ୟନ୍ତ ସର୍ବ ଭୂତଙ୍କର ଈଶ୍ୱର ହୋଇ ସୁଦ୍ଧା ମୋହର ତ୍ରିଗୁଣାତ୍ମିକା ପ୍ରକୃତିକୁ ବଶୀଭୂତ କରି ମୁଁ ନିଜର ମାୟାଦ୍ୱାରା ଦେହ ଧାରଣ କରେ । (ଅବତାର ଦେହ ଧାରଣ କରନ୍ତି, ଜାତ ହୁଅନ୍ତି, ତଥାପି ଅବତାରଙ୍କର ଅବ୍ୟୟଭାବ ଅଲୁପ୍ତ ଥାଏ) । ହେ ଭାରତ ! ଯେତେବେଳେ ପ୍ରାଣିମାନଙ୍କର ଅଭ୍ୟୁଦୟ ଓ ନିଃଶ୍ରେୟସର କାରଣ ବର୍ଣ୍ଣାଶ୍ରମ ଧର୍ମାଦିର ପତନ ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ମୁଁ ସେତେବେଳେ ନିଜମାୟାଦ୍ୱାରା ଦେହଧାରଣ କରେ । ସାଧୁମାନଙ୍କର ରକ୍ଷା ଓ ଦୁଷ୍ଟମାନଙ୍କର ବିନାଶ ଏବଂ ଧର୍ମ ସଂସ୍ଥାପନ ନିମିତ୍ତ ମୁଁ ଯୁଗେ ଯୁଗେ ଦେହ ଧାରଣ କରେ ।

Digitized by srujanika@gmail.com

ପୂର୍ବେ ଭଗବାନଙ୍କର ଦଶାବତାରର ନାମୋଲ୍ଲେଖ କରାଯାଇଛି, ତଦ୍‌ବ୍ୟତୀତ ବିଭିନ୍ନ ସମୟରେ ସେ ବିଭିନ୍ନ ଭକ୍ତଙ୍କୁ ଦର୍ଶନ ଦେବାଲାଗି ବା ନିଜର ବିଭୂତି ବିସ୍ତାର ଲାଗି ଅନ୍ୟ ଅବତାରମାନ ମଧ୍ୟ ଗ୍ରହଣ କରିଥିଲେ । ଭକ୍ତ ପ୍ରବର ଧ୍ରୁବଙ୍କୁ କୃତାର୍ଥ କରିବା ନିମନ୍ତେ ଶ୍ରୀଭଗବାନ୍ ଆବିର୍ଭୂତ ହୋଇଥିଲେ, **'ଓଁ ନମୋ ଭଗବତେ ବାସୁଦେବାୟ'** ଏହି ଦ୍ୱାଦଶାକ୍ଷର ମନ୍ତ୍ର ଜପ କରି ଧ୍ରୁବ ପ୍ରଭୁଙ୍କର ସାକ୍ଷାତ୍ ଦର୍ଶନ ଲାଭ କରିଥିଲେ । ବ୍ରହ୍ମାଙ୍କ ଯଜ୍ଞ କାଳରେ ପ୍ରଭୁ ହୟଗ୍ରୀବ ଅବତାର ଗ୍ରହଣ କରିଥିଲେ । କୁମ୍ଭୀର ଗ୍ରାସରୁ ଗଜେନ୍ଦ୍ରକୁ ରକ୍ଷା କରିବାପାଇଁ ଭଗବାନ୍ ଭକ୍ତର ଆର୍ତ୍ତନାଦ ସହି ନ ପାରି ଅବତୀର୍ଣ୍ଣ ହୋଇଥିଲେ— ଇତ୍ୟାଦି ପ୍ରସଙ୍ଗ ଭାଗବତର ବିଭିନ୍ନ ସ୍କନ୍ଧରେ ବର୍ଣ୍ଣିତ ହୋଇଅଛି । ଏ ଅବତାରମାନ ଅଂଶାବତାର ବା ବିଶିଷ୍ଟ ଉଦ୍ଦେଶ୍ୟରେ ଅବତୀର୍ଣ୍ଣ, ମାତ୍ର ଭଗବାନ୍ ନିଜର ଲୀଳା ବିସ୍ତାର ଲାଗି ଶ୍ରୀକୃଷ୍ଣରୂପେ ଯଦୁବଂଶରେ ଅବତୀର୍ଣ୍ଣ ହୋଇଥିଲେ । ଏ ଅବତାରରେ ଭଗବାନ ମନୁଷ୍ୟୋଚିତ ବିବିଧ ଲୀଳା କରିଥିଲେ ମଧ୍ୟ, ତାଙ୍କୁ ଯେଉଁମାନେ ସାଧାରଣ ମାନବଭାବରେ ବିଚାର କରନ୍ତି, ସେମାନେ ମାୟାଚ୍ଛନ୍ନ । ବସୁଦେବ କାରାଗୃହରେ ଭଗବଦ୍ଦର୍ଶନ କରିଥିଲେ ମଧ୍ୟ ମାୟାମୋହିତ ହୋଇ କ୍ଷଣକେ ତାହା ଭୁଲି ଯାଇଥିଲେ, ଯଶୋଦା ବିଶ୍ୱରୂପ ଦର୍ଶନ କରିଥିଲେ ହେଁ ମାୟାଚ୍ଛନ୍ନ ହୋଇ ପୁତ୍ରର ଅମଙ୍ଗଳ ଆଶଙ୍କାରେ ଦେବ ଦେବୀ ଆରାଧନା କରୁଥିଲେ । ଗୋପୀମାନେ ରାସବିହାରୀ ଶ୍ରୀହରିଙ୍କୁ ଭଗବାନ୍ ବୋଲି ଜାଣୁଥିଲେ ମଧ୍ୟ, ତାହା ବିସ୍ମୃତ ହୋଇ ତାଙ୍କ ପ୍ରତି ମାନ ଅଭିମାନ ଭାବ ମଧ୍ୟ ପ୍ରଦର୍ଶନ କରୁଥିଲେ । ଶ୍ରୀକୃଷ୍ଣ ସଖା ଅର୍ଜୁନ ଆହାର, ବିହାର, ଶଯ୍ୟା, ଆସନ, ଭୋଜନ ଆଦି ବିଭିନ୍ନ ଅବସ୍ଥାରେ ଶ୍ରୀକୃଷ୍ଣସହଚର ଥିଲେ ମଧ୍ୟ ତାଙ୍କର ଈଶ୍ୱରତ୍ୱ ଭୁଲି ଯାଇଥିଲେ । ସୁତରାଂ ଆଜି କ୍ଷୁଦ୍ରବୁଦ୍ଧି ମାନବମନରେ ଭଗବାନଙ୍କର ଅବତାରତତ୍ତ୍ୱ ସମ୍ବନ୍ଧେ ନାନା ସନ୍ଦେହ ଜାତ ହେବା ସ୍ୱାଭାବିକ ।✻

✻ ଅବତାର ତତ୍ତ୍ୱ ସମ୍ବନ୍ଧେ ମତ୍ ପ୍ରଣୀତ **'ଶ୍ରୀକୃଷ୍ଣ'** ପୁସ୍ତକର ଦ୍ୱିତୀୟ ସଂସ୍କରଣରେ **ଅଧିକ ଆଲୋଚନା** ହେବ ଦ୍ୱିତୀୟ ସଂସ୍କରଣ ଶୀଘ୍ର ପ୍ରକାଶିତ ହେବ ।

Digitized by srujanika@gmail.com

ଅ ଷ୍ଟ ମ ଅ ଧ୍ୟା ୟ ।

ଅଷ୍ଟମେ ଦେହସମ୍ବନ୍ଧମାକ୍ଷିପନ୍ନୀଶଜୀବୟୋଃ ।
ବହୂନ୍ ପରୀକ୍ଷିଦାପୃଚ୍ଛତ୍ ପୁରାଣାର୍ଥାନ୍ ବୁଭୁତ୍ସିତାନ୍ । ୦ । (ଶ୍ରୀଧରସ୍ୱାମୀ)

ଶ୍ରୀରାଜୋବାଚ ।

ବ୍ରହ୍ମଣା ଚୋଦିତୋ ବ୍ରହ୍ମନ୍ ଗୁଣାଖ୍ୟାନେଽଗୁଣସ୍ୟ ଚ ।
ଯସ୍ମୈ ଯସ୍ମୈ ଯଥା ପ୍ରାହ ନାରଦୋ ଦେବଦର୍ଶନଃ ।
ଏତଦ୍ ବେଦିତୁମିଚ୍ଛାମି ତତ୍ତ୍ୱଂ ତତ୍ତ୍ୱବିଦାମ୍ବର । ୧ ।
ହରେରଦ୍ଭୁତବୀର୍ଯ୍ୟସ୍ୟ କଥା ଲୋକସୁମଙ୍ଗଳାଃ ।
କଥୟସ୍ୱ ମହାଭାଗ ଯଥାହମଖିଳାତ୍ମନି ।
କୃଷ୍ଣେ ନିବେଶ୍ୟ ନିଃସଙ୍ଗଂ ମନସ୍ତ୍ୟକ୍ଷ୍ୟେ କଳେବରମ୍ । ୨ ।
ଶୃଣ୍ୱତଃ ଶ୍ରଦ୍ଧୟା ନିତ୍ୟଂ ଗୃଣତଶ୍ଚ ସ୍ୱଚେଷ୍ଟିତମ୍ ।
ନାତିଦୀର୍ଘେଣ କାଳେନ ଭଗବାନ୍ ବିଶତେ ହୃଦି । ୩ ।

ରାଜା ପରୀକ୍ଷିତଙ୍କର ପୁନଃ ପ୍ରଶ୍ନ ।

ଅଷ୍ଟମ ଅଧ୍ୟାୟରେ ଜୀବର ଦେହ ସମ୍ବନ୍ଧ ବିଷୟରେ ରାଜା ପରୀକ୍ଷିତ ବହୁତ ପ୍ରଶ୍ନ କରିଥିଲେ ।

ଶ୍ରୀ ରାଜା କହିଲେ :—

ରାଜା ପରୀକ୍ଷିତ ଶୁକଦେବଙ୍କୁ ପ୍ରଶ୍ନକଲେ, ହେ ବ୍ରହ୍ମନ୍ ! ହେ ତତ୍ତ୍ୱଜ୍ଞ ! ବ୍ରହ୍ମାଙ୍କଠାରୁ ଶୁଣିଲା ପରେ ଦେବର୍ଷି ନାରଦ କେବେ କେଉଁଠାରେ, କେଉଁମାନଙ୍କୁ କିପରି ଭାବରେ ଅଦ୍ଭୁତ ବିକ୍ରମଶାଳୀ ହରି ପ୍ରସଙ୍ଗ ବର୍ଣ୍ଣନା କରିଥିଲେ ତାହା ମୋତେ କୁହନ୍ତୁ । ୧ ।

ହେ ମହାଭାଗ ! ଆପଣ ଅଦ୍ଭୁତବୀର୍ଯ୍ୟ, ଜଗତର ମଙ୍ଗଳପ୍ରସଙ୍ଗ ଏପରି ଭାବରେ ବର୍ଣ୍ଣନା କରନ୍ତୁ ଯେ ଯାହା ଶ୍ରବଣ କରୁ କରୁ ମୋର ମନ ଆସକ୍ତି ଶୂନ୍ୟ ଅବସ୍ଥାରେ ଶ୍ରୀକୃଷ୍ଣଙ୍କଠାରେ ଅର୍ପିତ ହେବ, ମୁଁ ସେହି ଅବସ୍ଥାରେ ଏ ଦେହ ତ୍ୟାଗ କରିବି । ୨ ।

ଯେ ପ୍ରତିଦିନ ଭଗବତ୍ ଚରିତ୍ର ଶ୍ରଦ୍ଧା ସହକାରେ ଶ୍ରବଣ ଓ କୀର୍ତ୍ତନ କରନ୍ତି, ଭଗବାନ୍ ଅନତି ବିଳମ୍ବରେ ତାହାଙ୍କ ହୃଦୟରେ ଅବସ୍ଥାନ କରନ୍ତି । ୩ ।

ଏ ଦେହ ଜୀବ ପରମର, ସମ୍ବନ୍ଧ ଅଛି କିପ୍ରକାର, ନାନାବିଧ ପୁରାଣର ଅର୍ଥ, ଅଷ୍ଟମେ ପୁଛେ ପରୀକ୍ଷିତ

ଶ୍ରୀପରୀକ୍ଷିତଉବାଚ—

ଶୁକ ଚରଣେ ଦେଇ ହସ୍ତ
ଆନନ୍ଦେ ବୋଲେ ପରୀକ୍ଷିତ
ନାରଦ ଆଗେ ବ୍ରହ୍ମା ଯେତେ
ବିଷ୍ଣୁ ମହିମା ଭାଗବତେ
କହିଲେ ଜନ ଉପକାରେ
ଯେ କଥା ଶୁଣି ପ୍ରାଣୀ ତରେ
ଯେ ସ୍ଥାନେ ଯାହାକୁ ଯେ ଭାବେ
ମୁନି କହିଲେ ଯେ ପ୍ରସ୍ତାବେ
ତାହା ଶ୍ରବଣେ ଇଚ୍ଛା ମୋର
ତୁମ୍ଭେ ତତ୍ତ୍ୱଜ୍ଞ ମଧ୍ୟେ ବର । ୧ ।
ହରି ମହିମା ଅଗୋଚର
ଶ୍ରବଣ ମଙ୍ଗଳ ଉଦାର
ସେ କଥା କହ ମୁନି ମୋତେ
ସେ ହରି ଚରଣେ ଯେମନ୍ତେ-
ନିଶ୍ଚଳେ ମନ କରି ସ୍ଥିର
ଯେମନ୍ତେ ଛାଡ଼ିବି ଶରୀର । ୨ ।
ଶ୍ରଦ୍ଧାରେ ନିତ୍ୟେ ଯେବା ଶୁଣେ
ଯେ ହରି କଥା ମନେ ଗୁଣେ
ମଙ୍ଗଳ ନାମ ଉଚ୍ଚାରଣ
ତାର ହୃଦୟେ ତତକ୍ଷଣ
ଶ୍ରବଣ ମାର୍ଗେ ହରି ପଶେ
ହୃଦୟ ପଦ୍ମେ ସ୍ଥିରେ ବସେ

Digitized by srujanika@gmail.com

ପ୍ରବିଷ୍ଟଃ କର୍ଣ୍ଣରନ୍ଧ୍ରେଣ ସ୍ୱାନାଂ ଭାବସରୋରୁହମ୍ ।
ଧୁନୋତି ଶମଲଂ କୃଷ୍ଣଃ ସଲିଲସ୍ୟ ଯଥା ଶରତ୍ । ୪ ।
ଧୌତାତ୍ମା ପୁରୁଷଃ କୃଷ୍ଣପାଦମୂଲଂ ନ ମୁଞ୍ଚତି ।
ମୁକ୍ତସର୍ବପରିକ୍ଲେଶଃ ପାନ୍ଥଃ ସ୍ୱଶରଣଂ ଯଥା । ୫ ।
ଯଦଧାତୁମତୋ ବ୍ରହ୍ମନ୍ ଦେହାରମ୍ଭୋଽସ୍ୟ ଧାତୁଭିଃ ।
ଯଦୃଚ୍ଛୟା ହେତୁନା ବା ଭବନ୍ତୋ ଜାନତେ ଯଥା । ୬ ।
ଆସୀଦ୍ୟଦୁଦରାତ୍ ପଦ୍ମଂ ଲୋକସଂସ୍ଥାନଲକ୍ଷଣମ୍ ।
ଯାବାନୟଂ ବୈ ପୁରୁଷ ଇୟତ୍ତାବୟବୈଃ ପୃଥକ୍ ।
ତାବାନସାବିତି ପ୍ରୋକ୍ତଃ ସଂସ୍ଥାବୟବବାନିବ । ୭ ।

କର୍ଣ୍ଣରନ୍ଧ୍ର ଦ୍ୱାରା ସେହି ଶ୍ରୀକୃଷ୍ଣନାମ ହୃଦୟ ମଧ୍ୟରେ ପ୍ରବିଷ୍ଟ ହେଲେ ଭକ୍ତ ଜନମାନଙ୍କର ହୃଦୟ ସଦର ମାଳିନ୍ୟ ବିନଷ୍ଟ ହୁଏ । ଯେପରି ଶରତ୍କାଳ ଉପସ୍ଥିତ ହେଲେ ନଦୀ, ପୁଷ୍କରିଣୀ ପ୍ରଭୃତିର ମଳିନତା ନଷ୍ଟ ହୁଏ, ସେହିପରି । ୪ ।

ଯେପରି ପଥିକ ସ୍ୱଗୃହକୁ ଗମନ କଲା ପରେ ତାହାର ଶ୍ରମ ଦୂରୀଭୂତ ହେଲା ପରେ ଆଉ ସ୍ୱଗୃହ ପରିତ୍ୟାଗ କରେ ନାହିଁ, ସେହିପରି ଆତ୍ମା ଧୌତ ହେଲା ପରେ ମାନବ ପାପଶୂନ୍ୟ ହୋଇ ରାଗଦ୍ୱେଷାଦି କ୍ଲେଶ ପରିତ୍ୟାଗ କରି ଶ୍ରୀକୃଷ୍ଣଙ୍କର ପାଦମୂଳ ତ୍ୟାଗ କରିପାରେ ନାହିଁ । ୫ ।

ହେ ବ୍ରହ୍ମନ୍ ! ଏହି ଆତ୍ମା ଭୂତ ବା ଧାତୁସମ୍ବନ୍ଧ ଶୂନ୍ୟ, କିନ୍ତୁ ଭୂତଦ୍ୱାରା ତାହାର ଏହି ଶରୀର ଉତ୍ପନ୍ନ ହୋଇଅଛି । ଏହା ତାହାର ନିଜ ଇଚ୍ଛା ଅନୁସାରେ ହୋଇଅଛି କି ଅନ୍ୟ କୌଣସି କାରଣ ହେତୁ ହୋଇଅଛି, ଏହା ଆପଣ ଯେପରି ଅବଗତ ଅଛନ୍ତି, ସେହିପରି କହନ୍ତୁ । ୬ ।

ହେ ବ୍ରହ୍ମନ୍ ! ଯେଉଁ ନାଭିପଦ୍ମରୁ ସର୍ବଲୋକ ଉତ୍ପତ୍ତି, ସେହି ପଦ୍ମ ଯାହାଙ୍କ ଉଦରରୁ ହୋଇଥିଲା, ସେହି ଈଶ୍ୱର ଯଦି ସ୍ୱପରିମିତ ଅବୟବଯୁକ୍ତ ଲୌକିକ ପୁରୁଷତୁଲ୍ୟ ଆପଣାର ପରିମାଣାନୁସାରେ ଅବୟବ ସଂସ୍ଥାନ ବିଶିଷ୍ଟ ହେଲେ, ତେବେ ତାଙ୍କ ସହିତ ଜୀବର ପାର୍ଥକ୍ୟ କଣ ? । ୭ ।

ସର୍ବ ଦୂରିତ ହେଲେ ନାଶେ
ଶରଦ ଯେସନେ ବୃଷ୍ଟି ଶେଷେ
ଜଳ ହରଇ ମଳରାଶି
ସେ ଯେସନେ ନିର୍ମଳ ପ୍ରକାଶି ।୩,୪।
ନିର୍ମଳ ଆତ୍ମା ତାର ହୋଇ
ସେ କୃଷ୍ଣପାଦ ମୂଳେ ଥାଇ
କେବେହେଁ ନୁହଇଁ ବାହାର
ମାୟା ଭ୍ରମଣ ହୁଏ ଦୂର

ପଥିକ ପଥଶ୍ରମେ ଥାଇ
ସେ ଯେସନେ ନିଜ ଗୃହେ ଯାଇ
ଶ୍ରମ ପାଶୋରି ସୁଖେ ରହେ
ଗୃହ ସମ୍ପଦ ଭୋଗେ ଦେହେ ।୫।
ଅଧାତୁମନ୍ତ ଆତ୍ମା ହୋଏ
ଧାତୁ ଘଟଣ ଦେହ ବହେ
ଜାଣୁ, ତୁ କହ ଏ କେମନ୍ତେ
କିବା ଏ କାଳ-କର୍ମ ମତେ ? ।୬।

ଯାର ଉଦରୁ ପଦ୍ମ ହୋଇ
ଲୋକ ସଂସ୍ଥାନ ପ୍ରକାଶଇ
ସେ ଯେବେ ଅବୟବୀ ହୋଇ
ଜୀବ ଈଶ୍ୱର ଭେଦ କାହିଁ ? ।୭।

Digitized by srujanika@gmail.com

ଅଜଃ ସୃଜତି ଭୂତାନି ଭୂତାତ୍ମା ଯଦନୁଗ୍ରହାତ୍ ।
ଦଦୃଶେ ଯେନ ତଦ୍ରୂପଂ ନାଭିପଦ୍ମସମୁଦ୍ଭବଃ । ୮ ।
ସ ଚାପି ଯତ୍ର ପୁରୁଷୋ ବିଶ୍ୱସ୍ଥିତ୍ୟୁଦ୍ଭବାପ୍ୟୟଃ ।
ମୁକ୍ତ୍ୱାତ୍ମମାୟାଂ ମାୟେଶଃ ଶେତେ ସର୍ବଗୁହାଶୟଃ । ୯ ।
ପୁରୁଷାବୟବୈର୍ଲୋକାଃ ସପାଲାଃ ପୂର୍ବକଳ୍ପିତାଃ ।
ଲୋକୈରମୁଷ୍ୟାବୟବାଃ ସପାଲୈରିତି ଶୁଶ୍ରୁମ । ୧୦ ।
ଯାବାନ୍ କଳ୍ପୋ ବିକଳ୍ପୋ ବା ଯଥା କାଲୋଽନୁମୀୟତେ ।
ଭୂତଭବ୍ୟଭବଚ୍ଛବ୍ଦ ଆୟୁର୍ମାନଂ ଚ ଯତ୍ ସତଃ । ୧୧ ।
କାଲସ୍ୟାନୁଗତିର୍ଯା ତୁ ଲକ୍ଷ୍ୟତେଽଣ୍ୱୀ ବୃହତ୍ୟପି ।
ଯାବତ୍ୟଃ କର୍ମଗତୟୋ ଯାଦୃଶୀର୍ଦ୍ୱିଜସତ୍ତମ । ୧୨ ।

ପରନ୍ତୁ ଲୌକିକ ପୁରୁଷ ଓ ଭଗବାନଙ୍କ ମଧ୍ୟରେ ପାର୍ଥକ୍ୟ ଅଛି, ଏହା ସ୍ୱୀକାର୍ଯ୍ୟ, କାରଣ ଈଶ୍ୱର ଅନୁଗ୍ରହରୁ ସର୍ବଭୂତ ଜନ୍ମନ୍ତା ବ୍ରହ୍ମା ତାଙ୍କର ନାଭିକମଳରୁ ଜାତ ହୋଇ ତଦୀୟ ଅନୁଗ୍ରହ ବଶତଃ ଭୂତଗଣଙ୍କର ସୃଷ୍ଟି ବିଧାନ କରିଥିଲେ ଏବଂ ତାହାଙ୍କ ଅନୁଗ୍ରହ ହେତୁ ତାହାଙ୍କ ସ୍ୱରୂପ ଦର୍ଶନ କରିଥିଲେ ।୮।

ଏହି ବିଶ୍ୱର ସୃଷ୍ଟି, ସ୍ଥିତି ଓ ଲୟ କର୍ତ୍ତା ସେହି ମାୟେଶ୍ୱର, ସର୍ବାନ୍ତର୍ଯ୍ୟାମୀ ପୁରୁଷ, ନିଜମାୟା ପରିତ୍ୟାଗ କରି ଯେଉଁ ସ୍ଥାନରେ ଶୟନ କରିଛନ୍ତି, ତାହା ମୋତେ କହନ୍ତୁ । ୯ ।

ହେ ବ୍ରହ୍ମନ୍ ! ମୁଁ ପୂର୍ବେ ଶୁଣିଛି—ବିରାଟ ପୁରୁଷଙ୍କର ଅବୟବ ଅନୁସାରେ ଲୋକପାଳ ସହିତ ଲୋକ ସମୂହ କଳ୍ପିତ ହୋଇଅଛି । ଲୋକପାଳ ସହିତ ଲୋକ ସମୂହର ଅବୟବ ସଂସ୍ଥାନ ସେହି ପୁରୁଷ ଦ୍ୱାରା ହୁଏ । ଏ ଉଭୟ ମଧ୍ୟରୁ କେଉଁଟି ଯଥାର୍ଥ, ତାହା ମୋତେ କହନ୍ତୁ । ୧୦ ।

ମହାକଳ୍ପ ଓ ଅବାନ୍ତର କଳ୍ପର ପରିମାଣ ପ୍ରସଙ୍ଗ, ଭୂତ, ଭବିଷ୍ୟତ୍, ବର୍ତ୍ତମାନ ପଦବାଚ୍ୟ କାଳର ପରିମାଣ ସ୍ଥୂଳଦେହାଭିମାନୀ ମାନବ ପିତୃ ଓ ଦେବଗଣଙ୍କର ପରମାୟୁ ପ୍ରସଙ୍ଗ ବର୍ଣ୍ଣନା କରନ୍ତୁ । ୧୧ ।

କାଳର କେତେବେଳେ ମହତୀ ଗତି, କେତେବେଳେ ବା କ୍ଷୁଦ୍ରାଗତି ହୁଏ, କର୍ମପ୍ରାପ୍ୟ ସ୍ଥାନମାନଙ୍କର ସଂଖ୍ୟା, ଯେଉଁ ସ୍ଥାନରେ ଯେଉଁ ପ୍ରକାରରେ କର୍ମର ଗତି ଲକ୍ଷିତ ହୁଏ ତାହା ବର୍ଣ୍ଣନା କରନ୍ତୁ । ୧୨ ।

ବ୍ରହ୍ମା ଯେ ଭୂତଆତ୍ମା ହୋଏ
ସେ ପୁଣି ଯାର ଅନୁଗ୍ରହେ
ଆତ୍ମାରୁ ପ୍ରାଣିଙ୍କି ସୃଜଇ
ସ୍ୱଭାବେ ତାର ଜନ୍ମ ନାହିଁ
ନାଭିକମଳୁଁ ହୋଇ ଜାତ
ତାହାଙ୍କୁ ଦେଖେ ରୂପବନ୍ତ । ୮ ।
କାଳର ବଳେ ସେ ପୁରୁଷ
କରଇ ସୃଷ୍ଟି ସ୍ଥିତି ନାଶ

ଏ ଲୋକ ଲୋକପାଳ ସଙ୍ଗେ
ସର୍ବ କଳ୍ପିତ ତାର ଅଙ୍ଗେ
ଏ ଯେତେ ଚତୁର୍ଦ୍ଦଶ ପୁର
କଳ୍ପଣା କରି ଅଙ୍ଗ ତାର
ଏ ଭାବେ ଶୁଣିଲି ଯେ ମୁହିଁ
ଏବେ ତୁମ୍ଭଙ୍କୁ ପଚାରଇ ।୯-୧୦।
କଳ୍ପ ବିକଳ୍ପ ଯଥାକାଳେ
ସେ ବ୍ରହ୍ମା କରେ ଅବହେଳେ

ସୃଷ୍ଟି ପାଳନ ସଂହାରଣ
ଭୂତ ଭବିଷ୍ୟ ବର୍ତ୍ତମାନ
କାଳରଠାରୁ ଏ ଯେମନ୍ତେ
ଆୟୁପ୍ରମାଣ କାର କେତେ ? ।୧୧।
କାଳର ଯେବା ଅନୁଗତି
ଅଳ୍ପ ବହୁତ ସଂଖ୍ୟା ସ୍ଥିତି
କର୍ମର ଗତି ଅବା ଯେତେ
ଯେ ହେତୁ ପ୍ରକାଶ ଯେମନ୍ତେ ।୧୨।

Digitized by srujanika@gmail.com

ଯସ୍ମିନ୍ କର୍ମସମାବାୟୋ ଯଥା ଯେନୋପଗୃହ୍ୟତେ ।
ଗୁଣାନାଂ ଗୁଣିନାଂ ଚୈବ ପରିଣାମମଭୀପ୍‌ସତାମ୍ । ୧୩ ।
ଭୂଃପାତାଳକକୁବ୍‌ବ୍ୟୋମଗ୍ରହନକ୍ଷତ୍ରଭୂଭୃତାମ୍ ।
ସରିତ୍ ସମୁଦ୍ରଦ୍ୱୀପାନାଂ ସମ୍ଭବଶ୍ଚୈତଦୋକସାମ୍ । ୧୪ ।
ପ୍ରମାଣମଣ୍ଡକୋଷସ୍ୟ ବାହ୍ୟାଭ୍ୟନ୍ତରଭେଦତଃ ।
ମହତାଂ ଚାନୁଚରିତଂ ବର୍ଣ୍ଣାଶ୍ରମବିନିଶ୍ଚୟଃ । ୧୫ ।
ଯୁଗାନି ଯୁଗମାନଂ ଚ ଧର୍ମୋ ଯଶ୍ଚ ଯୁଗେ ଯୁଗେ । ୧୬ ।
ଅବତାରାନୁଚରିତଂ ଯଦାଶ୍ଚର୍ଯ୍ୟତମଂ ହରେଃ ।
ନୃଣାଂ ସାଧାରଣୋ ଧର୍ମଃ ସବିଶେଷଶ୍ଚ ଯାଦୃଶଃ ।
ଶ୍ରେଣୀନାଂ ରାଜର୍ଷୀଣାଞ୍ଚ ଧର୍ମଃ କୃଚ୍ଛ୍ରେଷୁ ଜୀବତାମ୍ । ୧୭ ।

ସତ୍ତ୍ୱାଦି ଗୁଣମାନଙ୍କର ପରିଣାମ ଏବଂ ସେହି ଗୁଣାଭିଳାଷୀ ହେବା ଅନୁସାରେ ଜୀବ କିପରି ଦେବରୂପାଭିଳାଷୀ ହୁଏ ଓ ପାପ ପୁଣ୍ୟ କର୍ମର ଫଳଭୋଗ କରେ, କେଉଁ ଗୁଣାଧିକାରୀ ଦେବଭାବ ଲାଭ କରି ପାରେ, ଏହା ମଧ୍ୟ ଯଥାଯଥଭାବରେ ମୋତେ କହନ୍ତୁ । ୧୩ ।

ପୃଥିବୀ, ପାତାଳ, ଦିଗ, ଆକାଶ, ଗ୍ରହ, ନକ୍ଷତ୍ର, ପର୍ବତ, ନଦୀ, ସମୁଦ୍ର, ଦ୍ୱୀପ, ଏବଂ ଏହି ସ୍ଥାନବାସୀ ଜୀବସମୂହଙ୍କର ଉତ୍ପତ୍ତି ପ୍ରସଙ୍ଗ ବର୍ଣ୍ଣନା କରନ୍ତୁ । ୧୪ ।

ଏହି ବ୍ରହ୍ମାଣ୍ଡର ବାହ୍ୟ ଓ ଅଭ୍ୟନ୍ତର ପରିମାଣ, ମହତ୍ ବ୍ୟକ୍ତିମାନଙ୍କର ଚରିତ, ବ୍ରାହ୍ମଣାଦିବର୍ଣ୍ଣ ଚତୁଷ୍ଟୟ, ଓ ବ୍ରହ୍ମଚର୍ଯ୍ୟାଦି ଆଶ୍ରମଚତୁଷ୍ଟୟ, ଏବଂ ସେ ସମସ୍ତ ଯେପରି ଭାବରେ ନିର୍ଦ୍ଧାରିତ ହୁଏ, ତାହା ମଧ୍ୟ ମୋତେ କହନ୍ତୁ । ୧୫ ।

ଯୁଗ ସଂଖ୍ୟା ଓ ତାହାର ପରିମାଣ, ଯେଉଁ ଯୁଗରେ ଯେଉଁ ମହତ୍‌ବ୍ୟକ୍ତି ଧାର୍ମିକରୂପେ ଜାତ ହୋଇଥିଲେ ଏବଂ ଭଗବାନ୍ ଶ୍ରୀହରି ଯେଉଁ ଯୁଗରେ ଯେଉଁ ଅଦ୍‌ଭୁତ ଚରିତ୍ର ପ୍ରକାଶ କରିଥିଲେ, ସେ ସମସ୍ତ ମଧ୍ୟ କୀର୍ତ୍ତନ କରନ୍ତୁ । ୧୬ ।

ମନୁଷ୍ୟ ମାନଙ୍କର ସାଧାରଣ ଧର୍ମ, ବର୍ଣ୍ଣ ଓ ଆଶ୍ରମମତେ ସେମାନଙ୍କର ବିଶିଷ୍ଟ ଧର୍ମ, ବ୍ୟବସାୟୀମାନଙ୍କର ଧର୍ମ, ପ୍ରଜାପାଳକ ରାଜର୍ଷିମାନଙ୍କର ଧର୍ମ, ବିପନ୍ନ ବ୍ୟକ୍ତିଙ୍କର ବିପତ୍‌କାଳୀନ ଧର୍ମ, ଏ ସମସ୍ତ ବର୍ଣ୍ଣନା କରନ୍ତୁ । ୧୭ ।

ଗୁଣଙ୍କ ପରିଣାମେ କେବା
ଦେବାଦି ରୂପ ଇଚ୍ଛେ ଯେବା
କି କର୍ମ କରି ଯାହିଁ ତହିଁ
କହିବେ ସେହି ତା ଭୁଞ୍ଜଇ ? ।୧୩।
ଭୂମି ପାତାଳ ଦଶଦିଶ
ଯେରୂପେ ସମ୍ଭବେ ଆକାଶ
ଗ୍ରହ ନକ୍ଷତ୍ର ମହୀଧର
ନଦୀ ସମୁଦ୍ର ଦ୍ୱୀପପାର

ଏଥି ଆଶ୍ରିତ ଜନ୍ତୁ ଯେତେ
ବ୍ରହ୍ମାଣ୍ଡ ପ୍ରମାଣ ବା କେତେ ?
ମହାନ୍ତ ଜନ ଆଚରଣ
ଯେ ବର୍ଣ୍ଣ-ବିଭାଗ ଆଶ୍ରମ
ବାହ୍ୟ ଅନ୍ତରେ ବସ୍ତୁ ଯେତେ
ସଂକ୍ଷେପେ କହମୋ ଅଗ୍ରତେ ।୧୪,୧୫
ଏ ଅଣ୍ଡକୋଷ ମଧ୍ୟଗତେ
ବିଷ୍ଣୁର ଅବତାର ଯେତେ

ଯୁଗାନୁଯୁଗେ ଯୁଗମାନ
ଯେଉଁ ଯୁଗର ଯେବା ଧର୍ମ ? ।୧୬।
ମନୁଷ୍ୟ ସାଧାରଣ ଧର୍ମ
ଯେବା ବିଶେଷ ଯଥାବର୍ଣ୍ଣ
ଆଶ୍ରମିଙ୍କର ଧର୍ମ ଆଦି
ଯା ରାଜର୍ଷିଏ ସମ୍ପାଦି
ଆପଦେ ଧର୍ମ ପ୍ରାଣିଙ୍କର
ଏ ସବୁ କହ ମୁନିବର । ୧୭ ।

Digitized by srujanika@gmail.com

ତତ୍ତ୍ୱାନାଂ ପରିସଂଖ୍ୟାନଂ ଲକ୍ଷଣଂ ହେତୁଲକ୍ଷଣମ୍ ।
ପୁରୁଷାରାଧନବିଧିର୍ଯୋଗସ୍ୟାଧ୍ୟାତ୍ମିକସ୍ୟ ଚ । ୧୮ ।
ଯୋଗେଶ୍ୱରୈଶ୍ୱର୍ଯ୍ୟଗତିର୍ଲିଙ୍ଗଭଙ୍ଗସ୍ତୁ ଯୋଗିନାମ୍ ।
ବେଦୋପବେଦଧର୍ମାଣାମିତିହାସପୁରାଣୟୋଃ । ୧୯ ।
ସଂପ୍ଲବଃ ସର୍ବଭୂତାନାଂ ବିକ୍ରମଃ ପ୍ରତିସଂକ୍ରମଃ ।
ଇଷ୍ଟାପୂର୍ତ୍ତସ୍ୟ କାମ୍ୟାନାଂ ତ୍ରିବର୍ଗସ୍ୟ ଚ ଯୋ ବିଧିଃ । ୨୦ ।
ଯୋ ବାନୁଶାୟିନାଂ ସର୍ଗଃ ପାଷଣ୍ଡସ୍ୟ ଚ ସମ୍ଭବଃ ।
ଆତ୍ମନୋ ବନ୍ଧମୋକ୍ଷୌ ଚ ବ୍ୟବସ୍ଥାନଂ ସ୍ୱରୂପତଃ । ୨୧ ।
ଯଥାତ୍ମତନ୍ତ୍ରୋ ଭଗବାନ୍ ବିକ୍ରୀଡ଼ତ୍ୟାତ୍ମମାୟୟା ।
ବିସୃଜ୍ୟ ବା ଯଥା ମାୟାମୁଦାସ୍ତେ ସାକ୍ଷିବଦ୍ ବିଭୁଃ । ୨୨ ।

ପ୍ରକୃତ୍ୟାଦି ତତ୍ତ୍ୱମାନଙ୍କର ସଂଖ୍ୟା, ସ୍ୱରୂପ, ଲକ୍ଷଣ, କାର୍ଯ୍ୟ, ସେହିପୁରୁଷଙ୍କର ଆରାଧନା ବିଧାନ, ଏବଂ ଅଧ୍ୟାତ୍ମ ଓ ଅଷ୍ଟାଙ୍ଗଯୋଗ ବିଧି ପ୍ରସଙ୍ଗ (ବର୍ଣ୍ଣନା କରନ୍ତୁ) । ୧୮ ।

ଯୋଗେଶ୍ୱରମାନଙ୍କର ଅଣିମାଦି ଐଶ୍ୱର୍ଯ୍ୟ, ପ୍ରଭୃତି ଦ୍ୱାରା ଲବ୍ଧ ଅର୍ଚ୍ଚିରାଦିଗତି, ଯୋଗୀମାନଙ୍କର ଲିଙ୍ଗଶରୀରର ଲୟ, ବେଦ, ଉପବେଦ, ଧର୍ମଶାସ୍ତ୍ର, ଇତିହାସ ଓ ପୁରାଣର ଗତି କିପରି ଏହା ମଧ୍ୟ ବର୍ଣ୍ଣନା କରନ୍ତୁ । ୧୯ ।

ସର୍ବଭୂତର ଉତ୍ପତ୍ତି, ସ୍ଥିତି ଏବଂ ଲୟ ଯେପରି ଘଟେ ତାହାର ବିବରଣ, ବୈଦିକ ଓ ସ୍ମାର୍ତ୍ତକର୍ମର ତଥା ଅଗ୍ନି ଦ୍ରୋଣାଦି କାମ୍ୟକର୍ମର ବିଧି ଓ ଧର୍ମ, ଅର୍ଥ କାମ ଏତିନିଙ୍କର ଅବରୋଧ ପ୍ରସଙ୍ଗ କହନ୍ତୁ । ୨୦ ।

ଜୀବଗଣ ମହାପ୍ରଳୟରେ ଲୀନ ହେଲା ପରେ ପୁନଶ୍ଚ କିପରି ସୃଷ୍ଟି ହୁଅନ୍ତି, ପାଷାଣ୍ଡମାନଙ୍କର ଉତ୍ପତ୍ତି, ଜୀବର ବନ୍ଧ ଓ ମୋକ୍ଷ ଅବସ୍ଥା, ସେମାନଙ୍କର ଅବସ୍ଥାନ ପ୍ରସଙ୍ଗ ପ୍ରକାଶ କରନ୍ତୁ । ୨୧ ।

ସର୍ବ ଶକ୍ତିମାନ୍ ଓ ସ୍ୱତନ୍ତ୍ରଭଗବାନ୍ ସୃଷ୍ଟି କାଳରେ କିପରି ଆତ୍ମମାୟା ସହିତ ବିଶେଷ ଭାବରେ କ୍ରୀଡ଼ା କରନ୍ତି ଏବଂ ସେହି ମାୟା ପରିତ୍ୟାଗ କରି ପ୍ରଳୟ କାଳରେ ସାକ୍ଷୀ ସ୍ୱରୂପରେ ଅବସ୍ଥାନ କରନ୍ତି (ଏହା କହନ୍ତୁ) ।୨୨।

ସଂଖ୍ୟା ଲକ୍ଷଣ ତତ୍ତ୍ୱଙ୍କର
କିରୂପେ ହେତୁ କେ କାହାର ?
ପୁରୁଷ ଆରାଧନା ବିଧି
ଅଷ୍ଟାଙ୍ଗଯୋଗ ଯେତ୍ନେ ସାଧି ।୧୮।
ଯୋଗେଶ୍ୱରଙ୍କ ଗତି ଯେତେ
ଲିଙ୍ଗ ଭଗନ ମୋକ୍ଷପଥେ

ଯେ ଧର୍ମ ବେଦ ଉପବେଦେ
ପୁରାଣ-ଇତିହାସ ବାଦେ ।୧୯।
ସର୍ବଭୂତଙ୍କ ଯେ ସମ୍ଭବ
ବିକ୍ରମ ସଂକ୍ରମ ପ୍ରସ୍ତାବ
ଯେ ଇଷ୍ଟ ବଇଦିକ କର୍ମ
ଯେ ଅବା ସ୍ମାର୍ତ୍ତ କର୍ମ ଧର୍ମ

ଯେ ବିଧି ଯଜ୍ଞ ଜଳଦାନେ
ଯେ କର୍ମ ତ୍ରିବର୍ଗସାଧନେ । ୨୦ ।
ଯେରୂପେ ଜୀବ ସମ୍ଭବନ୍ତି
ଯେରୂପେ ପାଷଣ୍ଡ ହୁଅନ୍ତି
ଆତ୍ମାର ବନ୍ଧ ମୋକ୍ଷ ଦୁଇ
ଯେବା ସ୍ୱରୂପେ ଯେତ୍ନେହୋଇ।୨୧।

Digitized by srujanika@gmail.com

ସର୍ବମେତଚ୍ଚ ଭଗବନ୍ ପୃଚ୍ଛତୋ ମେଽନୁପୂର୍ବଶଃ ।
ତତ୍ତ୍ୱତୋଽର୍ହସ୍ୟୁଦାହର୍ତ୍ତୁଂ ପ୍ରପନ୍ନାୟ ମହାମୁନେ । ୨୩ ।
ଅତ୍ର ପ୍ରମାଣଂ ହି ଭବାନ୍ ପରମେଷ୍ଠୀ ଯଥାତ୍ମଭୂଃ ।
ଅପରେ ଚାନୁତିଷ୍ଠନ୍ତି ପୂର୍ବେଷାଂ ପୂର୍ବଜୈଃ କୃତମ୍ । ୨୪
ନ ମେଽସବଃ ପରାୟନ୍ତି ବ୍ରହ୍ମନ୍ନନଶନାଦମୀ ।
ପିବତୋଽଚ୍ୟୁତପୀୟୂଷଂ ତଦ୍‌ବାକ୍ୟାବ୍ଧିବିନିଃସୃତମ୍ । ୨୫ ।

ଶ୍ରୀସୂତ ଉବାଚ

ସ ଉପାମନ୍ତ୍ରିତୋ ରାଜ୍ଞା କଥାୟାମିତି ସତ୍ପତେଃ ।
ବ୍ରହ୍ମରାତୋ ଭୃଶଂ ପ୍ରୀତୋ ବିଷ୍ଣୁରାତେନ ସଂସଦି । ୨୬ ।

ହେ ମହାମୁନେ ! ଯେଉଁ ପ୍ରଶ୍ନମାନ କଲି ସେ ବିଷୟ ବା ଅନ୍ୟ ଯେଉଁ ଜ୍ଞାତବ୍ୟ ବିଷୟ ପ୍ରଶ୍ନ କରି ନାହିଁ, ତାହା ମୋତେ ଆନୁପୂର୍ବିକ ଯଥାଯଥ ଭାବରେ କହନ୍ତୁ—ମୁଁ ଆପଣଙ୍କର ଶରଣାଗତ ହୋଇ ଅଛି । ୨୩ ।

ଆତ୍ମଯୋନି ବ୍ରହ୍ମାଙ୍କ ତୁଲ୍ୟ ଆପଣ ସର୍ବଜ୍ଞ, ଆପଣଙ୍କ ଭିନ୍ନ ଅନ୍ୟ ମୁନିମାନେ ଗତାନୁଗତିକ ଅର୍ଥାତ୍ ଲୋକ ଦୃଷ୍ଟାନ୍ତର ଅନୁବର୍ତ୍ତୀ; ସେମାନଙ୍କର ପୂର୍ବବର୍ତ୍ତୀ ମୁନିମାନେ ଯାହା କହି ଯାଇଛନ୍ତି, ତାହା ଅନୁଷ୍ଠାନ କରିଛନ୍ତି । ୨୪ ।

ହେ ବ୍ରହ୍ମନ୍ ! ଉପବାସ ଓ ବ୍ରହ୍ମଶାପ ପ୍ରଯୁକ୍ତ ଭୟହେତୁ ମୋର ଚିତ୍ତ ବ୍ୟାକୁଳ ହେବାର ସମ୍ଭାବନା ନାହିଁ, କାରଣ ମୁଁ ଆପଣଙ୍କ ବାକ୍ୟ-ସାଗରରୁ ନିଃସୃତ ଶ୍ରୀହରିକୀର୍ତ୍ତିସୁଧା ପାନ କରୁଅଛି । ୨୫ ।

ଶ୍ରୀ ସୂତ କହିଲେ :—

ହେ ଋଷିଗଣ ! ଯୋଗୀଶ୍ରେଷ୍ଠ ଶ୍ରୀ ଶୁକଦେବ, ସଭାସ୍ଥଳରେ ଭକ୍ତ ଚୂଡ଼ାମଣି ପରୀକ୍ଷିତଙ୍କ କର୍ତ୍ତୃକ ଶ୍ରୀକୃଷ୍ଣଙ୍କ ଯଶବର୍ଣ୍ଣନା କରିବା ନିମନ୍ତେ ଆମନ୍ତ୍ରିତ ହୋଇ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥିଲେ । ୨୬ ।

ସେ ଆତ୍ମତନ୍ତ୍ର ଭବଗ୍ରାହୀ
ଆତ୍ମମାୟାରେ ସେ କ୍ରୀଡ଼ଇ
ସେ ମାୟା ବିସର୍ଜି ଯେମନ୍ତେ
ପ୍ରଳୟେ ରହେ ସାକ୍ଷିମତେ ।୨୨।
ହେ ମୁନି ! ପଚାରିଲି ଯେତେ
ସଂକ୍ଷେପେ କହିବାକୁ ମୋତେ ।୨୩।
ତୁ ଯେ ବ୍ରହ୍ମାର ସମ ମୁନି
ଏ ବିଶ୍ୱ ସଂସାର ପ୍ରମାଣି

ପୂର୍ବ ପୁରୁଷେ ଯାହା କରନ୍ତି
ଅପରେ ତା ମାତ୍ର ଜାଣନ୍ତି ।୨୪।
ଆହାର ତ୍ୟାଗେ ମୋର ପ୍ରାଣ
କେବେହେଁ ନୋହିବ ମଳିନ
ତୁମ୍ଭ ବଦନୁ ହରି ରସ
ପିବନ୍ତେ ମନ ହେବ ତୋଷ ।୨୫।

ଶ୍ରୀ ସୂତ ଉବାଚ—

ଏମନ୍ତେ ପରୀକ୍ଷିତ ବାଣୀ
ଆନନ୍ଦେ ଶୁକମୁନି ଶୁଣି
ମୁନିଜନଙ୍କ ସଭାମଧ୍ୟେ
ଯେ ଅବା କହିଲେ ଆନନ୍ଦେ
ସେ ଭାଗବତ ହରିଗୁଣ
ବ୍ରହ୍ମସମ୍ମତ ଯେ ପୁରାଣ

Digitized by srujanika@gmail.com

ପ୍ରାହ ଭାଗବତଂ ନାମ ପୁରାଣଂ ବ୍ରହ୍ମସମ୍ମିତମ୍ ।
ବ୍ରହ୍ମଣେ ଭଗବତ୍ପ୍ରୋକ୍ତଂ ବ୍ରହ୍ମକଳ୍ପ ଉପାଗତେ । ୨୭ ।
ଯଦ୍ୟତ୍ପରୀକ୍ଷିଦୃଷଭଃ ପାଣ୍ଡୂନାମନୁପୃଚ୍ଛତି ।
ଆନୁପୂର୍ବ୍ୟେଣ ତତ୍ସର୍ବମାଖ୍ୟାତୁମୁପଚକ୍ରମେ । ୨୮ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦ୍ୱିତୀୟସ୍କନ୍ଧେ
ପ୍ରଶ୍ନବିଧିର୍ନାମାଷ୍ଟମୋଽଧ୍ୟାୟଃ । ୮ ।

ବ୍ରହ୍ମକଳ୍ପ ବା ସୃଷ୍ଟିର ଆଦ୍ୟରେ ଭଗବାନ୍ ବ୍ରହ୍ମାଙ୍କୁ ବେଦତୁଲ୍ୟ ପୁରାଣ କହିଥିଲେ । ସେହି ଭାଗବତ ପୁରାଣ କହିବାକୁ ଆରମ୍ଭ କଲେ । ୨୭ ।

ପାଣ୍ଡୁବଂଶାବତଂଶ ରାଜା ପରୀକ୍ଷିତ ଯେଉଁ ପ୍ରଶ୍ନମାନ କରିଥିଲେ ପ୍ରସ୍ତାବ କ୍ରମେ କ୍ରମଶଃ ସେ ସମସ୍ତର ଉତ୍ତର ଦେବାକୁ ପ୍ରବୃତ୍ତ ହେଲେ । ୨୮ ।

ଯେ କଥା ବ୍ରହ୍ମାର ଅଗ୍ରତେ
ସେ ବ୍ରହ୍ମକଳ୍ପ ଉପଗତେ
ଏକାନ୍ତେ କହିଲେ ମୁରାରି
ବିଶ୍ୱସଂସାରେ ଦୟା କରି
ପାଣ୍ଡବଶ୍ରେଷ୍ଠ ପରୀକ୍ଷିତ
ଯେ ପ୍ରଶ୍ନ କଲେକ ଉକତ

ସେ କଥା ଆଦି ମଧ୍ୟ ଅନ୍ତେ
କହିବାରୁମ୍ଭିଲେ ଅଗ୍ରତେ ।୨୭-୨୮।
ବୋଲଇ ଦାସ ଜଗନ୍ନାଥ
ଦ୍ୱିତୀୟ ସ୍କନ୍ଧେ ଭାଗବତ
ଅମୃତ ରସମୟ ଗୀତେ
ସୁଜନ ଜନଙ୍କର ହିତେ

ପ୍ରାକୃତବନ୍ଧେ ଗୀତବାଣୀ
ଶୁଣି ସଂସାରୁ ତର ପ୍ରାଣୀ ।

—ଃ※ଃ—

Digitized by srujanika@gmail.com

ବିଶଦାର୍ଥ :—

ସପ୍ତମ ଅଧ୍ୟାୟରେ ବ୍ରହ୍ମାଙ୍କ ମୁଖରୁ ନାରଦ ଭଗବାନଙ୍କର ଅବତାରତତ୍ତ୍ୱ ଯେପରିଭାବରେ ଶ୍ରବଣ କରିଥିଲେ ଶ୍ରୀ ଶୁକଦେବ ରାଜା ପରୀକ୍ଷିତଙ୍କ ନିକଟରେ ତାହା ଯଥାଯଥଭାବରେ ବର୍ଣ୍ଣନା କଲାପରେ ମହାରାଜ ପରୀକ୍ଷିତ ତାହାଙ୍କୁ ଆହୁରି ଅନେକ ପ୍ରଶ୍ନ କରିଥିଲେ । ଜୀବର ଦେହ ସହିତ ସମ୍ବନ୍ଧ କଣ ? ଏହି ସମ୍ବନ୍ଧର କୌଣସି କାରଣ ଅଛି କିମ୍ବା ବିନା କାରଣରେ ଏହି ସମ୍ବନ୍ଧ ସ୍ଥାପିତ ହୋଇଅଛି, ସେହି ସମ୍ବନ୍ଧର କର୍ତ୍ତା କିଏ ? ଯଦି ଭଗବାନ୍ ଚହିଁର କର୍ତ୍ତା ହୁଅନ୍ତି, ତେବେ ଜୀବ ଦୁଃଖ ପାଏ କାହିଁକି ? ଯଦି କର୍ମବଶତଃ ଜୀବର ଦେହ ସମ୍ବନ୍ଧ ହୁଏ ତାହା ହେଲେ ସେହି କର୍ମର କର୍ତ୍ତା କିଏ ? ଜୀବ ସହିତ ଦେହର ଯୋଗ ସମ୍ବନ୍ଧେ ପ୍ରଶ୍ନ କଲାପରେ ଭଗବାନଙ୍କର ନାଭିକମଳରୁ ବ୍ରହ୍ମାଙ୍କର ଉତ୍ପତ୍ତି ପ୍ରସଙ୍ଗରେ ମହାରାଜ ପରୀକ୍ଷିତ ପଚାରିଥିଲେ ହସ୍ତ ପଦାଦି ସମନ୍ୱିତ ଦେହ ସମ୍ବନ୍ଧ ବ୍ରହ୍ମାଙ୍କର ହେଲା କିପରି ? ମାୟାଶକ୍ତି ନିୟନ୍ତା ସର୍ବଗୁଣାଶ୍ରୟ ଭଗବାନ୍ ମାୟା ସମ୍ବନ୍ଧ ଶୂନ୍ୟ ହୋଇ କି କି କର୍ମମାନ କରିଥିଲେ ? ତାହାଙ୍କର ଅଙ୍ଗ ପ୍ରତ୍ୟଙ୍ଗରୁ ପୃଥିବୀ ପାତାଳ ପ୍ରଭୃତି ଲୋକ କିପରି ସୃଷ୍ଟି ହୋଇଥିଲା ? ଏହି ସମସ୍ତ ପ୍ରଶ୍ନ ଆଲୋଚନା କଲେ ଜଣାଯାଏ ଯେ ଭଗବାନଙ୍କର ଶ୍ରୀମୂର୍ତ୍ତି, ଧାମ, ଲୀଳାଦି ଅପ୍ରାକୃତ ପରମତତ୍ତ୍ୱ, ଏହି ପ୍ରଶ୍ନର ସାର କଥା । ତଦନନ୍ତର ଭୂତ, ଭବିଷ୍ୟତ, ବର୍ତ୍ତମାନ ପ୍ରଭୃତି ତ୍ରିକାଳର ଗତି ଓ କର୍ମଫଳ ସମ୍ବନ୍ଧେ ପ୍ରଶ୍ନ କରିଥିଲେ, କର୍ମଫଳମାତ୍ରକେ କାଳର ଅଧୀନ ଅର୍ଥାତ୍ ଚିରସ୍ଥାୟୀ ନୁହେଁ, ଏହା ଜାଣିବା ମାତ୍ରକେ କର୍ମଫଳରେ ଅନାସ୍ଥା ଏବଂ ଭକ୍ତିମାର୍ଗରେ ନିଷ୍ଠାଭାବ ଆସେ । ପୃଥିବୀ, ପାତାଳ, ଗ୍ରହ, ନକ୍ଷତ୍ର ଇତ୍ୟାଦି ଭଗବାନଙ୍କର ମାୟା ବିଭୂତି ଏବଂ ସତ୍ୟ, ତ୍ରେତା, ଦ୍ୱାପର, କଳି ଇତ୍ୟାଦି ଯୁଗଧର୍ମ ସମ୍ବନ୍ଧେ ମଧ୍ୟ ମହାରାଜ ପରୀକ୍ଷିତ ପ୍ରଶ୍ନ କରିଥିଲେ, ତଦନନ୍ତର ସର୍ବ ଜୀବର ସାଧାରଣ ଓ ବିଶେଷ ଧର୍ମ ଓ ପ୍ରକୃତି ପ୍ରଭୃତି ଶାସ୍ତ୍ର କଥିତ ବିବିଧ ତତ୍ତ୍ୱ, ଯୋଗିମାନଙ୍କର ସିଦ୍ଧି ଲାଭ, ଦେହ ସମ୍ବନ୍ଧ ନାଶ, ବେଦ ଉପଦେଶ ପ୍ରଭୃତି ପ୍ରଶ୍ନ କରିଥିଲେ । ପରିଶେଷରେ ମହାରାଜ ପରୀକ୍ଷିତ କହିଲେ—ମୋର ବୁଦ୍ଧି କ୍ଷୁଦ୍ର, ସେହି ବୁଦ୍ଧି ବଳରେ ସମସ୍ତ ତତ୍ତ୍ୱ ଜାଣିବା ପାଇଁ ପ୍ରଶ୍ନ କରିବା ମୋ ପକ୍ଷରେ ସମ୍ଭବ ନୁହେଁ, ସୁତରାଂ ମୋ ପକ୍ଷରେ ଆପଣ ଯାହା ହିତପ୍ରଦ ମନେ କରନ୍ତି, ତାହା ମୋତେ କହନ୍ତୁ, ଏହାହିଁ ରାଜା ପରୀକ୍ଷିତଙ୍କର ଶ୍ରୀଶୁକଦେବଙ୍କ ପାଖରେ ନିବେଦନ ।

Digitized by srujanika@gmail.com

ନ ବ ମ ଅ ଧ୍ୟା ୟ ।

ରାଜପ୍ରଶ୍ନୋତ୍ତରଂ ବକ୍ଷ୍ୟନ୍ ବ୍ରହ୍ମଣେ ହରିଣୋଦିତମ୍ ।
କଥୟାମାସ ନବମେ ଶୁକୋ ଭାଗବତଂ ପୁନଃ । ୦ । (ଶ୍ରୀଧରସ୍ୱାମୀ)

ଶ୍ରୀ ଶୁକ ଉବାଚ ।

ଆତ୍ମମାୟାମୃତେ ରାଜନ୍ ପରସ୍ୟାନୁଭବାତ୍ମନଃ ।
ନ ଘଟେତାର୍ଥସମ୍ବନ୍ଧଃ ସ୍ୱପ୍ନଦ୍ରଷ୍ଟୁରିବାଞ୍ଜସା । ୧ ।
ବହୁରୂପ ଇବାଭାତି ମାୟୟା ବହୁରୂପୟା ।
ରମମାଣୋ ଗୁଣେଷସ୍ୟା ମମାହମିତି ମନ୍ୟତେ । ୨ ।
ଯର୍ହି ବାବ ମହିମ୍ନି ସ୍ୱେ ପରସ୍ମିନ୍ କାଲମାୟୟୋଃ ।
ରମେତ ଗତସମ୍ମୋହସ୍ତ୍ୟକ୍ତ୍ୱୋଦାସ୍ତେ ତଦୋଭୟମ୍ । ୩ ।

ଶୁକଦେବଙ୍କର ଉତ୍ତର ଓ ଭାଗବତ କଥନ ।

ରାଜା ପରୀକ୍ଷିତଙ୍କର 'ଦେହ ସମ୍ବନ୍ଧ ଶୂନ୍ୟ ଜୀବର ଦେହ ସମ୍ବନ୍ଧ କିପରି ହୁଏ' ଇତ୍ୟାଦି ବିଷୟ ଉତ୍ତରରେ କହିଲେ । ୦ ।

ଶ୍ରୀ ଶୁକ କହିଲେ :—

ହେ ରାଜନ୍ ! ଯେପରି ସ୍ୱପ୍ନରେ ଯେଉଁ ପୁରୁଷ ବା ଯେଉଁ ବସ୍ତୁ ଦେଖାଯାଏ, ମାତ୍ର ତାହା ସହିତ ଦେହ ସମ୍ବନ୍ଧ ଘଟେ ନାହିଁ, ସେହିପରି ଆତ୍ମାର ଜୀବ-ଦେହ ସମ୍ବ ଘଟେ ନାହିଁ, କେବଳ ଭଗବାନଙ୍କର ମାୟା ଦ୍ୱାରା ସେ ସମ୍ବନ୍ଧ ଘଟିପାରେ । ୧ ।

ଏହି ସଂସାର ମଧ୍ୟ ଭଗବାନଙ୍କର ମାୟା ଦ୍ୱାରା ଉତ୍ପନ୍ନ; ତାହାଙ୍କର ବହୁରୂପୀ ମାୟା ଦ୍ୱାରା ଜୀବ ବାଲ୍ୟ ଯୌବନାଦି ଦେହାନ୍ୱିତ ଶରୀର ଏବଂ ଦେବ ମାନବ ଇତ୍ୟାଦି ବହୁରୂପ ପରିଗ୍ରହ କରି ପ୍ରକାଶିତ ହୁଏ, ପରନ୍ତୁ ସେହି ମାୟାଗୁଣ ଆସକ୍ତ ହୋଇ ଜୀବ 'ମୋର' 'ମୁଁ' ଏହି ଅଭିମାନ କରେ । ୨ ।

କିନ୍ତୁ ଭଗବଦ୍‌ବ୍ୟକ୍ତି ଯୋଗଦ୍ୱାରା ଏହି ମାୟା ନିବାରଣ କରି ପାରିଲେ ପୁନର୍ବାର ମୋକ୍ଷ ଲାଭ ହୁଏ, ଅର୍ଥାତ୍ ଜୀବ ଯେତେବେଳେ ଭଗବଦ୍‌ବ୍ୟକ୍ତି (ବା ପ୍ରକାଶ) ଦ୍ୱାରା ପ୍ରକୃତି ଓ ପୁରୁଷର ଶ୍ରେଷ୍ଠ ସ୍ୱରୂପ ସ୍ୱୀୟ ମହିମାରେ କ୍ରୀଡ଼ା କରେ, ସେତେବେଳେ ମୋହ ଶୂନ୍ୟ ହୋଇ 'ମୋର' 'ମୁଁ' ଇତ୍ୟାଦି ଦ୍ୱୈତବୁଦ୍ଧି ପରିତ୍ୟାଗପୂର୍ବକ ପୁନର୍ବାର ପରିପୂର୍ଣ୍ଣ ସ୍ୱରୂପରେ ଅବସ୍ଥାନ କରେ । ୩ ।

ପୂର୍ବେ ଯା ଶ୍ରୀହରି ଉକତି, ବ୍ରହ୍ମା ସମୀପେ ଭାଗବତ । ରାଜାର ପ୍ରଶ୍ନେ ଶୁକମୁନି, ନବମେ ସେହିତା ବଖାଣି,

ଶ୍ରୀ ଶୁକ ଉବାଚ—

ଶୁକ କହନ୍ତି ରାଜା ଆଗେ
ତାର ପ୍ରଶ୍ନେ ଅନୁରାଗେ
ଶୁଣ ନୃପତି ପୁଣ୍ୟଦେହା
ତୁ ମୋତେ ପଚାରିଲୁ ଯାହା
ବିଷ୍ଣୁର କ୍ରୀଡ଼ା ମାୟାଗୁଣ
ସୃଷ୍ଟି ପାଳନ ସଂହାରଣ

ଆତ୍ମମାୟାରେ ସୃଷ୍ଟି କରେ
ସେ ମାୟା କେବା କଳିପାରେ
କରଇ ସକଳ ସମ୍ଭବ
ସ୍ୱପ୍ନେ ଯେସନେ ଅନୁଭବ
ଏହା ଈଶ୍ୱର ମାୟା ବିନେ
ନ ଘଟେ ତତ୍ତ୍ୱ ଅନୁମାନେ । ୧ ।
ଯେବେ ସେ ମାୟାରେ ମିଶଇ
ଏକୁ ଅନେକ ପ୍ରକାଶଇ

ସ୍ୱଭାବେ ଆତ୍ମା ଏକରୂପୀ
ଆତ୍ମସେ ଯେହ୍ନେ ବହୁରୂପୀ
ସେ ଯେବେ ଥାଇ ତନ୍ନିଗୁଣେ
"ମୁହିଁ, ମୋହର" ଏ ପ୍ରମାଣେ ।୨।
ଯେବେ ସେ ଭକ୍ତିଯୋଗ କରେ
ତେବେ ମମତା ପରିହରେ
ସତ୍ୟ ପ୍ରକାଶେ ତହୁଁ ଦେହେ
ନିଶ୍ଚିନ୍ତେ ଆତ୍ମାରୂପେ ରହେ

Digitized by srujanika@gmail.com

ଆତ୍ମତତ୍ତ୍ୱବିଶୁଦ୍ଧ୍ୟର୍ଥଂ ଯଦାହ ଭଗବାନୃତମ୍ ।
ବ୍ରହ୍ମଣେ ଦର୍ଶୟନ୍ ରୂପମବ୍ୟଲୀକବ୍ରତାଦୃତଃ । ୪ ।
ସ ଆଦିଦେବୋ ଜଗତାଂ ପରୋ ଗୁରୁଃ ସ୍ୱଧିଷ୍ଣ୍ୟମାସ୍ଥାୟ ସିସୃକ୍ଷୟୈକ୍ଷତ ।
ତାଂ ନାଧ୍ୟଗଚ୍ଛଦ୍ଦୃଶମତ୍ର ସମ୍ମତାଂ ପ୍ରପଞ୍ଚନିର୍ମାଣବିଧିର୍ଯୟା ଭବେତ୍ । ୫ ।
ସ ଚିନ୍ତୟନ୍ ଦ୍ୱ୍ୟକ୍ଷରମେକଦାମ୍ଭସ୍ୟୁପାଶୃଣୋଦ୍ ଦ୍ୱିର୍ଗଦିତଂ ବଚୋ ବିଭୁଃ ।
ସ୍ପର୍ଶେଷୁ ଯତ୍ ଷୋଡ଼ଶମେକବିଂଶଂ ନିଷ୍କିଞ୍ଚନାନାଂ ନୃପ ଯଦ୍ଧନଂ ବିଦୁଃ । ୬ ।

ଭଗବାନ୍ ଅକପଟ ତପସ୍ୟା ଦ୍ୱାରା ସେବିତ ହୋଇ ବ୍ରହ୍ମାଙ୍କୁ ଆପଣାର ନିତ୍ୟ ସତ୍ୟ ଚିନ୍ମୟ ମୂର୍ତ୍ତି ପ୍ରଦର୍ଶନ କରିଥିଲେ । ତତ୍ତ୍ୱଜ୍ଞାନାର୍ଥ ଜୀବଗଣଙ୍କ ପକ୍ଷରେ ସେହି ତପସ୍ୟା ଓ ଉପାସନାର ବୃତ୍ତାନ୍ତ ଅବଗତ ହେବା ଆବଶ୍ୟକ । ୪ ।

ଜଗତ ସମୂହର ପରମଗୁରୁ ସେହି ଆଦିଦେବ ବ୍ରହ୍ମା ସୃଷ୍ଟି କରିବା ଇଚ୍ଛାରେ ସ୍ୱୀୟ ଅଧିଷ୍ଠାନସ୍ଥଳ ପଦ୍ମରେ ଉପବେଶନ କରି ସୃଷ୍ଟି କରିବାକୁ ଚିନ୍ତା କଲେ, ମାତ୍ର ବହୁକାଳ ଚିନ୍ତା କରି ମଧ୍ୟ ଏହି ଜଗତ ନିର୍ମାଣ ସମ୍ବନ୍ଧେ ଅବ୍ୟଭିଚାରିଣୀ ପ୍ରଜ୍ଞାଲାଭ କରିପାରିଲେ ନାହିଁ । ୫ ।

ଅନନ୍ତର ଚିନ୍ତା କରୁ କରୁ ବାରିମଧ୍ୟରୁ ଦୁଇ ଅକ୍ଷର ରଚିତ ଗୋଟିଏ ଶବ୍ଦ ତାଙ୍କ ନିକଟରେ ଉଚ୍ଚାରିତ ହେଲା, ଏହି ଦୁଇବର୍ଣ୍ଣ ମଧ୍ୟରୁ ସ୍ପର୍ଶବର୍ଣ୍ଣର ଷୋଡ଼ଶ ଅକ୍ଷର, ଅର୍ଥାତ୍ 'ତ' ଓ ଦ୍ୱିତୀୟଟି ଏକବିଂଶ ଅକ୍ଷର ଅର୍ଥାତ୍ 'ପ' । ହେ ରାଜନ୍ ! ଏହି ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦ 'ତପ' କୁ ପଣ୍ଡିତମାନେ ନିର୍ଧନର ଅର୍ଥାତ୍ ସାଂସାରିକ ସମ୍ପତ୍ତିଶୂନ୍ୟ ତପସ୍ୱୀମାନଙ୍କର ଧନ ବୋଲି ନିର୍ଦ୍ଦେଶ କରିଥାନ୍ତି । ୬ ।

ନାହିଁ ମାୟାର ପରେ ରହି
ସର୍ବ ଆପଣା ଭେଦ ନାହିଁ । ୩ ।
ଆତ୍ମାର ତତ୍ତ୍ୱଶୁଦ୍ଧି ଅର୍ଥେ
କହିଲେ ବ୍ରହ୍ମାର ଅଗ୍ରତେ
ସେ ଯେଣୁ ଘୋର ତପ କରି
ଅନେକ କଷ୍ଟେ ପ୍ରାଣ ଧରି
ତପେ ତୋଷିଲା ଭଗବାନ
ତେଣୁ ପାଇଲା ଦରଶନ
ନିର୍ମଳ ନିଷ୍କପଟ ଚିତ୍ତେ
ଯେଣୁ ଚିନ୍ତିଲା ହୃଦଗତେ । ୪ ।

ଶୁଣ କହିବା ତୋ ଅଗ୍ରତେ
ବ୍ରହ୍ମାଙ୍କୁ ଦିଶିଲା ଯେମନ୍ତେ
ସେ ଦେବଦେବ ପରଗୁରୁ
ଭକତବାଞ୍ଛା କଳ୍ପତରୁ
ନିଜ ଭୁବନେ ସୁଖେ ଥିଲା
ଖେଳିବି ବୋଲି ଇଚ୍ଛା କଲା
ନାଭିରୁ ପଦ୍ମ କଲା ଜାତ
ତହିଁ ଜନ୍ମିଲା ଚତୁର୍ମୀଥ
ସେ ପୁଣି ଚିନ୍ତାଭିତରେ ରହି
ପର ଅପର ନ ଜାଣଇ

ସୃଷ୍ଟି ବିଷୟ କି ପ୍ରକାର
ମନେ ଚିନ୍ତଇ ବେଦବର ।୫।
ଚିନ୍ତା କରନ୍ତେ ଭାବେ ମନେ
ଶବଦ ଶୁଭିଲା ଗଗନେ
ଜଳକମଳ ମଧ୍ୟେ ଥିଲା
ବେନି ଅକ୍ଷର ସେ ଶୁଣିଲା
କକାର ଆଦି ଯେ ଷୋଡ଼ଶେ
ପଅଁ ମିଶ୍ରିତ ଏକବିଂଶେ
ଶବଦେ "ତପ" ଉଚ୍ଚାରଣ
ନିଷ୍କିଞ୍ଚନଙ୍କ ନିଜଧନ । ୬

Digitized by srujanika@gmail.com

ନିଶମ୍ୟ ତଦ୍ବକ୍ତୃଦିଦୃକ୍ଷୟା ଦିଶୋ ବିଲୋକ୍ୟ ତତ୍ରାନ୍ୟଦପଶ୍ୟମାନଃ ।
ସ୍ୱଧିଷ୍ଣ୍ୟମାସ୍ଥାୟ ବିମୃଶ୍ୟ ତଦ୍ଧିତଂ ତପସ୍ୟୁପାଦିଷ୍ଟ ଇବାଦଧେ ମନଃ । ୭ ।
ଦିବ୍ୟଂ ସହସ୍ରାବ୍ଦମମୋଘଦର୍ଶନୋ ଜିତାନିଲାତ୍ମା ବିଜିତୋଭୟେନ୍ଦ୍ରିୟଃ ।
ଅତପ୍ୟତ ସ୍ମାଖିଲଲୋକତାପନଂ ତପସ୍ତପୀୟାଂସ୍ତପତାଂ ସମାହିତଃ । ୮ ।
ତସ୍ମୈ ସ୍ୱଲୋକଂ ଭଗବାନ୍ ସଭାଜିତଃ ସଂଦର୍ଶୟାମାସ ପରଂ ନ ଯତ୍ପରମ୍ ।
ବ୍ୟପେତସଂକ୍ଲେଶବିମୋହସାଧ୍ୱସଂ ସ୍ୱଦୃଷ୍ଟବଦ୍ଭିଃ ପୁରୁଷୈରଭିଷ୍ଟୁତମ୍ । ୯ ।

ଏହି ଶବ୍ଦ ଶ୍ରବଣାନନ୍ତର ବ୍ରହ୍ମା ବର୍ଣ୍ଣିତ ଭାବରେ ଚାରିଆଡ଼କୁ ଅନାଇଲେ, ମାତ୍ର ଶବ୍ଦଟି କେଉଁଠାରୁ ଆସିଲା, କିଏ କହିଲା, ତାହା ସ୍ଥିର କରି ପାରିଲେ ନାହିଁ, ତହୁଁ ପଦ୍ମାସନରେ ଉପବିଷ୍ଟ ହେଲେ, ଯେପରି କୌଣସି ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ତପସ୍ୟାକୁ ହିତକର ମନେକରି ତହିଁରେ ମନୋନିବେଶ କରେ ସେହିପରି ମନୋ ନିବେଶ କଲେ । ୭ ।

'ତପ' ଏହି ଶବ୍ଦର ଅର୍ଥ ଉପଲବ୍ଧି କରି ସେହି ଅମୋଘ ଦର୍ଶନ, ତପସ୍ୱୀ ଶ୍ରେଷ୍ଠ ବ୍ରହ୍ମା ଶ୍ୱାସ, ଜ୍ଞାନ ଓ କର୍ମେନ୍ଦ୍ରିୟ ଓ ମନଃସଂଯମନ କରି ତପସ୍ୱୀମାନଙ୍କୁ ନିରୋଧ କରି ସମାଧିଯୁକ୍ତ ହୋଇ ଅଖିଳ ଲୋକ ପ୍ରକାଶକ ତପସ୍ୟାରେ ସହସ୍ରବର୍ଷ ପର୍ଯ୍ୟନ୍ତ ନିରତ ହେଲେ । ୮ ।

ଭଗବାନ୍ ଶ୍ରୀହରି ବ୍ରହ୍ମାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାହାଙ୍କୁ ନିଜର ଶ୍ରେଷ୍ଠ ବୈକୁଣ୍ଠଧାମ ଦେଖାଇ ଥିଲେ । ସେଠାରେ ପଞ୍ଚବିଧ କ୍ଲେଶ (ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ) ବା ମୋହ ବା ଭୟର ଲେଶମାତ୍ର ନାହିଁ, ଆତ୍ମଦର୍ଶୀ ପଣ୍ଡିତମାନେ ଏହି ସ୍ଥାନର ବହୁଳ ପ୍ରଶଂସା କରନ୍ତି, ଏହା ଅପେକ୍ଷା ଉତ୍କୃଷ୍ଟସ୍ଥାନ ଆଉ ନାହିଁ । ୯ ।

ସେ ବାଣୀ ଶୁଣି ବ୍ରହ୍ମା କର୍ଣ୍ଣେ
ନିରେଖି ଚାହିଁଲ ଗଗନେ
ଦିଗ ସହିତେ ଅନାଇଲ
କାହିଁ ସେ କିଛି ନ ଦେଖିଲ ।
ସେ ପୁଣି ରହି ନିଜସ୍ଥାନେ
ଆତ୍ମାର ହିତ ଚିନ୍ତି ମନେ
ଜାଣିଲ ଏ ପରମ ତତ୍ତ୍ୱ
ତପସାଧନେ କଲ ଚିତ୍ତ । ୭ ।
ଏ ତମାର ହିତ ବୋଲି ଜାଣି
ନିଷ୍କପଟରେ କୁଶପାଣି
ଅମୋଘଦୃଷ୍ଟି ସେ ବିଧାତା
ତପେ ବଢ଼ିଲ ତାର ଚିନ୍ତା
ଦେବବରଷେ ଦଶଶତ
ତପେ ବସିଲ ଦୃଢ଼ଚିତ୍ତ
ମନ ପବନ କଲ ବନ୍ଧ
ଦଶ ଇନ୍ଦ୍ରିୟଗଣ ରୁନ୍ଧି
ତପସ୍ୟା କଲ ଅତିରେକ
ଯହିଁ ପ୍ରକାଶ ସର୍ବଲୋକ । ୮ ।
ତପ ପ୍ରସାଦେ ନରହରି
ମିଳିଲେ ନିଜରୂପ ଧରି
ସ୍ୱଲୋକ ସ୍ୱଗଣ ସହିତେ
ଦିଶିଲେ ବ୍ରହ୍ମାର ଅଗ୍ରତେ
ଯା ପରେ ନ ଜାଣନ୍ତି କେହି
ମାୟାସଂସାରେ ଦେହି ବହି
ବିଷ୍ଣୁ ପ୍ରସନ୍ନେ ପ୍ରଜାପତି
ଚାହିଁଲ ମନୁଁ ଦୁଃଖ ଭ୍ରାନ୍ତି
ଶୂନ୍ୟେ ବିଜୟେ ନରହରି
ଅଶେଷ ଦେବେ ସ୍ତୁତି କରି ।୯।

Digitized by srujanika@gmail.com

ପ୍ରବର୍ତ୍ତତେ ଯତ୍ର ରଜସ୍ତମସ୍ତୟୋଃ ସତ୍ତ୍ୱଂ ଚ ମିଶ୍ରଂ ନ ଚ କାଲବିକ୍ରମଃ ।
ନ ଯତ୍ର ମାୟା କିମୁତାପରେ ହରେରନୁବ୍ରତା ଯତ୍ର ସୁରାସୁରାର୍ଚ୍ଚିତାଃ । ୧୦ ।
ଶ୍ୟାମାବଦାତାଃ ଶତପତ୍ରଲୋଚନାଃ ପିଶଙ୍ଗବସ୍ତ୍ରାଃ ସୁରୁଚଃ ସୁପେଶସଃ ।
ସର୍ବେ ଚତୁର୍ବାହବ ଉନ୍ମିଷନ୍ମଣିପ୍ରବେକନିଷ୍କାଭରଣାଃ ସୁବର୍ଚ୍ଚସଃ
ପ୍ରବାଲବୈଦୂର୍ଯ୍ୟମୃଣାଲବର୍ଚ୍ଚସଃ ପରିସ୍ଫୁରତ୍କୁଣ୍ଡଳମୌଳିମାଳିନଃ । ୧୧ ।
ଭ୍ରାଜିଷ୍ଣୁଭିର୍ଯଃ ପରିତୋ ବିରାଜତେ ଲସଦ୍ବିମାନାବଳିଭିର୍ମହାତ୍ମନାମ୍ ।
ବିଦ୍ୟୋତମାନଃ ପ୍ରମଦୋତ୍ତମାଦ୍ୟୁଭିଃ ସବିଦ୍ୟୁଦଭ୍ରାବଳିଭିର୍ଯଥା ନଭଃ । ୧୨ ।

ସେ ଧାମରେ ରଜ ଓ ତମୋଗୁଣ ସହିତ ସତ୍ତ୍ୱ ମିଶ୍ରିତ ହୁଏ ନାହିଁ, ସାମାନ୍ୟ ଶୋକ ମୋହାଦି ଦୂରର କଥା, ସେଠାରେ କାଳକୃତ ବିନାଶ ମଧ୍ୟ ଘଟେ ନାହିଁ । ମାୟା ମଧ୍ୟ ସେଠାରେ ପ୍ରବେଶ କରି ପାରେ ନାହିଁ, ସେଠାରେ ଥିବା ଭଗବଦ୍‌ପାରିଷଦଗଣଙ୍କୁ ସୁର ଓ ଅସୁରଗଣ ସର୍ବଦା ଅର୍ଚ୍ଚନା କରନ୍ତି ।୧୦

ଏହି ବୈକୁଣ୍ଠଧାମରେ ଯେଉଁମାନେ ବାସ କରନ୍ତି ସେମାନଙ୍କର ରୂପଶ୍ରୀ କିପରି ? ସେମାନେ ଶ୍ୟାମବର୍ଣ୍ଣ ଓ ଉଜ୍ଜ୍ୱଳ, ପଦ୍ମପଲାଶଲୋଚନ, ଚକ୍ଷୁ ପୀତାମ୍ବର ସେମାନଙ୍କର ପରିଧେୟ ବସ୍ତ୍ର, ସେମାନଙ୍କ ଆକାର ଅତି କମନୀୟ ଓ ସୁକୁମାର, ସମସ୍ତେ ଚତୁର୍ଭୁଜ, ସେମାନେ ଉତ୍ତମ ପ୍ରଭାଶାଳୀ, ମଣିମୟ ପଦକ ଆଦି ଦ୍ୱାରା ଅଳଂକୃତ, ସେମାନେ ଅତ୍ୟନ୍ତ ତେଜସ୍ୱୀ, ସେମାନଙ୍କର ବର୍ଣ୍ଣ ପ୍ରବାଳ, ବୈଦୁର୍ଯ୍ୟ, ଓ ମୃଣାଳ ତୁଲ୍ୟ, ସେମାନେ କୁଣ୍ଡଳ ଓ ମୌଳିମାଳା ଧାରଣ କରି ଅଛନ୍ତି । ୧୧ ।

ଏହି ବୈକୁଣ୍ଠର ଚତୁର୍ଦ୍ଦିଗରେ ମହାତ୍ମାମାନଙ୍କର ବିମାନ ଶ୍ରେଣୀ ଦେଦୀପ୍ୟମାନ, ଦିବ୍ୟାଙ୍ଗନାଗଣ ରୂପଲାବଣ୍ୟ ଦ୍ୱାରା ଶୋଭା ବର୍ଦ୍ଧନ କରୁଅଛନ୍ତି, ଫଳତଃ ନୀଳମେଘରେ ବିଜୁଳି ତୁଲ୍ୟ ଏ ସ୍ଥାନ ଶୋଭା ପାଉଅଛି । ୧୨ ।

ଯହିଁ ନ ପଶେ ରଜ ତମ
ନ ପଶେ ସତ୍ତ୍ୱ ଯେ ମିଶ୍ରଣେ
ଯେ ଅବା କାଳର ବିକ୍ରମ
ସେ ବା ହୋଇବ କାହିଁ କ୍ଷମ
ମାୟା ନ ପାରେ ପଶି ଯହିଁ
ରାଗ ଦ୍ୱେଷାଦି ଭେଦ କାହିଁ
ବିମାନମଧ୍ୟେ ନାରାୟଣ
ବେଷ୍ଟିତ ପାରିଷଦଗଣ । ୧୦ ।

ସର୍ବେ ଦିଶନ୍ତି ବିଷ୍ଣୁ ତେଜ
ସ୍ୱଭାବେ ଚାରି ଚାରି ଭୁଜ
ଶ୍ୟାମସୁନ୍ଦର ତନୁବର୍ଣ୍ଣ
ଅରୁଣ ପଙ୍କଜଲୋଚନ
ପୀତବସନ ପରିଧାନ
ସୁରୁଚି ସୁନ୍ଦର ବଦନ
ମଣିପଦକ କଣ୍ଠଦେଶେ
କାମଗଞ୍ଜନ ନିଜବେଶେ

ପ୍ରବାଳ ବୈଦୁର୍ଯ୍ୟ କାନ୍ତି
ମୃଣାଳପ୍ରାୟ ଝଟକନ୍ତି
କିରୀଟ ଖଞ୍ଜିତ କପୋଳ
ଶ୍ରବଣେ ମକର କୁଣ୍ଡଳ । ୧୧ ।
ତେଜେ ବିରାଜେ ନଭସ୍ଥଳୀ
ବିମାନସରେ ସର୍ବେ ମିଳି
ଦିବ୍ୟ କାମିନୀଗଣ ସଙ୍ଗେ
ବିଜୁଳି ଯେହ୍ନେ କଳାମେଘେ ।୧୨।

Digitized by srujanika@gmail.com

ଶ୍ରୀର୍ଯତ୍ର ରୂପିଣ୍ୟୁରୁଗାୟପାଦୟୋଃ କରୋତି ମାନଂ ବହୁଧା ବିଭୂତିଭିଃ ।
ପ୍ରେଙ୍ଖାଶ୍ରିତା ଯା କୁସୁମାକରାନୁଗୈର୍ବିଗୀୟମାନା ପ୍ରିୟକର୍ମ ଗାୟତୀ । ୧୩ ।
ଦଦର୍ଶ ତତ୍ରାଖିଳସାତ୍ୱତାଂ ପତିଂ ଶ୍ରିୟଃ ପତିଂ ଯଜ୍ଞପତିଂ ଜଗତ୍ପତିମ୍ ।
ସୁନନ୍ଦନନ୍ଦପ୍ରବଳାର୍ହଣାଦିଭିଃ ସ୍ୱପାର୍ଷଦାଗ୍ର୍ୟୈଃ ପରିଷେବିତଂ ବିଭୁମ୍ । ୧୪ ।
ଭୃତ୍ୟପ୍ରସାଦାଭିମୁଖଂ ଦୃଗାସବଂ ପ୍ରସନ୍ନହାସାରୁଣଲୋଚନାନନମ୍ ।
କିରୀଟିନଂ କୁଣ୍ଡଳିନଂ ଚତୁର୍ଭୁଜଂ ପୀତାଂଶୁକଂ ବକ୍ଷସି ଲକ୍ଷିତଂ ଶ୍ରିୟା । ୧୫ ।
ଅଧ୍ୟର୍ହଣୀୟାସନମାସ୍ଥିତଂ ପରଂ ବୃତଂ ଚତୁଃଷୋଡ଼ଶପଞ୍ଚଶକ୍ତିଭିଃ ।
ଯୁକ୍ତଂ ଭଗୈଃ ସ୍ୱୈରିତରତ୍ର ଚାଧ୍ରୁବୈଃ ସ୍ୱ ଏବ ଧାମନ୍ ରମମାଣମୀଶ୍ୱରମ୍ । ୧୬

ଏହି ସ୍ଥାନରେ ସମ୍ପତ୍ତି ରୂପିଣୀ ଲକ୍ଷ୍ମୀ ମୂର୍ତ୍ତିମତୀ ହୋଇ ବିବିଧ ବିଭୂତି ଦ୍ୱାରା ବିଷ୍ଣୁ ତ୍ରିବିକ୍ରମ ଭଗବାନଙ୍କର ଚରଣସେବା କରୁଅଛନ୍ତି, ବସନ୍ତାନୁଚର ଭ୍ରମରଗଣ ଲକ୍ଷ୍ମୀଦେବୀଙ୍କୁ ନାନାପ୍ରକାରେ ସ୍ତୁତି କରୁ ଅଛନ୍ତି, ମାତ୍ର ଲକ୍ଷ୍ମୀଦେବୀ ନିଜର ପ୍ରିୟତମଙ୍କ ଗୁଣଗାନରୁ ମୁହୂର୍ତ୍ତକ ପାଇଁ ହେଲେ ବିରତ ନୁହନ୍ତି । ୧୩ ।

ବ୍ରହ୍ମା ସେହି ବୈକୁଣ୍ଠଧାମରେ ଭକ୍ତପତି, ଲକ୍ଷ୍ମୀପତି, ଜଗତ୍‌ପତି, ଯଜ୍ଞପତିଙ୍କୁ ଦର୍ଶନ କରିଥିଲେ । ସେଠାରେ ତାଙ୍କର ଚତୁର୍ଦ୍ଦିଗରେ ସୁନନ୍ଦ, ନନ୍ଦ, ପ୍ରବଳ, ଅର୍ହଣ, ପ୍ରଭୃତି ଶ୍ରେଷ୍ଠ ପାର୍ଷଦଗଣ ଚତୁର୍ଦ୍ଦିଗରେ ବସିଥିବାର ମଧ୍ୟ ଦେଖିଲେ । ୧୪ ।

ସେ ଭୃତ୍ୟଗଣଙ୍କୁ ପ୍ରସାଦ ଦାନ କରିବାକୁ ଅଭିମୁଖୀନ ହୋଇ ରହିଅଛନ୍ତି, ଦର୍ଶକ ବୃନ୍ଦଙ୍କ ହୃଦୟରେ ପରମାନନ୍ଦ ଉତ୍ପାଦନ କରିବାଲାଗି ତାଙ୍କର ଦୃଷ୍ଟି ଯେପରି ଆସବରସରେ ପୂର୍ଣ୍ଣ ହୋଇ ରହିଅଛି । ତାହାଙ୍କ ବଦନମଣ୍ଡଳ ହାସ୍ୟ ପୂର୍ଣ୍ଣ, ଲୋଚନ ଅରୁଣବର୍ଣ୍ଣ, ମସ୍ତକରେ କିରୀଟ, କର୍ଣ୍ଣରେ କୁଣ୍ଡଳ, ପୀତବସନ ପରିହିତ ତାହାଙ୍କର ଚତୁର୍ଭୁଜ ଏବଂ ବକ୍ଷସ୍ଥଳ ଲକ୍ଷ୍ମୀଙ୍କ ଦ୍ୱାରା ଅଳଂକୃତ । ୧୫ ।

ସେ ଉତ୍ତମ ସିଂହାସନରେ ଅଧିଷ୍ଠିତ, ଏବଂ ପ୍ରକୃତି ଓ ପୁରୁଷ, ମହତତ୍ତ୍ୱ, ଅହଙ୍କାରତତ୍ତ୍ୱ ଏହି ଚତୁଃଶକ୍ତି, ଏକାଦଶଇନ୍ଦ୍ରିୟ, ପଞ୍ଚମହାଭୂତ—ଏହି ଷୋଡ଼ଶଶକ୍ତି ଏବଂ ପଞ୍ଚତନ୍ମାତ୍ରସ୍ୱରୂପା ପଞ୍ଚଶକ୍ତିଦ୍ୱାରା ପରିବୃତ ହୋଇ ଅଛନ୍ତି , ଏବଂ ନିଜର ସ୍ୱାଭାବିକ ଐଶ୍ୱର୍ଯ୍ୟ ଓ ଯୋଗୀମାନଙ୍କର ଇପ୍‌ସିତ ଐଶ୍ୱର୍ଯ୍ୟ ଭୂଷିତ ହୋଇ ଅଛନ୍ତି, ତଥାପି ସେ ନିଜ ସ୍ୱରୂପରେ କ୍ରୀଡ଼ା କରୁଛନ୍ତି, ସେହି ପରମେଶ୍ୱର । ୧୬ ।

ଅଷ୍ଟ ବିଭୂତି ସଙ୍ଗମେଳେ
କମଳା ଘଟେ ପାଦତଳେ
ଦିବ୍ୟ ଦୋଳିକାମଧ୍ୟେ ନାରୀ
ପୁଷ୍ପ ବରଷି ସ୍ତୁତି କରି
ହରିର ପ୍ରିୟ କର୍ମମାନ
ଭ୍ରମରେ କରନ୍ତି ଗାୟନ ।୧୩।
ଏମନ୍ତେ ବିଷ୍ଣୁ ନିଜସ୍ଥଳେ
ବ୍ରହ୍ମା ଦେଖିଲି ବେନିଡୋଳେ
ଯାହାର ନାମ ଶିରିପତି
ଭକତ ଜନଙ୍କର ପତି
ଜଗତପତି ଯଜ୍ଞପତି
ଯା ମାୟା କେହି ନ ଜାଣନ୍ତି
ସୁନନ୍ଦ ନନ୍ଦ ଆଦି ଯେତେ
ପୂଜା ଉଚିତ ବଳି ହସ୍ତେ
ପୂଜନ୍ତି ଯାଙ୍କର ସ୍ୱଭାବେ
ମିଳି ସଂଭ୍ରମେ ସର୍ବଦେବେ ।୧୪।
ଭୃତ୍ୟଙ୍କୁ ପ୍ରସନ୍ନ ବଦନ
ଅରୁଣ ଆନନ ଲୋଚନ
କିରୀଟ କୁଣ୍ଡଳ ବିରାଜେ
ପୀତ ବସନ କଟିମାଝେ
ଶ୍ରୀବତ୍ସଚିହ୍ନ ହୃଦେ ଶୋହେ
ରୂପେ ଅଶେଷ ଜନମୋହେ ।୧୫
ଅମୂଲ୍ୟ ସିଂହାସନେ ସ୍ଥିତ
ବେଷ୍ଟିତ ପଞ୍ଚବିଂଶ ଶକ୍ତି
ସ୍ୱଭାବେ ଅଇଶ୍ୱର୍ଯ୍ୟମୟ
ଇତର ଜନେ ଅନିଶ୍ଚୟ
ସ୍ୱଧାମେ ସ୍ୱରୂପେ ରମନ୍ତି
ଏଣୁ ଈଶ୍ୱର ସେ ବୋଲନ୍ତି ।୧୬।

Digitized by srujanika@gmail.com

ତଦ୍ଦର୍ଶନାହ୍ଲାଦପରିପ୍ଲୁତାନ୍ତରୋ ହୃଷ୍ୟତ୍ତନୁଃ ପ୍ରେମଭରାଶ୍ରୁଲୋଚନଃ ।
ନନାମ ପାଦାମ୍ବୁଜମସ୍ୟ ବିଶ୍ୱସୃଗ୍ ଯତ୍ ପାରମହଂସ୍ୟେନ ପଥାଧିଗମ୍ୟତେ ।୧୭।
ତଂ ପ୍ରୀୟମାଣଂ ସମୁପସ୍ଥିତଂ କବିଂ ପ୍ରଜାବିସର୍ଗେ ନିଜଶାସନାର୍ହଣମ୍ ।
ବଭାଷ ଈଷତ୍ ସ୍ମିତଶୋଚିଷା ଗିରା ପ୍ରିୟଃ ପ୍ରିୟଂ ପ୍ରୀତମନାଃ କରେ ସ୍ପୃଶନ୍ ।୧୮।

ଶ୍ରୀଭଗବାନୁବାଚ ।

ତ୍ୱୟାହଂ ତୋଷିତଃ ସମ୍ୟଗ୍‌ବେଦଗର୍ଭ ସିସୃକ୍ଷୟା ।
ଚିରଂ ଭୃତେନ ତପସା ଦୁସ୍ତୋଷଃ କୂଟଯୋଗିନାମ୍ । ୧୯ ।

ଭଗବାନଙ୍କୁ ଏହିପରି ଭାବରେ ଦର୍ଶନକରି ବ୍ରହ୍ମାଙ୍କର ଅନ୍ତଃକରଣ ଆନନ୍ଦରେ ପରିପ୍ଲୁତ ହୋଇ, ତାଙ୍କର ଶରୀରରେ ରୋମାଞ୍ଚ ହେଲା, ନୟନଯୁଗଳରୁ ପ୍ରେମାଶ୍ରୁ ବିଗଳିତ ହେଲା, ପାରମହଂସ୍ୟ ଦ୍ୱାରା ଲଭ୍ୟମାନ ସେହି ଚରଣଯୁଗଳରେ ସେ ଭକ୍ତିପୂର୍ବକ ନମସ୍କାର କଲେ । ୧୭ ।

ବ୍ରହ୍ମାଙ୍କୁ ଦେଖି ଭଗବାନ୍ ଭାବିଲେ, ମୋର ଆଦେଶ ଅନୁସାରେ ପ୍ରଜାସୃଷ୍ଟି କରିବାକୁ ଏ ଉପସ୍ଥିତ ହୋଇ ଅଛନ୍ତି, ଏ ବିଷୟରେ ଏହାଙ୍କୁ ଉପଦେଶ ଦେବା ଉଚିତ । ଅତଏବ ସାତିଶୟ ପ୍ରୀତିଯୁକ୍ତ ବିକସିତବଦନ, ବ୍ରହ୍ମାଙ୍କୁ ପ୍ରୀତିପାତ୍ର ବିଷ୍ଣୁ ହସ୍ତରେ ବ୍ରହ୍ମାଙ୍କ ହସ୍ତ ସ୍ପର୍ଶକରି ପ୍ରସନ୍ନମନରେ ସହାସ୍ୟ ବଦନରେ କହିଲେ । ୧୮ ।

ଶ୍ରୀଭଗବାନ୍ କହିଲେ :—

ହେ ବେଦଗର୍ଭ ! ତୁମ୍ଭେ ସୃଷ୍ଟିକରଣ ଇଚ୍ଛାରେ ଦୀର୍ଘକାଳବ୍ୟାପି ତପସ୍ୟା ଦ୍ୱାରା ମୋତେ ଅତିଶୟ ସନ୍ତୋଷ କରିଅଛ, କପଟଯୋଗୀମାନେ ମୋର ସନ୍ତୋଷ ବିଧାନ କରି ପାରନ୍ତି ନାହିଁ । ୧୯ ।

ଏମନ୍ତ ରୂପ ବ୍ରହ୍ମା ଦେଖି
ଉଠିଲେ ଆସନ ଉପେକ୍ଷି
କୃଷ୍ଣଦର୍ଶନ ଅହ୍ଲାଦ
ଅନ୍ତରେ ହୋଇ ଗଦଗଦ
ରୋମହରଷେ ତନୁ ପୂର୍ଣ୍ଣ
ପ୍ରେମ ଅଶ୍ରୁଗଳେ ଲୋଚନ
ଶ୍ରୀକୃଷ୍ଣ ପାଦପଦ୍ମ ଯହିଁ
ନମିଲେ ଶିରେ କର ଦେଇ
ଆନନ୍ଦସାଗରେ ବୁଡ଼ିଲେ
ଅଧିକେ ଆତ୍ମା ପାସୋରିଲେ ।୧୭।

ଅତି ଆନନ୍ଦେ ପ୍ରେମସୁଖେ
ସେ ବ୍ରହ୍ମା ବିଷ୍ଣୁର ସମ୍ମୁଖେ
ପ୍ରଜାସର୍ଜନେ ତାର ମନ
ଜାଣିଲେ ପ୍ରଭୁ ଭଗବାନ
ବ୍ରହ୍ମାବଦନ ହେରି ଯହିଁ
ଈଷତ ହାସ୍ୟେ ବାକ୍ୟ କହି
ଆତ୍ମାର ପ୍ରିୟପ୍ରାୟ କରି
ବ୍ରହ୍ମାର କର କରେ ଧରି ।୧୮।

ଶ୍ରୀଭଗବାନୁବାଚ

ହେ ବେଦଗର୍ଭ ସୃଷ୍ଟି ଅର୍ଥେ
ତୁ ଯେ ତୋଷିଲୁ ତପେ ମୋତେ
ଅତି ଦୁସ୍ତର ଘୋର ତପେ
ତେଣୁ ମୁଁ ତୋହର ସମୀପେ
ସ୍ୱଭାବେ ଯୋଗୀଙ୍କୁ ଦୁର୍ଲଭ
ତୋତେ ମୁଁ ହୋଇଲି ସୁଲଭ ।୧୯।

Digitized by srujanika@gmail.com

ବରଂ ବରୟ ଭଦ୍ରଂ ତେ ବରେଶଂ ମାଭିବାଞ୍ଛିତମ୍ ।
ବ୍ରହ୍ମନ୍ ଶ୍ରେୟଃପରିଶ୍ରାମଃ ପୁଂସାଂ ମଦ୍ଦର୍ଶନାବଧିଃ । ୨୦ ।
ମନୀଷିତାନୁଭାବୋଽୟଂ ମମ ଲୋକାବଲୋକନମ୍ । ୨୧ ।
ଯଦୁପଶ୍ରୁତ୍ୟ ରହସି ଚକର୍ଥ ପରମଂ ତପଃ ।
ପ୍ରତ୍ୟାଦିଷ୍ଟଂ ମୟା ତତ୍ର ତ୍ୱୟି କର୍ମବିମୋହିତେ । ୨୨ ।
ତପୋ ମେ ହୃଦୟଂ ସାକ୍ଷାଦାତ୍ମାହଂ ତପସୋଽନଘ ।
ସୃଜାମି ତପସୈବେଦଂ ଗ୍ରସାମି ତପସା ପୁନଃ ।
ବିଭର୍ମି ତପସା ବିଶ୍ୱଂ ବୀର୍ଯ୍ୟଂ ମେ ଦୁଶ୍ଚରଂ ତପଃ । ୨୩ ।

ଶ୍ରୀବ୍ରହ୍ମୋବାଚ ।

ଭଗବନ୍ ସର୍ବଭୂତାନାମଧ୍ୟକ୍ଷୋଽବସ୍ଥିତୋ ଗୁହାମ୍ ।
ବେଦ ହ୍ୟପ୍ରତିରୁଦ୍ଧେନ ପ୍ରଜ୍ଞାନେନ ଚିକୀର୍ଷିତମ୍ । ୨୪ ।

ତୁମ୍ଭର ମଙ୍ଗଳ ହେଉ, ମୁଁ ଏକା ବରଦାନର କର୍ତ୍ତା, ତୁମ୍ଭେ ମୋ ନିକଟରେ ଅଭିଳଷିତ ବର ପ୍ରାର୍ଥନା କର, ହେ ବ୍ରହ୍ମନ୍ ! ଜୀବଗଣ ଶ୍ରେୟଃ ଫଳଲାଭ ନିମନ୍ତେ ଯେଉଁ ପରିଶ୍ରମ ସ୍ୱୀକାର କରନ୍ତି, ମୋର ଦର୍ଶନ ଲାଭ ତାହାର ଚରମ ସୀମା । ୨୦ ।

ତୁମ୍ଭେ ଯେ ମୋର ବୈକୁଣ୍ଠ ଧାମ ଦର୍ଶନ କଲ, ତାହା କେବଳ ମୋର ଇଚ୍ଛା ହେତୁ । ୨୧ ।

ସୃଷ୍ଟି କରିଣ ଇଚ୍ଛାରେ ତୁମ୍ଭେ କର୍ତ୍ତବ୍ୟ ଚିନ୍ତାରେ ବିମୂଢ଼ ହେବାରୁ, ନିର୍ଜନରେ ଯେ 'ତପ' 'ତପ' ଏହି ଶୂନ୍ୟ ଶବ୍ଦ ଶୁଣିଲ, ସେ କେବଳ ମୋର ଉପଦେଶ । ୨୨ ।

ହେ ଅନଘ ! ତପସ୍ୟାହିଁ ମୋର ସାକ୍ଷାତ୍ ହୃଦୟ ଓ ଶକ୍ତି ଏବଂ ମୁଁ ତପସ୍ୟାର ଆତ୍ମା, ମୁଁ ତପୋବଳରେ ଏହି ଚରାଚର ବିଶ୍ୱ ସୃଷ୍ଟି କରେ, ତପସ୍ୟା ଦ୍ୱାରାହିଁ ପୁନଶ୍ଚ ତାହା ସଂହାର କରେ ଏବଂ ସେହି ତପସ୍ୟା ଦ୍ୱାରାହିଁ ସୃଷ୍ଟି ପାଳନ କରେ । ତପସ୍ୟାହିଁ ମୋର ଶକ୍ତି ଓ ବୀର୍ଯ୍ୟ । ୨୩ ।

ଶ୍ରୀବ୍ରହ୍ମା କହିଲେ :—

ହେ ଭଗବାନ୍ ! ଆପଣ ସର୍ବଭୂତର ଅଧିଷ୍ଠାତା, ଏବଂ ସର୍ବ ପ୍ରାଣୀଙ୍କର ବୁଦ୍ଧିର ଅଭ୍ୟନ୍ତରରେ ଅବସ୍ଥିତ, ଏବଂ ଆପଣ ସ୍ୱୀୟ ଅପ୍ରତିରୁଦ୍ଧ ପ୍ରଜ୍ଞାଦ୍ୱାରା ସମସ୍ତଙ୍କର ମନର ଅଭିଳାଷ ଅବଗତ ହୋଇ ପାରନ୍ତି । ୨୪ ।

ମଙ୍ଗଳ ଶୁଭ ହେଉ ତୋତେ
ବର ତୁ ମାଗ ଦୃଢ଼ଚିତ୍ତେ
ମୋହର ଦରଶନ ଯେବେ
ପ୍ରାଣୀ ଲଭଇ ପୁଣ୍ୟଭବେ
ତାହାର ଶ୍ରେୟ ପରିଶ୍ରମ
ଅନ୍ତରେହୋଏ ଆତ୍ମାରାମ ।୨୦,୨୧
ଗଗନେ ଶୁଣି ମୋ ବଚନ
ତୁ ଯେ ତପରେ କଲୁ ମନ
କର୍ମ ବିଭ୍ରମ ଦେଖି ତୋତେ
ମୁଁ ଯେ ଡାକିଲି ଶୂନ୍ୟପଥେ
ବୋଇଲି ଦୃଢେ ତପ କର
ମୁଁ ତୋତେ ହୋଇବି ଗୋଚର।୨୨
ମୋର ହୃଦୟ ତପ ଜାଣ
ତପ ମୋ ଆତ୍ମାର ପ୍ରମାଣ
ତପେ ମୁଁ ସୃଷ୍ଟି କରେ ହେଳେ
ଅନ୍ତେ ସଂହରେ ତପବଳେ
ତପର ବଳେ ଏ ଜଗତ
ମୁହିଁ ପାଳଇ ଅବିରତ
ଏମନ୍ତ ବିଷ୍ଣୁମୁଖୁ ଶୁଣି
ବିଧାତା କହେ ସ୍ତୁତିବାଣୀ ।୨୩।

ଶ୍ରୀବ୍ରହ୍ମୋବାଚ—

ହେ ନାରାୟଣ ଭୂତେଶ୍ୱର !
ପ୍ରାଣି ହୃଦୟ ତୋର ଘର

Digitized by srujanika@gmail.com

ତଥାପି ନାଥମାନସ୍ୟ ନାଥ ନାଥୟ ନାଥିତମ୍ ।
ପରାବରେ ଯଥାରୂପେ ଜାନୀୟାଂ ତେ ତ୍ୱରୂପିଣଃ । ୨୫ ।
ଯଥାତ୍ମମାୟାଯୋଗେନ ନାନାଶକ୍ତ୍ୟୁପବୃଂହିତମ୍ ।
ବିଲୁମ୍ପନ୍ ବିସୃଜନ୍ ଗୃହ୍ଣନ୍ ବିଭ୍ରଦାତ୍ମାନମାତ୍ମନା । ୨୬ ।
କ୍ରୀଡ଼ସ୍ୟମୋଘସଙ୍କଳ୍ପ ଉର୍ଣ୍ଣନାଭିର୍ଯଥୋର୍ଣ୍ଣୁତେ ।
ତଥା ତଦ୍‌ବିଷୟାଂ ଧେହି ମନୀଷାଂ ମୟି ମାଧବ । ୨୭ ।
ଭଗବଚ୍ଛିକ୍ଷିତମହଂ କରବାଣି ହ୍ୟତନ୍ଦ୍ରିତଃ ।
ନେହମାନଂ ପ୍ରଜାସର୍ଗଂ ବଧ୍ୟେୟଂ ଯଦନୁଗ୍ରହାତ୍ । ୨୮ ।

ତଥାପି, ହେ ନାଥ ! ମୁଁ ପ୍ରାର୍ଥନା କରୁଅଛି, ମୋର ପ୍ରାର୍ଥିତବର ପ୍ରଦାନ କରନ୍ତୁ । ହେ ପ୍ରଭୋ ! ଆପଣ ସ୍ୱୟଂ ଅରୂପ ଓ ଅପ୍ରାକୃତରୂପ ହେଲେ ମଧ୍ୟ ମୁଁ ଆପଣଙ୍କର ପ୍ରାକୃତ ଓ ଅପ୍ରାକୃତ ଉଭୟରୂପ ଅବଗତ ହେବାକୁ ବାଞ୍ଛାକରେ । ୨୫ ।

ହେ ମାଧବ ! ଊର୍ଣ୍ଣନାଭ (ମାକଡ଼ସା) ଯେପରି ନିଜର ହୃଦୟରୁ ତନ୍ତୁ ବିସ୍ତାର କରେ ଏବଂ ସଂହାର କରେ ସେହିପରି ନିଜେ ମାୟାଯୋଗରେ ନାନାଶକ୍ତି ସମନ୍ୱିତ ବିଶ୍ୱକୁ ସଂହାର, ବିବିଧରୂପେ ସୃଷ୍ଟି, ଓ ପରିପାଳନ କରି ସ୍ୱୟଂ ବ୍ରହ୍ମାଦିରୂପ ଗ୍ରହଣ ପୂର୍ବକ ଅବ୍ୟାହତ ସଙ୍କଳ୍ପ ହୋଇ କ୍ରୀଡ଼ା କରିଥାଅ, ଯାହା ଦ୍ୱାରା ମୋର ତଦ୍‌ବିଷୟକ ଜ୍ଞାନ ହୁଏ, ମୋତେ ସେହିପରି ବୁଦ୍ଧି ପ୍ରଦାନ କରନ୍ତୁ । ୨୬,୨୭ ।

ମୁଁ ଅନଳସ ଭାବରେ ଆପଣଙ୍କର ଶାସନ ପାଳନ କରିବି, କାରଣ ମୁଁ ଆପଣଙ୍କ ଅନୁଗ୍ରହରୁ ପ୍ରଜା ସର୍ଜନରେ ନିରତ ହୋଇ ସୁଦ୍ଧା ଯେପରି ମୁଁ ଅହଙ୍କାର ଦ୍ୱାରା ବଦ୍ଧ ନ ହୁଏ, ମୋତେ ଏପରି ତତ୍ତ୍ୱଜ୍ଞାନ ପ୍ରଦାନ କରନ୍ତୁ । ଯହିଁରେ ପ୍ରଜାସୃଷ୍ଟି ବିଷୟରେ ମୋର କୌଣସି ପ୍ରକାର ଅଭିମାନ ନ ଜନ୍ମେ । ୨୮ ।

ହୃଦୟ ପଦ୍ମ ମଧ୍ୟେ ଥାଇ
ପ୍ରାଣିଙ୍କି ଉପଦେଶ ଦେଇ
ଏଣୁ ମୋହର ମନ ଜାଣି
ଯେ ଜ୍ଞାନ ଦେଲୁ ଚକ୍ରପାଣି
ଅନାଥନାଥ ତୋ ମହିମା
କେ ଜାଣିପାରେ ଗୁଣସୀମା
ତୁ ମୋତେ ଯାଚିଲୁ ଯେ ବର
ଏମନ୍ତ ଆଜ୍ଞା ମୋତେ କର

ରୂପ ଅରୂପ ତୋର ରୂପେ
ତୋତତ୍ତ୍ୱଜାଣିବିଯେରୂପେ।୨୪-୨୫
ଯେ ମାୟା ଯୋଗେ ସୃଷ୍ଟି କରୁ
ନାନାପ୍ରକାରେ ଶକ୍ତି ଧରୁ
ଏ ସୃଷ୍ଟି ସ୍ଥିତି ସଂହାରଣ
ଯେମନ୍ତେ ହେଉ ତୁ କାରଣ
ସ୍ୱତନ୍ତ୍ର ସୂତ୍ରେ ଊର୍ଣ୍ଣନାଭ
କ୍ରୀଡ଼ଇ ଯେହ୍ନେ ମନେ ଭାବ

ତେମନ୍ତ ବୁଦ୍ଧି ଦିଅ ମୋତେ
ଏ ସୃଷ୍ଟି କରଇ ଯେମନ୍ତେ
ସୃଷ୍ଟି ସଂକଳ୍ପେ ମୋର ଇଚ୍ଛା
ତୁ ନାଥ କହ ସୃଷ୍ଟିଦୀକ୍ଷା
ସୃଷ୍ଟିକରଣେ ଭଗବାନ
କେବେହେଁ ନାହିଁ ମୋର ଜ୍ଞାନ
ତୋ ଅନୁଗ୍ରହ ଯେବେ ମୋତେ
ତୁନାଥ ଦିସମୋର ଚିତ୍ତେ।୨୬-୨୮

Digitized by srujanika@gmail.com

ଯାବତ୍ ସଖା ସଖ୍ୟୁରିବେଶ ତେ କୃତଃ ପ୍ରଜାବିସର୍ଗେ ବିଭଜାମି ଭୋ ଜନମ୍ ।
ଅବିକ୍ଲବସ୍ତେ ପରିକର୍ମଣି ସ୍ଥିତୋ ମା ମେ ସମୁନ୍ନଦ୍ଧମଦୋଽଜମାନିନଃ । ୨୯ ।

ଶ୍ରୀଭଗବାନୁବାଚ

ଜ୍ଞାନଂ ପରମଗୁହ୍ୟଂ ମେ ଯଦ୍‌ବିଜ୍ଞାନସମନ୍ୱିତମ୍ ।
ସରହସ୍ୟଂ ତଦଙ୍ଗଂ ଚ ଗୃହାଣ ଗଦିତଂ ମୟା । ୩୦ ।
ଯାବାନହଂ ଯଥାଭାବୋ ଯଦ୍ରୂପଗୁଣକର୍ମକଃ ।
ତଥୈବ ତତ୍ତ୍ୱବିଜ୍ଞାନମସ୍ତୁ ତେ ମଦନୁଗ୍ରହାତ୍ । ୩୧ ।
ଅହମେବାସମେବାଗ୍ରେ ନାନ୍ୟଦ୍ ଯତ୍ ସଦସତ୍‌ପରମ୍ ।
ପଶ୍ଚାଦହଂ ଯଦେତଚ୍ଚ ଯୋଽବଶିଷ୍ୟେତ ସୋଽସ୍ମ୍ୟହମ୍ । ୩୨ ।

ହେ ଈଶ ! ଆପଣ କରସ୍ପର୍ଶାଦି ଦ୍ୱାରା ଲୌକିକ ସଖାତୁଲ୍ୟ ମୋତେ ସମ୍ମାନିତ କରି ଅଛନ୍ତି, ବର୍ତ୍ତମାନ୍ ମୋର ଏତିକି ପ୍ରାର୍ଥନା ଯେ ମୁଁ ପ୍ରଜାସୃଷ୍ଟି ଦ୍ୱାରା ଆପଣଙ୍କ ସେବାରେ ନିରତ ଥାଇ ଉତ୍ତମ, ମଧ୍ୟମ, ଅଧମ ଭେଦରେ ଲୋକସୃଷ୍ଟି କଲାବେଳେ ମୋର ହୃଦୟରେ ଯେପରି ଅଭିମାନ ନ ଜନ୍ମେ ଯେ ମୁଁ ଜଣେ ସ୍ୱତନ୍ତ୍ର ବ୍ୟକ୍ତି । ୨୯ ।

ଶ୍ରୀ ଭଗବାନ୍ କହିଲେ :—

ହେ ବ୍ରହ୍ମନ୍ ! ମଦ୍‌ବିଷୟକ ଶାସ୍ତ୍ରାର୍ଥ ଜ୍ଞାନ, ତାହାର ଅନୁଭବ, ଭକ୍ତି ଓ ତହିଁର ସାଧନ, ଅତ୍ୟନ୍ତ ଗୁହ୍ୟ ହେଲେ ମଧ୍ୟ ମୁଁ ଆପଣଙ୍କୁ କହୁଅଛି ଶ୍ରବଣ କରନ୍ତୁ । ୩୦ ।

ମୋର ଯେପରି ସ୍ୱରୂପ, ସତ୍ତ୍ୱା, ଗୁଣ, କର୍ମ, ଏ ସମସ୍ତ ମୋ ଅନୁଗ୍ରହରୁ ଅବଗତ ହେବାର ଶକ୍ତି ତୁମ୍ଭେ ଲଭ କର । ୩୧ ।

ହେ ବ୍ରହ୍ମନ୍ ! ସୃଷ୍ଟିର ପୂର୍ବେ ମୁଁ ଥିଲି, ସେ ସମୟରେ କି ସୂକ୍ଷ୍ମ, କି ସ୍ଥୂଳ, କିମ୍ବା ତହିଁର କାରଣ ସ୍ୱରୂପ ପ୍ରକୃତି, ଏ ସମସ୍ତ କିଛି ନ ଥିଲା, ସେହି ପ୍ରକୃତି ମୋର ଅନ୍ତର୍ମୁଖତାରେ ବିଲୀନ ହୋଇଥିଲା । ସୃଷ୍ଟିପରେ ମୁହିଁ ମାତ୍ର ବିଦ୍ୟମାନ ଥିବି, ଏହି ଦୃଶ୍ୟମାନ ବିଶ୍ୱ ମୋ ଭିନ୍ନ ଅନ୍ୟ କିଛି ନୁହେଁ, ପ୍ରଳୟ ଉତ୍ତାରୁ ଏ ବିଶ୍ୱର ଯାହା କିଛି ଅବଶିଷ୍ଟ ରହିବ, ତାହା ମଧ୍ୟ ମୁଁ, ଫଳତଃ ମୁଁ ଅନାଦି, ଅନନ୍ତ, ଅଦ୍ୱିତୀୟ ଏବଂ ସର୍ବଦା ପୂର୍ଣ୍ଣ ସ୍ୱରୂପ । ୩୨ ।

ହେ ହରି ସଖାପ୍ରାୟ କରି
ତୁ ଯେ ମୋହର କର ଧରି
ସେ ଅହଙ୍କାର ମୋର ମନେ
ନୋହିବ,ଦେବ ତୋ ଅର୍ଚ୍ଚନେ ।
ଯାବତ ପ୍ରଜାସର୍ଗେ ଜନ
କରିବି ଉତ୍ତମ ମଧ୍ୟମ
"ମୁଁ ଅଜ ସ୍ୱତନ୍ତ୍ର ମୋ ଭାବ"
ଏମନ୍ତ ନୋହିବ ମୋ ଗର୍ବ ।୨୯।

ଶ୍ରୀଭଗବାନୁବାଚ

ଶୁଣ ବିଧାତା ମୋ ବଚନ
ଯେତେଣେ ଲଭିବୁ ସୃଷ୍ଟିଜ୍ଞାନ
ଯେ ଭକ୍ତିଯୋଗ ମୋ ସମ୍ମତ
ଅତ୍ୟନ୍ତ ଅଟଇ ଗୁପତ
ସୃଷ୍ଟି ସର୍ଜନା ଅଙ୍ଗ ଯେତେ
ହରଷେ କହୁଁ ତୋ ଅଗ୍ରତେ ।୩୦।

ଯେମନ୍ତ ସ୍ୱରୂପ ମୁଁ ହୋଇ
ସ୍ୱଭାବ ରୂପ ଗୁଣ ଯେହି
ଯେ କର୍ମମାନ ମୁହିଁ ବହେ
ଜଗତ ଯେସନ୍ତେ ମୋର ଦେହେ
ଏ ତତ୍ତ୍ୱ ବିଜ୍ଞାନ ତୋ ଦେହେ
ପ୍ରସରୁ ମୋର ଅନୁଗ୍ରହେ ।୩୧।
ସୃଷ୍ଟିର ଅଗ୍ରେ ମୁହିଁ ଏକ
ମୋ ତହୁଁ ପ୍ରକାଶେ ଅନେକ

Digitized by srujanika@gmail.com

ଋତେଽର୍ଥଂ ଯତ୍ ପ୍ରତୀୟେତ ନ ପ୍ରତୀୟେତ ଚାତ୍ମନି ।
ତଦ୍‌ବିଦ୍ୟାଦାତ୍ମନୋ ମାୟାଂ ଯଥାଭାସୋ ଯଥା ତମଃ । ୩୩ ।
ଯଥା ମହାନ୍ତି ଭୂତାନି ଭୂତେଷୂଚ୍ଚାବଚେଷ୍ୱନୁ ।
ପ୍ରବିଷ୍ଟାନ୍ୟପ୍ରବିଷ୍ଟାନି ତଥା ତେଷୁ ନ ତେଷ୍ୱହମ୍ । ୩୪ ।
ଏତାବଦେବ ଜିଜ୍ଞାସ୍ୟଂ ତତ୍ତ୍ୱଜିଜ୍ଞାସୁନାତ୍ମନଃ ।
ଅନ୍ୱୟବ୍ୟତିରେକାଭ୍ୟାଂ ଯତ୍ ସ୍ୟାତ୍ ସର୍ବତ୍ର ସର୍ବଦା । ୩୫ ।
ଏତନ୍ମତଂ ସମାତିଷ୍ଠ ପରମେଣ ସମାଧିନା ।
ଭବାନ୍ କଳ୍ପବିକଳ୍ପେଷୁ ନ ବିମୁହ୍ୟତି କର୍ହିଚିତ୍ । ୩୬ ।

ମୋର ମାୟାର ସ୍ୱରୂପ ଏହି ଯେ—ଯେଉଁ ବସ୍ତୁ କୌଣସି [ଅର୍ଥ ବ୍ୟତିରେକେ ପ୍ରତୀୟମାନ ହୁଏନାହିଁ, ତାହାହିଁ ମୋର ମାୟା । ଅର୍ଥାତ୍ ଜଳରେ ପ୍ରତିବିମ୍ବ ଦର୍ଶନକରି ଯେପରି ଯୋଡ଼ିଏ ଚନ୍ଦ୍ରଥିବା ବିଶ୍ୱାସ କରାଯାଏ, ଅନ୍ଧକାରପୂର୍ଣ୍ଣଗୃହରେ ଘଟାଦି ବସ୍ତୁ ଥିଲେ ମଧ୍ୟ ଅନ୍ଧକାର ହେତୁ ସେହି ସତ୍ୟବସ୍ତୁର ପ୍ରତୀତି ଘଟେ ନାହିଁ, ସେହିପରି କେବେ କେବେ ମାୟାର ମଧ୍ୟ ଆତ୍ମାରେ ପ୍ରକାଶ ହୁଏ ନାହିଁ । ୩୩ ।

ମହାଭୂତ ସମୂହ ଯେପରି ସୃଷ୍ଟିର ଶେଷଭାଗରେ ଭୌତିକ ପଦାର୍ଥରେ ପ୍ରବେଶ କରନ୍ତି ମାତ୍ର ସୃଷ୍ଟି ପୂର୍ବରୁ ସେମାନଙ୍କର କାରଣ ହେବାରୁ ସେ ସମସ୍ତରେ ପ୍ରବିଷ୍ଟ ହୁଅନ୍ତି । ସେହିପରି ମୁଁ ଭୂତ, ଭୌତିକ ପଦାର୍ଥରେ ପ୍ରବିଷ୍ଟ ରହିଅଛି, ଅର୍ଥାତ୍ ମୋର ସତ୍ତା ଏହିପରି । ୩୪ ।

ଯେଉଁ ବ୍ୟକ୍ତି ଆତ୍ମତତ୍ତ୍ୱ ଜାଣିବାକୁ ଅଭିଳାଷୀ, ସେ ଏହି ପ୍ରଶ୍ନ କରିବେ, ଯେଉଁ ବସ୍ତୁସମୂହର କାରଣରୂପେ ଅନୁଗତ ଏବଂ କାରଣାବସ୍ଥାରେ ତାହାଠାରୁ ପୃଥକ୍, କିଏ ଅବା ଜାଗ୍ରତାଦି ଅବସ୍ଥାରେ ସାକ୍ଷୀ ସ୍ୱରୂପ ଥାନ୍ତି, ସମାଧି ଇତ୍ୟାଦି କାଳରେ ତଦ୍ରୂପ ରହେ ନାହିଁ, ହେ ବ୍ରହ୍ମନ୍ ! ଏହିପରି ଅନ୍ୱୟବ୍ୟତିରେକ ଦ୍ୱାରା ଯେ ସର୍ବଦା ସର୍ବତ୍ର ବିଦ୍ୟମାନ ରହି ଅଛନ୍ତି ସେହି ଆତ୍ମା । ୩୫ ।

ହେ ବ୍ରହ୍ମନ୍ ! ତୁମ୍ଭେ ଏକାଗ୍ର ଚିତ୍ତରେ ଏହିମତ ସମ୍ପୂର୍ଣ୍ଣରୂପେ ଅନୁଷ୍ଠାନ କର ତାହାହେଲେ, କଳ୍ପେ କଳ୍ପେ ବିବିଧ ବସ୍ତୁ ସୃଷ୍ଟିକଲେ ମଧ୍ୟ ତୁମ୍ଭେ ମୁଗ୍‌ଧ ହେବ ନାହିଁ, ଅର୍ଥାତ୍ ଅହଂଭାବ ଜନ୍ମିବ ନାହିଁ । ୩୬ ।

ସତ ଅସତ ପର ମୁହିଁ
ଯେ ଅବଶେଷ ଶେଷ ରହି
ଏଣୁ ଏ ଆଦ୍ୟ ମଧ୍ୟ ଅନ୍ତେ
ମୋ ଭିନ୍ନେ ଅନ୍ୟ କେ ଜଗତେ
ଅର୍ଥକୁ ଛାଡ଼ି ଯାର ବଶେ
ପ୍ରତୀତ ହୁଅଇ ଆଭାସେ
ମାୟା ପ୍ରକାଶ ସେ ପ୍ରମାଣେ
ତମଯେସନେ ଜ୍ୟୋତିର୍ଗଣେ ।୩୨, ୩୩।

ଯେମନ୍ତେ ସ୍ଥୂଳ ସୂକ୍ଷ୍ମଭୂତେ
ପ୍ରବେଶ ପଶି ମହାଭୂତେ
ଛାଡ଼ି ପଶନ୍ତି ପୁଣ ପୁଣ
ମୁଁ ମାୟା ଶରୀରେ ତେସନ ।୩୪।
ଆତ୍ମା ସର୍ବଦା ସର୍ବଠାବେ
ଅନ୍ୱୟ ବ୍ୟତିରେକ ଭାବେ
ଏହା ଜାଣନ୍ତି ତତ୍ତ୍ୱଜ୍ଞାନୀ
ମାୟା ସଂସାରେ ଅନୁମାନି ।୩୫।

ତୋର ପ୍ରସ୍ତାବେ ପ୍ରଜାପତି
କହିଲି ସୃଷ୍ଟି ଯଥାଗତି
ଦେଖି ବିଶ୍ୱର ଅନୁମାନେ
ଯେ ସର୍ବକାଳେ ବିଦ୍ୟମାନେ
ଏ ମୋର ତତ୍ତ୍ୱଜ୍ଞାନ ବଳେ
ଧରି ତୁ ସମାଧି ନିଷ୍ଠଳେ
କଳ୍ପ ବିକଳ୍ପେ ତୋର ଚିତ୍ତ
କେବେହେଁ ନୋହିବ ମୋହିତ ।୩୬।

Digitized by srujanika@gmail.com

ଶ୍ରୀଶୁକ ଉବାଚ

ସମ୍ପ୍ରଦର୍ଶ୍ୟୈବମଜନୋ ଜନାନାଂ ପରମେଷ୍ଠିନମ୍ ।
ପଶ୍ୟତସ୍ତସ୍ୟ ତଦ୍ରୂପମାତ୍ମନୋ ନ୍ୟରୁଣଦ୍ଧରିଃ । ୩୭ ।
ଅନ୍ତର୍ହିତେନ୍ଦ୍ରିୟାର୍ଥାୟ ହରୟେ ବିହିତାଞ୍ଜଳିଃ ।
ସର୍ବଭୂତମୟୋ ବିଶ୍ୱଂ ସସର୍ଜେଦଂ ସ ପୂର୍ବବତ୍ । ୩୮ ।
ପ୍ରଜାପତିର୍ଧର୍ମପତିରେକଦା ନିୟମାନ୍ ଯମାନ୍ ।
ଭଦ୍ରଂ ପ୍ରଜାନାମନ୍ୱିଚ୍ଛନ୍ନାତିଷ୍ଠତ୍ ସ୍ୱାର୍ଥକାମ୍ୟୟା । ୩୯ ।
ତଂ ନାରଦଃ ପ୍ରିୟତମୋ ରିକ୍ଥାଦାନାମନୁବ୍ରତଃ ।
ଶୁଶ୍ରୂଷମାଣଃ ଶୀଳେନ ପ୍ରଶ୍ରୟେଣ ଦମେନ ଚ । ୪୦ ।
ମାୟାଂ ବିବିଦିଷନ୍ ବିଷ୍ଣୋର୍ମାୟେଶସ୍ୟ ମହାମୁନିଃ ।
ମହାଭାଗବତୋ ରାଜନ୍ ପିତରଂ ପର୍ଯ୍ୟତୋଷୟତ୍ । ୪୧ ।

ଶ୍ରୀଶୁକଦେବ କହିଲେ :—

ଭଗବାନ୍ ଶ୍ରୀହରି ଲୋକାଧିପତି ବ୍ରହ୍ମାଙ୍କୁ ଏହିପରି ଉପଦେଶ ଦେଇ ସ୍ୱହୁଁ ସ୍ୱହୁଁ ଅନ୍ତର୍ହିତ ହେଲେ । ୩୭ ।

ସର୍ବଭୂତମୟ କମଳଯୋନି ଭଗବାନ୍ ଶ୍ରୀହରିଙ୍କର ଅନ୍ତର୍ଦ୍ଧାନ କାଳରେ ତାହାଙ୍କର ଉଦ୍ଦେଶ୍ୟରେ ଅଞ୍ଜଳିବଦ୍ଧ ପୂର୍ବକ ଏହି ବିଶ୍ୱ ପୂର୍ବରେ ଯେପରି ଥିଲା ସେହିପରି ସୃଷ୍ଟି କଲେ । ୩୮ ।

ହେ ରାଜନ୍ ! ତଦନନ୍ତର ଧର୍ମପତି ପ୍ରଜାପତି ପ୍ରଜାବୃନ୍ଦଙ୍କର ମଙ୍ଗଳାନ୍ୱେଷଣ କରି କରି ଆପଣାର ଉଦ୍ଦେଶ୍ୟ ସିଦ୍ଧି କରିବା ନିମନ୍ତେ ବ୍ରତାଚରଣ ପୂର୍ବକ ତପସ୍ୟା କରିଥିଲେ । ୩୯ ।

ତାହାଙ୍କର ପ୍ରିୟତମ ପୁତ୍ର ନାରଦ ମାୟେଶ୍ୱର ବିଷ୍ଣୁଙ୍କର ମାୟା ଜାଣିବାକୁ ଇଚ୍ଛୁକ ହୋଇ ତାହାଙ୍କ ନିକଟରେ ଉପସ୍ଥିତ ହୋଇଥିଲେ । ଏବଂ ଶୀଳ, ବିନୟ; ଇନ୍ଦ୍ରିୟ ନିଗ୍ରହ ପୂର୍ବକ ନାନାପ୍ରକାର ଶୁଶ୍ରୂଷାରେ ପ୍ରବୃତ୍ତ ହେଲେ, ତେଣୁ ବ୍ରହ୍ମାଙ୍କର ସନ୍ତୋଷ ଜାତ ହୋଇଥିଲା । ୪୦,୪୧ ।

ଶ୍ରୀ ଶୁକ ଉବାଚ

ଶୁଣ ରାଜନ ପରୀକ୍ଷିତ
ଶ୍ରୀକୃଷ୍ଣ ଲୀଳା ଭାଗବତ
ଏରୂପେ ପ୍ରଭୁ ଭବଗ୍ରାହୀ
ବ୍ରହ୍ମାକୁ ସୃଷ୍ଟି ତତ୍ତ୍ୱ କହି
ତକ୍ଷଣେ ବ୍ରହ୍ମାର ଅଗ୍ରତେ
ଗୋବିନ୍ଦ ଗଲେ ଶୂନ୍ୟପଥେ ।୩୭।
କୃଷ୍ଣ ନ ଦେଖି ପ୍ରଜାପତି
ପଛେ ଅନେକ କଲା ସ୍ତୁତି
କରଅଞ୍ଜଳି ଶିରେ ଦେଇ
ଅନେକମତେ ଭାବ ବହି
ବିଶ୍ୱ ସର୍ଜିଲା ବିଷ୍ଣୁତେଜେ
ପୂର୍ବର ପ୍ରାୟ ନାନାକାର୍ଯ୍ୟେ ।୩୮।
ସେ ପ୍ରଜାପତି ଧର୍ମପତି
ଯମ ନିୟମେ ଦେଲା ମତି
ପ୍ରଜା କଲ୍ୟାଣ ଚିନ୍ତାକରି
ଆତ୍ମାର ହିତ ମନେ ଧରି ।୩୯।
ବ୍ରହ୍ମାର ସମାଧି ନିଶ୍ଚଳ
ଦେଖି ନାରଦ ମୁନିବର
ପୁତ୍ରଙ୍କ ମଧ୍ୟେ ପ୍ରିୟତମ
ବିନୟେ ସେବାରେ ସେ ପୁଣ
ବ୍ରହ୍ମାର ମନ ତୋଷ କଲେ
ବିଷ୍ଣୁରମାୟା ଜାଣିବାଲେ ।୪୦,୪୧

Digitized by srujanika@gmail.com

ତୁଷ୍ଟଂ ନିଶାମ୍ୟ ପିତରଂ ଲୋକାନାଂ ପ୍ରପିତାମହମ୍ ।
ଦେବର୍ଷିଃ ପରିପପ୍ରଚ୍ଛ ଭବାନ୍ ଯନ୍ମାନୁପୃଚ୍ଛତି । ୪୨ ।
ତସ୍ମା ଇଦଂ ଭାଗବତଂ ପୁରାଣଂ ଦଶଲକ୍ଷଣମ୍ ।
ପ୍ରୋକ୍ତଂ ଭଗବତା ପ୍ରାହ ପ୍ରୀତଃ ପୁତ୍ରାୟ ଭୂତକୃତ୍ । ୪୩ ।
ନାରଦଃ ପ୍ରାହ ମୁନୟେ ସରସ୍ୱତ୍ୟାସ୍ତଟେ ନୃପ ।
ଧ୍ୟାୟତେ ବ୍ରହ୍ମ ପରମଂ ବ୍ୟାସାୟାମିତତେଜସେ । ୪୪ ।
ଯଦୁତାହଂ ତ୍ୱୟା ପୃଷ୍ଟୋ ବୈରାଜାତ୍ ପୁରୁଷାଦିଦମ୍ ।
ଯଥାସୀତ୍ତଦୁପାଖ୍ୟାସ୍ୟେ ପ୍ରଶ୍ନାନନ୍ୟାଂଶ୍ଚ କୃତ୍ସ୍ନଶଃ । ୪୫ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦ୍ୱିତୀୟସ୍କନ୍ଧେ
ଶ୍ରୀ ଭଗବତପ୍ରବୃତ୍ତିର୍ନାମ ନବମୋଽଧ୍ୟାୟଃ । ୯ ।

ହେ ରାଜନ୍ ! ଦେବର୍ଷି ନାରଦ ଲୋକ ପ୍ରପିତାମହ ନିଜ ପିତାଙ୍କୁ ପରିତୁଷ୍ଟ ଦେଖି ଯେଉଁ ପ୍ରଶ୍ନମାନ କରିଥିଲେ, ଆଜି ତୁମ୍ଭେ ମୋତେ ସେହି ପ୍ରଶ୍ନମାନ କରିଅଛ । ୪୨ ।

ଭଗବାନ୍ ଶ୍ରୀହରି ପୂର୍ବେ ଚତୁଃଶ୍ଲୋକଦ୍ୱାରା * ସଂକ୍ଷେପରେ ଯେଉଁ ଭାଗବତ ପ୍ରକାଶ କରିଥିଲେ ଭୂତ-ବିଧାତା ବ୍ରହ୍ମା ପ୍ରୀତି ପୂର୍ବକ ସେହି ଭାଗବତ ନିଜର ପୁତ୍ର ନାରଦଙ୍କ ନିକଟରେ କୀର୍ତ୍ତନ କରିଥିଲେ, ଏହି ଚତୁଃଶ୍ଲୋକ ଦଶଲକ୍ଷଣ ବିଶିଷ୍ଟ । ୪୩ ।

ମହାମୁନି ବେଦବ୍ୟାସ ସରସ୍ୱତୀ ନଦୀତୀରରେ ଉପବିଷ୍ଟ ହୋଇ ପରମବ୍ରହ୍ମଙ୍କୁ ଧ୍ୟାନ କରୁଥିଲେ । ଦେବର୍ଷି ନାରଦ ଏହି ସମୟରେ ତାହାଙ୍କୁ ଭାଗବତ ଶୁଣାଇଥିଲେ । ୪୪ ।

ବୈରାଜ ପୁରୁଷଙ୍କଠାରୁ କିପରି ବିଶ୍ୱଉତ୍ପନ୍ନ ହେଲା, ତୁମ୍ଭେ ମୋତେ ପ୍ରଶ୍ନ କରିଅଛ, ଆହୁରି ଅନେକ ପ୍ରଶ୍ନ ମଧ୍ୟ କରିଅଛ, ମୁଁ ଭାଗବତ ଶ୍ଲୋକ ବ୍ୟାଖ୍ୟା କରି ତାହାର ଉତ୍ତର ପ୍ରଦାନ କରୁଅଛି, ଶ୍ରବଣକର । ୪୫ ।

ପିତାର ମନ ତୋଷ ଜାଣି
ତନୟ ଭାବେ ମୁନିମଣି
ପୁଚ୍ଛିଲେ ପିତାର ଅଗ୍ରତେ
ତୁ ଯାହା ପଚାରିଲୁ ମୋତେ
ନାରଦ ବାକ୍ୟେ ବେଦବର
ହରି ମହିମା ଅଗୋଚର
ଯେତେ କହିଲେ ସୃଷ୍ଟି ଅର୍ଥେ
ଯାହାର ମହିମା ଯେମନ୍ତେ
ଜାଣିବା ଅର୍ଥେ ମହାମୁନି
କହି ବିଧାତା ହେଲେ ତୁନି

ବ୍ରହ୍ମା ନାରଦ ପ୍ରଶ୍ନ ଯେତେ
କହିଲି ଏ ତୋର ଅଗ୍ରତେ
ରାଜନ ସାବଧାନେ ଶୁଣ
ଏ ଭାଗବତର ପ୍ରମାଣ
ଦଶ ଲକ୍ଷଣେ ଏହା ଜାଣି
ଯେବା କହିଲେ ପରମାଣି ।୪୨,୪୩
ନାରଦ ସରସ୍ୱତୀ ତଟେ
କହିଲେ ବ୍ୟାସଙ୍କ ନିକଟେ
ଏବେ ମୁଁ ତୋହର ଅଗ୍ରତେ
କହିଲି, ପଚାରିଲୁ ଯେତେ

ଯେମନ୍ତେ ବିରାଟ ପୁରୁଷ-
ଠାରୁ ସଂସାର ପରକାଶ
ଏହା ମୁଁ ଜାଣିଲି ଯେମନ୍ତେ
ଶୁଣ କହିବି ଭାଗବତେ ।୪୪,୪୫।
ଏମନ୍ତେ ପରୀକ୍ଷିତ ମେଳେ
ଶୁକ କହିଲେ ଗଙ୍ଗାକୂଳେ
ଦଶ ଲକ୍ଷଣେ ଭାଗବତ
କହଇ ବିପ୍ର ଜଗନ୍ନାଥ
ଦ୍ୱିତୀୟସ୍କନ୍ଧ ସୁଧାବାଣୀ
ଶୁଣି ସଂସାରୁ ତର ପ୍ରାଣୀ ।

---

* ଏହି ଅଧ୍ୟାୟର ୩୨ଠାରୁ ୩୫ ଶ୍ଲୋକ ପର୍ଯ୍ୟନ୍ତ ଚତୁଃଶ୍ଲୋକୀ ଭାଗବତ ବୋଲି ପ୍ରସିଦ୍ଧ ।

Digitized by srujanika@gmail.com

ବିଶଦାର୍ଥ :—

ପୂର୍ବୋକ୍ତ ଅଧ୍ୟାୟରେ ରାଜା ପରୀକ୍ଷିତଙ୍କର ପ୍ରଶ୍ନ ଗୁଡ଼ିକର ଉତ୍ତର ନବମ ଅଧ୍ୟାୟରେ ପ୍ରଦତ୍ତ ହୋଇଅଛି । ପ୍ରଥମତଃ ଶ୍ରୀ ଶୁକଦେବ କହିଲେ :—ଅଜ୍ଞାନତା ବଶତଃ ମନୁଷ୍ୟ ମୋର ଦେହ ବୋଲି ଭାବେ, ଯଥାର୍ଥରେ ଏହି ଦେହର ସମ୍ବନ୍ଧ ଅନିତ୍ୟ, ମନୁଷ୍ୟ ସ୍ୱପ୍ନାବସ୍ଥାରେ ଯେପରି ନାନାପ୍ରକାର ବିଭୂତି ଦର୍ଶନକରେ ମାତ୍ର ଜାଗ୍ରତ ହେଲେ ସେ ସମସ୍ତ ଉଭେଇଯାଏ, ସେହିପରି ମାୟା ହେତୁରୁ ଏହି ଦେହ-ସମ୍ବନ୍ଧ ବିଷୟରେ ତାହାର ଧାରଣାଜନ୍ମିଥାଏ । ଜୀବ ସଚ୍ଚିଦାନନ୍ଦମୟ, ଆବହମାନକାଳରୁ ଏହି ଜୀବ କୃଷ୍ଣ ବହିର୍ମୁଖ, ଶ୍ରୀକୃଷ୍ଣଙ୍କ ମାୟା ହେତୁ ଦେହ ଗେହାଦି ସହିତ ତାହାର ସମ୍ବନ୍ଧ ଘଟିଥାଏ, ଜୀବ ସଚ୍ଚିଦାନନ୍ଦମୟ ବସ୍ତୁ ହେଲେ ମଧ୍ୟ ଭଗବାନଙ୍କ ସହିତ ତାହାର ବିଶେଷ ପାର୍ଥକ୍ୟ ଅଛି, ଭଗବାନ୍ ନିୟନ୍ତା ଓ ଜୀବ ତାହାଙ୍କର ନିୟମରେ ପରିଚାଳିତ । ମାୟା ଭଗବାନଙ୍କର ବାହ୍ୟିକ ଶକ୍ତିର ବିକାଶ, ସେହି ମାୟା ହେତୁ ଜୀବ ନାନାଦୁଃଖ ଭୋଗୀ ହୋଇ ଥାଏ, ଏହା ଭଗବାନଙ୍କର ଦଣ୍ଡ, ଭଗବାନ୍ ଜୀବପ୍ରତି ଦଣ୍ଡ ବିଧାନ କଲେହେଁ ଜୀବ ତାହାଙ୍କର ଦୟାରୁ ବଞ୍ଚିତ ନୁହେଁ । ପିତା ମାତା ସନ୍ତାନ ପ୍ରତି ସାମୟିକ ନିଷ୍ଠୁରତାଚରଣ କଲେ ମଧ୍ୟ ସନ୍ତାନ ପ୍ରତି ସେମାନଙ୍କର ହୃଦୟରେ ନିଷ୍ଠୁର ଭାବ ନ ଥାଏ । ବୈଷ୍ଣବାଚାର୍ଯ୍ୟଗଣ ଜୀବକୁ ଅଣୁ ଏବଂ ପରମେଶ୍ୱରଙ୍କୁ ବିଭୁ ବୋଲି ପ୍ରତିପାଦନ କରି ଅଛନ୍ତି; ଜୀବର ଅଣୁତ୍ୱ ମାୟାକୃତ ନୁହେଁ, ତାହା ସ୍ୱତଃ ସିଦ୍ଧ । ମାୟା ଏହି ଅଣୁ ବିଶିଷ୍ଟ ଜୀବକୁ ନିଜର ଅଧୀନସ୍ଥ କରେ, ମାୟାମୁକ୍ତ ଜୀବ ସାଂସାରିକ ସମ୍ବନ୍ଧ ଶୂନ୍ୟ ହୋଇ କି ଭାବରେ ଅବସ୍ଥାନ କରେ ତାହା ମଧ୍ୟ ଏହି ଅଧ୍ୟାୟରେ ଆଲୋଚିତ ହୋଇ ଅଛି । ମାୟାବଦ୍ଧ ଜୀବ ଭଗବାନଙ୍କର ମାୟା ସହିତ ଯୁକ୍ତ ଏବଂ ମାୟାମୁକ୍ତ ଜୀବ ସ୍ୱୟଂ ଭଗବାନଙ୍କ ସହିତ ଯୁକ୍ତ ।

ଭଗବାନଙ୍କର ଶ୍ରୀମୂର୍ତ୍ତି ମାୟା ରଚିତ ନୁହେଁ, କେବଳ ନିଷ୍କାମଭକ୍ତି ଦ୍ୱାରା ସେହି ଶ୍ରୀମୂର୍ତ୍ତି ଦର୍ଶନ କରାଯାଇ ପାରେ, ସୃଷ୍ଟିର ପ୍ରାରମ୍ଭରେ ବ୍ରହ୍ମା ସେହି ମୂର୍ତ୍ତି ଦର୍ଶନ କରିଥିଲେ, ସେହି ଭଗବାନଙ୍କର ପରମଧାମରେ ଅବିଦ୍ୟା, ଅସ୍ମିତା (ଅହଂଜ୍ଞାନ), ରାଗ, ଦ୍ୱେଷ, ଅଭିନିବେଶ ପ୍ରଭୃତି ପଞ୍ଚକ୍ଳେଶ ଏବଂ ସେହି କ୍ଳେଶ ଜନିତ ଦୁଃଖ ଏବଂ ଭୟ ଲେଶମାତ୍ର ନାହିଁ; ଯେଉଁ ବ୍ୟକ୍ତି ନିଷ୍କାମ ଭକ୍ତିଯୋଗ ସାଧନ ଦ୍ୱାରା ସେହି ପରମ ଧାମ ପ୍ରାପ୍ତ ହୁଏ ତାହାର ଆଉ ପତନ ହୁଏ ନାହିଁ । ଆତ୍ମତତ୍ତ୍ୱଜ୍ଞ ମୁନିଋଷିଗଣ ସେହି ପରମଧାମ ପ୍ରାପ୍ତି ନିମିତ୍ତ ସର୍ବଦା ସ୍ତୁତି କରିଥାନ୍ତି, ଏହି ବ୍ରହ୍ମାଣ୍ଡ ଭଗବାନଙ୍କର ମାୟାର ବିଭୂତି । ଶ୍ରୀ ଶୁକଦେବ ଭଗବାନଙ୍କର ସେହି ପରମଧାମ ବର୍ଣ୍ଣନା କଲା ପରେ ତତ୍ରତ୍ୟ ପାର୍ଷଦଗଣଙ୍କର ବର୍ଣ୍ଣନା କରିଥିଲେ; ତଦନନ୍ତର ଏହି ଅଧ୍ୟାୟରେ ବ୍ରହ୍ମାଙ୍କର ଭଗବତ୍‌ପ୍ରାପ୍ତି ନିମିତ୍ତ ତପସ୍ୟା ଓ ଭଗବତ୍ କରୁଣାଲାଭ ଇତ୍ୟାଦି ବର୍ଣ୍ଣିତ ହୋଇଅଛି । ଭଗବତ୍ କରୁଣାଲାଭ ଉତ୍ତାରୁ ବ୍ରହ୍ମାଙ୍କୁ ଭଗବାନ୍ ଯାହା ଶ୍ରେଷ୍ଠ ତତ୍ତ୍ୱ କହିଥିଲେ, ପ୍ରଥମଟି ଜ୍ଞାନ; ଏହି ଜ୍ଞାନକୁ ଭଗବାନଙ୍କର ସ୍ୱରୂପଜ୍ଞାନ ବୋଲିଯାଏ । ବେଦ ସମ୍ବନ୍ଧ ଶୂନ୍ୟ ଶୁଷ୍କ ତର୍କାଦିଦ୍ୱାରା ଏହି ଜ୍ଞାନ ଲାଭ ହୁଏ ନାହିଁ, ଏହି ଜ୍ଞାନ ଗୁହ୍ୟତମ, ଘଟ ପଟାଦି ଜଡ଼ବସ୍ତୁ ବିଷୟକଜ୍ଞାନ ସାଧାରଣଜ୍ଞାନ, ଜଡ଼ାତୀତ ବ୍ରହ୍ମଜ୍ଞାନ ଗୁହ୍ୟ, ଅନ୍ତର୍ଯ୍ୟାମିତ୍ୱ ଶକ୍ତିସମ୍ପନ୍ନ ପରମାତ୍ମୈକଜ୍ଞାନ ଗୁହ୍ୟତର ଏବଂ ଷଡ଼ୈଶ୍ୱର୍ଯ୍ୟସମ୍ପନ୍ନ ଲୀଳାମୟ ଜ୍ଞାନ ଗୁହ୍ୟତମ ବା ଶ୍ରେଷ୍ଠଜ୍ଞାନ, ପ୍ରେମଭକ୍ତି ବ୍ୟତୀରେକେ ସେହି ଜ୍ଞାନ ଲାଭକରିବା ସମ୍ଭବ ନୁହେଁ, ଭଗବାନ୍ ବ୍ରହ୍ମାଙ୍କୁ ଏହି ପ୍ରେମଭକ୍ତି ଦାନ କରିଥିଲେ ମଧ୍ୟ ସାଧନ ବ୍ୟତିରେକେ ସେହି ପ୍ରେମଭକ୍ତି ଲାଭ ହୁଏ ନାହିଁ, ଶାସ୍ତ୍ରାଲୋଚନାଦ୍ୱାରା ପରୋକ୍ଷଜ୍ଞାନ ଲାଭ ହୁଏ ଏବଂ ତଦନନ୍ତର ସାଧନ ଭକ୍ତି ଅନୁଷ୍ଠାନ ଦ୍ୱାରା

Digitized by srujanika@gmail.com

ପ୍ରେମ ଲଭ୍ୟ ହୁଏ, ପ୍ରେମଦ୍ୱାରା ଭଗବତ୍ ସାକ୍ଷାତ୍ ଲଭ୍ୟ ହୁଏ, ବ୍ରହ୍ମାଙ୍କର ସହସ୍ରବର୍ଷ ବ୍ୟାପୀ ନିଷ୍କାମ ତପସ୍ୟା ଦ୍ୱାରା ପ୍ରସନ୍ନ ହୋଇ ଭଗବାନ୍ ତାହାଙ୍କର ପ୍ରାର୍ଥନା ଅନୁସାରେ ଜ୍ଞାନ, ବିଜ୍ଞାନ ଓ ରହସ୍ୟ ଏବଂ ଅଙ୍ଗ ଏହି ଶ୍ରେଷ୍ଠ ବସ୍ତୁ ତାହାଙ୍କୁ ପ୍ରଦାନ କରିଥିଲେ; ପୂଜ୍ୟପାଦ ଶ୍ରୀଧରସ୍ୱାମୀ ରହସ୍ୟ ଅର୍ଥରେ ପ୍ରେମଭକ୍ତି ଏବଂ ଅଙ୍ଗ ଅର୍ଥରେ ସାଧନଭକ୍ତି ବୋଲି ବ୍ୟାଖ୍ୟା କରି ଅଛନ୍ତି । ଭଗବତ୍‌କୃପା ନ ହେଲେ ତାହାଙ୍କର ସ୍ୱରୂପ, ଲକ୍ଷଣ, ରୂପ, ଗୁଣ ଓ ଲୀଳାତତ୍ତ୍ୱ ହୃଦୟଙ୍ଗମ କରିବା ସାଧାରଣ ମାନବପକ୍ଷରେ ସମ୍ଭବପର ହୁଏ ନାହିଁ । ଭଗବାନଙ୍କର କରୁଣା ଲଭିକରି ବ୍ରହ୍ମା ସୃଜନ କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ ।

Digitized by srujanika@gmail.com

ଦ ଶ ମ ଅ ଧ୍ୟା ୟ ।

ତତୋ ଭଗବତବ୍ୟାଖ୍ୟାଦ୍ୱାରୈବ ଦଶମେ ସ୍ଫୁଟମ୍ ।
ରାଜପ୍ରଶ୍ନୋତ୍ତରଂ ବକ୍ତୁମାରେଭେ ବାଦରାୟଣିଃ । ୦ । (ଶ୍ରୀଧରସ୍ୱାମୀ)

ଶ୍ରୀବାଦରାୟଣିରୁବାଚ

ଅତ୍ର ସର୍ଗୋ ବିସର୍ଗଶ୍ଚ ସ୍ଥାନଂ ପୋଷଣମୂତୟଃ ।
ମନ୍ୱନ୍ତରେଶାନୁକଥା ନିରୋଧୋ ମୁକ୍ତିରାଶ୍ରୟଃ । ୧ ।
ଦଶମସ୍ୟ ବିଶୁଦ୍ଧ୍ୟର୍ଥଂ ନବାନାମିହ ଲକ୍ଷଣମ୍ ।
ବର୍ଣ୍ଣୟନ୍ତି ମହାତ୍ମାନଃ ଶ୍ରୁତେନାର୍ଥେନ ଚାଞ୍ଜସା । ୨ ।
ଭୂତମାତ୍ରେନ୍ଦ୍ରିୟଧିୟାଂ ଜନ୍ମ ସର୍ଗ ଉଦାହୃତଃ ।
ବ୍ରହ୍ମଣୋ ଗୁଣବୈଷମ୍ୟାଦ୍ ବିସର୍ଗଃ ପୌରୁଷଃ ସ୍ମୃତଃ । ୩ ।

ଶୁକଦେବଙ୍କ କର୍ତ୍ତୃକ ରାଜପ୍ରଶ୍ନର ଉତ୍ତରଦାନ ।

ଦଶମ ଅଧ୍ୟାୟରେ ଶ୍ରୀ ଶୁକଦେବ ଶ୍ରୀମଦ୍‌ଭାଗବତ ବ୍ୟାଖ୍ୟାଦ୍ୱାରା ରାଜାଙ୍କୁ ଉତ୍ତର ଦେବାକୁ ଆରମ୍ଭ କଲେ । ଶ୍ରୀଶୁକଦେବ କହିଲେ :—

ଏହି ଭାଗବତରେ ସର୍ଗ, ବିସର୍ଗ, ସ୍ଥାନ, ପୋଷଣ, ଊତି, ମନ୍ୱନ୍ତର, ଈଶାନୁକଥା, ନିରୋଧ, ମୁକ୍ତି ଓ ଆଶ୍ରୟ ଏହି ଦଶଟି ପଦାର୍ଥ ନିର୍ଦ୍ଦିଷ୍ଟ ହୋଇ ଅଛି । ୧ ।

ଏହି ଦଶଟି ପଦାର୍ଥ ପରସ୍ପରଠାରୁ ଭିନ୍ନ ହେଲେ ମଧ୍ୟ ଏଥିରେ ଶାସ୍ତ୍ରର ବିଭିନ୍ନତା ଘଟିବାର ସମ୍ଭାବନା ନାହିଁ, କାରଣ ଦଶମ ପଦାର୍ଥ 'ଆଶ୍ରୟର' ବିଶୁଦ୍ଧି ନିମନ୍ତେ ବା ତତ୍ତ୍ୱ ଜାଣିବା ନିମନ୍ତେ ମହାତ୍ମାମାନେ କେତେବେଳେ ଶ୍ରୁତିଦ୍ୱାରା, କେତେବେଳେ ସାକ୍ଷାତ୍‌ଭାବରେ, କେତେବେଳେ ତାତ୍ପର୍ଯ୍ୟ ଦ୍ୱାରା ଅନ୍ୟ ନଅଟିର ଲକ୍ଷଣ ବର୍ଣ୍ଣନା କରିଥାନ୍ତି । ୨ ।

ହେ ରାଜନ୍ ! ଗୁଣତ୍ରୟ ପରିଣାମ ହେତୁ କର୍ତ୍ତା ପରମେଶ୍ୱରଙ୍କଠାରୁ ଆକାଶାଦି ଶବ୍ଦତନ୍ମାତ୍ରାଦି, ଶବ୍ଦାଦି, ମହତତ୍ତ୍ୱ ଓ ଅହଙ୍କାର ତତ୍ତ୍ୱ, ଏ ସମସ୍ତର ବିରାଟରୂପରେ ଓ ସ୍ୱରୂପରେ ଯେ ଉତ୍ପତ୍ତି ହୁଏ, ତାହାର ନାମ 'ସର୍ଗ', ବ୍ରହ୍ମାଙ୍କ ଠାରୁ ଯେଉଁ ଚରାଚର ସୃଷ୍ଟି ହୋଇଅଛି ତାହା ବିସର୍ଗ । ୩ ।

ପରୀକ୍ଷି ପ୍ରଶ୍ନର ଉତ୍ତର, ଆରମ୍ଭ କରି ମୁନିବର । ଶ୍ରୀ ଭାଗବତର ଲକ୍ଷଣ, ଦଶମେ କରନ୍ତି ବର୍ଣ୍ଣନ ॥

ଶ୍ରୀ ଶୁକ ଉବାଚ—

ଶୁକ ବୋଲନ୍ତି ରାଜନ୍ ଶୁଣ
ଏ ଭାଗବତର ଲକ୍ଷଣ
ଦଶ ପ୍ରକାରେ ଥିବ ଚିହ୍ନ
ପୁରାଣ ପୁରୁଷେ ବୋଲନ୍ତି
ତାହା କହିବା ଏକେ ଏକେ
ପ୍ରସ୍ତାବେ ତୋହର ସମ୍ମୁଖେ ।୧।

ସର୍ଗ, ବିସର୍ଗ ଯେବା ସ୍ଥାନ,
ପୋଷଣ ଊତି ପରମାଣ
ଯେ ମନ୍ୱନ୍ତର, ଈଶକଥା,
ନିରୋଧ, ମୁକ୍ତିର ବ୍ୟବସ୍ଥା,
ଆଶ୍ରୟ ମିଶି, ଦଶଗୁଣ
ଏ ଭାଗବତର ଲକ୍ଷଣ ।
ଦଶ ବିଶୁଦ୍ଧ ଅର୍ଥେ ରହେ
ନବ ଲକ୍ଷଣ ଯେବା ହୋଏ

ବେଦ ବିସ୍ତରି ମହାଜନେ
ତତ୍ତ୍ୱ କହନ୍ତି ଅନୁମାନେ । ୨ ।
ଦଶ ଇନ୍ଦ୍ରିୟ ପଞ୍ଚମାତ୍ର
ମହତ ଭୂତେ ପଞ୍ଚଭୂତ
ତାହାର ଜନ୍ମ "ସର୍ଗ" କହି
ଗୁଣ ବୈଷମ୍ୟ ଏତେ ହୋଇ ।
ବିରାଟ ପୁରୁଷର ଦେହେ
ବ୍ରହ୍ମା ସର୍ଜନା ଯେତେ ହୋଏ

Digitized by srujanika@gmail.com

ସ୍ଥିତିର୍ବୈକୁଣ୍ଠବିଜୟଃ ପୋଷଣଂ ତଦନୁଗ୍ରହଃ ।
ମନ୍ୱନ୍ତରାଣି ସଦ୍ଧର୍ମ ଊତୟଃ କର୍ମବାସନାଃ । ୪ ।
ଅବତାରାନୁଚରିତଂ ହରେଶ୍ଚାସ୍ୟାନୁବର୍ତ୍ତିନାମ୍ ।
ପୁଂସାମୀଶକଥାଃ ପ୍ରୋକ୍ତା ନାନାଖ୍ୟାନୋପବୃଂହିତାଃ । ୫ ।
ନିରୋଧୋଽସ୍ୟାନୁଶୟନମାତ୍ମନଃ ସହ ଶକ୍ତିଭିଃ ।
ମୁକ୍ତିର୍ହିତ୍ୱାନ୍ୟଥାରୂପଂ ସ୍ୱରୂପେଣ ବ୍ୟବସ୍ଥିତିଃ । ୬ ।
ଆଭାସଶ୍ଚ ନିରୋଧଶ୍ଚ ଯତୋଽସ୍ତ୍ୟଧ୍ୟବସୀୟତେ ।
ସ ଆଶ୍ରୟଃ ପରଂ ବ୍ରହ୍ମ ପରମାତ୍ମେତି ଶବ୍ଦ୍ୟତେ । ୭ ।

ଭଗବାନଙ୍କର ସୃଷ୍ଟ ଜୀବ ଲୋକର ତତ୍ ତତ୍ ମର୍ଯ୍ୟାଦା ରକ୍ଷାଦ୍ୱାରା ଯେ ଉତ୍କର୍ଷ ଲାଭ ହୁଏ, ତାହାର ନାମ 'ସ୍ଥିତି', ସ୍ୱୀୟ ଭକ୍ତଜନଙ୍କ ପ୍ରତି ଭଗବାନଙ୍କର ଯେଉଁ ଅନୁଗ୍ରହ ତାହାର ନାମ 'ପୋଷଣ' । କର୍ମ ସମୂହ ବାସନାର ନାମ 'ଊତି', ଭଗବାନଙ୍କର ଅନୁଗ୍ରହୀତ ମନ୍ୱାଦିର ଧର୍ମକୁ 'ମନ୍ୱନ୍ତର' ବୋଲାଯାଏ ।୪।

ଭଗବାନ୍‌ଙ୍କର ଅବତାର ଚରିତ୍ର ଏବଂ ତଦନୁବର୍ତ୍ତୀ ମହାପୁରୁଷମାନଙ୍କର ନାନାଉପାଖ୍ୟାନ ସମ୍ବନ୍ଧ ଚରିତ କଥାର ନାମ 'ଈଶାନୁ କଥା' । ୫ ।

ଭଗବାନ୍ ଯୋଗନିଦ୍ରା ଅବଲମ୍ବନ କଲାପରେ ସ୍ୱୀୟଶକ୍ତି ସହିତ ଜୀବର ଯେ ଶୟନ ବା ଲୟ ହୋଇଥାଏ, ତାହାର ନାମ 'ନିରୋଧ', ଆତ୍ମାର ଅନ୍ୟରୂପ ଅର୍ଥାତ୍ ଅବିଦ୍ୟାଦ୍ୱାରା ଆରୋପିତ ଅହଙ୍କାର ପ୍ରଭୃତି ପରିତ୍ୟାଗ କରି ବିଶିଷ୍ଟ ବିଧାନରେ ସ୍ୱରୂପରେ ଅବସ୍ଥିତିର ନାମ 'ମୁକ୍ତି' । ୬ ।

ଯାହାଙ୍କଠାରୁ ଏହି ବିଶ୍ୱର ଉତ୍ପତ୍ତି ଏବଂ ଲୟହୁଏ, ଯାହାଙ୍କଠାରୁ ଜଗତ୍ ପ୍ରକାଶିତ ହୁଏ, ଯେ ପରଂବ୍ରହ୍ମ ଓ ପରମାତ୍ମା ବୋଲି ପ୍ରସିଦ୍ଧ ତାହାଙ୍କୁ ପ୍ରକୃତ 'ଆଶ୍ରୟ' ବୋଲାଯାଏ । ୭ ।

ପୌରୁଷ ଚରାଚର ଯେତେ
"ବିସର୍ଗ" ବୋଲନ୍ତି ଏତେ ।୩।
ବିଷ୍ଣୁ ବିଜୟ "ସ୍ଥିତି" ନାମ
ତା ଅନୁଗ୍ରହ ସେ "ପୋଷଣ"
"ମନ୍ୱନ୍ତର" ଯେ ମନୁଧର୍ମ
କର୍ମ ବାସନା "ଊତି" ନାମ ।୪।
ବିଷ୍ଣୁ ଅବତାର ଚରିତ
ତାର ଭକ୍ତଙ୍କ ଯେ ଭକତି

ଈଶ୍ୱର କଥା ଅନୁବାଦେ
ଉତ୍ତମ ପୁରୁଷଙ୍କ ମଧ୍ୟେ
"ଈଶାନୁକଥା" ଏହା କହି
ଅପରେ ଶୁଣ ମନ ଦେଇ । ୫ ।
ସଂହରି ଆତ୍ମାର ଶକତି
ଜଳେ ଶୟନ ଯୋଗପତି
"ନିରୋଧ" ବୋଲି ତାର ନାମ
ନିଜସ୍ୱଭାବେ ପୂର୍ଣ୍ଣକାମ ।

"ମୁକ୍ତି" ସ୍ୱରୂପେ ବ୍ୟବସ୍ଥିତ
ଯହିଁ ନ ଘଟେ ପୁନର୍ଗତି । ୬ ।
"ଆଭାସ, ନିରୋଧ" ଏ ଦୁଇ
ଯାଠାରୁ ପ୍ରକାଶ ହୁଅଇ
"ଆଶ୍ରୟ" ନାମ ସେ ବୋଲଇ
ପରମ ବ୍ରହ୍ମ ଯାକୁ କହି ।
ସେ ପର ଆତ୍ମା ନରହରି
ଅଶେଷ ଘଟେ ଅଛି ପୂରି । ୭ ।

Digitized by srujanika@gmail.com

ଯୋଽଧ୍ୟାତ୍ମିକୋଽୟଂ ପୁରୁଷଃ ସୋଽସାବେବାଧିଦୈବିକଃ ।
ଯସ୍ତତ୍ରୋଭୟବିଚ୍ଛେଦଃ ପୁରୁଷୋ ହ୍ୟାଧିଭୌତିକଃ ।୮।
ଏକମେକତରାଭାବେ ଯଦା ନୋପଲଭାମହେ ।
ତ୍ରିତୟଂ ତତ୍ର ଯୋ ବେଦ ସ ଆତ୍ମା ସ୍ୱାଶ୍ରୟାଶ୍ରୟଃ ।୯।
ପୁରୁଷୋଽଣ୍ଡଂ ବିନିର୍ଭିଦ୍ୟ ଯଦାସୌ ସ ବିନିର୍ଗତଃ ।
ଆତ୍ମନୋଽୟନମନ୍ୱିଚ୍ଛନ୍ନପୋଽସ୍ରାକ୍ଷୀଚ୍ଛୁଚିଃ ଶୁଚୀଃ ।୧୦।
ତାସ୍ୱବାତ୍ସୀତ୍ ସ୍ୱସୃଷ୍ଟାସୁ ସହସ୍ରଂ ପରିବତ୍ସରାନ୍ ।
ତେନ ନାରାୟଣୋ ନାମ ଯଦାପଃ ପୁରୁଷୋଦ୍ଭବାଃ ।୧୧।

ହେ ରାଜନ୍ ! ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟର ଅଭିମାନୀ ଦ୍ରଷ୍ଟା ଜୀବ ସ୍ୱରୂପ ଯେ ଆଧ୍ୟାତ୍ମିକ ପୁରୁଷ, ତାହାଙ୍କୁହିଁ ପୁଣି ଇନ୍ଦ୍ରିୟର ଅଧିଷ୍ଠାତା ଆଧିଦୈବିକ ବୋଲି ଜାଣିବ, ଯହିଁରୁ ଏହି ଉଭୟର ଭେଦ ଉପସ୍ଥିତ ହୁଏ ସେହି ଆଧିଭୌତିକ, ସେହି ଆଧିଭୌତିକ ବା ଚକ୍ଷୁଗୋଲକାଦି ସମନ୍ୱିତ ଦେହ 'ପୁରୁଷ' ।୮।

(ଅର୍ଥାତ୍ ଦେହ ସୃଷ୍ଟି ପୂର୍ବରୁ ଇନ୍ଦ୍ରିୟ ଅଧିଷ୍ଠାନ ଅଭାବରୁ ଇନ୍ଦ୍ରିୟପ୍ରକାଶକ ଅଭିମାନୀ ଦେବତାଗଣ କାର୍ଯ୍ୟ ସମ୍ପାଦନରେ ଅକ୍ଷମ ଥିଲେ । ସେତେବେଳେ ଇନ୍ଦ୍ରିୟାଭିମାନୀ ଦ୍ରଷ୍ଟାଜୀବ ଓ ଇନ୍ଦ୍ରିୟାଧିଷ୍ଠାତ୍ରୀ ଦେବତା ଉଭୟଙ୍କ ମଧ୍ୟରେ ଜୀବତ୍ୱଭିନ୍ନ ଅନ୍ୟ କୌଣସି ବିଶେଷ ଧର୍ମ ପ୍ରତିଭାତ ହୋଇପାରୁ ନ ଥିଲା)

ଅଧ୍ୟାତ୍ମିକାଦି ତ୍ରିତୟ ମଧ୍ୟରୁ ଗୋଟିକର ଅଭାବ ଘଟିଲେ ଯେତେବେଳେ ଅନ୍ୟଟିକୁ ଦେଖି ନ ପାରୁ, ଯେ ସାକ୍ଷୀରୂପେ ଏହି ତ୍ରିତୟକୁ ଆଲୋଚନା ରୂପ ପ୍ରତ୍ୟୟଦ୍ୱାରା ଦେଖୁଛନ୍ତି, ସେହି ପରମାତ୍ମା ବା ଆଶ୍ରୟ, କିନ୍ତୁ ତାଙ୍କର କେହି ଆଶ୍ରୟ ନାହିଁ, ସେ ନିଜେ ନିଜର ଆଶ୍ରୟ ।୯।

ହେ ରାଜନ୍ ! ବିରାଟପୁରୁଷ ଅଣ୍ଡଭେଦ କରି ନିର୍ଗତ ହୋଇ ଆପଣାର ଅବଲମ୍ବନ ସ୍ଥାନ ଅନ୍ୱେଷଣ କରୁ କରୁ ସ୍ୱୟଂ ଯେପରି ପବିତ୍ର, ସେହିପରି ପବିତ୍ରଗର୍ଭୋଦକ ନାମକ ଉଦକ (ଜଳ) ସୃଷ୍ଟି କଲେ ।୧୦।

ଅନନ୍ତର ସେ ସ୍ୱସୃଷ୍ଟଜଳମଧ୍ୟରେ ସହସ୍ର ସହସ୍ର ବର୍ଷ ବାସ କରିଥିଲେ, ତାହାଙ୍କଠାରୁ ଅର୍ଥାତ୍ ସେହି 'ନର'ଙ୍କ ଠାରୁ ଜଳ ଉତ୍ପନ୍ନ ବୋଲି ତାଙ୍କୁ 'ନାର' ବୋଲାଯାଏ । ସେହି ନାରକୁ ତାହାଙ୍କର 'ଅୟନ' (ଅବଲମ୍ବନସ୍ଥାନ) କରି ଅଛନ୍ତି ବୋଲି ତାହାଙ୍କର ନାମ ନାରାୟଣ ହୋଇ ଅଛି ।୧୧।

ତାର ସକାଶୁଁ ଜୀବ ଏକ
ତେଣୁ ବୋଲାଇ ଆଧ୍ୟାତ୍ମିକ
ସେ ଅଧିଦେବତା ବୋଲାଇ
ଅଧିଭୂତଙ୍କ ଆତ୍ମା ସେହି
ଯେ ଦେହ ବିଚ୍ଛେଦ କରଇ
ତାହାକୁ ଅଧିଭୂତ କହି ।୮।
ଅଭାବେ ଏକ ଏକତର
ଯଦି ନ ଲକ୍ଷେ ପରସ୍ପର

ତେବେ ଏ ନୁହଇ ସଂସାର
ଯେମନ୍ତେ ଚକ୍ଷୁ ଦିନକର
ତୃତୀୟେ ସାକ୍ଷୀରୂପ ହୋଇ
ଯେ ଦେଖେ ପରଆତ୍ମା ସେହି
ଅନ୍ୟ ଆଶ୍ରୟ ସେ ହୁଅଇ
ତାର ଆଶ୍ରୟ ଅଟଇ ସେହି
ସର୍ବ ଆଶ୍ରୟ ତାର ନାମ
ପରମ ପୁରୁଷ ଉତ୍ତମ ।୯।

ସେ ଯେଉଁକାଳେ ଅଣ୍ଡ ଭେଦି
ବାହାର ହେଲା ଗୁଣନିଧି
ଆତ୍ମାର ସ୍ଥାନ ଇଚ୍ଛାକରି
ସ୍ୱଭାବେ ଜଳ ସୃଷ୍ଟି କରି
ସେ ଜଳମଧ୍ୟେ ମାୟାଧରି
ବଞ୍ଚିଲା ସହସ୍ରେ ବତ୍ସର
ଜଳର "ନାର" ବୋଲି ନାମ
ତେଣୁ ତା ନାମ ନାରାୟଣ ।୧୦,୧୧।

Digitized by srujanika@gmail.com

ଦ୍ରବ୍ୟଂ କର୍ମ ଚ କାଲଶ୍ଚ ସ୍ୱଭାବୋ ଜୀବ ଏବ ଚ ।
ଯଦନୁଗ୍ରହତଃ ସନ୍ତି ନ ସନ୍ତି ଯଦୁପେକ୍ଷୟା । ୧୨ ।
ଏକୋ ନାନାତ୍ୱମନ୍ୱିଚ୍ଛନ୍ ଯୋଗତଲ୍ପାତ୍ ସମୁତ୍ଥିତଃ ।
ବୀର୍ଯ୍ୟଂ ହିରଣ୍ମୟଂ ଦେବୋ ମାୟୟା ବ୍ୟସୃଜତ୍ ତ୍ରିଧା । ୧୩ ।
ଅଧିଦୈବମଥାଧ୍ୟାତ୍ମମଧିଭୂତମିତି ପ୍ରଭୁଃ ।
ଅଥୈକଂ ପୌରୁଷଂ ବୀର୍ଯ୍ୟଂ ତ୍ରିଧାଭିଦ୍ୟତ ତଚ୍ଛୃଣୁ । ୧୪ ।
ଅନ୍ତଃଶରୀର ଆକାଶାତ୍ ପୁରୁଷସ୍ୟ ବିଚେଷ୍ଟତଃ ।
ଓଜଃ ସହୋ ବଲଂ ଜଜ୍ଞେ ତତଃ ପ୍ରାଣୋ ମହାନସୁଃ । ୧୫ ।
ଅନୁପ୍ରାଣନ୍ତି ଯଂ ପ୍ରାଣାଃ ପ୍ରାଣନ୍ତଂ ସର୍ବଜନ୍ତୁଷୁ ।
ଅପାନନ୍ତମପାନନ୍ତି ନରଦେବମିବାନୁଗାଃ । ୧୬ ।

ଉପାଦାନ, କର୍ମ, କାଳ, ସ୍ୱଭାବ ଇତ୍ୟାଦି ନିମିତ୍ତ ଏବଂ ଜୀବ ବା ଭୋକ୍ତା-ସମସ୍ତେ ତାଙ୍କର ଅନୁଗ୍ରହ ବଶତଃ ନିଜ ନିଜର କାର୍ଯ୍ୟ ସମ୍ପାଦନ କରୁ ଅଛନ୍ତି, ସେ ଉପେକ୍ଷା କଲେ ଏମାନଙ୍କର ଶରୀର ଧାରଣ ମଧ୍ୟ ଅସମ୍ଭବ ହେବ । ୧୨ ।

ଏକମାତ୍ର ସର୍ବଶକ୍ତିମାନ୍ ଜ୍ଞାନମୟ ପରମେଶ୍ୱର ଯୋଗନିଦ୍ରାରୁ ଉଠିଲାପରେ ବହୁରୂପୀ ହେବାକୁ ଇଚ୍ଛାକରି ମାୟାବଳରେ ପ୍ରକାଶ ବହୁଳ ଗର୍ଭରୂପ, ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ରୂପ, ବିରାଟ ଦେହକୁ ଅଧିଦୈବ, ଅଧ୍ୟାତ୍ମ, ଅଧିଭୂତ-ଏହି ତିନିଭାଗରେ ବିଭକ୍ତ କଲେ । ୧୩ ।

ସେହି ଏକମାତ୍ର ପୁରୁଷଶକ୍ତି କିପରି ତିନିଭାଗରେ ବିଭକ୍ତ ହେଲା, ବର୍ତ୍ତମାନ ତାହା ଶ୍ରବଣ କରନ୍ତୁ ।୧୪

ସେ କ୍ରିୟାଶକ୍ତି ଦ୍ୱାରା ନାନାପ୍ରକାର ଚେଷ୍ଟା ଆରମ୍ଭକରିବାରୁ ତାହାଙ୍କ ଶରୀରାଭ୍ୟନ୍ତରରେ ଯେଉଁ ଆକାଶ ଥିଲା ତହିଁରୁ ଓଜ (ଇନ୍ଦ୍ରିୟଶକ୍ତି) ସହ (ମନଃଶକ୍ତି) ୍ୟ ବଳ (ଦେହଶକ୍ତି) ଏବଂ କ୍ରିୟାଶକ୍ତିସ୍ୱରୂପ ସୂକ୍ଷ୍ମ ରୂପରୁ ସୂତ୍ରନାମକ ମହତ୍ତ୍ୱ ଅର୍ଥାତ୍ ସର୍ବଶ୍ରେଷ୍ଠ ପ୍ରାଣ ଉତ୍ପନ୍ନ ହେଲା । ୧୫ ।

ଭୃତ୍ୟମାନେ ଯେପରି ରାଜାର ଅନୁବର୍ତ୍ତୀ ହୁଅନ୍ତି, ସେହିପରି ପ୍ରଭୁରୂପୀ ପ୍ରାଣ ଚେଷ୍ଟାଯୁକ୍ତ ହେଲେ, ଭୃତ୍ୟତୁଲ୍ୟ ଇନ୍ଦ୍ରିୟମାନେ ତାହାର ପଛେ ପଛେ କାର୍ଯ୍ୟରେ ଲାଗନ୍ତି, ଏବଂ ପ୍ରାଣ ନିଶ୍ଚେଷ୍ଟ ହେଲେ ଇନ୍ଦ୍ରିୟଗଣ ଚେଷ୍ଟାତ୍ୟାଗ କରନ୍ତି । ୧୬ ।

ଯେ ଦ୍ରବ୍ୟ ଗୁଣ କର୍ମ କାଳ
ସ୍ୱଭାବ ଜୀବ ଏକତମେଳ
ଯା ଅନୁଗ୍ରହେ ଉପୁଜନ୍ତି
ଯାର ନିଗ୍ରହେ ଲୀନହୋନ୍ତି ।୧୨।
ସେ ଯୋଗମାୟାବଳେ ଉଠି
କଳ୍ପିଲା ଯେଣୁ ନାନା ସୃଷ୍ଟି
ସୁବର୍ଣ୍ଣମୟ ତା ଶରୀର
ସର୍ଜିଲା ତ୍ରିବିଧ ପ୍ରକାର.

ଆଧିଦୈବତ ଆଧ୍ୟାତ୍ମିକ
ଆବର ଆଧିଭୌତିକ । ୧୩ ।
ଶୁଣ ପୌରୁଷ ବୀର୍ଯ୍ୟବଳେ
ଯଥା ତ୍ରିବିଧ ଭେଦ ହେଲେ ।୧୪।
ଅନ୍ତଃ ଶରୀର ଆକାଶରୁ
ପରମ ପୁରୁଷ ଚେଷ୍ଟାରୁ
ସ୍ୱଭାବେ ଓଜ ସହ ବଳ
ଜାତ ହୋଇଲେ ଅନର୍ଗଳ

ଏ ତିନିଙ୍କରୁ ଜାଣ ଜାତ
ଦଶପ୍ରାଣଙ୍କ ମୂଳ ନାଥ ।୧୫।
ତାହାର ବଳେ ପ୍ରାଣବଳ
ଇନ୍ଦ୍ରିୟ ଚେଷ୍ଟାହିଁ ସକଳ
ଚଳନ୍ତି ତାର ଅନୁପଥେ
ଅଶେଷ ପ୍ରାଣୀ ଅନ୍ତର୍ଗତେ
ରାଜାକୁ ଯେସନେ ଆଶ୍ରେକରି
ସେବକେ ପଥ ଅନୁସରି ।୧୬।

Digitized by srujanika@gmail.com

ପ୍ରାଣେନାକ୍ଷିପତା କ୍ଷୁତ୍ତୃଡନ୍ତରା ଜାୟତେ ପ୍ରଭୋଃ ।
ପିପାସତୋ ଜକ୍ଷତଶ୍ଚ ପ୍ରାଙ୍ମୁଖଂ ନିରଭିଦ୍ୟତ । ୧୭ ।
ମୁଖତସ୍ତାଲୁ ନିର୍ଭିନ୍ନଂ ଜିହ୍ୱା ତତ୍ରୋପଜାୟତେ ।
ତତୋ ନାନାରସୋ ଜଜ୍ଞେ ଜିହ୍ୱୟା ଯୋଽଧିଗମ୍ୟତେ । ୧୮ ।
ବିବକ୍ଷୋର୍ମୁଖତୋ ଭୂମ୍ନୋ ବହ୍ନିର୍ବାଗ୍‌ବ୍ୟାହୃତଂ ତୟୋଃ । ୧୯ ।
ଜଲେ ବୈ ତସ୍ୟ ସୁଚିରଂ ନିରୋଧଃ ସମଜାୟତ ।
ନାସିକେ ନିରଭିଦ୍ୟେତାଂ ଦୋଧୂୟତି ନଭସ୍ୱତି ।
ତତ୍ର ବାୟୁର୍ଗନ୍ଧବହୋ ଘ୍ରାଣୋ ନସି ଜିଘୃକ୍ଷତଃ । ୨୦ ।
ଯଦାତ୍ମନି ନିରାଲୋକମାତ୍ମାନଂ ଚ ଦିଦୃକ୍ଷତଃ ।
ନିର୍ଭିନ୍ନେ ଅକ୍ଷିଣୀ ତସ୍ୟ ଜ୍ୟୋତିଶ୍ଚକ୍ଷୁର୍ଗୁଣଗ୍ରହଃ । ୨୧ ।

ଏହି ପ୍ରାଣର ସଞ୍ଚାଳନରେ ବିଭୁ ଅର୍ଥାତ୍ ବିରାଟ ଦେହର କ୍ଷୁଧା ତୃଷ୍ଣା ଜନ୍ମିଲା, ତଦନ୍ତର ସେ ପାନ ଭୋଜନ କରିବାକୁ ଇଚ୍ଛା କରିବାରୁ ତାହାଙ୍କର ମୁଖ ବିଭକ୍ତ ହେଲା । ୧୭ ।

ମୁଖରୁ ଜିହ୍ୱାର ଉତ୍ପତ୍ତିସ୍ଥଳ ତାଳୁ ନିର୍ଭିନ୍ନ ହୋଇ ଜାତ ହେଲାରୁ ସେହି ତାଳୁରୁ ରସନେନ୍ଦ୍ରିୟ ଜିହ୍ୱା ଉତ୍ପନ୍ନ ହେଲା । (ରସନେନ୍ଦ୍ରିୟର ଅଧିଷ୍ଠାତ୍ରୀ ଦେବତା ବରୁଣ) ତହୁଁ ନାନାରସ ଜନ୍ମିଲା, ଜିହ୍ୱା ଦ୍ୱାରା ସେ ରସମାନଙ୍କର ସଂଗ୍ରହ ଜନ୍ମିଲା । ୧୮ ।

ଏହି ବିରାଟ ପୁରୁଷଙ୍କର ବାକ୍ୟ ପ୍ରୟୋଗର ଅଭିଳାଷ ଜନ୍ମିବାରୁ ଏହି ମୁଖରୁ ବାକ୍ୟ ଓ ତହିଁର ଅଧିଷ୍ଠାତ୍ରୀ ଦେବତା ଅଗ୍ନିଙ୍କର ଜନ୍ମ ହେଲା । ୧୯ ।

ସେହି ବିରାଟ ପୁରୁଷ ଯେତେବେଳେ ଜଳଶାୟୀ ଥିଲେ ତାଙ୍କର ଶ୍ୱାସ ପ୍ରଶ୍ୱାସ ରୁଦ୍ଧ ଥିଲା, କିନ୍ତୁ ପ୍ରାଣବାୟୁ ଅତିଶୟ ଉଦ୍‌ବେଳିତ ହେବାରୁ ଦୁଇ ନାସାରନ୍ଧ୍ର ଉତ୍ପନ୍ନ ହେଲା । ତଦନ୍ତର ତାଙ୍କର ଗନ୍ଧ ଆଘ୍ରାଣ କରିବାର ବାସନା ହେବାରୁ ନାସିକାରୁ ଗନ୍ଧ ଓ ତହିଁର ଦେବତା ପବନଙ୍କର ଉତ୍ପତ୍ତି ହେଲା ।୨୦

ପ୍ରଥମତଃ ସମସ୍ତଜଗତ ନିରାଲୋକ ବା ଅନ୍ଧକାରମୟ ଥିଲା, ଯେତେବେଳେ ସେ ସ୍ୱୀୟ ମୂର୍ତ୍ତି ଓ ଅନ୍ୟାନ୍ୟ ବସ୍ତୁ ଦେଖିବାର ଅଭିଳାଷ କଲେ ସେତେବେଳେ ତାଙ୍କର ଚକ୍ଷୁ ଓ ତଦଧିଷ୍ଠାତ୍ରୀ ଦେବତା ଜ୍ୟୋତିଃ ପ୍ରକାଶକ ଆଦିତ୍ୟ ଜାତ ହେଲେ, ତଦ୍ଦ୍ୱାରା ସେ ରୂପ ଦର୍ଶନ କରିଥିଲେ । ୨୧ ।

ମୂଳକମତିଁ ଏହିମତେ
ସଞ୍ଚରି ବ୍ରହ୍ମରନ୍ଧ୍ରପଥେ
ପ୍ରାଣର ଆତଯାତ କ୍ରମେ
ଉପୁଜେ କ୍ଷୁଧା ତୃଷା ସମେ
କ୍ଷୁଧା ତୃଷାର ମାର୍ଗ ମୁଖ
ତେଣୁ ସୃଜିଲ ଅଗ୍ରେ ମୁଖ ।୧୭।
ମୁଖର ମୂଳେ ତାଳୁ ଜାତ
ତା ସଙ୍ଗେ ରସନା ସମ୍ଭୂତ
ତାର ସଂଯୋଗେ ନାନା ରସେ
ବସନ୍ତି ବରୁଣ ବିଶ୍ୱାସେ । ୧୮ ।
ଶବଦ ଅର୍ଥେ ମୁଖଦ୍ୱାରେ
ଅଗ୍ନିଦେବତା ବାକ୍ୟ ଧରେ ।୧୯।
ସୁଚିର କାଳ ଥାଇ ଜଳେ
ନାସାବିବର ବାୟୁବଳେ
ଆଘାଣ ଅର୍ଥେ ଉପୁଜିଲେ
ତକ୍ଷଣେ ଗନ୍ଧବହ ଭୂଲେ । ୨୦ ।
ଅମ୍ଭର ଦେଖି ଅନ୍ଧକାର
ବ୍ରହ୍ମା ସୃଜିଲ ଚକ୍ଷୁ ଦ୍ୱାର
ଜ୍ୟୋତି ସର୍ଜିଲ ତା ରକ୍ଷଣେ
ରୂପ ପ୍ରକାଶ ଦୃଶ୍ୟ ଗୁଣେ ।୨୧।

Digitized by srujanika@gmail.com

ବୋଧ୍ୟମାନସ୍ୟ ଋଷିଭିରାତ୍ମନସ୍ତଜ୍ଜିଘୃକ୍ଷତଃ ।
କର୍ଣ୍ଣୌ ଚ ନିରଭିଦ୍ୟେତାଂ ଦିଶଃ ଶ୍ରୋତ୍ରଂ ଗୁଣଗ୍ରହଃ । ୨୨ ।
ବସ୍ତୁନୋ ମୃଦୁକାଠିନ୍ୟଲଘୁଗୁର୍ବୋଷ୍ଣଶୀତତାମ୍ ।
ଜିଘୃକ୍ଷତସ୍ତ୍ୱଙ୍‌ନିର୍ଭିନ୍ନା ତସ୍ୟାଂ ରୋମମହୀରୁହାଃ-
ତତ୍ର ଚାନ୍ତର୍ବହିର୍ବାତସ୍ତ୍ୱଚା ଲବ୍‌ଧଗୁଣୋ ବୃତଃ । ୨୩ ।
ହସ୍ତୌ ରୁରୁହତୁସ୍ତସ୍ୟ ନାନାକର୍ମଚିକୀର୍ଷୟା ।
ତୟୋସ୍ତୁ ବଲବାନିନ୍ଦ୍ର ଆଦାନମୁଭୟାଶ୍ରୟମ୍ । ୨୪ ।
ଗତିଂ ଜିଗୀଷତଃ ପାଦୌ ରୁରୁହାତେଽଭିକାମିକାମ୍ ।
ପଦ୍‌ଭ୍ୟାଂ ଯଜ୍ଞଃ ସ୍ୱୟଂ ହବ୍ୟଂ କର୍ମଭିଃ କ୍ରିୟତେ ନୃଭିଃ । ୨୫ ।

ଋଷିମାନେ ବେଦ ଉଚ୍ଚାରଣ ଦ୍ୱାରା ସେହି ବିରାଟ ପୁରୁଷଙ୍କର ସ୍ତୁତି କରିବାକୁ ଇଚ୍ଛାକରିବାରୁ ସେ ତାହା ଶ୍ରବଣ କରିବାକୁ ଅଭିଳାଷୀ ହେଲେ । ତହୁଁ ଦୁଇଟି କର୍ଣ୍ଣବିବର ବା ଶ୍ରବଣେନ୍ଦ୍ରିୟ ଓ ତହିଁର ଅଧିଷ୍ଠାତ୍ରୀ ଦେବତା ଦିକ୍‌ସମୂହ ଉତ୍ପନ୍ନ ହେଲ, ତଦ୍ୱାରା ଶବ୍ଦପରିଗ୍ରହ ହେଲ । ୨୨ ।

ଅନନ୍ତର ସେହି ବିରାଟପୁରୁଷ ବସ୍ତୁମାନଙ୍କର ମୃଦୁତ୍ୱ, କଠିନତ୍ୱ, ଗୁରୁତ୍ୱ, ଉଷ୍ଣତ୍ୱ, ଶୀତତ୍ୱ ଏହି ଧର୍ମମାନ ଗ୍ରହଣେଚ୍ଛୁ ହେବାରୁ ତ୍ୱକ୍ ଅର୍ଥାତ୍ ଚର୍ମେନ୍ଦ୍ରିୟ ଓ ରୋମକୂପ ଏବଂ ତହିଁର ଅଧିଷ୍ଠାତ୍ରୀ ଦେବତା ମହୀରୁହ ଗଣଙ୍କର ଉତ୍ପତ୍ତି ହେଲ, ବାୟୁ ସେହି ତ୍ୱକ୍‌ର ଅଭ୍ୟନ୍ତର ଓ ବହିର୍ଭାଗ ଆବରଣ କରି ସ୍ପର୍ଶ ଅନୁଭବ କରୁଅଛି । ୨୩ ।

ସେହି ବିରାଟପୁରୁଷ କର୍ମ କରିବାକୁ ଇଚ୍ଛୁକ ହେବାରୁ ତାହାଙ୍କର ଦୁଇହସ୍ତ, ବଳ, ଓ ତହିଁର ଅଧିଷ୍ଠାତ୍ରୀ ଦେବତା ଇନ୍ଦ୍ର ଜାତ ହେଲେ, ଆଦାନ ଦୁଇହସ୍ତର କାର୍ଯ୍ୟ । ୨୪ ।

ଗମନେଚ୍ଛା ପ୍ରକାଶିତ ହେବାରୁ ସେହି ବିରାଟ ପୁରୁଷଙ୍କର ପାଦଦ୍ୱୟ ଉତ୍ପନ୍ନ ହେଲ, ଯଜ୍ଞରୂପୀ ବିଷ୍ଣୁ ସେହି ଚରଣଦ୍ୱୟର ଅଧିଷ୍ଠାତ୍ରୀ ଦେବତାରୂପେ ବିରାଜିତ ହେଲେ, ମନୁଷ୍ୟମାନେ ତଦ୍ୱାରା ଗମନ କରି ଯଜ୍ଞାନୁଷ୍ଠାନରେ ପ୍ରବୃତ୍ତ ହେଲେ । 'ଗତି' ନାମ୍ନୀ କର୍ମଶକ୍ତିହିଁ ଏହି ଚରଣେନ୍ଦ୍ରିୟ ଏବଂ ଯଜ୍ଞଦ୍ରବ୍ୟ ଆହରଣ ତାହାର କାର୍ଯ୍ୟ । ୨୫ ।

ବେଦ ପୁରୁଷଙ୍କ ବଚନେ
ବିଧାତା ବେଦ ଅନୁମାନେ
ଶୁଣିବା ଅର୍ଥେ ନାନା ସ୍ୱନ
ଜନ୍ମିଲେ ପ୍ରକାଶିଲ କର୍ଣ୍ଣ
ଦିଗ ଦେବତାଙ୍କ ରକ୍ଷଣେ
ପ୍ରକାଶ ଯେ ବାମ ଦକ୍ଷିଣେ ।୨୨।
ବସ୍ତୁର କୋମଳ କଠିଣ
ଲଘୁ ଅଥବା ଗୁରୁ ଗୁଣ
ଶୀତଳ ଉଷ୍ଣ ଯେଣେ ଜାଣି
ପବନ ଯୋଗେ ପରମାଣି
ସେ ଚର୍ମ ଇନ୍ଦ୍ରିଗୁଣେ ଭଞ୍ଜି
ଉପରେ ବହେ ରୋମରାଜି ।୨୩।
ଅଶେଷ କର୍ମେ ଯେ ବିହରେ
ପ୍ରକାଶ ହସ୍ତଦ୍ୱୟ ଉପରେ
ବାମ ଦକ୍ଷିଣ ବେନିକର
ଯହିଁ ରକ୍ଷକ ସୁନାସୀର
ଦାନ ଆଦାନ କର୍ମଆଦି—
ଅର୍ଥେ ସର୍ଜିଲ ବେଦବାଦୀ । ୨୪ ।
ଜୀବର ଗତାଗତେ ପୁଣ
ବିଧାତା ସର୍ଜିଲ ଚରଣ
ସେ ବାମ ଦକ୍ଷିଣ ପଦ୍ମର
ଯହିଁ ରକ୍ଷକ ଦାମୋଦର
ସଂସାରେ ହବ୍ୟ କବ୍ୟ ବିଧି
ଚରଣ ଯୁଗଳେ ସାଧି । ୨୫ ।

Digitized by srujanika@gmail.com

ନିରଭିଦ୍ୟତ ଶିଶ୍ନୋ ବୈ ପ୍ରଜାନନ୍ଦାମୃତାର୍ଥିନଃ ।
ଉପସ୍ଥ ଆସୀତ୍କାମାନାଂ ପ୍ରିୟଂ ତଦୁଭୟାଶ୍ରୟମ୍ । ୨୬ ।
ଉତ୍ସିସୃକ୍ଷୋର୍ଧାତୁମଲଂ ନିରଭିଦ୍ୟତ ବୈ ଗୁଦମ୍ ।
ତତଃ ପାୟୁସ୍ତତୋ ମିତ୍ର ଉତ୍ସର୍ଗ ଉଭୟାଶ୍ରୟଃ । ୨୭ ।
ଆସିସୃପ୍ସୋଃ ପୁରଃ ପୁର୍ୟ୍ୟା ନାଭିଦ୍ୱାରମପାନତଃ ।
ତତ୍ରାପାନସ୍ତତୋ ମୃତ୍ୟୁଃ ପୃଥକ୍ତ୍ୱମୁଭୟାଶ୍ରୟଂ । ୨୮ ।
ଆଦିତ୍ସୋରନ୍ନପାନାନାମାସନ୍ କୁକ୍ଷ୍ୟନ୍ତ୍ରନାଡ଼ୟଃ ।
ନଦ୍ୟଃ ସମୁଦ୍ରାଶ୍ଚ ତୟୋସ୍ତୁଷ୍ଟିଃ ପୁଷ୍ଟିସ୍ତଦାଶ୍ରୟେ । ୨୯ ।

ଅପତ୍ୟୋତ୍ପାଦନ, ସମ୍ଭୋଗ ତଥା ସ୍ୱର୍ଗ କାମନା ଉଦିତ ହେବାରୁ ତାହାଙ୍କ ଉପସ୍ଥ ଇନ୍ଦ୍ରିୟର ଅଧିଷ୍ଠାନ ଶିଶ୍ନ * ଏବଂ ଉପସ୍ଥେନ୍ଦ୍ରିୟ ଓ ତଦଧିଷ୍ଠାତ୍ରୀ ଦେବତା, ପ୍ରଜାପତିଙ୍କର ଉତ୍ପତ୍ତି ହେଲ, ସ୍ତ୍ରୀସମ୍ଭୋଗ ଜନିତ ସୁଖ ଏହି ଇନ୍ଦ୍ରିୟ ଓ ତଦଧିଷ୍ଠାତ୍ରୀ ଦେବତାଙ୍କର ଅଧୀନ । ୨୬ ।

ସେହି ପୁରୁଷ ଧାତୁ, ମଳ, ବା ଭୁକ୍ତ ଦ୍ରବ୍ୟାଦିର ଅସାରାଂଶ ପରିତ୍ୟାଗକରିବାର ଇଚ୍ଛା କରିବାରୁ ଗୁହ୍ୟରନ୍ଧ୍ର ଓ ପାୟୁ ଏବଂ ବାହାର ଅଧିଷ୍ଠାତ୍ରୀ ଦେବତା ମିତ୍ରଙ୍କର ଉତ୍ପତ୍ତି ହେଲ, ମଳତ୍ୟାଗ ଏହି ଉଭୟଙ୍କର କାର୍ଯ୍ୟ । ୨୭ ।

ଭଗବାନ୍ ଯେତେବେଳେ ଏକ ଦେହରୁ ଅନ୍ୟ ଦେହକୁ ଗମନ କରିବାକୁ ଇଚ୍ଛୁକ ହେଲେ, ସେତେବେଳେ ନାଭିଦ୍ୱାର, ଅପାନ ଓ ମୃତ୍ୟୁର ସୃଷ୍ଟିହେଲ । ନାଭିଦେଶରେ ପ୍ରାଣବାୟୁ ଓ ଅପାନବାୟୁର ବିଶ୍ଳେଷ ହେବା ମାତ୍ରକେ ମୃତ୍ୟୁ ହୁଏ । ବହିର୍ନିଃସରଣଶୀଳ ଅପାନ ବାୟୁର ପୃଥକତ୍ୱ ସେହି ଇନ୍ଦ୍ରିୟ ଓ ମୃତ୍ୟୁଦେବତାର ଅଧୀନ । ୨୮ ।

ଅନ୍ନ ପାନୀୟ ଆଦି ସଂଗ୍ରହାଭିଳାଷୀ ହେବାରୁ ତାହାଙ୍କର ଉଦର, ଅନ୍ତ୍ର ଏବଂ ନାଡ଼ୀର ସୃଷ୍ଟି ହେଲ, ତନ୍ମଧ୍ୟରେ କୁକ୍ଷି ଅଧିଷ୍ଠାନ ଅନ୍ତ୍ର ଅନ୍ନସଂଗ୍ରହ, ନାଡ଼ୀ ଇନ୍ଦ୍ରିୟ ସଂଗ୍ରହର କାରଣ, ଏହି ଅନ୍ତ୍ରର ଅଧିଷ୍ଠାତ୍ରୀ ଦେବତା ନଦୀ, ନାଡ଼ୀର ଅଧିଷ୍ଠାତ୍ରୀ ଦେବତା ସମୁଦ୍ର, ତୁଷ୍ଟି ଅର୍ଥାତ୍ ଉଦର ପୂର୍ତ୍ତି ଏବଂ ପୁଷ୍ଟି ଅର୍ଥାତ୍ ରସପରିପାକ ଜନିତ ସ୍ଥୂଳତା ସେହି ଇନ୍ଦ୍ରିୟ ଓ ଦେବତା ଉଭୟଙ୍କର ଅଧୀନ । ୨୯ ।

ବେନି ଚରଣ ମୂଳଦେଶେ
ଆନନ୍ଦେ ଶିଶ୍ନ ପରକାଶେ
ସନ୍ତାନ ଉତ୍ପତ୍ତିକାରଣେ
ରକ୍ଷକ ପ୍ରଜାପତି ଗଣେ
ଉଭୟ ଆନନ୍ଦର ଦ୍ୱାର
ସମ୍ଭୋଗ ନର ନାରୀଙ୍କର ।୨୬।
ପ୍ରକାଶେ ଗୁହ୍ୟ ଅଧିଷ୍ଠାନେ –
ଧାତୁଙ୍କ ମଳ ଉତ୍ସର୍ଜନେ
ମିତ୍ର ଦେବତାର ବିଷୟ
ଉଭୟ ଉତ୍ସର୍ଗ ଆଶ୍ରୟ । ୨୭ ।
ଦେହରୁ ଦେହାନ୍ତର ଗତି—
ଇଚ୍ଛାରୁ ନାଭି ଉତପତ୍ତି
ନାଭିରେ ପ୍ରାଣ ଯେ ଅପାନ—
ବିଯୋଗେ ହୁଅଇ ମରଣ ।୨୮।
ଅନ୍ନପାନର ସ୍ଥାନ ସଧେ
ସେ ଅନ୍ତ୍ର ନାଡ଼ୀ କୁକ୍ଷିମଧ୍ୟେ
ନାଡ଼ୀରେ ନଦୀ ତୃଷା ବସେ
ଅନ୍ତ୍ରେ ସମୁଦ୍ର ରହେ ଗ୍ରାସେ
ଉଭୟ ଜନିତ ଏ ଦୁଇ
ଯେ ତୁଷ୍ଟି ପୁଷ୍ଟି ନାମ ବହି ।୨୯।

---

* ଶିଶ୍ନ—ଯୋନି, ଲିଙ୍ଗ

Digitized by srujanika@gmail.com

ନିଦଧ୍ୟାସୋରାତ୍ମମାୟାଂ ହୃଦୟଂ ନିରଭିଦ୍ୟତ ।
ତତୋ ମନଶ୍ଚନ୍ଦ୍ରଃ ଇତି ସଂକଳ୍ପଃ କାମ ଏବ ଚ ।୩୦।
ତ୍ୱକ୍‌ଚର୍ମମାଂସରୁଧିରମେଦୋମଜ୍ଜାସ୍ଥିଧାତବଃ ।
ଭୂମ୍ୟପ୍ତେଜୋମୟାଃ ସପ୍ତ ପ୍ରାଣୋ ବ୍ୟୋମାମ୍ବୁବାୟୁଭିଃ ।୩୧।
ଗୁଣାତ୍ମକାନୀନ୍ଦ୍ରିୟାଣି ଭୂତାଦିପ୍ରଭବାଃ ଗୁଣାଃ ।
ମନଃ ସର୍ବବିକାରାତ୍ମା ବୁଦ୍ଧିର୍ବିଜ୍ଞାନରୂପିଣୀ ।୩୨।
ଏତଦ୍‌ଭଗବତୋ ରୂପଂ ସ୍ଥୂଳଂ ତେ ବ୍ୟାହୃତଂ ମୟା ।
ମହ୍ୟାଦିଭିଶ୍ଚାବରଣୈରଷ୍ଟଭିର୍ବହିରାବୃତମ୍ ।୩୩।

ସେହି ପୁରୁଷ ନିଜର ମାୟା ଚିନ୍ତା କରନ୍ତେ ହୃଦୟ, ମନ, ସଙ୍କଳ୍ପ, ଅଭିଳାଷ, ଏବଂ ମନର ଅଧିଷ୍ଠାତ୍ରୀ ଦେବତା ଚନ୍ଦ୍ର—ଏ ସମସ୍ତ ସୃଷ୍ଟ ହେଲେ ।୩୦।

ଦେହର ସ୍ଥୂଳତ୍ୱକ୍ ଏବଂ ତଦୁପରିସ୍ଥ ସୂକ୍ଷ୍ମଚର୍ମ, ମାଂସ, ଶୋଣିତ, ମେଦ, ମଜ୍ଜା, ଅସ୍ଥି, ଏହି ସପ୍ତଧାତୁ ଭୂମି, ଜଳ, ଏବଂ ତେଜ, ଏହି ତିନିରୁ ଉତ୍ପନ୍ନ ହେଲ, ତତ୍‌ସୃଷ୍ଟ ସମସ୍ତ ପାଞ୍ଚଭୌତିକ ହେଲେହେଁ ବାୟୁ ଓ ଆକାଶ ଆହାରରୂପେ ସେମାନଙ୍କର ପୁଷ୍ଟି ସାଧନ କରନ୍ତି ନାହିଁ; ପ୍ରାଣ ଆକାଶ, ଜଳ ଓ ବାୟୁରୁ ଉତ୍ପନ୍ନ ।୩୧।

ବିଷୟାଭିମୁଖ ସ୍ୱଭାବ ଇନ୍ଦ୍ରିୟଗଣ ତଥା ଶବ୍ଦାଦିଗୁଣ ସମୂହ ଅହଂକାରରୁ ସୃଷ୍ଟ, ଅର୍ଥାତ୍ ଅହଙ୍କାର ଦ୍ୱାରା ସେମାନଙ୍କର ଶୋଭନ ସ୍ୱଭାବ କଳ୍ପିତ; ବସ୍ତୁତଃ ସେମାନେ ତଦ୍ରୂପ ନୁହନ୍ତି, କାରଣ ମନ ସମସ୍ତ ବିକାରର ଆତ୍ମା ଓ ସ୍ୱରୂପ କିନ୍ତୁ ବୁଦ୍ଧି ଭୂତାର୍ଥ ବିଜ୍ଞାନ ରୂପିଣୀ ମାତ୍ର ପରମାର୍ଥ ଗ୍ରାହିଣୀ; ନୁହେଁ ।୩୨।

ହେ ରାଜନ୍ ! ମୁଁ ଭଗବନ୍ତଙ୍କର ସ୍ଥୂଳରୂପ ତୁମ୍ଭ ନିକଟରେ ବର୍ଣ୍ଣନା କଲି, ଏହି ସ୍ଥୂଳରୂପର ବହିର୍ଭାଗ ପ୍ରଭୃତି ଅଷ୍ଟ ଆବରଣ ଦ୍ୱାରା ଆବୃତ ।୩୩।

ଆତ୍ମମାୟାକୁ ଚିନ୍ତାକରି
ସନ୍ଦେ ହୃଦୟ ରୂପଧରି
କାମ ସଂକଳ୍ପ ଚନ୍ଦ୍ର ମନ
ହୃଦୟ ଏହାଙ୍କର ସ୍ଥାନ ।୩୦।
ହୃଦୟ ଆବୋରିବା ଆଶେ
ଅସ୍ଥି ସର୍ଜିଲ ପୃଷ୍ଠଦେଶେ
ଅସ୍ଥି ଭିତରେ ମଜ୍ଜା କଲ
ଉପରେ ମେଦ ଭିଆଇଲ
ତାର ଉପରେ ମାଂସ ଧରି
ରୁଧିର ଆବରଣ କରି
ତାର ଉପରେ ତ୍ୱକ୍ ଚର୍ମ
ମଜ୍ଜାର ମଧ୍ୟେ ରହେ ବ୍ୟୋମ
ଏମନ୍ତେ କରି ସପ୍ତଧାତୁ
ସେ ଭୂମି ଜଳ ତେଜ ହେତୁ
ଆକାଶ ତେଜ ବାୟୁ ଘେନି
ପ୍ରାଣର ହେତୁ ଏହି ତିନି
ବାସ୍ତର ସହସ୍ର ଯେ ନାଡ଼ୀ
ହୃଦ କମଳ ମଧ୍ୟେ ବେଢ଼ି
ପ୍ରାଣ ରହଇ ତାଙ୍କ ମଧ୍ୟେ
ଅନ୍ତରେ ରସ ମୂଳ ଭେଦେ ।୩୧।
ଯେ ଗୁଣାତ୍ମକ ଇନ୍ଦ୍ରିୟଗଣ
ଭୂତାଦି ପ୍ରଭବ ଯେ ଗୁଣ
କଳ୍ପିତ ଅହଙ୍କାରେ ପୁଣ
ସର୍ବବିକାର ଆତ୍ମା ମନ
ବୁଦ୍ଧି ବିଜ୍ଞାନ ସ୍ୱରୂପିଣୀ
ଏଣୁ ସଂସାରମୟ ପ୍ରାଣୀ ।୩୨।
ଅବନୀ ଉଦକ ଅନଳ
ପବନ ଆକାଶ ମଣ୍ଡଳ
ଏ ପଞ୍ଚଭୂତ କଳେବର
ବିଷ୍ଣୁର ଭୁବନ ମନ୍ଦିର
ଏମନ୍ତେ କହିଲି ମୁଁ ତୋତେ
ବିଷ୍ଣୁର ସ୍ଥୂଳରୂପ ଯେତେ
ଏ ଜୀବ ବ୍ରହ୍ମାଣ୍ଡ ଧାରଣେ
ବେଷ୍ଟିତ ଅଷ୍ଟ ଆବରଣେ
ପୃଥିବୀ ଆଦି ପଞ୍ଚଭୂତ
ମନ ଅହଙ୍କାର ମହତ

Digitized by srujanika@gmail.com

ଅତଃ ପରଂ ସୂକ୍ଷ୍ମତମମବ୍ୟକ୍ତଂ ନିର୍ବିଶେଷଣଂ ।
ଅନାଦିମଧ୍ୟନିଧନଂ ନିତ୍ୟଂ ବାଙ୍ମନସଃ ପରଂ । ୩୪ ।
ଅମୁନୀ ଭଗବଦ୍ରୂପେ ମୟା ତେ ହ୍ୟନୁବର୍ଣ୍ଣିତେ ।
ଉଭେ ଅପି ନ ଗୃହ୍ଣନ୍ତି ମାୟାସୃଷ୍ଟେ ବିପଶ୍ଚିତଃ । ୩୫ ।
ସ ବାଚ୍ୟବାଚକତୟା ଭଗବାନ୍ ବ୍ରହ୍ମରୂପଧୃକ୍ ।
ନାମରୂପକ୍ରିୟା ଧତ୍ତେ ସକର୍ମାକର୍ମକଃ ପରଃ । ୩୬ ।
ପ୍ରଜାପତୀନ୍ ମନୂନ୍ ଦେବାନୃଷୀନ୍ ପିତୃଗଣାନ୍ ପୃଥକ୍ ।
ସିଦ୍ଧଚାରଣଗନ୍ଧର୍ବାନ୍ ବିଦ୍ୟାଧ୍ରାସୁରଗୁହ୍ୟକାନ୍ । ୩୭ ।
କିନ୍ନରାପ୍ସରସୋ ନାଗାନ୍ ସର୍ପାନ୍ କିଂପୁରୁଷାନ୍ନରାନ୍ ।
ମାତୃରକ୍ଷଃପିଶାଚାଂଶ୍ଚ ପ୍ରେତଭୂତବିନାୟକାନ୍ । ୩୮ ।

ହେ ରାଜନ୍ ! ଏତଦ୍ବ୍ୟତୀତ ଆଉ ଗୋଟିଏ ସୂକ୍ଷ୍ମତମ ରୂପ ଅଛି, ତାହା ଅବ୍ୟକ୍ତ, ତାହାର କୌଣସି ବିଶେଷଣ ନାହିଁ, ତାହା ଉତ୍ପତ୍ତି ସ୍ଥିତି ଲୟଶୂନ୍ୟ, ନିତ୍ୟ ଏବଂ ବାକ୍ମନର ଅଗୋଚର । ୩୪ ।

ହେ ରାଜନ୍ ! ମୁଁ ତୁମ୍ଭ ନିକଟରେ ଭଗବାନଙ୍କର ସ୍ଥୂଳ ଓ ସୂକ୍ଷ୍ମ—ଉଭୟରୂପ ବର୍ଣ୍ଣନା କଲି, ମାତ୍ର ପଣ୍ଡିତମାନେ ଏ ଉଭୟ ରୂପ ସ୍ୱୀକାର କରନ୍ତି ନାହିଁ, କାରଣ ଉଭୟମାୟା ସୃଷ୍ଟ, ଭଗବାନ୍ ପର ବା ପ୍ରାକୃତ ଗୁଣ ସମ୍ପର୍କ ଶୂନ୍ୟ, ଏବଂ ଅକର୍ମକ ବା ସର୍ବବ୍ୟାପାର ବିବର୍ଜିତ ହେଲେ ମଧ ବ୍ରହ୍ମାରୂପ ଧାରଣ କରି ମାୟା ଅବଲମ୍ବନ ପୂର୍ବକ ସକର୍ମକ ହୋଇ, ବାଚ୍ୟ ବାଚକରୂପେ ନାମ, ରୂପ ଓ କ୍ରିୟା ସୃଷ୍ଟି କରିଥାନ୍ତି ।୩୫,୩୬।

ପ୍ରଜାପତି, ମନୁ, ଦେବତା, ଋଷି, ପିତୃଗଣ, ସିଦ୍ଧ, ଚାରଣ, ଗନ୍ଧର୍ବ, ବିଦ୍ୟାଧର, ଅସୁର, ଯକ୍ଷ, କିନ୍ନର, ଅପ୍ସରା, ନାଗ, ସର୍ପ, କିଂପୁରୁଷ, ନର, ମାତୃଗଣ, ଯାତୁଧାନ, ପିଶାଚ, ଭୂତ, ପ୍ରେତ, ବିନାୟକ, କୁଷ୍ମାଣ୍ଡ, ଉନ୍ମାଦ, ବେତାଳ, ରାକ୍ଷସ, ଗ୍ରହ, ମୃଗ, ଖଗ, ପଶୁ, ବୃକ୍ଷ, ପର୍ବତ, ଓ ସରୀସୃପ, ଏ ସମସ୍ତ ତାଙ୍କର ସୃଷ୍ଟି । ୩୭,୩୮ ।

ଏ ଅଷ୍ଟଗୁଣେ ଆବରଣ
ଏମନ୍ତେ ବ୍ରହ୍ମାଣ୍ଡ ଘଟଣ । ୩୩ ।
ଏ ସ୍ଥୂଳରୂପ ଯେ ତାହାର
ଏହା ଉପର ସୂକ୍ଷ୍ମତର
ସେ ନିର୍ବିକାର ନିରଞ୍ଜନ
ଅନାଦି ମଧ୍ୟମ-ନିଧନ
ସେ ଶୂନ୍ୟମଧ୍ୟେ ନିରାକାର
ମନ ବଚନ ଅଗୋଚର ।୩୪।
ଏ ସ୍ଥୂଳ ସୂକ୍ଷ୍ମ ଦେହ ଧରି
ଖେଳଇ ଆତ୍ମମାୟା କରି

ପଣ୍ଡିତେ ନ ଘେନନ୍ତି ଏହା
ସୃଷ୍ଟି ସଂକଳ୍ପ ବିଷ୍ଣୁମାୟା ।୩୫।
ବାଚ୍ୟ ବାଚକ ରୂପ ଧରି
ସେ ବ୍ରହ୍ମରୂପୀ ଅବତରି
ସେ ନାମରୂପ କ୍ରିୟାତ୍ୟଉ
ଅକର୍ମା ହୋଇ କର୍ମହେତୁ
ସର୍ବ ସଂକଳ୍ପ କ୍ରିୟା ଅର୍ଥେ
ଶୁଣ କହିବା ଆଉ ଯେତେ ।୩୬।
ଅଂଶକେ ଭିନ୍ନ ଭିନ୍ନ କରି
ସେ ପ୍ରଜାପତି ରୂପ ଧରି

ମନୁଙ୍କୁ ସମର୍ପିଲ ହେଲେ
ଋଷି ଦେବତା ପିତୃମାନେ
ସିଦ୍ଧ ଚାରଣ ବିଦ୍ୟାଧର
ଗନ୍ଧର୍ବ ଗୁହ୍ୟକ ଅସୁର
କିନ୍ନର ଅପସରାଗଣ
ନାଗ କିଂପୁରୁଷ ଯେ ପୁଣ
ଯକ୍ଷ ଉରଗ ମାତୃଗଣ
ପିଶାଚ ଭୂତ ପ୍ରେତମାନ
କୁଷ୍ମାଣ୍ଡଗଣ ବିନାୟକ
ଉନ୍ମାଦ ବେତାଳ ଯେତେକ

Digitized by srujanika@gmail.com

କୁଷ୍ମାଣ୍ଡୋନ୍ମାଦବେତାଳାନ୍ ଯାତୁଧାନାନ୍ ଗ୍ରହାନପି ।
ମୃଗାନ୍ ଖଗାନ୍ ପଶୂନ୍ ବୃକ୍ଷାନ୍ ଗିରୀନ୍ ନୃପ ସରୀସୃପାନ୍ । ୩୯ ।
ଦ୍ୱିବିଧାଶ୍ଚତୁର୍ବିଧା ଯେଽନ୍ୟେ ଜଲସ୍ଥଲନଭୌକସଃ ।
କୁଶଲାଽକୁଶଲା ମିଶ୍ରାଃ କର୍ମଣାଂ ଗତୟସ୍ତ୍ୱିମାଃ । ୪୦ ।
ସତ୍ତ୍ୱଂ ରଜସ୍ତମ ଇତି ତିସ୍ରଃ ସୁରନୃନାରକାଃ ।
ତତ୍ରାପ୍ୟେକୈକଶୋ ରାଜନ୍ ଭିଦ୍ୟନ୍ତେ ଗତୟସ୍ତ୍ରିଧା ।
ଯଦୈକୈକତରୋଽନ୍ୟାଭ୍ୟାଂ ସ୍ୱଭାବ ଉପହନ୍ୟତେ । ୪୧ ।
ସ ଏବେଦଂ ଜଗଦ୍ଧାତା ଭଗବାନ୍ ଧର୍ମ୍ମରୂପଧୃକ୍ ।
ପୁଷ୍ଣାତି ସ୍ଥାପୟନ୍ ବିଶ୍ୱଂ ତିର୍ଯ୍ୟଙ୍‌ନରସୁରାଦିଭିଃ । ୪୨ ।

ସ୍ଥାବର ଜଙ୍ଗମ ଏହି ଦ୍ୱିବିଧ ତଥା ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଉଦ୍‌ଭିଦଜ ଏହି ଚତୁର୍ବିଧ, ତଥା ଜଳଚର, ଭୂଚର, ଖେଚର, ଏ ସମସ୍ତ ପୃଥକ୍‌ଭାବରେ ଭଗବାନ୍‌ଙ୍କଠାରୁ ଜାତ । ୩୯ ।

ହେ ରାଜନ୍ ! ଏଥି ମଧ୍ୟରେ ଉତ୍ତମ, ଅଧମ, ଓ ମଧ୍ୟମ ଅଛି, ତାହା ସେମାନଙ୍କର ପୁଣ୍ୟ ଓ ଅପୁଣ୍ୟ ଏବଂ ଉଭୟ ମିଶ୍ରଣର ଫଳ ସ୍ୱରୂପ ଜାତ ହୁଏ । ୪୦ ।

ହେ ନରନାଥ ! ତଦନୁସାରେ ସତ୍ତ୍ୱ, ରଜ, ଓ ତମରୁ କ୍ରମାନ୍ୱୟରେ ଦେବତା, ମନୁଷ୍ୟ ଓ ନାରକୀୟ ଉତ୍ପତ୍ତି ହୁଅନ୍ତି, ଏହି ଗୁଣତ୍ରୟ ମଧ୍ୟରେ ଗୋଟି ଗୋଟିକର ଗତି ଉତ୍ତମାଦି ଭେଦରେ ତିନିପ୍ରକାର ଏହିପରି ନଅ ପ୍ରକାର ହୋଇ ଥାଏ, କାରଣ ଗୋଟିକରେ ଅନ୍ୟ ଦୁଇଟି ଗୁଣ ମିଶ୍ରିତ, ଯଥା ରଜ ସ୍ୱଭାବବିଶିଷ୍ଟ ମନୁଷ୍ୟ ସତ୍ତ୍ୱସ୍ୱଭାବମିଶ୍ରଗୁଣର ଆଧିକ୍ୟ ହେତୁ ବ୍ରାହ୍ମଣ ହୁଏ, ତମଃ ସ୍ୱଭାବର ମିଶ୍ରଣର ଆଧିକ୍ୟ ହେତୁ ଶୂଦ୍ର ହୁଏ । ୪୧ ।

ସେହି ଭଗବାନ୍ ମନୁଷ୍ୟ, ଦେବତା, ପଶୁ, ପକ୍ଷୀ ପ୍ରଭୃତି ଅବତାର ଦ୍ୱାରା ଏହି ବିଶ୍ୱପାଳନ କରିବାକୁ ଧର୍ମରୂପ ତତ୍ତ୍ୱଦ୍ ଭୋଗ ବା ଭୋଗ୍ୟ ସାମଗ୍ରୀ ସମ୍ବର୍ଦ୍ଧନ କରୁ ଅଛନ୍ତି । ୪୨ ।

ଯେ ଯାତୁଧାନ ସରୀସୃପ
ଗ୍ରହ ମୃଗାଦି ଖଗରୂପ
ବୃକ୍ଷ ପର୍ବତ ପଶୁଗଣ
ଏରୂପେ କଲେକ ସର୍ଜନ
ଦ୍ୱିବିଧ ଚତୁର୍ବିଧଗଣେ
ଜଳେ ବା ସ୍ଥଳେ ବା ଗଗନେ
ମିଶ୍ର କୁଶଳ ଅକୁଶଳ
ତିନି ପ୍ରକାରେ କର୍ମଫଳ
ଏହି ପ୍ରକାରେ କର୍ମଗତି
ଆତ୍ମାରବଳେ ସେ ସର୍ଜନ୍ତି ।୩୭-୪୦

ଗୁଣ ପ୍ରଭେଦେ ତିନି ଲୋକ
ଦେବ ଅସୁର ନରଲୋକ
ସତ୍ତ୍ୱରୁ ସୁରରୂପ ହୋଇ
ମନୁଷ୍ୟ ରଜଗୁଣ ବହି
ତମୋଗୁଣରୁ ଅଧୋଗତି
ପାପିଷ୍ଠେ ତହିଁ ବିଶ୍ରାମନ୍ତି
ସେ ତିନିଲୋକେ ତିନି ଗତି
ହୁଏବ ସୃଜିଲ ପ୍ରଜାପତି
ସେ ପୁଣ ଗୁଣତ୍ରୟ ହୋଇ
ସ୍ୱଭାବେ ଭିନ୍ନ ଭିନ୍ନ ଦେହୀ

ଏକ ଆରକେ ନ ଗଣିଲେ
ନିଶ୍ଚଳେ ରହି ନ ପାରିଲେ ।୪୧।
ତା ଦେଖି ପ୍ରଭୁ ନରହରି
ତକ୍ଷଣେ ଧର୍ମରୂପ ଧରି
ବିଶ୍ୱକୁ ପାଳିବାର ଅର୍ଥେ
ଦେବ-ମନୁଷ୍ୟ-ପଶୁ-ଗତେ
ଏ ତିନିରୂପେ ଭଗବାନ
ରକ୍ଷା ପୋଷଣେ କରି ସ୍ଥାନ
ସୁଖ ସମ୍ପଦେ ଦାନ ହରେ
ଯେ ବିଧି ସଂସାର ବେଷ୍ଟରେ ।୪୨।

Digitized by srujanika@gmail.com

ତତଃ କାଲାଗ୍ନି ରୁଦ୍ରାତ୍ମା ଯତ୍‌ସୃଷ୍ଟମିଦମାତ୍ମନଃ ।
ସଂନିୟଚ୍ଛତି ତତ୍ କାଲେ ଘନାନୀକମିବାନିଲଃ । ୪୩ ।
ଇତ୍ଥଂଭାବେନ କଥିତୋ ଭଗବାନ୍ ଭଗବତ୍ତମଃ ।
ନେତ୍ଥଂଭାବେନ ହି ପରଂ ଦ୍ରଷ୍ଟୁମର୍ହନ୍ତି ସୂରୟଃ । ୪୪ ।
ନାସ୍ୟ କର୍ମାଣି ଜନ୍ମାଦୌ ପରସ୍ୟାନୁବିଧୀୟତେ ।
କର୍ତ୍ତୃତ୍ୱପ୍ରତିଷେଧାର୍ଥଂ ମାୟୟାରୋପିତଂ ହି ତତ୍ । ୪୫ ।
ଅୟଂ ତୁ ବ୍ରହ୍ମଣଃ କଳ୍ପଃ ସବିକଳ୍ପ ଉଦାହୃତଃ ।
ବିଧିଃ ସାଧାରଣୋ ଯତ୍ର ସର୍ଗାଃ ପ୍ରାକୃତବୈକୃତାଃ । ୪୬ ।

ସୃଷ୍ଟିର ଅବସାନ କାଳରେ ବାୟୁ ମେଘ ଶ୍ରେଣୀକୁ ଦୂର କଲପରି ସେହି ଭଗବାନ୍ କାଳାଗ୍ନି ରୁଦ୍ର ରୂପରେ ନିଜର ସୃଷ୍ଟ ଏହି ବିଶ୍ୱକୁ ସଂହାର କରନ୍ତି । ୪୩ ।

ହେ ରାଜନ୍ ! ଶ୍ରୁତିରେ ଭଗବତ୍‌ଶ୍ରେଷ୍ଠ ଭଗବାନଙ୍କୁ ଏହିପରି ବର୍ଣ୍ଣନା କରାଯାଇଅଛି, ପଣ୍ଡିତମାନେ କେବଳ ଏହି ରୂପରେ ତାହାଙ୍କୁ ଦର୍ଶନ କରିବା ଉଚିତ ନୁହେଁ । ୪୪ ।

ମହାରାଜ ! ଏହି ବିଶ୍ୱର ସୃଷ୍ଟି ସ୍ଥିତି, ଓ ସଂହାର କାର୍ଯ୍ୟରେ ପରମେଶ୍ୱରଙ୍କର କର୍ତ୍ତୃତ୍ୱ ପ୍ରତିପାଦିତ ଶ୍ରୁତିର ତାତ୍ପର୍ଯ୍ୟ ନୁହେଁ, ତାହା କେବଳ ମାୟାଦ୍ୱାରା କଳ୍ପିତ ହୁଏ, କେବଳ କର୍ତ୍ତୃତ୍ୱ ପ୍ରତିଷେଧ ନିମିତ୍ତ, ଶ୍ରୁତିରେ ତାଙ୍କର ଏପରି ବର୍ଣ୍ଣନା କରାଯାଇ ଅଛି । ୪୫ ।

ହେ ରାଜନ୍ ! ବ୍ରହ୍ମାଙ୍କର ମହାକଳ୍ପ ଓ ଅବାନ୍ତର କଳ୍ପ ସଂକ୍ଷେପରେ ତୁମ୍ଭ ନିକଟରେ ବର୍ଣ୍ଣନା କଲି, ମହାକଳ୍ପରେ ପ୍ରାକୃତ ମହଦାଦିର ସୃଷ୍ଟି, ଅବାନ୍ତର କଳ୍ପରେ ବୈକୃତ ସ୍ଥାବରାଦିର ସୃଷ୍ଟି—ଏହି ବିଧି ଅନ୍ୟାନ୍ୟ ଯାବତୀୟ ମହାକଳ୍ପାଦି ସହିତ ସମାନ । ୪୬ ।

ସୃଷ୍ଟିର ଭୋଗ ଅନ୍ତେ ହରି
କାଳାଗ୍ନି ରୁଦ୍ରରୂପ ଧରି
ଆତ୍ମାର କ୍ରୀଡ଼ା ନାଶ କରେ
ବାଳକ ଯେସନେ ବେଳାରେ
ସର୍ବ ହରଇ ଅବସାନେ
ଜୀମୂତ ଯେସନେ ପବନେ ।୪୩।
ଏ ଭାବେ ହରିଗୁଣ ଯେତେ
ସୂରେ ଜାଣିବେ କାହିଁ ଚିତ୍ତେ

କେବଳ ଭାବେ ତାଙ୍କୁ ଜାଣି
ଶ୍ରୁତିବଚନେ ତା ପ୍ରମାଣି ।୪୪।
ସୃଷ୍ଟିର ଆଦି ଜନ୍ମ କାଳେ
ଯେ କର୍ମ ସାଧେ ଯୋଗବଳେ
ସ୍ୱଭାବେ କର୍ମ ଯାର ନାହିଁ ।
ମାୟାରେ ବିଶ୍ୱ ପ୍ରକାଶଇ ।୪୫।
ଏ ବ୍ରହ୍ମକଳ୍ପର ସଂସାର
ବିକଳ୍ପ ନାମଟି ଯେ ଆର

ଏ ନିତ୍ୟ ସାଧାରଣ ବିଧି
ଯେ ପୂର୍ବକାଳରୁଁ ପ୍ରସିଦ୍ଧି
ପ୍ରାକୃତ ବୈକୃତ ସଂସାର
ମହତ ସ୍ଥାନର ସଞ୍ଚାର
ସଂକ୍ଷେପେ କହିଲୁଁ ଯେ ତୋତେ
ତୁ ଯାହା ପଚାରିଲୁ ମୋତେ ।୪୬।

Digitized by srujanika@gmail.com

ପରିମାଣଂ ଚ କାଳସ୍ୟ କଳ୍ପଲକ୍ଷଣବିଗ୍ରହମ୍ ।
ଯଥା ପୁରସ୍ତାଦ୍ ବ୍ୟାଖ୍ୟାସ୍ୟେ ପାଦ୍ମଂ କଳ୍ପମଥୋ ଶୃଣୁ । ୪୭।

ଶ୍ରୀ ଶୌନକ ଉବାଚ

ଯଦାହ ନୋ ଭବାନ୍ ସୂତ କ୍ଷତ୍ତା ଭାଗବତୋତ୍ତମଃ ।
ଚଚାର ତୀର୍ଥାନି ଭୁବସ୍ତ୍ୟକ୍ତ୍ୱା ବନ୍ଧୂନ୍ ସୁଦୁସ୍ତ୍ୟଜାନ୍ । ୪୮ ।
କ୍ଷତ୍ତୁଃ କୌଶାରବେସ୍ତସ୍ୟ ସଂବାଦୋଽଧ୍ୟାତ୍ମସଂଶ୍ରିତଃ ।
ଯଦ୍ୱା ସ ଭଗବାଂସ୍ତସ୍ମୈ ପୃଷ୍ଟସ୍ତତ୍ତ୍ୱମୁବାଚ ହ । ୪୯ ।
ବ୍ରୂହି ନସ୍ତଦିଦଂ ସୌମ୍ୟ ବିଦୁରସ୍ୟ ବିଚେଷ୍ଟିତମ୍ ।
ବନ୍ଧୁତ୍ୟାଗନିମିତ୍ତଂ ଚ ଯଥୈବାଗତବାନ୍ ପୁନଃ । ୫୦

ହେ ରାଜନ୍ ! କାଳର ସ୍ଥୂଳ ଏବଂ ସୂକ୍ଷ୍ମ ପରିମାଣ ତଥା କଳ୍ପର ଲକ୍ଷଣ ଅର୍ଥାତ୍—ତାହାର ରୂପ ଓ ତାହାର ଅବାନ୍ତର ଅବୟବ ଯେତେ ପ୍ରକାର, ଏ ସମସ୍ତ ବିସ୍ତାର ପୂର୍ବକ ବ୍ୟାଖ୍ୟା କରିବି, ବର୍ତ୍ତମାନ୍ ପାଦ୍ମକଳ୍ପ ପ୍ରସଙ୍ଗ କହୁଅଛି ଶ୍ରବଣ କର । ୪୭ ।

ଶ୍ରୀଶୌନକ କହିଲେ :—

ଶୌନକ ଋଷି ସୂତଙ୍କୁ କହିଲେ—"ହେ ସୂତ ! ତୁମ୍ଭେ କହୁଥିଲ, ପରମଭାଗବତ ବିଦୁର ଦୁସ୍ତ୍ୟଜ୍ୟ ବନ୍ଧୁମାନଙ୍କୁ ପରିତ୍ୟାଗ କରି ପୃଥିବୀସ୍ଥ ଯାବତୀୟ ତୀର୍ଥ ପର୍ଯ୍ୟଟନ କରିଥିଲେ, ଏବଂ ମୈତ୍ରେୟ ମୁନିଙ୍କ ସହିତ ତାହାଙ୍କର କଥୋପକଥନ ଛଳରେ ଅଧ୍ୟାତ୍ମଜ୍ଞାନ ବିଷୟକ ପ୍ରସଙ୍ଗମାନ ଆଲୋଚିତ ହୋଇଥିଲା" ତୁମ୍ଭେ ସେ ସମସ୍ତ ବର୍ଣ୍ଣନା କର, ବିଦୁର ବନ୍ଧୁବର୍ଗଙ୍କୁ ତ୍ୟାଗ କରି କଣ କରିଥିଲେ ଏବଂ ପୁନର୍ବାର କିପରି ପ୍ରତ୍ୟାଗମନ କଲେ, ହେ ସୌମ୍ୟ ! ତୁମ୍ଭେ ସେ ପ୍ରସଙ୍ଗ ଆମ୍ଭମାନଙ୍କ ନିକଟରେ ବର୍ଣ୍ଣନା କର ।୪୮-୫୦।

ଯେ କଳ୍ପଲକ୍ଷଣ ଯେ ନାମ
ଯେବା କାଳର ପରିମାଣ
ଯେ ବ୍ରହ୍ମକଳ୍ପ ମନ୍ୱନ୍ତର
ପାଦ୍ମକଳ୍ପର ଯେ ବିସ୍ତର
ସକଳ କହିବା ବିସ୍ତାରଣ
ରାଜନ ସାବଧାନେ ଶୁଣ । ୪୭ ।

ଶ୍ରୀଶୌନକ ଉବାଚ

ହେ ସୂତ କହ ବିଷ୍ଣୁକଥା
ଯେଣେ ଛୁଟିବ ଭବବ୍ୟଥା
ପଦ୍ମକଳ୍ପର କଥା କହ
ଯେଣେ ଛୁଟିବ ଭବମୋହ ।
ଦୁର୍ଯ୍ୟୋଧନର ଦୁଷ୍ଟବାଣୀ
ବିଦୁର ସଭାମଧ୍ୟେ ଶୁଣି
କୁଟୁମ୍ବ ଆଶା ଦୂର କରି
ବିଜନ ପଶିଲ ଦେହ ଧରି
ପୃଥିବୀ କଲା ପର୍ଯ୍ୟଟନ
ବୁଲି ପର୍ବତ ଘୋରବନ
କୈବଲ୍ୟ ଲଭେ ଇଚ୍ଛା କଲା
ଅନେକ ତୀର୍ଥ ସେ ଭ୍ରମିଲା
କାହିଁ ମୈତ୍ରେୟ ସଙ୍ଗେ ତାର
କରୁସେ ହେଲା ଏକସର
ବ୍ରହ୍ମସମ୍ବାଦ ହେଲା ଜନେ
କରି ବସିଲେ କେଉଁ ସ୍ଥାନେ
ବିଦୁର ପଚାରିଲେ ଯେତେ
ମୈତ୍ରେୟ ବୋଧିଲେ ଯେମନ୍ତେ
ସେ ବନ୍ଧୁତ୍ୟାଗୀ କି କାମନ୍ତେ
ପୁଣି ମିଳିଲା ଇନ୍ଦ୍ରପ୍ରସ୍ଥେ ।୪୮-୫୦।

Digitized by srujanika@gmail.com

ଶ୍ରୀସୂତ ଉବାଚ

ରାଜ୍ଞା ପରୀକ୍ଷିତା ପୃଷ୍ଟୋ ଯଦବୋଚନ୍ ମହାମୁନିଃ ।
ତଦ୍‌ବୋଽଭିଧାସ୍ୟେ ଶୃଣୁତ ରାଜ୍ଞଃ ପ୍ରଶ୍ନାନୁସାରତଃ । ୫୧ ।

ଇତ ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ଦ୍ୱିତୀୟସ୍କନ୍ଧେ ଦଶଲକ୍ଷଣକଥନଂ ନାମ ଦଶମୋଽଧ୍ୟାୟଃ । ୧୦ ।

ସୂତ କହିଲେ :—

ଆପଣମାନେ ମୋତେ ଆଜ ଯେଉଁ ପ୍ରଶ୍ନ କଲେ, ମହାମୁନି ଶୁକଦେବଙ୍କୁ ରାଜା ପରୀକ୍ଷିତ ସେହି ପ୍ରଶ୍ନ କରିଥିଲେ ଏବଂ ସେ ଯେଉଁ ଭାବରେ ଉତ୍ତର ଦେଇଥିଲେ, ମୁଁ ତାହା ବର୍ଣ୍ଣନା କରୁଅଛି ଶ୍ରବଣ କରନ୍ତୁ । ୫୧ ।

ଇତ ଦଶମ ଅଧ୍ୟାୟ ସମାପ୍ତ ।

ଶ୍ରୀସୂତ ଉବାଚ
ପରୀକ୍ଷିତ ବାକ୍ୟ ଉତ୍ତରେ ଘେନି
ଯାହା କହିଲେ ଶୁକମୁନି

ସେ ପ୍ରଶ୍ନ ଅନୁସାରେ ଯେତେ
ଶୁଣ କହିବା ଭାଗବତେ
ସୂତ ଶୌନକଙ୍କ ସମ୍ବାଦ
ଶୁଣନ୍ତେ ନ ଲାଗେ ପ୍ରମାଦ

ଦ୍ୱିତୀୟସ୍କନ୍ଧେ ଭାଗବତ
ଅମୃତ ରସମୟ ଗୀତ
ସୁଜନ ଜନଙ୍କର ହିତ
କହିଲ ଦାସ ଜଗନ୍ନାଥ

ଭାବାର୍ଥ :—

ନବମ ଅଧ୍ୟାୟର ଶେଷଭାଗରେ ବ୍ରହ୍ମା ଶ୍ରୀଭଗବାନଙ୍କ କୃପାରୁ ଚତୁଃଶ୍ଲୋକୀ ଭାଗବତ ପ୍ରାପ୍ତ ହୋଇ ଦଶଲକ୍ଷଣ ଯୁକ୍ତ ସେହି ପୁରାଣ ନାରଦଙ୍କୁ ଉପଦେଶ ଦେଇଥିଲେ, ନାରଦ ସେହି ପୁରାଣ ବ୍ୟାସଦେବଙ୍କୁ ଉପଦେଶ ଦେଇଥିଲେ । **ସର୍ଗ, ବିସର୍ଗ, ସ୍ଥାନ, ପୋଷଣ, ଊତି, ମନ୍ୱନ୍ତର, ଈଶାନୁକଥା, ନିରୋଧ, ମୁକ୍ତି ଓ ଆଶ୍ରୟ** ଏହି ଦଶୋଟି ଉପରୋକ୍ତ ଦଶଲକ୍ଷଣ, ଏହା ଦଶମ ଅଧ୍ୟାୟର ପ୍ରଥମ ଶ୍ଳୋକରେ ବର୍ଣ୍ଣିତ ହୋଇଅଛି । ସର୍ଗଃ ଅର୍ଥାତ୍ ବ୍ରହ୍ମାଣ୍ଡ ଦେହ ନିର୍ମାଣ ମହତ୍ତତ୍ତ୍ୱ, ଅହଂକାରତତ୍ତ୍ୱ,

Digitized by srujanika@gmail.com

ଶବ୍ଦାଦି ପଞ୍ଚତନ୍ମାତ୍ର, ଆକାଶାଦି ମହାଭୂତ, ଇନ୍ଦ୍ରିୟ ସମୂହ ଏହି ସୃଷ୍ଟିମାନଙ୍କୁ ସର୍ଗ ବୋଲଯାଏ, ବ୍ରହ୍ମାଙ୍କଠାରୁ ଉତ୍ପନ୍ନ ଚରାଚର ସୃଷ୍ଟି ବିସର୍ଗ, ବୈକୁଣ୍ଠ ଧାମହିଁ ସ୍ଥାନ, ପାଳିତ ଜୀବଙ୍କ ପ୍ରତି ଭଗବାନଙ୍କର କୃପା ପ୍ରଦର୍ଶନ ପୋଷଣ, କର୍ମଦ୍ୱାରା ଉତ୍ପନ୍ନ ବାସନାକୁ ଊତି ବୋଲଯାଏ, ମନ୍ୱନ୍ତରାଧିପତିମାନଙ୍କର ଧର୍ମକୁ ମନ୍ୱନ୍ତର, ଉପାଖ୍ୟାନାଦି ଦ୍ୱାରା ହରିକଥା ବର୍ଣ୍ଣନା ଈଶାନୁକଥା, ଭଗବାନ୍ ଯୋଗନିଦ୍ରା ଅବଲମ୍ବନ କଲବେଳେ ଜୀବମାନେ ଯେ ଲୟପ୍ରାପ୍ତ ହୁଅନ୍ତି ତାହା ପ୍ରଳୟ, ଏହି ପ୍ରଳୟ ନାନାପ୍ରକାର, ତନ୍ମଧ୍ୟରେ ବ୍ରହ୍ମାଙ୍କର ପରମାୟୁ ଶେଷରେ ଯେଉଁ ପ୍ରଳୟ ହୁଏ ତାହା ମହାପ୍ରଳୟ; ସେସମୟରେ ସମସ୍ତ ସୃଷ୍ଟବସ୍ତୁ ବିନଷ୍ଟ ହୁଅନ୍ତି, ମାୟା ଓ ଜଗତ୍‌ରୂପ ଆତ୍ମ ପ୍ରକାଶ ଭଗବତ୍‌ଶକ୍ତିରେ ଲୀନ ହୋଇ ଯାଏ । ସେତେବେଳେ ଜୀବ ସମସ୍ତ ସଂସାର ମୋକ୍ଷ ହୋଇ ଭଗବତ୍ ସାକ୍ଷାତ୍ ଲାଭ କରେ, ତାହାହିଁ ମୁକ୍ତି, ଶ୍ରୀଧର ସ୍ୱାମୀ ଅବିଦ୍ୟାକଳିତ କର୍ତ୍ତୃତ୍ୱ ବିସର୍ଜନ ଓ ଜୀବର ବ୍ରହ୍ମରୂପରେ ଅବସ୍ଥାନକୁ ମୁକ୍ତି ବୋଲି ବ୍ୟାଖ୍ୟା କରିଅଛନ୍ତି । ମାୟା ବନ୍ଧନରୁ ନିସ୍ତୃତି ଲାଭକରି ପାରିଲେ ଜୀବର ମୁକ୍ତିଲାଭ ହୁଏ । ଭଗବାନହିଁ ସର୍ବାଶ୍ରୟ, ସେ ନିତ୍ୟଧାମରେ ବା ବୈକୁଣ୍ଠପୁରୀରେ ଅବସ୍ଥାନ କଲେ ମଧ୍ୟ ସର୍ବ ଜୀବର ଅନ୍ତରୟ ରୂପେ ସର୍ବ ଜୀବରେ ମଧ୍ୟ ଅବସ୍ଥାନ କରନ୍ତି । ଯାହାଙ୍କର ସ୍ଥିତି ନିତ୍ୟ ଏବଂ ଯେ ନିଜର ପ୍ରତିଷ୍ଠାରେ ପ୍ରତିଷ୍ଠିତ, ସେହି ପରମପୁରୁଷହିଁ ଆଶ୍ରୟ ତତ୍ତ୍ୱ ।

ଭଗବାନଙ୍କର ସ୍ଥୂଳ ଓ ସୂକ୍ଷ୍ମରୂପ ସମ୍ବନ୍ଧେ ଆଲୋଚନାକରି ଶ୍ରୀ ଶୁକଦେବ କହିଲେ "ଶୁଦ୍ଧଭକ୍ତିମାନ୍ ପୁରୁଷହିଁ ଭଗବାନଙ୍କର ଏହି ଉଭୟରୂପ ଦର୍ଶନକରିବାକୁ ସକ୍ଷମ ।" ମାୟିକ ବସ୍ତୁମାତ୍ରର ସ୍ଥୂଳ ଓ ସୂକ୍ଷ୍ମ ଉଭୟରୂପ ଅଛି । ସ୍ଥୂଳ ଇନ୍ଦ୍ରିୟଗ୍ରାହ୍ୟ, ସୂକ୍ଷ୍ମ ଇନ୍ଦ୍ରିୟାତୀତ, ପରିଦୃଶ୍ୟମାନ ଜଗତ ସ୍ଥୂଳ, ମହତ୍ତତ୍ତ୍ୱ, ଅହଂକାରତତ୍ତ୍ୱ, ମନ, ଇନ୍ଦ୍ରିୟ, ପଞ୍ଚତନ୍ମାତ୍ର ଓ ତନ୍ନିର୍ମିତ ବସ୍ତୁ ମାତ୍ରେ ସୂକ୍ଷ୍ମ । ଜୀବର ଦେହ ସ୍ଥୂଳ ଏବଂ ଇନ୍ଦ୍ରିୟଗ୍ରାହ୍ୟ । ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟ ମନ ପଞ୍ଚପ୍ରାଣ ପ୍ରଭୃତି ଦ୍ୱାରା ଗଠିତ ଦେହ ସୂକ୍ଷ୍ମ ଓ ଇନ୍ଦ୍ରିୟାତୀତ । ଶ୍ରୀ ଶୁକଦେବ ବିରାଟପୁରୁଷ ଓ ତାଙ୍କର ଅଙ୍ଗ ପ୍ରତ୍ୟଙ୍ଗାଦି ଓ ଜୀବର ଇନ୍ଦ୍ରିୟାଦି ସୃଷ୍ଟି ବର୍ଣ୍ଣନା କରିଥିଲେ । ଏହି ସୃଷ୍ଟିତତ୍ତ୍ୱ ତୃତୀୟ ସ୍କନ୍ଧରେ ଆହୁରି ପ୍ରାଞ୍ଜଳଭାବରେ ବର୍ଣ୍ଣିତ ହୋଇଅଛି ।

ପରିଶିଷ୍ଟ ।

ପୁରୁଷସୂକ୍ତଂ:—

(ଋଗ୍‌ବେଦ ୧୦।୯୦, ତୈତ୍ତିରୀୟାରଣ୍ୟକ ୩।୧୨)

ଓଁ ପୁରୁଷସୂକ୍ତମନ୍ତ୍ରସ୍ୟ, ନାରାୟଣ ଋଷିଃ, ପଞ୍ଚଦଶାର୍ଚ୍ଚ ନୁଷ୍ଟୁପ୍‌ଛନ୍ଦଃ, ଷୋଡ଼ଶାର୍ଚ୍ଚ ତ୍ରିଷ୍ଟୁପ୍‌ଛନ୍ଦଃ, ଜଗଦ୍‌ବୀଜଂ, ପୁରୁଷୋଦେବତାଃ, ଅମୁକସ ଗୋତ୍ରସ୍ୟ ଅମୁକଦେବଶର୍ମଣୋ ମମାଭିଷ୍ଟସିଦ୍ଧୟେ ଋଗ୍‌ବେଦାନ୍ତର୍ଗତପୁରୁଷସୂକ୍ତମନ୍ତ୍ର ଶୁକ୍ଳ-ଯଜୁର୍ବେଦାନ୍ତର୍ଗତ ଉତ୍ତରନାରାୟଣମନ୍ତ୍ର ପଠନେ ବିନିଯୋଗଃ ।

Digitized by srujanika@gmail.com

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ବିଶ୍ୱତୋ ବୃତ୍ୱାତ୍ୟତିଷ୍ଠଦ୍ଦଶାଙ୍ଗୁଳମ୍ । ୧ ।
ପୁରୁଷ ଏବେଦଂ ସର୍ବଂ ଯଦ୍ଭୂତଂ ଯଚ୍ଚ ଭବ୍ୟଂ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି । ୨ ।
ଏତାବାନସ୍ୟ ମହିମାତୋ ଜ୍ୟାୟାଂଶ୍ଚ ପୂରୁଷଃ ।
ପାଦୋଽସ୍ୟ ବିଶ୍ୱା ଭୂତାନି ତ୍ରିପାଦସ୍ୟାମୃତଂ ଦିବି । ୩ ।

ଅନ୍ୱୟ :—ସହସ୍ରଶୀର୍ଷା (ଯାହାଙ୍କର ସହସ୍ର ମସ୍ତକ) ସହସ୍ରାକ୍ଷଃ (ଯାହାଙ୍କର ସହସ୍ର ଲୋଚନ) ସହସ୍ରପାତ୍ (ସହସ୍ରପାଦ) ପୁରୁଷଃ (ପୁରୁଷ ସ୍ୱରୂପ) ସଃ (ସେହି ପୁରୁଷ) ଭୂମିଂ (ବ୍ରହ୍ମାଣ୍ଡକୁ) ବିଶ୍ୱତଃ (ସର୍ବତୋଭାବରେ) ବୃତ୍ୱା (ପରିବେଷ୍ଟନ କରି) ଦଶାଙ୍ଗୁଳଂ (ଦଶାଙ୍ଗୁଳ ପରିମିତସ୍ଥାନ) ଅତି ଅତିଷ୍ଠତ୍ (ଅତିକ୍ରମକରି) ଅବସ୍ଥାନ କରୁଅଛନ୍ତି । ୧ ।

ଅର୍ଥ :—ଓଯ ବିରାଟପୁରୁଷ, ତାହାଙ୍କର ଅନନ୍ତମସ୍ତକ, ଅସଂଖ୍ୟ ଚକ୍ଷୁ ଏବଂ ଅନନ୍ତ ଚରଣ, ସେ ବ୍ରହ୍ମାଣ୍ଡକୁ ସର୍ବତୋ ଭାବରେ ପରିବେଷ୍ଟନ କରି ଦଶାଙ୍ଗୁଳ ପରିମିତସ୍ଥାନ ଅତିକ୍ରମକରି ଅବସ୍ଥିତ ଅଛନ୍ତି ।୧

ଅନ୍ୱୟ :—ଇଦଂ (ବର୍ତ୍ତମାନ୍ ଜଗତ୍) ସର୍ବଂ (ସମସ୍ତଲୋକକୁ) ପୁରୁଷ ଏବ (ପୁରୁଷସ୍ୱରୂପ) ଯତ୍ (ଯାହା) ଭୂତଂ (ଅତୀତଜଗତ୍) ଯଚ୍ଚ (ଏବଂ ଯାହା) ଭବ୍ୟଂ (ଭବିଷ୍ୟତ୍ ଜଗତ୍) ଉତ (ଏବଂ) ଅମୃତତ୍ୱସ୍ୟ (ଦେବତ୍ୱର) ଈଶାନଃ (ନିୟାମକ) ଯତ୍ (ଯେହେତୁ) ଅନ୍ନେନ (ଅନ୍ନଦ୍ୱାରା) ଅତି ରୋହତି (ଅତିକ୍ରମକରି ପ୍ରାପ୍ତ ହୁଅନ୍ତି)। ୨ ।

ଅର୍ଥ :—ବର୍ତ୍ତମାନ ଜଗତ୍ ଓସେହି ବିରାଟପୁରୁଷ, ଯାହା ଅତୀତ ବା ଭବିଷ୍ୟତ୍ ତାହା ମଧ୍ୟ ସେହି ପୁରୁଷ ଏବଂ ସେହି ଦେବତ୍ୱର ନିୟନ୍ତା, ଯେହେତୁ ସେ ପ୍ରାଣୀମାନଙ୍କର ଭୋଗ ନିମିତ୍ତ ନିଜର କାରଣାବସ୍ଥା ଅତିକ୍ରମ କରି ଦୃଶ୍ୟମାନ ଜଗଦବସ୍ଥା ପ୍ରାପ୍ତ ହୋଇ ଅଛନ୍ତି (ସୁତରାଂ ଏହା ତାହାଙ୍କର ପରମାର୍ଥିକ ରୂପ ନୁହେଁ । ୨ ।

ଅନ୍ୱୟ :—ଏତାବାନ୍ (ତ୍ରିକାଳବର୍ତ୍ତୀ ସମସ୍ତଜଗତ୍) ଅସ୍ୟ (ଏହି ପୁରୁଷଙ୍କର ମହିମା) ଅସ୍ୟ ଚ (ବସ୍ତୁତଃ) ପୁରୁଷଃ (ସେହିପୁରୁଷ) ଅତଃ (ଏହି ମହିମାରୁ) ଜ୍ୟାୟାନ୍ (ଅତିଶୟ ଅଧିକ) ବିଶ୍ୱା (ସମସ୍ତ) ଭୂତାନି (କାଳତ୍ରୟବର୍ତ୍ତୀ ପ୍ରାଣି ସମୂହ) ଅସ୍ୟ (ଏହି ପୁରୁଷଙ୍କର) ପାଦଃ (ଚତୁର୍ଥାଂଶ) ଅସ୍ୟ (ଏହାଙ୍କର) ତ୍ରିପାଦ୍ (ତ୍ରିଚତୁର୍ଥାଂଶ) ଅମୃତଂ (ଅବିନାଶିରୂପେ) ଦିବି (ସ୍ୱପ୍ରକାଶସ୍ୱରୂପେ ଅବଶିଷ୍ଟ ଅଛି)। ୩ ।

ଅର୍ଥ :—ଏହି ସମସ୍ତ ତାହାଙ୍କର ମହିମା ମାତ୍ର, ବସ୍ତୁତଃ ସେହି ପୁରୁଷ ଏହି ମହିମା ଅପେକ୍ଷା ଅତିଶୟ ଶ୍ରେଷ୍ଠ, କାଳତ୍ରୟବର୍ତ୍ତୀ ସମସ୍ତ ଜୀବ ତାହାଙ୍କର ଗୋଟିଏ ପାଦ ମାତ୍ର, ତାହାଙ୍କର ଅବଶିଷ୍ଟ ତ୍ରିପାଦ ଅବିନାଶିରୂପେ ଓ ସ୍ୱପ୍ରକାଶ ରୂପେ ଅବସ୍ଥିତ । ୩ ।

Digitized by srujanika@gmail.com

ତ୍ରିପାଦୂର୍ଦ୍ଧ୍ୱ ଉଦୈତ୍ ପୁରୁଷଃ ପାଦୋଽସ୍ୟେହାଭବତ୍ ପୁନଃ ।
ତତୋ ବିଶ୍ୱଂ ବ୍ୟକ୍ରାମତ୍ ସାଶନାନଶନେ ଅଭି । ୪ ।
ତସ୍ମାଦ୍ବିରାଡ଼ଜାୟତ ବିରାଜୋ ଅଧି ପୂରୁଷଃ ।
ସ ଜାତୋ ଅତ୍ୟରିଚ୍ୟତ ପଶ୍ଚାଦ୍ଭୂମିମଥୋ ପୁରଃ । ୫ ।
ଯତ୍ ପୁରୁଷେଣ ହବିଷା ଦେବା ଯଜ୍ଞମତନ୍ୱତ ।
ବସନ୍ତୋ ଯସ୍ୟାସୀଦାଜ୍ୟଂ ଗ୍ରୀଷ୍ମ ଇଧ୍ମଃ ଶରଦ୍ଧବିଃ । ୬ ।

ଅନ୍ୱୟ :—ତ୍ରିପାତ୍ ପୂରୁଷଃ (ତ୍ରିପାଦ ଅର୍ଥାତ୍ ସଂସାରରହିତ ବ୍ରହ୍ମସ୍ୱରୂପ ପୁରୁଷ) ଊର୍ଦ୍ଧ୍ୱଃ ଉଦେତ୍ (ଊର୍ଦ୍ଧ୍ୱରେ ଅର୍ଥାତ୍ ଅଜ୍ଞାନର କାର୍ଯ୍ୟରୂ ସଂସାରରୁ ବହିର୍ଭୂତ ହୋଇ ଏବଂ ଅତ୍ରତ୍ୟ ଗୁଣ ଓ ଦୋଷ ଅସ୍ପୃଷ୍ଟ ହୋଇ ଅବସ୍ଥାନ କରନ୍ତି) ଅସ୍ୟ (ସେହି ବ୍ରହ୍ମର) ପାଦଃ (ଚତୁର୍ଥାଂଶ) ଇହ (ମାୟାର ଅନ୍ତରରେ ସୃଷ୍ଟି ଓ ସଂହାର ନିମିତ୍ତ) ପୁନଃ ଅଭବତ୍ (ପୁନଃ ପୁନଃ ଆଗମନ କରେ) ତତଃ (ତଦନନ୍ତର ଅର୍ଥାତ୍ ମାୟାକୁ ଆଗମନ କରି) ବିଶ୍ୱଂ (ଦେବ ମନୁଷ୍ୟାଦି ରୂପେ) ଶାସନାନଶନେ (ଭୋଜନାଦି ବ୍ୟାପାରରେ ବା ଚେତନଅଚେତନରେ) ଅଭି (ଲକ୍ଷ୍ୟକରି) ବ୍ୟକ୍ରାମତ୍ (ବ୍ୟାପ୍ତ ହୋଇ ଅଛନ୍ତି) ।୪।

ଅର୍ଥ :—ତ୍ରିପାଦ ପୁରୁଷ ଜଗତର ଊର୍ଦ୍ଧ୍ୱରେ ଉତ୍କୃଷ୍ଟରୂପେ ବିଦ୍ୟମାନ ରହିଅଛନ୍ତି, ତାହାଙ୍କର ପାଦ ମାତ୍ର ମାୟା ମଧ୍ୟରେ ପୁନଃ ପୁନଃ ଆଗମନ କରେ, ମାୟାରେ ପ୍ରବେଶ ଉତ୍ତାରୁ ସେ ଚେତନ ବା ଅଚେତନ ସମସ୍ତ ପଦାର୍ଥକୁ ନାନାରୂପେ ବ୍ୟାପ୍ତ ହୋଇ ରହନ୍ତି । ୪ ।

ଅନ୍ୱୟ :—ତସ୍ମାତ୍ (ଅର୍ଥାତ୍ ସେହି ଆଦିପୁରୁଷଙ୍କଠାରୁ) ବିରାଟ୍ (ବ୍ରହ୍ମାଣ୍ଡଦେହ) ଅଜାୟତ (ଉତ୍ପନ୍ନ ହେଲା) ବିରାଜଃ (ବିରାଟ୍ ଦେହର) ଅଧି (ଉପରେ) ପୂରୁଷଃ (ତଦ୍ଦେହାଭିମାନୀ ପୁରୁଷ ଜାତ ହେଲେ) । ସଃ ଜାତଃ (ଉତ୍ପନ୍ନ ସେହି ବିରାଟ ପୁରୁଷ) ଅତ୍ୟରିଚ୍ୟତେ (ବିରାଟର ଅତିରିକ୍ତ ଦେବ ତିର୍ଯ୍ୟଙ୍ ମନୁଷ୍ୟାଦିରୂପ ହେଲେ), ପଶ୍ଚାତ୍ (ତତ୍‌ପରେ) ଭୂମିଂ (ଭୂମିକୁ) ଅଥୋ (ଏବଂ ତଦନନ୍ତର) ପୁରଃ (ଜୀବଗଣଙ୍କର ଶରୀର ସୃଷ୍ଟି କରିଥିଲେ) । ୫ ।

ଅର୍ଥ :—ସେହି ପୁରୁଷଙ୍କଠାରୁ ବ୍ରହ୍ମାଣ୍ଡ ସ୍ୱରୂପ ଶରୀର ଉତ୍ପନ୍ନ ହେଲା, ସେହି ବିରାଟ ଦେହକୁ ଆଶ୍ରୟ କରି ତଦ୍ଦେହାଭିମାନୀ ପୁରୁଷ ଜାତ ହେଲେ, ଜାତ ସେହି ବିରାଟ ପୁରୁଷ ବିରାଟର ଅତିରିକ୍ତ ଦେବ ମନୁଷ୍ୟାଦି ମଧ୍ୟ ହେଲେ । ତଦନନ୍ତର ଭୂମି ଏବଂ ଜୀବଦେହ ସମୂହ ଉତ୍ପନ୍ନ ହେଲା । ୫ ।

ଅନ୍ୱୟ :—ଯତ୍ (ଯେଉଁ ସମୟରେ) ଦେବାଃ (ଦେବତାମାନେ) ପୁରୁଷେଣ (ପୁରୁଷାଖ୍ୟ) ହବିଷା (ହବିଦ୍ୱାରା) ଯଜ୍ଞଂ (ଅର୍ଥାତ୍ ମାନସଯଜ୍ଞ) ଅତନ୍ୱତ (ଅନୁଷ୍ଠାନ କରିଥିଲେ) ଅସ୍ୟ (ସେହି ଯଜ୍ଞର) ବସନ୍ତଃ (ବସନ୍ତଋତୁ) ଆଜ୍ୟଂ (ଘୃତ) ଗ୍ରୀଷ୍ମଃ (ଗ୍ରୀଷ୍ମକାଳ) ଇଧ୍ମ (ସମିଧ) ଶରତ୍ (ଶରତ୍‌କାଳ) ହବିଃ (ପୁରୋଡ଼ାଶାଦି) ଆସୀତ୍ (ତତ୍‌ରୂପେ ସଙ୍କଳ୍ପିତ ହୋଇ ଥିଲା) । ୬ ।

ଅର୍ଥ :—ସେହି ସମୟରେ ଦେବତାମାନେ ବିରାଟ ପୁରୁଷଙ୍କର ରୂପକୁ ହବିରୂପେ କଳ୍ପନା କରି ମାନସଯଜ୍ଞ ଅନୁଷ୍ଠାନ କରିଥିଲେ । ସେହି ସମୟରେ ସେହି ଯଜ୍ଞରେ ବସନ୍ତକାଳ ଘୃତ, ଗ୍ରୀଷ୍ମକାଳ ସମିଧ ଓ ଶରତ୍‌କାଳ ପୁରୋଡ଼ାଶାଦି ରୂପେ ହବି ହୋଇଥିଲା । ୬ ।

Digitized by srujanika@gmail.com

ତଂ ଯଜ୍ଞଂ ବର୍ହିଷି ପ୍ରୌକ୍ଷନ୍ ପୁରୁଷଂ ଜାତମଗ୍ରତଃ ।
ତେନ ଦେବା ଅଯଜନ୍ତ ସାଧ୍ୟା ଋଷୟଶ୍ଚ ଯେ । ୭ ।
ତସ୍ମାଦ୍ ଯଜ୍ଞାତ୍ ସର୍ବହୁତଃ ସଂଭୃତଂ ପୃଷଦାଜ୍ୟମ୍ ।
ପଶୂଂସ୍ତାଂଶ୍ଚକ୍ରେ ବାୟବ୍ୟାନାରଣ୍ୟାନ୍ ଗ୍ରାମ୍ୟାଶ୍ଚ ଯେ । ୮ ।
ତସ୍ମାଦ୍ ଯଜ୍ଞାତ୍ ସର୍ବହୁତ ଋଚଃ ସାମାନି ଜଜ୍ଞିରେ ।
ଛନ୍ଦାଂସି ଯଜ୍ଞିରେ ତସ୍ମାଦ୍ ଯଜୁସ୍ତସ୍ମାଦଜାୟତ । ୯ ।

ଅନ୍ୱୟ :—ଅଗ୍ରତଃ (ପ୍ରଥମେ) ଜାତଂ (ଉତ୍ପନ୍ନ) ତଂ ଯଜ୍ଞଂ (ଯଜ୍ଞର ସାଧନଭୂତ ପୁରୁଷ ବା ପୁରୁଷଙ୍କୁ) ବର୍ହିଷି (ଯଜ୍ଞରେ) ପ୍ରୌକ୍ଷନ୍ (ପ୍ରୋକ୍ଷିତ କରିଥିଲେ) ତେନ (ସେହି ପୁରୁଷଙ୍କ ଦ୍ୱାରା) ସାଧ୍ୟାଃ (ସୃଷ୍ଟିସାଧନରେ ସମସ୍ତ ପ୍ରଜାପତି ପ୍ରଭୃତି) ଦେବାଃ (ଦେବତାମାନେ) ଚ (ଏବଂ) ଯେ ଋଷୟଃ (ତଦନୁକୂଳ ଯେ ସମସ୍ତ ମନ୍ତ୍ର ଦ୍ରଷ୍ଟା, ସେମାନେ ସମସ୍ତେ) ଅଯଜନ୍ତ (ଯଜ୍ଞ ସମ୍ପାଦନ କରିଥିଲେ) ।୭

ଅର୍ଥ :—ସୃଷ୍ଟିର ପ୍ରଥମରେ ଉତ୍ପନ୍ନ ସେହି ଯଜ୍ଞର ସାଧନ ଭୂତ ପୁରୁଷଙ୍କୁ ଯଜ୍ଞରେ ପ୍ରୋକ୍ଷିତ କରିଥିଲେ । ସେହି ପୁରୁଷ ସ୍ୱରୂପ ପଶୁଦ୍ୱାରା ପ୍ରଜାପତି ପ୍ରଭୃତି ଦେବତାମାନେ ଓ ଋଷିମାନେ ଯଜ୍ଞ ସମ୍ପାଦନ କରିଥିଲେ । ୭ ।

ଅନ୍ୱୟ :—ତସ୍ମାତ୍ ସର୍ବହୁତଃ (ସେହି ସର୍ବାତ୍ମକପୁରୁଷ ଯହିଁରେ ହୂତ ହୋଇଥିଲେ) ଯଜ୍ଞାତ୍ (ସେହି ଯଜ୍ଞରୁ) ପୃଷଦାଜ୍ୟଂ (ଦଧିମିଶ୍ରିତ ଘୃତ) ସମ୍ଭୃତଂ (ଉତ୍ପନ୍ନ ହୋଇଥିଲା) ବାୟବ୍ୟାଂ (ବାୟୁ ଯେଉଁମାନଙ୍କର ଦେବତା ସେହି) ଆରଣ୍ୟାନ୍ (ଅରଣ୍ୟବାସୀ ହରିଣାଦି) ପଶୂନ୍ (ପଶୁମାନଙ୍କୁ) ଚକ୍ରେ (ଉତ୍ପାଦନ କରିଥିଲେ) ଯେ ଚ (ଏବଂ ଯେଉଁମାନେ ଗ୍ରାମ୍ୟାଃ (ଗୃହପାଳିତ ପଶୁ) ତାନ୍ (ସେମାନଙ୍କୁ ମଧ୍ୟ) ଚକ୍ରେ (ଉତ୍ପାଦନ କରିଥିଲେ) । ୮ ।

ଅର୍ଥ :—ସର୍ବାତ୍ମକ ପୁରୁଷ ଯହିଁରେ ଆହୂତ ହୋଇଥିଲେ ସେହି ଯଜ୍ଞରୁ ଦଧିମିଶ୍ରିତ ଘୃତ ଉତ୍ପନ୍ନ ହୋଇଥିଲା, ବାୟୁ ସାହାଯ୍ୟରେ ଦେବତାମାନେ ଅରଣ୍ୟବାସୀ ଓ ଗୃହପାଳିତ ପଶୁମାନଙ୍କୁ ମଧ୍ୟ ସେହି ଯଜ୍ଞରୁ ଉତ୍ପାଦନ କରିଥିଲେ । ୮ ।

ଅନ୍ୱୟ :—ତସ୍ମାତ୍ ସର୍ବହୁତଯଜ୍ଞାତ୍ (ସେହି ସର୍ବହୂତ ଯଜ୍ଞରୁ) ଋଚଃ (ଋକ୍‌ମାନ) ସାମାନି (ସାମମାନ) ଯଜ୍ଞିରେ (ଉତ୍ପନ୍ନ ହୋଇଥିଲା) ତସ୍ମାତ୍ ଛନ୍ଦାଂସି (ତହିଁରୁ ଗାୟତ୍ରୀ ପ୍ରଭୃତି ଛନ୍ଦମାନ) ଯଜ୍ଞିରେ (ଉତ୍ପନ୍ନ ହୋଇଥିଲା) ତସ୍ମାତ୍ (ତହିଁରୁ) ଯଜୁଃ (ଯଜୁର୍ମନ୍ତ୍ର) ଆଜାୟତ (ଜନ୍ମିଥିଲା) । ୯ ।

ଅର୍ଥ :—ସେହି ସର୍ବହୂତ ଯଜ୍ଞରୁ ଋକ୍ ଓ ସାମ ଜାତ ହୋଇଲା । ସେହି ଯଜ୍ଞରୁ ଗାୟତ୍ର୍ୟାଦି ଛନ୍ଦମାନ ଉତ୍ପନ୍ନ ହୋଇଥିଲା ଏବଂ ଯଜୁଃ ମଧ୍ୟ ଜାତ ହୋଇ ଥିଲା । ୯ ।

Digitized by srujanika@gmail.com

ତସ୍ମାଦଶ୍ୱା ଅଜାୟନ୍ତ ଯେ କେ ଚୋଭୟାଦତଃ ।
ଗାବୋ ହ ଜଜ୍ଞିରେ ତସ୍ମାତ୍ ତସ୍ମାଜ୍ଜାତା ଅଜାବୟଃ ।୧୦।
ଯତ୍ ପୁରୁଷଂ ବ୍ୟଦଧୁଃ କତିଧା ବ୍ୟକଳ୍ପୟନ୍ ।
ମୁଖଂ କିମସ୍ୟ କୌ ବାହୂ କା ଉରୂ ପାଦୌ ଉଚ୍ୟେତେ ।୧୧।
ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟଃ କୃତଃ ।
ଉରୂ ତଦସ୍ୟ ଯଦ୍ ବୈଶ୍ୟଃ ପଦ୍ଭ୍ୟାଂ ଶୂଦ୍ରୋ ଅଜାୟତ ।୧୨।

ଅନ୍ୱୟ :—ତସ୍ମାତ୍ (ସେହି ଯଜ୍ଞରୁ) ଅଶ୍ୱାଃ ଅଜାୟନ୍ତ (ଅଶ୍ୱମାନେ ଜାତ ହୋଇଥିଲେ) ଯେ କେ ଚ ଉଭୟାଦତଃ (ଯେଉଁମାନେ ଊର୍ଦ୍ଧ୍ୱ ଓ ନିମ୍ନ ଉଭୟ ଦନ୍ତ ବଶିଷ୍ଟ ପଶୁ ସେମାନେ ମଧ୍ୟ ଜାତ ହୋଇଥିଲେ) ତସ୍ମାତ୍ (ସେହି ଯଜ୍ଞରୁ) ଗାବଃ (ଗୋମାନେ) ଯଜ୍ଞିରେ (ଜାତ ହୋଇଥିଲେ) ତସ୍ମାତ୍ (ତହିଁରୁ) ଅଜାବୟଃ (ଛାଗ ମେଷ) ଜାତଃ (ଉତ୍ପନ୍ନ ହୋଇଥିଲେ ।୧୦ ।

ଅର୍ଥ;—ସେହି ଯଜ୍ଞରୁ ଅଶ୍ୱ ଏବଂ ଉଭୟ ଦନ୍ତ ବଶିଷ୍ଟ ଜନ୍ତୁ ଜାତ ହୋଇଥିଲେ । ତହିଁରୁ ଗୋରୁ-ମାନେ ଛାଗମେଷ ପ୍ରଭୃତ ମଧ୍ୟ ଜାତ ହୋଇଥିଲେ ।୧୦ ।

ଅନ୍ୱୟ :—ଯତ୍ ପୁରୁଷଂ (ବରାଟ ପୁରୁଷ) ବ୍ୟଦଧୁଃ (ସଙ୍କମ ଦ୍ୱାର) କତଧା (କେତେପ୍ରକାର) ବ୍ୟକଳ୍ପୟନ୍ (ବବଧ କଳ୍ପନା କରଥିଲେ) ଅସ୍ୟ (ଏହ ବରାଟ ପୁରୁଷଙ୍କର) ମୁଖଂ କିମ୍ (ମୁଖ କଏ) କୌ ବାହୂ (ବାହୁ କଏ) କୌ ଉରୂ (ଉରୁ କଏ) ପାଦୌ ଉଚ୍ୟେତେ (ପାଦ କଏ) ।୧୧ ।

ଅର୍ଥ;—ଯେତେବେଳେ ବରାଟ ପୁରୁଷଙ୍କୁ ପ୍ରଜାପତ ବଭନ୍ନ ରୂପରେ ଭାବନା କରଥିଲେ ସେତେ-ବେଳେ କେତେପ୍ରକାର ତାହାଙ୍କୁ କଳ୍ପନା କରିଥିଲେ । ଏହ ପୁରୁଷଙ୍କର ମୁଖ, ବାହୁଦ୍ୱୟ, ଉରୁଦ୍ୱୟ, ପାଦଦ୍ୱୟ କଏ ? ।୧୧ ।

ଅନ୍ୱୟ :—ବ୍ରାହ୍ମଣଃ ଅସ୍ୟ (ଏହ ପ୍ରଜାପତଙ୍କର) ମୁଖଂ ଆସୀତ୍ (ମୁଖରୁ ଉତ୍ପନ୍ନ) ରାଜନ୍ୟଃ (କ୍ଷତ୍ରିୟ) ବାହୂକୃତଃ (ବାହୁରୂପେ ନିଷ୍ପାଦତ) ତତ୍ (ତତ୍‌କାଳରେ) ଅସ୍ୟ (ଏହାଙ୍କର) ଯତ୍ ଉରୂ (ଯେଉଁ ଉରୁଦ୍ୱୟ ତାହା) ବୈଶ୍ୟଃ (ତାହା ବୈଶ୍ୟର ଉତ୍ପାଦକ), ପଦ୍ଭ୍ୟାଂ ଶୂଦ୍ରଃ (ଶୂଦ୍ର) ଅଜାୟତ (ଜାତ ହୋଇଥିଲେ) ।୧୨ ।

ଅର୍ଥ;—ଯେତେବେଳେ ବରାଟ ପୁରୁଷଙ୍କୁ ପ୍ରଜାପତଙ୍କର ପ୍ରାଣ ସ୍ୱରୂପ ଦେବତାଗଣ ବଭନ୍ନ ରୂପରେ କଳ୍ପନା କରଥିଲେ ସେତେବେଳେ କ କ ପ୍ରକାରରେ କଳ୍ପନା କଲେ) ଏହ ପୁରୁଷଙ୍କର ମୁଖ ବ୍ରାହ୍ମଣ, ବାହୁଦ୍ୱୟ କ୍ଷତ୍ରିୟ, ଉରୁଦ୍ୱୟ ବୈଶ୍ୟ, ପାଦଦ୍ୱୟ ଶୂଦ୍ରରୂପେ କଳ୍ପିତ ହୋଇଅଛ ।୧୨ ।

Digitized by srujanika@gmail.com

ଚନ୍ଦ୍ରମା ମନସୋ ଜାତଶ୍ଚକ୍ଷୋଃ ସୂର୍ଯ୍ୟୋ ଅଜାୟତ ।
ମୁଖାଦିନ୍ଦ୍ରଶ୍ଚାଗ୍ନିଶ୍ଚ ପ୍ରାଣାଦ୍ ବାୟୁରଜାୟତ । ୧୩ ।
ନାଭ୍ୟା ଆସୀଦନ୍ତରୀକ୍ଷଂ ଶୀର୍ଷ୍ଣୋ ଦ୍ୟୌଃ ସମବର୍ତ୍ତତ ।
ପଦ୍‌ଭ୍ୟାଂ ଭୂମିର୍ଦିଶଃ ଶ୍ରୋତାତ୍ ତଥା ଲୋକାଁ ଅକଳ୍ପୟନ୍ । ୧୪ ।
ସପ୍ତାସ୍ୟାସନ୍ ପରିଧୟସ୍ତ୍ରିଃ ସପ୍ତ ସମିଧଃ କୃତାଃ ।
ଦେବା ଯଦ୍ ଯଜ୍ଞଃ ତନ୍ୱାନା ଅବଧ୍ନନ୍ ପୁରୁଷଂ ପଶୁମ୍ । ୧୫ ।

ଅନ୍ୱୟ :—ମନସଃ (ମନରୁ) ଚନ୍ଦ୍ରମାଃ (ଚନ୍ଦ୍ରଦେବତା) ଜାତଃ (ଉତ୍ପନ୍ନ) ଚକ୍ଷୋଃ (ଚକ୍ଷୁରୁ) ସୂର୍ଯ୍ୟଃ (ସୂର୍ଯ୍ୟଦେବତା) ଅଜାୟତ (ଜାତହୋଇଥିଲେ) ମୁଖାତ୍ (ମୁଖରୁ) ଇନ୍ଦ୍ରଃ ଚ ଅଗ୍ନିଃ ଚ (ଇନ୍ଦ୍ର ଏବଂ ଅଗ୍ନି ଜାତ ହୋଇଥିଲେ) ପ୍ରାଣାତ୍ (ପ୍ରାଣରୁ) ବାୟୁଃ (ବାୟୁଦେବତା) ଅଜାୟତ (ଜାତ ହୋଇଥିଲେ) । ୧୩ ।

ଅର୍ଥ;—ମନରୁ ଚନ୍ଦ୍ରଦେବତା, ଚକ୍ଷୁରୁ ସୂର୍ଯ୍ୟଦେବ, ମୁଖରୁ ଇନ୍ଦ୍ର ଓ ଅଗ୍ନିଦେବତା, ପ୍ରାଣରୁ ବାୟୁଦେବତା ଜାତ ହୋଇଥିଲେ । ୧୩ ।

ଅନ୍ୱୟ :—ନାଭ୍ୟାଃ (ନାଭିରୁ) ଅନ୍ତରୀକ୍ଷଂ (ଆକାଶଲୋକ) ଆସୀତ୍ (ହେଲା) ଶୀର୍ଷ୍ଣଃ (ମସ୍ତକରୁ) ଦ୍ୟୌ (ସ୍ୱର୍ଗଲୋକ) ସମବର୍ତ୍ତତ (ଉତ୍ପନ୍ନ ହେଲା) ପଦ୍‌ଭ୍ୟାଂ (ପାଦଦ୍ୱୟରୁ) ଭୂମିଃ (ପୃଥିବୀ) ଶ୍ରୋତ୍ରାତ୍ (କର୍ଣ୍ଣରୁ) ଦିଶଃ (ଦିଗସମୂହ) ତଥାଲୋକାନ୍ (ଲୋକ ସମୂହ) ଅକଳ୍ପୟନ୍ (କଳ୍ପନା କରିଥିଲେ । ୧୪ ।

ଅର୍ଥ;—ନାଭିରୁ ଆକାଶଲୋକ, ମସ୍ତକରୁ ସ୍ୱର୍ଗଲୋକ, ପାଦରୁ ପୃଥିବୀ, ଶ୍ରୋତ୍ରରୁ ଦିକ୍ ସମୂହ ଉତ୍ପନ୍ନ ହୋଇଥିଲେ । ଏହି ପ୍ରକାରେ ଦେବଗଣ ଲୋକ ସମୂହ କଳ୍ପନା କରନ୍ତି । ୧୪ ।

ଅନ୍ୱୟ :—ଅସ୍ୟ (ଏହି ମାନସ ଯଜ୍ଞର) ସପ୍ତ (ଗାୟତ୍ରୀ ଆଦି ସପ୍ତଛନ୍ଦଃ) ପରିଧୟଃ (ପରିଧି) ଆସନ୍ (ଥିଲା) ତ୍ରିଃସପ୍ତ (ଏକବିଂଶତି ପଦାର୍ଥ ଯଥା;—ବାରମାସ ଷଡଋତୁ, ତ୍ରିଲୋକ) ସମିଧଃ (ସମିଧକାଷ୍ଠ) କୃତାଃ (ହୋଇଥିଲା) ଯଜ୍ଞଂ (ମାନସଯଜ୍ଞ) ତନ୍ୱାନା (ଅନୁଷ୍ଠାନରେ ନିରତ) ଦେବାଃ (ପ୍ରଜାପତିଙ୍କର ପ୍ରାଣେନ୍ଦ୍ରିୟ ଦେବଗଣ) ଯତ୍ (ଯେଉଁ ବିରାଟ ପୁରୁଷ ଅଛନ୍ତି) ପୁରୁଷଂ (ସେହି ପୁରୁଷଙ୍କୁ) ପଶୁଂ (ପଶୁରୂପେ) ଅବଧ୍ନନ୍ (ଯୂପରୂପେ ଭାବନା କରିଥିଲେ) । ୧୫ ।

ଅର୍ଥ;—ଏହି ମାନସ ଯଜ୍ଞରେ ଗାୟତ୍ରୀ ଆଦି ସପ୍ତଛନ୍ଦଃ ପରିଧିରୂପେ କଳ୍ପିତ ହୋଇଅଛି ଅର୍ଥାତ୍ ଆହବନୀୟ ଅଗ୍ନିର ଉତ୍ତର ଦକ୍ଷିଣ ଓ ପଶ୍ଚିମରେ ତିନିଖଣ୍ଡି କାଷ୍ଠଦ୍ୱାରା ବେଷ୍ଟନ କରି ରଖିବାକୁ ହୁଏ, ତାହାକୁ ପରିଧି ବୋଲାଯାଏ । ଯଜ୍ଞବେଦିରେ ତିନିପରିଧି ମଧ୍ୟରୁ ଉତ୍ତରଦିଗରେ ତିନୋଟି ଏବଂ ପୂର୍ବଦିଗରେ ସୂର୍ଯ୍ୟ ପରିଧି ସ୍ୱରୂପ । ଏକବିଂଶତି ପଦାର୍ଥ ସମିଧରୂପେ କଳ୍ପିତ ହୋଇଅଛି । ଯଜ୍ଞ ନିରତ ଦେବଗଣ ବର୍ତ୍ତମାନ ବିରାଟ ପୁରୁଷଙ୍କୁ ପଶୁରୂପେ ଯୂପବଦ୍ଧ ବୋଲି କଳ୍ପନା କରିଥିଲେ । ୧୫ ।

Digitized by srujanika@gmail.com

ଯଜ୍ଞେନ ଯଜ୍ଞମଯଜନ୍ତ ଦେବାସ୍ତାନି ଧର୍ମାଣି ପ୍ରଥମାନ୍ୟାସନ୍ ।
ତେ ହ ନାକଂ ମହିମାନଃ ସଚନ୍ତ ଯତ୍ର ପୂର୍ବେ ସାଧ୍ୟାଃ ସନ୍ତି ଦେବାଃ ।୧୬।

ଉତ୍ତରନାରାୟଣମ୍‌:—(ଶୁକ୍ଳଯଜୁର୍ବେଦ ୩୧।୧୭-୨୨ ପୁରୁଷସୂକ୍ତର ପରେ ପଠନୀୟ)

ଅଦ୍‌ଭ୍ୟଃ ସଂଭୃତଃ ପୃଥିବ୍ୟୈ ରସାଚ୍ଚ ବିଶ୍ୱକର୍ମଣଃ ସମବର୍ତ୍ତତାଗ୍ରେ ।
ତସ୍ୟ ତ୍ୱଷ୍ଟା ବିଦଧଦ୍ରୂପମେତି ତନ୍ମର୍ତ୍ତ୍ୟସ୍ୟ ଦେବତ୍ୱମାଜାନମଗ୍ରେ ।୧୭।
ବେଦାହମେତଂ ପୁରୁଷଂ ମହାନ୍ତମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।
ତମେବ ବିଦିତ୍ୱାଽତିମୃତ୍ୟୁମେତି ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।୧୮।

ଅନ୍ୱୟ :—ଦେବାଃ (ଦେବତାଗଣ) ଯଜ୍ଞେନ (ମାନସ ଯଜ୍ଞଦ୍ୱାରା) ଯଜ୍ଞଂ (ଯଜ୍ଞରୂପୀ ପ୍ରଜାପତିଙ୍କୁ) ଅଯଜନ୍ତ (ପୂଜା କରିଥିଲେ) ତାନି ଧର୍ମାଣି (ସେହି ଧର୍ମ ଅର୍ଥାତ୍ ବୈଦିକ କର୍ମାଦି) ପ୍ରଥମାନି ଆସନ୍ (ପ୍ରଥମେ ହୋଇଥିଲା) ଯତ୍ର (ଯେଉଁଠାରେ) ପୂର୍ବେ ସାଧ୍ୟାଃ ଦେବାଃ (ପୂର୍ବେ ସାଧ୍ୟ ଦେବତାମାନେ) ସନ୍ତି (ଅଛନ୍ତି) ନାକଂ (ସ୍ୱର୍ଗ) ତେ ହ ମହିମାନଃ (ଉପାସକ ବର୍ତ୍ତମାନ ମହାତ୍ମା-ମାନେ) ସଚନ୍ତ (ପ୍ରାପ୍ତ ହୋଇଥିଲେ) । ୧୬ ।

ଅର୍ଥ;—ଦେବତାମାନେ ଯଜ୍ଞଦ୍ୱାରା ଯଜ୍ଞର ଅର୍ଥାତ୍ ପ୍ରଜାପତିଙ୍କର ପୂଜା କରିଥିଲେ, ତେଣୁ ପ୍ରସିଦ୍ଧ ବୈଦିକ ଧର୍ମସମୂହ ଶ୍ରେଷ୍ଠ ଅଟେ । ଯେଉଁଠାରେ ବିରାଟ ଉପାସକ ପୂର୍ବତନ ସାଧ୍ୟ ଦେବଗଣ ଅଛନ୍ତି, ମହାତ୍ମାମାନେ ମଧ୍ୟ ସେହି ସ୍ୱର୍ଗପ୍ରାପ୍ତ ହୁଅନ୍ତି । ୧୬ ।

ଅନ୍ୱୟ:—ଅଗ୍ରେ [ସୃଷ୍ଟିର ଆଦ୍ୟରେ] ଅଦ୍‌ଭ୍ୟଃ [ଜଳରୁ] ଚ [ଏବଂ] ପୃଥିବ୍ୟଃ [ପୃଥିବୀର] ରସାତ୍ [ରସରୁ] ସମ୍ଭୃତଃ [ସର୍ବତ୍ର ବ୍ୟାପ୍ତ ବ୍ରହ୍ମାଣ୍ଡରୂପେ] ବିଶ୍ୱକର୍ମଣଃ [ବିଶ୍ୱକର୍ମ ଯାହାଙ୍କର ସେହି ପରମେଶ୍ୱରଙ୍କଠାରୁ] ସମବର୍ତ୍ତତ [ନିଷ୍ପନ୍ନ ହୋଇଥିଲା] ତ୍ୱଷ୍ଟା [ପରମେଶ୍ୱର] ତସ୍ୟ [ବିରାଟ ପୁରୁଷଙ୍କର] ରୂପଂ [ଚତୁର୍ଦ୍ଦଶ ଭୁବନ ସ୍ୱରୂପ ଅବୟବ] ବିଦଧତ୍ [ବିଧାନ କରି]ଏତି [ସ୍ୱ କାର୍ଯ୍ୟରେ ପ୍ରବୃତ୍ତ ହେଲେ] ତତ୍ [ସେହି ବିରାଟ ପୁରୁଷଙ୍କର ରୂପ] ଅଗ୍ରେ [ସୃଷ୍ଟିର ଆଦ୍ୟରେ] ମର୍ତ୍ତ୍ୟସ୍ୟ [ମର୍ତ୍ତ୍ୟ ଲୋକର] ଦେବତ୍ୱଂ [ପ୍ରଭୁତ୍ୱ] ଆଜାନଂ [ପ୍ରାପ୍ତ ହେଲେ] । ୧୭ ।

ଅର୍ଥ;—ଜଳରୁ ଏବଂ ପୃଥିବୀର ରସରୁ ପିଣ୍ଡୀଭୂତ ହୋଇ ବିରାଟ ପୁରୁଷ ସୃଷ୍ଟିର ଆଦ୍ୟରେ ପରମେଶ୍ୱରଙ୍କଠାରୁ ଉଦ୍‌ଭୂତ ହୋଇଥିଲେ । ପରମେଶ୍ୱର ସେହି ପୁରୁଷଙ୍କର ଦେହ ଅବଲମ୍ବନ କରି ସ୍ୱକାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ ଏହି ବିରାଟ ରୂପହିଁ ସର୍ବାଗ୍ରେ ଭୂଲୋକର ପ୍ରଭୁତ୍ୱଲାଭ କରିଥିଲା । ୧୭ ।

ଅନ୍ୱୟ:—ଅହଂ [ମୁଁ] ଏତଂ [ଏହି] ପୁରୁଷଂ [ବିରାଟ ପୁରୁଷଙ୍କୁ] ବେଦ [ଜାଣେ] ମହାନ୍ତଂ [ଦେଶକାଳାଦି ପରିଚ୍ଛେଦଶୂନ୍ୟ] ଆଦିତ୍ୟବର୍ଣ୍ଣଂ [ସ୍ୱପ୍ରକାଶ] ତମସଃ [ଅବିଦ୍ୟାର] ପରସ୍ତାତ୍ [ଊର୍ଦ୍ଧ୍ୱରେ ଅବସ୍ଥିତ] ତମ୍ [ତାହାଙ୍କୁ] ବିଦିତ୍ୱା ଏବଂ [ଜାଣି ସୁଦ୍ଧା] ଅତି ମୃତ୍ୟୁଂ ଏତି [ମୃତ୍ୟୁକୁ ଅତିକ୍ରମ କରି ସେହି ପୁରୁଷଙ୍କଠାରେ ପ୍ରବେଶ କରେ;] ଅୟନାୟ [ଗମନ ନିମିତ୍ତ] ଅନ୍ୟଃ ପନ୍ଥାଃ [ଅପର ମାର୍ଗ] ନ ବିଦ୍ୟତେ [ନାହିଁ । ୧୮ ।

ଅର୍ଥ;—ମୁଁ ସେହି ପୁରୁଷଙ୍କୁ ଜାଣେ, ମହାନ୍ ସ୍ୱପ୍ରକାଶ ଏବଂ ଅବିଦ୍ୟା ରହିତ ସେହି ପୁରୁଷଙ୍କୁ ଜାଣିଲେ ଲୋକ ମୃତ୍ୟୁକୁ ଅତିକ୍ରମ କରେ, ତାହାଙ୍କର ଆଶ୍ରୟ ଭିନ୍ନ ଅନ୍ୟ ପନ୍ଥା ନାହିଁ । ୧୮ ।

Digitized by srujanika@gmail.com

ପ୍ରଜାପତିଶ୍ଚରତି ଗର୍ଭେ ଅନ୍ତରଜାୟମାନୋ ବହୁଧା ବିଜାୟତେ ।
ତସ୍ୟ ଯୋନିଂ ପରିପଶ୍ୟନ୍ତି ଧୀରାସ୍ତସ୍ମିନ୍ ହ ତସ୍ଥୁର୍ଭୁବନାନି ବିଶ୍ୱା । ୧୯ ।
ଯୋ ଦେବେଭ୍ୟ ଆତପତି ଯୋ ଦେବାନାଂ ପୁରୋହିତଃ ।
ପୂର୍ବୋ ଯୋ ଦେବେଭ୍ୟୋ ଜାତୋ ନମୋ ରୁଚାୟ ବ୍ରାହ୍ମୟେ । ୨୦ ।
ରୁଚଂ ବ୍ରାହ୍ମଂ ଜନୟନ୍ତୋ ଦେବା ଅଗ୍ରେ ତଦବ୍ରୁବନ୍ ।
ଯସ୍ତ୍ୱୈବଂ ବ୍ରାହ୍ମଣୋ ବିଦ୍ୟାତ୍ତସ୍ୟ ଦେବା ଅସନ୍ ବଶେ । ୨୧ ।

ଅନ୍ୱୟ :—ପ୍ରଜାପତିଃ [ପ୍ରଜାପତି ରୂପେ] ଅସ୍ୟ ଗର୍ଭସ୍ୟ [ଏହି ବ୍ରହ୍ମାଣ୍ଡ ଗର୍ଭର] ଅନ୍ତଃ [ମଧ୍ୟରେ] ଚରତି [ବିଚରଣ କରନ୍ତି] ଅଜାୟମାନଃ [ନ ଜନ୍ମି ମଧ୍ୟ] ବହୁଧା [ଅନେକ ପ୍ରକାରେ] ବିଜାୟତେ [ଜାତ ହୁଅନ୍ତି] ଧୀରାଃ [ଯୋଗିଗଣ] ତସ୍ୟ ଯୋନିଂ [ତାହାଙ୍କର ଜଗତ୍ କାରଣ ବା ସ୍ତବ ରୂପକୁ] ପରିପଶ୍ୟନ୍ତି [ସମ୍ୟକ୍ ଦର୍ଶନ କରନ୍ତି] ବିଶ୍ୱା ଭୁବନାନି [ତ୍ରୈଲୋକ୍ୟ ପ୍ରାଣୀଗଣ] ତସ୍ମିନ୍ [ତାହାଙ୍କଠାରେ] ତସ୍ଥୁଃ [ଅବସ୍ଥାନ କରନ୍ତି] । ୧୯ ।

ଅର୍ଥ;—ସେ ପ୍ରଜାପତିରୂପେ ଏହି ବ୍ରହ୍ମାଣ୍ଡ ମଧ୍ୟରେ ବିଚରଣ କରନ୍ତି ଏବଂ ଜନ୍ମ ଗ୍ରହଣ ନ କରି ମଧ୍ୟ ସ୍ଥାବର ଜଙ୍ଗମାଦି ବହୁରୂପ ଧାରଣ କରନ୍ତି । ବ୍ରହ୍ମବିଦ୍‌ମାନେ ସେହି ପ୍ରଜାପତିଙ୍କର ସ୍ୱରୂପକୁ ଦର୍ଶନ କରନ୍ତି । ସମସ୍ତପ୍ରାଣୀ ତାହାଙ୍କଠାରେ ସ୍ଥିତ । ୧୯ ।

ଅନ୍ୱୟ :—ଯଃ [ଯେଉଁ ପରମେଶ୍ୱର] ଦେବେଭ୍ୟଃ [ଦେବତାମାନଙ୍କ ନିମିତ୍ତ] ଆତପତି [ସର୍ବତ୍ର ପ୍ରକାଶିତ ହୁଅନ୍ତି] ଯଃ [ଯେ] ଦେବାନାଂ [ଦେବତାମାନଙ୍କ] ପୁରଃ [ଅଗ୍ରେ] ହିତଃ [ବୃହସ୍ପତିରୂପେ ଅବସ୍ଥିତ] ଯଃ [ଯେ] ଦେବେଭ୍ୟଃ [ଦେବତାମାନଙ୍କଠାରୁ] ପୂର୍ବଃ [ଅଗ୍ରେ] ଜାତଃ [ହିରଣ୍ୟଗର୍ଭ ରୂପେ ଜାତ] ତସ୍ମୈ [ସେହି] ରୁଚାୟ [ଦୀପ୍ୟମାନ୍] ବ୍ରାହ୍ମୟେ [ପରମବ୍ରହ୍ମ-ସ୍ୱରୂପଙ୍କୁ] ନମଃ [ନମସ୍କାର] । ୨୦ ।

ଅର୍ଥ :—ଯେ ଦେବତାଙ୍କ ନିମିତ୍ତ ତାପ ବା ଚୈତନ୍ୟ ସମ୍ପାଦନ କରନ୍ତି, ଯେ ଦେବତାମାନଙ୍କର ପୁରୋହିତ, ଯେ ଦେବତାମାନଙ୍କର ପୂର୍ବେ ହିରଣ୍ୟଗର୍ଭ ରୂପେ ଜାତ ହୋଇଥିଲେ, ସେହି ବେଦ ପ୍ରତିପାଦ୍ୟ ପରମେଶ୍ୱରଙ୍କୁ ନମସ୍କାର । ୨୦ ।

ଅନ୍ୱୟ :—ଦେବାଃ [ଦୀପ୍ୟମାନ ଯୋଗିମାନେ] ରୁଚଂ [ଦେଦୀପ୍ୟମାନ] ବ୍ରାହ୍ମଂ [ବ୍ରହ୍ମଜ୍ଞାନ] ଜନୟନ୍ତଃ [ଉତ୍ପାଦନ କରି] ଅବ୍ରୁବନ୍ [କହିଥିଲେ] ତତ୍ [ତାହା] ଯଃ [ଯେ କେହି] ତ୍ୱା [ତୁମ୍ଭଙ୍କୁ] ଏବଂ [ଏହିରୂପେ] ବିଦ୍ୟାତ୍ [ଜାଣିବେ] ବ୍ରାହ୍ମଣଃ [ବ୍ରହ୍ମଜ୍ଞାନୀ] ଦେବାଃ [ଦେବତାମାନେ] ତସ୍ୟ [ତାହାଙ୍କର] ବଶେ [ଅଧୀନରେ] ଅସନ୍ [ଥାନ୍ତି] । ୨୧ ।

ଅର୍ଥ :—ତେଜସ୍ୱୀମାନେ ଦେଦୀପ୍ୟମାନ ବେଦକୁ ଆବିଷ୍କାରକରି ଅଥବା ବ୍ରହ୍ମଜ୍ଞାନ ଉତ୍ପାଦନ କରି ଯାହା କହିଅଛନ୍ତି ତାହା ଏହି, ଅନ୍ୟ ଯେ କେହି ତୁମ୍ଭଙ୍କୁ ଏହିପରି ଜାଣିବେ ସେ ମଧ୍ୟ ବ୍ରହ୍ମଜ୍ଞାନୀ, ଦେବତାମାନେ ତାହାଙ୍କର ଅଧୀନ ହୁଅନ୍ତି । ୨୧ ।

Digitized by srujanika@gmail.com

ଶ୍ରୀଶ୍ଚ ତେ ଲକ୍ଷ୍ମୀଶ୍ଚ ପତ୍ନ୍ୟାବହୋରାତ୍ରେ-
ପାର୍ଶ୍ୱେ ନକ୍ଷତ୍ରାଣି ରୂପମଶ୍ୱିନୌ ବ୍ୟାତ୍ତମ୍ ।
ଇଷ୍ଣନ୍ନିଷାଣାମୁଂ ମ ଇଷାଣ ସର୍ବଲୋକଂ ମ ଇଷାଣ । ୨୨ ।

ଅନ୍ୱୟ :—ଶ୍ରୀଶ୍ଚଲକ୍ଷ୍ମୀଶ୍ଚ [ଶ୍ରୀ ବା ସମ୍ପଦ୍ ଓ ଲକ୍ଷ୍ମୀ ବା ସୌନ୍ଦର୍ଯ୍ୟ] ତେ [ତୁମ୍ଭର] ପତ୍ନ୍ୟୌ [ଦୁଇଭାର୍ଯ୍ୟା] ଅହୋରାତ୍ରେ [ଦିବା ଓ ରାତ୍ରିରେ] ପାର୍ଶ୍ୱେ [ଦୁଇପାର୍ଶ୍ୱରେ] ନକ୍ଷତ୍ରାଣି [ନକ୍ଷତ୍ରଗଣ] ରୂପଂ [ରୂପ] ଅଶ୍ୱିନୌ [ଦ୍ୟୁଲୋକ ଓ ଭୂଲୋକ] ବ୍ୟାତ୍ତଂ [ବିକାଶିତ ମୁଖ] ଇଷ୍ଣଂ [କର୍ମଫଳ ଦାନରେ ଇଚ୍ଛୁକ ହୋଇ] ଇଷାଣ [ଇଚ୍ଛାକର] ଅମୁଂ [ପରଲୋକ] ମେ [ମୋ ନିମିତ୍ତ] ଇଷାଣ [ଇଚ୍ଛାକର] ସର୍ବଲୋକଂ [ସମସ୍ତଲୋକ] ମେ [ମୋ ନିମିତ୍ତ] ଇଷାଣ [ବିଧାନ କର] । ୨୨ ।

ଅର୍ଥ :—ଶ୍ରୀ ଓ ଲକ୍ଷ୍ମୀ ତୁମ୍ଭର ଦୁଇ ପତ୍ନୀ, ଦିବା ଓ ରାତ୍ରି ଦୁଇପାର୍ଶ୍ୱ, ନକ୍ଷତ୍ର ସମୂହରୂପ ଏବଂ ଦ୍ୟୁଲୋକ ଓ ଭୂଲୋକ ତୁମ୍ଭର ବିକାଶିତ ମୁଖ, ତୁମ୍ଭେ କର୍ମଫଳ ବିଧାନ ନିମିତ୍ତ ଇଚ୍ଛୁକ ହୋଇ ତାହା ବିଧାନ କର, ମୋ ନିମିତ୍ତ ପରଲୋକ ବିଧାନ କର, ସମସ୍ତଲୋକ ବିଧାନ କର । ୨୨ ।

କଟକ-ଅରୁଣୋଦୟ ପ୍ରେସରେ ପ୍ରିଣ୍ଟର ଶ୍ରୀ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ମୁଦ୍ରିତ ।

Digitized by srujanika@gmail.com

ଶ୍ରୀମଦ୍ଭାଗବତର ପ୍ରଥମସ୍କନ୍ଧ ପ୍ରକାଶିତ ହେଲା ପରେ ଉତ୍କଳର ବିଭିନ୍ନ ଭଗବଦ୍ ଭକ୍ତମାନେ ଯେଉଁ ଅଭିମତ ପ୍ରକାଶ କରିଅଛନ୍ତି ବା ବିଭିନ୍ନ ସମ୍ବାଦ ପତ୍ରରେ ଯେଉଁ ସମାଲୋଚନା ପ୍ରକାଶିତ ହୋଇଛି, ତାହା ନିମ୍ନରେ ଉଲ୍ଲେଖ କଲୁଁ ;—

[୧]

ଭକ୍ତକବି ଜଗନ୍ନାଥଦାସଙ୍କ ରଚିତ ଶ୍ରୀମଦ୍ଭାଗବତର ବିଶୁଦ୍ଧ ସଂସ୍କରଣର ପ୍ରକାଶକ ସ୍ୱନାମ ଧନ୍ୟ ରାୟ ବାହାଦୁର ବ୍ରଜକିଶୋର ଦାସ ବି, ଏଲ୍ ମହୋଦୟ ଲେଖିଅଛନ୍ତି :—

ପୁରୀ

ଭାଦ୍ରବ ପୂର୍ଣ୍ଣିମୀ, ଭାଗବତ ଜନ୍ମଦିବସ

ସ୍ନେହାସ୍ପଦ ବାବୁ ଚିନ୍ତାମଣି,

ତୁମ୍ଭର ସଦ୍ୟୋପହୃତ ଶ୍ରୀମଦ୍ ଭାଗବତର ପ୍ରଥମସ୍କନ୍ଧ ଯଥା ସମୟରେ ପାଇ ଅତ୍ୟନ୍ତ ଆନନ୍ଦିତ ହେଲି, ଉତ୍କଳ ସାହିତ୍ୟ କ୍ଷେତ୍ରରେ ଏହି ଅଭିନବ ଗ୍ରନ୍ଥ ଯେ ଗୋଟିଏ ବିଶେଷ ଅଭାବ ପୂରଣ କରିବ ଏଥିରେ ସନ୍ଦେହ ନାହିଁ । କାଗଜ, ଛପା, ବିଷୟ ବିନ୍ୟାସ ଅତି ସୁନ୍ଦର ହୋଇଅଛି, ବିଶେଷତଃ ପରିଶିଷ୍ଟ ଅତ୍ୟନ୍ତ ସମୀଚୀନ ହୋଇଅଛି ଓ ଭକ୍ତିଜିଜ୍ଞାସୁ ଲୋକଙ୍କୁ ଅତ୍ୟନ୍ତ ଉପାଦେୟ ବୋଧହେବ । ମୁଁ ମୋହର ପ୍ରକାଶିତ ଭାଗବତ ଦ୍ୱିତୀୟବାର ପ୍ରକାଶ ନ କରି ପାରି ହତାଶ ହୋଇ ପଡ଼ିଥିଲି, ତୁମ୍ଭର ଏହି ଗ୍ରନ୍ଥ ପୁନରାୟ ଆଶା ସଞ୍ଚାର କଲା ଯେ "ମୋହର ପରିଶ୍ରମ ବୃଥା ଯିବ ନାହିଁ" । ବର୍ତ୍ତମାନ ପରିସ୍ଥିତିରେ ତୁମ୍ଭେ ଏ ଗ୍ରନ୍ଥ ଯେ ଏତେଶୀଘ୍ର ପ୍ରକାଶ କରି ପାରିଅଛ ଏହା ବିଶେଷ ସୌଭାଗ୍ୟର ବିଷୟ, ଶୂଦ୍ରାଧମ ହେଲେହେଁ ବୟସାଧିକ୍ୟ ଦାବିରେ ମୁଁ ତୁମ୍ଭଙ୍କୁ କଲ୍ୟାଣ କରୁଅଛି, ଦୀର୍ଘଜୀବୀ ହୋଇ ଏହି ସତ୍‌କାର୍ଯ୍ୟ ସୁସମ୍ପାଦନ କର ।

ସତତ ତୁମ୍ଭର ଶୁଭାନୁଧ୍ୟାୟୀ—

ବ୍ରଜକିଶୋର ଦାସ

[୨]

ନବଭାରତର ସମ୍ପାଦକ ଓ ଉତ୍କଳର ଖ୍ୟାତନାମା ସାହିତ୍ୟିକ ପଣ୍ଡିତ ଶ୍ରୀନୀଳକଣ୍ଠ ଦାଶ ଏମ୍. ଏ, ଏମ୍, ଏଲ୍, ଏ, (କେନ୍ଦ୍ର) ଲେଖିଅଛନ୍ତି :—

"ଏଠି ପହଞ୍ଚିବା ମାତ୍ରେ ଆପଣଙ୍କ ଶ୍ରୀମଦ୍ ଭାଗବତ ପ୍ରଥମସ୍କନ୍ଧ ପାଇ ଫିଟାଇ ଦେଖିଗଲି, ବିସ୍ମୟ ଓ ଆନନ୍ଦରେ ବୁଡ଼ିଗଲି; କିପରି କି ଭାଷାରେ ଆପଣଙ୍କୁ ମୋ ଗ୍ରାହକତାର ଅଭିବାଦନ ସମ୍ବର୍ଦ୍ଧନା ବା ଆଶୀର୍ବାଦ ଜଣାଇବି ଏବେବି ଜାଣି ପାରୁନାହିଁ । ଓଡ଼ିଆରେ ଏପରି ସଫଳ ଉଦ୍ୟମ ହେବ, ମୁଁ ତାହା ପୁଣି ଦେଖିବି ଏହା କଳ୍ପନା କରିପାରି ନ ଥିଲି ଏ ମହାସାହିତ୍ୟିକ ଉଦ୍ୟମରେ ଆପଣ ପ୍ରାରମ୍ଭିକ କୃତିତ୍ୱ ପାଇଛନ୍ତି, ପୂର୍ଣ୍ଣ ଯଶସ୍ୱୀ ହୁଅନ୍ତୁ; ପୂର୍ଣ୍ଣାଙ୍ଗ ଭାବରେ ଏହା ଓଡ଼ିଆ ସାହିତ୍ୟର ଶିରୋଭୂଷଣ ରୂପେ ବିରାଜୁ— ଏବେ ଆଉ ଅଧିକ କଣ କହିବି ବା କାମନା ଜଣାଇବି ।

ଶୁଭକାଙ୍କ୍ଷୀ

ନୀଳକଣ୍ଠ ଦାଶ

Digitized by srujanika@gmail.com

[୩]

ଉତ୍କଳର ପ୍ରସିଦ୍ଧ ଦୈନିକ ସମ୍ବାଦପତ୍ର 'ସମାଜ' ଲେଖିଛନ୍ତି :—

"ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟଙ୍କ ସଙ୍କଳିତ ଓ ଅରୁଣୋଦୟ ପ୍ରେସ୍‌ରୁ ପ୍ରକାଶିତ ଶ୍ରୀମଦ୍ ଭାଗବତ ଓଡ଼ିଆ ସାହିତ୍ୟରେ ଏକ ଅଭିନବ ଗ୍ରନ୍ଥ, ତାର ପ୍ରଥମସ୍କନ୍ଧ ଏବେ ପ୍ରକାଶିତ ହୋଇଅଛି । ଏ ପର୍ଯ୍ୟନ୍ତ ସଂସ୍କୃତ ଶ୍ଳୋକର ସରଳ ଗଦ୍ୟାନୁବାଦ ଓ ଜଗନ୍ନାଥ ଦାସଙ୍କ ପଦ୍ୟ ସହିତ ଏପରି ପୁସ୍ତକ ଓଡ଼ିଆ ଭାଷାରେ ନ ଥିଲା । ଭାଗବତପାଠର ନିୟମ, ସପ୍ତାହପାଠ ନିୟମ ପ୍ରଭୃତି ଓ ଭାଗବତ ତତ୍ତ୍ୱ ନାନାତତ୍ତ୍ୱ ଉପକ୍ରମଣିକାରେ ଦିଆ ଯାଇଅଛି, ଉତ୍କଳର ଗୃହେ ଗୃହେ ଏ ପୁସ୍ତକ ଆଦର ଲାଭ କରିବ ବୋଲି ଆଶା ।"

[୪]

ଉତ୍କଳର ପ୍ରସିଦ୍ଧ ଓ ଏକମାତ୍ର ଇଂରାଜୀ ଦୈନିକ ସମ୍ବାଦପତ୍ର "NEW ORISSA"ରେ ରେଭେନ୍‌ସା କଲେଜର ଭୂତପୂର୍ବ ଦର୍ଶନଶାସ୍ତ୍ର ଅଧ୍ୟାପକ ରାୟ ବାହାଦୁର ବିପିନ ବିହାରୀ ରାୟ ଏମ୍. ଏ ଲେଖିଅଛନ୍ତି :—

Shrimad Bhagwat, Part I by Rai Bahadur Chintamoni Acharyya, M. A. B. L. published by Arunodaya Press Cuttack. Pages 225. Price Rs 2.

As one of the leading lawyers, Rai Bahadur C. M. Acharyya is very well known throughout Orissa. But it is fortunate that Law had not the monopoly of the Rai Bahadur's mental equipment. Amidst extensive professional work, he has found time to engage in literary activities and has been successful in bringing out a number of books in Oriya and English. It is surprising that he could serve both Law and Literature equally satisfactorily. In this respect, he occupies a singular position among the educated section of Orissa.

The book under review contains the first Skanda and is a tribute to his previous productions. As he himself admits, Sri Jagannatha Das's Bhagwat is widely read in all parts of Orissa. But in this, his book, one comes across, probably for the first time the Oriya prose rendering of the Sanskrit Bhagwat, as also the desired annotations in necessary places. The merit of the book is greatly enhanced by a neat erudite introduction which runs to 16 pages, and which will amply reward perusal. In this, reader will find how to study Bhagwat, what place it holds among the spiritual and religious texts, how Lord Sri Krishna protects Dharma and vanquishes the evil, how He guides and helps us in living the secular life, to understand the mysteries of the cosmic process and ultimately to attain " Moksha ".

Digitized by srujanika@gmail.com